ନଭେମ୍ବର ୨୦୨୧



ISSN NO – 2582-208X

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଭାରତ ଏକ ଗଣତନ୍ତ୍ର ଏବଂ ଧର୍ମ ନୀରପେକ୍ଷ ଦେଶ । ଏଠାରେ ପୃଥିବୀର ସମସ୍ତ ଧର୍ମର ଲୋକେ ବାସ କରନ୍ତି । ଅନେକ ଧର୍ମର ଆରମ୍ଭ ବା ଜନ୍ମ ଭାରତରୁ ହିଁ ହୋଇଥିଲା, ଯେପରିକି, ହିନ୍ଦୁ, ବୌଦ୍ଧ, ଜୈନ, ଶିଖ୍ ଧର୍ମ ଇତ୍ୟାଦି । ଏଠାରେ ସବୁ ଧର୍ମକୁ ସମାନତା ଦିଆଯାଏ । ଏଠାରେ ନିଜର ମତ ରଖିବାର ଅଧିକାର ମଧ୍ୟ ସମସ୍ତଙ୍କର ଅଛି । ସମସ୍ତେ ସ୍ୱାଧୀନ । ସବୁ କରିବାର ଆଉ କହିବାର ସମସ୍ତଙ୍କର ସ୍ୱାଧିନତା ଅଛି । କିନ୍ତୁ ଏହି ସ୍ୱାଧୀନତାକୁ ଆଜିକାଲି ଅନେକ ନାଗରିକ ଭୁଲ ଭାବରେ ଗ୍ରହଣ କରି ଅଧିକାରର ସୀମା ଲଂଘିବାକୁ ମଧ୍ୟ ଭୁଲୁନାହାନ୍ତି । ତେଣୁ ଅନେକ କ୍ଷେତ୍ରରେ ଅନେକ ବ୍ୟକ୍ତି ସୀମା ଲଂଘି ଅନେକ କୁକାର୍ଯ୍ୟ କରୁଛନ୍ତି । ଏପରିକି ଦେଶ ବିରୋଧି ମତ ବ୍ୟକ୍ତ କରିବା ପାଇଁ ପଛଉ ନାହାନ୍ତି । ନିଜର ସ୍ୱାର୍ଥ ହାସଲ କରିବା ପାଇଁ କିଛି ବି କରିବାକୁ ପଛଘୁଞ୍ଚା ଦେଉ ନାହାନ୍ତି ।

ମାତ୍ର କିଛି ଦିନ ତଳର ଘଟଣା । ଭାରତ ଆଉ ପାକିସ୍ଥାନ ଭିତରେ ଯେଉଁ କ୍ରିକେଟ ମ୍ୟାଚ୍ ହେଉଥିଲା ସେଥିରେ ଭାରତ ହାରିବା ପରେ ଭାରତର ଅନେକ ସ୍ଥାନରେ ଭାରତ ବିରୋଧି ନାରା ଦେବାର ଦେଖାଯାଇଥିଲା । ଏପରିକି ଡାକ୍ତରୀ ପଢୁଥିବା କିଛି ଛାତ୍ରଛାତ୍ରୀ ମଧ୍ୟ ଏଥିରୁ ପଛେଇ ନଥିଲେ । ଏଥିରୁ ଦୁଇଜଣ ଛାତ୍ରଛାତ୍ରୀ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା grant ଦ୍ୱାରା ହିଁ ପଢୁଥିଲେ । କିନ୍ତୁ ଏହାସତ୍ତ୍ୱେ ସେମାନେ ଭାରତ ବିରୋଧୀ କାର୍ଯ୍ୟ କରିବାକୁ ପଛଉ ନଥିଲେ । ଏହାକୁ ବାଦ ଦେଇ ଆପଣମାନେ ଜାଣିଥିବେ JNU ରେ ଲଗାଯାଇଥିବା ଭାରତ ବିରୋଧୀ ନାରା, ଯାହାକି କିଛି ଛାତ୍ରଙ୍କ ଦ୍ୱାରା କରାଯାଇଥିଲା । ଏହାର କାରଣ ହେଉଛି, ଦେଶ ବିରୋଧୀ ନାରା ଦେଇ ସରକାରଙ୍କ ବିରୋଧି ହେବା ଆଉ ଲୋକଲୋଚନକୁ

ଆସିବା । ଏହାପରେ ରାଜନୀତି ରେ ପ୍ରବେଶ କରି ନିଜର ସ୍ୱାର୍ଥ ହାସଲ କରିବା । ଆଉ ଏଥିରେ ସାଥ ଦେଇଥାଏ କିଛି ମିଡିଆ । ଏଥିପାଇଁ JNU ରେ ଜଣେ ଜଣେ ଛାତ୍ର ଜାଣିଶୁଣି ଫେଲ୍ ହୋଇ ମଧ୍ୟ ଛାତ୍ର ହିସାବରେ ରହୁଛନ୍ତି ଆଉ ସରକାରଙ୍କର ପଇସାରେ ସରକାରଙ୍କର ବିରୋଧ କରୁଛନ୍ତି, ତା ସହିତ ଦେଶବିରୋଧି କାର୍ଯ୍ୟ ମଧ୍ୟ । ଏ କ ପ୍ରକାର ଚିନ୍ତାଧାରା । ଆମେ ସରକାରଙ୍କର ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ଉପଭୋଗ କରୁଛେ ଆଉ ଦେଶ ବିରୋଧୀ କାର୍ଯ୍ୟ କରୁଛେ । ଏହାଠାରୁ ଖରାପ କାର୍ଯ୍ୟ କିଛି ନାହିଁ ।

ନାଗରିକ ଭାବରେ ଆମର କର୍ତ୍ତବ୍ୟ ହେଉଛି ଦେଶର ସେବା କରିବା ଆଉ ଦେଶକୁ କିଛି ଆମ ତରଫରୁ ପ୍ରଦାନ କରିବା । ଏହି କାର୍ଯ୍ୟ ଅନେକ ଦେଶବାସୀ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, କରୁଛନ୍ତି । କିନ୍ତୁ କିଛି ସ୍ୱାର୍ଥୀ ବ୍ୟକ୍ତିଙ୍କ ପାଇଁ ଦେଶ ଅନେକ କ୍ଷେତ୍ରରେ ପଛେଇ ଯାଉଛି । ଆମମାନଙ୍କୁ ଏଥିପ୍ରତି ସାବଧାନ ରହିବାକୁ ପଡିବ । ଆମକୁ ଦେଖାଇଦେବାକୁ ପଡିବ ଯେ ଦେଶ ସବୁଠାରୁ ବଡ, ଆଉ ପ୍ରଥମେ ଦେଶ, ପରେ ଦେଶବାସୀ । ଯଦି ଦେଶପ୍ରେମ ଆମ ଭିତରେ ନାହିଁ, ତେବେ ଆମକୁ ପତନରୁ କେହି ବଞ୍ଚାଇ ପାରିବେନାହିଁ । ତେଣୁ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଆମମାନଙ୍କୁ କିଛି ତ୍ୟାଗକରିବାକୁ ପଡିବ, ଆଉ ମୋର ଆଶା ଏଥିପ୍ରତି ଆମେ ସମସ୍ତେ ନିଶ୍ଚିତ ଭାବରେ ଆଗ୍ରହ ପ୍ରକାଶ କରିବାକୁ ପଛେଇବୁ ନାହିଁ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ମାତୃଶକ୍ତିର ସ୍ୱରୂପ | ଜୟଶ୍ରୀ ପଟ୍ଟନାୟକ | ୧୩ |
| ଦୀପାବଳି | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୭ |
| ଅଭିମନ୍ୟୁ | କୁଞ୍ଜବିହାରୀ ରାଉତ | ୧୯ |
| ଧନ୍ୱନ୍ତରି | ଡକ୍ଟର ବିଜ୍ଞାନୀ ଦାସ | ୨୧ |
| ବର୍ଷା ନଆଁ | ପୁଷ୍ପାଞ୍ଜଳି ପଣ୍ଡା | ୩୦ |
| ଶବ୍ଦ | ଡ. ଅର୍ଜୁନ ଚରଣ ବାରିକ୍ | ୩୨ |
| କାର୍ତ୍ତିକେ ଶ୍ରୀଜଗନ୍ନାଥ ସ୍ମରଣ | ଡ. ଶକୁନ୍ତଳା ଗୁପ୍ତା | ୩୪ |
| ଆପଲ୍ ସସ୍ | ଶାନ୍ତିଲତା ମିଶ୍ର | ୩୬ |
| ଜୟ ମା ଦୁର୍ଗା ଦୁର୍ଗତି ନାଶିନୀ | ବାସନ୍ତୀ ଲତା ଜେନା | ୪୦ |
| ଅତୀତକୁ ମୁହିଁ ଝୁରୁଛି | ଶିଶିର କୁମାର ପଣ୍ଡା | ୪୩ |
| ଦୁଇଟି ପ୍ରେମ ଗାଥା | ଆଶୁତୋଷ ମେହେର | ୪୪ |
| ସନ୍ତୁଳିତ ନୀରବତା | ଅଳକା ମହାନ୍ତି | ୪୫ |
| ତାଜ ମହଲ | ହାସ୍ୟମୟୀ ରାଜ୍ | ୫୦ |
| କେବେ କେବେ | ସତ୍ୟନାରାୟଣ ମିଶ୍ର | ୫୧ |
| ଭାଷା କମିଶନ ଓ ଭାଷାର ବିକାଶ | ବରଦା ପ୍ରସନ୍ନ ଦାସ | ୫୨ |
| ତଥାପି ହାରିନ | ବିନୟ ମହାପାତ୍ର | ୫୪ |
| ମୁକ୍ତିର ମହାଆନନ୍ଦ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୫୬ |
| ସବୁ ବାଉଁଶରେ ମନ୍ଦିର ପତାକା ଲାଗେନ | ଶଶଧର ମହାପାତ୍ର | ୫୭ |
| ଭାବରେ ମୋହିବ କବି | ଅମ୍ବିକା ସ୍ୱାଇଁ | ୬୧ |
| ଗଙ୍ଗଶିଉଳି | ପ୍ରଭାତ ନଳିନୀ ସାହୁ | ୬୩ |
| ପ୍ରେରଣା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୬୫ |

| | | |
|---|---|---|
| ବାଦଲର ଛାଇ | ପଙ୍କଜ ଲୋଚନ ମହାନ୍ତି | ୭୨ |
| ସେଇ ଅଧୁରା ପ୍ରେମ | ସସ୍ମିତା ପଟ୍ଟନାୟକ | ୭୪ |
| ଜୟ ଜଗନ୍ନାଥ | ଡ. ପ୍ରସନ୍ନ କୁମାର ବଳ | ୭୬ |
| ଜନ୍ମ ପ୍ରେମରେ କଇଁ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୭୮ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୭୯ |
| ବେଙ୍ଗାଲୁର ଭ୍ରମଣେ | ଦଣ୍ଡାସି ପ୍ରଧାନ | ୮୯ |
| ଏ ସଂସାର ଏକ ଗୋଲାପ ବୃକ୍ଷ | ସଂଘମିତ୍ରା କବି | ୯୨ |
| ପୁଣି ଆରମ୍ଭ | ମମତା ଦାଶ | ୯୪ |
| ଆସ ମାଆ ଦୁର୍ଗା | ବିଷ୍ଣୁପ୍ରିୟା ଦାସ | ୧୦୧ |
| ନିଃସଙ୍ଗତା | ତରୁଣ କୁମାର ଦାସ | ୧୦୨ |
| କର୍ମ ହିଁ କରାଏ ବଡ଼ | ସୁନନ୍ଦ ତ୍ରିପାଠୀ | ୧୦୩ |
| କାଳଜୟୀ ଗଙ୍ଗାଧର ଓ ମତମନ୍ତବ୍ୟ | ଅଧ୍ୟାପକ ସୁବାଷ ବାରିକ | ୧୦୪ |
| ମୃଗୁଣୀ ସ୍ତୁତି | ନୀଳମଣି ଗୃନ୍ଦ | ୧୧୦ |
| ଅଭାବୀ ଠିକଣା | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୧୨ |
| ଧରାକୁ ଆସିଛି ଶରତ | ପ୍ରକାଶ କୁମାର ଗୃନ୍ଦ | ୧୧୪ |
| ଉପସର୍ଗ | ଡକ୍ଟର ମଧୁସ୍ମିତା ମିଶ୍ର | ୧୧୫ |
| ଫଗୁଣ ଯାଇଛି ଫେରି | ବେଣୁଧର ସୂତାର | ୧୧୯ |
| ଶାରଦୀୟ ଆବାହନ | ଅଳକା ମହାନ୍ତି | ୧୨୨ |
| ବାପୁ! ଫେରିଆସ | ଡ. ଜ୍ଞାନେଶ୍ୱର ମିଶ୍ର | ୧୨୩ |
| ଲଳିତ ନିବନ୍ଧ-ଅହଂକାର | ବଦ୍ରୀ ମହାନ୍ତି | ୧୨୫ |
| ନିର୍ଝରିଣୀ | ରାଧାମୋହନ ପୂଜାହାରୀ | ୧୨୯ |
| ଅନୁଭବ | ଅମୂଲ୍ୟ କୁମାର ପଣ୍ଡା | ୧୩୧ |
| ଝରଣା | ବିନୋଦିନୀ ଦାଶ | ୧୩୨ |
| ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ | ଦୀପ୍ତିମୟୀ ସାହୁ | ୧୩୪ |

| | | |
|---|---|---|
| ସେହି ପିଲ୍ଦିନ | ଅରୁଣ କୁମାର ମହାପାତ୍ର | ୧୩୭ |
| ବରଦାନ | ବେଣୁଧର ଦଳବେହେରା | ୧୩୮ |
| ଗୁରୁ ଜ୍ଞାନ | ପୂର୍ଣ୍ଣଚନ୍ଦ୍ର ରଣା | ୧୩୯ |
| ସୁବର୍ଣ୍ଣପୁର ର ଲୋକନାଟ୍ୟ ଧାରାରେ "ଦଣ୍ଡ ନାଟ" | ଶଙ୍ଖସିନ୍ଧୁ ପୁରୋହିତ | ୧୪୦ |
| ସ୍ମୃତି | ଭାସ୍କର ଚନ୍ଦ୍ର ଖଣ୍ଡା | ୧୫୧ |
| କବି ଓ କବିତା | ବିନୟ ଭୂଷଣ ପାଣିଗ୍ରାହୀ(ମିଟୁ) | ୧୫୩ |
| କଏ ଦେଖିଅଛି କାଲିର ସୂରୁଜ | ପ୍ରତିମା ମେହେର | ୧୫୫ |
| ମୁଁ ଅତୀତ | ଜୁମର ନାଥ ପାତ୍ର | ୧୫୬ |
| ଶରଦ | କୌସ୍ତୁଭ ଜାଲ | ୧୫୮ |
| ନାଟକ - ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୦ |
| ବିଚ୍ଛେଦ | ଅଲେଖ ମେହେର | ୧୬୮ |
| କନ୍ୟା ରତ୍ନ | ନନ୍ଦିନୀ ରାଉତ | ୧୬୯ |
| ଅଜବ..ଏ ସୃଷ୍ଟିର ଇତିହାସ | ପ୍ରଶାନ୍ତ କୁମାର ପାଢୀ | ୧୭୦ |
| ମିସାଇଲ୍ ମ୍ୟାନ୍ "ଡକ୍ଟର ଏ ପି ଜେ କାଲାମ୍" | ପ୍ରତାପ ଚନ୍ଦ୍ର ସାହୁ | ୧୭୧ |
| ଚନ୍ଦ୍ରାମଣି | ସୁଲୋଚନା ବେହେରା | ୧୭୪ |
| ମାତୃଶକ୍ତି | ନମିତା ଦାଶ | ୧୭୬ |
| ଅନ୍ତଃମନର ଅଲିଭା କଥା-"ଅବ୍ୟକ୍ତ ଯନ୍ତ୍ରଣା" | ରଞ୍ଜନ କୁମାର ଖଣ୍ଡା | ୧୭୭ |
| ବୋଧେ ଡେରି ହୋଇ ଗଲା | ମମତା ଭୂତ | ୧୮୪ |
| ସମ୍ପର୍କର ଫଲ୍ଗୁ | ପ୍ରହଲ୍ଲାଦ ଦଣ୍ଡସେନା | ୧୮୬ |
| ହେ ପରମପୁରୁଷ | ଅଧ୍ୟାପକ ଗୋପାଳ ମହାରଣା | ୧୮୭ |



www.vedantimagazine.com

| | | |
|---|---|---|
| ବେଆଇନ ବନ୍ୟଜନ୍ତୁ ବ୍ୟାପାର ପ୍ରକୃତି ସନ୍ତୁଳନରେ ବାଧା? | ଅସିତ ମହାନ୍ତି | ୧୮୮ |
| ଏ ଜାତିର ଥରେ ପଢ଼ୁ ମନେ | ହରେରାମ ପଣ୍ଡା | ୧୯୦ |
| ପାର୍ବଣ ଫେରିଛି | ନିରଞ୍ଜନ ସାହୁ | ୧୯୨ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୯୩ |
| ହସୁଁଚ ଅଳପ କାନ୍ଦୁଚ ବେଶୀ | ଚୈତନ୍ୟ ବାଗ | ୧୯୭ |
| ଜୀବନ ଏକ ରଙ୍ଗମଞ୍ଚ | ଛବି ରାଣୀ ପତି | ୧୯୯ |
| ଶରତ ପ୍ରଭାତ | ପ୍ରଦୀପ କୁମାର ଜିଲିକାର୍ | ୨୦୨ |
| ସୁଖି ଲୋ ତତେ ଆୟୁଷ ନାହିଁ | ଝରଣା ବାରିକ | ୨୦୪ |
| ବୋହୂକୁ ଭାବୁଛି ଝିଅ ବୋଲି | ଶେଷଦେବ ପଣ୍ଡା | ୨୦୭ |
| ସ୍ୱାର୍ଥାନ୍ଧ ମଣିଷ | ବିଶ୍ୱଜିତ ରଥ | ୨୦୯ |
| ଓ୍ୱାଘା ସୀମାନ୍ତ : ଏକ ଅଶ୍ରୁଳ ବିଦାୟ | ପ୍ରିୟବ୍ରତ ପାତ୍ର | ୨୧୦ |
| ଜହ୍ନର ଜନମ ଦିନ | ସିଦ୍ଧେଶ୍ୱର ତ୍ରିପାଠୀ | ୨୧୮ |
| ସହିଦ୍ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୧୯ |
| ତେବେ ଯାଇ ବୁଦ୍ଧ ଗାନ୍ଧୀଙ୍କ ଦେଶ | ରାଜକିଶୋର ସାଇଁ | ୨୨୦ |
| ଆସନ୍ତୁ ମହର୍ଷି ଅଙ୍ଗିରାଙ୍କ ତପୋବନ ବିଷୟରେ ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୨୨୧ |
| ଓଡ଼ିଆ ଘରର ନାରୀ | ତ୍ରିପତି ପ୍ରଧାନ | ୨୨୨ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୨୩ |
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୨୩୫ |
| ପ୍ରଭୁ ବରୁଣେଶ୍ୱର | ଜନ୍ମେଜୟ ନାୟକ | ୨୩୮ |
| ସର୍ବଂସହା | କାଳିକଙ୍କର | ୨୪୦ |
| ଆହେ ଗଣପତି | ଲଲିତେନ୍ଦୁ ବାରିକ | ୨୪୯ |
| ପକ୍ଷୀ ପ୍ରାଣ ରେ ବାପୁଜୀ | ଅଜିତ ପାଢ଼ି | ୨୫୦ |

| | | |
|---|---|---|
| ସମୟ ଏବେ ସଂକଟରେ | ସଂଯୁକ୍ତା ସାହୁ | ୨୫୧ |
| ହଜି ଯାଇଥିବା ଈଶ୍ୱର<br>[ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କଶୋର ମହାନ୍ତି | ୨୫୨ |
| ବିଶ୍ୱ ମୋହିନୀ | ଅନାଦି ସେଠ | ୨୫୫ |
| ଅଧୀନ ଜନତା ସ୍ୱାଧୀନ ନେତା | ଅମରନାଥ ବାରିକ | ୨୫୭ |
| ସମାଜରେ ନାରୀର ଭୂମିକା | ବବୁଲି ତ୍ରିପାଠୀ | ୨୫୯ |
| ଭାଗ୍ୟ ବିଧାତା | ସତ୍ୟନାରାୟଣ ପ୍ରସାଦ ନାୟକ | ୨୬୧ |
| ନୂଆଖାଇ | ଦୀନବନ୍ଧୁ ବେଜ | ୨୬୨ |
| ଗଜଲ୍ - ମୁଁ କାଳେ ଅମୁକ ସମୁକ | ତାରାପ୍ରସାଦ ଜେନା | ୨୬୩ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୬୪ |
| ସନ୍ଧ୍ୟା ପରିବେଶ | ସରୋଜ କୁମାର ସାହୁ | ୨୭୩ |
| ଲଣ୍ଡା ପାହାଡ଼ | ପ୍ରକାଶ ଚନ୍ଦ୍ର ପ୍ରଧାନ | ୨୭୪ |
| ଦେଖ ଦେଖ ଆରେ ସଙ୍ଗାତ | ଜୟନ୍ତୀ ଦେବୀ | ୨୭୫ |
| ବାପା | ବୀରକିଶୋର ନାୟକ | ୨୭୭ |
| ମାଆର ମମତା | ନିରୁପମା ପାଣି | ୨୭୯ |
| ପୁଅ ଝିଅ ସବୁ ସମାନ | ଜଗନ୍ନାଥ ରଥ | ୨୮୨ |
| ଶେଷ ସମୟରେ | ମେନନ୍ ସାହୁ | ୨୮୩ |
| ସ୍ୱାମୀ ହେବତ ଏମିତି | ପ୍ରଶାନ୍ତ କୁମାର ନାଥ | ୨୮୪ |
| ବ୍ୟତିକ୍ରମ | ଅନୀତା ମେହେର | ୨୮୬ |
| ଶୁଣ ସେନାପତି | ଅଶୋକ କୁମାର ପଧାନ | ୨୮୭ |
| ପ୍ରେମ ଚଠି | ରାମ ଚନ୍ଦ୍ର ପ୍ରଧାନ | ୨୯୦ |
| ମୃଗତୃଷ୍ଣା | ସିପ୍ରା ନାମତା, ନମ୍ରତା | ୨୯୧ |
| ସେ ଗୁଣ୍ଡୁଚମୂଷା | ରୁଦ୍ର ନାରାୟଣ ଦାଶ | ୩୦୦ |
| ଶରତ ଶୋଭା | ସମ୍ମିତ ଦାଶ | ୩୦୧ |

| | | |
|---|---|---|
| ବେଳ ଥାଉ ସଜାଗ ହୁଅ ଜନତା | ସରୋଜ କୁମାର ଜେନା | ୩୦୨ |
| ଦୁଃଖ ନଦୀ କୂଳେ କରିଛି ଘର | ଶିବରାମ ଦଳେଇ | ୩୦୩ |
| ପାର୍ବଣ | ସୁଭେନ୍ଦୁ ମେହେର | ୩୦୬ |
| କୋଣାର୍କ | ତପସ୍ୱିନୀ ଜେନା | ୩୦୭ |
| ଶାନ ବାନ ଶାନ୍ତି ର ପ୍ରତୀକ | ଅନଙ୍ଗ ମଞ୍ଜରୀ ଜେନା | ୩୦୮ |
| ଭଗବାନଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପୋଷାକ | ବିଜୟ କୁମାର ଜେନା | ୩୧୦ |
| ଆତ୍ମା ଜଳୁଛି | ବିରେନ୍ଦ୍ର କୁମାର ପ୍ରଧାନ | ୩୧୩ |
| ଆସ ମାଆ ଦୁର୍ଗା | ବିଷ୍ଣୁପ୍ରିୟା ଦାସ | ୩୧୫ |
| ମନପକ୍ଷୀ | ଧୀରେନ୍ଦ୍ର | ୩୧୬ |
| କାର୍ତ୍ତିକ ମାସର ମାହାତ୍ମ୍ୟ ଓ ପରମ୍ପରା | ସାଇପ୍ରସାଦ ସାହୁ | ୩୧୭ |
| ହେ ମରୁତ | ରଘୁନାଥ ତ୍ରିପାଠୀ | ୩୨୧ |
| ମଧୁବାବୁ ତୁମେ ଫେରିଆସ ଥରେ | ରମାକାନ୍ତ ମାହାଳ | ୩୨୩ |
| ଯଦି କେବେ ତୁମେ ଆସ | ରଶ୍ମୀବାଳା ଶତପଥୀ | ୩୨୪ |
| ଅତୀତ ର ଆକର୍ଷଣ | କଷାନ ମହାକୁର | ୩୨୫ |
| ମୃତ୍ୟୁ ଶଯ୍ୟା | ଦୁଷ୍ମନ୍ତ ବେହେରା | ୩୩୦ |
| ଜୟ ମାଁ ସାରଳା | ଅଜିତ୍ ଦାସ | ୩୩୨ |
| ଶରତ | କୃଷ୍ଣ ଚନ୍ଦ୍ର ବାରିକ | ୩୩୩ |
| ସମାଜର ରୀତି | ମହେଶ୍ୱର ସାହୁ | ୩୩୪ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୪୧ |
| ସାଥୀ | ଜୟନ୍ତ କୁମାର ମଲ୍ଲିକ୍ | ୩୪୪ |
| ପରଦେଶୀ ଚଢ଼େଇ | ଖଗେଶ୍ୱର ବାଗ | ୩୪୫ |
| ଖଇରାନ ଗାଆଁ | କୁମର ଲାଲ ରଣା | ୩୪୮ |
| ନାରୀ | ସଙ୍ଗୀତା ମହାନ୍ତି | ୩୪୯ |

| | | |
|---|---|---|
| ଗାନ୍ଧୀ | କରଣ ମନୀଷା ମହାନ୍ତି | ୩୫୦ |
| ମର୍ଦ କୋ ଦର୍ଦ ନାହି ହୋତା | ଦୀପକ କୁମାର ସ୍ୱାଇଁ | ୩୫୧ |
| ମୁଁ ତୁମକୁ ଭଲପାଏ | ବୈଷ୍ଣବ ମେହେର | ୩୫୩ |
| ଆଗୋ ନୀଳ ନୟନା | ଦିନେଶ ମେହେର | ୩୫୪ |
| ଏକା ହେବାର ଗୀତ | ଜିତେନ୍ଦ୍ରିୟ ବେହେରା | ୩୫୫ |
| ଧାର୍ମିକ ଅସହିଷ୍ଣୁତା | ବାଲ୍ମୀକି ନାୟକ | ୩୫୮ |
| କାହିଁକି ମଉନ ରହିଛ | ଶଶୀକାନ୍ତ ମେହେର | ୩୬୨ |
| ତର୍କେ ହରି ପ୍ରମାଣିତ | ସୁଶୀଲ୍ କୁମାର ଭୋଇ | ୩୬୩ |
| ଶ୍ରୀମଦଭଗବତଗୀତାରୁ ପଦେ | ନରେନ୍ଦ୍ର ପ୍ରସାଦ ବେହେରା | ୩୬୬ |

# ସ୍ୱାସ୍ଥ୍ୟ ବିଭାଗ

| | | |
|---|---|---|
| ଶରୀରରେ "ରୋଗପ୍ରତିରୋଧକ ଶକ୍ତି" ବୃଦ୍ଧି ନିମନ୍ତେ ଶାଗ ର ଆବଶ୍ୟକତା | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୬୯ |

# ଆମ ହାଣ୍ଡିଶାଳ

| | | |
|---|---|---|
| ହାଣ୍ଡିଶାଳ | ତ୍ରିପତି ପ୍ରଧାନ | ୩୭୨ |
| ଅଣ୍ଡା ସାଲାଡ୍ | ଜୟନ୍ତୀ ଦେବୀ | ୩୭୩ |
| ଘାଣ୍ଟ ତରକାରୀ ର ଆତ୍ମକଥା | ଓଜସ୍ୱିନୀ ଶତପଥୀ | ୩୭୪ |
| ଛଚନ୍ଦ୍ରା ପିଠୋଉ | ନମ୍ରତା ସାହୁ | ୩୭୬ |

# ଆଞ୍ଚଳିକ

| | | |
|---|---|---|
| ସପନ୍ | ବାଙ୍କାବିହାରି ମହାକୁର | ୩୭୮ |
| ପର୍କୁତି | ସସ୍ମିତା ସେଠ | ୩୮୦ |
| ଜନମ୍ ଦିନ୍ | ସନ୍ତୋଷ କୁମାର ଅଦାବର | ୩୮୧ |

| | | |
|---|---|---|
| ମନର୍ କଥା ଦାଦନ୍ ଖଟ୍ଟା ଗୁଲ୍ | ହୀରାଧର୍ ଗହିର୍ | ୩୮୨ |
| ଜୁଏ | ସୁନୀଲ କୁମାର୍ ଅଗସ୍ତି | ୩୮୪ |


# ଶିଶୁ ବିଭାଗ


| | | |
|---|---|---|
| କୋଳ ଗଛର ବାଡ଼ | ଡ଼ଃ ରଞ୍ଜିତ କୁମାର ସାହୁ | ୩୮୬ |
| ହାତୀର ଆଖୁ ଖିଆ | ନୀଳମାଧବ ସାହୁ | ୩୮୯ |
| ଶୁଣ କାନ ଡେରି ଥରେ | ଭକ୍ତବନ୍ଧୁ ସାହୁ | ୩୯୩ |
| ଜଳ ସଂରକ୍ଷଣ | ଅମରନାଥ ବାରିକ | ୩୯୫ |
| ସାଇକେଲ | ପ୍ରତୀକ୍ଷା ଶତପଥୀ | ୩୯୭ |
| କ ଚ ଟ ତ ପ | ମୀନାକ୍ଷି ପାଢ଼ୀ | ୩୯୮ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୯୯ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୪୦୧ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ମାତୃଶକ୍ତିର ସ୍ୱରୂପ



ଜୟଶ୍ରୀ ପଟ୍ଟନାୟକ

ନାରୀଶକ୍ତି ସକଳ ଜୀବ ଜଗତର ଆଧାର । ସେ ଜଡ଼କୁ ଜୀବନ୍ତ କରେ । ନିର୍ଜୀବକୁ ଜୀବନ୍ୟାସ ଦିଏ । ସେ ସ୍ନେହାଶିଳା, ଦୟା, ଶାନ୍ତି, ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ । ସେ ସୌନ୍ଦର୍ଯ୍ୟଶାଳିନୀ ।  ମାତୃଶକ୍ତି ସକଳ ସମ୍ପତ୍ତିର ଅଧିକାରିଣୀ । ସରସ୍ୱତୀ ବିଦ୍ୟାଦାତ୍ରୀ, ଲକ୍ଷ୍ମୀ ଧନସମ୍ପଦ ଦାୟିନୀ, ଦୁର୍ଗାଙ୍କୁ ଦୁର୍ଗତି ନାଶିନୀ ଭାବେ ଓ ଅନ୍ୟାନ୍ୟ ଦେବୀ ମାନଙ୍କୁ ଆମେ ଆମର ଯଶ ଓ ସମ୍ମାନ ପାଇଁ ପୂଜାକରୁ । ଅସୁର ବିନାଶ ନିମନ୍ତେ ନାରୀ ଶକ୍ତି ଦୁର୍ଗା, କାଳୀ ମୋହିନୀ ରୁପରେ ଆବିର୍ଭୁତା । କେବେ ସେ ଅଧିକ ଉଗ୍ର କେବେ ଶାନ୍ତି ଦାୟିନୀ ମା । ସଂସାର ରକ୍ଷା ପାଇଁ ମାତୃଶକ୍ତି ସ୍ୱୟଂ ମହାମାୟାଙ୍କୁ ସିଦ୍ଧିଦାୟିନୀ, ପରମା ସୁନ୍ଦରୀ, ବୁଦ୍ଧି, ଶକ୍ତି,  ଲଜ୍ଜା, ଶାନ୍ତି ଶ୍ରଦ୍ଧା, ଲକ୍ଷ୍ମୀ ତୁଷ୍ଟି, ଦୟା, କ୍ଷମା ସ୍ନେହ, ପ୍ରେମ, କରୁଣା ଅବତାର ନେଇ ମାତୃ ରୂପରେ ଏ ସୃଷ୍ଟି କୁ ରକ୍ଷା କରିଛନ୍ତି । ନିରାକାର ପରଂବ୍ରହ୍ମ ଭଗବାନ ପ୍ରଥମେ ଲୀଳା ବା ସୃଷ୍ଟି ରଚନା କରିବାପାଇଁ ସଂକଳ୍ପ କଲେ । ଯୋଗଦ୍ୱାରା ସେ ନିଜକୁ ଏକ ସୁନ୍ଦର ଅର୍ଦ୍ଧନାରୀଶ୍ୱର ଶରୀରରେ ପରିଣତ କରିଥିଲେ । ସେହି ଶରୀରର ଦକ୍ଷିଣ ଅଙ୍ଗରେ ପୁରୁଷ ଓ ବାମ ଅଙ୍ଗରେ ପ୍ରକୃତି ବା ନାରୀକୁ ରଖିଲେ । ଏହି ପ୍ରକୃତି ହେଉଛନ୍ତି ମହାମାୟା, ସନାତନ ଶକ୍ତି ଜଗତଜନନୀ ବା ସମଗ୍ର ସୃଷ୍ଟିର ମାତୃଶକ୍ତି । ମାତୃଶକ୍ତି ପରଂବ୍ରହ୍ମକୁ ଧାରଣ କରି ଏହି ବିଶାଳ ସୁନ୍ଦର ଜଗତକୁ ସୃଷ୍ଟି କରିଛନ୍ତି । ତେଣୁ ମୂଳ କେନ୍ଦ୍ରବିନ୍ଦୁ ହେଉଛନ୍ତି ମାତୃଶକ୍ତି । ଯାହାକୁ ଆମେ ଦେବୀ କହିଥାଉ । ଏହି ଦେବୀ ସତ୍ତ୍ୱ, ରଜ ତମ ଗୁଣର ପ୍ରତୀକ । ସମଗ୍ର ଜଗତରେ ଆଦିଶକ୍ତି ପ୍ରକୃତି ଦେବୀ ଦୁର୍ଗା, ରାଧା, ଲକ୍ଷ୍ମୀ, ସରସ୍ୱତୀ ଓ ସାବିତ୍ରୀ ନାମରେ ଥିଲେ ।

ଦୁର୍ଗା ହେଉଛନ୍ତି ମୁଖ୍ୟଦେବୀ । ସେ ଅନାଦି ଶକ୍ତି ଜଗତ ତାରିଣୀ । ସେ ଯେ ଆଦ୍ୟାଶକ୍ତି ।  ଦୁର୍ଗାର ଦୁ ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବ୍ୟସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ ଆସୁରିକ ପ୍ରକୃତି ଗୁଡିକର ନାଶବାଚକ । ଶାସ୍ତ୍ର ଅନୁସାରେ ଶକ୍ତି ବ୍ରହ୍ମ

ସ୍ୱରୂପିଣୀ । ଶକ୍ତି ଉପାସନା ଐତିହ୍ୟ ଏବଂ ପ୍ରାଚୀନ ଅଟେ । ମାତୃଶକ୍ତି ପୂଜା ବୈଦିକ ଯୁଗରୁ ଆରମ୍ଭ ହୋଇ ଆସୁଅଛି । ମାତୃ ରୁପା ଶକ୍ତି ହିଁ ସୃଷ୍ଟି, ସ୍ଥିତି ପ୍ରଳୟ ର ମୂଳ ଉତ୍ସ । ଭାରତୀୟ ଶକ୍ତି ତନ୍ତ୍ରର ବିଚାରଧାରା ଅନୁଯାୟୀ ଯେଉଁ ତ୍ରିଶକ୍ତିର ପରିକଳ୍ପନା କରାଯାଇଛି ସେମାନେ ହେଲେ:

1. ମାହେଶ୍ୱରୀ
2. ମହାକାଳୀ
3. ମହାଲକ୍ଷ୍ମୀ
4. ମହା ସରସ୍ୱତୀ

### ମାହେଶ୍ୱରୀ -

ଅନନ୍ତ ଶକ୍ତିର ପ୍ରତୀକ । ଭଗବାନ ଶିବଙ୍କର କ୍ରିୟାଶକ୍ତି ତାଙ୍କ ବିନା ଶିବଙ୍କର ଅସ୍ତିତ୍ୱ ନାହିଁ। ଶକ୍ତି ବିନା ଶିବ ଶବରେ ପରିଣତ । ମାହେଶ୍ୱରୀ ହେଉଛନ୍ତି ମହାଶକ୍ତି । ମାନବୀୟ ଚେତନା ଓ ଦିବ୍ୟ ଚେତନା ମଝିରେ ରହିଛନ୍ତି ମାହେଶ୍ୱରୀ । ସେ ଅସୀମ ଚେତନାର ଅଧିକାରିଣୀ । ଏହି ମହାଶକ୍ତି ହେଉଛନ୍ତି ସାର୍ବଜନୀନ ମା' । ସମସ୍ତ ଜୀବ ମାନଙ୍କର ମା'। ସୃଷ୍ଟି, ସ୍ଥିତି, ଲୟ ତାଙ୍କରି ଦ୍ୱାରା ସମ୍ଭବ । ସେହି ମା' ଜାୟା, ଜନନୀ, ଭଗିନୀ, ପ୍ରଣୟିନୀ ।

### ମହାକାଳୀ-

ଆସୁରିକ ଶକ୍ତି ପ୍ରଭାବରେ ପୃଥିବୀ ଉପରେ ଯେମିତି ଅନ୍ଧାର, ଆଲୁଅ, ସୁଖ ଦୁଃଖ, ଭଲମନ୍ଦ ରହିଛି ସେହିପରି ଦିବ୍ୟଶକ୍ତି ସହିତ ଦୁଷ୍ଟଶକ୍ତି ବି ପୃଥିବୀ ଉପରେ ପ୍ରକଟିତ । ଯେତେବେଳେ ସଂସାରରେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢିଯାଏ । ଦୁଷ୍କୃତି ବଢିଯାଏ (ମାନସିକ ଅଶାନ୍ତି) ପୃଥିବୀ ଉପରୁ ଦୁଷ୍କୃତି କୁ ବିନାଶ କରିବାପାଇଁ ମାତୃଶକ୍ତି ବା ମହାଶକ୍ତି ମହାକାଳୀ ରୂପ ଧାରଣ କରିଥାନ୍ତି।

ଏହି ମହାକାଳୀ ହେଉଛନ୍ତି ଭୟଙ୍କର କ୍ରୋଧ ଯୁକ୍ତା ସଂହାର କାରିଣୀ । ପୃଥିବୀ ଉପରେ ଅଧର୍ମକୁ ବିନାଶ କରି ଧର୍ମ ପ୍ରତିଷ୍ଠା କରିବା ମହାକାଳୀଙ୍କର କାର୍ଯ୍ୟ । ସେ ସର୍ବଦା ଉନ୍ମୁକ୍ତା । ସତ୍ୟ, ଶିବ, ସୁନ୍ଦର ଓ ଜ୍ଞାନଯୁକ୍ତ । ଅଜ୍ଞାନତାକୁ ଜ୍ଞାନ ଦ୍ୱାର୍ ବିନାଶ କରିଥାନ୍ତି ସେ । ମହାକାଳୀ ଅତି ଭୟଙ୍କର ହୋଇଥିଲେ ମଧ ସୁନ୍ଦର ଓ ମଙ୍ଗଳମୟ । ଅସୁରମାନଙ୍କ ବିନାଶ ପାଇଁ ସେ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି କନ୍ତୁ ମାନବ ପାଇଁ ଜ୍ଞାନ ଯୁକ୍ତା ଏବଂ ଆନନ୍ଦମୟ ଦେଖାଯାନ୍ତି । ସିଏ ଅତି ନିଷ୍ଠୁର୍, ଭୟଙ୍କର୍ । ସମଗ୍ର ବିଶ୍ୱରେ ଯେତେବେଳେ ପାପଭାର ବଢିଯାଏ ସେତେବେଳେ ସେ ମହା ପ୍ରଳୟ ସୃଷ୍ଟି କରନ୍ତି ।

### ମହାଲକ୍ଷ୍ମୀ -

ମାତୃଶକ୍ତିର ଅନ୍ୟ ଏକ ରୂପ । ମହାଲକ୍ଷ୍ମୀ ସବୁଠାରୁ ସୁନ୍ଦର ଓ ଆକର୍ଷଣୀୟ । ମହାଲକ୍ଷ୍ମୀ ହେଉଛନ୍ତି ଅଷ୍ଟ ସୌନ୍ଦର୍ଯ୍ୟ ର ଅଧିକାରିଣୀ । ଧନରୂପ ବିଭବ ଆନନ୍ଦର ଅଧିକାରିଣୀ । ତାଙ୍କୁ ଅମୃତ ଲୋଚନ ମଧ କୁହାଯାଏ । ସେ ଚନ୍ଦ୍ରବତ ପ୍ରକାଶମାଣା, କାନ୍ତିଯୁକ୍ତା, ପ୍ରଭାଯୁକ୍ତା ଓ ସ୍ୱକୀୟ ଯଶରେ ଜ୍ୟୋତିର୍ମୟୀ । ଇନ୍ଦ୍ରାଦି ଦେବଗଣ ଙ୍କ ଦ୍ୱାର୍ ସେ ସେବିତା । ସେ ଦାନଶୀଳା । ମହାଲକ୍ଷ୍ମୀ ଙ୍କର ସହସ୍ର ନାମ ସ୍ତୋତ୍ରରେ ତାଙ୍କୁ ମହିଷାସୁରର ବିନାଶକାରିଣୀ ନାମରେ ଅଭିହିତ କରଯାଇଛି । କନ୍ତୁ ସେ ଧନଦାୟିନୀ ଦେବୀ ରୂପରେ ପୂଜିତା, ବନ୍ଦିତା ଓ ଅର୍ଚ୍ଚିତା । ତାଙ୍କ ଯୋଗୁଁ ଘର ଧନଧାନ୍ୟରେ ପୂରି ଉଠେ । ଏ ପୃଥିବୀ ପ୍ରତି ଆମର ଆକର୍ଷଣ ଓ ଆସକ୍ତି ରହିଥାଏ । ଗଛ, ଲତା, ଝରଣା, ଆକାଶ ମଣିଷ ସବୁ ଭିତରେ ମହାଲକ୍ଷ୍ମୀ ପ୍ରକଟିତ ହୋଇଛନ୍ତି । ସେ ସିନ୍ଧୁସୁତା । ତାଙ୍କୁ ଲକ୍ଷ୍ମୀସୂକ୍ତ, ମହାଲକ୍ଷ୍ମୀ ସ୍ତୋତ୍ର, ଲକ୍ଷ୍ମୀ ଯନ୍ତ୍ର, ଲକ୍ଷ୍ମୀ ତନ୍ତ୍ର ଓ ସିଦ୍ଧି ଇତ୍ୟାଦି ବିଧାନ ଦ୍ୱାର୍ ଉପାସନା କରିବାର ପରମ୍ପର୍ ରହିଛି । ଚତୁର୍ଭୁଜା ବିଶିଷ୍ଟ ମହାଲକ୍ଷ୍ମୀ ଐଶ୍ୱର୍ଯ୍ୟର ଦେବୀ ରୂପେ ପୂଜା ପାଆନ୍ତି ।

### ମହାସରସ୍ୱତୀ -

ଚାରି ମହାଶକ୍ତି ଭିତରେ ମହାସରସ୍ୱତୀ ସର୍ବ କନିଷ୍ଠା । ସମସ୍ତ କଳା, ସାହିତ୍ୟ, ସଙ୍ଗୀତ ଭିତରେ ମହାସରସ୍ୱତୀ ହିଁ ଆନନ୍ଦ ମୟ ସ୍ୱରୂପରେ ବିଦ୍ୟମାନ ରହିଥାନ୍ତି । ତାଙ୍କୁ ବକଦେବୀ ମଧ କୁହାଯାଏ । ସେ ଜ୍ଞାନର ଦେବୀ । ସେ ହେଉଛନ୍ତି ସର୍ବବ୍ରହ୍ମ । ସମସ୍ତ ଶିଳ୍ପ, କଳା, ଭାସ୍କର୍ଯ୍ୟ ତାଙ୍କଦ୍ୱାର୍ ସମ୍ପାଦିତ । ଅତିମାନସ ଶକ୍ତିକୁ ସାଧାରଣତଃ ଆମେ ଜାଗତିକ ପୃଥିବୀ ଉପରେ ମହା ସରସ୍ୱତୀଙ୍କ କରୁଣାରୁ ହୋଇଥାଏ । ଯା ଫଳରେ ମାନବ

ଏକ ସାଧାରଣ ମାନବରୁ ଦିବ୍ୟ ମାନବରେ ରୂପାନ୍ତରିତ ହୋଇଥାଏ । ଆମକୁ ଏକ କ୍ଷୁଦ୍ରତର ଚେତନାରୁ ଶାଶ୍ୱତ ଆନନ୍ଦ ଦେବାପାଇଁ ମହା ସରସ୍ୱତୀ ବୃହତ୍ତର ଚେତନା ବା ସତ୍ୟ ଚେତନା ଭିତରକୁ ନେଇଯାନ୍ତି ।

ଏ ବିଶ୍ୱ ବ୍ରହ୍ମାଣ୍ଡରେ ସବୁ ବସ୍ତୁ, କର୍ମ ଓ ଜୀବନର ଆଧାର ହେଉଚ ଶକ୍ତି । ମହାଲକ୍ଷ୍ମୀ, ମହା ସରସ୍ୱତୀ, ମହାକାଳୀ ଶକ୍ତିର ତିନୋଟି ପ୍ରଧାନ ବ୍ୟକ୍ତ ସ୍ୱରୂପ। ଏହି ମହାଶକ୍ତି ସିଂହବାହିନୀ ଦୁର୍ଗା । ବିଭିନ୍ନ ଶକ୍ତିର ସମନ୍ୱୟ ରେ ସେ କେଉଁଠି ଚତୁର୍ଭୁଜା, ଅଷ୍ଟଭୁଜା, ଦଶଭୁଜା ଓ ସହସ୍ର ଭୁଜା ରୂପ ଧାରଣ କରି ମହିଷାସୁର, ଶୁମ୍ଭ ନଶୁମ୍ଭ ଓ ମଧୁକୈଟବ ଆଦି ଦୈତ୍ୟ ମାନଙ୍କୁ ବିନାଶ କରିଥିଲେ । ମା ଙ୍କର ଦୁଇ ନବରାତ୍ର ପୂଜା ହୁଏ ଚୈତ୍ର ମାସରେ ବାସନ୍ତିକ ଦୁର୍ଗାପୂଜା ବେଳେ ଏବଂ ଆଶ୍ୱିନରେ ଶାରଦୀୟ ନବରାତ୍ର ହୁଏ । ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇ ରାମନବମୀ ପର୍ଯ୍ୟନ୍ତ ବାସନ୍ତିକ ନବରାତ୍ର ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ପର୍ଯ୍ୟନ୍ତ ପାଳନ ହୁଏ ଶାରଦୀୟ ନବରାତ୍ର । ନବରାତ୍ରିର ଏହି ଦେବୀମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳ ରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ । ମାତୃଶକ୍ତି ଏକ ରହସ୍ୟପୂର୍ଣ୍ଣ । ତେଣୁ ଶାସ୍ତ୍ର ମାନଙ୍କରେ କୁହାଯାଇଛି ମାତୃ କୃପା ହି କେବଲମ ଅର୍ଥାତ ମା ର କରୁଣା ବିନା ଏ ସୃଷ୍ଟିର ଘନ ରହସ୍ୟକୁ ଉପଲବ୍ଧ କରିବା ସମ୍ଭବ ନୁହେଁ । ମାତୃଶକ୍ତି ର କରୁଣା ଲାଭ କରିବାକୁ ହେଲେ ଆମର ମନ ଆତ୍ମା ହୃଦୟ ଓ ଶରୀରରେ ଥିବା ପ୍ରତି ଜୀବକୋଷରେ ମାତୃଶକ୍ତି ସମ୍ପର୍କରେ ଏବଂ ତାଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନ ରହିବା ଆବଶ୍ୟକ । ମାତୃଶକ୍ତି ଉପାସନା ସବୁ ମନ୍ଦିରରେ, ପୀଠରେ, ଘରେ, ଗ୍ରାମରେ କରାଯାଏ । ପବିତ୍ର ମା ଦୁର୍ଗା ଙ୍କର ଶାରଦୀୟ ପୂଜା ଅବସରରେ ଆମଭିତରେ ଭରିଯାଉ ଦିବ୍ୟଚେତନା । କରୋନା ର ବିଭୀଷିକା ଦୂରେଇଯାଉ ପୃଥିବୀରୁ । ପୃଥିବୀ ହେଉ ଶାନ୍ତ, ମଙ୍ଗଳମୟ । ମା ଦୁର୍ଗା ସହାୟ ହୁଅନ୍ତୁ ସମସ୍ତଙ୍କୁ ଏ ଦୁର୍ଦ୍ଦିନ ସମୟରେ ।

ଗଙ୍ଗନଗର, ଭୁବନେଶ୍ୱର

# ଦୀପା ବଳି



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଆଲୋକର ପର୍ବ ଦୀପାବଳି, ଉତ୍ସାହ ଉଦ୍ଦିପନା
ର ପର୍ବ ଦୀପାବଳି
ଶାନ୍ତି  ସଦ୍ ଭାବନାର ପର୍ବ ଦୀପାବଳି
ପ୍ରୀତି  ମୈତ୍ରୀର ପର୍ବ ଦୀପାବଳି
ଭାଇଚାରାର ପର୍ବ ଦୀପାବଳି
ଅସତ୍ୟ ଉପରେ ସତ୍ୟର ବିଜୟରପର୍ବ ଦୀପାବାଳି
ସଂସ୍କୃତି ରଙ୍ଗରେ ପରମ୍ପରା ତୂଳୀରେ ଅଙ୍କାଯାଇଥିବା
ବିମୁଗ୍ଧ ଛବିଟିଏ ଦୀପାବଳି
ଆତସବାଜିର ରୋଷଣୀରେ ଝିଲିମିଲି
ତାରାଟିଏ ଦୀପାବଳି
ମାଆ ଲକ୍ଷ୍ମୀଙ୍କର ଶୁଭାଶିଷ  ଝରରେ
ଝରିଝରି ଯାଉଥିବା ଚଞ୍ଚଳା ଝରଣାଟିଏ
ଦୀପାବଳି।।

ଏଇ ଦୀପାବଳି ବିଞ୍ଚିଦଉ ମୁଠା ମୁଠା
ହସ ଆଉ ଖୁସି ସବୁରି ଘର ଅଗଣାରେ
ଦୀପର ଆଲୋକମାଳାରେ ଅପସରି ଯାଉ
ଅନ୍ତରରେ ସାଇତା ଘନଘୋର ଅନ୍ଧକାର
ମୁଁ କାର ବଡପଣ ବଡିମା
ଖେଳଯାଉ ଚଉଦିଗେ ଆନନ୍ଦ ଲହରୀ
ଧସିଯାଉ ଜାତି ଧର୍ମ ଭାଷାର ସୁଉଚ୍ଚ ପ୍ରାଚେରୀ

ମିଶିଯାଉ ମନରେ ମନ ହୃଦୟରେ ହୃଦୟ
ଜଳଉଠୁ ହୃଦୟର ପ୍ରଦୀପ
ଶୁଦ୍ଧହେଉ ଅନ୍ତଃ କରଣ
ଝରିପଡୁ ପୂର୍ବ ପୁରୁଷଙ୍କର ଆଶିଷ କୁସୁମ
ହସିଉଠୁ ମୋ ଦେଶ
ହସି ଉଠନ୍ତୁ ମୋ ଦେଶବାସୀ
ହଟିଯାଉ ମହାମାରୀର ଅସହ୍ୟ ବିଭୀଷିକା
ସ୍ୱଚ୍ଛହେଉ ପରିବେଶ
ସ୍ୱଚ୍ଛ ହେଉ ବାହ୍ୟ ଆଉ ଅଭ୍ୟନ୍ତର
ପ୍ରଭୁ ପରମେଶ୍ୱର ଢ଼ାଳଦିଅନ୍ତୁ
ଆଶୀର୍ବାଦର ମନ୍ଦାକିନୀ ଧାର୍
ଏଇ ମାଟିର ମଟାଳ ବୁକୁରେ।।

ଶିକ୍ଷୟିତ୍ରୀ
କେନ୍ଦ୍ରାପଡା, ଓଡିଶା

# ଅଭିମନ୍ୟୁ



କୁଞ୍ଜବିହାରୀ ରାଉତ

ମୁଁ ବିବେକ ଅଭିମନ୍ୟୁ, ଫସିଯାଇଛି
କାମ କ୍ରୋଧ ଅହଂ ହିଂସା ଲୋଭ
ପରଶ୍ରୀକାତରତା ସ୍ୱାର୍ଥପର ରୂପୀ
ସପ୍ତମହାରଥୀଙ୍କ ଚକ୍ରବ୍ୟୁହରେ
ଯାହା ଦିନେ ଘଟିଥିଲା ମହାଭାରତରେ
ସତ୍ୟ ନ୍ୟାୟ ଅହିଂସା ଶାନ୍ତି ଓ ମୈତ୍ରୀ
ଭଳି ପଞ୍ଚୁପାଣ୍ଡବଙ୍କ ଦୟାଦ ମୁଁ
କିନ୍ତୁ ଆଜି ମୁଁ ନିଃସହାୟ
ଚକ୍ରବ୍ୟୁହ ଭିତରୁ ମୁ ବାହାରି ପାରୁନ
କେହି ମୋତେ ସାହାଯ୍ୟ କରିବା ପୂର୍ବରୁ
ମୁଁ ବୋଧେ ହଜିଯିବି, ନଷ୍ଟିହ୍ନ ହୋଇଯିବି
ତଥାପି ଲଢେଇ ଜାରି ରଖିବି
ସପ୍ତମହାରଥିଙ୍କ ବିରୁଦ୍ଧରେ
ଯାହା ରହିଯିବ ଇତିହାସ ପୃଷ୍ଠାରେ
ଆଜି ମୁଁ ଫେରୁଛି ପୁଣି ନୂଆ ରୂପରେ
ସପ୍ତରଥୀଙ୍କ ଚକ୍ରବ୍ୟୁହରୁ
ବାହାରିବା ପାଇଁ ମୁଁ ଆପଣେଇବି ନୂଆ ଅସ୍ତ୍ର
ସେମାନଙ୍କୁ ଦମନ କରିବାପାଇଁ
ଆମୋଘ ଅସ୍ତ୍ର ହେବେ
ସହନଶୀଳତା ସହାବସ୍ଥାନ ଓ କ୍ଷମା....

ଅଶିକ୍ଷା କୁଶିକ୍ଷା ସନ୍ଦେହ ବିରୁଦ୍ଧରେ
ଦୁର୍ବାର ସଂଗ୍ରାମ, ହେଉ ପଛେ କଷ୍ଟ
କୁଚକ୍ରୀଙ୍କ ଚକ୍ରବ୍ୟୁହକୁ ମୁଁ ଭେଦ କରିଯିବି
ପୁରାତନ ଓ ପାଶ୍ଚାତ୍ୟ ସଭ୍ୟତାର
ନିଦର୍ଶନ ସ୍ୱରୁପ
ଆୟୁର୍ବେଦ ଓ ପ୍ରଯୁକ୍ତିିକୁ ଅଗ୍ରାଧିକାର ଦେବି
ତା ସହ ସଂସାରରେ
ଭଲପାଇବାର ମନ୍ତ୍ର ମୁଁ ବୁଣିଯିବି.......

ପ୍ଲଟ-୧୪୮/୫, ହମିରପୁର,
ରାଉରକେଲା-୩

# ଧନ୍ୱନ୍ତରି



ଡକ୍ଟର ବିଜ୍ଞାନୀ ଦାସ

ଆଜି ଧନ୍ୱନ୍ତରିର ଶ୍ରଦ୍ଧାଞ୍ଜଳ ଉତ୍ସବ ବଡ ଧୁମ୍‌ଧାମରେ ପାଳନ କରାଗଲା । ଧନ୍ୱନ୍ତରିର ସାଙ୍ଗ ଅଗଣିତ । ଯଦିଓ ସମସ୍ତଙ୍କୁ ଏତେ ଶୀଘ୍ର ଯୋଗାଯୋଗ କରିହେଲାନ, ତେବେ ପ୍ରାୟ ସତୁରି ଜଣ ସାଙ୍ଗ ଜୁମ୍ ଦ୍ୱାରା ସଂଯୁକ୍ତ ରହି ଧନ୍ୱନ୍ତରିର ସ୍ମୃତିମନ୍ଥନ କଲେ । ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ ଥିଲା, "ଧନ୍ୱନ୍ତରି ଭଳି ବ୍ୟକ୍ତିର ଏମିତି ଅବସ୍ଥା କେମିତି ହେଲା **?"**

ଭୁବନେଶ୍ୱରର ଜଣେ ପ୍ରସିଦ୍ଧ ଗାୟକ ତାଙ୍କର ଅନ୍ୟ ସାଙ୍ଗସାଥୀଙ୍କ ସହ ଷ୍ଟୁଡିଓରୁ ଗୀତାସାର ପାଠ କରି କାର୍ଯ୍ୟକ୍ରମ ଆରମ୍ଭକଲେ । ତାପରେ ଦୁଇଟି ଭଜନ ପରିବେଷଣ କରିବା ପରେ କାର୍ଯ୍ୟକ୍ରମର ଆବାହକ ରଘୁ ଓରଫ୍ ରଘୁନାଥ ଶତପଥୀ ସମସ୍ତଙ୍କୁ ସ୍ୱାଗତ ଜଣେଇ ତାଙ୍କର ପ୍ରଥମ ବକ୍ତା, ଧନ୍ୱନ୍ତରିର ମାମୁଙ୍କୁ କହିବାକୁ ଡାକଲେ ।

ଅସଲରେ ଧନ୍ୱନ୍ତରିର ପ୍ରକୃତ ନାମ ଥିଲା ସନ୍ତୋଷ । ସନ୍ତୋଷ କୁମାର ମହାରଣା । ତେବେ ତାର ଚିକିତ୍ସା ସମ୍ବନ୍ଧୀୟ ଜ୍ଞାନ ପାଇଁ ତା' ନାଁ କ୍ରମଶଃ ଧନ୍ୱନ୍ତରି ହୋଇଗଲା । ସେଇ ନାମଟା ଏତେ ଲୋକପ୍ରିୟ ହୋଇଗଲା ଯେ, ତାର ଅସଲ ନାମ ଅନେକଙ୍କୁ ଜଣାନଥିଲା । ଦେହରେ କିଛି ଅସୁବିଧା ହେଲେ, ଧନ୍ୱନ୍ତରି ନିଜ ଚିକିତ୍ସା ନିଜେ କରୁଥିଲା । ତା' ପାଖରେ ସବୁବେଳେ ଅନେକ ଚେରମୂଳର ଗୁଣ୍ଡ ମହଜୁଦ୍ ରହୁଥିଲା ଓ ତା' ସହିତ ଯାବତୀୟ ରକମର ତେଲ, ଜଡା ତେଲ, ରାଶି ତେଲ, ସୋରିଷ ତେଲ, ଘିଅ ଇତ୍ୟାଦି । ହଷ୍ଟେଲରେ କାହାକୁ ଜ୍ୱର ହେଲେ, ସିଏ ଯାଇ ଘିଅ ଘଷି ଦିଏ । ଥଣ୍ଡା ହେଲେ, ସୋରିଷ ତେଲରେ ରସୁଣ ଗରମ କରି ଗୋଡରେ ଘଷେ । କିଏ କୋଉଠି ପଡି ଜଖମ ହେଲେ ଜଡାତେଲ କି ରାଶିତେଲ ଘଷିଦିଏ । ସେଥିପାଇଁ ସମସ୍ତଙ୍କର ସିଏ ପ୍ରିୟ । ତା' ହାତର ମାଲିସ ଖାଇଲେ ସମସ୍ତଙ୍କର ଦେହ କଷ୍ଟ ଏକଦମ୍ ଡରି ପଳେଇଯାଏ । ଏମିତି ଥିଲା ଧନ୍ୱନ୍ତରିର କଲେଜ ଓ ୟୁନିଭର୍ସିଟିର ଜୀବନ । ଧନ୍ୱନ୍ତରି ପାଖରେ ଲକ୍ଷ୍ମଣ ମିଶ୍ରଙ୍କର ଗୋଟିଏ ବହି ରହୁଥିଲା ।

ସିଏ ସେ ବହିଟିକୁ ପ୍ରାୟତଃ ସମୟେ ସମୟେ ପଢେ । ପ୍ରଥମେ ଅନେକ ଧନ୍ୱନ୍ତରିକୁ ବିଶ୍ୱାସ କରୁନଥିଲେ । "ଆବେ ତୁ ମହାରଣା ଘର ପୁଅ, ଏମିତି ଖାଲିଟାରେ ଡାକ୍ତର କେମିତିହୋଇଗଲୁ ? ଲୋକ ତାହେଲେ ଏତେ ବର୍ଷ କଷ୍ଟ କରି, ଏତେ ଅର୍ଥ ଶ୍ରାଦ୍ଧ କରି କାହିଁକି ଡାକ୍ତରୀ ପଢୁଛନ୍ତି ।"

ହେଲେ ସେମାନେ ଯେତେବେଳେ ଧନ୍ୱନ୍ତରିର ଜ୍ଞାନଗାରିମା ବିଷୟରେ ଜାଣିଲେ ଓ ତାର ସେବା କରିବାର, ଅନ୍ୟ କଲେଜ ପିଲାଙ୍କର ଦୁଃଖକଷ୍ଟ ଲାଘବ କରାଇବାର କ୍ଷମତା ବିଷୟରେ ପ୍ରମାଣ ପାଇଲେ, ସେମାନେ ବି ଧନ୍ୱନ୍ତରିକୁ ଗ୍ରହଣ କରିନେଲେ ।

ରଘୁ ଓ ଧନ୍ୱନ୍ତରି କଲେଜ ସମୟରୁ ଜଣାଶୁଣା । ତେବେ ଆଇ.ଏସ୍.ସି ପଢିବା ସମୟରେ ରଘୁ ତା' ସହିତ ଏତେଟା ମିଶିନଥିଲା । ସେତେବେଳେ ତ କ୍ଲାସ୍ ରେ ଅନେକ ପିଲା । ମିଶିଲା ଯେତେବେଳେ ଧନ୍ୱନ୍ତରୀ ବି ପଦାର୍ଥବିଜ୍ଞାନରେ ଅନର୍ସ ରଖି ପଢିଲା । ରଘୁ ସହରରେ ବଢିଥିଲେ ବି ଗ୍ରାମ ସଭ୍ୟତା ସହିତ ଅନେକଟା ପରିଚତ, ଯେହେତୁ ତାର ଜେଜେ, ଜେଜେମା, ବଡବାପା ଓ ବଡମା ଗାଁରେ ରହୁଥିଲେ । ସେଇବର୍ଷ ବାପାଙ୍କର ବାଲେଶ୍ୱରକୁ ବଦଳ ହୋଇଗଲା ଓ ମା' ବି ବାପାଙ୍କ ସହିତ ବାଲେଶ୍ୱର ଗ୍ଲଲିଗଲା । ଅତଏବ, ରଘୁକୁ ହଷ୍ଟେଲରେ ରହିବାକୁ ପଡିଲା । ଧନ୍ୱନ୍ତରିର ସଚ୍ଚୋଟତା ଓ ସରଳତା ସେମାନଙ୍କୁ ଖୁବ୍ ଶୀଘ୍ର ବନ୍ଧୁତା ଡୋରିରେ ବାନ୍ଧିଦେଲା । ରଘୁର ଓ ଧନ୍ୱନ୍ତରିର ଏତେଟା ସାଙ୍ଗ ହେବା ଦେଖି, କେହି କେହି ଇର୍ଷୁକ ଓ ବଗୁଲିଆ ପିଲା ରଘୁର ବି ଗୋଟିଏ ନାଁ ରଖିଦେଲେ, "ଅଶ୍ୱିନୀ କୁମାର" । ଧନ୍ୱନ୍ତରିର ସାଙ୍ଗ ହୋଇ ଏବେ ଚେରମୂଳ ଔଷଧ ସବୁରେ ରଘୁ ମଧ ସିଦ୍ଧହସ୍ତ ହୋଇଗଲା ।

ବି.ଏସ୍.ସି. ପରେ ସେମାନେ ଅଲଗା ହୋଇଯାଇଥିଲେ । ଧନ୍ୱନ୍ତରି ପଢିବା ପାଇଁ ଦିଲ୍ଲୀ ଗ୍ଲଲିଗଲା ଓ ରଘୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢିଲା । ଏମିତି କ ଧନ୍ୱନ୍ତରି କଣ କରୁଛି, ସେ ବିଷୟରେ ଅନେକ ଦିନ ପର୍ଯ୍ୟନ୍ତ ରଘୁ କଛି ଜାଣିନଥିଲା । ଦୀର୍ଘ ଦଶବର୍ଷ ବ୍ୟବଧାନ ପରେ ହଠାତ୍ ଥରେ ଗୋଟିଏ କନ୍‌ଫରେନ୍ସ ରେ ଦୁଇଜଣଙ୍କର ଦେଖାସାକ୍ଷାତ ହୋଇଗଲା ।

ଏବେ ସେମାନେ ପ୍ରାପ୍ତ ବୟସ୍କ । ଏବେ ସହକର୍ମୀ ମାନେ ସେମାନଙ୍କୁ ତମେ, ଆପଣ କହି କଥାବାର୍ତ୍ତା କରନ୍ତି । ଏବେ ରଘୁ ରଘୁନାଥ ନାମରେ ପରିଚତ ଓ ଧନ୍ୱନ୍ତରି ନଜ ଅସଲ

ନାମ ସନ୍ତୋଷ କୁମାର ନାମରେ ପରିଚତ । ତେବେ ପରସ୍ପର ସହିତ କଥାବାର୍ତ୍ତା କରିବାବେଳେ ସେମାନେ ସେଇ ପୁରୁଣା ସମ୍ବୋଧନ ହିଁ କରନ୍ତି ।

ରଘୁ କହିଲା, "ଯାଲେ, ତେବେ କଫି ଦୋକାନକୁ ଯିବା ଓ କଫି ପିଉପିଉ କଥାବାର୍ତ୍ତା ହେବା।" ଧନ୍ୱନ୍ତରି ପଚାରିଲା, "ତୁ କେବେଠାରୁ କଫି ପିଇବା ଅଭ୍ୟାସ କଲୁଣି ? ଆରେ ଯେତେ ସବୁ ବିଦ୍ୟା ଏ ଦେଶକୁ ଆସି ଖାଇଗଲୁନା କଣ ? ମୁଁ କନ୍ତୁ ଭୁଲିନ । ମୁଁ କଫି ପିଏନ ।"

ଜଣା ପଡିଲା, ଧନ୍ୱନ୍ତରି କାଲିଫର୍ଣ୍ଣିଆରେ ରହେ । ସେଇଠି ଗୋଟିଏ ୟୁନିଭର୍ସିଟିରେ ସିଏ ଗୋଟିଏ ଲ୍ୟାବ୍‌ର ଡାଇରେକ୍ଟର୍ ଭାବେ କାମ କରୁଛି । କେବଳ ଗବେଷଣା କାମ । ପଢେଇବାର ଦାୟିତ୍ୱ ନଥାଏ । ଯଦିଓ ଏମିତି କେବେକେବେ ଲ୍ୟାବ୍ ରେ କାମ କରିବାକୁ ଆସୁଥିବା ଛାତ୍ରମାନଙ୍କୁ ଲ୍ୟାବ୍‌ର ନିୟମାବଳୀ ବିଷୟରେ ଓ କେତୋଟି ସୂତ୍ର ସମ୍ବନ୍ଧୀୟ ତଥ୍ୟ ବିଷୟରେ ପଢେଇବାକୁ ପଡିଥାଏ, ତେବେ ପ୍ରତିଦିନ ଶ୍ରେଣୀଗୃହରେ ଶିକ୍ଷାଦେବା କାର୍ଯ୍ୟ ନଥାଏ । ରଘୁ ପଚାରିଲା, "ଆଉ ଭାଉଜ, ପିଲାପିଲି, ସେମାନଙ୍କ ବିଷୟରେ କିଛି କହ ।"

ଧନ୍ୱନ୍ତରି ଜଣେଇଲା, ""ଆରେ ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳଆ କେମିତି ହବ?"

"ହେଲେ ତୁ ବାହା ହୋଇନୁ କାହିଁକି ?" - ରଘୁର ପ୍ରଶ୍ନ ।

"ମନଲାଖି ଝିଅ ମିଳଲେ ସିନା । ଭାରତରେ ଥିବା ବେଳେ ଅନେକ ଝିଅ ଦେଖା କାମ ହେଲା । ହେଲେ କୋଉଠି ନା କୋଉଠି ଅମେଳ ରହିଲା । ଆଉ ତାପରେ ତ ଆମେରିକା ପଳେଇ ଆସିଲି । ଏଠି ଖାଲି କାମ, କାମ ଆଉ କାମ । ଝିଅ ପାଇଁ ସମୟ ନାହିଁ ।

ରଘୁ ବୁଝିଗଲା । ଏ ଧନ୍ୱନ୍ତରିଟା ବହୁତ ବାଛୁଥିବ ବୋଧହୁଏ । ନହେଲେ ଏପର୍ଯ୍ୟନ୍ତ ବାହା ହେଇନଥାନ୍ତା କାହିଁକି ? ଧନ୍ୱନ୍ତରିକୁ ପଚାରିଲା, "ଆଚ୍ଛା କହ, ତୋର କେମିତି ରକମର ଝିଅ ଦରକାର ?"

ଧନ୍ୱନ୍ତରି ହସିହସି ଗଡିଗଲା । "ତୁ କଣ ଝିଅ କାରଖାନା ଗଢିଛୁ ନା କଣ ? ଯେମିତି ଗୁହିଁବି ସେମିତି ଝିଅ ମତେ ଖଞ୍ଜିଦେବୁ । ଆରେ ମୁଁ ଅପେକ୍ଷା କରିଛି ସେ ଦିନକୁ, ଯେଉଁଦିନ କାହାକୁ ଦେଖିଲେ ମୋ ହୃଦୟରେ ତରଙ୍ଗ ଖେଳିବ, ସ୍ୱପ୍ନରେ ତା' ଛବି ଆସିବ

ଓ ଭାବନାରେ ଫୁଲ ଫୁଟିବ । ପ୍ରଥମେ ସେ ଭଳ ଅନୁଭବ ହେବା ଦରକାର । ତାପରେ ମତେ ସବୁବେଳେ ହସହସ ଦିଶୁଥିବା ଆଶାବାଦୀ ଝିଅଟିଏ ଦରକାର ।"

"ହୋଉ, ସେକଥା ଛାଡ । ତୁ ଆମ ଘରକୁ କେବେ ଆସୁଛୁ କହ । ମୋ ସ୍ତ୍ରୀ ତୃପ୍ତି ତତେ ଦେଖିଲେ ନିଶ୍ଚୟ ଖୁସି ହେବ । ମୁଁ ତାକୁ ତୋ ବିଷୟରେ ଏତେ କହିଛି ଯେ, ସିଏ ତତେ ନ ଦେଖି ବି ଚିହ୍ନିଯାଇଛି ।"

ଏମିତି ଭାବେ ଆମେରିକା ଦେଶରେ ସେମାନଙ୍କ ସଂପର୍କ ଆରମ୍ଭ ହୋଇଗଲା । ଛୁଟି ସମୟରେ ଧନ୍ୱନ୍ତରି, ମାନେ ସନ୍ତୋଷ ବାବୁ ରଘୁ ଘରକୁ ଆସିଯାଆନ୍ତି । ସେଠି ରଘୁର ସ୍ତ୍ରୀ ତୃପ୍ତି ଓ ତାର ପୁଅ, ଝିଅଙ୍କ ମେଳରେ ଅନେକ ଖୁସିର ସମୟ ବିତାନ୍ତି ।

ଏମିତି ଦିନେ ହଠାତ୍ ଧନ୍ୱନ୍ତରି ଖବର ଦେଲା । "ମୋ ବାହାଘର ହେଉଛି । କିଛି ସେମିତି ବଡ ଆକାରରେ ନୁହେଁ । ଆମେ ବାହାଘର ଲାଇସେନ୍ସ୍ ନେଇଯିବୁ । ତାପରେ ଛୋଟ ପାରିବାରିକ ମିଳନୀଟିଏ ରଖିଛି । ତୁ ନିଶ୍ଚୟ ଆସିବୁ ।"

ରଘୁର ପରିବାର ଯାଇଥିଲେ । ସେଠି ଧନ୍ୱନ୍ତରିର ସ୍ତ୍ରୀ ବୋଲି ଯାହାକୁ ଦେଖିଲେ, ସିଏ ସତରେ ଅପରୂପା ସୁନ୍ଦରୀ । ତାଙ୍କ ନାଁ ବନ୍ଦନା । ଭାରତରେ ସିଏ ଦିଲ୍ଲୀର ଝିଅ । କୋଉ ଗୋଟିଏ ହାଇସ୍କୁଲରେ ପଢାନ୍ତି । ଯଦିଓ ସିଏ ପିଏଚ୍.ଡି. କରିଥିଲେ, ତେବେ ତାଙ୍କ କହିବା ଅନୁଯାୟୀ, କେତେଟା ପୋଷ୍ଟ ଡକ୍ଟରାଲ୍ କାମ ପରେ ବି ତାଙ୍କୁ ଚାକିରି ନ ମିଳିବାରୁ, ସିଏ ଅଧ୍ୟାପନା ଚାକିରିକୁ ଆଦରିନେଲେ ଓ ସେଇକାମରେ ଅନେକ ଖୁସି ଅଛନ୍ତି ।

ଏଇଥିପାଇଁ ତାହେଲେ ଧନ୍ୱନ୍ତରି ଏତେଦିନ ଅପେକ୍ଷା କରିଥିଲା । ଯାହାହେଉ ଅପେକ୍ଷାର ଫଳ ମିଠା ।

ପରେ ଆଉ ଜଣେ ସାଙ୍ଗଠାରୁ ଖବର ମିଳିଥିଲା କି ବନ୍ଦନା ଆଗରୁ ବିବାହିତ ଥିଲା ଓ ତାର ଗୋଟିଏ ପୁଅ ବି ଅଛି । ହେଲେ ବିବାହ ବିଚ୍ଛେଦ ପରେ ସିଏ ଆମେରିକାକୁ ପୋଷ୍ଟ ଡକ୍ଟରାଲ୍ ଅଫର୍ ପାଇ ଚାଲିଯାଇଥିଲା ।

ସିଏ ଯାହା ବି ହେଉ, ବନ୍ଦନା ଅତ୍ୟନ୍ତ ସୁନ୍ଦର ମଣିଷ ମନେ ହେଉଥିଲେ ଓ ଧନ୍ୱନ୍ତରିର ଜୀବନ ଅତି ଭଲ ଭାବେ, ସୁଖରେ କଟୁଥିଲା ।

ଧନ୍ୱନ୍ତରି ଏପର୍ଯ୍ୟନ୍ତ ତାର ନିଜ ଚକସ୍ଥା ସମ୍ବନ୍ଧୀୟ ଜ୍ଞାନ, ଲକ୍ଷ୍ମଣ ମିଶ୍ରଙ୍କ ବହି ଓ ଚେରମୂଳ, ତେଲ, ପତ୍ରପରିବାର ଔଷଧୀୟ ଶକ୍ତି ଉପରେ ଚଳି ଆସୁଥିଲା । ତା' ଘରକୁ ଗଲେ, ସିଏ ଏତେ ଯତ୍ନଶୀଳ ହୋଇଯାଏ ଯେ, ରଘୁର ବି ଧୈର୍ଯ୍ୟ ବାନ୍ଧ ଭାଙ୍ଗିଯାଏ । ଖିରି କରୁଥିବ ତ କରୁଥିବ, ଅତି ଯତ୍ନରେ, ନିର୍ଦ୍ଦିଷ୍ଟ ପରିମାଣରେ ସମସ୍ତ ଜିନିଷ, ଯଥା କାଜୁ, କିସ୍‌ମିସ୍, ଅଳେଇଚ, ଇତ୍ୟାଦି ପକେଇ ସିଏ ଖିରି ଶେଷ କରୁକରୁ ଦୁଇ ଘଣ୍ଟା ଗଳିଯିବଣି। ରଘୁ ବ୍ୟସ୍ତ ହୋଇପଡେ ।

"ଆରେ, ତୃପ୍ତି ତ ଘଣ୍ଟାଟିଏରେ ଖିରି ଓ କେତେକଣ ରାନ୍ଧି ସାରିଦିଅନ୍ତି । ତୋର ଏତେ ସମୟ ଲାଗୁଛି । ନିଜେ ତ ସେ ରୋଷେଇଘରେ ପଶିଛୁ । ଆମେ ହେଲେ କୁଆଡେ ବୁଲାବୁଲି କରିବାକୁ ଯାଆନ୍ତେ । ତୋ ରୋଷେଇ ସିନା ସରିଲେ ।"

ରଘୁ କେବେକେବେ ବାହାରୁ ଖାଦ୍ୟ ମଗେଇଦେବା କଥା କହିଲେ, ଧନ୍ୱନ୍ତରି କ୍ଷୁର୍ଣ୍ଣ ହୁଏ । "ମୋ ପାଖକୁ ଆସିଛ ମାନେ, ମୋ ହାତରନ୍ଧା ଖାଇବ । ବାହାର ଖାଦ୍ୟ ଜମା ତ ନୁହେଁ । କିଏ ଜାଣେ, କେଉଁ ତେଲରେ, କି ଭାବରେ ଆଉ ପରିଷ୍କାର, ପରିଚ୍ଛନ୍ନତା ରଖି ସେମାନେ ଖାଦ୍ୟ ତିଆରି କରୁଛନ୍ତି କି ନାହିଁ ? ଆଉ ଜାଣିଛୁ ତ, ରାନ୍ଧୁଥିବା ମଣିଷ ଯଦି ସ୍ନେହ ଭାବରେ ରୋଷେଇ ନକରି ରାଗିକରି, କି ଘୃଣାଭାବ ପୋଷଣ କରି ରୋଷେଇ କରେ, ତେବେ ସେ ଖାଦ୍ୟ ଖାଉଥିବା ସମସ୍ତ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ତାର ପ୍ରଭାବ ପଡେ ।"

ରଘୁ ଯୁକ୍ତି କରିବସିଲେ ସିଏ କାହାଣୀର ପେଡି ଖୋଲିଦିଏ । "ଥରେ ଜଣଙ୍କ ପରିବାରରେ ସମସ୍ତଙ୍କର ସ୍ୱାସ୍ଥ୍ୟ ସଙ୍କଟ ଲାଗି ରହୁଥିଲା । କାହାର ଅଜୀର୍ଣ୍ଣ ହେଉଥିଲା ତ କାହାର ବାନ୍ତି। କାହାର କୋଷ୍ଠବୋଧତା ହେଉଥିଲା ତ କାହାର ଡାଇରିଆ । ଏଥିରେ ବିବ୍ରତ ହୋଇ ସେମାନେ ଥରେ ଜଣେ ଡାକ୍ତରଙ୍କ ପରାମର୍ଶ ଖୋଜିଲେ । ସେ ଡାକ୍ତର ଜଣକ ଆଧାତ୍ମୀକବାଦୀ । ସିଏ ପଚାରିଲେ, - ଆପଣଙ୍କ ଘରେ ରୋଷେଇ କିଏ କରନ୍ତି ? ପରିବାରର ସମସ୍ତେ ଉତ୍ତରଦେଲେ, ସେମାନଙ୍କ ଘରେ ରହୁଥିବା ପିଉସୀ ନାନୀ । ସେ ପିଉସୀନାନୀ ବାଲ୍ୟ ବିଧବା । ବାପଘରେ ରହି ଆସୁଥିଲେ । ସବୁବେଳେ ଦୁଃଖୀ ଦେଖାଯାଆନ୍ତି । ସାଧୁ ଡାକ୍ତର ସେମାନଙ୍କୁ ପରାମର୍ଶ ଦେଲେ କି ଘରର ସମସ୍ତେ ପାଳି କରି ରୋଷେଇ ଦାୟିତ୍ୱ ତୁଲାନ୍ତୁ ଓ ରୋଷେଇ କରିବା ସମୟରେ ଚିତ୍ତ ପ୍ରଫୁଲ୍ଲ ରଖନ୍ତୁ । ଦେଖିବେ, ଶରୀରର ଅଧା ସମସ୍ୟାର ସେଥିରେ ସମାଧାନ ହୋଇଯିବ । ଆଉ ସେଇଆ ହିଁ ହେଲା ।"

ଧନ୍ୱନ୍ତରିଙ୍କୁ ଯୁକ୍ତିରେ ପାରିବା କଷ୍ଟ । କାଳେ ସିଏ ଆହୁରି କାହାଣୀ ଆରମ୍ଭ କରିଦେବ, ସେଇ ଭୟରେ ରଘୁ ଉଠିକରି ପଳେଇଆସେ । ବନ୍ଦନା ହସିକରି କହନ୍ତି, "କଣ ଭାଇସାହେବ, ଏବେ ଜାଣିଗଲେ ତ ଆପଣଙ୍କ ବନ୍ଧୁଙ୍କୁ ମୁଁ କେମିତି ସମ୍ଭାଳୁଛି ?" ସମସ୍ତେ ହସିହସି ଗଡିଯାଆନ୍ତି । ଗ୍ରେଷେଇଘରୁ ଧନ୍ୱନ୍ତରି ଆସି ପଗ୍ଭରେ, "କଣ, ହସ ଯୋଗ (ଲ୍‌ଫିଙ୍ଗ୍ ଯୋଗ) ଆରମ୍ଭ ହୋଇଗଲା । ଭଲ, ଭଲ, ଯେତେ ହସିବ, ଶରୀର ସେତେ ସୁସ୍ଥ ରହିବ ।"

ସେଇ ଧନ୍ୱନ୍ତରି ଯେବେ ୬ ବର୍ଷ ତଳେ ରଘୁର ଘରକୁ ମେରୀଲାଣ୍ଡ ଆସିଥିଲା, ତୃପ୍ତି ସୋୟାବିନ୍‌ର ତରକାରୀ ବାଢିବା ବେଳେ କହିଲା, "ମୁଁ ଆଉ ସୋୟାବିନ୍ ଖାଉନ । କାରଣ ମୋ ବୃକକରେ କିଛି ସମସ୍ୟା ଦେଖାଦେଇଛି ଓ କୌଣସି ପ୍ରକାର ପ୍ରୋଟିନ୍ ହଜମ ହୋଇପାରୁନ ।"

ଉଭୟ ରଘୁ ଓ ତୃପ୍ତି ଆଶ୍ଚର୍ଯ୍ୟ ହୋଇଗଲେ । "ଏସବୁ କେମିତି ?" ତୃପ୍ତି ପଗ୍ଭରିଲା, "ଆପଣ ତ ଖାଇବାପିଇବାରେ ଏତେ ଯତ୍ନ ନଅନ୍ତି, ପୁଣି ଏମିତି କେମିତି ହେଲା ?"

ବନ୍ଦନା ଉତ୍ତରରେ କହିଲେ, "ହୁଏତ ସେଇଟା ହିଁ କାରଣ ହୋଇପାରେ । ନିଜ ଶରୀରକୁ ସେ ଏମିତି ଭାବେ ରଖିଥିଲେ ଯେ, ଅନ୍ୟ ଯେ କୌଣସି ବାହାର ଜିନିଷ ବି ଭିତରକୁ ଗଲେ ପ୍ରତିକ୍ରିୟା ହେବା ସ୍ୱାଭାବିକ । ଏଇ ଯେମିତି, ଭାରତର ଗାଁ ମାନଙ୍କରେ ଲୋକମାନେ କେତେକଣ ସବୁ ଅଳଆ, ଆବର୍ଜନା, ଧୂଳିମୟ ପରିବେଶରେ ବଢି ବି ସମସ୍ତେ ଠିକ୍ ରହୁଛନ୍ତି, ରୋଗ ପ୍ରତିରୋଧକ ଶକ୍ତି ବଢାଉଛନ୍ତି । କିନ୍ତୁ ଆପଣଙ୍କ ପିଲା ସେ ପରିବେଶରେ କିଛି ସମୟ କଟାନ୍ତୁ ତ, ହଜାର ସମସ୍ୟା ଆରମ୍ଭ ହୋଇଯିବ ।"

ତେବେ କାରଣ ଯାହା ବି ହେଉନା କାହିଁକି, ସେଦିନରୁ ତୃପ୍ତି ବି ଘରେ ଆଉ ଧନ୍ୱନ୍ତରିଙ୍କ ନିୟମ ପାଳନ ହେବନି ଏବଂ ପ୍ରତି ପରିସ୍ଥିତିରେ ଡାକ୍ତରଙ୍କୁ ପରାମର୍ଶ କରାଯିବ ବୋଲି ନିୟମ ଜାରି କରିଦେଲା ।

ସେଇ ତ ଶେଷ ଦେଖା । ଆଉ ତାପରେ ସେମାନଙ୍କର ଭେଟ ହୋଇନି । ଭେଟ ନ ହେବାର କାରଣ ହେଲା ଯେ ରଘୁ ଓ ତୃପ୍ତି ଏବେ ଅଧିକ ଦେଶବିଦେଶ ଯାଉଥିଲେ ଓ ଧନ୍ୱନ୍ତରି ଏବଂ ବନ୍ଦନା ଭାରତ ଯାଉଥିଲେ । ସେଠି ସେମାନେ ଭୁବନେଶ୍ୱରରେ ଗୋଟିଏ ଘର କିଣିଥିଲେ । ସେଇ ସମ୍ବନ୍ଧରେ ସେମାନେ ବୁଝାବୁଝି କରିବାକୁ ଯାଉଥିଲେ ।

ତାପରେ ତ ମାର୍ଚ୍ଚ ୨୦୨୦ରୁ ଆସିଗଲା କରୋନା । ସମସ୍ତଙ୍କର ଯିବାଆସିବା ବନ୍ଦ । ମାସକ ତଳେ ବନ୍ଦନା ଖବର ଦେଇଥିଲେ ଯେ ଧନ୍ୱନ୍ତରିଙ୍କର ବୃକକ୍ ଦୁଇଟିଯାକ ଅଚଳ । ତାଙ୍କର ଅନେକ ସ୍ୱାସ୍ଥ୍ୟହାନୀ ଘଟିଛି ଓ ସିଏ ଏବେ ହସ୍ପିଟାଲ୍ ରେ ଅଛନ୍ତି । ରଘୁ ଓ ତୃପ୍ତି ତାକୁ ହସ୍ପିଟାଲ୍ ଫୋନ୍ କରିଥିଲେ । ସେତେବେଳେ ତାର କହିବା ଶୈଳୀରୁ ଅତ୍ୟନ୍ତ ଦୁର୍ବଳ ମନେ ହେଉଥିବାର ଜଣାପଡୁଥିଲା । ତେବେ ଆଶାବାଦୀ ଥିଲା । "ଦେଖାଯାଉ କଣ ହେଉଛି ? ଡାକ୍ତରମାନେ ତ ଚେଷ୍ଟା ଚଳେଇଛନ୍ତି ।"

ତା' ପରଠାରୁ ପ୍ରାୟତଃ ତିନଚାରି ଦିନ ଅନ୍ତରାଳରେ ରଘୁ ଫୋନ୍ କରି ବୁଝେ । ଏଇ ସାତଦିନ ତଳେ ତାର ଅବସ୍ଥା ଗୁରୁତର ହୋଇଗଲା । ଶେଷରେ ଡାକ୍ତରମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ଗତକାଲି ସେ ଦାରୁଣ ଦୁଃଖର ଖବର ପାଇ ରଘୁ ଓ ତୃପ୍ତିଙ୍କର ଶୋକର ସୀମା ରହିଲା ନାହିଁ ।

ଧନ୍ୱନ୍ତରିର ସାଙ୍ଗ ଅନେକ । କେବଳ ଓଡିଆ ନୁହଁନ୍ତି, ଅନେକ ଅଣଓଡିଆଙ୍କ ସହିତ ମଧ୍ୟ ତାର ପ୍ରଗାଢ଼ ବନ୍ଧୁତା । ସମସ୍ତେ ସେଦିନ ଶ୍ରଦ୍ଧାଞ୍ଜଳି ସମାରୋହରେ, ତାର ସେଇ ରୋଷେଇ କରି ଖୁଆଇବାର ସ୍ମୃତି ମନ୍ଥନ କଲେ । ବନ୍ଦନା ସେମାନଙ୍କର କେତେଗୁଡିଏ ଫଟୋ ପଠେଇଥିଲେ । ସେସବୁକୁ ସ୍ଲାଇଡ୍ ଆକାରରେ ପରିବେଷଣ କରାଯାଇଥିଲା । ସେସବୁ ଫଟୋ ଧନ୍ୱନ୍ତରି ହିଁ ଉଠାଇଥଲା । ଦେଖିଲେ ଲାଗୁଥିଲା ଯେମିତି ଧନ୍ୱନ୍ତରି ସେ ସମସ୍ତଙ୍କ ଗହଣରେ ଅଛି ।

କେତେ ଜଣ ସାଙ୍ଗ ସେଠି ମନ୍ତବ୍ୟ ରଖିଲେ, "ତାଙ୍କୁ ଯେତେ ବୁଝେଇଲେ ବି ସିଏ ଔଷଧପତ୍ର ଖାଉନଥିଲେ ଓ ଡାକ୍ତର ପାଖକୁ ଯାଉନଥିଲେ । ଦେହ ଅତିଶୟ ଖରାପ ହେବାରୁ ଶେଷ ସମୟରେ ଡାକ୍ତରଙ୍କ ପାଖକୁ ଗଲେ ସତ, ହେଲେ ହୁଏତ ସେଇଟା ବିଳମ୍ବ ହୋଇଯାଇଥିଲା ।"

ଅନେକ ମଣିଷ ନଜର ବିଶ୍ୱାସ ଉପରେ ହିଁ ଜିଅନ୍ତି । ସେମାନଙ୍କୁ ସେମାନଙ୍କ ବିଶ୍ୱାସ ହିଁ ବଡ । ଧନ୍ୱନ୍ତରି ନିଜ ହିସାବରେ, ନିଜ ବିଶ୍ୱାସରେ ବଞ୍ଚିଥିଲା । ସେଇଟା ହିଁ ତା' ମନର ଖୁସି । ଜଣେ ପରିପକ୍ୱ ମଣିଷକୁ କଣ ଏତେ ସହଜରେ ବଦଳାଇହୁଏ ?

ଧନ୍ୱନ୍ତରିର ମାମୁ ତା' ପିଲାବେଳ କଥା କହି କାନ୍ଦୁଥିଲେ । ମାମୁ ହେଲେ ବି, ସିଏ ଧନ୍ୱନ୍ତରି ଠାରୁ ଜମା ପନ୍ଦର ବର୍ଷ ବଡ । ସେ ମାମୁ ଓଡିଆ ଓ ହିନ୍ଦୀ ଚଳଚ୍ଚିତ୍ରରେ ଫଟୋଗ୍ରାଫର୍

ଭାବେ କାମ କରନ୍ତି । ଧନ୍ୱନ୍ତରି ତାଙ୍କ ସହିତ ଅନେକ ଶୁଟିଙ୍ଗ୍ କୁ ଯାଇଛି । ସେଇଥିରୁ ସିଏ ଅଭିନୟ କରିବା ଓ ଗୀତ ଗାଇବା ମଧ୍ୟ ଶିଖିଯାଇଥିଲା । ତା' ପୂର୍ବରୁ ସ୍କୁଲ୍ ରେ ପଢୁଥିବା ସମୟରେ ମଧ୍ୟ ସିଏ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ନାଟକରେ ଭାଗ ନେଉଥିଲା । ପରେପରେ ନିଜେ ନାଟକ ମଧ୍ୟ ଲେଖୁଥିଲା । ଦିଲ୍ଲୀରେ ରହୁଥିବା କେତେକ ଓଡିଆ ସାଙ୍ଗ ସେହି ବିଷୟରେ କହୁଥିଲେ । "ଆମେ ସମସ୍ତେ ମିଶି କେତେ ନାଟକ କରିଛୁ । ସେଥିରୁ ଅଧିକାଂଶ ଧନ୍ୱନ୍ତରି ହିଁ ଲେଖିଥିଲେ ।"

ବନ୍ଦନାଙ୍କ କହିବା ଅନୁଯାୟୀ, ୨୦୧୩ ମସିହା ପର୍ଯ୍ୟନ୍ତ ଧନ୍ୱନ୍ତରିର ସ୍ୱାସ୍ଥ୍ୟରେ କୌଣସି ସମସ୍ୟା ନଥିଲା । ବରଂ ଅନ୍ୟ ସାଙ୍ଗମାନେ ତାର ଶକ୍ତି, ତାର ଯୁବସୁଲଭ ଚେହେରାକୁ ଦେଖି ତା' ଜୀବନ ପ୍ରଣାଳୀକୁ ହିଁ ଆଦରିନେବାକୁ ଲାଗିଲେ । ଧନ୍ୱନ୍ତରିର ବାପାଙ୍କ ତିରୋଧାନ ପରେ ସେସବୁ ବଦଳିଗଲା । ଧନ୍ୱନ୍ତରି ସିନା ଶରୀର ଚକଚକା କରିବା ଜାଣିଥିଲା, ହେଲେ ମାନସିକ ରୋଗ, ଯଥା ଦୁଃଖ, ଶୋକକୁ କେମିତି ଚକଚକା ଦ୍ୱାରା ନିୟନ୍ତ୍ରଣରେ ରଖିବାକୁ ହୁଏ ଜାଣିନଥିଲା । ସିଏ ନିଜ ବୋଉ ପାଇଁ ଭାବିବାକୁ ଲାଗିଲା । ବେଳେବେଳେ ଚାକିରି ଛାଡି ଓଡିଶା ଫେରିଯିବାକୁ ଭାବୁଥିଲା । ନିଜ ସାନ ଭାଇ, ଯିଏ କୌଣସି କାମକୁ ହେଲାନ ଓ ଖାଲି ନେତା ମାନଙ୍କର ହାତର ଖେଳ ହୋଇ ନାଚୁଛି, ସେ ବିଷୟରେ ବି ଚିନ୍ତିତ ହେଉଥିଲା । ସେଇ ସମୟରେ ସିଏ ଭୁବନେଶ୍ୱରରେ ଏକ ଫ୍ଲାଟ୍ କିଣିବାକୁ ଚୁକ୍ତି କରିଦେଲା । ସେଥିରେ ବି ଅନେକ ବାଧାବିଘ୍ନ ଆସିଲା । ଏହି ସମୟରେ ହିଁ ତା' ଶରୀରରେ ଯେତେରକମର ପ୍ରତିକ୍ରିୟା ଦେଖାଗଲା । ଏମିତି ହେଲା ଯେ ଥରେ ସିଏ ଗାଲୁଗାଲୁ ଅତ୍ୟନ୍ତ ଶକ୍ତିହୀନ ଅନୁଭବ କରି ପଡିଗଲା । ତାକୁ ଏମରଯେନ୍‌ସୀକୁ ନେଇ ସମସ୍ତ ପରୀକ୍ଷା କରି ଦେଖିବାବେଳକୁ ତା' କିଡ୍‌ନୀ ଭଲଭାବେ କାମ କରୁନ । ଆଉ ସେଇଦିନଠାରୁ ହିଁ ଆରମ୍ଭହେଲା ଜୀବନର ଆଉ ଏକ ପର୍ବ । ଧନ୍ୱନ୍ତରିର ସ୍ୱାସ୍ଥ୍ୟ ସାଙ୍ଗକୁ ବନ୍ଦନାଙ୍କର ମଧ୍ୟ ଅନେକ ରକମର ଅସୁସ୍ଥତା ଆରମ୍ଭ ହୋଇଗଲା । ଏବେ ସେମାନଙ୍କର ଖାଇବାପିଇବା, ଚାଲିଚଳଣରେ ଅନେକଟା ପରିବର୍ତ୍ତନ ଆଣିବାକୁ ପଡିଲା । ତା' ସହିତ ନିଜ ବୋଉକୁ ଭେଟିବାକୁ ସିଏ ବର୍ଷରେ ଦୁଇଥର ଓଡିଶା ଯାଉଥିଲା ।

ସତରେ ତ । ମାନସିକ ସ୍ୱାସ୍ଥ୍ୟ ଯେ ଆଉ ଏକ ବଡ ଅଧ୍ୟାୟ ତାକୁ କେତେଜଣ ବି ବୁଝନ୍ତି । ଦୁଃଖ ସମୟରେ ଭାଙ୍ଗିପଡିବା ସ୍ୱାଭାବିକ କଥା । ହେଲେ ଦୁଃଖକୁ ସହି, ନିଜ ମନକୁ ନିୟନ୍ତ୍ରଣରେ ରଖିବାକୁ କିଏ ଶିଖାଏ ? ଯିଏ ତାର ଆପେଆପେ ଶିଖିଲା ତ ଶିଖିଲା ।

ନହେଲେ ଭାଙ୍ଗିପଡିଲା ତ, ଘରି ପାଞ୍ଜିରୁ ଗଲା । ଓଡିଶାରେ ଏତେ ଆଧ୍ୟାତ୍ମିକତା ଥାଇ ମଧ୍ୟ ମାନସିକତା ଓ ମାନସିକ ଚିକିତ୍ସା ଉପରେ ଏତେଟା ପ୍ରାଧାନ୍ୟ ଦିଆଯାଏନି । କିଏ ଯଦି ଟିକେ ଅସାଧାରଣ ଭାବେ ବ୍ୟବହାର ଦେଖାଏ ତ ତାକୁ ପାଗଳ କହି ଚିଡାଯାଏ, ଯେଉଁଥିରେ କି ସେ ଲୋକ ଆହୁରି ଅଧିକ ପାଗଳ ହୋଇଯାଏ ।

----------

ରଘୁ ଓରଫ୍ ରଘୁନାଥ ବାବୁ ଶ୍ରଦ୍ଧାଞ୍ଜଳି ସମୟରେ ଏସବୁ ଶୁଣି ଦିନଟା ସାରା ନିଜକୁ ଦୋଷୀ ଦୋଷୀ ଅନୁଭବ କଲେ । ସାଙ୍ଗ ହିସାବରେ ସିଏ ସେ ସମୟରେ ହୁଏତ ଯେତେଟା ସହଯୋଗ କରିବାର କଥା କରିପାରିନାହାନ୍ତି । ଖାଲି ପ୍ରତିଦିନ ଡାକ ପଦେ, ଦିପଦ କଥା ହୋଇଥିଲେ ହୁଏତ ଭଲ ହୋଇଥାଆନ୍ତା ।

ରାତିରେ ସେଇକଥା ତୃପ୍ତିଙ୍କୁ କହୁଥିବା ବେଳେ ସିଏ ଗୋଟିଏ ଜ୍ଞାନର କଥା ଶୁଣାଇଲେ । "ଯାହା ଗଲାଣି, ସେ କଥା ଭାବି ଲାଭ କଣ ? ତାକୁ ତ ଆଉ ଫେରେଇ ଆଣିହେବନି । ହେଲେ ସେ ଅଭିଜ୍ଞତାରୁ ଶିଖି, ଯାହା ଅଛି, ତାର ସୁରକ୍ଷା କଲେ, ସେ ସବୁ ସଂପର୍କର ଯତ୍ନ ନେଲେ, ଆମେ କର୍ତ୍ତବ୍ୟ କରୁଛନ୍ତି ବୋଲି ସନ୍ତୋଷ ଅନୁଭବ କରିପାରିବା । ଏବେ ବନ୍ଦନାଙ୍କୁ ମାନସିକ ସ୍ତରରେ ସହଯୋଗ କରିବା ପାଇଁ ଆମକୁ ତାଙ୍କ ସହିତ ଅଧିକ ଯୋଗାଯୋଗ ରଖିବା ଉଚିତ୍ । କୋଭିଡ୍ ଦ୍ୱିତୀୟ ଡୋଜ୍ ନେବା ପରେ ଆମେ ଟିକେ କାଲିଫର୍ଣ୍ଣିଆ ଯାଇ ବନ୍ଦନାଙ୍କୁ ଭେଟି ଆସିବା ।"

ରଘୁନାଥ କହିଲେ, "ଠିକ୍ କଥା ।"

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ବର୍ଷା ନଆଁ



ପୁଷ୍ପାଞ୍ଜଳି ପଣ୍ଡା

ବର୍ଷା ବଢୁଥାଏ ରାତି ବଢୁଥାଏ
ବଢୁଥାଏ ସ୍ମୃତିପେଡି
ଆକାଶେ ବିଜୁଳି ଚମକେ ରେଷଣୀ
ଘଡି ଘଡି  ଘଡଘଡି  ।।

ରୁମ୍ ଝୁମ୍ ନୃତ୍ୟ ସଙ୍ଗୀତ ସହିତ
ଟପ ଟପ୍ ତାଳ ଦେଇ
ଖସିପଡୁଥାଏ ଝରଝର ବର୍ଷା
ସ୍ମୃତି ଫରୁଆ ଭିଜାଇ।।

ତନୁମନଖୋଜେ ପ୍ରେମ ର ପରଶ
ବର୍ଷଣ ମୁଖର ରାତି
ମନ୍ଦ୍ର ମଧୁର ସେ ସ୍ମୃତି ସିକ୍ତ ଧାରା
ଧଡ଼ପଡ ହୁଏ ଛାତି।।

ମେଘ ମହ୍ଲାରର ତୀବ୍ର ସ୍ୱରର
ଗଜଲ ର ଗତି ବଢେ
ଭିଜାମାଟି ଗନ୍ଧ ମହକ ସୁଗନ୍ଧ
ନୟନେ  ତନ୍ଦ୍ରା ଚଢେ।।

ଦିନକଟିଯାଏ ଆନମନା ଭାବେ
ରାତ୍ରିର ଗହଳ ଭୟ
ବର୍ଷା ମାନସରେ  ମାଦକତା ଭରେ
କରେ ପ୍ରାଣକୁ ଅଥୟ। ।

ମନ ଝରକା  ର ବାତାୟନ ଖୋଲି
ଭାବନାରେ ମଜ୍ଜି ଯାଏ
ପରଖୁଛ କ ବା ପ୍ରିୟତମ !,ବର୍ଷା
ଦେହରେ ନିଆଁ ଲଗାଏ। ।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# ଶବ୍ଦ



ଡ. ଅର୍ଜୁନ ଚରଣ ବାରିକ୍

ଶବ୍ଦ ପୁଞ୍ଜ ଚାବି ହେଲେ ହୃଦୟ କୋଲପ
ସେ ଚାବିରେ ଖୋଲିପାରେ ଏ ସାରା ମୂଲକ
ଉପଯୁକ୍ତ ଚାବିନେଇ ହୃଦୟର ତାଲା
ଖୋଲିଦେଇ ନିମିଷକେ କରିପାରେ ମେଲା ।

ସେପରି ଉଚିତ ଶବ୍ଦର ବ୍ୟବହାରରେ
ଅପରର ମୁଖେ ତାଲା ପକାଇଣ ପାରେ
ନିଶ୍ଚୁପ ହୁଅଇ ବଦନର ବାକ୍ୟାଳାପ
ଶାଶ୍ୱତ ସେ ଶବ୍ଦ ପୁଞ୍ଜ ଚାବିର ପ୍ରତୀକ ।

ଶବ୍ଦବ୍ରହ୍ମ ନାଦବ୍ରହ୍ମ ଶକ୍ତିତା ଅମାପ
ଅସମ୍ଭବକୁ ସମ୍ଭବ କରିପାରେ ଦେଖ
ଶବଦର ଅପବ୍ୟବହାର ନକରିଣ
ସଦୁପଯୋଗରେ ଜୀବନକୁ କର ଧନ୍ୟ ।

ଅତୀତ ଅଟେ ସୁବର୍ଣ୍ଣ ତାରେ ନ ବରଜ
ବର୍ତ୍ତମାନେ କର୍ମ କରି ଭବିଷ୍ୟତ ସୃଜ
ଚିରାଚରିତ ପ୍ରଥା ଅତୀତକୁ ନ ବୋଲ
ହରାଇ ଅତୀତ ବର୍ତ୍ତମାନର କି ମୂଲ୍ୟ?

# କର୍ମ

କର୍ମ ଜୀବନର ମୂଳ କର୍ମ କରି ଚ୍ଛଲ
କର୍ମମୟ ଏ ସଂସାରେ ବିଖ୍ୱେର ସକଳ
ଜିଇଁବାର କଳା ଶିଖାଇ ଦିଏ କରମ
ଜ୍ଞାନଦାତା ଅଟେ କର୍ମ, କର୍ମ ଭଗବାନ ।
କର୍ମ କରେ ଉଚ୍ଚନୀଚ୍ଚ ଆଉ ବଡସାନ
ନକରିଣ କର୍ମ ରହି ନୁହେଁ ଏକ କ୍ଷନ
କର୍ମର ପ୍ରତୀକ ଏକା ପ୍ରଭୁ ଦେବର୍‌ଯେ
କର୍ମ କଷଣେ ଶରୀର ନର ଧରି ଥାଏ
କର୍ମ ହିଁ କରେ ସାଧବେ ମଣ୍ଡିତ ଗୌରବ
ଶବଦ ବାଗାଡମ୍ବରେ କସ ଅବା ଲ୍‌ଭ**?**
ଶଵ୍ଦ କ୍ଲିଷ୍ଟତା ବରଜି ଶାନ୍ତ ମନେ ଭବ ।
ଭ୍‌ବେ ଭ୍‌ବଗ୍ରାହୀ ଯେବେ କରିପାର ବଶ
ଜୀବନେ ପୁରି ଉଠିବ ସକଳ ସନ୍ତୋଷ
ସାହିଗ୍ୟର ଦ୍ୱାହି ଦେଇ ଶଵ୍ଦ ଗୁଳମାନ
ନଫୁଟାଇ ପୁଷ୍ଟ କର ସାହିତ୍ୟର ମାନ
ସାରସ୍ୱତ ସାଧନ ଏଥିପାଇଁ ମହାନ ।

ଅଧାପକ, ଇଂର୍‌ଜୀ ଭ୍‌ଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# କାର୍ତ୍ତିକେ ଶ୍ରୀଜଗନ୍ନାଥ ସ୍ମରଣ



ଡ. ଶକୁନ୍ତଳା ଗୁପ୍ତା

କାର୍ତ୍ତିକେ ଗ୍ଇଦାମୋଦର ବେଶେ ଜଗଦୀଶ
କରପଲ୍ଲବେ ଶୋଭବନ୍ତ କୁଙ୍କୁମ ରେଣୁ
କୀର୍ତନେ ଦଶାଙ୍ଗ ମୁକ୍ତିକୈବଲ୍ୟ ବେଣୁ

ପତହ୍ନିଗ୍ଜରେ ପୂଜି ପହ୍ନପୁଷ୍ପା ପ୍ରତ୍ୟହ
ପଢିଆରୀ ରଙ୍ଗାଧରେ କରେ ପିତାମ୍ବର ବରଣ
ପପୁଣୁଣ୍ୟକର୍ମା ଲଭଇ ପତିତପାବନ ଶରଣ

ଦ୍ୱାଦଶୀମଲରେ ଦୃଶ୍ୟ ଦିବ୍ୟଚକ୍ଷୁ ବାଘନଖମାଳ
ଦଣ୍ଡନବାରଣେ ଉଭ୍ ନାଗାର୍ଜ୍ଜୁନ ଧନୁର୍ଦ୍ଧାରୀ
ଦୁର୍ଲ୍ଲଭ ଦର୍ଶନେ ଦୁଃଖ ହରେ ବନଗୃରୀ

ଶ୍ରୀଚରଣେ କାର୍ତ୍ତିକୀ କାପ୍ତା କାପ୍ତି ପାପୂଜା
ଶ୍ରାଦ୍ଧ କରି ହବିଷ୍ୟ ଆଦି ଜପ ଦୀପଦାନ
ଶ୍ରୀଜଗନ୍ନାଥ ସ୍ମରଣେ ଆକାମାବୈ ଅର୍ଜନ

ତରସ୍ୱମନ୍ଦୀୟ ତାର ନିର୍ମାଲ୍ୟ କଣ୍ଠେ
ତରଣ୍ଡକ ତାର ନୀଳଶୈଳ ବ୍ରହ୍ମାଣ୍ଡେ
ତରପଣ୍ୟ ତାର ତୁଳସୀ ତୁଣ୍ଡେ

(ଦଶାଙ୍ଗ - ଦେବତା ପୂଜା ସମୟରେ ବ୍ୟବହୃତ ଦଶ ଗୋଟି ସୁଗନ୍ଧ ଦ୍ରବ୍ୟଦ୍ୱାର୍ ପ୍ରସ୍ତୁତ ଧୂପ

ପତ୍ରପୁଷ୍ପା - ରକ୍ତ ତୁଳସୀ; କଳାତୁଳସୀ

ଅକାମାବୈ - ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏ ଗ୍ଚରିଟି ଧର୍ମ ମାସର ଆଦ୍ୟ ଅକ୍ଷର ଦ୍ୱାର୍ ଗଠିତ ଶବ୍ଦ

ତରତ୍ସମନ୍ଦୀୟ - ବେଦର ପାବମାନ ସୂକ୍ତର ଅନ୍ତର୍ଗତ ସୂକ୍ତ ବିଶେଷ

ତରଣ୍ଡକ - ତୀର୍ଥବିଶେଷ) ଅର୍ଥରେ

**ରାଉରକେଲା**

# ଆପଲ୍ ସସ୍



ଶାନ୍ତିଲତା ମିଶ୍ର

"ଅରୁଣା"ର ପଡୋଶୀ "ମିସେସ ଉଇଲସନ୍' ଆସି ତାକୁ ଆଜି ସକାଳେ ପଗ୍ଯସ କ ଷାଠିଏ ପାଖାପାଖି ଆପଲ୍ ଏକ ବ୍ରାଉନ୍ ବ୍ୟାଗ୍ ରେ ଭର୍ତ୍ତି କରି ଦେଇଗଲେ । ଏତେ ଆପଲ୍ ସେ କଣ କରିବ । ସେମାନେ ମାତ୍ର ଦୁଇଜଣ ଘରେ ଖାଇବାକୁ । ବର୍ଷ କର ପୁଅ ସେ ବା କଣ ଖାଇବ । ମିସେସ୍ ଉଇଲସନ୍ କହିଲେ ସେ ଯାଇଥିଲେ ତାଙ୍କ ଅସୀ ବର୍ଷର ମା' ଯିଏକ କୋଭିଡ ସଂକ୍ରମିତ ପରେ ଭଲ ହୋଇ ଏବେ ନରସିଂଗ୍ ହୋମ୍ ରେ ଅଛନ୍ତି । ଏକାକୀ ଘରେ ରହିବା ମାଙ୍କ ପକ୍ଷେ ସମ୍ଭବ ହେବନାହିଁ । ସେମାନେ ତାଙ୍କ ମା ଙ୍କର ତିନ ଝିଅ କନ୍ତୁ ସମସ୍ତେ ତାଙ୍କ ଠାରୁ ଦୂରରେ ରୁହନ୍ତି । କେବଳ ସେହି ଏକା ଦେଢ ଘଣ୍ଟା ଡ୍ରାଇଭିଙ୍ଗ ଦୂରତାରେ ରୁହନ୍ତି । ତେଣୁ ସେ ପ୍ରତି ସପ୍ତାହନ୍ତେ ମା ଙ୍କୁ ଦେଖା କରିବାକୁ ଯାଆନ୍ତି ।

ମା ଙ୍କ ଘର ଏବେ ଖାଲି ପଡିଛି । ତାଙ୍କ ବଗିଚ୍ଚରେ ପାଞ୍ଚ ଟା ଆପଲ୍ ଗଛ । ଆପଲ୍ ପୁରା ଭର୍ତ୍ତି ହୋଇଛି । ତେଣୁ ସେ ଶୀତ ଆସିଯିବା ପୂର୍ବରୁ ସବୁ ତୋଳ ଆଣିଲେ କାର୍ ରେ ତାଙ୍କର ବୋଝେଇ କରି ସତ କନ୍ତୁ ଏତେ ସେ କଣ କରିବେ । ତେଣୁ ସେଇ ବସ୍ତିରେ ଥିବା ସବୁ ପଡୋଶୀ ମାନଙ୍କୁ ବାଣ୍ଟିଦେଲେ । ଅରୁଣାଙ୍କ ଭାଗରେ ବି ଏତକ ପଡିଲା । ଆପଲ୍ ଗୁଡା ବେଶ୍ ବଡ ବଡ ତ ଦେଖିବାକୁ ଓ ବହୁତ ମିଠା ବୋଲି କହୁଥିଲେ ମିସେସ୍ ଉଇଲସନ୍ । ଦିଶୁଛି ବି ଭାରି ଲୋଭନୀୟ ।

ଏତେ ଖାଇବା ତ ସମ୍ଭବ ନୁହେଁ । ତେଣୁ ଆପଲ୍ ସସ୍ କରି ଫ୍ରିଜରରେ ରଖି ଦେବାକୁ ମନସ୍ଥ କରି ଇଣ୍ଟରନେଟ୍ ରୁ ରେସିପ୍ ଖୋଜିବାକୁ ଲାଗିଲେ । ହଠାତ୍ ଫୋନ୍ ରିଙ୍ଗ ଶୁଣି ସବୁ କାମ ଛାଡି ଫୋନ୍ ଉଠେଇଲେ । କନ୍ତୁ ସେପଟର ଆବାଜ ଶୁଣି ଫୋନ୍ ରଖି ଦେବାକୁ ଇଛା ହେଉଥିଲେ ବି ଧୈର୍ଯ୍ୟର ସହିତ ଶୁଣିଲେ କଛି ଉତ୍ତର ନଦେଇ । ତା ପରେ ଧଡାସ୍ କରି ଫୋନ୍ ରଖିଦେଲେ । ଖୁଡି...ଆଜି କାହିଁକ !

ମନେ ପଡୁଥିଲା ଦୀର୍ଘ କୋଡିଏ ବର୍ଷ ତଳର କଥା । ସେତେବେଳେ ତାଙ୍କୁ ବାର ବର୍ଷ । ମମି ହଠାତ୍ ଅସୁସ୍ଥ ହୋଇ ପଡିଲେ । ଡାଡି ଦୁଇ ବର୍ଷ ତଳୁ ଚାଲି ଯାଇଥିଲେ କାର୍ ଦୁର୍ଘଟଣାରେ । ମମି ଏମିତିରେ ସବୁବେଳେ ଉଦାସ ରହୁଥିଲେ ହଠାତ୍ ଦେହ ଖରାପ ହୋଇ ଯିବାରୁ ସେ ଟିକେ ଅରୁଣାଙ୍କ ପାଇଁ ବ୍ୟସ୍ତ ହୋଇ ପଡିଥିଲେ ।

ତେଣୁ ଅରୁଣାଙ୍କୁ ତାଙ୍କ କକେଇଙ୍କ ଘରକୁ କିଛି ଦିନ ପାଇଁ ପଠେଇ ଦେଇଥିଲେ । କିନ୍ତୁ ଅରୁଣାର ସେଠାରେ ବିଶେଷ ମନ ଲାଗୁ ନଥିଲା ମମିଙ୍କ କଥା ମନେ ପଡି ସେ ସବୁବେଳେ ଦୁଃଖିତ ଓ ଅନ୍ୟ ମନସ୍କ ରହୁଥିଲା । ସେଦିନ ଖୁଡି ତାକୁ କହିଲେ ତାଙ୍କ ଦୁଇ ବର୍ଷ ପୁଅ ରମିକୁ ଆପଲ୍ ସସ୍ ଖୁଆଇ ଦେବାକୁ । ସେ ଆପଲ୍ ସସ୍ ବଟଲ୍ ରେଷେଇ ଘର ଥାକରୁ ଆଣୁ ଆଣୁ ତା ହାତରୁ ଖସି ପଡିଥିଲା । ସେଥିରେ ଛଅ ଟା କାଚ ବଟଲ୍ ଥିଲା ଜମ୍ବୁ ତଳେ ପଡି ବଟଲ୍ ଭାଙ୍ଗି ଯାଇଥିଲା । ଖୁଡିଙ୍କ ରାଗ ଦେଖେ କିଏ । ଦୁଇ ଦିନ ପୂର୍ବରୁ ରମି ସୋଫାରୁ ତଳକୁ ପଡି ଯାଇଥିଲା ତାକୁ ଖୁଡି ଜଗିବା କାମ ଦେଇଥିଲେ ଯେତେବେଳେ ।

ସବୁ ରାଗ ଏକାଠି ମିଶିଗଲା ପରେ ତା ପର ଦିନ କକେଇ ଆଣି ତାକୁ ମମିଙ୍କ ପାଖେ ଛାଡି ଦେଇ ଯାଇଥିଲେ । ସେଦିନ ଖୁଡିଙ୍କ ରଡ ରଡ ଆଖି ଦି ଟାକୁ ଦେଖି ସେ ଭିଷଣ ଡରି ଯାଇଥିଲା । ଏପରି ଆଖିର ଚାହାଣି ସେ କେବେ ଦେଖି ନଥିଲା ଆଗରୁ । ବହୁତ ଦିନ ଯାଏ ସେ ଆଖିକୁ ମନେ ପକେଇ ରାତିରେ ଶୋଇ ପାରି ନଥିଲା । ଭଲ ହେଲା କକେଇ ଆଣି ତାକୁ ଘରେ ଛାଡି ଦେଇ ଗଲେ ମମି ପାଖରେ । ମାତ୍ର ପନ୍ଦର ଦିନ ରହିଲା ପରେ । କିନ୍ତୁ ସେ ପନ୍ଦର ଦିନ ତାକୁ ପନ୍ଦର ବର୍ଷ ପରି ଲାଗିଥିଲା ।

ମମଙ୍କୁ କ୍ୟାନସର ହେବା କଥା ଜଣା ପଡିବା ପରେ ସେ ଅରୁଣା ପାଇଁ ବଡ ବ୍ୟସ୍ତ ହୋଇ ପଡିଥିଲେ। ଭାବୁଥିଲେ ସେ ଚାଲିଗଲା ପରେ ହୁଏତ ଅରୁଣା ତା କକେଇଙ୍କ ପାଖରେ ରହିଯିବ । ସେଥିପାଇଁ ତାକୁ ସେଠାକୁ ପଠେଇଥିଲେ । କିନ୍ତୁ ଏବେ ଲାଗୁଛି ତାଙ୍କ ଅନୁମାନ ଠିକ୍ ନୁହେଁ । ଅରୁଣା ପାଇଁ ଅନ୍ୟ ବ୍ୟବସ୍ଥା କରିବାକୁ ପଡିବ । ମମି ଯେତେ ପାରିଲେ ନିଜର ଯତ୍ନ ନେବାକୁ ଚେଷ୍ଟା କଲେ ସେ ଯଦି ଆଉ କିଛି ବର୍ଷ ବଞ୍ଚି ଯାଆନ୍ତେ ଅରୁଣାକୁ ସାହାଯ୍ୟ କରି ପାରନ୍ତେ ।

ବହୁ କଷ୍ଟରେ ମମି ଛଅ ବର୍ଷ ବଞ୍ଚିଲେ ଯଦିଓ ଅରୁଣା ପାଇଁ ସେ ଦିନ ଗୁଡିକ ବିତେଇବା ଏତେ ସହଜ ନଥିଲା । ସ୍କୁଲ ମମିଙ୍କ ଦେଖା ରଖାରେ ସେ ଛଅ ବର୍ଷ କେମିତି ବିତିଛି ସେ

କଥା କେହି ଅନୁମାନ ବି କରି ପାରିବେନ । ଦିନେ ବି କକେଇ ଖୁଡି ଆସି ନାହାଁନ୍ତି ତାକୁ ଦେଖିବାକୁ ବା ଫୋନ୍ କରି ନାହାଁନ୍ତି ଦିନେ । ପଗ୍ଭରି ନାହଁନ୍ତି ସେମାନେ କେମିତି ଅଛନ୍ତି ବୋଲି ।

ସେଦିନ ଥିଲା ଦୁର୍ଗା ପୂଜା । ମମି ତାକୁ ପ୍ରତି ବର୍ଷ ନକଟରେ ଥିବା ଏକ ଭାରତୀୟ ହିନ୍ଦୁ ମନ୍ଦିରକୁ ନେଇକରି ଯାଆନ୍ତି । ସେଠାକାର ଗହଳ ପୂଜା, ଭଜନ ତାକୁ ସବୁ ଭଲ ଲାଗୁଥିଲା। ସେ ମମିଙ୍କର ଶିଘ୍ର ଆରୋଗ୍ୟ କାମନା କରି ସବୁବେଳେ ଫେରୁଥିଲା । କନ୍ତୁ ସେ ବର୍ଷ ସେ ଆଉ ଯାଇ ପାରିନଥିଲା ମନ୍ଦିରକୁ । ମମିଙ୍କ ସ୍ୱାସ୍ଥ୍ୟ ଭୀଷଣ ଖରାପ ଆଡକୁ ଗତି କରିବାରୁ ସେ ହସ୍ପିଟାଲରେ ଥିଲେ ଓ ସେଇ ଦିନ ହିଁ ଶେଷ ନଶ୍ୱାସ ତ୍ୟାଗ କଲେ ।

ଦୁଃଖର ପାହାଡ ଭାଙ୍ଗି ପଡିଥିଲେ ବି ତା ଉପରେ, ମମି ବାରମ୍ବାର ବୁଝେଇ କହିକ ଯାଇଥିଲେ ନକାନ୍ଦିବାକୁ । କାରଣ ଏଇ ହଉଛି ଜୀବନ । ତାକୁ କେବଳ ଧୈର୍ଯ୍ୟର ସହିତ ମୁକାବିଲା କରିବାକୁ ହୁଏ। ପ୍ରତି ପରିବେଶ, ପରିସ୍ଥିତି କେବଳ ନୂଆ ଅନୁଭୂତି ଆଣିଦିଏ । ତାକୁ ସଂଗ୍ରହ କରି ସାଇତି ରଖିବାକୁ ପଡେ । ଯେତେ କଷ୍ଟ ହେଉ ପଛେ ବଞ୍ଚିବାକୁ ହୁଏ । ପାଠ ପଢା କେବେ ବି ଛାଡିବୁନ । ଯେମିତି ସେମିତି ହେଉ କଲେଜ ଶେଷ କରିବୁ ।

ଅନେକ ଝଡ ତାକୁ ଅତିକ୍ରମ କରି ଗ୍ଭଲିଗଲେ ଗ୍ଭହୁଁ ଗ୍ଭହୁଁ। କନ୍ତୁ ମମିଙ୍କ କଥାକୁ ମନେ ରଖି ସେ ପଢା ଜାରି ରଖିଲା । କେବେ ମ୍ୟାକଡୋନାଲଡ ତ କେବେ ବରଗର କଙ୍ଗ୍ ରେ କାମ କରି ଗ୍ଭରିବର୍ଷର କଲେଜ୍ କୁ ସେ ଛଅ ବର୍ଷରେ ଶେଷ କଲା ସତ କନ୍ତୁ ମମି କଥାକୁ ସମ୍ମାନ ଦେଇ ଅବାଟରେ ଗୋଡ ଖସେଇ ନଥିଲା । କଲେଜ ସାଙ୍ଗ ଶିବମ୍ କୁ ବିବାହ କରିଥିଲା । ତା ଜୀବନରେ ଦୁଃଖ ଆସିଲେ ମମି ଯେତିକ ମନେ ପଡନ୍ତି ସୁଖ ଆସିଲେ ତା ଠୁ ଅଧିକ ମନେ ପଡନ୍ତି ।

ବିବାହ ଦିନ ସେ ବହୁତ କାନ୍ଦିଥିଲା । ଅନେକ ଦିନରୁ ଜମାଣ୍ଟ ବାନ୍ଧି ରହିଥିବା ମେଘ ଟା ସେଦିନ ଶିବମ୍ ପରି ଏକ ସମବେଦନାଶୀଳ ହୃଦୟ ପୂର୍ଣ ବନ୍ଧୁଟିଏ ପାଇ ତା କାନ୍ଧ ଉପର ଦେଇ ବରଷି ଯାଇଥିଲା । ଶିବମ୍ ବି ତାକୁ ରୋକ ନଥିଲା । ଶେଷ ବିନ୍ଦୁ ଲୁହ ଝରି ଶୁଖିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲା ।

ସେଦିନଠୁ ତାର ସୁଖର ସଂସାର ଆଗେଇ ଚାଲିଛି । କିନ୍ତୁ ଆଜି ହଠାତ୍ ଖୁଡିଙ୍କ ଫୋନ୍ ପାଇ ସେ ଆଶ୍ଚର୍ଯ୍ୟ । କକେଇ ହାର୍ଟ ଆଟାକ୍ ରେ ଚାଲିଗଲେ ଗଲା ମାସରେ । ସେ ବାଥରୁମରେ ଗୋଡଖସି ଗୋଟାଏ ଗୋଡ ଭାଙ୍ଗି ଏବେ ବହୁ କଷ୍ଟରେ ଅଛନ୍ତି । ଦୁଇ ପୁଅ କେହି ପାଖରେ ନାହାଁନ୍ତି କି ତାଙ୍କ ଖବର ନଉ ନାହାଁନ୍ତି । ତାଙ୍କର ଏବେ ଅରୁଣାର ସାହାଯ୍ୟ ନିହାତି ଦରକାର ।

ହସିବ କି ରାଗିବ କି ଖୁଡିଙ୍କୁ ମନ ଇଚ୍ଛା ଗାଳିଦେବ, ସେଦିନ ଯେପରି ସେ ଦେଇଥିଲେ ତାଙ୍କୁ କିଛି ବୁଝି ପାରିଲାନି । ଆଜି ଝିଅ ମନେ ପଡିଗଲା । ଅରୁଣା ଏକ ମାତ୍ର ଝିଅ ସେ ପରିବାରର ବୋଲି ସକେଇ ସକେଇ ଖୁଡି ଯେତେବେଳେ କାନ୍ଦିକି କହୁଥିଲେ ବହୁତ କିଛି ଶୁଣେଇ ଦେବାକୁ ଇଚ୍ଛା ହେଉଥିଲେ ବି ସେ ଚୁପ୍ ରହିଗଲା ।

ରାତି ସାରା ଅନେକ ଭାବିଲା ପରେ ତା ପର ଦିନ ସକାଳୁ ଦୁଇ ବଡ ବୋତଲ ଆପଲ୍ ସସ୍ ଧରି ସେ ବାହାରିଗଲା ଖୁଡିଙ୍କ ପାଖକୁ । ତାଙ୍କୁ ତାଙ୍କ ଆପଲ୍ ସସ୍ ଫେରେଇବାର ଅଛି । ତେବେ ଯାଇ ତା ମନରୁ ସେ ତିକ୍ତତା ଯିବ । ଶିବମ୍ ତା ବିଚାରକୁ ସମ୍ମାନ ଜଣେଇ ପୁଅକୁ ରଖିବାର ପ୍ରତିଶୃତି ଦେଇ ତାକୁ ଏକାକୀ ଯିବାକୁ ଦେଇଥିଲେ । ଆଠ ଘଣ୍ଟାର ଡ୍ରାଇଭିଙ୍ଗ ଦୂରତାରେ ଖୁଡି ରହୁଥିଲେ । ଖୁଡିଙ୍କର ଦେଖାରଖା ବା ସେବାରେ ସମୟ ବିତେଇବା ପାଇଁ ତା ପାଖେ ସମୟ ନାହିଁ । ତାଙ୍କ ଆପଲ୍ ସସ୍ ଫେରେଇବାକୁ ସେ ଯାଇଥିଲା କେବଳ । ସେ ଜାଣିଥିଲା ଏଇଟା ତାଙ୍କର ଶେଷ ଦେଖା କିନ୍ତୁ କିଛି କହି ନଥିଲା । ତାଙ୍କ ଅନୁରୋଧ ରକ୍ଷା କରି ରାତିକ ରହି ନଥିଲା ବି । ହୋଟେଲରେ ରାତ୍ରି ଯାପନ କରି ତା ପର ଦିନ ଫେରି ଆସିଥିଲା ।

ମମି କହିକି ଯାଇଥିଲେ ମଣିଷ କୌଣସି ପରିସ୍ଥିତିରେ ତାର ମଣିଷତ୍ୱ ହରେଇବା ଠିକ୍ ନୁହେଁ । ସେଥିପାଇଁ ସେ ଖୁଡିଙ୍କୁ ଦେଖା କରିବାକୁ ଚାଲି ଆସିଲା । ମମିଙ୍କ ସେଦିନର କଥା ତାର ପୁରା ମନେଅଛି, ଯେତେ ବଡ ଶତ୍ରୁ ହଉ ଯଦି ତା ଅହଂ ଭାବ ଛାଡି ସାହାଯ୍ୟ ମାଗେ, ତେବେ ସାହାଯ୍ୟ କରିବାକୁ କେବେ କୁଣ୍ଠା ବୋଧ କରିବୁନି । ଫେରିବା ପୂର୍ବରୁ ଖୁଡିଙ୍କ ପାଇଁ ଏକ କେୟାର ଟେକର୍ ର ବ୍ୟବସ୍ଥା କରି ଦେଇ ଗଲା । ହଁ ମାନବିକତା ଦୃଷ୍ଟିରୁ ସେ ସେତିକି ମାତ୍ର କରି ପାରି ଥିଲା । ଅଧିକ କିଛି କରିବାକୁ ଇଚ୍ଛୁକ ନୁହେଁ ।

ରଚେଷ୍ଟର, ମିନେସୋଟା

# ଜୟ ମା ଦୁର୍ଗା ଦୁର୍ଗତି ନାଶିନୀ



ବାସନ୍ତୀ ଲତା ଜେନା

ଦାନବ ରାଜନ ମହିଷା ସୁର ସେ
ଘୋର ଜଙ୍ଗଲକୁ ଗଲେ
ବୃକ୍ଷ ମୂଳେ ବସି ତପସ୍ୟା କରିଣ
ବ୍ରହ୍ମାଙ୍କୁ ସନ୍ତୁଷ୍ଟ କଲେ ।୧।
ବ୍ରହ୍ମ ଦେବ ଠାରୁ ଅମର ବର ଯେ
ମହିଷା ସୁର ମାଗିଲେ
ଅମର ବର ଯେ ଦେବା ପାଇଁ ବ୍ରହ୍ମା
ମନା କରି ଦେଇ ଥିଲେ ।୨।
ଏହା ଶୁଣି ସୁର ବର ମାଗି ଥିଲେ
କେଉଁ ଥିରେ ନ ମରିବି
ସ୍ୱର୍ଗ ମର୍ତ୍ତ୍ୟ ଆଉ ପାତାଳ ପୁରରେ
ତ୍ରିପୁର ବିଜୟୀ ହେବି ।୩।
ତଥାସ୍ତୁ କହିଲେ ପିତା ବ୍ରହ୍ମ ଦେବ
ବିବସନା ନାରୀ ହସ୍ତେ
ମରଣ ହୋଇବ ନିଶ୍ଚୟ ତୋହର
ମନେ ରଖି ଥିବୁ ସତେ ।୪।
ଅଟହାସ୍ୟ କଲା ପାପିଷ୍ଠ ମହିଷା
ଅବଳା ଦୁର୍ବଳା ନାରୀ
ତ୍ରିପୁର ବିଜୟୀ ମହା ବୀର ମୁହିଁ
ନାରୀ ନ ପାରିବ ମାରି ।୫।

ଶୁମ୍ଭ ନିଶୁମ୍ଭ ଚଣ୍ଡ ମୁଣ୍ଡ ମହିଷା
ମନ୍ତ୍ରଣା ଯେ କରୁ ଥିଲେ
ସ୍ୱର୍ଗ ପୁର ଆକ୍ରମଣ କରିବାକୁ
ଯୋଜନା ଯେ ସ୍ଥିର କଲେ ।୬।
ନାରଦ ମୁନି ଯେ ପହଂଚ ସେଠାରେ
ଯୁଦ୍ଧ ବାରଣ କରିଲେ
ପାରିଜାତ ପୁଷ୍ପ ଉଚେଶ୍ରବା ରମ୍ଭା
ଐରାବତ ମାଗ ଭଲେ ।୭।
ଚଠି ଲେଖି କରି ମହିଷା ଅସୁର
ଧୂମ ଲୋଚନକୁ ଦେଲେ
ଇନ୍ଦ୍ର ତାହା ପଢି କ୍ରୋଧିତ ହୋଇଲେ
ରାକ୍ଷସ ଦୂତ ବଢିଲେ ।୮।
ଦୁଃସମ୍ବାଦ ଶୁଣି ମହିଷା ଅସୁର
କ୍ରୋଧରେ ସେ ଜଳି ଗଲେ
ଶୁମ୍ଭ ନିଶୁମ୍ଭ ରକ୍ତ ବିଜ ସହିତ
ନିଜେ ମଧ ଯୁଦ୍ଧ କଲେ ।୯।
ସବୁ ଦେବତାଙ୍କୁ ଯୁଦ୍ଧରେ ହରାଇ
ସ୍ୱର୍ଗ ପୁରୁ ତଡି ଦେଲେ
ମେରୁ ପର୍ବତରେ ଦେବତା ଲୁଚଲେ
ବିଷ୍ଣୁଙ୍କୁ ପ୍ରାର୍ଥନା କଲେ ।୧୦।
ବ୍ରହ୍ମା ମହିଷାର ମୃତ୍ୟୁ ଭୁଲି ଥିଲେ
ମନେ ପକାଏ ନାରଦ
ବିବସନା ନାରୀ ହାତରେ ମରିବ
ଶାନ୍ତ କର ତୁମେ ହୃଦ ।୧୧।
ସବୁ ଦେବତାଙ୍କ କ୍ରୋଧାଗ୍ନିରୁ ଜାତ
ହୋଇଲେ ଯେ ଆଦ୍ୟାଶକ୍ତି

ଦେବ ଗଣ ମାନେ ନଜ ଅସ୍ତ୍ର ଦେଇ
ଭରି ଦେଲେ ମହା ଶକ୍ତି ।୧୨।
ଦୁର୍ଗତି ନାଶିନୀ ମୋହିନୀ ବେଶରେ
ରତ୍ନ ଗିରିକୁ ଯେ ଗଲେ
ଶୁମ୍ଭ ନଶୁମ୍ଭ ଚଣ୍ଡ ମୁଣ୍ଡ ସାଥିରେ
ଧୁମ ଲୋଚନ ନାଶିଲେ ।୧୩।
ମହିଷା କ୍ରୋଧରେ ଜର୍ଜରିତ ହୋଇ
ରତ୍ନ ଗିରିକୁ ଯେ ଗଲେ
ମୋହିନୀ ସଙ୍ଗରେ ସଂଗ୍ରାମ କରିଣ
ମାତାଙ୍କୁ ଯୁଦ୍ଧେ ହାରିଲେ ।୧୪।
ଦିବ୍ୟ ବାଣୀ ହେଲା ଆକାଶ ମାର୍ଗରୁ
ବିବସନା ଦେବୀ ହେଲେ
କାମନା ଆତୁର ମହିଷା ସୁରକୁ
ସିଂହ ବାହିନୀ ବଧିଲେ ।୧୫।
ଜୟ ମା' ଦୁର୍ଗା ଦୁର୍ଗତି ନାଶିନୀ
ବର୍‌ଭୟ ସିଦ୍ଧି ଦାତ୍ରୀ
ଅଧର୍ମ ଉପରେ ଧର୍ମର ବିଜୟ
କରିଲ ମା' ଭଗବତୀ ।୧୬।
ସତ୍ୟ ସନାତନୀ ପାପୀଠ ହରିଣୀ
ମାଆ କରୁଣା ଦାୟିନୀ
ଶାନ୍ତି ପ୍ରଦାୟିନୀ ଅଭୟ ଦାୟିନୀ
କ୍ଷମାମୟୀ ତୁ ଜନନୀ ।୧୭।

ଗାନ୍ଧୀନଗର, ନବରଙ୍ଗପୁର

# ଅତୀତକୁ ମୁହିଁ ଝୁରୁଛି



ଶିଶିର କୁମାର ପଣ୍ଡା

କାହିଁକି କେଜାଣି ଝାଟିମାଟି ଘର
ଏଯାଏ ପାରୁନ ଭୁଲୁଛି
ତିନତାଲା କୋଠା ଏସିରେ ଥାଇ ବି
ସେଦିନ ଗୁଡ଼ାକୁ ଝୁରୁଛି ।
ରସାକଷା ଆଉ ପସନ୍ଦ ହଉନ
ମନ ଯାଇ ଶାଗ ମୁଗରେ
ହେଲେ ବା କେମିତି ପାଇବି ଏସବୁ
ଆଜି ଏ ଭେଜାଲ ଯୁଗରେ ?
ପଖାଳ ଭାତକୁ ଭାରି ମନ ଡାକେ
ବଡ଼ିଚୁରା ଥିବ ସାଥିରେ
ପେଟଭରି ଖାଇ ହାକୁଟି ମାରିକି
ଶାନ୍ତିରେ ଶୁଅନ୍ତି ରାତିରେ ।
ଡାକତର ବାବୁ ବାରବାର ମତେ
କରନ୍ତି ଆସିକି ବାରଣ
ସନ୍ତୁଳିତ ଖାଦ୍ୟ ଏଇ ବୟସରେ
ନିରୋଗୀ ହେବାର କାରଣ ।
ତଥାପି ମନଟା ମାନେନା ଏସବୁ
ହୋଇଯାଏ ଉଡ଼ା ଚଢ଼େଇ
କିଏ ନେଲା କୁହ ସୁଖଦ ସେଦିନ
ଆଜି ମୋଓ ଠାରୁ ଛଡ଼େଇ !

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

# ଦୁଇଟି ପ୍ରେମ ଗାଥା



ଆଶୁତୋଷ ମେହେର

## ଦରିଆପାରି ସଖି

ଏକାଏକା ଏଠି ସମୁଦ୍ର କୂଳରେ ଖୋଜୁଛି ମୋ ଦୁଇ ଆଖି
ଟାଣି ଆଣିଥିଲା ସାଗର କନ୍ୟା ସେ ଲୁଚଲା କେଉଁଠି ଯାଇ?
ଦୂର ସେ ପାହାଡ ବଣ କନ୍ଦରରୁ ତା'ପାଇଁ ଆସିଲି ଝରି
ବିଲ ବାଡ ଡେଇଁ ବାଟକୁ ଅବାଟ ନଜର କୁ ପର କରି।
ହସରେ ତାହାରି ହୁଡିଲି କ ପଥ ଆତୁର ନପାରି ବୁଝି
କେଉଁ ଜନମରୁ ଅଧା ରହିଥିଲା ନ ପାରି ତା' ଋଣ ଶୁଝି?
ଅଭିମାନ ମନେ ଲୁଚଲା କେଉଁଠି ନପାରେ ସତେ ମୁଁ ଦେଖି
ସୁଖେ ହେଲେ ଥାଉ ହସ ଲହରୀରେ ଦରିଆ ପାରିର ସଖି।

## ପ୍ରେମିକା ବାମା

କହିବାର କଥା କହି ସାରିଲିଣି ହୃଦୟ ତଳର ବ୍ୟଥା
ଲେଖି ଦେଲି ପର୍ କଲମ ମୁନରେ ଜୀବନ ର ପ୍ରେମ ଗାଥା ।
ବୁଝିବାର ଲୋକ ଅବୁଝା ହୋଇଲେ ବାଟ ହୋଇ ଯାଏ ବଙ୍କା
ବାଟୋଇ ବିଚ୍ଛର୍ ଦିଗହର୍ ହୁଏ ମନେ ଭରି କେତେ ଶଙ୍କା।
ତଥାପି ତ ଭଲ ଏକା ଗ୍ଭଲିବାରେ ସାଥୀ ହୀନ ମାଧୁରିମା
ସ୍ମୃତିର ବାସନା ମହମହ ବାସେ ସେଇ ତ' ପ୍ରେମିକା ବାମା।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ସନ୍ତୁଳିତ ନୀରବତା



ଅଳକା ମହାନ୍ତି

ନଉଜ ପେପର ସକାଳୁ ଆସୁ ଆସୁ ସୁଭଦ୍ରା ଆଗ ହାତରେ ନେଇ ଯାଆନ୍ତି। ପୁଅ ବୋହୂ ପିଲ୍ମାନେ ଆଜିକାଲି ଆଉ ବଡିଭୋର୍ କଣ ଜାଣନ୍ତି ନାହିଁ। ପିତାଙ୍କ ବିୟୋଗ ପରେ ସୁଭଦ୍ରା ନିଜ ବହୁତଳ ପ୍ରାସାଦ ରେ ଏକା ଗୃକର ବାକର ସହିତ ନ ରହିବାକୁ ନିଷ୍ପତ୍ତି ନେଇ ପୁଅ ପାଖକୁ ଭୁବନେଶ୍ୱରସ୍ଥିତ ବାସ ଭବନ କୁ ଗ୍ଲି ଆସିଛନ୍ତି। ଗାଁ ପରି ବଡ଼ ଅଗଣା ନାହିଁ କି ଅଗଣା ରେ ବସି ସାହି ପଡିଶା ମାନଙ୍କ ସହିତ ଆଳାପ ଆଲୋଚନା କରିବାର ନାହିଁ। ହେଲେ ନିଜକୁ ନିଜେ ସମ୍ଭାଳିବାକୁ ସୁଭଦ୍ରା ଙ୍କ ପାଖରେ ଆଉ ଶକ୍ତି ନଥିଲ୍। ହେଉ ପଛେ ଗୋଟିଏ ରୁମ୍, ହେଲେ ସକାଳ ସନ୍ଧ୍ୟା ରେ ତ ପୁଅ କୁ ଦେଖୁଥିଲେ, ନାତି ନାତୁଣୀ ଓ ବୋହୂର ସାନ୍ନିଧ୍ୟ ରେ ଟିକଏ ଆଶ୍ୱସ୍ତି ଲ୍ଭ କରୁଥିଲେ ସେ। ପେପର ଟି ଲେଉଟାଇ ପଢୁ ପଢୁ ଦେଖିଲେ, "ସମୟରେ ଖାଇବାକୁ ନ ଦେଇ ପାରିବାରୁ ଶାବଳ ରେ ପିଟି ସ୍ୱାମୀ ର ସ୍ତ୍ରୀ କୁ ହତ୍ୟା।" କି ଆଶ୍ଚର୍ଯ୍ୟ କଥା। ର୍ଗ ବ୍ରହ୍ମ ଚଣ୍ଡାଳ, ଯେବେ ଦ୍ୱାର ଦେଶ କୁ ଆସେ ତେବେ ବିବେକ ଦ୍ୱାର ଛାଡ଼ି ଗ୍ଲିଯାଏ। ହେଲେ ସ୍ତ୍ରୀ କଣ ମାଡ଼ ଖାଇବା ଯୋଗ୍ୟ।**??** ମନ କୁ ସମ୍ଭାଳ ପାରି ନଥିଲେ ସେ। ନିଜ ଆଖିରେ ବହୁ ପୁରୁଣା କଥା ଚଳଚ୍ଚିତ୍ର ପରି ଭ୍ସି ଉଠୁଥିଲ୍। ସେ ଦିନମାନଙ୍କର କରୁଣ କାହାଣୀ ସୁଭଦ୍ରା ଙ୍କ ଗ୍ରାମବାସୀ ତଥା ପିତା ମାତା ଭ୍ଇ ଙ୍କ ଛଡ଼ା କେହି ଜାଣି ନଥିଲେ। ସେ ଯୁଗରେ ପାଲିଙ୍କି ଚଢ଼ା ବାହାଘର କରି, ନାନା ଆଡମ୍ବର ରେ, ମହଣ ମହଣ ସ୍ୱର୍ଣ୍ଣ ରୌପ୍ୟ ର ଉପହାର ଦେଇ ବିଭ୍ଘର କରିଥିଲେ ତାଙ୍କ ପିତା ଦିବାକର ପଟ୍ଟନାୟକ। ସ୍ୱାମୀ ଲକ୍ଷ୍ମଣାନନ୍ଦ ମହାନ୍ତି ଦେଖିବାକୁ ଯେତିକି ତେଜୀୟାନ ସେତିକି ରୁଷ୍ଟ ସ୍ୱଭ୍ବ ର ଥିଲେ। ସୁଭଦ୍ରା ଧନୀ ଘର ଝିଅ ବୋଲି ଶାଶୂ ନଣନ୍ଦ, ସ୍ୱାମୀ, ଦିଅର ନିଜର ହୀନମନ୍ୟତା କାରଣ ରୁ ତାଙ୍କୁ ଈର୍ଷା କରୁଥିଲେ। ହେଲେ ନୂଆ ହୋଇ ଆସିଥିବା ଶୋଳବର୍ଷ ର ତରୁଣୀ କେବଳ ପତି ପ୍ରେମ ରେ ଲୀନ ହୋଇ ଖୁସି ରେ ଦିନ କାଟିବା ଆରମ୍ଭ କରିଦେଇଥିଲେ। ଶାଶୂଘରେ ଏମିତି

କୁହା କୁହି ହେବା ଏକ ସାଧାରଣ ପରମ୍ପରା ଭାବରେ ସେ ସମୟର କନ୍ୟା ମାନେ ଆଦରି ନେଇଥାନ୍ତି ବୋଧହୁଏ। ତେଣୁ ଛୋଟ ଛୋଟ ରାଗ୍ ଚୋକ କଥା କୁ ସେ ଭ୍ରୁକ୍ଷେପ କରନ୍ତିନ। ନୂଆ ଘର, ନୂଆ ବର, ବାଲ୍ୟ କାଳ ର କଛି ସ୍ୱପ୍ନ କୁ ସାଥୀରେ ଧରି ନଜର ନୂତନ ଜୀବନ ର ଆଶା କୁ ସେ ବଳବତ୍ତର କରି ସାରିଥାନ୍ତି। ସେ ସମୟରେ ବିବାହ କରି ମାଆ ର ବିନା ଅନୁମତି ରେ ସ୍ତ୍ରୀ କୁ ସାଥିରେ ନେଇ ଯିବା ଏକ ଅପରାଧ ପରି ମନେ ହେଉଥାଏ । କଣ କରିବେ ନଜର ନବ ବିବାହିତା, ସୁନ୍ଦରୀ ତରୁଣୀକୁ ଛାଡ଼ି ସ୍ୱାମୀ ଅତି ସନ୍ତର୍ପଣରେ ଘରୁ ଚାଲି ଆସିଲେ ନଜର କର୍ମସ୍ଥଳ କୁ। ଘରେ ଏକା ମାତ୍ର ସାନ ଭାଇ ସହିତ ମା ଆଉ ସୁଭଦ୍ରା । ଲକ୍ଷ୍ମଣ ବାବୁ ଙ୍କ ଉପରେ ଘର ର ସମସ୍ତ ଦାୟିତ୍ୱ। ଭାଇ ଏବର୍ଷ ପ୍ରଥମ କରି କଲେଜ ଯାଇଛି। ତାର ପଢା, ଘର ର ସବୁ ଦାୟିତ୍ୱ । ଘରେ ପିଉସୀ ଙ୍କ ଝିଅ ମଧ ରହି ପଢା ପଢ଼ି କରେ। ପିଉସା ଙ୍କର ମୃତ୍ୟୁ ପରେ ତାର ପାଠ ପଢା ଦାୟିତ୍ୱ ବି କେହି ନେବାକୁ ନଥାନ୍ତି। ନଜ ପିତାଙ୍କୁ ହରାଇ ଥିଲେ ମଧ ନଜେ ପାଠ ପଢି ନଜ ଗୋଡ଼ରେ ଠିଆ ହୋଇ ପୁରା ଘରେ ପାଞ୍ଚ ଜଣଙ୍କ ସମସ୍ତ ଦାୟିତ୍ୱ ନେଉଥିଲେ ଲକ୍ଷ୍ମଣ ବାବୁ।

ଦିନ ଯାଏ, ପତି ଙ୍କ ଅନୁପସ୍ଥିତିରେ ନଜ ପିତା ମାତା ଭାଇ ଭଉଣୀ ଙ୍କୁ ଝୁରି ହୁଅନ୍ତି ସୁଭଦ୍ରା। ଘରେ ଦୁଇଟି ନବ ଯୁବକ ଯୁବତୀ ଙ୍କ ସହିତ ହସ ଖେଳ କରିବାକୁ ବି ସମୟ ପାଆନ୍ତି ନାହିଁ ସୁଭଦ୍ରା। ଘରେ ଯାବତୀୟ କାମ ଶାଶୁ ତାଙ୍କ ଉପରେ ନ୍ୟସ୍ତ କରି କେବଳ ଦାଣ୍ଡ ବାହାର କାମ ଦେଖନ୍ତି। ଷୋଡ଼ଶୀ କନ୍ୟା ବଧୂ ରୂପେ ଶାଶୁଙ୍କ ଇଙ୍ଗିତ ରେ ଚାଲିବାକୁ ବାଧ ହୁଅନ୍ତି। ଅଭିଆଡି ଝିଅ ଟିକୁ ସାଥିରେ ଧରି ରାତିରେ ଶୁଅନ୍ତି ସୁଭଦ୍ରା।

ବିନା ପତି ରେ ଶାଶୁଘର କଣ୍ଟକତ ମନେ ହେଉଥିଲେ ମଧ ନା ପିତାଙ୍କ ଘର ଯାଇ ହୁଏ ନା ସ୍ୱାମୀ ଙ୍କ ପାଖକୁ। ଗଣେଶ ପୂଜା ଛୁଟିରେ ନଣନ୍ଦ ସୁକାନ୍ତି ପଳାନ୍ତି ନଜ ଗାଁ କୁ କଛି ଦିନ ପାଇଁ। ପତି ବିରହିଣୀ ସୁଭଦ୍ରା ଏବେ ଏକା ଏକା ରାତ୍ରୀ ର ନସଂଗତା କୁ ସହ୍ୟ କରିବାକୁ ବାଧ। ଦିବସଭର କର୍ମ ରେ ଲିପ୍ତ ରହିବା ପରେ ରାତ୍ର ରେ ଗଭୀର ନଦ୍ରା ରେ କେବେ ଶୋଇ ପଡନ୍ତି। ଶ୍ରାବଣ ମାସ ର ସେ ରାତ୍ରୀ। ଘୋର ଗର୍ଜନ କରି ଚାରି ଦିଗକୁ ଅଛନ୍ନ କରି ଅବାରିତ ଜଳ ଧାରା, ଘଡ଼ ଘଡି ବିଜୁଳ ସହିତ ବର୍ଷା ଚାଲିଥାଏ। ନଜ ବିଛଣା କୁ ସଜାଡି ଦେଇ ନଜ ରୁମ୍ ର କବାଟ କୁ ଶିକୁଳ ଲଗାଇ ଶୋଇବାକୁ ଯିବା ମାତ୍ରେ ତାଙ୍କୁ ନଦ ହୋଇ ଯାଇଥାଏ। ଯୌବନ ର ପ୍ରଥମ ପାହଚରେ ପାଦ ପକାଇବା ପରେ ପରେ ହିଁ

ଶାଶୁ ତିନ ଗ୍ରରି ଭଦ୍ରଲୋକ ସହିତ ବିବାହ ପ୍ରସ୍ତାବ ଆଣି ତାଙ୍କୁ ବୋହୂ କରି ନେଇ ଆସିଲେ। ବହୁତ୍ ଶୀଘ୍ର ପିତା ମାତା ଭାଇ ଭଉଣୀ ଙ୍କ ଠାରୁ ନଜର ଅନିଚ୍ଛା ସତ୍ତ୍ୱେ ଅଲଗା ହେବାକୁ ପଡ଼ିଲା। ଇଚ୍ଛା ଥିଲା ଆଉ କେତେ ଦିନ ସେ ଘର ଅଗଣା ରେ ରହିବାକୁ। ବିଧିର ବିଧାନ କୁ ଆବୋରି ଗ୍ରଲି ଆସିଥିଲେ ସୁନା ନାକୀ ଝିଅ ସୁନା ନାକୀ ବୋହୂ ହୋଇ। ଯୌବନର କାଉଁରୀ ସ୍ପର୍ଶରେ ଭରପୁର କଳକା ଟି ନଜର ନୀଡ ସର୍ଜନା କରିବାର ଅସୁମାରୀ ସ୍ୱପ୍ନ ନେଇ ସ୍ୱାମୀଙ୍କ ବିଶାଳ ହୃଦୟ ଆଉ ସଶକ୍ତ ବାହୁର ପ୍ରଲୋଭନରେ ଆଗେଇ ଆସିଥିଲେ। ହେଲେ ସ୍ୱାମୀ ଙ୍କ ବିନା ସେ କେବଳ ଯନ୍ତ୍ରଗ୍ରଳତ ପରି କାମ କରିବା ପାଇଁ ହିଁ କରୁଥିଲେ। ହେଲେ ଜୀବନ ଟା ସଂଜ୍ଞା ହୀନ ପରି ମନେ ହେଉଥାଏ। ପ୍ରତିଟି ଗ୍ରତ୍ରୀ ତକିଆ ଭିଜା ଲୁହ ର ମୁଖ ସାକ୍ଷୀ ହୋଇ ରହିଥାନ୍ତି। ସେଦିନ ସେ ବର୍ଷା ଭିଜା ଗ୍ରତ୍ରୀରେ, ଲଣ୍ଠନ ର କ୍ଷୀଣ ଆଲୋକରେ ସେ ଦେଖୁଛନ୍ତି, ଯେମିତି ସ୍ୱାମୀ ସେ ଶିକୁଳ କୁ ଗୋଟେ ଛୋଟ ବାଡ଼ି ର ସହାୟତା ରେ ଆପେ ଆପେ ଖୋଲି ଅତି ଧୀରେ ଧୀରେ ପ୍ରବେଶ କରୁଛନ୍ତି। ବିଳମ୍ବିତ ପ୍ରହରରେ ନଜ ର ମନର ମଣିଷ କୁ ପାଇ ଏକ ଅଭିନବ ପୁଲକରେ ତାଙ୍କ ତନୁମନ ପୁଲକତ ହୋଇ ଉଠିଲା। ଅନ୍ଧାରରେ ସ୍ପଷ୍ଟ ନଦେଖା ଯାଉଥିଲେ ମଧ ସେ ଅତି ଆଦରର ଆଲିଙ୍ଗନ କରିବାର କାଉଁରୀ ସ୍ପର୍ଶ ସେ ଅନୁଭବ କରିପାରୁଥିଲେ। ସ୍ୱାମୀ ବିରହିଣି ସୁଭଦ୍ରା ସେ ଘୋର ଅନ୍ଧକାର ବର୍ଷା ଭିଜା ରଜନୀ ରେ ସ୍ୱାମୀ ଙ୍କୁ ପାଇ ନଜକୁ ହଜାଇ ଦେଇଥିଲେ । ସ୍ୱାମୀ ଙ୍କ ମୁହଁରୁ ଗୋଟେ ବି ଶବ୍ଦ ସେ ଶୁଣି ପାରୁନଥିଲେ। ହେଲେ ଦୁହେଁ କ୍ଷୁଧିତ ଅଜଗର ପରି ଦୁହେଁ ଦୁହିଁଙ୍କ ଶରୀରରେ ବିନା ପ୍ରତିବାଦ ରେ ଗୁଡ଼ାଇ ହୋଇ ଯାଇଥିଲେ। କ୍ଷୁଧା ପ୍ରଶମିତ ପ୍ରାୟ। ୟେ କଣ?? ତୁମେ ଏମିତି ଯାଉଛ କଣ?? କୁଆଡେ ଯାଉଛ ଏବେ ଏତେ ଗ୍ରତିରେ?? ପ୍ରକୁପ୍ପିତ ହେଲେ ସୁଭଦ୍ରା, ସେ ତାଙ୍କ ପ୍ରାଣପ୍ରିୟ ସ୍ୱାମୀ ନଥିଲେ, ଥିଲେ ତାଙ୍କ ଲମ୍ପଟ ଦିଅର। କଣ କରିବେ!!!! ପାଦ ତଳେ ଭୂକମ୍ପ ଆକାଶ ରେ ବିଜୁଳ ଆଉ ଘଡଘଡି ର ଘୋର ଗର୍ଜନ। କିଛି ବୁଝି ପାରୁନାହାନ୍ତି ସୁଭଦ୍ରା।କେମିତି ଏ ଲାଜ କଥା କହିବେ ଶାଶୁଙ୍କୁ। ନଜ ସମବୟସ୍କ ଦିଅର କୁ କେମିତି ପାପୀ ବୋଲି ଆଖ୍ୟାୟିତ କରିବେ !!! ଲଜ୍ଜ୍ୟା ଆଉ ଘୃଣା ରେ ସେ ନଜକୁ କିଛି ବି ସାନ୍ତ୍ୱନା ଦେଇ ପାରୁ ନଥିଲେ। ଆଲୋକର ଅନୁପସ୍ଥିତିରେ ଅନ୍ଧକାର ତାଙ୍କ ଉପରେ ଗ୍ରଜୁତି କରିଛି। କଣ ଆଉ କରିବେ ସେ ।

ଚ୍ଛଲି ଚଳନ ଆଚ୍ଛର ବ୍ୟବହାର ରେ ଅନେକ ପରିବର୍ତ୍ତନ ଆସିଗଲା ତାଙ୍କର। ଚ୍ଛେରି ନ କରି ଚ୍ଛେର ପରି ରହିବାକୁ ପଡେ। ଦୁଇମାସ ପରେ ସ୍ୱାମୀ ଆସନ୍ତି ଦଶହରା ପର୍ବ ପାଳନ କରିବାକୁ । ହାତରେ ଅନେକ ଉପହାର ନେଇ ଆସିଥିଲେ ସୁଭଦ୍ରାଙ୍କ ପାଇଁ। କେତେ ଶାଢୀ କେତେ ସ୍ୱର୍ଣ୍ଣ ଆଭୂଷଣ। ପ୍ରତିପ୍ରାଣା ସୁଭଦ୍ରା ଯେ ଏପରି ବିପତ୍ତି ର ସମ୍ମୁଖୀନ ହୋଇଛନ୍ତି ସେ କଥା କହିବେ କପରି। ସେ ଅନ୍ତଃସତ୍ୱା ବି ହୋଇ ସାରିଥଲେ। ଗର୍ଭ ରେ ଦିଅର ର ସନ୍ତାନକୁ ରଖି କପରି କହିବେ ଏ ସ୍ୱାମୀଙ୍କର ବୋଲି। ଗର୍ଭ ଧାରଣ ପରେ ଅନେକ ପ୍ରକାର ପରିବର୍ତ୍ତନ ଆସେ। ବାନ୍ତି ଲାଗେ। ସେଥିରେ ସେ କପରି ଲୁଚ୍ଛାଇ ପାରିବେ। ପ୍ରଥମ ଚ୍ଛାହାଁରେ ତାଙ୍କ ଅସୁସ୍ଥତା ଦେଖି ଲକ୍ଷ୍ମଣ ବାବୁ ଅନେକ ସେବା କରୁଥିଲେ। ସୁଭଦ୍ରାଙ୍କ ଆଖିରୁ ଶ୍ରାବଣ ର ଧାରା ଶୁଖିବାର ନାଁ ନେଉ ନଥିଲା। ଡକ୍ଟର ପାଖକୁ ଯିବାକୁ କହିବାରୁ ସେ ସମସ୍ତ ସତ୍ୟ ସ୍ୱାମୀ ଙ୍କୁ କହିଦେଲେ। ହଠାତ୍ ତାଙ୍କ ଚକ୍ଷୁରୁ ଅଗ୍ନି ସ୍ଫୁରଣ ହେବାପରି ଲାଗିଲା। ସେ ତାଙ୍କ ଗଳାରେ ହାତ ରଖି ଅଗଣା କୁ ଠେଲି ଫୋପାଡି ଦେଲେ ତାଙ୍କୁ। ତାପରେ ଦୌଡ଼ି ଯାଇ ଗୋଟେ ଲୁହା ଛଡ ଆଣି ପିଟିବାକୁ ଲାଗିଲେ। ମାଟି ଅଗଣା ରେ ସୁଭଦ୍ରା ଲହୁ ଲୁହାଣ ହୋଇ ପଡିଥାନ୍ତି। ଦୌଡ଼ି ଗଲେ ଦିଅରର ମୁଣ୍ଡ ଫଟେଇବାକୁ। ଘରେ ଯେପରି ତାଣ୍ଡବ ଲୀଳା ଚ୍ଛାଲିଥାଏ। ଈଶ୍ୱର ଙ୍କୁ ଆରାଧନା କରି ସୁଭଦ୍ରା ରକ୍ତ ନଦୀରେ ସ୍ନାନ କରୁଥାନ୍ତି। ଖଣ୍ଡ ଖଣ୍ଡ ରକ୍ତରେ ଘର ଅଗଣା ଭାସୁ ଥାଏ। କଏ କଣ କରିବ। ତଥାପି ମୃତ୍ୟୁ ଆସିଲାନ ସୁଭଦ୍ରାଙ୍କୁ।

ତାଙ୍କ ଆଖିରୁ ଝରୁଥିବା ଅବିଶ୍ରାନ୍ତ ଅଶ୍ରୁ, ଥର ଥର କଣ୍ଠ ରୁ ଅସ୍ପଷ୍ଟ ଶବ୍ଦ, ଭୀତତ୍ରସ୍ତ ହରିଣୀର ଭାବଭଙ୍ଗୀ ସୂଚ୍ଛାଇ ଦେଉଥିଲା ଯେ ସେ ଜାଣିଶୁଣି କିଛି ଭୁଲ କରି ନାହାନ୍ତି। ହେଲେ ତାଙ୍କ କଥା ଶୁଣିବ କଏ??? ଦିଅର ବି ଆଗଭର ହୋଇ ଆସିଲେନ ଭାବିସନ୍ତାନ କୁ ଆପଣାଇବାକୁ। ସ୍ୱାମୀ ସେଇଦିନ ଘର ଛାଡ଼ି ଚ୍ଛାଲିଗଲେ ପୁଣି ତାଙ୍କ କର୍ମ କ୍ଷେତ୍ରକୁ।

ଶାଶୁ ତୀବ୍ର ଧକ୍କାଦେଇ, କହିଲେ, "ତୁ କଳଙ୍କିନୀ, ଅଲକ୍ଷଣି! ମୋ ସଂସାର କୁ ନଷ୍ଟ କଲୁ। ତୋ ମୁହଁ ଚ୍ଛାହିଁବିନ।"

ଚ୍ଛାରିଆଡେ ବନର ଅଗ୍ନି ପରି କଥା ପ୍ରଚ୍ଛାର ହୋଇଗଲା। ସୁଭଦ୍ରା ଙ୍କ ପିତାମାତା ଜାଣିଲେ। ଆସି ତାଙ୍କୁ କ୍ଷତାକ୍ତ ଅବସ୍ଥା ରେ ଉଦ୍ଧାର କଲେ। ନିଜ ଘରେ ରଖିଲେ। ଯେଉଁ ଘର କୁ

ଏତେ ଜଲଦି ଛାଡ଼ିବାକୁ ଇଚ୍ଛା କରୁ ନଥିଲେ, ସେ ଘରେ ଚର ଆଶ୍ରିତ ହେଲେ। ପିତା ମାତା ଓ ଭାଇ ଭଉଣୀ ଙ୍କ ଆଦର ଯତ୍ନ ରେ ପୁତ୍ର ସନ୍ତାନ ଲାଭ କଲେ ସୁଭଦ୍ରା। ଭାଇ ମଧ୍ଯ ଏକ ଭାଗ ଜମି ଆଉ ଘର ତାଙ୍କୁ ଦେଇ ଦେଇଥିଲେ। ପୁଅ ବଡ଼ ହେଲା, ବଡ଼ ଚାକରୀ କଲା। ହେଲେ ସ୍ଵାମୀ ସୁହାଗିନ ସୁଭଦ୍ରା ଏବେ ବି ସ୍ଵାମୀ ଙ୍କ ପାଇଁ ସାବିତ୍ରୀ କରନ୍ତି । ବାଧ୍ଯ ବୈଧବ୍ୟ ଜୀବନ ଅତିବାହିତ କରୁଥିବା ଚରକୁମାରୀ ପରି ରହୁଥିବା ସୁଭଦ୍ରା ସେଦିନ ନଉଜ ପେପରରୁ ବି ଖଣ୍ଡ ଖଣ୍ଡ ରକ୍ତ ର ସୁଅ କୁ ଦେଖି ପାରୁଥିଲେ।

*दर्द इतना मिला की सहा न गया
दर्द देने वालों से भी कहा न गया।।*

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ତାଜ ମହଲ



ହାସ୍ୟମୟୀ ରଜ୍

ପ୍ରେମର ସ୍ମୃତି ସ୍ତମ୍ଭଟିଏ ତୁ
ରହିଛୁ ରହିଥିବୁ
ସବୁରି ହୃଦୟେ
ତୋ ସୁନେଲି ଅତୀତ
ଇତିହାସ ପୃଷ୍ଠାରେ
ନିରବଧି ସେଇ ଛବି ଆଙ୍କୁଥାଏ
ପ୍ରେମର ପରିଭାଷାକୁ
ତୋ ଭିତରୁ ନପଢେ ବା କିଏ !
ଯେବେ ତୋ କଥା ମନେପଡେ
ମନପକ୍ଷୀ ଆକାଶରେ
ଡେଣା ଝାଡି ଉଡେ
ତୋ ଛାଇ ଟିକେ ପଡିବାକୁ
କିଏବା ନଚାହେଁ
ତୋ ସ୍ପର୍ଶରେ ଭିଜିବାର
ମହାନନ୍ଦକୁ
କଣ ବ୍ୟକ୍ତ କରିହୁଏ !

ତୁ ଏମିତି ଝଟକୁ ଥା
ସଭିଙ୍କ ଅନ୍ତରେ ଅନ୍ତରେ
ମହାନ୍ ପ୍ରେମର ସାକ୍ଷୀଟିଏ ହୋଇ
ସଂପର୍କର ପୁଣ୍ୟ ଅର୍ଥକୁ ସଭିଙ୍କ କାନରେ
କହି ଦେଇ ଦେଇ ।।

ଓଗ୍ରାଳ, ହାଟଡିହି, କେନ୍ଦୁଝର

# କେବେ କେବେ



ସତ୍ୟନାରାୟଣ ମିଶ୍ର

ଏ ଜୀବନେ କେବେ କେବେ ଦୁଃଖ ର ସମୟ ଆସେ
କେବେ ପୁଣି ଆସେ ସୁଖ ଆନନ୍ଦ ଉଲ୍ଲାସ
କେବେ କେବେ ମିଳଯାଏ ଆଶା ଠୁଁ ଅଧିକ କଛି
କେବେ କେବେ ହରାଇବା ହା ଆଉ ହତାଶ ।
କେବେ ହୁଏ ପ୍ରବାହିତ ପ୍ରଶଂସା ର ମଳୟ ତ
କେବେ ନନ୍ଦା ଅପଯଶ ଝଂଜି
କେବେ ସ୍ନେହ ମମତା ର ଶୀତଳ ମଧୁ ପୁଲକ
କେବେ ଘୃଣା ମହାକାଳ ମଞ୍ଜି।
କେବେ କଛି ଭଲ ହୁଏ କେବେ କଛି ଭୁଲ୍ ହୁଏ
ରହେ ବୁଝା ମଣା ର ଅଭାବ
କେବେ ଶାନ୍ତି କେବେ ମୈତ୍ରୀ ବିରାଜେ ଜୀବନ ରେ
କେବେ ପୁଣି ଅସନ୍ତୋଷ ରାଗ ।
ଛାଇ ଆଲୁଅ ର ଖେଳ ଛକଶୂନ ବାଘ ଛେଳ
ଖେଳ ଖେଳ ଚାଲିଛି ସମୟ
ହାରିବା ଜିଣିବା ହେଲେ ଧୈର୍ଯ୍ୟ ହରାଇବା ନାହିଁ
ବିଭୁ ପଦେ ରଖି ସଦା ଲୟ ।

ସିଂଧେକେଲ୍, ବଲାଙ୍ଗୀର

# ଭାଷା କମିଶନ ଓ ଭାଷାର ବିକାଶ



ବରଦା ପ୍ରସନ୍ନ ଦାସ

ଓଡିଆ ଭାଷା ଏକ ପ୍ରାଚୀନ ଖ୍ରୀଷ୍ଟପୂର୍ବ କାଳୀନ ପ୍ରାଚୀନ ରକ୍ଷଣଶୀଳ ଆର୍ଯ୍ୟଭାଷା। ଏହି ଭାଷା ସ୍ୱକୀୟ ମାଧ୍ୟାକର୍ଷଣ ଶକ୍ତି ବଳରେ ଓଡିଆ ଜାତିକୁ ଶତାବ୍ଦୀ ଶତାବ୍ଦୀ ଧରି ଏକ ସୂତ୍ରରେ ବାନ୍ଧି ରଖିଛି। ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ହେଁ ସାମାଜିକ ଶିକ୍ଷା ବାଣିଜ୍ୟ ପ୍ରଶାସନିକ କ୍ଷେତ୍ରରୁ ଅପସରି ଯିବାକୁ ବସିଲାଣି। ଫଳରେ ଓଡିଆ ଭାଷାର ଜୀବନୀ ଶକ୍ତି କ୍ଷୀଣ ହେବାକୁ ଆରମ୍ଭ କଲାଣି। ଏହି ଭାଷାର ସୁରକ୍ଷା ଓ ସମୃଦ୍ଧି ନିମନ୍ତେ ସୁଚିନ୍ତିତ ଯୋଜନା ସୁପରିକଳ୍ପିତ କୌଶଳ ଓ ଉତ୍କର୍ଷ କାମନା କରାଯାଇ ଓଡିଆ ଭାଷା କମିଶନ ଗଠନ ପାଇଁ ଓଡିଶା ସରକାର ନିଷ୍ପତ୍ତି ନେଲେ । ତଦନୁଯାୟୀ ତତ୍କାଳୀନ ସଂସ୍କୃତି ସଚିବ ମନୋରଂଜନ ପାଣିଗ୍ରାହୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ ନାୟକ, ଓଡିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ତମସାରାଣୀ ଦାସ ମହାପାତ୍ର, ସାତକଡି ହୋତା, ଦେବୀ ପ୍ରସନ୍ନ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ନେଇ ଚାରିବର୍ଷ ତଳେ ଏକ କମିଟି ଗଠନ ହୋଇଥିଲା। ଉକ୍ତ କମିଟି ଅନ୍ୟ ରାଜ୍ୟର ଭାଷା କମିଶନ ଆଇନକୁ ତର୍ଜମା ଓ ଅନୁଧ୍ୟାନ କରି ଓଡିଆ ଭାଷା ଆଇନ ପ୍ରସ୍ତୁତ କଲେ ଏବଂ ତାହା ଆଇନ ବିଭାଗ ଦ୍ୱାରା ସ୍ୱୀକୃତ ହେଲା। ଭାଷା କମିଶନର ଗଠନ ହେଲେ ଭାଷାର ସୁରକ୍ଷା ସକଳ କ୍ଷେତ୍ରରେ ଭାଷାର ବ୍ୟବହାର, ଆଇନଗତ ପ୍ରତିଷ୍ଠା, ବାଣିଜ୍ୟିକ କ୍ଷେତ୍ରରେ ବ୍ୟାପକ ଓଡିଆ ଭାଷାର ବ୍ୟବହାର, ଓଡିଆ ଭାଷାର ଶିକ୍ଷାଦାନ ପଦ୍ଧତି ପ୍ରଚଳନ ପୂର୍ବକ ଭାଷା ଶିକ୍ଷାକୁ ଅର୍ଥକାରୀ ଓ ହିତକାରୀ କରିବା, ସାମାଜିକ କ୍ଷେତ୍ର ଓ ପ୍ରଶାସନିକ କ୍ଷେତ୍ରରେ ରାଷ୍ଟ୍ରର ବ୍ୟାପକ ପ୍ରଚଳନ ଓ ସ୍ଥିତି ନିର୍ଦ୍ଧାରଣ, ଓଡିଆ ଭାଷା ସମ୍ମାନ ଓ ସମ୍ଭାର ବୃଦ୍ଧି କମିଶନ ରାଜ୍ୟ ସ୍ତରରେ ସବଡିଭିଜନ ଓ ବ୍ଲକ ସ୍ତରରେ କାର୍ଯ୍ୟ କରିବ। ଏହା ନହେବା ଫଳରେ ଦିନକୁ ଦିନ ଓଡିଆ ଭାଷାର ଅବକ୍ଷୟ ଘଟିଲାଣି। ଅର୍ଥ ଉପାର୍ଜନ / ଚାକିରୀ ପ୍ରାପ୍ତି ଦିଗରେ ଯୁବକ ଯୁବତୀମାନେ ନିରାଶ ହୋଇ ଓଡିଆରେ ଉଚ୍ଚ ଶିକ୍ଷା ଗ୍ରହଣକୁ ଆଦରୁ ନାହାଁନ୍ତି। ଭାଷା

କମିଶନ ଗଠନ ବିଳମ୍ବ ହେବାରୁ ଅନ୍ୟାନ୍ୟ ଜାତୀୟ ସଂପଦ ସଦୃଶ ଭାଷା ସଂପଦକୁ ମଧ୍ୟ ଯୋଜନାବଦ୍ଧ ଭାବେ ଉନ୍ନତ କରାଯାଇପାରୁନାହିଁ ।

ଭାଷା ଉପରେ ଗୋଟିଏ ଜାତିର ବିକାଶ ନାନା ଭାବେ ନିର୍ଭର କରେ । ଭାଷା କେବଳ ସରକାରୀ କଳ ଚଳାଇବା ବା ସାହିତ୍ୟ ସାଧନା ପାଇଁ ନୁହେଁ । ଭାଷା ଗୋଟିଏ ଜାତିର ବୌଦ୍ଧିକ ବିକାଶ ସହିତ ଏତ ଘନିଷ୍ଠ ଯେ ଗୋଟିଏ ଅପୁଷ୍ଟ ପଙ୍ଗୁ ଆମ ସଭ୍ୟତାକୁ ସଂସ୍କୃତି ଆମ ଭବିଷ୍ୟତକୁ ବିକଳାଙ୍ଗ କରି ଛାଡିଯିବା କଛି ବିଚିତ୍ର ନୁହେଁ । ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମସ୍ୟାକୁ ଦୃଷ୍ଟିରେ ରଖି ଓଡିଆ ଭାଷା କମିଶନ ଗଠନ ଜରୁରୀ ହୋଇପଡିଛି ।

ମୋ: ୯୮୬୧୧୪୫୬୮୭

# ତଥାପି ହାରିନ



ବିନୟ ମହାପାତ୍ର

ତଥାପି ମୁଁ ହାରି ନଥିଲି,
ଯେତେ ବେଳେ
ମୋର ଭେକଲ୍ ପେଟ ଆଗରେ
ୟୁନିଭରସିଟିର ଶ୍ରେଷ୍ଠ ଡିଗ୍ରୀ ମୋର
ଆଣ୍ଠୁଭଙ୍ଗି ବସି ଗଲା ।
ତଥାପି,
ମନ ମୋର ହାରି ନଥିଲା,
ଯେତେ ବେଳେ,
କ୍ଲାସର ପଛ ବେଞ୍ଚରେ ବସୁଥିବା
ଜାତିଆଣ କୋଟା ହକଦାର,
ଦୁଇ ବର୍ଷେ ଗୋଟିଏ ସୋପାନ ଚଢି
ଜୀବନର ଦୌଡରେ,
ସରକାରୀ ଧୂଆଁ ଉଡାଇ ଉଡାଇ
ମୋର, ଆଗେ ଆଗେ ଗୁଲୁ ଥିଲା ।

ତଥାପି ମୁଁ ହାରି ନଥିଲି
ମଧ୍ୟବିତ୍ତ ସବର୍ଣ୍ଣର ମୋହର ମରା
ମୋର ପରିଚୟ ନେଇ,
ନା' ବିପିଏଲ ପାଇବାକୁ ଯୋଗ୍ୟ ଥିଲି
ନା' ଥିଲାବାଲା ଘରର ହେଲି ।
ମାଗିବାକୁ ଲାଜ ଲାଗେ

ଭୋକ କଷ୍ଟ ବରଦାସ୍ତ ହୁଏନ,
କାମ କରି ଅର୍ଜିବାର ସାଧନ ମିଳେନ,
ସବୁ ସାମାଜିକ ଅଯୋଗ୍ୟତା ଭିତରେ
ତଥାପି ମୁଁ ଭାଙ୍ଗି ପଡିନ
ଜୀବନ ଦୌଡରେ, ଖସି ପଡିବା ଆଗରୁ
ନିଜକୁ ସମ୍ଭାଳ ନେଇଛି,
ଦୁଃଖ ନାହିଁ, ମାଆ ମାଟି ଠାରୁ
ହଜାର ମାଇଲ୍ ଦୂରରେ
ଇଟା ଭାଟି, ସୁତାକଳେ ଦାଦନ ଖଟୁଛି ।

ହେଲେ କେବେ ବି ବୁଝି ପାରେନା
ଏ ମୋର ଦୁର୍ଗତି ଅବା
ମୋର ଦେଶର ଦୁର୍ଭାଗ୍ୟ
ଯୋଗ୍ୟ ପୁଅ ବିଦେଶରେ ଦାଦନ ଖଟେ,
ଆଉ କିଛି ଜନ, ଦୟା ଅନୁକମ୍ପାରେ
ରାଜ ସିଂହାସନ ମାଡି ବସେ ।
ଆଜି ରାଜଧର୍ମେ
ମାଗଣାରେ ବାଣ୍ଟି ବାଣ୍ଟି ସୁଶାସକ
ନିସ୍କର୍ମା ସ୍ଥାଣୁ ଜନତା ସୃଜକ,
ମାଟିର କର୍ମଠ ବୀରପୁତ୍ର କେତେ
ଅବେଳରେ ଝାଉଁଳ ଯାଆନ୍ତି,
ଜାତି, ଧର୍ମର ଭୋଟବ୍ୟାଙ୍କ
ରାଜନୀତିର ପଶାପାଲିରେ
ସୈନୀକ ଯେତେକ ବଳି ପଡିଯାନ୍ତି ।

ପଟିଆ, ଭୁବନେଶ୍ୱର, ଓଡିଶା

# ମୁକ୍ତିର ମହାଆନନ୍ଦ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଚହ୍ଲା ମୁହଁ ସବୁ
ଲୁଚ ଯିବାକୁ ବସିଲେଣି
ପରିଚତ ଓଠମାନଙ୍କର
ଭାଷା ବଦଳଗଲାଣି
ଇଚ୍ଛା ସବୁ ମରି ଆସିଲାଣି
ସ୍ମୃତିସବୁ ହଜିଯିବାକୁ
ଲାଗିଲାଣି
ତଥାପି ମନର ଏକାନ୍ତ ଇଲାକାରେ
ବଞ୍ଚିଚ ରହିଛି ସ୍ୱପ୍ନ
ନମିଷକ ପାଇଁ ହେଉପଛେ
ସ୍ୱପ୍ନ ଦେଉଛି
ସକଳ ହତାଶା ଆଉ ଯନ୍ତ୍ରଣାରୁ
ମୁକ୍ତିର ମହାଆନନ୍ଦ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ସବୁ ବାଉଁଶରେ ମନ୍ଦିର ପତାକା ଲାଗେନା



ଶଶଧର ମହାପାତ୍ର

ନଭେମ୍ବର ୧୮ ତାରିଖ, ୨୦୧୫ ମସିହାରେ ମୁଁ ଓ ମୋ' ସ୍ତ୍ରୀ (ମୀରା) ଆମେରିକାରୁ ଓଡିଶା ଭ୍ରମଣରେ ଯାଇଥିଲୁ । ଦିଲ୍ଲୀରେ କଛି ଦିନ ମୀରାର ସାନ ଭଉଣୀ (ରୀନା) ଘରେ ରହି ନଭେମ୍ବର ୨୨ ତାରିଖରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିଲୁ । ମୋ' ସାନଭାଇ "ବୁଲୁ' ଗାଡିଧରି ଅପେକ୍ଷା କରିଥିଲା । ଭୁବନେଶ୍ୱରରେ କଛି ବନ୍ଧୁ ବାନ୍ଧବଙ୍କୁ ଭେଟି ଆମଗାଁ "ନାରୀଗାଁ' ରେ ରାତିରେ ପହଞ୍ଚିଲୁ । କାର୍ତ୍ତିକ ପୂର୍ଣ୍ଣ'ମୀ ନଭେମ୍ବର ୨୫ ତାରୀଖରେ ଥାଏ । ସେ'ଦିନଟି ଗାଁରେ କାଟିବାକୁ ଯୋଜନା ଥିଲା । କାର୍ତ୍ତିକ ମାସ ଏକ ଧାର୍ମିକ ମାସ ହିସାବରେ ଗଣା ଯାଏ । କୁହାଯାଏ ପଞ୍ଚୁକ ପାଞ୍ଚ ଦିନ ବଗ ବି ଆଇଁସ କାଳେ ଖାଏନି । ଆମ ଗାଁରେ ଅଛି ଏକ ଜଗନ୍ନାଥ ମନ୍ଦିର । "ଚନ୍ଦନ ଶ୍ରୀକ୍ଷେତ୍ର" ନାମରେ ଗାଁଟି ଅଞ୍ଚଳରେ ବେଶ ଜଣାଶୁଣା । ସେ'ଦିନ କାହିଁ କୁଆଡୁ ବଡି ଭୋର୍‌ରୁ ଆରମ୍ଭକରି ଲୋକମାନେ ହଜାର ହଜାର ସଂଖ୍ୟାରେ ମହାପ୍ରଭୁଙ୍କ ଦର୍ଶନପାଇଁ ଆସିଥାନ୍ତି । ରାତି ୨ଟା ବେଳୁ ଉଠି ସମସ୍ତେ ଆମ ଘରେ "ମୀରା' ଓ ଭଉଣୀମାନେ ସେମାନଙ୍କର ଗାଧୁଆପାଧୁଆ ଓ ନତ୍ୟ କର୍ମ ସାରି ମୋତେ ତରତର କଲେ ଶୀଘ୍ର ଉଠି ଗାଧୋଇ ମନ୍ଦିରକୁ ଯିବାକୁ । ସେମାନଙ୍କ ପାଟିଗୋଳ ଶୁଣି ନିଦ କେତେବେଳଠୁଁ ଭାଙ୍ଗିଯାଇଥିଲେ ସୁଦ୍ଧା ଖଟ ଉପରେ ସେମିତି ପଡି ରହିଥିଲି । ଘଣ୍ଟାରେ ଦେଖିଲି ରାତି ୩ଟା ବାଜିଛି । ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଶୀଘ୍ର ଆଳତି ହେବାର ଥିଲା କାର୍ତ୍ତିକ ପୂର୍ଣ୍ଣ'ମୀ ପାଇଁ । ମନ୍ଦିରଟି ରାତି ଦେଢଟାରୁ ଖୋଲା ହେଇସାରିଥିଲା ଭକ୍ତମାନଙ୍କ ପାଇଁ । ମନ୍ଦିରର ମୁଖ୍ୟ ପୂଜାରୀ "ଗୁଲ୍‌ଫା ନନା' ଓ ଅନ୍ୟ ପୂଜାରୀମାନେ ପହଞ୍ଚି ନିଜ ନିଜ ଯୋଗାଡରେ ବ୍ୟସ୍ତ । ଘରେ ମଧ୍ୟ ଆମ ଠାକୁରଙ୍କ ପାଖରେ ଆଳତି ସରିଯାଇଥାଏ । ଠାକୁରଘର କାନ୍ଥରେ ଲାଗିଥିବା ମେସିନ୍‌ରୁ ମହାମନ୍ତ୍ର ବାରମ୍ବାର ବାଜୁଥାଏ । ଏ' ପରିବେଶରେ ଆଉ ଶୋଇରହିବାର ଚାନ୍‌ସ୍ ନାହିଁ ଦେଖି ମୁଁ

ମଧ୍ୟ ଶୀଘ୍ର ନିତ୍ୟକର୍ମ ସାରିବାକୁ ଉଠିଲି । ଗାଧୋଇ ସାରି ଗୋଟିଏ ଧୋତି ଓ ପଞ୍ଜାବୀ ପିନ୍ଧି ବାହାରି ପଡିଲି ।

ମୋ'ର ମନେ ପଡିଯାଉଥାଏ ଆମ ପିଲାଦିନର କଥା । ସେତେବେଳେ ଗାଁରେ ଜଗନ୍ନାଥ ମନ୍ଦିର ନଥିଲା । ଗାଁ ମୁଣ୍ଡର "ଗୌତମ ବାବା'ଙ୍କର ମଠଟିଏ ଥିଲା । ବାପା, ବୋଉଙ୍କର ବରାଦ ଥାଏ ପୂର୍ବଦିନ ରାତିରୁ ଯେ ମୁଁ ଓ ମୋ'ର ବଡ ଭଉଣୀ "କାଦମ୍ବିନୀ' ବଡି ଭୋର୍‌ରୁ ଉଠି, ଗାଧୋଇପାଧୋଇ ଶୀଘ୍ର ମଠକୁ ଆଳତୀ ଦେଖିବାକୁ ଯିବାକୁ । ସେତେବେଳେ ମଠରେ କାର୍ତ୍ତିକ ପୂର୍ଣ୍ଣ'ମୀ ଦିନ ଭିଡ ହେଉଥିଲା । ପାଖ ଗାଁରୁ ଲୋକେ ଆସନ୍ତି ଆଳତୀ ଦେଖିବାପାଇଁ । ମୋ' ପିଲାବେଳେ ଶୀତ ଖୁବ୍ ହେଉଥିଲା । ଆଜିକାଲି ସେ' ଶୀତ କାହିଁ ? ମଞ୍ଜ ଥରେଇ ଦେଲା ଭଳି ଶୀତ । ସେ' ଶୀତ କଥା ମନେପଡିଲେ ଏବେବି ଲୋମମୂଳ ଟାଙ୍କୁରି ଉଠୁଛି, ଦେହ ଶୀତେଇ ଉଠୁଛି । ଗ୍ଲୋବାଲ ଓ୍ୱାମିଂ ଯୋଗୁ ଏବେ ଶୀତ ଦିନେ ଗରମ ଲାଗୁଛି । ନା ସେତେବେଳେ ଥିଲା ଇଲେକ୍‌ଟ୍ରିସିଟି ନା ହିଟର । ଆଜିକାଲି ଭଳି ନା ଥିଲା ବାଥ୍‌ରୁମ୍, ନା ଗରମ ପାଣି ପାଇପ୍ ରେ ଆସୁଥିଲା । ଏତେ ସକାଳୁ ଚୂଲି ଲଗେଇ କିଏ ପାଣି ଗରମ କରିଦେଉଛି ? ଥଣ୍ଡା ଲାଗିବ ବୋଲି ମୁଁ ସେତେବେଳେ ଦୌଡିଦୌଡି ଯାଇ ଆମ ବାଡିରେ ଥିବା ପୋଖରୀକୁ ଆଖିବୁଜି ଡେଇଁପଡେ ଓ ଶୀଘ୍ର ଉଠି ଆସି ପୋଛିହେଇ ଘରକୁ ଦୌଡେ । ଦି'ମିନଟରେ ଗାଧୁଆ ଶେଷ । ସେ' ଏକ ଅଭୁଲା ସ୍ମୃତି । ଆଜି ଅବଶ୍ୟ ସମୟ ବହୁତ ବଦଳ ଯାଇଛି । ଏବେ ଗାଁ ଗହଳରେ କେତେ ସୁବିଧା ଉପଲବ୍ଧ ହେଲାଣି । ସେ' ଦିନ ଓ ଆଜି ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ସେଥିଲା ମୋ' ପିଲାବେଳର କଥା ।

ମୁଁ, ମୀରା, ମୋ'ର ଭଉଣୀମାନେ ଓ ମୋ' ସାନଭାଇ "ବୁଲୁ'ର ସ୍ତ୍ରୀ "ମୀନା' ମୋ'ପାଇଁ ଅପେକ୍ଷା କରିଥିଲେ । ସମସ୍ତେ ସାଙ୍ଗ ହେଇ ମନ୍ଦିରରେ ପହଞ୍ଚିଗଲୁ । ଆମ ଘରରୁ ମନ୍ଦିର ମାତ୍ର ତିରିଶ ସେକେଣ୍ଡର ବାଟ । ଆଳତି ଦେଖିବା ପାଇଁ ଭୋର୍‌ରୁ ଭକ୍ତଙ୍କର ଭିଡ ଲାଗିଲାଣି । ଦୂର ଗାଆଁମାନଙ୍କରୁ ସାଧାରଣତଃ ବୟସ୍କ ଲୋକେ ଓ ବୁଢାବୁଢୀମାନେ ଭିଡ ଜମିବା ପୂର୍ବରୁ ଠାକୁରଙ୍କ ଦର୍ଶନ କରି ଶୀଘ୍ର ଫେରିଯିବାପାଇଁ ଆସିଥାନ୍ତି । ଆଖପାଖ ଗାଁରୁ କିଛି ଲୋକମାନେ ମଧ୍ୟ ଆସିଯାଇଥିଲେ । ସୁନ୍ଦର ଭାବେ ଆଳତି ସରିଲା, ମହାପ୍ରଭୁଙ୍କ ଦର୍ଶନ ହେଇଗଲା । ଭୋଗ, ତୁଳସୀ ଓ ପବିତ୍ର ଗଙ୍ଗାଜଳ ଟିକେ ପାଇ ମୁଁ ତଳକୁ ଓହ୍ଲାଇ ଆସି

ବାଇଶି ପାହାଚ ତଳେ ଛିଡାହେଇ ଗ୍ଭରିଆଡକୁ ଗ୍ଭହିଁ ଦେଖୁଥିଲି କେମିତି ଭକ୍ତମାନଙ୍କର ଭିଡ ଆସ୍ତେ ଆସ୍ତେ ଜମିଆସୁଛି । କାହିଁ କେତେ ଦୂରରୁ ଆବାଳ ବୃଦ୍ଧବନୀତା ମହାପ୍ରଭୁଙ୍କ ଦର୍ଶନପାଇଁ ଧାଇଁ ଆସିଛନ୍ତି । ଦେଖିଲି ଜଣେ ମା'ଟିଏ ମୋ' ପାଖକୁ କଛି କହି କହି ଛୋଟେଇ ଛୋଟେଇ ଆସୁଛନ୍ତି । ମୋ' ପାଖରେ ପହଞ୍ଚି ମୋ' ମୁହଁ ଆଡେ ନରିଖେଇ ଟିକେ ଗ୍ଭହିଁଲେ, ମୋ' ମୁଣ୍ଡଟି ଆଉଁସି ଦେଲେ, ତାଙ୍କ ଆଖି ଦିଓଟି ଛଳ ଛଳ ହେଇଆସୁଥିଲା । ତାଙ୍କ କଣ୍ଠ ଭାରୀ ହେଇଯାଉଥିଲା । ସେତେବେଳେ ମୋ' ଆଖିରୁ ଦି'ଟୋପା ଲୁହ ଆପେଆପେ ବହିଗଲା । ତାଙ୍କ ଲୁଗା କାନରେ ମୋ' ମୁହଁଟିକୁ ପୋଛିଦେଇ ଏକ ଦୀର୍ଘ ନିଃଶ୍ୱାସଟିଏ ମାରି କହିଲେ - "ସବୁ ବାଉଁଶ ମନ୍ଦିର ପତାକାପାଇଁ ଯୋଗ୍ୟନୁହେଁ। ଯେଉଁ ବାଉଁଶରେ ପତାକା ଲାଗିବ ସିଏ ଅଲଗା, ଆଉ ସେ'କଥା ଯିଏ ଉପରେ ବସିଛି ସିଏ କେବଳ ଜାଣେ ।" ପୁଣି କହିଲେ - "ଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ । ଏମିତି କୂଳ ଉଜ୍ଜ୍ୱଳ କରୁଥା ବାପା । ଦେଖ ବାପା, ମୋ' ଅଣ୍ଟା ଭାଙ୍ଗିଗଲାଣି, ବେଲ୍ଟ ଲଗେଇଛି । ଗୋଡରେ ଗ୍ଭଲିବାକୁ ଶକ୍ତି ନଥିଲେ ବି ସେ' ଜଗା ଭରଷାରେ ତାକୁ ଦେଖିବାକୁ ଗ୍ଭଲିଆସୁଛି । ସିଏତ ଗୁଣି କରିକ ମୋତେ ଟାଣି ଆଣୁଛି" ।

ମୋତେ ଲାଗୁଥିଲା ଯେମିତି ମୋ' ବୋଉ ସତେ ଯେମିତି ସ୍ୱର୍ଗରୁ ଅଗ୍ଭନକ ଓହ୍ଲେଇ ଆସି ମୋ' ମୁହଁ ପୋଛି ଦେଉଛିକ ? ସେ' ମା'ଟିର ଅସରନ୍ତି ଭଲପାଇବାକୁ ମୁଁ ଅନୁଭବ କରୁଥିଲି । ତାଙ୍କ କରୁଣାର ପ୍ରବାହରେ ଭିଜୁଥିଲି । ସେ' କୁନକୁନ ହାତ ଦିଓଟିର ସ୍ପର୍ଶକୁ ଉପଲବ୍ଧି କରୁଥିଲି । ସେ' ଥିଲେ ମୋ'ପାଇଁ ଏକ ଈଶ୍ୱରୀ । ସେ' ମୁହୂର୍ତ୍ତଟି ଥିଲା ମୋ'ପାଇଁ ବେଶ୍ ଭାବମୟ, ଆନନ୍ଦମୟ । ସେ' ଅନୁଭୂତି ଥିଲା ଏକ ଦିବ୍ୟ ଅନୁଭୂତି । ସେ' ସରଳ କଥା ପଦଟି ସେତେବେଳେ ଦୋହଲେଇ ଦେଇଥିଲା ମୋ' ପ୍ରାଣ । ନଭେମ୍ବର ମାସର ଥରଥରୁଆ ଶୀତଳ ପବନ ଗାଲରେ ବାଜି ଟିକଏ ଥଣ୍ଡା ଲାଗୁଥିଲା । କଛି ସମୟ ପାଇଁ ମୁଁ ଏ' ଦୁନଆରୁ ହଜି ଯାଇଥିଲି, କଂ କର୍ତ୍ତବ୍ୟ ବିମୂଢ ହେଇଯାଇଥିଲି, ତା' ପରେ ଆସ୍ତେଆସ୍ତେ ମୋ' ବାସ୍ତବ ଦୁନଆକୁ ଓହ୍ଲାଇ ଆସିବାକୁ ପ୍ରୟାସ କରୁଥିଲି । ସକାଳୁ ସକାଳୁ ତାଙ୍କଠୁଁ ଏତେ ବଡ ସ୍ୱୀକୃତି ପାଇବା ଥିଲା ମୋ' କଳ୍ପନାର ବାହାରେ । ଅବଶ୍ୟ ମୁଁ ତାଙ୍କ କହିବାର ମର୍ମ ଠିକ୍ ସେତେବେଳେ ବୁଝିପାରିଥିଲି । ଯେମିତି ସେ' ଉପରବାଲାଙ୍କୁ ଡାକୁଥାଅ ବୋଲି ମୁଁ ତାଙ୍କୁ କହିଲି । ସେ' ତୁମକୁ ଯେମିତି ହେଲେ ତାଙ୍କ ନକଟକୁ ଟାଣି ଆଣିବେ । ତୁମେ ଏମିତି ଆସୁଥା, ଆର୍ଶିବାଦ ଦେଉଥା । ମୋ' କଳ୍ପନାରେ ଆଉ ଯେଉଁ

କାମ ସବୁ ମନ୍ଦିରରେ ବାକି ଅଛି କରିବାକୁ ସେ' ସବୁ ମୁଁ ଓ ତୁମେ ବଞ୍ଚିଥିଲା ସମୟରେ ହେଇଯାଉ । ତୁମେ ଦେଖିବ ଓ ମୁଁ ବି ଦେଖିକରିଯିବି ।

ସେ' ଟିକେ ମୁରୁକି ହସିଦେଇ ଛୋଟ ଛୋଟ ପାହୁଣ୍ଡ ପକେଇ ନଇଁନଇଁ ତାଙ୍କ ବାଟରେ ଚାଲିଗଲେ । କିଛି ସମୟ ମୁଁ ତାଙ୍କ ଆଡକୁ ଚାହିଁଥିଲି । ସେ' ଲୋକ ଗହଳରେ ମିଶିଗଲେ। ମୋ' ଗୋଡ ଦି"ଟା ଆଉ ଚାଲୁ ନଥିଲା । ଥପ୍ କିନା ଯେମିତି ଅଟକି ଯାଇଥିଲା । ଟିକିଏ ପ୍ରାପ୍ତିର ଆତ୍ମସନ୍ତୋଷ ପାଇ ମୋ' ହାତ ଦିଓଟି ସେଇ ମହାପ୍ରଭୁଙ୍କ ନମନ୍ତେ ଆପେଆପେ ଉପରକୁ ଉଠିଗଲା । ପ୍ରଭୁଙ୍କୁ ମନେମନେ ଧନ୍ୟବାଦ ଦେଉଥିଲି । ଧନ୍ୟ ମହାପ୍ରଭୁ! କାମ ତୁମେ କଲ । ମୁଁ ତୁମପାଇଁ ପ୍ରଶଂସା ପାଇଲି । ମୁଁ ମୋ' ଆଖିରୁ ଝରିଥିବା ଦିଟୋପା ଲୁହକୁ ତରତରରେ ମୋ' ହାତ ପାପୁଲିରେ ପୋଛି ଦେଉଥିଲି କାଳେ କିଏ ଦେଖିବ ବୋଲି । ଭକ୍ତଙ୍କ ଭିଡ ଜମି ଆସୁଥିଲା ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଭାବରେ ମୋହିବ

## କବି



ଅମ୍ବିକା ସ୍ୱାଇଁ

ସୁନୀଳ ଗଗନେ ସୁନେଲିର ଚ୍ଛନ୍ଦ
ଝଲମଲ କରୁଅଛି
ହେମନ୍ତ ଋତୁରେ ଶିଶିର ର ବିନ୍ଦୁ
ରୂପା ସମ ଝଟକଛି ।୧।

ରଜନୀ ପାହାନ୍ତା ପତିତ କାକର
ଝର ଝର ମୁକ୍ତା ବିନ୍ଦୁ
ଆକାଶେ ଦିଶୁଛି ପାହାନ୍ତିଆ ତାର୍
ମନ କଣି ନଏ ଇନ୍ଦୁ ।୨।

କାକର ବିନ୍ଦୁ ର ଟପ୍ ଟପ୍ ବାରି
ଭିଜାଉଛି ଦୂର୍ବାଦଳ
ସତେ କ ଆମ ବରଷା ରାଣୀ
ଢାଳଛି ତା ପରେ ଜଳ ।୩।

କୁହୁଡ଼ି ଅନ୍ଧାର ଲୁଗ୍ଭଇ ଦେଉଛି
ଧରଣୀ ରାଣୀ ର ଦେହ
ଆଖର କରଣ ଉକୁଟି ଆସିଲେ
ଫୁଟି ଦିଶେ ତା"ର ମୁହଁ ।୪।

ମନଲୋଭା ଏହି ଦୃଶ୍ୟ ଚନ୍ଦ୍ର ପଛା
ଆଙ୍କୁଚ ହୃଦୟେ ଛବି
ତୁଳୀ ଓ ରଙ୍ଗରେ ସଜାଇଣ ଦେବ
ଭାବ ରେ ମୋହି ବ କବି ।୫।

କବି ହୃଦୟ ରୁ ଭାଷା ଉଦ୍ଗିରଣ
ଅନର୍ଗଳ ଆସିଯିବ
ସେ ତାକୁ ସଜାଇ ଲେଖନୀ ତୂଳୀରେ
କାଗଜ ରେ ଆଙ୍କି ଦେବ ।୬।

ଜନତା ପଢ଼ିବେ ଆଦର ରେ ତାକୁ
କେତେ କଥା ବୁଝି ଶିଖି
କବିର ହୃଦୟ ବିମୋହିତ ହେବ
ମନ ରହିଯିବ ଲାଖି ।୭।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଗଙ୍ଗଶିଉଳି



ପ୍ରଭାତ ନଳିନୀ ସାହୁ

ଶରତ ସଂଜରେ ଆସେ ସେ ଖଂଜରେ
ପାଖୁଡା ତା ଧୀରେ ମେଲେ,
ଟପ ଟପ ଟପ ସ୍ନିଗ୍ଧ ଶିଶିରରେ
ସଗ୍‌ଗେ ନୟନ ଖୋଲେ।
ଅଳତାମଖା ତା ରେଶମର ପାଦ
କମନୀୟ ରୂପ କାନ୍ତି,
ମହମହ ବାସ ଚହଟାଇଦେଇ
ମନ ପ୍ରାଣେ ଦିଏ ଶାନ୍ତି।
ଅସୁମାରୀ ସ୍ୱପ୍ନ ଭିଡ ତା ନୟନେ
ରଜତ ଜ୍ୟୋସ୍ନାରେ ଭିଜେ,
ଉଲ୍ଲାସେ, ପୁଲକେ ବିଭୋରିତ ପ୍ରାଣ
ଶରତ ପ୍ରେମରେ ମଜ୍ଜେ।
ଅପରୂପ ରୂପ ଲାବଣ୍ୟ ମାଧୁରୀ
ପ୍ରେମର ପୂରବୀ ଗାଏ,
ବିଜନ ବେଳାରେ ଆସି ସେ ସଧୀରେ
ପ୍ରୀତି ରଙ୍ଗ ମାଖୁଥାଏ।
ଯାମିନୀ ର ଅନ୍ତେ ପ୍ରଭାତ ହୁଅନ୍ତେ
ଭୂମି ପରେ ଯାଏ ଲୋଟି,
ମାଟିର ବୁକୁରେ କଏ ସେ କୁଶଳୀ
ଆଙ୍କେ ଅଭିନବ ଝୋଟି।

କ୍ଷୀଣ ଆୟୁଷ୍କାଳ ହେଲେ ବି ତାହାର
କେବେ ବି ନୁହେଁ ବିମନା,
ସୁବାସ ପୀୟୁଷ ବୁଣିଦେଇ ସେ ଯେ
କରିଦିଏ ଆନମନା।
କେ କହେ ଶେଫାଳ କେ ଗଙ୍ଗଶିଉଳ
କେ କହେ ସିଙ୍ଗଡାହାର,
ଈଶ୍ୱରଙ୍କ ଶିର ମଣ୍ଡନ କରେ ସେ
ପାଇଛି ବିଭୁଙ୍କ ବର।

ଛେଣ୍ଡ କଲୋନୀ, ରାଉରକେଲା

# ପ୍ରେରଣା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଅନୁଶୋଚନାର ଜଳନ୍ତା ନିଆଁରେ
ଜୀବନର ସୁଖ, ଶାନ୍ତି, ପ୍ରୀତି,
ସବୁକିଛି ଦଗ୍ଧ ହେଲାପରେ;
ପାଉଁଶର ସ୍ତୁପତଳୁ ଖୋଜୁଥିଲି
ଆମ ଦାମ୍ପତ୍ୟ-ଜୀବନର ଅତୁଳ ସ୍ମୃତିକୁ;
ଶତ ଚେଷ୍ଟା କରି ମଧ୍ୟ ନିରାଶ,
ପାରିଲିନି ଦେଇ ସାନ୍ତ୍ୱନା ଟିକିଏ
ବିରହ-ବିଧୁର ମୋର ଅବୁଝା ମନକୁ,
ଆଉ ବ୍ୟଥାତୁର ନିଃସଙ୍ଗ ପ୍ରାଣକୁ ।
ଜଟିଳ-ଜଞ୍ଜାଳମୟ ଜୀବନଟା
ତୁମକୁ ଚିହ୍ନିବାର ଦେଇନି ସୁଯୋଗ;
ଅଧୁରା ରହିଗଲା ଆମ ସ୍ୱପ୍ନ,
ସୁଖ ଭୋଗ କରିବା ଆଗରୁ
ତୁମକୁ ହଜାଇଦେଲି ମୁହିଁ – ହତଭାଗ୍ୟ ।
ନୀରବରେ ଢାଳୁଥିଲି ଅଶ୍ରୁ
ଗୋପନରେ ବସି ନିକାଞ୍ଚନେ,
ମୋ ଆତ୍ମଜା-କନିଷ୍ଠ-ତନୟା;
ଅନୁଭବ କରିଥିଲା ମୋ ମନର ବିଚ୍ଛେଦ-ଯନ୍ତ୍ରଣା
ଦେଇଥିଲା ଆଶ୍ୱାସନା, ଅନେକ ସାନ୍ତ୍ୱନା,
ଦୁଃଖ ଭୁଲି ବଞ୍ଚିବାକୁ ଦେଇଛି ପ୍ରେରଣା ।
ତା ପ୍ରଶ୍ନର ଉତ୍ତର ଦେବାକୁ-ଶବ୍ଦଟିଏ ପାଇଲିନି,

ମୂକପ୍ରାୟ ହୋଇଲି ନିର୍ବାକ,
ଜୀବନ-ମୃତ୍ୟୁର ସଂଜ୍ଞା କରି ନିର୍ପଣ,
କହିଥିଲ ହେବାପାଇଁ ସତ୍ୟର ପୂଜକ ।
ତା ପ୍ରେରଣା-ଆଲୋକ-ବର୍ତ୍ତିକା,
ଦୁଃଖର ଗୃହାରୁ ମୋତେ ଆଣିଛି ଫେରାଇ;
ତା ପ୍ରେରଣା ଦେଖାଇଛି ରାହା, ଶିଖାଇଛି-
ବଞ୍ଚିବାକୁ ହେବ ମୋରେ ଲେଖନୀ ଚଳେଇ ।
ତା ପ୍ରେରଣା ଜୀବନ୍ତ କରିଛି ମୋର
ହଜି ଯାଇଥିବା-କବିତା ଛନ୍ଦକୁ
ସମୟ ପୃଷ୍ଠାରୁ ଫେରି ମୁଁ ପାଇଛି;
ବେଦାନ୍ତୀ-ସ୍ୱର୍ଣ୍ଣ-ପୃଷ୍ଠାରେ
ଲେଖନୀ-ନିର୍ଯ୍ୟାସ ମୋର କବିତା-ସୁମନ
ପାଠକ, ପାଠିକାମାନଙ୍କୁ ସୌରଭ ବାଣ୍ଟିଛି ।
ସେମାନଙ୍କ ଅଯାଚିତ ପ୍ରଶଂସା-ସମ୍ଭାର,
ବିଦଗ୍ଧ-ତନୁକୁ ମୋର ଶୀତଳ କରିଛି,
ଦୁଃଖ ଭୁଲି ବଞ୍ଚିବାକୁ ପ୍ରେରଣା ଦେଇଛି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ରାଉରକେଲା

# ବାଦଲର ଛାଇ



ପଙ୍କଜ ଲୋଚନ ମହାନ୍ତି

ମନୋଜ ବାବୁ କୁଆଡେ ଗଲେ?

ତାଙ୍କ ସ୍ତ୍ରୀ ଅନୀତା ଭାରି ବ୍ୟସ୍ତ ହୋଇ ଯାଇଥିଲେ। ଏମିତିରେ ତ ନ କହି କୁଆଡେ ଯାଆନ୍ତି ନାହିଁ। ପୁଅ ତପନକୁ ଫୋନ୍ କରିଥିଲେ ଯେ ସିଏ କଣ ଗୋଟାଏ କାମରେ ବ୍ୟସ୍ତ ଅଛି, କିଛି ସମୟ ପରେ ଆସିବ ବୋଲି କହିଲା। ଝିଅ ତାପସୀ ବାହା ହୋଇ ପୁନାରେ ଅଛି। ତାକୁ ଏତେ ଶୀଘ୍ର କହିବାଟା ଠିକ୍ ହେବନି। କଣ ହେଇଛି ଭଲରୂପେ ନ ବୁଝି ଝିଅକୁ କାହିଁକି ବ୍ୟସ୍ତ କରାଇବେ? ଆଉ ଏମିତି ବ୍ୟକ୍ତିଗତ କଥା ସାହି ପଡିଶାରେ କାହାକୁ କହିବା ଠିକ୍ ନୁହଁ। ସେମାନଙ୍କଠାରୁ ସାହାଯ୍ୟ ସହାନୁଭୂତି ଆଶା କରିବା ବୃଥା। ବରଂ ଇଆଡୁ ସିଆଡୁ ବହେ ପ୍ରଶ୍ନ କରି ମଜା ଦେଖିବେ। ଏଭଳି ସମୟରେ ଏଇ ତପନଟା ଏମିତି କି ବଡ କାମ କୋଉଠି କରୁଛି କେଜାଣି !! ଅନୀତା କଣ କରିବେ କିଛି ଭାବି ପାରୁ ନ ଥିଲେ। ତପନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡା ଆଉ କିଛି ଉପାୟ ନାହିଁ।

ସତେ ଯେମିତି ଅଜଣା କଳା ବାଦଲର ଛାଇ ତାଙ୍କ ଜୀବନରେ ଘୋଟି ଆସିଥିଲା।

ଅନୀତା ଭାବନା ରାଇଜକୁ ଚାଲିଗଲେ...

ହେଇ କାଲି ଭଳି ଲାଗୁଛି - ମନୋଜ ତାଙ୍କ ବାପା, ମାଆ ଓ ବଡଭାଇଙ୍କ ସହ ତାକୁ ପ୍ରଥମେ ଦେଖିବାକୁ ଆସିଥିଲେ। ଅନୀତାଙ୍କୁ ସତର ପୁରି ଅଠର ଚାଲୁଥାଏ। ସେମାନଙ୍କ ପହଞ୍ଚିବା ଖବର ପାଇ ତାଙ୍କ ମନର ଅବସ୍ଥା ଯାହା ହେଉଥିଲା କହି ହେବନି। ସେଥିରେ ପୁଣି ସାନ ଭଉଣୀ ଅଞ୍ଜନାର ଥଟ୍ଟା - "ନାନୀ, ଇଏ କେଉଁ ଦେଶର ରାଜକୁମାର କି?" ଅନୀତା ତାକୁ କିଛି ନ କହି କେବଳ ଚୁପ୍ ରହିଲେ। ସିଏ ବି ନାନୀର ଅସମଞ୍ଜସ ସ୍ଥିତି ଜାଣି ପାରି ଆଉ ବେଶୀ କିଛି କହିଲା ନାହିଁ। ସେମାନେ ସମସ୍ତେ ଆସି ଡ୍ରଇଙ୍ଗ୍ ରୁମ୍ ରେ ବସିଲେ। ଅନୀତାର ବାପା ଯାଇ କଣ କଥାବାର୍ତ୍ତା ହେଉ ଥାଆନ୍ତି। ଏପଟେ ମାଆ ତାକୁ ତରତର କରୁ ଥାଆନ୍ତି ଭଲ ଶାଢିଟିଏ ପିନ୍ଧିବା ପାଇଁ। ଅନୀତା ଆଗରୁ କେବେ ଶାଢି ପିନ୍ଧି

ନ ଥିଲେ। ଯାହା ହେଉ ମାଆ ସାହାଯ୍ୟ କରିଥିଲେ ଶାଢି ପିନ୍ଧିବାକୁ। ତାପରେ ମାଆ ସେମାନଙ୍କୁ କଛି ଜଳଖିଆ ଦେଇ ଆସିଲେ ଆଉ ଚା ତିଆରି କରି ଟ୍ରେରେ ରଖି ତାଙ୍କୁ ନେଇ ଦେବା ପାଇଁ କହିଲେ। ମାଆଙ୍କ ଆଖିକୁ କଛି ସମୟ ଅନେଇ ରହିଲେ ଅନୀତା। ସତେ ଯେମିତି କହୁଥିଲେ, "ମାଆ, କାହିଁକି ମତେ ହଇରାଣ କରୁଛ?" ମାଆ ତାଙ୍କର ମନ କଥା ବୁଝିଲା ଭଳି କହିଲେ, "ଯା, ଜମା ବ୍ୟସ୍ତ ହେନା।" ମାଆଙ୍କର ସେତିକ କଥା ତାଙ୍କୁ ବହୁତ ସାହସ ଦେଇଥିଲା। ଆସ୍ତେ ଆସ୍ତେ ଯାଇ ଚା ଟ୍ରେ ରଖି ଦେଇଥିଲେ ଟି ପୟ ଉପରେ ଆଉ ସମସ୍ତଙ୍କୁ ନମସ୍କାର କଲେ। ମନୋଜର ବାପା କହିଲେ, "ବସ ମାଆ।" ଆଉ ସିଏ ମୁହଁ ତଳକୁ କରି ବସିଗଲେ। ମନୋଜର ବାପା କଣ ଗୋଟାଏ ଦୁଇଟି ପ୍ରଶ୍ନ ପଚାରିଲେ। କନ୍ତୁ ମନୋଜ ଓ ତାଙ୍କ ବଡଭାଇ ଚୁପ୍ ଚାପ୍ ବସି ଥାଆନ୍ତି। ଅନୀତା ଭାବୁଥାନ୍ତି ଇଏ କେମିତିକା ଲୋକ !! ବାହା ହବାକୁ ଆସିଛନ୍ତି, ହେଲେ ପଦଟିଏ ବି କଥା ହେଲେନ ତାଙ୍କ ସହିତ। ପୁଣି ଭାବିଲେ - "ଠିକ୍ ଅଛି, ମୋର ଟେନସନ୍ ବି କମିଲା।" ତାପରେ ତାଙ୍କୁ ଭିତରକୁ ଯିବାକୁ କହିବାରୁ ସେ ଚାଲିଗଲେ। ତାପରେ ଆଉ ଟିକଏ କଣ କଥାବାର୍ତ୍ତା ହୋଇ ସମସ୍ତେ ବାହାରି ଯାଇଥିଲେ। ଅନୀତାର ମାଆ ତାକୁ ପଚାରିଲେ - "ପୁଅଟି କେମିତି ଲାଗିଲା।" ଅନୀତା କଛି କହି ନ ଥିଲେ। ପୁଣି ପଚାରିବାରୁ ଖାଲି ଏତିକ କହିଥିଲେ ଯେ ତାଙ୍କ ବାପାମାଆଙ୍କ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି। ମାଆ ବୁଝିଗଲେ। କଛି ଦିନ ପରେ ତାଙ୍କ ବାପା ମନୋଜ ଘରକୁ ଯାଇ କଥାବାର୍ତ୍ତା କରି ଆସିଲେ ଆଉ ବାହାଘର ଠିକ୍ ହୋଇଗଲା। ତାପରେ ନର୍ବନ୍ଧ ଆଉ ବାହାଘର। ଅନୀତା ବାହାଘର କଣ ଭଲରୂପେ ବୁଝିବା ଆଗରୁ ଗୃହିଣି ହୋଇ ସାରିଥିଲେଣି। ତେବେ ତାଙ୍କୁ ବେଶୀ କଛି ଅସୁବିଧା ହୋଇ ନ ଥିଲା, କାରଣ ମନୋଜ ଖୁବ୍ ସାଧାସିଧା। ପୁଣି ଶାଶୁ ଶ୍ୱଶୁର ବି ବହୁତ ଭଲ। ବାହାଘରର ପ୍ରାୟ ତିରିଶି ବର୍ଷ ହୋଇଗଲାଣି। ଆଉ ଅନୀତା କେବଳ ଜଣେ ଭଲ ଗୃହିଣି ନୁହ, ଭଲ ମାଆ ବି ହୋଇ ସାରିଲେଣି। ତେବେ କୋଉଠି ତାଙ୍କର ଭୁଲ୍ ରହିଗଲା ଯେଉଁଥିପାଇଁ ମନୋଜ ଭଳ ଏତେ ସରଳ ଲୋକ ଘର ଛାଡି ଚାଲିଗଲେ??

ଅନୀତା ଏମିତି ଭାବୁ ଭାବୁ ତପନ ଆସି ପହଞ୍ଚିଗଲା। ତାକୁ ଦେଖି ଅନୀତା କାନ୍ଦିବାକୁ ଲାଗିଲେ। ତପନ ପଚାରିଲା, "କଣ ହେଇଛି ମାଆ, ବାପା କୁଆଡେ ଗଲେ?"

- "ମୁଁ କେମିତି ଜାଣିବି?"

- "ମାନେ ବାପା ଘର ଛାଡି କୁଆଡେ ପଳେଇଲେ ବୋଲି ତମେ କେମିତି ଜାଣିଲ?"

ଅନୀତା ଗୋଟିଏ ଛୋଟ କାଗଜ ତପନ ହାତକୁ ବଢ଼ାଇ ଦେଲେ। ସେଥିରେ ଲେଖା ଥିଲା "ମୁଁ ଘର ଛାଡି ଯାଉଛି... - ମନୋଜ"

ଅନୀତାଙ୍କ ମୁହଁ ଶୁଖିଯାଇଥିଲା। ତପନକୁ ପରିସ୍ଥିତି ଗମ୍ଭୀର ଭଳି ଲାଗୁଥିଲା। ସେ ଜାଣେ ତାର ମାଆ ବହୁତ ଟାଣୁଆ। କିନ୍ତୁ ଆଜି ତାଙ୍କର ସେଇ ଟାଣ ଭାବ ନ ଥିଲା। ମନୋଜ ପଚାରିଲା, "ମାଆ, କାଲି କିଛି ଝଗଡ଼ା ହେଇଥିଲା କି?"

- "ନା, ସେମିତି କିଛି ବଡ ଝଗଡ଼ା ହେଇନି। ସେ କାହା ସହିତ ଫୋନ୍ ରେ କଥା ହେଉଥିଲେ। ମୁଁ ପଚାରିବାରୁ କହିଲେ - ମୋ ଗାର୍ଲ୍ ଫ୍ରେଣ୍ଡ୍ ସହିତ କଥା ହେଉଛି। ମୁଁ କହିଲି - ତମର ପୁଣି ଗାର୍ଲ୍ ଫ୍ରେଣ୍ଡ୍? ତମ ଦେଇ କିଛି ହେବନି।"

- "ଏମିତି କଥା ତ ତମର ବହୁତ ଥର ହୋଇଥାଏ। ତାପରେ?"

- "ସେ ଯେମିତି ଆଗରୁ କହୁଥିଲେ, ସେମିତି କହିଲେ - ଯେଉଁ ଦିନ ହେବ, ମତେ କିଛି କହିବନି।"

- "ବାସ୍ ଏତିକି? ଏଥିରେ ତ କିଛି ନୂଆ କଥା ନାହିଁ। କଣ ପାଇଁ ଏମିତି କଲେ ବାପା?"

- "ହଁ ପରା, ମୁଁ ସେଇକଥା ଭାବୁଛି।"

- "ଆଚ୍ଛା ମାଆ, ତମେ ବାପାଙ୍କୁ ଫୋନ୍ କରିଥିଲ?"

- "ହଁ, ଦୁଇ ଘଣ୍ଟା ତଳେ ରିଙ୍ଗ୍ କରି ଥିଲି। ସ୍ୱିଚ୍ ଅଫ୍ ଥିଲା।"

- "ଏବେ କଣ କରିବା ମାଆ? ପୋଲିସ୍ ଷ୍ଟେସନ୍ କୁ ଯିବା?"

- "ମୋ ମୁଣ୍ଡ କିଛି କାମ କରୁନି। ତୁ ଯାହା ଠିକ୍ ଭାବୁଛୁ କରେ।"

ତପନ ତା ବାପାଙ୍କ ନମ୍ବର ରିଙ୍ଗ୍ କରିବାକୁ ଚେଷ୍ଟା କଲା। ଅନୀତା ଆଶାୟୀ ହୋଇ ଚାହିଁ ରହିଥିଲେ।

- "କଣ ହେଲା?"

- "ରିଙ୍ଗ୍ ହେଉଛି, କିନ୍ତୁ ଉଠେଉ ନାହାନ୍ତି। ଏଠି ସିଗ୍ନାଲ୍ ଏତେ ଭଲ ନାହିଁ। ମୁଁ ଟିକିଏ ସେପଟେ ଯାଇ ରିଙ୍ଗ୍ କରୁଛି।"

ଅନୀତା ଶୁଣି ରହିଥିଲେ ତପନକୁ। ନ ଶୁଭି ଗଲେ ବି ଜଣାଗଲା କଛି କଥା ହୋଇଛନ୍ତି। ତପନ ପାଖକୁ ଆସିବାରୁ ଅନୀତା ପଚ୍ଚାରିଲେ - "କଣ କହିଲେ?"

- "ମାଆ, ତମେ ଟିକଏ ଧୈର୍ଯ୍ୟଧର। ବ୍ୟସ୍ତ ହୁଅନ।"

- "ଆରେ କହୁନୁ କଣ କହିଲେ?"

- "କହିଲେ..."

- "ହଁ କହ"

- "ମାଆ, ପ୍ଲିଜ୍ ରାଗିବନ ତ?"

- "ରାଗିବି କାହିଁକ? କୋଉଠି ଅଛନ୍ତି? କଣ କରୁଛନ୍ତି?"

- "ବାପା କଛି ସମୟ ପରେ ଆସିବେ, କନ୍ତୁ ତମର ଅନୁମତି ହେଲେ ଆସିବେ।"

- "ମଲା, ଘରକୁ ଆସିବାକୁ ଅନୁମତି କଣ ଦରକାର?"

- "ନାଇଁ, ମାନେ..."

- "କଣ ମାନେ ମାନେ ହେଉଛୁ? ଯାହା କହିଲେ ସିଧା ସିଧା କହୁନୁ?"

- "କହିବି?"

- "ହଁ କହ"

- "ବାପା ତ ଆସିବେ, ତାଙ୍କ ସାଙ୍ଗରେ ତାଙ୍କ ଗାର୍ଲ୍ ଫ୍ରେଣ୍ଡ୍ ଆସିବେ।"

- "କଣ କହିଲୁ?"

- "ମାଆ, ମୁଁ କହିଥିଲି ରାଗିବନ ବୋଲି..."

- "ନା, ମାନେ ତୁ ଠିକ୍ ଶୁଣିଛୁ ତ?"

- "ହଁ ମାଆ, ଏଇୟା ତ କହିଲେ। ତାହେଲେ କଣ କହିବି ମାଆ?"

ଅନୀତା କଛି ସମୟ ଗୁମ୍ ହୋଇ ରହିଲେ। ତାପରେ କହିଲେ, "ଠିକ୍ ଅଛି। ଆସିବାକୁ କହ।"

ତପନ ତା ବାପାଙ୍କୁ ଫୋନ୍ କରି କହିଲା। ଦୁହେଁ କିଛି ସମୟ ଅପେକ୍ଷା କରିବା ପରେ ମନୋଜ ଜଣେ ସ୍ତ୍ରୀ ଲୋକ ସହିତ ପହଞ୍ଚିଲେ। ଅନୀତା ସୋଫା ଉପରେ ବସିଥିଲେ। ସେମାନଙ୍କୁ କେବଳ ଚାହିଁଲେ, କିଛି କହିଲେନି। ସେ ଦୁହେଁ ବି ସୋଫା ଉପରେ ବସିଲେ। ତାପରେ ତପନ ବାପା ଓ ମାଆଙ୍କୁ ଡାକି ତାର ବେଡ୍ ରୁମ୍ କୁ ନେଲା। କହିଲା - "ବସ। କଥାବାର୍ତ୍ତା ହେବା।"

ଅନୀତା- ଆଉ କଣ କଥାବାର୍ତ୍ତା ହେବା? ତୋର ବାପା ତ ନିଷ୍ପତ୍ତି ନେଇ ସାରିଛନ୍ତି। ମୁଁ ଏ ଘରୁ ବାହାରି ଯିବି। ତୋର ବାପା ତା ସହିତ ରୁହନ୍ତୁ।

ତପନ- ନା, ନା, ଟିକିଏ କଥା ହୁଅ। ବାପା, କିଛି କୁହ କଣ ପାଇଁ ଏ ପଦକ୍ଷେପ ନେଲ।

ମନୋଜ- କଣ କହିବି?

ଅନୀତା- ବୟସ ଆସି ପଚାଶ ଧରିଲାଣି। ଏ ବୟସରେ ତୁମକୁ ଏ ସବୁ ଶୋଭା ପାଉଛି? ଟିକିଏ ଲାଜ ଲାଗୁନି?

ମନୋଜ- ମୋର କି ଦୋଷ? ତମେ ତ ସବୁବେଳେ ମତେ କହିଲ, ତମ ଦେଇ କିଛି ହେବନି ବୋଲି।

ଅନୀତା- ମୁଁ କଣ ଟିକିଏ କହିଲି ବୋଲି ତମେ ଏମିତି କରିବ?

ମନୋଜ- ଟିକିଏ? ସବୁବେଳେ ତ ସେଇଆ କହିଲ।

ଅନୀତା- ହଉ, ଠିକ୍ ଅଛି। ତମେ ଖୁସିରେ ରହ, ରୋମାନ୍ସ କର। ମୁଁ ଏ ଘରୁ ବାହାରି ଯିବି।

ତପନ- ମାଆ, ତମେ ଦୁଇ ଜଣ ଅଲଗା ହୋଇଗଲେ ମୁଁ କୋଉଠି ରହିବି?

ଅନୀତା- ତୋ ବାପା ପାଖରେ ରହ।

ତପନ- କିନ୍ତୁ ମତେ ବାପା ମାଆ ଦୁଇ ଜଣଯାକ ଦରକାର।

ଅନୀତା- ତୋର ତ ନୂଆ ମାଆ ଆସିଗଲାଣି। ଏ ପୁରୁଣା ମାଆ ଆଉ କଣ ଦରକାର?

ତପନ- ନାଇଁ ମାଆ, ସେମିତି କୁହନି। ମୁଁ ତୁମକୁ ଛାଡି ରହି ପାରିବିନି। କିଛି ଗୋଟାଏ ସମାଧାନ କର।

ମନୋଜ କିଛି ନ କହି ଖାଲି ଏପଟେ ସେପଟେ ଚାହିଁ ରହିଥିଲେ।

ଅନୀତା- ମୁଁ କ ସମାଧାନ କରିବି? ତୋ ବାପାକୁ ପଗ୍ଣରୁନୁ।

ତପନ- ବାପା, କୁହ କଣ କରିବା?

ମନୋଜ- ମତେ କଣ ପଗ୍ଣରୁଛୁ? ଆଜି ପର୍ଯ୍ୟନ୍ତ ତୋ ମାଆ ଯାହା କହିଛି, ମୁଁ ସେଇଆ କରିଛି। ଆଗକୁ ବି ତାଙ୍କ କଥା ଶୁଣିବି।

ଅନୀତା- ମୁଁ ତୁମକୁ କହିଥିଲି ଏମିତି କରିବା ପାଇଁ?

ମନୋଜ- ହଁ, ତମେ କହିଛ ବହୁତ ଥର। କଣ ତପନ, ସତ ନା ମିଛ?

ତପନ- ହଁ, ସତ କଥା।

ଅନୀତା- ମୁଁ ଥଟ୍ଟାରେ କଣ କହିଲି ବୋଲି ତମେ ସତକୁ ସତ ଏମିତି କରିବ ନା?

ତପନ- ମାଆ, ତମେ ଥଟ୍ଟାରେ କହୁଥିଲ ନା? କନ୍ତୁ ତମେ ଏତେ ଥର ଏମିତି କହିଛ ଯେ ବାପା ସତ ବୋଲି ଭ୍ବି ନେଲେ। ନା କଣ ବାପା?

ମନୋଜ- ହଁ, ସେଇଆ।

ଅନୀତା- ତା ମାନେ ବାହା ହୋଇ ତିରିଶି ବର୍ଷ ହୋଇଗଲା, ମତେ ଚହ୍ନି ପାରିଲନ? କୋଉଟା ଥଟ୍ଟା  କୋଉଟା ସତ ଜାଣି ପାରିଲନ?

ମନୋଜ- ମୁଁ ତ ଜାଣିପାରେ। କନ୍ତୁ ତମେ ଜାଣି ପାରିଲନ।

ଅନୀତା- ମାନେ?

ମନୋଜ- ମାନେ କେବଳ ତମେ ଥଟ୍ଟା କରିପାରିବ?

ଅନୀତା- ତମେ କଣ କହୁଛ, ମୁଁ କଛି ବୁଝି ପାରୁନ।

ଏ ସମୟରେ ସେ ସ୍ତ୍ରୀ ଲୋକ ଭିତରକୁ ଆସି କହିଲେ- "ନମସ୍କାର ମେଡେମ୍। ମୁଁ ବୁଝାଇ ଦେଉଛି। ମୁଁ ମାନସୀ। ମୋ ଲଗି ଆପଣ ବ୍ଯସ୍ତ ହେଉଛନ୍ତି। ସେଥିପାଇଁ ମୁଁ ବାଧ ହେଲି ଭିତରକୁ ଆସିବା ପାଇଁ। ସେଥିପାଇଁ ମତେ କ୍ଷମା କରିବେ। ଅଭିନୟ ମୋର ସଉକ। ତପନ ଆଉ ମୁଁ ବହୁତ ନାଟକରେ ଅଭିନୟ କରିଛୁ। ତେବେ ଆପଣଙ୍କର ଜୀବନରେ ଏଇ ଛୋଟ ଅଭିନୟ ମୋର ସବୁବେଳେ ମନେ ରହିବ।"

ଅନୀତା- ଅଭିନୟ**???**

ତପନ- ହଁ ମାଆ, ତମେ ତ ସବୁବେଳେ ବାପାଙ୍କୁ ଏମିତି ଥଟ୍ଟା କର। ଆମେ ଭାବିଲୁ ଆମେ ବି ଟିକଏ ଥଟ୍ଟା କରିବା। ତେବେ ବାପାଙ୍କର ଜମା ଭୁଲ୍ ନାହିଁ। ସବୁ ମୋର ଆଇଡିଆ। ଯାହା ଗାଳି ମାଡ ଦେବ, ମତେ ଦିଅ।

ବାଦଲର ଛାଇ ହଟି ଯାଇ ସୂର୍ଯ୍ୟ କରଣରେ ତାଙ୍କ ଜୀବନ ପୃଷ୍ଠ ଝଲସି ଉଠିଥିଲା। ଅନୀତା ସବୁ କଥା ବୁଝି ସାରିଥିଲେ। ଆସ୍ତେ ଆସ୍ତେ ତାଙ୍କ ମୁହଁରେ ହସ ଓ ଆଖିରେ ଆନନ୍ଦାଶ୍ରୁ ଭରି ଆସୁଥିଲା।

ଭୁବନେଶ୍ୱର
9437642621

# ସେଇ ଅଧୁରା ପ୍ରେମ



ସସ୍ମିତା ପଟ୍ଟନାୟକ

ଚାନ୍ଦ ଆଜି ଖୁବ ନିର୍ମଳ ଥିଲା
ତା ଚମକ ଯେମିତି ମୋ ଖୁସିକୁ ଜଣାଉ ଥିଲା

ସ୍ମୃତିର କୋଉ କୋଣରେ ଯୌବନର ଦିନ ଭାସି ଉଠୁଥିଲା
ନୂଆ ସମ୍ପର୍କର ମିଠା ମିଠା ଅନୁଭୂତି ସବୁ ମନେ ପଡୁଥିଲା

ତାର ମନଲୋଭା ଚେହେରା ଆଉ ଗାମ୍ଭିର୍ଯ୍ୟତା
ସବୁଠୁ ଅଲଗା ସବୁଠୁ ଉପରେ ଲାଗୁଥିଲା

ସମସ୍ତଙ୍କ ଭଳି ମୋ ମନରେ ବି ଆବେଗ ଭରିଥିଲା
ଅଜଣା ଏକ ଅନୁଭୂତିର ଆଭାସ ମିଳୁଥିଲା ।

ସିଏ ବୁଝି ନଉ ମୋ ମନ କଥା ହୃଦୟ କହୁଥିଲା
ତାରି ସପନରେ କେତେ ରାତି ଅନିଦ୍ରା ଯାଉଥିଲା ।

ଦିନ ପରେ ଦିନ ମାସ ପରେ ମାସ ବିତି ଯାଇଥିଲା
ମିଠା ଅନୁଭୂତି ଖାଲି ମନ ଭିତରେ ରହି ଯାଇଥିଲା ।

ଆଜି ଆକାଶ ମୋତେ ଚାହିଁ କହୁଥିଲା
କାହା ଆଗମନକୁ ତୋର ଅପେକ୍ଷା ରହିଲା ।

କଣ କହିଥାନ୍ତି ଯେ ଆଜି ବି ତା ଆସିବା ବାଟକୁ ଗୃହିଁ ରହିଥିଲି
ସେଇ ଅଧୁର୍ ପ୍ରେମ ମୋତେ ଆଜି ସ୍ପର୍ଶ କରୁଥିଲି ।

ଗୃନ୍ଦ ଆଜି ଶୀତଳ ଉଲ୍ଲାସ ଦେଉଥିଲି
ହେଲେ ହୃଦୟର ଜଆଁ ହୁତୁ ହୁତୁ ଜଳୁଥିଲା
ଆଉ ମୋ ମନ ମୋ ପ୍ରେମୀକୁ ହିଁ ଝୁରୁ ଥିଲି
ପୁଣି ଆଜି ପ୍ରେମର ଅଧୁର୍ କାହାଣୀର ଝଲକ ଦିଶୁଥିଲି ।

ପଟିଆ, ଭୁବନେଶ୍ୱର

# ଜୟ ଜଗନ୍ନାଥ



ଡ. ପ୍ରସନ୍ନ କୁମାର ବଳ

ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ, ତୁମେ ହିଁ ଜଗତ ନାଥ,
ତୁମ ବିନୁ ଏହି ସୃଷ୍ଟି ଅସମ୍ଭବ, ଜଗତ ତୁମର ଦାସ ।୧।
ତୁମ ଦାଣ୍ଡ ପୁଣି ବଡ ଦାଣ୍ଡ ଅଟେ, ତୁମ କ୍ଷେତ୍ର ତ ଶ୍ରୀକ୍ଷେତ୍ର,
ବାଇଶି ପାହାଚେ ନ ଗଡିଛି ଯିଏ, ଜୀବନ ତ ତାର ବ୍ୟର୍ଥ ।୨।
ତୁମରି ପତାକା ପତିତପାବନ ଉଡଇ ଆକାଶ ମଧ୍ୟେ,
ତୁମ ଭୋଗ ପୁଣି ମହାଭୋଗ ଅଟେ ସବୁ ଭକତ ମଧ୍ୟରେ ।୩।
ତୁମେ ହିଁ ବିଷ୍ଣୁ, ତୁମେ ହିଁ କୃଷ୍ଣ, ତୁମେ ହିଁ ତ ନାରାୟଣ,
ଦାରୁବ୍ରହ୍ମ ସାଜି ଅଳଂକୃତ କରିଅଛ ସତେ ସିଂହାସନ ।୪।
କେତେ ଲୀଳା ଖେଳା କର ତୁମେ ପ୍ରଭୁ ଏହି ଧରାଧାମ ତଳେ,
ରଥଯାତ୍ରା, ସ୍ନାନ ଯାତ୍ରା ଓ ଚନ୍ଦନ ଯାତ୍ରାର ମହତ୍ତ୍ୱ ବଳେ ।୫।
ତୁମ ଧାମ ପୁଣି ଅତି ତ ପବିତ୍ର ଚାରିଧାମର ମଧ୍ୟରେ,
ରାମାନନ୍ଦ, ରାମାନୁଜ, ଚୈତନ୍ୟ ଓ ସାଲବେଗ ଗାନ କରେ ।୬।
ଦୁନିଆର ସବୁ ଦେବଦେବୀଙ୍କର ଗଠନ ହୁଏ ପଥରେ,
ତୁମେ ଏକମାତ୍ର ମହାପ୍ରଭୁ ପୁଣି ଦର୍ଶନ ଦାରୁବ୍ରହ୍ମରେ ।୭।
ବାର ବରଷରେ ନବ କଳେବର ଲଭଇ ଅବଶ୍ୟ ତୁମେ,
ଭକ୍ତଙ୍କ ଜୀବନ ଧନ୍ୟ ହୋଇଯାଏ ଲଭି ତୁମ ଦର୍ଶନରେ ।୮।
ଭାଇ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କୁ ତ ଛାଡିପାରୁ ନାହିଁ
ମା ଲକ୍ଷ୍ମୀଙ୍କୁ ତ ପଟାଇ ପାରନ ହେରା ପଞ୍ଚମୀରେ କାହିଁ ।୯।
ତୁମ ମନ୍ଦିରର ଛାଇଟି ତ ପୁଣି କେହି କେବେ ଦେଖିନାହିଁ,
ପତାକା ତୁମର ପବନର ଗତି ବିପରୀତେ ଉଡିଥାଇ ।୧୦।

ତୁମ ମନ୍ଦିରର ଉପରେ ବା ପୁଣି କଏ ଉଡିପାରେ କାହିଁ,
ଏପରିକ କେଉଁ ପକ୍ଷୀ ବି ଉଡିବା ସାହସ କରନ୍ତି ନାହିଁ ।୧୧।
ସମୁଦ୍ର ତୁମର ପାଖରେ ଥିବାରୁ ନାମ ତାର ମହୋଦଧି,
ସେ ସମୁଦ୍ର ପାଣି ମୁଣ୍ଡରେ ମାରିଲେ ମୁକ୍ତହୁଏ ମହାବ୍ୟାଧି ।୧୨।
ମହୋଦଧିରେ ତ ବୁଡ ଦେବାପରେ ମନରେ ଆସଇ ଶାନ୍ତି,
ନରେନ୍ଦ୍ର ପୋଖରୀ ବୁଡ ଦେବା ପରେ ପାପରୁ ମିଳଇ ମୁକ୍ତି ।୧୩।
ତାପରେ ଜଗାକୁ ଦରଶନ କରି ମହାପ୍ରସାଦ ସେବନ,
ସାତ ଜନମର ପାପ ଧୋଇଯାଏ ମନେରଖ ଶ୍ରୋତାଗଣ ।୧୪।
ଆନନ୍ଦ ବଜାର ଆନନ୍ଦ ଅଲଗା ସ୍ୱର୍ଗୀୟ ସୁଖ ମିଳଇ,
ଛପନ ଭୋଗୀଙ୍କ ଟଙ୍କ ତୋରାଣୀର ସ୍ୱାଦ ଏଠାରେ ମିଳଇ ।୧୫।
ରଥଯାତ୍ରା ବେଳେ ବାହାରକୁ ଆସି ଦରଶନ ଦେବା ହୁଏ
ତୁମ ରଥ ଟାଣି ଭକତ ଜୀବନ କେତେ ପୁଣ୍ୟ ହୋଇଥାଏ ।୧୬।
ଭକତ ତ ଗ୍ଭହେଁ ରଥ ଟାଣୁ ଟାଣୁ ଜୀବନ ତାହାର ଯାଉ,
ରଥ ଚକ ତଳେ ଜୀବନ ହାରିଲେ ତାଠାରୁ କ ପୁଣ୍ୟ ଆଉ ।୧୭।
ସୁଦର୍ଶନ ଚକ୍ରେ କରୋନାକୁ ମାର ରତ୍ନ ସିଂହାସନେ ବସି,
ବିଶ୍ୱବ୍ରହ୍ମାଣ୍ଡର ଭକ୍ତଗଣ ସବୁ ଶରଣ ପଶିଛି ଆସି ।୧୮।
ତୁମେ ନ ରଖିଲେ ଆଉ କେ ରଖିବ ଆହେ ପତିତପାବନ,
ଯୁଗେ ଯୁଗେ ତୁମ ବାନା ଉଡେ ପର୍ ଭକ୍ତପାଇଁ ତୋ ଜୀବନ ।୧୯।
ଆହେ ମହାପ୍ରଭୁ ସବୁ ତ ଦେଖୁଛ ନୀରବ ଏତେ କାହିଁକ
ତୁମରୀ ସନ୍ତାନ ତ୍ରାହି ତ୍ରାହି ଡାକେ ରକ୍ଷାକର ଏ ସୃଷ୍ଟିକ ।୨୦।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ଜହ୍ନ ପ୍ରେମରେ କଇଁ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଦୂର ଆକାଶର ତୋଫା ଜହ୍ନ ତୁମେ
ମୁଁ ଅଟେ ତୁମ କଇଁ
ନିତି ତୁମକୁ ଦେଖୁଥାଏ ମୁହିଁ
କିନ୍ତୁ ପାରେନା କେବେବି ଛୁଇଁ
ଛୁଇଁ ପାରେନା ତୁମକୁ ବୋଲି
କରେନାହିଁ ମନ ଊଣା
ସଦା ଦେଖେ ସରସିରେ ମୁହିଁ
ତୁମେତ **(**ଜହ୍ନ**)** ଅଟ ମୋ ସୁନା
ଯେତେ ମୁଁ ଦେଖିଲେ ତୁମକୁ ଯେ ସାଥୀ
ମନ ଭରୁନାହିଁ କଆଁ**?**
ଯେତେ ମୁଁ ଭାବିଲେ ତୁମ କଥା ପ୍ରିୟ
ଭାବନା ମୋ ସରୁନାହିଁ କଆଁ**?**
ଲାଗୁଛି ଯେମିତି ଆଜି ମୁଁ
ତୁମ ପ୍ରେମରେ ଯାଇଛି ପଡି
ତୁମ ପ୍ରେମ ପାଇବା ପାଇଁ
ଚାତକ ଭଳି ରହିଛି ଚାହିଁ ॥

ମଠସାହି**,** ତୁଳସିପୁର

# ଅସାଧାରଣ ସୁନ୍ଦରବନ- ୧୪



ଅଶୋକ ବିଶ୍ୱାଳ

## ସୁନ୍ଦରବନରେ ଆଉ ଏକ ଯାତ୍ରା

କେଦୋ ଦ୍ୱୀପ ପାଖରେ ଗୋଆସାବା ନଦୀ ସମୁଦ୍ରରେ ମିଶିଯାଇଛି । କେଦୋ ର ଏ କୂଳରୁ ଗୋନା ଦ୍ୱୀପର ସେ କୂଳଯାଏ ଆଖି ପାଉନ । ତାପରେ ତଳକୁ ବଙ୍ଗୋପସାଗର ଆରମ୍ଭ ହୋଇଯାଇଛି । ତେଣୁ ସ୍ଥାନଟାକୁ ସମୁଦ୍ରର ଆରମ୍ଭ କୁହାଯାଇପାରେ । ଏପଟେ କେଦୋପାଖ ନଦୀ କୂଳରେ ଅନେକ ବାଲିଚଡା ଦେଖାଯାଉଥିଲା । କନ୍ତୁ ନଦୀ ମଝିଟା ପାଣିରେ ଭରା । କେଦୋଖାଲି ଯାଗାଟା ପ୍ରଥମରୁ କୁଖ୍ୟାତ । ବାଘର ରାଜ୍ୟ । ଦୁଃଖର କଥା ତ ସେଇଠୁ ଆରମ୍ଭ ହୋଇଥିଲା । ସେପଟେ ଦ୍ୱୀପ ଭିତରେ କଛି ନାଳ ଗୋଆସାବା ନଦୀରୁ ଯାଇ ଆରପଟ ଗୋନା ନଦୀରେ ମିଶିଛି । ସେମିତି ଏକ ନାଳ ଭିତରକୁ ଯାଇଥିଲା। ସେଠାରେ ଏକ ନଦୀକୂଳଆ ଗଛରେ ବହୁତ ଧଳା ବଗ ବସିଥିବାର ଦେଖାଗଲା। ବଗଗୁଡାକ ସାଧାରଣତଃ ନଦୀ ବା ପୋଖରୀ କୂଳରେ ଛକ ପାଣିକୁ ଅନାଇ ରହିଥାନ୍ତି ଆଉ ମୀନଟିଏ ଦେଖିଲେ ବିଜୁଳବେଗରେ ଥଣ୍ଟରେ ଧରି ନଅନ୍ତି ଏବଂ ଟାକ୍‌କୁ କରି ଗିଳ ଦିଅନ୍ତି । ବଗଗୁଡାକ ଦିନରେ ନଦୀ କୂଳରେ ନଠିଆ ହୋଇ ଗୋଟିଏ ଗଛରେ ଏକତ୍ରିତ ହେବାଟା ଆଶ୍ଚର୍ଯ୍ୟଜନକ ।

"ବଗମାନେ ସଭାରେ ପରା ବସିଛନ୍ତି ।"-ଦେବଲ କହିଲା ।

"ବଗ ଆଉ ସଭା । ଭାରି ମଜା ଲାଗୁଛି ତ ।"- ପାଓଲି କହିଲେ । ସେ ନରିଖେଇ ଅନାଇଲେ । ଅନେକ ବଗ ଗୋଟାଏ ବଡ଼ କେଉଡା ଗଛରେ ବସିଛନ୍ତି । ଗଛଟା ନଦୀକୂଳରେ ଠିଆ ହୋଇଛି ଆଉ ସେଇଠୁ ଗୋଟାଏ ନାଳ ଭିତରକୁ ବୋହିଯାଇଛି । ଗଛର ପ୍ରାୟ ପ୍ରତି ଡାଳରେ ବଗ । ଗୋଟାଏ ଦୁଇଟା ବଗ ଡେଣା ଝାଡି ଫଡ଼ଫଡ୍

ହେଉଥିଲେ, ନଜର ବସିବା ସ୍ଥାନ ପରିବର୍ତ୍ତନ କରୁଥିଲେ । ପ୍ରାୟ ୨୦ଟା ବଗ ହେବେ । ଅପରାହ୍ନ ୨ ଟା । ଏ ସମୟ ବସାକୁ ଫେରିବାକୁ ନୁହେଁ । ସଂନ୍ଧ୍ୟା ହୋଇଥିଲେ ଅବା ବଗମାନେ ଗୋଟାଏ ଗଛରେ ବସି ବିଶ୍ରାମ କରୁଥାନ୍ତେ ।

"ଏଇ ଯାଗା ପର୍ ବଙ୍ଗ ପ୍ରଦେଶରେ । ବେଙ୍ଗଲରେ ସବୁଆଡେ କଛି ନା କଛି କଥାରେ ସଭ୍ ହୁଏ । ତେଣୁ ବଗମାନେ ଏଠି ସଭ୍ କରୁଛନ୍ତି । ଏଠି ଲୋକ ତ ନାହାନ୍ତି ତେଣୁ ବଗମାନେ ବସି ସଭ୍ କରୁଛନ୍ତି । ସ୍ଥାନର ଗୁଣ ବଜାୟ ରହିଛି ।"-ଦେବଲ କହିଲା ଆଉ ହସିବାକୁ ଲାଗିଲା ।

ପାଓଲି ମଧ ହସି ପକାଇଲେ । ସପନବାବୁ ମଧ ହସିଲେ । କାମ ଭିତରେ ଏମିତି କଛି ମଜା କଥା କହିଲେ ପରିଶ୍ରମ ହାଲୁକା ହୋଇଯାଏ । ଦେବଲର ମୁହଁଟା ଆଉଟିକେ ମୋଡି ହୋଇଗଲା । ସେ ସେମିତି ହସୁଥିଲା । ଏଣେ ବୋଟ ଟା ପାଖେଇ ଆସିବା ଦେଖି ବଗମାନେ ସେଇଠୁ ଉଡି ଆଉ ଟିକେ ଭିତରକୁ ଥିବା ଗଛକୁ ଗ୍ଲଲିଗଲେ । ଗ୍ଲରି ପାଞ୍ଚଟି ବଗ ଅନ୍ୟପଟ ଗଛକୁ ଉଡି ଯାଇଥିଲେ । ସେମାନେ ପୁଣି ଉଡିଆସି ବେଶି ବଗ ବସିଥିବା ଗଛପାଖକୁ ଆସୁଥିଲେ । ସେମାନଙ୍କ ସରୁ ଲମ୍ବା ବେକ ଆଗୁଆ ହୋଇଯାଉଥିଲା ଆଉ ଚକ୍ ଠାରୁ ଧଳା ପରଥିବା ଡେଣା କାନ୍ଧ ପାଖରେ ଦୋହଲୁଥିଲା ।

ସେହି ନାଳରେ ଅନେକ ସୁନ୍ଦରୀ ଗଛ ଥିଲା । ପାଓଲି ସୁନ୍ଦରୀଗଛ ପ୍ରଥମଥର ପାଇଁ ଏତେ ପାଖରୁ ଦେଖୁଥିଲେ । କଏ କହେ ସୁନ୍ଦରବନର ନାମ ଏହି ସୁନ୍ଦରୀ ଗଛର ବିସ୍ତୃତ ଅଞ୍ଚଳ ପାଇଁ ହୋଇଛି । ଭ୍ରତୀୟ ସୁନ୍ଦରବନରେ ଏତେ ସୁନ୍ଦରୀ ଗଛ ନାହିଁ । ସୁନ୍ଦରୀ ଗଛ ହେବାପାଇଁ ହେଲେ ନଦୀରେ ଅଧିକ ମଧୁର ପାଣିର ଆବଶ୍ୟକତା ଅଛି । ଲୁଣା ଅଧିକ ହେଲେ ସୁନ୍ଦରୀଗଛ ବଞ୍ଚିବନ । ଅନ୍ୟଗଛ ସୁନ୍ଦରୀ ଯାଗାରେ ଆସିଯିବେ । ଗଛଟା ବେଶି ବଡ଼ ନୁହେଁ । ପ୍ରାୟ ଅଧ ଗ୍ଲଖଣ୍ଡରୁ କମ ଲମ୍ବା ପନ୍ର । ଉପରଟା ପାଉଁଶିଆ ସବୁଜ । ମୋଟା ପନ୍ର । ଡାଳ ସବୁ ସରୁ । ଏମିତି କଛି ଦେଖିବା ଭଳ ଗଛ ନଥିଲା । ବୋଧହୁଏ ଏହି ଗଛ ଏତେ ବିସ୍ତୃ ତ ଅଞ୍ଚଳରେ ମିଳୁଥିବା ହେତୁ ଏ ଜଙ୍ଗଲର ନାମ ସୁନ୍ଦରବନ ହୋଇଛି। ଅନ୍ୟ ଉତ୍ତର ହେଉଛି ସୁନ୍ଦର ଆଉ ବନର ସଂଯୋଗ ହୋଇ ସୁନ୍ଦରବନ

ହୋଇଛି । ଯାହାହେଉ ପାଓଲିଙ୍କର ଏକ ପ୍ରସିଦ୍ଧ ଗଛ ଦେଖିବାର ଇଚ୍ଛା ପୂରଣ ହେଲା । ସେ ସୁନ୍ଦରୀ ଗଛର ଅନେକ ଫଟୋ ଉଠାଇନେଲେ ।

ତାପରେ ବୋଟ ଉପରକୁ ଫେରିଆସିବାର ଥିଲା । ଗୋଆସାବା ହୋଇ ଏକ ଉପନଦୀରେ ପଶିବ, ପରେ ହଳଦୀବାରୀ । କିନ୍ତୁ ତା' ହୋଇପାରିଲା ନାହିଁ । ନଦୀର ପାଣି ତ ସମୁଦ୍ର ଲାଗୁଥିଲା । ଯେଉଁଆଡେ ଦେଖ ପାଣି । ସବୁଜିଆ ନୀଳ ପାଣିରେ ତଳ ମାଟି ବା କାଦୁଅ ଦେଖାଯାଉ ନଥିଲା । ତେଣୁ ପାଣି ଭିତରେ କିଛି ବିପଦ ଲୁଚିଛି ବୋଲି ବୋଟର ଡ୍ରାଇଭର ଲସ୍କର ମୋଟେ ଭାବିପାରିଲା ନାହିଁ । ସେ ମନ ଆନନ୍ଦରେ ଗୀତ ଗାଇ ଗାଇ ବୋଟ ଚଲାଉଥିଲା । ଅପରାହ୍ନ ସମୟର ସୂର୍ଯ୍ୟ ଧିରେ ଧିରେ କମଳା ରଙ୍ଗ ଧାରଣ କରୁଥିଲା ଆଉ ବଡ଼ ହେଉଥିଲା । ନଦୀରେ ଛୋଟ ଛୋଟ ଢେଉ । ପାଣି ଲାଲ ହୋଇ ଆସିଲାଣି । ସୁଲୁସୁଲିଆ ପବନ ବୋହୁଛି । ତେଣୁ ତା'କୁ ଗୀତ ଗାଇବାକୁ ଇଚ୍ଛା ହେଉଥିଲା । ସମସ୍ତେ ବେଶ ଖୁସି ଥିଲେ ।

ହଠାତ୍ ବୋଟ କିଛିରେ ଧକ୍କା ହେଲା । ତା'ପରେ ଗୋଟାଏ ଜୋରରେ ଘଡଘଡ ଶବ୍ଦ ଆଉ ବୋଟ ଏକଦମ ଅଟକିଗଲା । ବୋଟର ଗ୍ଚରିଆଡେ କାଦୁଆ ପାଣି ଭଉଁରୀ ଦେଉଥିଲା । ବୋଟର ଇଞ୍ଜିନ ଜୋରରେ ଗର୍ଜନ କରି ଉଠିଲା । କିଛି ଗୋଟାଏ ବୋଟରେ ଲାଗିଛି । ଶକ୍ତିଶାଳୀ ଛଅ ସିଲିଣ୍ଡର ଇଞ୍ଜିନ । ତେଣୁ ସହଜରେ ଅଳ୍ପ କିଛି ବାଧାକୁ କାଟି ଆଗକୁ ଗ୍ଚଲି ଯାଇହେବ । ବୋଧହୁଏ ଆଗରେ ଏକ ସ୍ୟାଣ୍ଡ ବାର ବା ବାଲିଚଡା । କେତେ ଲମ୍ବା କେତେ ଚଉଡା କେଜାଣି ? କିଛି ଜାଣି ହେଉ ନଥିଲା ।

"ବୋଟ ବାଲିଚଡାରେ ଅଟକି ଗଲା ।"- ଲସ୍କର ହୁଇଲ ପାଖରୁ ଡାକ ପାରିଲା । ଲସ୍କର ହେଉଛି ଏ ପାଳର ବୋଟ ଡ୍ରାଇଭର । ପତଳା ଲମ୍ବା ଲୋକ । ବୋଟ ଚଳାଇବାର ଅନେକ ଅଭିଜ୍ଞତା ଅଛି । କିନ୍ତୁ ସେ ପାଣିର ଗଭୀରତା ଠଉରାଇ ପାରିଲା ନାହିଁ । ବୋଟ ଚଡାରେ ଅଟକି ଗଲା ।

ବୋଟ ଠିଆ ହୋଇଯିବାରୁ ଦେବଲ ଲସ୍କର ପାଖକୁ ଦୌଡି ଆସିଲା । ଦେବଲଟା ଛୋଟ ମଣିଷଟାଏ । ବେଶ ଖୁସିବାସିଆ । ସବୁବେଳେ କାମ କରିବ ବୋଲି ହମହମ ହେଉଥିବା।

ଦେହରେ ଶକ୍ତି ଖୁନ୍ଦି ହେଲାପରି ଲାଗୁଥିଲା । ତା’ ପାଇଁ ଅନେକ କାମ ଥିଲା । ପାଓଲି ମଧ୍ୟ ଅନେକ ପରୀକ୍ଷଣ ନିରୀକ୍ଷଣ କରିବେ । ଏମିତି ବୋଟ ଅଟକି ଯିବାରୁ ସେ ବ୍ୟସ୍ତ ହୋଇଗଲା । ଅଯଥାରେ ବିଳମ୍ବ ହୋଇଯିବ ।

“ବୋଟ ବାଲିଚଡାରେ ଅଟକି ଯାଇଛି । କିଛି ଉପାୟ ନାହିଁ । ପାଣି କମି ଯାଉଛି ।”– ଲସ୍କର ନିଜର ନିଃସହାୟତା ପ୍ରକାଶ କରୁଥିଲା ।

ସେତେବେଳକୁ ସମସ୍ତେ ହୁଇଲ ରୁମ ଗୁରିପାଖେ ଠିଆ ହୋଇଗଲେଣି । ଏ ସମୁଦ୍ର ଭଳିଆ ପାଣିରେ କଣ ଲସ୍କରକୁ ରାସ୍ତା ଦେଖାଗଲାନି ଯେ ସିଧା ଆଣି ଚଡା ଉପରେ ଚଢାଇଦେଲା ? ଆଗକୁ ଯେମିତି ପାଣିର ସମୁଦ୍ର । କେଉଁଠି ତଳେ ମାଟି ଦିଶୁନି । ଏ ଭିତରେ କୁଆଡୁ ବାଲିଚର ଆସିଲା ?

“ନଦୀ ଭିତରେ ଏମିତି ମନକୁ ମନ ବାଲିଚର ହୋଇଯାଏ । ଜାଣି ହୁଏନି । ଆଉ ଏବେ କିଛି ଉପାୟ ନାହିଁ ।”- ଲସ୍କର ବଡ଼ ବିନୀତ ଭାବରେ କହୁଥିଲା । ସେ ସମସ୍ତଙ୍କ ସମୟର ସଂକ୍ଷିପ୍ତତାକୁ ବୁଝୁଥିଲା । କିନ୍ତୁ ଉପାୟବା କଣ? ବୋଟ ଆଗକୁ ଗ୍ଭଲିବନି । ଗ୍ଭରିଆଡେ ପାଣି । ତଥାପି ବି ବାଲିଚର ଆସିଯାଇଛି । ଫୁଟେ ପାଣିରେ ବୋଟ ଗ୍ଭଲିବନି । ଭଟ୍ଟାର ସମୟ । ପାଣି ଜଲଦି ଖସିଯାଉଛି ।

ସମସ୍ତେ ବିବ୍ରତ ହୋଇପଡିଲେ । ଗ୍ଭରିଆଡ ଖୋଲା ଲାଗୁଛି । କାହିଁ କେଉଁ ଦୂରରେ ଦିଗ୍‌ବଳୟରେ ଏକ ବିନ୍ଦୁ । ବୋଧହୁଏ ଏକ ମାଛ ଧରା ଟ୍ରଲର । ସେମାନେ ଏପଟକୁ, କମ ପାଣିକୁ ମୋଟେ ଆସିବେନି । ଏବେ କିଛି କରାଯାଇ ପାରିବନି । ସାହାଯ୍ୟ ପାଇଁ କିଛି ମିଳିବନି । ଅପେକ୍ଷା କରିବାକୁ ପଡିବ । ଦୂରରେ ସବୁଜ ରେଖା ଅର୍ଥାତ ସେଇଠି ଭୂମି ଆଉ ଗଛ ଅଛି ।

“ଜୁଆର ପୁରା ହେଲେ ଯାଇ ବୋଟ ଭାସିବ । ଏବେ ତ ବୋଟ ବାଲିରେ ବସି ଗଲାଣି ।”- ଲସ୍କର କିଛି ସମୟ ପରେ ଭଙ୍ଗାଭଙ୍ଗା ଶବ୍ଦରେ କହିଲା । ତା’କୁ ଡର ମାଡୁଥିଲା । ଏ ଲୋକମାନେ ତା’କୁ ଅନେକ ଗାଳିମନ୍ଦ ଦେବେ ।

ପାଓଲି ପଶ୍ଚିମ ଆକାଶକୁ ଅନାଇଲେ । ସୂର୍ଯ୍ୟ ଲାଲ ରଙ୍ଗର ପେଣ୍ଡୁ ଭଳି ହୋଇ ଆସିଲାଣି। କିଛି ସମୟ ପରେ ସୂର୍ଯ୍ୟାସ୍ତ ହେବ । ଏତେ ଦିନ ଧରି ସେ ସୁନ୍ଦରବନରେ ବୁଲିଲେଣି । କିନ୍ତୁ ପାଣି ଭିତରେ ସୂର୍ଯ୍ୟାସ୍ତ ଦେଖିନାହାନ୍ତି । କେଉଁଠି ନା କେଉଁଠି ନାଳ ବା ଉପରର ନଦୀରେ ପଶ୍ଚିମ ଦିଗରେ ଗଛ ଆସେ । ଅସ୍ତବେଳେ ସୂର୍ଯ୍ୟ କାଳେ ହଠାତ୍ ପାଣି ଭିତରେ ଲୁଚିଯାଏ । ଏବେ ସେଇ ସୂର୍ଯ୍ୟ ଦେଖିବାକୁ ସୁଯୋଗ ମିଳିଛି । ତା' ଛଡା ସେମାନେ ଚାହିଁଲେ ବି ଆଉ କିଛି କରି ପାରିବେନି । ଆସନ୍ତା କାଲି ରାତି ଦୁଇଟାରେ ବଡ଼ ଜୁଆର ହେବ । ତା'ପରେ ଯାଇ କିଛି କରିହେବ । ତେଣୁ ସୂର୍ଯ୍ୟାସ୍ତର ମଜା ନିଆଯାଉ । ସପନବାବୁ ପାଖରେ ଅଛନ୍ତି । କଥାବାର୍ତ୍ତାରେ ସମୟ କଟିଯିବ ।

ଅନ୍ୟମାନେ କିନ୍ତୁ ବହୁତ ବିବ୍ରତ ଥିଲେ । ସବୁଠାରୁ ବେଶି ବିଚଳିତ ଥିଲା ଦେବଲ । ସେ ଲସ୍କରକୁ ମୁହଁରେ ଯାହା ଆସେ ତାହା କହି ଗାଳି ଦେଇ ଚାଲିଥିଲା । ଅନାଡି ମଣିଷଟା ଜାଣି ଜାଣି ସମସ୍ତଙ୍କୁ ଫସେଇ ଦେଇଛି । ଯଦି ଜାଣିନି ତେବେ ତା'କୁ ଆସିବାର ନଥିଲା । ଲସ୍କର ତା' ସଫେଇରେ କେତେ କଥା କହୁଥିଲା । ପାଓଲି ସେମାନଙ୍କ କଥାକୁ କାନ ଦେଲେନି । ସେ ସୂର୍ଯ୍ୟ ଦେଖିବାରେ ଲାଗିଗଲେ ।

କେଦୋଖାଲି ଆଉ ଗୋନା ଭିତରେ ଦୂରତା ଚାରି ପାଞ୍ଚ କିଲୋମିଟରରୁ ବେଶି ହେବା ଭଳିଆ ଲାଗୁଥିଲା । ସେମାନଙ୍କ ବୋଟ ଠିକ ମଝିଆ ମଝି ଚଡାରେ ଅଟକି ଯାଇଥିଲା । ଏ ସବୁ ନଦୀରେ କେତେଟା ଅଣ ଓସାରିଆ ଗହୀରିଆ ଧାର ଥାଏ । ସେ ଧାରରେ ବୋଟ ଚଳାଇବାର କଥା । ଅନ୍ୟ ଯାଗା ଗୁଡାକରେ ଢେଉ ଆଉ ନଦୀର ପାଣି ଯୋଗୁ କେଉଁଠି କେଉଁଠି ବାଲି ବସିଯାଇ ଚର ତିଆରି କରିଦିଏ । ପାଓଲି ନଜର କ୍ୟାମେରା ଧରି ବସିଯାଇଥିଲେ । ସେ ଢଳୁଥିବା ସୂର୍ଯ୍ୟର ପ୍ରତି ମୁହୂର୍ତ୍ତର ଛବି ତୋଳୁଥିଲେ । ତାଙ୍କର ଆଖି କ୍ୟାମେରା ଆଇପିସ ଉପରେ ଚିପି ହୋଇଥିଲା । ସୂର୍ଯ୍ୟ ଧିରେ କମଳାରୁ ନାରଙ୍ଗୀ ରଙ୍ଗ ଧାରଣ କରୁଥିଲା । ଅସ୍ତସୂର୍ଯ୍ୟର ଲମ୍ବା ପ୍ରତିଫଳନ ପାଣିରେ ପଡିଥିଲା । ଠିକ୍ ସୂର୍ଯ୍ୟଠାରୁ ବୋଟ ପର୍ଯ୍ୟନ୍ତ ଝିଲିମିଲି ରେଖାମାନ ଯେମିତି ଲମ୍ବିଥିଲା । ଏମିତି ଦେଖୁଦେଖୁ ପ୍ରତିଫଳନ କେମିତି ମଝିରେ ଭାଙ୍ଗିଗଲା ପରି ଲାଗିଲା । ପାଣିରେ ପ୍ରତିଫଳନ ପାଞ୍ଚ ମିନଟ ପୂର୍ବରୁ ପୁରା ଥିଲା ଆଉ ମଝିରେ କଣ ପାଇଁ ଭାଙ୍ଗିଗଲା? ସେ କ୍ୟାମେରାରୁ ଆଖି ହଟେଇନେଇ ଆଗକୁ ଅନାଇଲେ । ସୂର୍ଯ୍ୟ ଗାଢ ନାରଙ୍ଗୀ ରଙ୍ଗ ଧରିଲାଣି । ମଝିରେ ଏକ ସରୁଆ ବାଲିଚର

ଉଠିଆସିଛି । ଏତେବେଳ ପର୍ଯ୍ୟନ୍ତ ତା’ ଉପରେ ଗୃଖେଣ୍ଡେ, ଆଙ୍ଗୁଳଏ, ଦୁଇ ଆଙ୍ଗୁଳ ପାଣି ଥିଲା । କିନ୍ତୁ ସମୟ ସହ ପାଣି ଖସିଗଲା ଆଉ ସରୁ ବାଲିର ଧାର ଉପରକୁ ଉଠି ଆସିଲା। ଜୁଆର ଭଟ୍ଟା ଯୋଗୁ ହେଉଥିବା ପ୍ରକୃତିର ପରିବର୍ତ୍ତନ ଦେଖି ସେ ଖୁସି ହୋଇଯାଉଥିଲେ । ବାଲି ମଝିରେ ସୁନାଭଳି ଚକ୍ ଚକ୍ କରୁଥିଲା । ଅନ୍ୟଥା ପାଣିର ରଙ୍ଗ ରକ୍ତ ଭଳି ଲାଲ। ଏମିତି ଦେଖୁ ଦେଖୁ ସୂର୍ଯ୍ୟ ବହୁତ ତଳକୁ ଗ୍ଲଲିଗଲା । ଏବେ ରଙ୍ଗ କାଳଚଆ ଲାଲ, ତାପରେ ଟିକଏ ଟିକଏ ଖଣ୍ଡିଆ ହୋଇ ସୂର୍ଯ୍ୟ ପୁରା ଲୁଚଗଲା । ଆକାଶର ସେଇ କୋଣଟା ଟିକଏ ଲାଲ ଦିଶୁଥିଲା ।

“ତଳକୁ ଓହ୍ଲାଇ ଯିବା ।”- ପାଓଲି କହିଲେ । ଆଉ ଆକାଶରେ କିଛି ଫଟୋ ଉଠାଇବାକୁ ନଥିଲା । ବୋଟ ଗ୍ଲରିପାଖେ ବଳାଗଣ୍ଠି ପାଣି । ଆଗର ଚଡା ବେଶ ସ୍ପଷ୍ଟ ଦିଶିଲାଣି । ପାଣି ଜଲଦି ଖସି ଯାଉଛି । ଖାଲି ବୋଟରେ ବସି ଲାଭ ବା କଣ ? ଏ ଚଡାରେ କିଛି ସମୟ ବୁଲାଯାଇପାରେ । ଆଗରେ ବାଲିର ବିସ୍ତୀର୍ଣ୍ଣ ପ୍ରାନ୍ତର ଖୋଲିଯିବ । ପାଓଲି ବୋଟର ଧାରଦେଇ ମଝିକୁ ଗ୍ଲଲି ଆସିଲେ । ସେଇଠୁ ତଳକୁ ଯିବାପାଇଁ ପୁରୁଣା ସ୍କୁଟର ଟାୟାର ଲାଗିଛି । ସେ ଝୁଲି ପାଣିକୁ ଡେଇଁ ପଡିଲେ । ତାଙ୍କ ପଛେ ପଛେ ସପନବାବୁ ଆଉ ଦେବଲ ତଳକୁ ଗ୍ଲଲି ଆସିଲେ । ପାଦ ବୁଡୁଥିବା ପାଣିରେ ଗ୍ଲଲିବାକୁ ଭଲ ଲାଗୁଥିଲା । ପାଣି ଗରମ ବା ଥଣ୍ଡା ନଥିଲା । ଫେରୁଥିବା ଭଟ୍ଟାରେ ବାଲି ଟିକେ ଟାଣି ହୋଇଯାଇ ଅର୍ଦ୍ଧବୃତ୍ତାକାରର ଅଙ୍କାବଙ୍କା ଛୋଟ ବାଲି କୁଦ ତିଆରି କରୁଥିଲା । ଅସଂଖ୍ୟ ରେଖା ପାଣି ଉପରେ ଫୁଟି ଉଠିଲା ।

କାହାକୁ କିଛି କରିବାକୁ ନଥିଲା । ବୋଟର ଖଲାସୀ ବାବାୟା ଏକ ଛୋଟ କଙ୍କଡା ହାତରେ ଧରି ପକାଇଲା । ଏଠି ଚଡାରେ ଅନେକ କଙ୍କଡା ଏଣେ ତେଣେ ଛପିଥିଲେ । ସେମାନଙ୍କ ପତଳା ଚେପଟା ଗୋଡମାନ ହଲୁଥିଲା । ଲୋକ ଆସିଲେ ଜୋରରେ ପାଣି ଭିତରକୁ ପଶି ଯାଉଥିଲେ । ବାବାୟା କଙ୍କଡାକୁ ପାଓଲିଙ୍କୁ ଦେଖାଇଲା । ସେ ମୁଣ୍ଡର ପଛଆଡୁ ଜୋରରେ ଧରିଛି । କଙ୍କଡାର ବୁଢା ଆଙ୍ଗୁଠି ତା’ ଆଡକୁ ଆସିପାରୁ ନାହିଁ । ଲସ୍କର ବା କାହିଁକି ପଛରେ ପଡିବ ? ସେ ଏକ ହରମିଟ କ୍ରାବ ବା କାଳଚଆ ଛୋଟ ଶଂଖ ଉଠାଇ ଆଣିଲା । ତା’ ଭିତରେ କଙ୍କଡା ଭଳି କିଛି ଜୀବ ଥିଲା । ସେ ତା’ର ଗୋଡକୁ ଶଂଖ ଭିତରକୁ ପୁରାଇ ଦେଉଥିଲା । ତା’ର ପୂର୍ଣ୍ଣ ଶରୀର ଦେଖାଯାଉ ନଥିଲା । ଆଗରେ ଅନେକ ଛୋଟ ଛୋଟ

ଜେଲି ଫିସମାନ ପଡିଥିଲେ । ସେମାନଙ୍କର ଦେହ ବାଦଲ ଭଳ ଧଳା କନ୍ତୁ କଛି ଦେଖିହେବା ଦେହରେ କଛି ହାଡ ନାହିଁ । ସେଗୁଡାକ ଟିକଏ ପାଣି ଥିବା ଯାଗାରେ ପଡିଥିଲେ ।

ଦେବଲ ଦୁଇ ତିନଟା ପ୍ଲାଷ୍ଟିକ ଚେୟାର ଆଣିବାର ବନ୍ଦୋବସ୍ତ କଲା । ତଳେ ବାଲିଚରରେ ବସାଯାଉ | ରାତିରେ କ୍ୟାଣ୍ଡେଲ ଲାଇଟ ଡିନର ହେବ | ବୋଟରେ ଡେକରେ ଖାଇବା ଭଲ ଲାଗେ । କନ୍ତୁ ସମୁଦ୍ର ଭିତରେ, ନଦୀର ଶେଷ ମୁହାଣରେ ଆଉ ହଠାତ୍ ଗଢି ଉଠିଥିବା ବାଲିଚରରେ ଡିନର କଲେ ଭୋଜନଟା ଏକଦମ ସ୍ମରଣୀୟ ହୋଇ ରହିବ । ଏହାହିଁ ଦେବଲର ମତ । ସେଇଟା ପରର କଥା । ଏବେ ଚାଲଯାଉ । ବୋଟରୁ କେବଳ ରୋଷେଇଆ ଛଡା ସମସ୍ତେ ତଳକୁ ଓହ୍ଲାଇ ଆସିଥିଲେ । ଅବଶ୍ୟ ମାଇତିବାବୁ ଆଉ ମଣ୍ଡଳବାବୁ ଗନଧରି ଉପରୁ ପ୍ରସ୍ତୁତ ଥିଲେ । ସେମାନେ ଗନମ୍ୟାନ। ଉପରୁ ବାଘ ଉପରେ ନଜର ରଖିବେ । ସମସ୍ତେ ନଜ ହିସାବରେ ବୁଲିବାକୁ ଲାଗିଲେ । ମୁହଁ ସଂଜ । ଅଳ୍ପ ଅଳ୍ପ ଦେଖାଯାଉଛି ।

"ଚାଲ ଜଗିଙ୍ଗ କରିବା । ଏଇତ ମୌକା । ବୋଟରେ ବସି ବସି ଗୋଡ ହାତ ପଥର ହୋଇଗଲାଣି ।"-ଦେବଲ କହିଲା । ପାଓଲି ଆଉ ସପନବାବୁ ତାହାହିଁ ଚାହୁଁଥିଲେ । କଛି ଗୋଟେ କରାଯାଉ । କେତେ ଆଉ ଗପିବେ । । ସେମାନେ ଖାଲି ପାଦରେ ଦୌଡିବାକୁ ଲାଗିଲେ । ପାଣି ମୋଟେ ନାହିଁ | ଚଡା ବହୁତ ଲମ୍ବି ଗଲାଣି । ପାଞ୍ଚଶହ ମିଟର ପର୍ଯ୍ୟନ୍ତ ଲମ୍ବା ହେବ । ଏକ ଭଲ ଜଗିଙ୍ଗ ଟ୍ରାକ । ଖାଲିପାଦରେ ଢେଉରୁ ତିଆରି ହୋଇଥିବା ଟାଣୁଆ ବାଲିରେ ଚାଲିଲେ ଗୋଡରେ ଆକ୍ୟୁପ୍ରେସର ପଏଣ୍ଟ ଆକ୍ଟିଭେଟ ବା ସକ୍ରିୟ ହେବ । ମଜା ଲାଗିବ । ବାହରେ ସାମାନ୍ୟ ଥଣ୍ଡା । ସେମାନେ ତନଜଣ ଧିରେ ଦୌଡିବାକୁ ଲାଗିଲେ। ଦେବଲ ତା'ର ମୋବାଇଲ କ୍ୟାମେରାରେ ସେମାନଙ୍କ ଦୌଡିବା ରେକର୍ଡିଙ୍ଗ କରୁଥିଲା ଆଉ ଧାରା ବିବରଣୀ ଦେଉଥିଲା । ଏମିତି ସେମାନେ କେତେ ରାଉଣ୍ଡ ଦୌଡିଗଲେ । ସପନବାବୁ ଆଉ ଦେବଲ ବାଲିରେ ପଡିଥିବା ଚେୟାର ଉପରେ ବସିଗଲେ। ପାଓଲି କନ୍ତୁ ଆଉ କଛିଟା ଜଗିଙ୍ଗ କରିବାକୁ ଚାହୁଁଥିଲେ । ଦେହରୁ ଝାଳ ବାହାରିବାର ଏକ ସୁଯୋଗ । ବୋଟରେ ଗାଧୋଇବାର ବନ୍ଦୋବସ୍ତ ଅଛି । ଆରାମରେ ଗାଧୋଇବେ । ତାଙ୍କୁ ଏମିତି ମୁହଁ ଅନ୍ଧାର ଭିତରକୁ ଦୌଡିବାକୁ ଇଚ୍ଛା ହେଉଥିଲା । ଆଗକୁ

କୁହୁଡି ମାଡି ଆସୁଛି । ପାଣି ଧିରେ ହଜିଯାଉଛି । ଆଗରେ ଅଳ୍ପ ପାଣି ପରେ ଆଉ ଏକ ଚଡା । ଏମିତି ଆଉ କଛି ନୂଆ ଚଡା ଦେଖାଗଲା । ଏଣେ ବୋଟରେ ଆଲୁଅ ଜଳଲାଣି | ପାଓଲି କନ୍ତୁ କଛି ନଦେଖି ଆଗକୁ ଅନ୍ଧାର ଭିତରକୁ ଦୌଡୁଥିଲେ |

"ଆରେ ଫେରି ଆସନ୍ତୁ । ଫେରି ଆସନ୍ତୁ ।"– ମାଇତିବାବୁ ଜୋରରେ ଡକା ପାରିଲେ । ପାଓଲି ଅନ୍ଧାର ଭିତରକୁ ଦୌଡୁଥିବାର ଦେଖି ତାଙ୍କୁ ଡର ଲାଗୁଥିଲା । କଛି ଭଲକରି ଦୃଶ୍ୟ ହେଉନାହିଁ । ଆଗରେ କ ବିପଦ ଅଛି ଜଣାନାହିଁ । ଗୋନା, କେଦୋଖାଲି ବାଘଙ୍କର ରାଜ୍ୟ। ସେମାନେ ଏ ଦ୍ୱୀପରୁ ସେ ଦ୍ୱୀପକୁ ପହଁରି ଯାଆନ୍ତି । ଏମିତି ପହଁରୁ ପହଁରୁ ଯଦି ବାଘ ଏ ଚଡାକୁ ଆସିଲା ତେବେ ଅନର୍ଥ ହୋଇଯିବ ।

ପାଓଲି ଆଗକୁ ଅନାଇଲେ । ଗୋଟାଏ ଯାଗାରେ ପାଣି ଉପରେ ତିନ ଚାରି ଫୁଟର କଳା ରେଖା ଦେଖାଯାଉଥିଲା । ସେଇଠି ପାଣି ବୁଲିଯାଉଥିଲା । ତାପରେ ପୁଣି ପାଣି । କୁମ୍ଭୀରଟାଏ ନା କଣ? ପାଓଲି ଚମକ ପଡିଲେ । କୁମ୍ଭୀରମାନେ କଣ ଚଡାରେ ରାତି ବିତାନ୍ତି । ସେଇଠି କଛି ସମୟ ଧରି ସେ କଳା ରେଖାଟା ରହିଲା । ଆଉ ଗୋଟେ ଚଡା ଉଠୁଥାଇପାରେ । ଗୋଟାଏ କାଠଗର ହୋଇପାରେ । ନା ବାଘ ଏପଟକୁ ପହଁରୁଛି? ସେ ସେଇ କଳା ରେଖାକୁ ଭଲକରି ଅନାଇ ରହିଲେ । ସେଇଟା ଟିକେ ଟିକେ ଦିଗ ବଦଳାଉଥିଲା । ତାପରେ ଅନ୍ଧାରରେ କଛି ଜାଣି ହେଲାନାହିଁ ।

"ଆରେ ଫେରନ୍ତୁ । ବୋଟ ଉପରକୁ ଚଢି ଆସନ୍ତୁ । ଡେରି ହେଲାଣି ।"- ମାଇତିବାବୁ ଆଉଥରେ ପାଟିକଲେ । ପାଓଲି ଆଉ ଦୌଡିଲେନ । ଅନ୍ଧାର ଭିତରୁ ଫେରି ଆସିଲେ । ତାଙ୍କର ଆହୁରି ଆଗକୁ ଯିବାକୁ ଇଚ୍ଛା ଥିଲା । କନ୍ତୁ ଏ ଅଜଣା ଚଡାରେ ଅନୁଭବୀଙ୍କ ଉପଦେଶ ମାନବା ଉଚତ । ସେପଟେ କଛି ଦୃଶ୍ୟ ହେଉନ । ଏପଟେ ବୋଟର କେତେଟା ଆଲୁଅ ଜଳୁଥିବାର ଦେଖାଯାଉଛି । କଛି କ୍ଷଣପରେ ସମସ୍ତେ ବୋଟ ଉପରକୁ ଚଢିଗଲେ । ଅନ୍ଧାର ବେଶ ହୋଇଆସିଲା | ଆକାଶରେ ଜହ୍ନ ଉଇଁ ଆସିଲା | ହାଲୁକା ଲାଲ ଦିଶୁଥିଲା, ସାମାନ୍ୟ ନେସି ହୋଇଯାଇଛି । ଆକାଶରେ କୁହୁଡିର ପତଳାଧାର । କଛିଟା ତାରା ଦେଖାଯାଉଥିଲା । କନ୍ତୁ ସବୁ ହାଲୁକା, ସବୁ ଅସ୍ପଷ୍ଟ । ଦୂର ଟ୍ରଲର ଆଉ ଦେଖାଯାଉ

ନଥିଲା । କିଛି ଆଲୁଅ ବି ନାହିଁ । ଆଜିର ରାତିରେ ଦେଖାଯାଉଥିବା ଶେଷ ଜୀବନର ନିଦର୍ଶନ କୁହୁଡି ଅନ୍ଧାର ଭିତରେ ଲୁଚଯାଇଥିଲା ।

"ଏଇଟା ଯେ ଗୋନା ଆଉ କେଦୋଖାଲିର ମଝିଆମଝି ।"– ମାଇତିବାବୁ କହିଲେ ।

ଯଦିଓ କଥାରେ ସେମିତି କିଛି କହି ନଥିଲେ ତଥାପି ତାଙ୍କ ସ୍ୱରରେ ହେଡମାଷ୍ଟର ତାଗିଦ କଲାଭଳି ଗମ୍ଭୀର ଆଦେଶ ଥିଲା । ସେ ପାଓଲି ଆଉ ଅନ୍ୟମାନଙ୍କ ସୁରକ୍ଷାପାଇଁ ବ୍ୟସ୍ତ ହୋଇପଡିଥିଲେ ।

ରାେଷେଇଆ ମୁଢି ଆଉ ମିକ୍ସଚରର ଏକ ସ୍ୱାଦିଷ୍ଟ ଜଳଖିଆ ବନାଇଥିଲା । ଡେକ ଉପର ଟେବୁଲ ଚାରିପାଖେ ସମସ୍ତେ ପାଖାପାଖି ହୋଇ ବସିଥିଲେ । ପାଓଲିଙ୍କ ଆଖି ବାଲିଚଡା ଉପରେ ବୁଲି ଆସୁଥିଲା । କିଛିଟା ଆଲୁଅ ବୋଟରୁ ବାହାରି ତଳେ ପଡିଛି । ଜହ୍ନ ଆଲୋକରେ କିଛି ଦେଖା ଯାଉଛି । କିନ୍ତୁ ଦୂର ଦୂରଯାଏ ଅନ୍ଧାର । ଆକାଶ କାହିଁ କେତେ ଦୂରେ । ପାଣି ସେମିତି ଖସି ଚାଲିଥିଲା । ଏବେ ବୋଟର ଚାରିପଟେ କେବଳ ବାଲି ଥିଲା ।

"ଏଇଟା ବାଘର ଅଞ୍ଚଳ । ଆମକୁ ସାବଧାନରେ ରହିବା କଥା ।"- ମଣ୍ଡଳବାବୁ କହିଲେ।

"ଗୋନା, ମାୟାଦ୍ୱୀପ, କେଦୋ, ଏପଟେ ସବୁଆଡେ ବାଘ ।"– ମାଇତିବାବୁ କଥାଟା ପୂରା କରୁଥିଲେ ।

"ଏ ଚଡାକୁ କଣ ବାଘ ଆସିବ ? କାହିଁ କେତେ ଦୂରରେ ଯେ ଅରଣ୍ୟ । ଆଉ ଏ ଅନ୍ଧାରରେ ବାଘ କଣ ପାଣିରେ ପହଁରିବ?"- ପାଓଲି ପଚାରିଲେ । ତାଙ୍କୁ କିଛି କଥା ଅସମ୍ଭବ ଲାଗୁଥିଲା ।

ମାଇତିବାବୁ ହସିଲେ । ପାଓଲି ମାଡାମ ଏତେ ଦିନ ବୁଲିଲେଣି ତଥାପି ତାଙ୍କ ମନରେ ବାଘର ଶକ୍ତି ଆଉ ଚାଲାକ ପ୍ରତି ଅବିଶ୍ୱାସ ଅଛି ।

"ବନବିବି ଜୋହୁର୍‌ନାମା କେଉଁ କାଳର । ସତେବେଳେ ମଧ୍ୟ ଏ କେଦୋଖାଲି କଥା ଲେଖା ଅଛି । ଏଇଠି ପର୍ ବାଘ ଦୁଃଖକୁ ଧରିଥିଲ୍ । ଆଉ କହୁଛନ୍ତି ବାଘ କେମିତି ଆସିବ? ବାଘ ପକ୍ଷରେ ଚଡାକୁ ଆସିବା କଣ କଥା! ପାଣି କମିଗଲ୍ଣି । ବାଘ କଛି ଗୁଲି, କଛି ପହଁରି ସହଜରେ ଏ ଗୃରି ପାଞ୍ଚ କଲୋମିଟର ଅତିକ୍ରମ କରିଯିବ ।"- ମାଇତିବାବୁ କଥାଟା ବୁଝାଉଥିଲେ । ବିଷୟ ତାହେଲେ ଗମ୍ଭୀର । ମୋଟେ ଭ୍ବି ହେଉ ନଥିଲ୍ ଯେ ବାଘ ଏତେ ଦୂରକୁ ଆସିବ ।

କ୍ରମଶଃ-

ସେକ୍ଟର-୩, ସଲ୍ଟଲେକ, କଲିକତା

# ବେଙ୍ଗାଲୁର ଭ୍ରମଣେ



ଦଣ୍ଡାସି ପ୍ରଧାନ

ଦାକ୍ଷିଣାତ୍ୟ ମାଳ ଦିବ୍ୟ କେନ୍ଦ୍ରସ୍ଥଳ ବେଙ୍ଗାଲୁର ବଇଭବ,
ସୂଚନା ପ୍ରଯୁକ୍ତି ପ୍ରଜ୍ଞା ପ୍ରକାଶର ବିଶ୍ୱ ବଜାରେ ବିଭବ ॥
ନଭଷ୍ଟୁମ୍ବି ସୌଧ ସୁପ୍ରଶସ୍ତ ପଥ ପ୍ରାର୍ଶ୍ୱ ମଧ୍ୟେ ବୃକ୍ଷ ରାଜେ,
ସୁଗନ୍ଧିତ ପୁଷ୍ପ ମହମହ ବାସେ ମର୍ତ୍ତ୍ୟେ ସରଗ ସରଜେ ॥
ବୃକ୍ଷ ପ୍ରେମୀ ପ୍ରାଣେ ଗୁଳ୍ମ ଲତା ତୃଣେ ସମାଦରେ ସୁବଳୟ,
ଭୂଖଣ୍ଡ ଭୂଗୋଳେ ବିଷୁବମଣ୍ଡଳେ କୌତୁକରଚେ ମଳୟ ॥
ସୁଦ୍ର ସମୁଦ୍ର ନୀଚ ଆକ୍ଷାଂଶରେ ନାହିଁ ସୁଉର୍ଦ୍ଧ୍ୱ ପତନେ,
ନାତି ଶୀତ ଉଷ୍ମ ଜଳବାୟୁ ହେତୁ ପ୍ରକୃତି ମଇତ୍ରୀ ପଣେ ॥
ସୁସଜ୍ଜିତ ବାସ ସୁନିର୍ମଳ ବେଶ ସୌଚ ସୁଶୀତଳ ଭୂଇଁ,
ମୃଦୁ ମଳୟର କୋମଳ ପରଶେ ସଦା ସୁଖପ୍ରଦ ଏହି ॥
ମାତା ମାତୃଭୂମି ଜାତୀୟ ମମତା ସୁସଜ୍ଜିତ ସୁସମ୍ମାନେ,
ଶୈବ ଶାକ୍ତ ପ୍ରେମୀ ବିଧି ବୁଦ୍ଧ ସଘଂ ଶୁଦ୍ଧ ଚେତନା ପ୍ରଦାନେ ॥
ଜ୍ୟୋତିମୟ ଲିଙ୍ଗ ବିବିଧ ପ୍ରାନ୍ତରେ ଐକ୍ୟ ଦିଶା ଦର୍ଶୀ ଦେଶ,
ରାଜେରାଜେଶ୍ୱରୀ ସୁବର୍ଣ୍ଣ ବେଶରେ ସର୍ବତ୍ର ପୂଜ୍ୟ ଗଣେଶ ॥
ଇସ୍କନ୍ ମନ୍ଦିରେ ହରେ କୃଷ୍ଣ ରାମ ଗୋପାଙ୍ଗନା ସମାବେଶେ,
କହ୍ନେଇ ଶ୍ରୀରାଧା ଯୁଗଳ ମୂରତି ପ୍ରେମ ସୁଧା ନିଧି ବାସେ ॥
ରାଜ୍ୟ ରାଜପଥେ ମହାଜନ ନେତା ଅତି ଇତି ଚମତ୍କାର,
ମହାଭାରତୀୟ ଜାତୀୟତା ସ୍ରୋତ ବାରିହୁଏ ବରାବର ॥
ଗମନା ଗମନ ଯାତ୍ରା ଯୋଗାଯୋଗ ଶୃଙ୍ଖଳା ସତର୍କ ଅତି,
ଦୋଛକ ଚୌଛକେ ସଂକେତ ସଜ୍ଜାରେ କଥା କହୁଥାଏ ବତୀ ॥
ଅତଳ ଭୂତଳେ ଅର୍ଦ୍ଧ ସମତଳେ ରୈଖିକ ଆବୃତ ପଥ,

ଭଳ ଭଳ ଯାନ-ବାହାନ ଭୂଷଣେ ଚଳଚଞ୍ଚଳ ନରତ ॥
ଯାନ ବାହାନର ଶବଦ ତରଙ୍ଗ ରବରେ ସରଜେ ଭ୍ରମ,
ବରଷା କାଳରେ କ୍ଷେତେ ସରୋବରେ ବେଙ୍ଗ ବେଙ୍ଗୁଲୀ ଯେସନ ॥

ବଜାର ବିପଣୀ ହାଟ ପରମ୍ପରା ବିଜ୍ଞାନର ଉପହାରେ,
କ୍ରେତା ବିକ୍ରେତାଙ୍କ ସୁଲଭ ସୁଅରେ ବେନଜନ ମନହରେ ॥
ଶ୍ରମ ମର୍ଯ୍ୟାଦାରେ ସଚେତନ ବୋଲି ଢାଞ୍ଚା ଛାଞ୍ଚରେ ଗଢନ୍ତି,
ପରିଶ୍ରମ ଲବ୍ଧ ଜାବତୀୟ ରାଶି ଶିକ୍ଷା ତୃଷ୍ଣାରେ ମିଟାନ୍ତି ॥
ସମୟ ସ୍ରୋତରେ ଶ୍ରମେ କାତରତା ନାରୀ ଅବା କ ପୁରୁଷ,
କର୍ମ କୁଶଳତା ମାନ ମାପକାଠି ଯୋଗ୍ୟ ଅଯୋଗ୍ୟ ବିଶେଷ ॥
ପ୍ରମାଣ ପତ୍ରର ଗୁଣେ ବିଶ୍ଳେଷଣ ପ୍ରୟୋଗ ବିଧାନ ବିନା,
ତିଳେ ତାଳ ତୁଲ୍ୟ ଗ୍ରହଣେ ଅମୂଲ୍ୟ ଯେତେ ଥିଲେ ଜଣାଶୁଣା ॥
ଭିନ୍ନ ଭିନ୍ନ ଭାଷା ବିବିଧ ବିଜ୍ଞାନେ ଗରବ ଗୌରବ ଦେଶେ,
ପ୍ରଶାନ୍ତ ନଳୟ ଜ୍ଞାନ ପାରବାରେ କର୍ମ କଉଶଳ ବିଶ୍ୱେ ॥
ପର ଉପକାରୀ ମିଷ୍ଟଭାଷି ବନ୍ଧୁ ମନକୁ ନଅନ୍ତି କିଣି,
ମାନବବାଦର ମହତ ଆଧାରେ ହୃଦୟ ଯାନ୍ତି ଜିଣି ॥
ଖାଦ୍ୟ ପେୟ ବାସ ସରଳ ଅଶେଷ ବିଶ୍ୱାସ ବଚନ ବଳେ,
ଆଦେଶ ଆଜ୍ଞାରେ ଦୂରନ୍ତେ ତୁରନ୍ତ ଲଦ୍ଧ ସେବା ପାଦ ତଳେ ॥
ମହରଗ ଚନ୍ତା ଲେଶ ମାତ୍ର ନାହିଁ ଦେଖି ହେଲା ନାହିଁ ନେତ୍ର,
ପରିଶ୍ରମୀ ବୀରେ ଅରଜନ କ୍ଷମ ନତ୍ୟ ଚଳନ ବିଚତ୍ର ॥
ପ୍ରବାସୀ ଯୁବକ ବାହୁ ବୁଦ୍ଧି ବଳେ ପ୍ରଗତି ପଥେ ପଡୋଶୀ,
ସଚେତନ ପ୍ରାଣ ପ୍ରବୋଧିବା ଭାଷା ଅନ୍ୱେଷଣେ ଅଙ୍କ କଷି ॥
ନଇ ନାଳ ହୀନା ବିଷମ ଅଞ୍ଚଳ ମାନେ ନାହିଁ ଥଳ କୂଳ,
ଲଣ୍ଡା ପାହାଡିଆ ଅପ୍ରାକୃତ ସ୍ଥଳ ବୁଦ୍ଧି ବିଗ୍ରହେ ଅଥଳ ॥
ଥାନ ଅଥାନର ସଂଜ୍ଞା ବଦଳାଇ ବେଙ୍ଗାଲୁର ହସି ବାସେ,
ଗଙ୍ଗା ଗୋଦାବରୀ କୂଳବେଳା ବିନା ଜୀବ ଶିରି ପରକାଶେ ॥

କଣ୍ଟା ବୁଦା ଲଟା ଅନୁର୍ବର ଭୂଇଁ ଚହଟେ ଚନ୍ଦନ ବନେ,
ଅଜାଣିବା ପର୍ଣେ ନନ୍ଦେ ହୀନ ଜନ ଥିଲେହେଁ ମହତ ଥାନେ ॥

ନଦୀ ଝର୍ଝର ସୁଦୀର୍ଘ ବେଳାରେ ପାହାଡ ଅରଣ୍ୟେ ଭର୍,
କଙ୍ଗାଳ ବେଶରେ ହାତ ପାତି ବସେ ଛତରେ ମେଲି ପସର୍ ॥
ବିଦାରିତ ହୃଦ ପବିତ୍ର ଈର୍ଷାରେ ଶତ ଧିକେ ଏ ଜୀବନ,
ସମ୍ପଦ ବୈଭବ ସିଂହାସନ ପୃଷ୍ଟେ ଏତାଦୃଶ୍ୟ ହୀନମାନ ॥
ଐତିହ୍ୟ ଗୌରବେ ମୋ ଉତ୍କଳ ଭୂଇଁ ମାଳ କୂଳ ସମତଳ,
ଧନଧାନ୍ୟ ଭର୍ ଖଣି ଖାଦନରେ ଶୋଇଛି ଖାଇ ପଖାଳ ॥
ଶିକ୍ଷା ଦୀକ୍ଷା ଦକ୍ଷ ଓଡିଆ ପ୍ରବୀଣ ଯନ୍ତ୍ରୀ ଦଳ ଡାକ୍ତର,
କର୍ମ କୌଶଳୀ ଯୁବ ଯୁବା ବଳେ ହସି ଫୁଲେ ବେଙ୍ଗାଲୁର ॥
ସବୁଠିଁ ଦେଖୁଛି ଓଡିଆ ପୁଅକୁ ଦେଖୁଛି ଉତ୍ତର୍‌ଧିକାରୀ,
କନ୍ନଡ, ଇଂର୍‌ଜୀ ବାଧ୍ୟବାଦକତା ଶିକ୍ଷାକୁ ନଏ ଆଦରି ॥
ମୋ ମାତୃଭ୍ଷାର ଭବିଷ୍ୟତ ଚନ୍ତା ଚନ୍ତନର ବେଳ ଏହି,
ଭ୍ରମଣ ଭ୍ବନା ବଢାଏ ବେଦନା ନର୍ବାସନ ଦଣ୍ଡ ନେଇ ॥

ସମ୍ପାଦକ (ସାହିତ୍ୟ)
ଉପାନ୍ତ ସାହିତ୍ୟ ସେବା ସାଂସ୍କୃତିକ ସଂସଦ, ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭ୍ଷ୍ୟ 8660194967 Dpradhan@gmail.com

# ଏ ସଂସାର ଏକ ଗୋଲାପ ବୃକ୍ଷ

ସଂଘମିତ୍ରା କବି

ଗୋଲାପ ବୃକ୍ଷ ଯେ ଅତି ମନୋରମ
ପୁଷ୍ପଭରା କଣ୍ଟାଭରା !
ସଂସାର ସେପରି ଅତି ମନୋରମ
ସୁଖ ଭରା ଦୁଃଖଭରା !!

ସଂସାର ତ ଏକ ଗୋଲାପର ବୃକ୍ଷ
ପୁଷ୍ପ ଓ କଣ୍ଟା କୁ ନେଇ !
ବାମ ହସ୍ତେ ସୁଖ ଦକ୍ଷିଣରେ ଦୁଃଖ
ଗ୍ଢଲେ ବ୍ୟକ୍ତି ବୋହି ବୋହି !!

ବୃକ୍ଷ ଦେହସାରା ଭରି ଅଛି କଣ୍ଟା
ସଂସାରେ ଯେନହେଁ ଦୁର୍ଜନ !!
ଗୋଟି ଗୋଟିକରି ଆଙ୍ଗୁଠି ଗଣତି
ପୁଷ୍ପିତା ଯେନହେଁ ସୁଜନ !

କଣ୍ଟା ପାଶେ ଗଲେ ଦେହ କଷ୍ଟ ଶହେ
ଗୁଣ ତାର କଷ୍ଟ ଦେବା !
ଦୁର୍ଜନ ବ୍ୟକ୍ତି ବି କଣ୍ଟା ସମତୁଲ
କର୍ମ ତାର ନନ୍ଦା ଦେବା !!

ପୁଷ୍ପିତା ହରଷେ ଫୁଟିଣ ଝଲସେ
ଚହଟଇ ଚଉପାସ !
ସୁଜନ ବ୍ୟକ୍ତି ତା ବ୍ୟକ୍ତିତ୍ୱ ପ୍ରକାଶେ
ରଖେ ତାର ମାନ ଯଶ !!

ଯେସନେ ମାଲୁଣି ତୋଳନ୍ତଏ ଆସି
ମନୋହର ପୁଷ୍ପ ସମ !
ତେସନେ ସୁଗୁଣ ଆହରଣ କର
ଅର୍ଜି ଗ୍ଭଲ ସତକର୍ମ !!

ସଭିଏଁ ଏଠାରେ ନୁହନ୍ତି ସୁର୍ଜନ
ଦୁର୍ଜନ ମାତ୍ରା ଅଧିକା !
କଣ୍ଟା କୁ ଏଡାଇ ପୁଷ୍ପ ତୋଳ ଗ୍ଭଲ
ମନେ ନବହିଣ ଦକ୍କା !!

କଟିକଟା, ଦଶରଥପୁର, ଯାଜପୁର

# ପୁଣି ଆରମ୍ଭ



ମମତା ଦାଶ

ଶୀତର ରାତି । ରହି ରହି ଦେହକୁ ଥରେଇ ଦେଉଛି । ଥରେ ବିଛଣାକୁ ଗଲେ ଆଉ ଉଠିବାକୁ ଇଚ୍ଛା ହୁଏନ । ଏମିତିରେ କିଏ ବା ଚାହିଁବ ଉଠିବାକୁ । ତଥାପି ନଗଲେ ଫସଲ ସବୁ ନଷ୍ଟ ହୋଇଯିବ । ଯେମିତି ହେଲେ ରାତିରେ ଦୁଇଥର ଉଠିବାକୁ ପଡିବ । ନହେଲେ ଧାନ ବିଲରେ ଜଙ୍ଗଲୀ ପଶୁମାନଙ୍କର ଉପଦ୍ରବ, ସବୁ ନଷ୍ଟ କରିଦେବେ । ଯେମିତି ହେଲେ ଉଠି ଦେଖିବାକୁ ପଡିବ । ନରୋତ୍ତମ ଅଳସେଇ ଅଳସେଇ ହୋଇ ଉଠି ଟିକେ ଇଆଡେ ସିଆଡେ ଚାହିଁଲା । ଦେଖିଲା ଚାରିଆଡେ ଅନ୍ଧାର କଚମିଚ କରୁଛି । ପାଖରେ ଥୁଆହୋଇଛି ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଲଣ୍ଠନ । ଉଠି ଲଣ୍ଠନଟିକୁ ତେଜିଲା । ହାତରେ ଲଣ୍ଠନଟା ଧରି ବାହାରି ପଡିଲା ବିଲଆଡେ । ମନ ନହେଉଥିଲେ ମଧ୍ୟ ଭାବିଲା ଟିକେ ବୁଲିଆସେ । ଅଳସେଇଲେ ସବୁ ଫସଲ ନଷ୍ଟ ହୋଇଯିବ । ଏବର୍ଷ ଫସଲ ଟିକେ ଭଲ ହେଇଛି । ଲାଗୁଛି ଏବର୍ଷଟା ଆରାମରେ କଟିଯିବ । ପିଲାମାନଙ୍କ କଥା ଭାବି ଭାବି ଚାଲୁଥାଏ । ସମସ୍ତେ ଏଥର ସୁଖରେ ରହିବେ । ଏକୁଟିଆ ଲୋକ । ପରିବାରର ବୋଝ ଏକୁଟିଆ ଉଠେଇବା କେତେଯେ କଷ୍ଟ ସବୁ ସହିବାକୁ ପଡିବ । କାହାକୁ କହିବ । କହିଲେ ସମସ୍ତେ ଅଯୋଗ୍ୟ ବୋଲି କହିବେ । ନିନ୍ଦା କରିବେ । ସ୍ତ୍ରୀ ପିଲାଙ୍କ ମୁହଁକୁ ଚାହିଁ ସବୁ କଷ୍ଟ ସହିଯାଉଥାଏ । ଦିନଯାକ ଅକ୍ଳାନ୍ତ ପରିଶ୍ରମ ପରେ ସମସ୍ତେ ଆରାମରେ ରାତିରେ ଶୋଉଛନ୍ତି, ସେଠି ନରୋତ୍ତମକୁ ରାତିରେ ଉଠି ଜମି ଦେଖିବାକୁ ଯିବାକୁ ପଡୁଛି । ଏସବୁ ସମସ୍ତଙ୍କ ସୁଖ ପାଇଁ କରିବାକୁ ପଡିବ । ହାତରେ ଲଣ୍ଠନଟି ଧରି ଚାଲୁଥାଏ । ଅନ୍ଧାର ରାତି, ନିଛାଟିଆ ରାସ୍ତା । ବଣବୁଦାରୁ ଅନେକ ଶବ୍ଦ ଶୁଣାଯାଉଥାଏ । ତଥାପି ନରୋତ୍ତମ ତାର ଅଭ୍ୟାସ କ୍ରମେ ଚାଲୁଥାଏ । କାହାକୁ ଖାତିର ନଥାଏ । ଖାଲି ପରିବାର କେମିତି ସୁଖରେ ରହିବେ, ସେହି ଚିନ୍ତାରେ ଥାଏ । ଏମିତି ଭାବି ଭାବି ଚାଲିଚାଲି ବିଲ ପାଖରେ ଆସି ପହଞ୍ଚିଗଲା । ହାତରେ ଥାଏ ଗୋଟିଏ ବାଡି । ବାଡିଟିକୁ ଠକ୍ ଠକ୍ କରି ଦୁଇ ଚାରିଥର ବାଡେଇ ଦେଲା । ଏମିତିରେ ଜଙ୍ଗଲୀ ପଶୁ ସବୁ ଡରି ପଳେଇ ଯାଆନ୍ତି । ଅନ୍ଧାର ରାତି, କେଉଁଠି କିଛି ଦେଖାଯାଉ ନଥାଏ । ଚାରିଆଡେ

ସୁନସାନ । କାହିଁ କଛି ତ ଶବ୍ଦ ଆସିଲା ନା । ନାହିଁ ମ, କେହି ନାହାନ୍ତି । ମୁଁ ତୁଚ୍ଛାଟାରେ ଛାନିଆ ହେଉଛି । ଖାଲି ଇଆଡୁ ସିଆଡୁ ଭାବୁଛି । ରାତି ପାହିବାକୁ ଆଉ ଗୋଟିଏ ପ୍ରହର ଅଛି । ଘରକୁ ଆଉ କଣ ଯିବି । ଏଇ ଗଛ ତଳେ ଟିକେ ବିଶ୍ରାମ ନେଇଯାଏ । କାଳେ ଯଦି ପୁଣି ସେହି ଜଙ୍ଗଲୀ ପଶୁ ସବୁ ଉପଦ୍ରବ ଆରମ୍ଭ କରିଦେବେ । ପୁଣି ଆସିପାରନ୍ତି । ନରୋତ୍ତମ ଗଛ ତଳେ ଟିକେ ବିଶ୍ରାମ ନେଇଗଲା । ଏମିତିରେ ରାତିଟା ଏଠି ଭଲରେ ଭଲରେ କଟିଯିବ । ଦେଖାଯାଉ ପୁଣି କଣ ହେଉଛି । ପିଲା ଛୁଆଙ୍କ କଥା ଭାବିଲା । ଯଦି ଏଥର ଫସଲଟା ଭଲ ହୋଇଯାଏ, ତେବେ ଝିଅ ବାହାଘରଟା କରିଦିଅନ୍ତି । ଭଲ ହୁଅନ୍ତା । ଦେଖୁଦେଖୁ ରାତି ପାଇଗଲା । ନରୋତ୍ତମ ଘରକୁ ଫେରିଲା । ବାଟରେ ଏମିତି କେତେ ଲୋକ ଦେଖା ହେଉଥାନ୍ତି । ନରୋତ୍ତମ କୁ ଫସଲ ବିଷୟରେ ପଚାରୁଥାନ୍ତି । ନରୋତ୍ତମ ଭାରି ସୁଖର ସହିତ ସବୁ କଛି କହିପକାଉ ଥାଏ । ଭାଇ ଏଥର ଫସଲଟା ଆଖିଦୃଷ୍ଟିଆ ହେଇଛି । ଭାବୁଛି କଛି ଭଲ ହେବ ନିଶ୍ଚୟ । ସମସ୍ତେ ନିଜ ନିଜ ଫସଲ କଥା କହୁଥାନ୍ତି । ଏମିତି ନରୋତ୍ତମ ଆସି ଘରେ ପହଞ୍ଚିଗଲା ।

ସକାଳୁ ସକାଳୁ ନରୋତ୍ତମର ପଖାଳ ଖିଆ ଅଭ୍ୟାସ । ନରୋତ୍ତମକୁ ଦେଖୁ ଦେଖୁ ତା ସ୍ତ୍ରୀ ପଖାଳ କଂସାଟେ ବାଢିଦେଲା । ସାଥିରେ କଛି ବଡିଚୂରା ଏବଂ ଶାଗ ଭଜା ଥାଏ । ଖାଇ ସାରିଲା ପରେ ନରୋତ୍ତମ ହଳ ନେଇ ବିଲକୁ ଯିବାକୁ ବାହାରି ପଡିଲା । ଖରାଟା ମାଡି ଆସୁଥାଏ । ତରତର ହୋଇ ହଳ ଯୋଡିବାରେ ଲାଗିଲା । ନହେଲେ ସ୍ତ୍ରୀ ଭାରି କଥା କୁହାଳିଆ । ଯାହାକୁ ଦେଖେ ତା ସାଙ୍ଗରେ କଥା ହେଉଥିବ । ନରୋତ୍ତମ ହଳ ଯୋଚୁଥାଏ । ତା ସ୍ତ୍ରୀ ଯାଇ କହିଲା, ଏସନ ଝିଅ ବାହାଘରଟା କରିଦେଲେ କେମିତି ହୁଅନ୍ତା । ହଁ, ମୁଁ ସେଇୟା ହିଁ ଭାବୁଥିଲି । ଯୋଗ୍ୟ ବର ଗୋଟିଏ ମିଳିଲେ ହେଲା । ଆଜିର ଦେଶ, ଦୁନିଆ କଥା । ଏମିତିରେ ହାତେ ମାପି ରାଖଣ୍ଡେ ଗାଲିବାକୁ ପଡିବ । ଏତେ ତରତର ହେଲେ କଣ ହେବ । ଯାହା ଯୋଗରେ ଥିବ, ଦେଖିବା କଣ ହେଉଛି । ଲାଗୁଛି ଏସନ ଫସଲଟା ଭଲ ହେବ ବୋଲି । ତଥାପି କାହିଁକି କେଜାଣି ମନରେ ଟିକେ ଭୟ ଲାଗୁଛି । ତଥାପି ଦେଖିବା କୋଉ ପାଣି କୁଆଡକୁ ଯାଉଛି । ତୁମେ ଜମା ବ୍ୟସ୍ତ ହୁଅନ୍ତି । ସବୁ ମୁଁ ବୁଝିନେବି । ତୁମେ ଖାଲି ଘର ଏବଂ ପିଲାଛୁଆଙ୍କ ଧ୍ୟାନ ଦିଅ । ସକାଳୁ ସଞ୍ଜଯାଏ କାହିଁ କେଜାଣି କେତେ କରୁଛ । ଦାଣ୍ଡ ବାଡିଠାରୁ ଆରମ୍ଭ କରି ଏପଟ ସେପଟ ହେଉହେଉ ବେଳ ଗଡିଯାଉଛି । ଲାଗୁଛି ଏଥର ଶୀତ ଟା ଜୋରରେ ପଡିବ । ଫସଲ ପ୍ରତି ଟିକେ ସାବଧାନ ରହିବାକୁ ପଡିବ । ନହେଲେ ଏସନ କୁହୁଡି ସବୁ ଫସଲ ନଷ୍ଟ କରିଦେବ ।

ହଉ ହେଲା, ମୁଂ ହଳ ନେଇ ଯାଉଛି । ଝିଅ ହାତରେ ଖାଇବାଟା ପଠେଇ ଦେବ । ମୋର ଆସୁ ଆସୁ ବେଳ ବୁଡିପାରେ । ଆଜି ବହୁତ କାମ ଅଛି । ଏହା କହି ହୁର.... ହୁର.... କହି ନରୋତ୍ତମ ବଳଦକୁ ଘଉଡେଇଲା । ରାସ୍ତାରେ ଅନ୍ୟ ଚାଷୀମାନେ ବି ଦେଖାଯାଉଥାନ୍ତି । ବିଭିନ୍ନ କଥାରେ ମସଗୁଲ ନରୋତ୍ତମ ହୁର... ହୁର... କହି ହଳ ଗଡେଇ ଗଡେଇ ନେଉଥାଏ । ସମସ୍ତଙ୍କ ମୁଖରେ ଅସରନ୍ତି ଆନନ୍ଦ । ସମସ୍ତଙ୍କ ମୁହଁରେ ସେହି ଫସଲ ଅମଳ କଥା । ଆଉ କେଇଟା ଦିନ ବାକିରହିଲା । ଫସଲ ଏବେ ଖଳାକୁ ଆସିବ । ସମସ୍ତେ ଏହି ସୁଯୋଗର ଅପେକ୍ଷାରେ ଥାଆନ୍ତି । ନରୋତ୍ତମର ସ୍ତ୍ରୀ ଦାଣ୍ଡ ବାଡି ଓଳେଇ, ଚୂଲିକୁ କାଠ ସାଇତି ଘରର ଅନ୍ୟକାମ କରି ବାହାରିଲା ଚୂଲି ଲଗେଇବ ବୋଲି । ନେତି, ନରୋତ୍ତମର ଝିଅ, ଏପଟସେପଟ ହେଉଥାଏ । ହଇଲୋ ନେତି, କଣ କରୁଛୁ । ଯିବୁଟି ନଟୁକୁ ଟିକେ ସ୍କୁଲରେ ଛାଡି ଆସିବୁ । ତାପରେ ବାପାଙ୍କ ପାଇଁ ଖାଇବା ନେଇଯିବୁ । କଣ କରୁଛୁ । ଦୁଆରେ ଆଳୁ ଗୁଡାକ ଗଦା ହେଇଛି । ତାକୁଟିକେ ବାଛିଦେଇ ସାଇଜି କରି ରଖି ଦେ । ହଇଲୋ କଣ କରୁଛି ବା! ଖାଲି କଣ ଏପଟ ସେପଟ ହେଉଥିବୁ । ଆଳୁଗଣ୍ଡାକ ସାଇତି ନରଖିଲେ ଏସନ ସବୁ ଖାଇବ କଣ । ଏହା କହି ଭାତ ହାଣ୍ଡିରେ ଗଣ୍ଡିଏ ଆଳୁ ପକେଇଦେଲା ନରୋତ୍ତମର ସ୍ତ୍ରୀ । ଆଜି ଭାତ ଆଉ ଆଳୁ ସିଝା ହେବ । ନେତି କହିଲା, ଆଜି ପୁଣି କଣ ଆଳୁ । କେତେ ଆଳୁ ଖାଇବୁ ଯେ । ସବୁବେଳେ ତ ଏଇ ଆଳୁ ଖିଆଯାଉଛି । ହଉ ହେଲା, ତୁ ଯାଇ ଭାଇକ ସ୍କୁଲରେ ଛାଡିଆସେ। ପରେ ଯାହା କରିବା ।

ମୁଁ କଣ କହୁଥିଲିକ ବୋଉ, ଏଥର ମୁଁ ମଧ ମାଟ୍ରିକ ପରୀକ୍ଷାଟା ଦେଇଥାନ୍ତି । ଏହା ଶୁଣି ନେତିକୁ ଗୋଡେଇ ଆସି କହିଲେ, ହଉଲୋ କଣ କହିଲୁ, ତୁ କଣ କରିବୁ । ତୁ ମାଇକନିଆ ଝିଅଟା । ଝିଅ ଜନମ ପର ଘରକୁ । ଏତେ ପାଠ ପଢିଲେ ଆମେ କଣ ଜ୍ୱାଇଁ ତୋ ପାଇଁ ଠିକ୍ କରିପାରିବୁ? ତୋର କାମ ହେଲା ଆଗ ଘର କାମ ସିଖ, ତା ପରେ ଯାଇ ଶାଶୁଘରକୁ ଯିବୁ । ତୋତେ ଏପର୍ଯ୍ୟନ୍ତ କିଛି କାମ ଆସିଲାନ । ଏ ବୋପାଟା ଝିଅକୁ ଏମିତି ଗେଲବସର କରିଛି ଯେ କାହା କଥା ଶୁଣୁନ । ଖାଲି କହୁଛି ମୁଁ ବାବୁଆଣି ହେବି । କିଛି କାମ କରୁନ, କିଛି କାମ ଶିଖୁନ । ଖାଲି ବୁଲୁଛି । କହୁଛି କଣ ନା ମାଟ୍ରିକ ପରୀକ୍ଷା ଦେବ । ଶୁଣ ହେ, ଯୁଗ କଣ ହେଲା । ଆମବେଳେ କଣ ଏମିତି ଥିଲା । ଲୁଗା ପିନ୍ଧି ନଜାଣୁନୁ ଶାଶୁ ଘରକୁ ଆସୁଥିଲୁ । ଏଇଠି ପଡି ପଡି ଏଇଠି ମରିବୁ ମଧ । ଇଏ କଣ କହୁଛି ଯେ ମାଟ୍ରିକ ପରୀକ୍ଷା ଦେବ । ପାଠ ନପଢି ରୋଷେଇ କର । ଘରର ଅନ୍ୟ ଯାବତୀୟ କାର୍ଯ୍ୟ ଶିଖ ।

ଭବିଷ୍ୟତରେ ତୋର କାମରେ ଆସିବ । ନେତି କଛି ନକହି ଗ୍ଘ ଗରଗର ହୋଇ ଭ୍ରଇକୁ ସ୍କୁଲକୁ ଛାଡିବାକୁ ଗ୍ଲଲିଗଲା । ସ୍କୁଲରେ ସାର୍ ଦେଖା ହୋଇଗଲେ । ନେତିକୁ କହିଲେ, ନେତି ଏଥର ମାଟ୍ରିକ ପରୀକ୍ଷାଟା ଦେଇଦେ । ଭଲ ହେବ । ନା ସାର୍, ଘରେ ପଗ୍ଧ ମନା କରୁଛନ୍ତି । କହୁଛନ୍ତି ବାହାଘର କରେଇଦେବେ । ଏତେ ପାଠ ପଢିଲେ ଜ୍ୱୋଇଁ ମିଳବା କଷ୍ଟକର ହେବ । ପାଠ ସେତିକ ଥାଉ । ଘରକାମ ଶିଖିଲେ ଏମିତିରେ ବି କାମରେ ଆସିବ । ସାର୍ କହିଲେ, ସେମିତି କଛି ନାହିଁ । କେତେ ଲୋକ ମନରେ କେତେ କଥା ଭ୍ରବନ୍ତି । କଏ କେମିତି ଭ୍ରବୁଛି, ତା ଉପରେ ନର୍ଭର । କୁଶଳ ଭ୍ରବନା ସର୍ବଦୈବ ସମସ୍ତଙ୍କର ସହାୟତା କରିଥାଏ । ଅଧିକ ପାଠ ପଢିଲେ କଛି କ୍ଷତି ନାହିଁ । ଯଦି ତୁମର ବାପା ଦେଖା ହେବେ, ତେବେ ମୁଁ ତାଙ୍କୁ ବୁଝେଇ କହିବି । ସେ ନଷ୍ଟୟ ବୁଝିଯିବେ ମୋର ଆଶା । ଧନ୍ୟବାଦ ସାର୍ କହି ନେତି ସେଠୁ ଗ୍ଲଲିଗଲା ।

ଏପଟେ ଘରେ ନେତିର ମା ରୋଷେଇ ସାରି ଦେଇଥାଏ । ନେତିକୁ ନରୋତ୍ତମ ପାଖକୁ ଖାଇବା ନେଇ ଯିବାକୁ ପଡିବ । ଏମିତିରେ କନ୍ତୁ ମନ ଯମା ହେଉନଥାଏ । ଘରେ ମଧ୍ଯ କଛି କହିପାରୁ ନଥାଏ । ଘରେ କହିଲେ, ସବୁ ବନ୍ଦ ହୋଇଯିବ ଘରେ । ଗାଁର ଛତରଖିଆ ଟୋକା ଗୁଡାକ ବାଟରେ ଘାଟରେ ନେତିକୁ ବଡ ହଇରାଣ କରୁଛନ୍ତି । ଯେଉଁଠି ଦେଖୁଛନ୍ତି ସେଠି ଖାଲି ଘୋ...ଘୋ... କରୁଛନ୍ତି । ଦୁନଆ ଟାହିଟାପରା । ନେତି କଛି ବୁଝି ନପାରିଲେ ମଧ୍ଯ ତାକୁ ଏସବୁ ଭଲ ଲ୍ଗେନ । ସେ ଭଲ ହେଉ ବା ମନ୍ଦ ହେଉ, କାହାର କଣ ଦରକାର । କଏ କାହିଁକ ଟାହିଟାପରା କରିବ । ଏସବୁ ନେତିକ ଜମା ଭଲ ଲ୍ଗେନ । ଏମିତିରେ ସବୁ ଝିଅ ବୋହୂମାନଙ୍କ ପାଇଁ ଗୋଟିଏ ଗୋଟିଏ ଝାମେଲା ସୃଷ୍ଟି କରୁଛନ୍ତି । କାହାକୁ ଟିକଏ ଶାନ୍ତିରେ ରଖିଥୋଇ ଦେଉନାହାନ୍ତି । ଯଦି ମୋର କଛି ଦକ୍ଷତା ଥାଆନ୍ତା, ତେବେ ମୁଁ ଏଇ ଗାଁ ଟୋକାଙ୍କୁ, ଯିଏକ ହିରୋ ସାଜି ବୁଲୁଛନ୍ତି କଛି ନଥାଇ, ସେମାନଙ୍କୁ ଦେଖିନଅନ୍ତି । ଭଗବାନ କଣ ତାଙ୍କୁ କ୍ଷମତା ଦିଅନ୍ତି ଯାହାର କଛି କରିବାର ଯୋଗ୍ୟତା ଥାଏ । ତଥାପି ସବୁ ସହିବାକୁ ପଡିବ । ଏହାଭ୍ରବି ନେତି ବିଲକୁ ବାହାରିଲା । ସେଠି ପହଞ୍ଚି ବାପାଙ୍କୁ ଖୁଆଇ ପୁଣି ସେଠୁ ଫେରିବାକୁ ପଡିବ । ବହୁତ ସମୟ ଲ୍ଗିବ । ସବୁକଛି ସହିବାକୁ ପଡିବ । ରାସ୍ତାରେ ଗାଁ ଟୋକା କଛି ଦେଖାହେଲେ । ଟାହିଟାପରା ମଧ୍ଯ କଲେ । କଛି ଫରକ ପଡିଲାନ ନେତିକୁ । ଏଇଟା ସେମାନଙ୍କ ସ୍ୱଭ୍ରବ ବୋଲି ସେ ଜାଣିଥିଲା । ଏହା ହେଉଛି ନତିଦିନଆ କଥା । ଶୁଣିଶୁଣି ଆଉ କଛି ଲ୍ଗୁନ । ଏମିତିରେ ବିଲରେ ଯାଇ ପହଞ୍ଚିଗଲା ନେତି । ବାବାଙ୍କୁ ଖୁଆଇଦେଲା । ତାପରେ ବଳକା କାମରେ ବାପାଙ୍କୁ ଟିକେ

ସାହାଯ୍ୟ କରିନେଲା । ବାପା ଖୁସି ହୋଇ ଆନନ୍ଦରେ କହିଲେ, ବୁଝିଲୁରେ ମା, ତୁ ଯଦି ମୋର ପୁଅ ହୋଇଥାନ୍ତୁ ନା, ତେବେ ମୋର ସମସ୍ତ ଦୁଃଖ ପଳେଇଥାନ୍ତା । ହଁ ବାପା, ମୁଁ ଭାବୁଥିଲି ଏବଂ ସାର୍ ମଧ୍ୟ କହୁଥିଲା ଏଥରକ ତୁ ମାଟ୍ରିକ ପରୀକ୍ଷାଟା ଦେଇଦେ ବୋଲି । ବୋଉ କନ୍ତୁ ରାଗରେ ଘରେ ଗରଗର ହେଉଛି । କହୁଛି ଘରକାମ କର । ନହେଲେ ହଇରାଣ ହେବୁ । ଘର କାମତ ଶିଖିବା ନହାତି ଆବଶ୍ୟକ । ତା ସହିତ ମୁଁ ଭାବୁଥିଲି ପରୀକ୍ଷାଟା ଦେଇଦେବି ବୋଲି । ହଁ ରେ ମା, ତୋର ଯାହା ଇଚ୍ଛା ସେଇଆ କର । ମୁଁ ବୋଉକୁ ବୁଝେଇଦେବି । ପଢାପଢି ଆରମ୍ଭ କରିଦେ । ମାଟ୍ରିକ ଟା ପାସ୍ କରିଗଲେ ଭଲ ହେବ । ସାର୍ କହିଛନ୍ତି, ତୁ ପରୀକ୍ଷାଟା ଦେଇଦେ । ଦେଖିବା କଣ ହେଉଛି । ବାପାଙ୍କ ଠାରୁ ଏହା ଶୁଣି ନେତି ବହୁତ ଖୁସି ହୋଇଗଲା । ଏବେକୁ ଘରେ ବୋଉକୁ କହିଲେ ଖାଲି ରାଗରେ ଗରଗର ହେବ । ଆଉ ବାବାଙ୍କ ଉପରେ ମଧ୍ୟ । ନେତି ବିଲରୁ ଫେରି ସବୁ ବହିପତ୍ର ଖୋଜାଖୋଜି ଆରମ୍ଭ କରିଦେଲା । ଖାଲି ଯାଇ ସାରଙ୍କ ପରାମର୍ଶ କ୍ରମେ ବହିପତ୍ର ଆଣି ପଢିବାକୁ ପଡିବ । ଭାଇ ତ ଏବେ ଛୋଟ ଅଛି । ଭାବୁଛି ମୁଁ କଛି କରିବି । ଦେଖାଯାଉ ବାପା କଣ କହୁଛନ୍ତି । ଏମିତିରେ ଭାବିଭାବି ଆସି ଘରେ ପହଞ୍ଚିଗଲା ନେତି । ବୋଉ ତାର ଝାଡୁ ଧରି ଦୁଆର ଓଳଉଚ । ସନ୍ଧ୍ୟା ସମୟ, ରାଗରେ ଗରଗର ହେଉଛି । ଏତେ ଡେରି ହେଲାଣି, ଏପର୍ଯ୍ୟନ୍ତ ଫେରିନ । ଝିଅଟାର କଛି ଚନ୍ତା ନାହିଁ । ଦେଖୁନ ଆମକୁ ଚନ୍ତା କରିବାକୁ ପଡୁଛି । ଚନ୍ତା କରିକରି ଗଣ୍ଡି ସବୁ ସୁଖିଗଲାଣି । ଖାଲି ଇଆଡୁ ସିଆଡୁ କେତେକଥା କହୁଛି । ମୁଁ ଏଇଆ କରିବି, ମୁଁ ସେଇଆ କରିବି । ଦେଖୁନ ବାହାଘର ବୟସ ହେଇଗଲାଣି । ଏଥିରେ କଣ ଯମା ମନ ବଳଉଛି । ବାବା କଣ ତୋତେ କଛି କହିପାରିବେ । ଶୀଘ୍ର ବାହାଘରଟା କରିବାକୁ ପଡିବ । ନେହେଲେ ସାହି ପଡିଶା କଣ କହିବେ, ଝିଅଟାକୁ ଘରେ ବସାଇଛି ବୋଲି । ନେତି ଦଉଡି ଦଉଡି ଆସି, ଆରେ ବୋଉ ଯୁଗ ଯାଇ କୋଉଠି ହେଲାଣି, ତୁ ଏବେ ସେହି ବାହାଘରରେ ଅଟକଛି । ତତେ କଣ ଆଉ କଛି ଚନ୍ତା ନାହିଁ । ମୋ କଥା ଚନ୍ତା କରନା । ମୋ କଥା ମୁଁ ନଜେ ଦେଖିନେବି । ତୁ ଖାଲି ଭାଇ କଥା ଚନ୍ତା କର । ତାକୁ ଦେଖେ । ସିଏ ଏତେ ଛୋଟ ଅଛି, ମୁଁ ତ ବଡ ହୋଇ । ସାରିଲିଣି । ମୋ ଧ୍ୟାନ ମୁଁ ନଜେ ରଖି ପାରିବି । ଯମାରୁ ଚନ୍ତା କରନା । ନହେଲେ ତୋର ଗଣ୍ଡି ସବୁ ଶୁଖିଗଲାଣି । ଏହା କହି ନେତି ଦଉଡି ଦଉଡି ଘରଭିତରକୁ ପଶିଗଲା । ବହିପତ୍ର ଖୋଜାଖୋଜି କରି ସାଇତି ରଖିଲା । ସନ୍ଧ୍ୟା ହେଲାଣି, ସଞ୍ଜବତୀ ଲଗାଇବାକୁ ପଡିବ । ଡିବି, ଲଣ୍ଠନ ମାତ୍ର ଦୁଇଟା । ବୋଉ କହିଛି ଏଇଆକୁ ସଫା କରି ରଖିବାକୁ ପଡିବ । ବାପା ବି ରାତିରେ ଉଠି ବିଲକୁ ଯାଉଛନ୍ତି । ଏହି କାମଟା

ଆଗ ସାରିଦେଇ ଆସେ, ତାପରେ ସବୁ ବାକକାମ କରିଦେବି । ନେତି ତରତର ହୋଇ ଡିବି, ଲଣ୍ଠନ ସଫା କରିବାକୁ ଲାଗିଲା । ଧୁପ ଦେଇ କଛି ବହି ବାହାରକରି ବସିଗଲା ପଢିବାକୁ । ବାପା ସେବେତେଳେ ଘରକୁ ଫେରୁଥାନ୍ତି । ନେତିର ବୋଉ ରାତିରୁ ଗୋଷେଇ କାମରେ ଲାଗିଥାଏ । ନେତି ଭାବୁଥାଏ ଆଜି ବାପା ବୋଧେ ବୋଉକୁ ବୁଝାଇଦେବେ । ମୁଁ ପରୀକ୍ଷାଟା ଦେଇଦେବି । ସତରେ ମ କେତେ ଭଲ ହୁଅନ୍ତା ।

ଏତିକରେ ସାନ ଭାଇ ଆସି ପହଞ୍ଚିଗଲା ନେତିପାଖରେ ବସି ପଢିବାକୁ । ଦୁଇଜଣ ମିଶି ଗପସପ କରୁକରୁ ନେତି କହିଲା, ବୁଝିଲୁ ଆଜି ବାପା କହିଛନ୍ତି ମୁଁ ପରୀକ୍ଷାଟା ଦେଇଦେବି । ଦେଖାଯାଉ କଣ ହେଉଛି । ବୋଉ କଣ କହୁଛି । ଦେଖିବା ବୋଉ ମୋତେ ଜମା ଭଲ ଲାଗୁନ । ଖାଲି ସବୁବେଳେ ଗରଗର ହେଉଛି । କଛି ବୁଝିପାରୁନ । ଭଲମନ୍ଦ କଣ ତାକୁ ଜଣାନାହିଁ । ଗରଗର ହେବା ଗୋଟେ ପ୍ରଭାବୀ କାର୍ଯ୍ୟ ବୋଲି ଭାବୁଛି । ହଁ, ମୁଁ ବି ସେଇଆ ଭାବୁଥିଲି, ନେତିର ଭାଇ କହିଲା । ବାପା କହୁଥିଲେ, ଏଥର ଫସଲ ବହୁତ ଭଲ ହେଇଛି । କନ୍ତୁ ଆଜିର ସ୍ଥିତି ଦେଖି କୃଷକ ଆତ୍ମହତ୍ୟା ଯେଉଁ ପରିମାଣରେ ହେଉଛି, ବେଳେବେଳେ ଭାବିଲେ ଡର ଲାଗୁଛି । ନା ମ, ସେମିତି କଛି ନାହିଁ । ଏଥିରେ ଭାବିବାର କଛି ନାହିଁ । ସେମାନେ ନହାତି ଦୁବଳ ଲୋକ ହୋଇଥିବେ କମ୍ବା ଅନ୍ୟ କଛି କାରଣ ଥାଇପାରେ । ନହେଲେ ମୋତେ ସେମିତିକଛି ଲାଗୁନ । ଭାବିଚନ୍ତି କାର୍ଯ୍ୟ କଲେ ପ୍ରମାଦ ନପଡଇ ଭଲେ । କୌଣସି କାର୍ଯ୍ୟ କରିବା ପୂର୍ବରୁ ଭାବିଚନ୍ତି କରିବା ଉଚତ । ନହେଲେ ପ୍ରମାଦ ନଷ୍ଟୟ ପଡିପାରେ । ବାପାଙ୍କ କଥା ତ ଠିକ୍ ଅଛି । କନ୍ତୁ କାହିଁ ବୋଉ ମୋତେ କେମିତି କେମିତି ଲାଗୁଚ । ତାର ଭାବନା ବିଲକୁଲ୍ ନାହିଁ ଆଉ ଭଲ ମଧ ନୁହଁ । ଆମର ତ ଏଥର ଫସଲ ଭଲ ହୋଇଛି । ସବୁକଛି ଠିକ୍ ହୋଇଯିବ । ଦେଖୁନୁ ବାପା କେତେ ପରିଶ୍ରମ କରୁଛନ୍ତି । ଆମେ ମଧ କରିବା । ଦେଖିବୁ ସବୁ ଠିକ୍ ହୋଇଯିବ । ହଁ, ମୁଁ ବି ସେଇୟା ଭାବୁଥିଲି, ନେତି କହିଲା । କାଲିଯାଇ ସାର୍ ଙ୍କ ଠାରୁ ସବୁକଛି ବୁଝିଆସିବି ବୋଲି ଭାବୁଛି । ସେଥିପାଇଁ ବୋଉର ରାଜିହେବା ନହାତି ଦରକାର । ନହେଲେ କୁଆଡେ ଛାଡିବନ । ଖାଲି ଘରେ ରଖିବ । ଏତେ ଶୀତରେ ବାପା ରାତିରୁ ଉଠି ବିଲକୁ ଯାଉଛନ୍ତି । ମୋତେ ଜମା ଭଲ ଲାଗୁନ । ସତରେ କେତେଯେ କଷ୍ଟ କରୁଛନ୍ତି । ସତରେ ମୁଁ ଯଦି ପରୀକ୍ଷାଟା ଦେଇଦିଏ, ସତରେ ଅବା କଛି ସାହାଯ୍ୟ କରିପାରିବି । ଦେଖାଯାଉ କଣ ହେଉଛି ।

ସକାଳେ ହେଲା । ପୂର୍ବପରି ବାପା ବାହାରିଲେ ବିଲକୁ । ନେତି ଏବଂ ତାର ଭାଇ ମଧ୍ୟ ସ୍କୁଲକୁ ବାହାରିଲେ । ଆଜି କାଇଁ ବୋଉ ଆଉ ଗରଗର ହେଉନାହିଁ ତ! ବାପା ବୋଧେ ବୁଝେଇ ଦେଇଛନ୍ତି । ବୁଝିଯାଇଛି ବୋଧେ ସେ! ନେତି ସ୍କୁଲରୁ ଯାଇ ସାର୍ ଙ୍କ ଠାରୁ ସବୁ ବୁଝି ଆସିଲା । ପରୀକ୍ଷା ପାଇଁ ପୁରା ମନଦେଇ ପଢିବାରେ ଲାଗିଲା । ଉତ୍କଣ୍ଠାର ସହିତ ସେହିଦିନକୁ ଅପେକ୍ଷା କରିଥାଏ । ଘରକାମ ବି ତା ସହିତ ଶିଖୁଥାଏ । ବାପାଙ୍କର ଏମିତି ନିତିଦିନ ବିଲକୁ ଯିବାଆସିବା ଲାଗି ରହିଥାଏ । ଫସଲ ଅମଳ ସମୟ ବି ଆସିଗଲା । ଫସଲ ଭଲରେ ଅମଳ ବି ହୋଇଗଲା । ଦି ପଇସା ଏଥର ନରୋତ୍ତମକୁ ଭଲରେ ମିଳିଲା । ନେତି ବି ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଗଲା । ଘରର ଅବସ୍ଥା ସୁଧରୀଗଲା । ପୁଣି ଆରମ୍ଭ ହେଲା ଏକ ଅନୁକୂଳ ଜୀବନର ସଂଘର୍ଷର ଜୀବିକାର, ନରୋତ୍ତମ ପୁଣି ଆରମ୍ଭ କଲା ତାର ସେହି ଚରପରିଚତ ଜିବୀକା । ନେତି ବି ପୁଣି ଆରମ୍ଭ କଲା ତାର ଅସୁମାରି ସ୍ୱପ୍ନର ରଙ୍ଗୀନ ମହଲ । ଯାହା ତାର ପରିବେଶ ପରିଚ୍ଛନ୍ନତାର ପରିଚୟ ଦେଇ ପୁଣିପାରି ହୋଇଗଲା ଜୀବନର ଗୋଟିଏ ଗୋଟିଏ ପରୀକ୍ଷା ।

XXX

# ଆସ ମାଆ ଦୁର୍ଗା



ବିଷ୍ଣୁପ୍ରିୟା ଦାସ

ଜଗତ ଜନନୀ ଗୃରୁହାସ୍ୟମୟୀ
ଓଲ୍ଲାଇଛ ଧର୍ ଧାମେ
ଆସ ମାଆ ତୁମେ ଦୁଷ୍ଟକୁ ସଂହାର
ଭଜୁଅଛୁ ତୁମ ନାମେ ।।

ପ୍ଲାବନ ହୁଅଇ ମହିମଣ୍ଡଳରେ
ତୁମ ଆଗମନା ପାଇଁ
ଘଣ୍ଟା ଧ୍ୱନ ବାଜି ପ୍ରକମ୍ପିତ ହୁଏ
ତୁମକୁ ରେ୍ଷଣୀ ଦେଇ ।।

ସମସ୍ତ ଶକ୍ତିର ଆଧାର ତୁମେ ଗୋ
ପ୍ରତିରେଣୁ ମଧ୍ୟେ ସ୍ଥିତି
ତୁମ ଆଶ୍ରିବାଦେ ଜଗତ ଗୃଲଇ
ତୁମେ ଅନ୍ଧକାରେ ଜ୍ୟୋତି ।।

ତୁମେ ଅଟ ଭଗବତୀ ଚଣ୍ଡୀକାୟୀ
ମହାମାୟା ସନାତନୀ
ଆସ ବାରମ୍ବାର ଅବିର୍ଭୂତା ହୋଇ
ତୁମେ ତ ଦୁଃଖ ନାଶିନୀ ।।

ଜଗତ ର ତୁମେ ଆଦ୍ୟ ଅକ୍ଷର ମା
ପାଳନ ର କର୍ତ୍ରୀଅଟ
ଆଦ୍ୟାଶକ୍ତି ହୋଇ ବିର୍ଜିତା ତୁମେ
ଜଗତେ ଦେଖାଅ ବାଟ ।।

ଦ ରୂପହୋଇ ଦୈତ୍ୟ ବିନାଶିଛ
ବିପଦକୁ ଗଞ୍ଜୁଅଛ
ଗ ରୂପହୋଇ ପାପକୁ ହାରିଛ
ଯଶବାନା ଉଡାଉଛ ।।

ଯୁଗେ ଯୁଗେ ମାତ ପାପକୁ ନବାରି
ଉଡାଉଛ ସତ୍ୟ ଧ୍ୱଜା
ଏ ଧର୍ ଧାମରେ ଅବତରି ସଦା
ଘେନକର ପାଦ ପୂଜା ।।

ହୀର୍ପୁର, ବାଲିଅନ୍ତା, ଭୁବନେଶ୍ୱର

# ନିଃସଙ୍ଗତା

ତରୁଣ କୁମାର ଦାସ

ନିଃସଙ୍ଗତା ଭାରି ଭୟଙ୍କର
କେବେ କେମିତି ଗୋଟାପଣେ ଛନ୍ଦିଯାଏ!
ନିଜ ଇୟତ୍ତାରୁ ଚହଲି ଯାଏ
ବୟସ /ସୁଖର ହିସାବ କରୁ କରୁ
ହାତ ପାହାନ୍ତରୁ ଉଭେଇଁ ଯାଏଁ
ରାସ୍ତାଘାଟ ପାର୍କ ରେସଟୁରାଣ୍ଟ
କେବେ ଏଠି କେବେ ସେଠି ପଇଁତରା ମାରୁଛି ନୀରବତା!
ସଂଜ୍ଞା କିନ୍ତୁ ଖୋଜି ପାଏନା '
ଦର୍ପଣ ସାମ୍ନାରେ ନିଜକୁ ଛିଡା କଲେ ନିଜ ଆଖିରେ
ଖେଂଦିଜାୟ ଅଳସତା
ହଠାତ ଫୋନେରେ ରିଙ୍ଗ ବାଜିଲେ ଦରଜା ପଟର କଲିଂ ବେଲ ରେ ହାତ ଦେଲେ,
ରେଡ଼ିଓର ସାହାନାଇ ସ୍ୱର ଝଙ୍କାର ରେ ନିଃସଙ୍ଗତା
ସରିଯାଏ ସୁଦୂର ଦିଗବଳୟ କୁ
ଠଉରାଇ ହୁଅନି ତା ପରିଧିର ମାପକାଠି
ମନ କିନ୍ତୁ ବୁଝେନା!
ବୁଝେନା ବୋଲିତ ଖୋଜିବାକୁ ଇଛା ହୁଏ/ଅପ୍ରାପ୍ତିରେ ବି ଆନନ୍ଦ ଥାଏ
ଆପଣାର ଲୋକ ସବୁଦୁରେଇ ଗଲେ ଲାଗେ ଯିମିତି
ମୁଁ ଖୋଜି ପାଇଛି ତାକୁ
ପ୍ରିୟ ନିଃସଙ୍ଗତା କୁ

ମୁକ୍ତାନିଳୟ, ପାଲୁସିଆ, ବାଲେଶ୍ୱର

# କର୍ମ ହିଁ କରାଏ ବଡ଼

ସୁନନ୍ଦ ତ୍ରିପାଠୀ

କଳା ଅଟଇ କୋଇଲି
ହେଲେ କୋଇଲି ର ମଧୁର ସ୍ୱରକୁ
ପାରିବ କି କିଏ ଭୁଲି ? ।।୧।।

କ୍ଷୁଦ୍ର ଅଟଇ ଶାମୁକା
ହେଲେ ଦେହେ ତାର ଥାଏଟି ସାଇତା
ବହୁମୂଲ୍ୟ ର ମୁକୁତା ।।୨।।

କ୍ଷୁଦ୍ର ଅଟଇ ସୁମନ
ହେଲେ ସୁଗନ୍ଧ ରେ ବିମୋହିତ କରି-
ଥାଏ ସଭିଙ୍କର ମନ ।।୩।।

କଳରା ପାଚିକୁ ପିତା
ହେଲେ ନିତି ଯିଏ କରଇ ଭକ୍ଷଣ
ହୁଅଇ ଜଗତ ଜିତା ।।୪।।

ଅତି କ୍ଷୁଦ୍ର ମଧୁମକ୍ଷି
ଏଫୁଲ ସେଫୁଲ ଉଡ଼ି ସଂଚେ ମଧୁ
ନ ପାରେ ବିଶାଳ ପକ୍ଷୀ ।।୫।।

କ୍ଷୁଦ୍ର ଅଟେ ପୀପିଳିକା
ଶ୍ରମବଳେ ଦିନ କାଟଇ ଖୁସିରେ
କରେ ନାହିଁ କେବେ ଭିକ୍ଷା ।।୬।।

ଜଳଧି ଅଟେ ବିଶାଳ
ତୃଷାର୍ତ୍ତ ବ୍ୟକ୍ତିର ତୃଷା ନିବାରଣ
କରି ପାରେନି ତା ଜଳ ।।୭।।

ଗିରି ଅଟଇ ବିଶାଳ
ନିଜ ସ୍ଥାନୁ ଇଂଚେ ଘୁଂଚ ବାକୁ ତାର
ଦେହରେ ନ ଥାଏ ବଳ ।।୮।।

ଡେଙ୍ଗା ଅଟେ ତାଳ ଗଛ
ବାଟୋଇ କୁ ଛାୟା ପ୍ରଦାନରେ ସିଏ
ହୋଇ ନ ଥାଏ ସମର୍ଥ ।।୯।।

ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ

# କାଳଜୟୀ ଗଙ୍ଗାଧର ଓ ମତମନ୍ତବ୍ୟ

ଅଧ୍ୟାପକ ସୁବାଷ ବାରିକ

ପବିତ୍ର ଶ୍ରାବଣ ପୁର୍ଣିମା ଅବସରରେ ପୁଣ୍ୟାତ୍ମା ସ୍ୱର୍ଗତ ସ୍ୱଭବ କବି ଗଙ୍ଗାଧରଙ୍କର ଜନ୍ମ ବାର୍ଷିକ ଉପଲକ୍ଷେ ତାଙ୍କର ପାଦ ପଦ୍ମରେ ମୋର ସ୍ନେହକୃତ ପ୍ରଣାମ । ଓଡିଆ ସାହିତ୍ୟରେ ନିଜସ୍ୱ ସୃଷ୍ଟି ସୌରଭ କୁନେଇ ଯେଉଁ ଶ୍ରୀକ୍ଷେତ୍ର ନିର୍ମାଣ କରି ଚର ଜଗନ୍ନାଥ ରୁପେ ବିଦ୍ୟାମାନ କହିଲେ ଅତୁକ୍ତି ନାହିଁ । ପଶ୍ଚିମ ଓଡିଶା ମାଟି, ପାଣି, ପବନ ଯାହାକୁ ନେଇ ଗର୍ବିତ ସେହି ଜ୍ୟୋତିଶିଖା ଆଧୁନିକ ଓଡିଆ ସାହିତ୍ୟର ଅନ୍ୟାନ୍ୟ କ୍ରାନ୍ତିକାରି ସ୍ରଷ୍ଠାଥିଲେ, ଜୀବନର ଅନ୍ତରଣରେ ଏହି ମହାନ ଆତ୍ମାଙ୍କର ଆବିର୍ଭାବ ହୋଇ ସମ୍ବଲପୁର ଜିଲ୍ଲାର ବରପାଲି ଗ୍ରାମରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୁର୍ଣିମା ତିଥିରେ, ପିତା ଥିଲେ ଚେତନ୍ୟ ମେହେର ମାତା ନାମ ଥିଲା ସେବତୀ ଦେବି ମେହେର ତତକାଳିନ ସମୟରେ ବରପାଲି ଗ୍ରାମର ମାଟି, ପାଣି, ପବନରେ ବଢିଥିବା କବିଙ୍କ ଶିକ୍ଷା ପ୍ରତିଥିଲା ଅଗାଧ ଆଗ୍ରହ । ସେ ସାତ ଆଠ ବର୍ଷ ବୟସ ରେ ଗ୍ଯଟଶାଳୀ ଶିକ୍ଷା ଲାଭକରି ୧୮୮୨ ମସିହାରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ଏହାଥିଲା ତାଙ୍କର ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ ଅବସ୍ଥା ଉଜ୍ଜ୍ୱଳ ନ ଥିବାରୁ ସେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଲେ, ଓ ଆରମ୍ଭ ହୋଇଯାଇଥିଲା ତାଙ୍କର କର୍ମମୟ ଜିବନ ।

“କାଳରେ ବସଇ ଜଗତ ପ୍ରାଣୀଯେ କାଳର ଆୟତ” ଭକ୍ତିଟିକୁ ପାଠକଲେ ମନେ ହୁଏ ଗଙ୍ଗାଧରଙ୍କର ଭାଗ୍ୟରେ ଥିଲା ଅନ୍ୟକଛି, ଦାରିଦ୍ର୍ୟତାର ତାଡନା, ପାରିବାରିକ ଜଞ୍ଜାଳ, ତାଙ୍କର କବି ସୁଲଭ ଗୁଣକୁ କାଳର କଳାବାଦଳର ଆଢୁଆଳରେ ରଖିପାରିନଥିଲା, ବେଦବେଦାନ୍ତ, ଗୀତା, ରାମାୟଣ, ମହାଭାରତ, ଭାଗବତ ସହିତ କାଳିଦାଶ ଓ ଭବଭୁତୀଙ୍କ କାବ୍ୟକବିତା ଅଦ୍ଧୟନା କରି ଯେଉଁ ଜିଜ୍ଞାସା ତାଙ୍କ ମନରେ ସୃଷ୍ଟି ହେଇଥିଲା, ତାହା ତାଙ୍କୁ କବି ସୁଲଭ ପ୍ରଭୃତି ଆଡ଼କୁ ଆଗେଇ ନେଇଥିଲା । ଗଙ୍ଗାଧରଙ୍କ ସୃଷ୍ଟି ସଂପଦ ରଚନା ଶୈଳୀ, କଥାବସ୍ତୁ ଜନମାନସ ରେ ଏତେ ଆଦୃତ ଲାଭ କରିଥିଲା ଯେ, ଯାହା

ଫଳରେ ରାଜା ବିଦ୍ୱାନ ମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ତାଙ୍କର ସୃଷ୍ଟି ସଂପଦରେ ଭାବ ବିହ୍ବଳ ହୋଇ ପଲ୍ଲି କବି ନନ୍ଦ କିଶୋର ବଳ ଶ୍ରଦ୍ଧାରେ "ପ୍ରଜାବନ୍ଧୁ" ପତ୍ରିକାରେ ଲେଖିଥିଲେ-

"ଲୋଡେନାହିଁ ଦେଖିବାକୁ ମୁଁ ତୁମ୍ଭ ମୁରତି ।

ଦେଖିଦେଲେ କାଳେ କଟିଜିବ ମାୟାତବ ପ୍ରତି ।।

XXXXXXX

କିନ୍ତୁ ତୁମେ ଦିନ କବି ରହିବ ଜୀବିତ ।

ଯେତେଦିନ ଥିବ ଓଡ଼ିଆ ସାହିତ୍ୟ ।।"

ବାସ୍ତବିକ ନନ୍ଦ କିଶୋର ଙ୍କର ଏହି ପଂକ୍ତିକୁ ଗଙ୍ଗାଧର ମେହେରଙ୍କ ପ୍ରତି ପ୍ରଯୁଜ୍ୟ ମନେହୁଏ। ଗଙ୍ଗାଧର ଆର୍ଥିକ ଓ ମାନସିକ ଦୃଷ୍ଟିରୁ ଦିନେମାତ୍ର ମାନସିକ ଦୃଷ୍ଟିରୁ ମହାଧନୀ, ପାର୍ଥିବ ଜଗତରେ ଜଣେ ସାଧାରଣ ମଣିଷ ହେଲେ ମଧ୍ଯ କାବ୍ୟ ଜଗତର ଜଣେ ଅମ୍ଳାନ ଜ୍ୟୋତି ଶୀଖା ଓଡ଼ିଆ ସାହିତ୍ୟ ଜଗତକୁ ଉଭୟ ଗୁଣାତ୍ମକ ଓ ପରିଣାତ୍ମକ ଦୃଷ୍ଟିକୋଣ ରୁ ପରିପୃଷ୍ଠ କରିଥିଲେ । ତାଙ୍କର ସୃଷ୍ଟି ସଂପଦ ଗୁଡ଼ିକରେ ବ୍ୟକ୍ତି ଗତ ଜୀବନର ନିତୀ ମୁଲ୍ୟବୋଧ, ଆଦର୍ଶକୁ କେନ୍ଦ୍ରକରି ଗତିଶିଳ କରିଛନ୍ତି, ଜୀବନର ଧର୍ମ ହେଉଛି ସତ୍ୟ, ଅହିଂସା ଅନ୍ୟାୟଠାରୁ ନିଜକୁ ସର୍ବଦା ଦୁରେଇ ରଖିଛନ୍ତି । ତାଙ୍କର ଚରିତ୍ର ଗୁଡ଼ିକ ସାଧାରଣ ମଣିଷ ଠାରୁ ଆରମ୍ଭ କରି ରାଜା ମହାରାଜା ପର୍ଯ୍ୟନ୍ତ ଅନ୍ୟତ୍ର ଦେଖିବାକୁ ଗଲେ ମନେ ହୁଏ ତାଙ୍କ ଜୀବନର ଦାରିଦ୍ରତା ଉତ୍ପିଡିନତା ଆର୍ଥିକତାର ବୋଝ ଓ ମାନସିକ ଦ୍ବନ୍ଦ ଏତେ ଯନ୍ତ୍ରଣା ଦୟକ ଥିଲା ଯେ, ନିଜର କାବ୍ୟ କବିତାରେ ରୂପ ଦେବାକୁ ସେ ପଶ୍ଚାତ ପାଦ ଦେଇନଥିଲେ । ତେଣୁସେ "ତପସ୍ୱିନୀ" କାବ୍ୟର ପ୍ରଥମ ସର୍ଗରେ କହିଛନ୍ତି ଯେ—

"ଦରିଦ୍ର ପଙ୍କପୁର୍ଣ୍ଣ ..ମୋ ଜିବନ ସର
ଜଞ୍ଜାଳ ଜଳଦ ଜଳେ.. ଆବିଳ ଉଦର"

ମଣିଷ ମଧ୍ୟରେ ଇଶ୍ୱରିୟ ସତ୍ତାର ଉପଲବ୍ଧି ବିଭୁଚନ୍ତା ଚେତନାରେ ତାଙ୍କର ସୃଷ୍ଟି ଗୁଡ଼ିକ ହୋଇଥିଲା ପରିପୁଷ୍ଟ କବିଙ୍କର ଭାଷାରେ -

"ବିଶ୍ୱଦେଖ ମଧୁମେୟରେ ଜୀବନ
ବିଶ୍ୱଦେଖ ମଧୁମୟେ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ" (ମଧୁମୟ)
ଅନ୍ୟତ୍ର
"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଲି ତେଜ ସିନ୍ଧୁ
**XXXXX**
ଅମୃତମୟ ଅମୃତମୟ
ସହିତ ମିଶିବେ ସାଗରେ" (ଅମୃତମୟ)

ପଂକ୍ତିକୁ ପାଠକଲେ ମନେହୁଏ କବି ସର୍ବତ୍ର ଇଶ୍ୱରୀୟ ସତ୍ତାକୁ ଉପଲବ୍ଧି ଜୀବନକୁ ସମ୍ପୂର୍ଣ୍ଣ ଭାବରେ ସେ ଇଶ୍ୱରଙ୍କ ସେବାରେ ଲିନ କରିଦେବାକୁ ଇଚ୍ଛା ପ୍ରକାଶ କରିଥିଲେ । କବି ମାନବୀକ ଧର୍ମଧାର୍ ଆଧାମ୍ୱିକତା ଜୀବନ ଉପରେ ସଚେତନ । ମାତୃଭାଷାର କଥା କହିବାକୁ ମଧ ପଛ୍ଷତା ଦେଇନଥିଲେ ତାଙ୍କ ସାହିତ୍ୟର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲେ ଜାତୀୟବାଦି ଚେତନା ଦେଶାତ୍ମକବୋଧ ଚନ୍ତାଧାର୍ର ସୃଷ୍ଟି କବିତାର ମର୍ମଲିପି ଓଡିଆ ଭାଷାକୁ ବିକୃତ ନକରି ସମୃଦ୍ଧ କରିବା ପାଇଁ ତତକାଳନ ସମୟରେ ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ ତାହା ତାଙ୍କର ମାତୃଭୂମିକା ଓ ମାତୃଭଷାର ଏକ ଜାଗ୍ରତ ସୈନକ ଭାବରେ ଚର ଦଣ୍ଡାୟମାନ କରିଛି । କବିଙ୍କର କଛି ସୃଷ୍ଟିର ପଂକ୍ତି ଉଦ୍ଧାର କର୍‌ଯାଇଛି -

"ମାତୃଭୂମି ମାତୃଭଷାରେ ମମତା ଯା ହୃଦେ ଜନମି ନାହିଁ ।
ତାକୁ ଜଦି ଜ୍ଞାନ ଗଣିବା ଅଜ୍ଞାନ ରହିବେ କାହିଁ ।ା"

ଗଙ୍ଗାଧର ଓ ମତ ମନ୍ତବ୍ୟ -

ସାମ୍ପ୍ରତିକ ସମୟରେ ତଥା ଆଧୁନକ ଓଡ଼ିଆ ସାହିତ୍ୟରେ ଅନେକ ସମାଲୋଚକ ଗଙ୍ଗାଧରଙ୍କ ସୃଷ୍ଟି ସଂପଦକୁ ନେଇ ଉଚମାନର ଗବେଷଣା ସହ ପୁସ୍ତକ ରଚନା କରି ମତ ମନ୍ତବ୍ୟ ବ୍ୟକ୍ତ କରିଛନ୍ତି, ଯଥା-

ଫକର ମୋହନ ସେନାପତି- "ଉକ୍ଳ ଭ୍ରମଣ"ରେ କହିଛନ୍ତି – 'କବିତ୍ୱର ମାନ ନେଇ ଗଙ୍ଗାଧର ଓ ଚନ୍ତାମଣି ସମତୁଳ କଏ ଅଧିକ କଏ ଊଣା ଜଣାନାହିଁ' ।

ରାଘବ ମିଶ୍ର- "କବି ଶ୍ରୀ ଗଙ୍ଗାଧର ମେହେର ପ୍ରତି –କବିତାରେ ତାଙ୍କର ବ୍ୟକ୍ତିତ୍ୱ ର ପରିଚୟ ଓ ଆକଳନ ଅଧିକ କାବ୍ୟ ଆକାରେ ପରିଚୟ ଦେଇଛନ୍ତି"-

"ତପସ୍ୱିନୀ ଇନ୍ଦୁମତି କାବ୍ୟଛଳେ
କବିତ୍ୱ ସୌରଭ ପାଇ ମହାଉକ୍ଳେ
XXXXX
ନଜ ବିଦ୍ୟା ବୁଦ୍ଧି ଦେଶେ ହିତ କାର୍ଯ୍ୟେ"

......ସମ୍ବଲପୁର ହିତୋଶ୍ଣୀ

ତାରିଣୀ ଚରଣ ରଥ- ୧୯୧୬ ଉକ୍ଳ ସାହିତ୍ୟରେ (୨୯.୪୫.୨୮.୯୧.୧୮) ଇତିହାସ କବିଙ୍କ ରତତ କଚକ ବଧ ଓ ଇନ୍ଦୁମତୀ କାବ୍ୟମାଳା ଅତି ପ୍ରସିଦ୍ଧ ତପସ୍ୱିନୀ ପ୍ରଣୟବଲ୍ଲରୀ କବିତାକଲ୍ଲୋଳ ଅହଲ୍ୟାସ୍ତବ XXXXXXXX ଅନେକ କ୍ଷୁଦ୍ର କ୍ଷୁଦ୍ର କବିତା ଲେଖିଛନ୍ତି କବିଙ୍କର ରଚନା ବହୁତ ସମାହିତ ହେଇଛି ।

୧୯୫୧ ମସିହାରେ ଗଙ୍ଗାଧରଙ୍କ ସୁପୁତ୍ର ଭଗବାନ ମେହେର କବିଙ୍କ ସୃଷ୍ଟଗୁଡ଼ିକ ଏକତ୍ର ସଂଗ୍ରହ କରି ସଂକଳନ ଆକାରେ ପ୍ରକାଶ କରିଥିଲେ (ଗଙ୍ଗାଧର ଗ୍ରନ୍ଥାବଳି) ଏହାର ଭୁମିକାରେ ସେ ଲେଖିଥିଲେ ଏହା ମୋ ପରି ଅକ୍ଷମ ବ୍ୟକ୍ତି ପକ୍ଷରେ ଅବସ୍ୟ XXXXXXX ଏହାକୁ ହେବ ତଥାବି ପିତୃ ପ୍ରସଙ୍ଗରେ ତାଙ୍କ ଦତ୍ତ ଦାୟିତ୍ୱ ଯଥା ସାମ୍ଭବ ଯତ୍ନ କରିଛି ।

ଚନ୍ତାମଣି ବେହେର୍ – ରସ ରତ୍ନଙ୍କର କୁ ପ୍ରକାଶ କରିବାରେ ଗଙ୍ଗାଧର ଯେଉଁ କୁଣ୍ଠାବୋଧ କରିଥିଲେ ତାର କାରଣ ସଂପର୍କରେ ସେ ଲେଖିଛନ୍ତି । ଏହାର ଜନ୍ମ ଗଙ୍ଗାଧରଙ୍କ କବି ପ୍ରତିଭାର ସ୍ୱଭାବିକ ଇଚ୍ଛାକୁ ଏବଂ ଗଙ୍ଗାଧରଙ୍କ ବିକଶିତ କବି ମାନସ ପରିବର୍ତ୍ତୀ ଜିବନରେ ଏହାପ୍ରତି ଅବହେଳା ପ୍ରକାଶିତ କରିଥବା ଅସ୍ୱଭାବିକ ନୁହେଁ (ବେହେର୍ ଚନ୍ତାମଣି କାବ୍ୟ କଳାକାର ପୃଷ୍ଠା ୫୬) ୧୯୭୧ ମସିହାରେ କେଶବ ଚନ୍ଦ୍ର ମେହେର ଗଙ୍ଗାଧର ସାହିତ୍ୟ ସମିକ୍ଷା ସଂପର୍କରେ ଏକ ଜୀବନ ଓ ପ୍ରତିଭା ପୁସ୍ତିକ ପ୍ରକାଶିତ ହୁଏ ଏଥିରେ ଅଙ୍କିତ ଲେଖିଛନ୍ତି ଜମିଦାର ଙ୍କର କ୍ଷାତୀ ବର୍ଦ୍ଧନ ପାଇଁ ଗଙ୍ଗାଧର କେତେ କବିତା ଜମିଦାରଙ୍କ

ନାମରେ ଲେଖୁଥିବାରୁ ସେ (ନୃପରାଜସିଂ)ତତକାଳନ ସାହିତିକ ସମାଜରେ ଚରିଚତ ଥିଲେ। ରାଧାନାଥ ରାୟ ବଳରାମ ଦେବ ଉପରେ ମତବ୍ୟକ୍ତ କରି ଲେଖିଥିଲେ ବରପାଲି ଅଧିଶ୍ୱରଙ୍କ ରଚନା ପାଠକରି ଅତ୍ୟନ୍ତ ପ୍ରିତ ହେଲି ବିଶେଷତଃ ସମଲେଇ ଦେବୀଙ୍କ ବର୍ଣ୍ଣନା ଗୁଡ଼ିକ କଳ୍ପନାର ପରିଚୟ ଅଟେ । ତାଙ୍କର ଲେଖା ସହିତ ମହାରାଜାଙ୍କର ତନାଇ ଅନେକ ସଦୃଷ୍ୟ ଦେଖିଲେ ।

ନଳମଣି ବିଦ୍ୟା ରତ୍ନ ଶ୍ରୀ ଗଙ୍ଗାଧର ମେହେର ଶୀର୍ଷକରେ ଲେଖିଛନ୍ତି ସମ୍ବଲପୁର ଦ୍ୱିଭାଗରେ ନାଟ୍ୟ ନତିରେ ଶିକ୍ଷିତ ସଂଖ୍ୟା ଅଧିକାରୀ ଊଣା ନୁହନ୍ତି **XXXX** ଭରଷା କରୁଛୁ ଗଙ୍ଗାଧର ବାବୁ ସାହିତ୍ୟ ଚର୍ଚ୍ଚା ପ୍ରଦ୍ଧି ଖୋଲା ହିତ ସ୍ପୃହ ହେବେ ନାହିଁ ।
**(ସମ୍ବଲପୁର ହିତୈଷୀ ୨୫୧୮୯୪)** ।

ଗଙ୍ଗାଧର ପତ୍ରାବଳୀର ସଂପାଦକ ସ୍ୱର୍ଗତ ଶିବ ପ୍ରସାଦ ଦାଶ ଭୂମିକାରେ ଗଙ୍ଗାଧର ସଂପର୍କରେ ଲେଖିଛନ୍ତି- "ଉତ୍କଳ ନବୃତ କୋଣରେ କେତେଜଣ ଗଙ୍ଗାଧର ନକୁଟି ମଉଳ ଯାଉଛନ୍ତି ତହିଁର କଳ୍ପନା କଏ ନ କରିବ ଗଙ୍ଗାଧର ସେହି ଦଶା ଭୋଗି ନ ଥାନ୍ତେ ସେ କଥା କଏ କହିବ"**?**

ସାଂପତିକ ସମୟରେ ଗଙ୍ଗାଧରଙ୍କ ସୃଷ୍ଟି ସଂପର୍କରେ ଯେଉଁମତ ଓ ବ୍ୟକ୍ତ କରାଯାଇଛି କ୍ରିୟଦଂଶ ମାତ୍ର ଅନେକ ସମାଲୋଚକ କବି ଭିନ୍ନ ଭିନ୍ନ ମତ ଦେଇଛନ୍ତି ଆଜିର ଓଡ଼ିଆ ସମାଲୋଚନା ସାହିତ୍ୟ ଗଙ୍ଗାଧରଙ୍କ ସୃଷ୍ଟି କୁ ନେଇ ବେଶ ଚଳ ଚଞ୍ଚଳ କବିଙ୍କର କଛି ସମୀକ୍ଷା ପୁସ୍ତକ ଉପରେ ଆଲୋଚନା—

ସମାଲୋଚକ ଓ ଗଙ୍ଗାଧର —

ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା –କାବ୍ୟ ଶିଳ୍ପୀ ଗଙ୍ଗାଧର, ତପସ୍ୱିନୀ ରେ ସୀତା ।
କେଶବ ମେହେର - ଅମର କବି ଗଙ୍ଗାଧର ଓ କଚକ ବଧ, କାଳଯୟୀ କବି ଗଙ୍ଗାଧର, ଯୁଗଲଙ୍ଘି କବି ଗଙ୍ଗାଧର ।

ପଠାଣି ପଟ୍ଟନାୟକ- ଗଙ୍ଗାଧର ଓ ତପସ୍ୱିନୀ ।

ବୀର କଶୋର ଦାଶ- ସ୍ୱଭାବ କବି ଗଙ୍ଗାଧର ।

ଅଶିତ କବି - ପ୍ରଣୟ ବଲ୍ଲରୀ ଓ କବି ଗଙ୍ଗାଧର, ମେହେର ଜୀବନ ।

ନରେନ୍ଦ୍ର ପ୍ରଧାନ –ମେହେର ସାହିତ୍ୟର ଭୂମିକା ।

ହାଡ଼ି ବନ୍ଧୁ ମିର୍ଧା – ମେହେର ଭାରତୀ, ମେହେର ସାହିତ୍ୟ ପରିକ୍ରମା ।

ଦେବେନ୍ଦ୍ର କୁମାର ଦାସ- ଗଙ୍ଗାଧର କବି ଓ କବି ଆତ୍ମା ।

ଗଣେଶ ରାମ ନାହକ- ଗଙ୍ଗାଧର ସାହିତ୍ୟ ଏବଂ ଅଧ୍ୟୟନ, ଗଙ୍ଗାଧର ଜୀବନୀ ଓ ସାହିତ୍ୟ ।

ସୁରେନ୍ଦ୍ର ମହାପାତ୍ର – ମେହେର ସାହିତ୍ୟରେ ଯୁଗ ଚେତନା ।

ମଣିନ୍ଦ୍ର ମେହେର -ଆଲୋକ ଓ ଅମୃତମୟ କବି ଗଙ୍ଗାଧର, ମେହେର ଜୀବନୀ ସ୍କନ୍ଦନ ଅମୃତମୟ, ଅମୃତ ରୟ ।

ଗୌରୀ କୁମାର ବ୍ରହ୍ମ- ତପସ୍ୱିନୀ ଓ ମେହେର ସାହିତ୍ୟ ।

ନଟବର ସାମନ୍ତ ରାୟ- ଗଙ୍ଗାଧର ସାହିତ୍ୟ ସମୀକ୍ଷା ।

ପାଠକୀୟ ଭାବରେ ମୋର ମନେହୁଏ ସମୁଦ୍ରର ଅଗାଧ ଜଳରାଶି ମଧ୍ଯରୁ ଟୋପାଏ ପାଣି ଆଣି ପରୀକ୍ଷା କଲାଭଳି ଆଜି ସମାଲୋଚକ ଗଣ ମେହେର ସାହିତ୍ୟର ସୃଷ୍ଟି ଗୁଡ଼ିକ ତନ୍ନତନ୍ନ କରି ଗୁଣାତ୍ମକ ଓ ପରିଣାତ୍ମକ ଦୃଷ୍ଟି କୋଣରୁ ବିଚାର ବିମର୍ଷ କରିବାକୁ ମଧ୍ୟ ପଶ୍ଚ୍ୟାତାପ ଦେଉ ନାହାଁନ୍ତି ।

ବାସ୍ତବିକ ଶେଷରେ ଏତିକି କୁହାଯାଇପାରେ ଯେ, ପଶ୍ଚିମ ଓଡ଼ିଶା ର ବରେଣ୍ୟ ପୁତ୍ର ଶ୍ରୀ ମେହେରଙ୍କ ର କାଳଜୟୀ ସୃଷ୍ଟି ସୌରଭ ତାଙ୍କୁ ସାହିତ୍ୟ ଜଗତରେ ଏକ ଅମ୍ଳାନ ଯୋତିଶୀଖା ରୁପେ ଚିର ଦଣ୍ଡାୟମାନ କରି ରଖିବ ଏହା ନିଃସନ୍ଦେହରେ କୁହାଯାଇ ପାରେ।

ଆଞ୍ଚଳିକ ଗ୍ରାମ ପଞ୍ଚାୟତ,
+୩ କଳା ମହାବିଦ୍ୟାଳୟ
ଘଣ୍ଟପଡା, ବୌଦ୍ଧ

# ମୃଗୁଣୀ ସ୍ତୁତି



ନୀଳମଣି ଗୁନ୍ଦ

ଏବେ  ଏବେ
ଖୁବ୍ ଲୋଡା ମୋ'ର
ମାସ୍କ୍
ସାନଟାଇଜର
ଗୃହବନ୍ଦୀ ଜୀବନ
ଆଉ ଏକଲା ପଣ ।

ପାଦ ବଢାଉନ ବାହାରକୁ
ମୁଁ
ଆତ୍ମୀୟସ୍ୱଜନଠୁଁ ଦୂରତ୍ୱ ରଖୁଛି
ଠିକ୍ ଦୁଇ ଗଜ
ନା ଅଛି ସଙ୍ଗତ
ନା ଅଛି ପଙ୍ଗତ
ଢେର୍ ଦିନ ହେଲାଣି
କେହି ଆସୁନାହାନ୍ତି
ମୁଁ କୁଆଡ଼େ ବି ଯାଉନ
ଏମିତି ବି ମୋ ନିଜ ସାଙ୍ଗଘର ।

ଖୁବ୍ ଗହଳ
ଟିକାକରଣ କେନ୍ଦ୍ର
ହାସପାତାଳରେ ଭିଡ଼ ହିଁ ଭିଡ଼
ଖୁବ୍ ଦର୍କାର ପଡ଼େ
ଅମ୍ଳଜାନ ସିଲିଣ୍ଡର

ବିବ୍ରତ ରୋଗୀ ନୟନୁ
ଝରି ପଡ଼େ ଲୁହ
ଆଦ୍ର ହୁଏ ଗୋଟାପଣେ ବସୁନ୍ଧରା
ଉଠେ ଖାଲି କୋହ
ଓଃ ! କି ଦୃଶ୍ୟ
ଗାଁ ମଶାଣିରୁ ସ୍ୱର୍ଗଦ୍ୱାର
ସବୁଠିଁ ଚତାଗ୍ନି
ଖୁବ୍ ଜୀବନ୍ତ ।

ହେ ଈଶ୍ୱର !
ଏଠି ମୁଁ,ଆମେ
ସମସ୍ତେ ଖୁବ୍ ଭୟାର୍ତ୍ତ
କେତେ ଦୁଃଖ କେତେ ସନ୍ତାପ
ଏ ଲଘୁଚ୍ଚାପ, ଏ ଅବପାତ
ତେଣୁ ପ୍ରାର୍ଥନା କରୁ
ମୃଗୁଣୀ ପରି,
ପାଞ୍ଚାଳି ପରି
ଗଜରାଜ ପରି
ବର୍ତ୍ତିବାକୁ
ତରିବାକୁ
ଅନ୍ତତଃ ଜଲଦି
ହେଉ ଏ ନାଟକର
ଯବନିକାପାତ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ଅଭାବୀ ଠିକଣା



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଏଇ ଏବେ ଏବେ ଲିଭିଅଛି ଚତା
ଉଷ୍ମରୁ ହେଉଛି ବାରି
କଏ ଗୁଲିଗଲ୍ ମର ଦୁନଆରୁ
ଆପଣାକୁ ପର କରି**...?**
କଏ ସେ ପାଇଲ୍ ମୁକ୍ତି ଆଶୀର୍ବାଦ
କରିଥିଲ୍ ସେହି କେଉଁ ଓଷା ବ୍ରତ**,**
କ ନୈବେଦ୍ୟ ଦେଲ୍ ଲୁହ କ ଲହୁର
ଛାତି ଭଣ୍ଡାର ତା' ଚରି **...?**
ଏଇ ଏବେ ଏବେ ଲିଭିଅଛି ଚତା
ଉଷ୍ମରୁ ହେଉଛି ବାରି ।୧।
ଉପନାମ ତା'ର ଅଭାବୀ ଥିଲ୍ କ
ଠିକଣା ଥିଲ୍ କ କ୍ରୀତଦାସ ଲେଖି
ଗରିବୀ ପଞ୍ଜିକା ଖାତା କ୍ରମାଙ୍କରେ
ନାମ ଥିଲ୍ କ ତାହାରି**...?**
ଏଇ ଏବେ ଏବେ ଲିଭିଅଛି ଚତା
ଉଷ୍ମରୁ ହେଉଛି ବାରି ।୨।
ସହିଥିଲ୍ କବା ଦୁଃଖର କଷଣ
ହୋଇଥିଲ୍ କ ସେ ପ୍ରଭୁର ଶୋଷଣ
ପିଇ ଥିଲ୍ କ ନା ଆଖି ନୀର ତା'ର
ଦୁଇ ଆଞ୍ଜୁଳାରେ ଭରି **...?**

ଏଇ ଏବେ ଏବେ ଲିଭିଅଛି ଚତା
ଉଷ୍ମରୁ ହେଉଛି ବାରି ।୩।
ତୁଣ୍ଡ ସ୍ୱର ତା'ର ଉଚ୍ଚ ପ୍ରାଚୀରକୁ
ଲଙ୍ଘି କବା ଯାଉଥିଲା ବହାରକୁ
ପ୍ରତିବାଦ କରିଥିଲା କ ସେ କେବେ
ବିଦ୍ରୋହ ଅସି କୁ ଧରି ...?
ଏଇ ଏବେ ଏବେ ଲିଭିଅଛି ଚତା
ଉଷ୍ମରୁ ହେଉଛି ବାରି ।୪।
ସ୍ୱାଭିମାନ କୁ କ କରିଥିଲା ବଳ
ଯା' ପାଇଁ ପାଇଲା ସେ ତା' କର୍ମ ଫଳ
ଆଦରି ନେଲା କ ମୃତ୍ୟୁର ମାର୍ଗକୁ
ଜୀବନ ଯୁଦ୍ଧରେ ହାରି ...?
ଏଇ ଏବେ ଏବେ ଲିଭିଅଛି ଚତା
ଉଷ୍ମରୁ ହେଉଛି ବାରି ।୫।

ଚକାପଦା, ବେଗୁନଆ, ଖୋର୍ଦ୍ଧା

# ଧର୍‌କୁ ଆସିଛି ଶରତ



ପ୍ରକାଶ କୁମାର ଗୁନ୍ଦ

ଶ୍ରାବଣ ସରିଛି ଭେଦୁଅ ସାଥୀରେ
ଧର୍‌କୁ ଆସିଛି ଶରତ
ସବୁଜିମା ଭର୍ ବିଲ ବଣ ପାଟ
ନଆର୍ ଲ୍‌ଗୁଛି ମରତ ।

ନଈ ଦାଢେ ଦାଢେ କାଶତଣ୍ଡି ଫୁଲ
ଦିଶୁଅଛି ଭ୍‌ରି ସୁନ୍ଦର
କେଡେ ସର୍‌ଗରେ ସ୍ୱାଗତ କରୁଛି
ହଲେଇ ଆଲଟ ଗ୍ବମର ।

ବାରି ଗାଡିଆରେ ଫୁଟିଛି ପଦୁଅଁ
ଫୁଟିଅଛି ନାଲି କଇଁରେ
କେତକୀ ମାଳତୀ ରଙ୍ଗଣୀ ହସନ୍ତି
ସଂଜ ଯେବେ ଆସେ ନଇଁରେ ।

ଜହ୍ନିଫୁଲ ବାସେ ମହମହ ହୋଇ
ତା ସାଥେ କାକୁଡ଼ି କଷିରେ
ଅଶିଣ ଆକାଶେ ରୂପା ଥାଳ ପରି
ଖ୍‌ଲି ଖ୍‌ଲି ହସେ ଶଶୀରେ ।

ନୀଳ ନିରିମଳ ପାହାନ୍ତା ପହରେ
ତାର୍ କେଡେ ତୋର୍ ଦିଶୁଛି
କାକର ଟୋପାଟି ଘାସ ଫୁଲ୍ ସାଥେ
ବଉଳ ଆସିକ ବସିଛି ।

ଶରତ ଆସିଛି ମରତକୁ ବୁଲି
ପାରବଣ ବାଜା ବାଜେରେ
ଗହଳ ଚହଳ ଗାଆଁଠୁ ସହର
ଆସିଗଲ୍ ପର୍ ପୂଜାରେ ।

ଜୟପୁର ଶାସନ ପିପିଲି ପୁରୀ
ମୋ.୯୮୫୩୩୫୪୯୩୮

# ଉପସର୍ଗ



ଡକ୍ଟର ମଧୁସ୍ମିତା ମିଶ୍ର

ସାର୍, ନମସ୍କାର।
ଆପଣଙ୍କ ଲେଖା, "ଅନଲାଇନ୍ ଶିକ୍ଷା "ଆଜି ର ସମ୍ବାଦପତ୍ର ରୁ ପଢିଲି।

ଆପଣ ବହୁତ ଜ୍ଞାନୀ ବ୍ୟକ୍ତି। ମୋତେ ଟିକେ ସାହାଯ୍ୟ କଲେ ଭଲ ହୁଅନ୍ତା। ମୋର ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ଝିଅ ଟି + ୩ ପ୍ରଥମ ବର୍ଷ ଓ ପୁଅ + ୨ ଦ୍ୱିତୀୟ ବର୍ଷ ରେ ପଢୁଛନ୍ତି।

ମୁଁ ଆଜ୍ଞା ଚୁକ୍ତି ଭିତ୍ତିକ ଚତୁର୍ଥ ଶ୍ରେଣୀ କର୍ମଚାରୀ। ଗୋଟିଏ କମ୍ପାନୀ ରେ କାର୍ଯ୍ୟରତ ଥିଲି। ହେଲେ କୋଭିଡ୍ ଯୋଗୁଁ କମ୍ପାନୀ ବନ୍ଦ ହେଇଗଲା। ପିଲାମାନେ ପାଠ ପଢିବା ପାଇଁ ସ୍ମାର୍ଟ ଫୋନ୍ ଆବଶ୍ୟକ। ପିଲାମାନଙ୍କ ପାଇଁ ସ୍ମାର୍ଟ ଫୋନ୍ କିଣିବାକୁ ପଇସା ନାହିଁ। ଗୁଜୁରାଣ ମେଣ୍ଟାଇବା ନିମନ୍ତେ କିଛି ସାହାଯ୍ୟ କରିପାରିଲେ ମୁଁ ଉପକୃତ ହେବି। ଆପଣ ଙ୍କ ଲେଖାରୁ ଜଣା ପଡୁଛି ଯେ ଆପଣ ଜଣେ ଧନୀ ବ୍ୟକ୍ତି।

ସୀମା ଆସି ଡାକଲେ, ହଉ ଆସ ଚା ପିଇବ।

ଜୀମୂତ ବାବୁ ଏତେ ସମୟ ଧରି କେବଳ ଶୁଣୁଥିଲେ। ଏଥର ପାଟି ଖୋଲିଲେ। ହଉ ଠିକ୍ ଅଛି। ପରେ କଥା ହେବା

ସେପଟୁ ପୁଣି ଭାସି ଆସିଲା, ସାର୍ ଶୁଣନ୍ତୁ ସାର୍ ଶୁଣନ୍ତୁ, ଆପଣ ଯେମିତି ହେଉ କିଛି ଟଙ୍କା ଗୁଗୁଲ୍ ପେ ରେ ପଠାଇଲେ ମୁଁ ଓ ମୋ ପରିବାର ଉପକୃତ ହେବୁ।

ଜୀମୂତ ବାବୁ କପ୍ ରୁ ଚା ପିଉ ପିଉ କହିଲେ, ସତରେ, କ ଯେ ଭୟାବହ ବ୍ୟାଧି କରୋନା ଆସିଲା, ଯେ ସମସ୍ତ ଙ୍କୁ ଆକ୍ରାନ୍ତ କରିଦେଲା। ଲୋକମାନଙ୍କ ର ଆର୍ଥିକ ମାନଦଣ୍ଡ କୁ ଦୋହଲାଇ ଦେଲା।

ସୀମା ଙ୍କୁ ହସୁଥିବାର ଦେଖି ଜୀମୂତ ବାବୁ ପ୍ରଶ୍ନବାଚୀ ଆଖିରେ ଚାହିଁ ରହିଲେ। ଅସଲ କଥା ଟା ବୁଝି ପାରୁନ ତୁମେ ? ହଇହୋ, ଯାହା ର ସ୍ମାର୍ଟ ଫୋନ୍ ନାହିଁ ସେ କେମିତି ଗୁଗୁଲ୍ ପେ କଥା କହୁଛି? ଏତିକ ବୁଝିପାରୁନ ?

ଜୀମୂତ ବାବୁ କହିଲେ, ଆରେ ସତେ ତ । ମୁଁ କେଡେ ମୁର୍ଖ

ଚା ପିଆ ସରିନ, ମୋବାଇଲ ବାଜି ଉଠିଲା। ସଂଗେସଂଗେ, ସୀମା କଲର୍ ଆଇ ଡି ରୁ ଦେଖିଲେ, ରୋସନାର୍ ବେଗମ୍।

ସାର୍, ସଲାମ୍ । ମୁଁ ଜଳେଶ୍ୱର ରୁ ରୋସନାର୍ କହୁଛି। ଆପଣ ଜୀମୂତ ବାବୁ କହୁଛନ୍ତି ତ, ଜୀମୂତ ବାବୁ କଛି କହିବା ପୂର୍ବରୁ ଭଦ୍ର ମହିଳା କହିବାକୁ ଲାଗିଲେ, ଆପଣ ଙ୍କ ଜାଣିବା ପାଇଁ ମୋ ସୋହର୍ ମୋତେ ଦଶ ବର୍ଷ ହେବ ଛାଡି ଚାଲିଯାଇଛି। ଆପଣ ଜଣେ ଭଲ ଲୋକ ପରି ଜଣା ପଡୁଛନ୍ତି। ମୋ ପିଲାମାନ ଙ୍କ ର ମାମୁଁ ଭାବରେ ସେମାନଙ୍କ ଦାୟିତ୍ୱ ନଅନ୍ତୁ ଓ ମୋତେ ମୋ ପରିବାର ଭରଣ ପୋଷଣ ପାଇଁ କଛି ଆର୍ଥିକ ସାହାଯ୍ୟ ଦେବାକୁ ମୁଁ ଅନୁରୋଧ କରୁଛି।

ଜୀମୂତ ବାବୁ ଭାବୁଥିଲେ ସେ କଣ ସତରେ ଧନୀ ନା ଅର୍ଥ ପ୍ରଦାନକାରୀ ସଂସ୍ଥା। ହା ହା ହା । ଦିପହରେ କୁ ଆଉ ଗୋଟିଏ କଲ୍। ଜୀମୂତ ବାବୁ ଫୋନ୍ ଧରିବା ପୂର୍ବ ସୀମା ଥଟ୍ଟାରେ କହିଲେ, ଆସିଗଲେ, ଲେଖକଙ୍କ ର ଆଉ ଜଣେ ବିଦଗ୍ଧ ପାଠକ।

ହ୍ୟାଲୋ, ସାର୍ ନମସ୍କାର। ଭଲ ଥିବେ ବୋଲି ଆଶା। ମୁଁ ଆଜ୍ଞା କନ୍ଧମାଳ ରୁ କହୁଛି, ପେଶା ରେ ମୁଁ ଜଣେ ହୋମିଓପାଥି ଡାକ୍ତର। ମୋର ଦୁଇଟି ପୁଅ ଓ ଗୋଟିଏ ଝିଅ, ସମସ୍ତେ ଆଜ୍ଞା ଉଚ୍ଚ ଶିକ୍ଷିତ ଓ ପ୍ରତିଷ୍ଠିତ। ଛୋଟିଆ ଗାଁ ରେ ମୋର ଘର, ବାଡି, ବଗିଚା।

ମୁଖ୍ୟ ମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ନେତା, ଉପନେତା, ବହୁ ନାମକର୍‌ ଅଭିନେତା ମୋ ଦ୍ୱାର୍‌ ଚକିତ ଓ ଉପକୃତ। ମୋ ପାଇଁ ଆଜ୍ଞା ଆପଣଙ୍କ ପରି ସୁନାମଧନ୍ୟ, ଜ୍ଞାନୀ, ଗୁଣୀ ଲୋକ ଯଦି ପ୍ରଶଂସା ପତ୍ର ଲେଖି ଦିଅନ୍ତେ, ତେବେ ମୋତେ କଛି ନ ହେଲେ ପଦ୍ମଶ୍ରୀ ଉପାଧି ଟିଏ ନଚେତ୍‌ ଯେ କୌଣସି ବିଶ୍ୱବିଦ୍ୟାଳୟ ରୁ ଡକ୍ଟରେଟ ଉପାଧି ଟିଏ ମିଳଯାଆନ୍ତା ।

ଜୀମୂତ ବାବୁ କପାଳ ରେ ହାତ ବାଡ଼ଉ ବାଡ଼ଉ କହିଲେ, ହଉ ଠିକ୍‌ ଅଛି, ଆପଣଙ୍କ ନାଁ ଟା ତ କହିଲେନ, ମୋତେ ଆପଣଙ୍କ ବିଷୟ ରେ ସବିଶେଷ ତଥ୍ୟ, ଓ ପ୍ରମାଣ ପତ୍ର ମୋ ପାଖକୁ ପଠାଇ ଦିଅନ୍ତୁ। ମୁଁ ଯାହା କହୁଛନ୍ତି କରିଦେବି।

ମୋବାଇଲ୍‌ ବନ୍ଦ କରି ସୀମା ଙ୍କୁ କହିଲେ, ପଣ୍ଡିତ ଙ୍କ ନାଶଦାନୀ ଧର୍‌ାଇ ଦେଲି । ହଁ ସେ ବୁଝି ପାରିଲେ ହେଲା।

ସୀମା ଙ୍କ ମନ୍ତବ୍ୟ ଶୁଣି ଜୀମୂତ ବାବୁ କହିଲେ, ବୁଝିବନ କାହିଁକ ?

ପଦ୍ମଶ୍ରୀ ପାଇବାକୁ ବସିଲାଣି, ଏତିକ ବୁଝିପାରିବନ। ଅଖା ଧୋଉଥିବ ଗୁଣ ଗାଉଥିବ।

ତାପର ଦିନ ସକାଳୁ ସକାଳୁ ଫୋନ୍‌: ସାର୍‌, ନମସ୍କାର। ଗୁଡ୍‌ ମର୍ନିଂଗ୍‌।

ମୁଁ ତପନ। ଆପଣଙ୍କ ଛାତ୍ର। ୨୦୦୦ ମସିହାରେ ମୁଁ ପୁରୀ କଲେଜ ପ୍ରେସିଡେଣ୍ଟ ଥିଲି। ଆପଣ ସେତେବେଳେ ଆମର ପ୍ରିନ୍ସିପାଲ୍‌ ଥିଲେ।। ଦୀର୍ଘ କୋଡ଼ିଏ ବର୍ଷ ତଳ କଥା। ସାର୍‌ ଆପଣଙ୍କ ର ମୋ କଥା ମନେ ନ ରହିବା ଅତି ସ୍ୱାଭିବିକ କଥା।

ମୁଁ ଆଜ୍ଞା, କେନ୍ଦ୍ରୀୟ ପୋଲିସ ସେବା ରେ ଯୋଗ ଦେବା ପାଇଁ ବହୁତ ଚେଷ୍ଟା କଲି। ତିନ ତିନ ଥର କେନ୍ଦ୍ରୀୟ ପ୍ରଶାସନକ ସେବା ପରୀକ୍ଷା ଦେଲି। ସାକ୍ଷାତକାର ମଧ୍ୟ ଦେଲି। କୃତକାର୍ଯ୍ୟ ହେଲିନ। ରାଜ୍ୟ ପୋଲିସ ସେବା ରେ ଅଧୁନା ମୋ ଜୀବନ ଉତ୍ସର୍ଗୀକୃତ।

ସ୍ୱର ରୁ ଦମ୍ଭ, ଦୃଢ଼ତା ଓ ସନ୍ତୁଷ୍ଟି ସ୍ପଷ୍ଟ ବାରି ହେଇ ପଡୁଥିଲା।

ସାର୍ ଆପଣ ଙ୍କ ଲେଖା ପଢ଼ି ମୋର ଆପଣଙ୍କ କଥା ମନେ ପଡିଗଲା। ମୁଁ ଯାହା ଖୋଜୁଥିଲି ପାଇଗଲି। ଆପଣ କେଉଁଠି ଏବେ ରହୁଛନ୍ତି?

ଜୀମୂତ ବାବୁ ମୁହଁ ଖୋଲିଲେ।

ତୁମେ କଣ ଖୋଜୁଥିଲ ?

ସାର୍ କଥା କ'ଣ କି ମୁଁ ବହୁତ ଦିନ ରୁ ବିଶ୍ୱବିଦ୍ୟାଳୟ ର ଜଣେ ଭଲ ଗାଇଡ୍ ଖୋଜୁଥିଲି।

ଆପଣ ମୋ ପାଇଁ ଠିକ୍ ପି ଏଚ୍ ଡି ଗାଇଡ୍ ହେଇ ପାରିବେ ବୋଲି ଭାବୁଛି।

ଜୀମୂତ ବାବୁ ଭାବୁଥିଲେ ଏତେ ଛାତ୍ର ଙ୍କୁ ପି ଏଚ୍ ଡି ପାଇଁ ଦିଗ୍ ଦର୍ଶନ ଦେଇଛନ୍ତି କିନ୍ତୁ ଆଜି ର ତାଙ୍କ ବ୍ୟକ୍ତିତ୍ୱ ର ମୂଲ୍ୟାୟନ ଏକଦମ୍ ସ୍ୱତନ୍ତ୍ର।

ହସିବେ କି ଆଶ୍ଚର୍ଯ୍ୟ ହେବେ ଜାଣିପାରୁ ନଥିଲେ। ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ ବର୍ଗ ର ପାଠକଙ୍କ ଫୋନ୍ ଆସୁଥିଲା। କରୋନା ଆସି ଦୁନିଆ ର ବହୁତ କିଛି ବଦଳି ଯାଇଥିଲା। ଅନ୍ ଲାଇନ୍ ଶିକ୍ଷା ପାରମ୍ପରିକ ଶ୍ରେଣୀ ଭିତ୍ତିକ ଶିକ୍ଷା ର ସ୍ଥାନ ନେଇ ସାରିଲାଣି। ତଥାପି ଆଜି ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ପୂର୍ବବତ୍ ରହିଛି ଏବଂ ଜନମାନସ ରେ ସଚେତନତା ବୃଦ୍ଧି ପାଇଛି ।

ଜୀମୂତ ବାବୁ ଭାବୁଥିଲେ, ଗଣତନ୍ତ୍ର ର ଭିତ୍ତିଭୂମି ଜନତା । ସେମାନଙ୍କ ପାଠକୀୟ ଶ୍ରଦ୍ଧା ପାଇଁ ତାଙ୍କୁ ଲେଖନୀ ଜାରି ରଖିବାକୁ ପଡିବ।

Madhu1691@gmail.com

# ଫଗୁଣ ଯାଇଛି ଫେରି

ବେଣୁଧର ସୁତାର

ନୟନରେ ମାଖି ନୀଳନୀଳ ସ୍ୱପ୍ନ
ବୟସରେ ରଙ୍ଗ ଭରି
ତନୁ ମଞ୍ଜରୀର କୁସୁମ କୁଞ୍ଜରୁ
        ଫଗୁଣ ଯାଇଛି ଫେରି      ।୦।

ଶୁଭୁନାହିଁ ଆଉ ବୟସ ବସନ୍ତେ
ମିଠା ମିଠା କୁହୁତାନ
ଲୋଡୁନାହିଁ ଆଉ ମନ ପ୍ରଜାପତି
କୁସୁମିତ ଫୁଲବନ
ଆହତ ମନର ଅନ୍ତଃର୍ମୁଖି ସ୍ୱର
ବିଷାଦିତ ହୃଦ ଧାରେ
ବେଦନାବିଧୁର ବ୍ୟାକୁଳ ବୁକୁର
ବ୍ୟର୍ଥତାର ଅଭିସାରେ
ଝର୍ ସୁମନର ମଉଳା ମହକୁ
ଅସୁମାରୀ ସ୍ମୃତି ଧରି
        ଫଗୁଣ ଯାଇଛି ଫେରି    ।୧।

ଅଳକା ପୁରୀର ସ୍ୱପ୍ନିଳମାଧୁରୀ
ଆଖିର ପଲକ ତଳେ
କେତେଭାବକେତ ଆବେଗ ପୁଲକ
ଖେଳୁଥିଲା ହୃଦସ୍ଥଳେ
ପ୍ରୀତି ମାଦକର ପ୍ରଣୟ ମହ୍ଲାର
ରୂପ ରସ ଛନ୍ଦ ମାନ
ସମୟ ସାଥିରେ ତୁଟିଛି ସପନ
ରଙ୍ଗହୀନ ଅପଘନ
ଘେରାଇନେଇଛି ମୋହନକୁଞ୍ଜରୁ
ପ୍ରୀତିର ସ୍ୱପ୍ନପୁରୀ
ଫଗୁଣ ଯାଇଛି ଫେରି ।୨।

ମନ ଉପବନୁ ଛୁଟୁନାହିଁ ଆଉ
ସପନ ଫୁଲର ବାସ
ମଉଳା ଓଠରୁ ଝରୁନାହିଁ ଆଜି
ମାଦକତ ମୃଦୁ ହସ
ଅତୀତ ସ୍ମୃତିର ମିଠା ରୋମନ୍ଥନ
ଅବାନ୍ତର ଅଭିମାନ
ଫଗୁଣ ସାଜିଛି ରୂପ ବୟସର
ଦଗ୍ଧ ଏକ ଫୁଲବନ
ଆକୁଳ ଆଳାପ ବିଦଗ୍ଧ ବିଳାପ
ଦେଇଛି ଏହୃଦେ ଭରି
ଫଗୁଣ ଯାଇଛି ଫେରି ।୩।

ଫିକା ଫଗୁଣର ବିଦଗ୍ଧ ତରଙ୍ଗ
ବୟସର ବଥିକାରେ
ଛିନ୍ନ ବୀଣାତାରେ ଭିନ୍ନ ସ୍ୱର ଭରେ

ବିରହୀର ମନ ତୀରେ
ମରିଛି ମନର ଆଶା ଅଭିଳାଷ
ତୁଟିଅଛି ଅନୁରାଗ
ଫଗୁଣ ଦେଇଛି ବଳକା ଆୟୁଷେ
ଅମିତ ଯନ୍ତ୍ରଣା ଦାଗ
ଅସ୍ତ ଗୋଧୂଳର ବ୍ୟସ୍ତ ବିଳାପରେ
କୋହଉଠେ ବୁକୁଚିରି
ଫଗୁଣ ଯାଇଛି ଫେରି ।୪।

କେଶଦୁର୍ଗପାଳ, କେନ୍ଦୁଝର

# ଶାରଦୀୟ ଆବାହନ



ଅଳକା ମହାନ୍ତି

ମଖମଲ୍ଲି ଶ୍ୱେତ ବସ୍ତ୍ର କୁ ପିନ୍ଧାଇ
କାଶତଣ୍ଡି ଆଜି ହସୁଛି,
ଧରଣୀ ରାଣୀ ବି ରୁପେଲି ବସନେ
ପୂଜାରିଣୀ ପରି ଦିଶୁଛି ।୧।

ନୀଳ ଆକାଶରେ ଭସା ମେଘମାଳା
ନୀଳାମ୍ବୁ ରେ ମୁହଁ ଦେଖୁଛି,
ଜହ୍ନ ମାମୁଁ ଚିର ତୋଫା ଗୋରା ମୁହଁ
ସରସୀ ଦେଖି କ ରସୁଛି ।୨।

ଦରଭିଜା ମାଟି କୋଳରେ ବନାନୀ
ସବୁଜିମା ଭରି ଦେଇଛି,
ଶାରଦୀୟ ଦେବୀପୂଜା କରିବାକୁ
ସଜ ବାଜ ହୋଇ ବସିଛି ।୩।

ଷୋଳପୂଜା ସାଥେ କର୍ଣ୍ଣେ ଚଣ୍ଡୀ ପାଠ
ଗୁଞ୍ଜରିତ ହୋଇ ଉଠୁଛି,
ନାନା ବେଶେ ମା ନିଜ ମନ୍ଦିରରେ
ନାନା ବିଧେ ପୂଜା ପାଉଛି ।୪।

ଦୁଷ୍ଟ ନିବାରିଣୀ ସଙ୍କଟ ତାରିଣୀ
ଦଶଭୁଜା ଦୁର୍ଗା ମାତା।
ଆବାହନ କରୁ ଆମେ ତୋ ସନ୍ତାନ
ଆଣି ଆସ ଶାନ୍ତିର ବାର୍ତ୍ତା ।୫।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ବାପୁ! ଫେରିଆସ




ଡ. ଜ୍ଞାନେଶ୍ୱର ମିଶ୍ର

ହେ ବାପୁ!
ଫେରିଆସ, ଦେଖି ଯାଅ ଥରେ
ତୁମେ ଆଣିଥିବା ସ୍ୱାଧୀନତା
ସଂଜ୍ଞା ପାଲଟିଛି ଊସ୍ବ   ଝଣ୍ଡାରେ
ଗାଁ ମୁଣ୍ଡ ବଜାର ସହର ଛକରେ
ଲାଠିଧରି ଠିଆହୋଇ କଣ ଦେଖୁଛ
ତୁମ ମୂର୍ତ୍ତି ସ୍ତମ୍ଭତଳେ ପ୍ରେମିକ ପ୍ରେମିକାଙ୍କ ଗଳ୍ପତ ଶୁଣୁଛ
ନା, ବୁଢା ଦରବୁଢାଙ୍କ ଗଂଜେଇ ଆସର ଦେଖୁଛ
ଧୂଳ, ପାରାମଳ ବୋଳଛ ଦେହରେ ମୁଣ୍ଡରେ
ବରଷକେ ଥରେ ଗାଧୋଉଛ, ଅକ୍ଟୋବର ଦୁଇ ତାରିଖରେ
ତୁମ ଚଷମା ପୁରୁଣା ହେଲାଣି ବୋଧେ ଦେଖା ଯାଉନାହିଁ
ଆମ କାଗଜନୋଟ୍ ରେ ତୁମ ଛବିଟା ରହିଛି କପାଁଇ
ତୁମକୁ ଦେଖାଇ ସେହି ଟଂକାରେ ଭୋଟକଣା ଯାଉଅଛି
ସେହି ନୋଟ୍ ଦେଇ କଣାଯାଉଥିବା ମଦ ମଣିଷ ପିଉଛି
ନଶାଗ୍ରସ୍ତ ହୋଇ ତୁମକୁ ସାକ୍ଷୀଦେଇ ବେଶ୍ୟାଳୟକୁ ଯାଉଛି
ସେହି ନୋଟ୍ ଦେଇ ବଳତ୍କାର ଦୋଷୀ ନର୍ଦ୍ଦୋଷ ହେଉଛି
ବିଗ୍ଭର ପତି ତୁମକୁ ଅନାଇ ଲାଞ୍ଚ ତ ନେଉଛି

ତୁମକୁ ସାକ୍ଷୀ ରଖି ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ବିକାହେଉଅଛି
ତୁମକୁ ଦେଖାଇ ଘୂରିଆଡେ ଦୁର୍ନୀତି, ଅନୀତି
ଶଠତାର ଭାଇରସ୍ ବ୍ୟାପିଛି
ସ୍ୱାଧୀନତା ପାଇବାର ଯୋଗ୍ୟତା ନାହିଁ ଏପିଢିର
ଫେରିଆସ, ଫେରାଇଦିଅ ସ୍ୱାଧୀନତା
ଏମାନଙ୍କୁ ଇଂରେଜ ବନ୍ଧୁକ ଦରକାର ।

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

# ଲଳିତ ନିବନ୍ଧ -
# ଅହଂକାର



ବଦ୍ରୀ ମହାନ୍ତି

ଅସରନ୍ତି ଇଚ୍ଛା ଅସମାପ୍ତ ସ୍ୱପ୍ନ ଓ ଅବଦମିତ ଆକାଂକ୍ଷାର ଇମାରତ ନିର୍ମାଣ କଲାବେଳେ ଦୃଶ୍ୟ ହୁଏନାହିଁ ସତ୍ୟମିଥ୍ୟାର ଅର୍ଗଳ, ପାପପୁଣ୍ୟର ବନ୍ଧବାଡ଼, ନ୍ୟାୟ ଅନ୍ୟାୟ-ଭୁଲଠିକ ଓ ପଥ ଅପଥ ର ଗ୍ରହଣୀୟତା । ନିଜର ନିହିତ ସ୍ୱାର୍ଥ ଓ ଆକାଶ ପରିବ୍ୟାପ୍ତ ଶୋଷ ମେଣ୍ଟେଇବାକୁ ଯାଇ କୌଣସି ସ୍ତରକୁ ଉନ୍ନୀତ ହୋଇଯାଉଥିବା ଅବସ୍ଥା ଇ ଅହଂକାର। 'ମୁଁ' 'ସର୍ବସ୍ୱ ପ୍ରାଣ 'ମୋର' ଚନ୍ତନରେ ଅହରହ ବିଚରଣ କରୁଥିବା ବ୍ୟକ୍ତି ନିଜ ଅଗୋଚରରେ ରୂପାନ୍ତରିତ ହୋଇଯାଏ ଅହଙ୍କାରୀ ମଣିଷ ରୂପେ। ଗୋପନରେ ପାଳି ପୋଷି ବଢ଼େଇଥିବା ଇଚ୍ଛା ମାନଙ୍କୁ ପଞ୍ଜୁରୀ ଭିତରେ ରଖିପାରେନା। ଅସମାପ୍ତ ଶୋଷ ବଳବତ୍ତର ରହେ ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ। ପିତା ମାତା ପତ୍ନୀ ପୁତ୍ର କନ୍ୟା ଓ ବାନ୍ଧି ହୋଇଥିବା ସମ୍ପର୍କମାନେ ଗୌଣ ମାନେହୁଅନ୍ତି। କ୍ଷମତା ଓ ସମ୍ପତ୍ତିର ସିଂହାସନ ଆରୋହଣ ପାଇଁ ନିଜ ମସ୍ତିଷ୍କରେ ସର୍ବଦା ଘୁରି ବୁଲୁଥାଏ; କେମିତି କରିବି, କେଉଁଠି କରିବି, କେତେବେଳେ କରିବି ଓ କଣ କରିବି ? ନିଜକୁ ଶ୍ରେଷ୍ଠ ଓ ପୃଥକ ବିବେଚନା କରିବାର ଲାଳସାରେ କୌଣସି ସ୍ତରକୁ ଓହ୍ଲାଇ ଯିବାକୁ କସ୍ମିନ କାଳେ ସଂକୋଚ ମନେକରେନାହିଁ। ନିଜକୁ ସର୍ବଶକ୍ତିମାନ ଅର୍ଥବାନ ବାହୁବଳୀ ଓ ବଳଶାଳୀ ରୂପେ ପ୍ରତିଷ୍ଠିତ କରିବା ପାଇଁ ତା ଉଦ୍ୟମର ଅନ୍ତ ନଥାଏ।

ସର୍ବନିମ୍ନ ଅବଶ୍ୟକତା ପୂରଣ ହୋଇଯିବା ପରେ ପାଦ ତଳର ମାଟି ଗୃରିପାଖରେ ଖଞ୍ଜା ହୋଇଥିବା ବ୍ୟବସ୍ଥାକୁ ଅସ୍ୱୀକାର କରି ଦୁରନ୍ତ ସ୍ୱପ୍ନ ଓ ଅବଦମିତ ଇଛା କୁ ସାକାର କରିବାକୁ ଯାଇ ନିରେଳା ମଣିଷଟି ଅହଙ୍କାରୀ ବନିଯାଏ। ନିଜକୁ ସୁପ୍ରିମ(ପରମ), ସର୍ବଶ୍ରେଷ୍ଠ, ବୁଦ୍ଧିମାନ ଓ ସର୍ବ ଶକ୍ତିମାନ ଭାବେ ଗଢି ତୋଳିବା ନିମନ୍ତେ ପାପ, ମିଥ୍ୟା, ଅନ୍ୟାୟ ଓ ଭୁଲର ଜଙ୍ଗଲ ଭିତରେ ପ୍ରବେଶ କରିଯାଇଥାଏ। କ୍ଷମତା, ସମ୍ପତ୍ତି ଓ ଐଶ୍ୱର୍ଯ୍ୟ ମିଳିଯିବାପରେ ନିଜେ ନିଜର ଗୁଣଗାନ କରେ। ନିଜର କର୍ମ କରଣୀର ଶ୍ରେଷ୍ଠତ୍ୱ ଗୁଣଗାନ

କରିବା ପାଇଁ ଅନ୍ୟ ଅନେକଙ୍କୁ ନିୟୋଜିତ କରେ। ସମଗ୍ର ବିଶ୍ୱ ତାକୁ ସର୍ବମାନ୍ୟ ରୂପେ ସ୍ୱୀକାର କରୁ ଏହା ଦେଖିବାକୁ ଇଚ୍ଛାକରେ ଅହଂକାରୀ। ଅନ୍ୟ କାହାରି ଶ୍ରୀବୃଦ୍ଧି କୁ ସ୍ୱୀକାର କରିବା ତା ପାଇଁ ଉତ୍ପୀଡକ ମନେହୁଏ। ବିଶ୍ୱାସ କରିପରେନା ଏ ବିଶ୍ୱରେ ତାଠାରୁ ଶ୍ରେଷ୍ଠ କେହି ଥାଇ ପାରନ୍ତି ବୋଲି। ଅଜ୍ଞାତରେ ନିଜ ପାଇଁ ଆମନ୍ତ୍ରଣ କରେ ପତନ କୁ।

ହଜାର ହଜାର ବର୍ଷ ଧରି ଜନମାନସରେ ଅହଂକାରୀ ପୁରୁଷ ରାବଣ କଂସ ହୀରଣ୍ୟକଶ୍ୟପ ମାନଙ୍କର କ୍ଷମତା ଓ ଅତ୍ୟାଚାର ଜନିତ ବିୟୋଗାନ୍ତ ପରିଣତି ଗଭୀର ରେଖାପାତ କରିଆସିଛି। ବିଶ୍ୱ ଇତିହାସରେ ସୁଦ୍ଧା ଏପରି ଚରିତ୍ରର ଦୃଷ୍ଟାନ୍ତ କିଛି କମ ନାହିଁ। ପୁରାଣ ଇତିହାସ କିମ୍ବଦନ୍ତୀ ଓ ସଂପ୍ରତିରେ ଅଗଣନ ଅହଂକାରୀ ବ୍ୟକ୍ତି ଓ ସେମାନଙ୍କ ତୃଷ୍ଣା ବାରମ୍ବାର ସମାଜ ସାମ୍ନାରେ ଆଲୋଚିତ ହେବା ପରେ ସୁଦ୍ଧା ଏ ମହାର୍ଘ୍ୟ ବସ୍ତୁର ଅନୁଧାବନ ଅନ୍ତ ନାହିଁ।

ବିବିଧତା ଓ ଭିନ୍ନତା ଦୃଷ୍ଟିରୁ ଅହଂକାରକୁ ସାତଭାଗରେ ବିଭକ୍ତ କରାଯାଇପାରେ। ସେଗୁଡିକ ହେଲା - ଶାରୀରିକ, ଭାବାତ୍ମକ, ସାମାଜିକ, ବଡ଼ା, ନିର୍ମାତା, ମାନସିକ ଓ ଉଚ୍ଚ ଅହଂକାର। ଏହାଦ୍ୱାରା ଜୀବନ ହୋଇଉଠେ ସଂଘର୍ଷପୂର୍ଣ୍ଣ । ଅସନ୍ତୋଷ, ଈର୍ଷା, ଲୋଭ ଓ କ୍ରୋଧ ତାର ସାମଗ୍ରିକ ଜୀବନକୁ ଆବୋରି ବସେ। ଭିତରେ ଭିତରେ ଛଟପଟ ହେଲେ ସୁଦ୍ଧା ମୁକ୍ତି ମିଳେନା। ପରିଣତି ସ୍ୱରୂପ ଉନ୍ମୁକ୍ତ ହୋଇଯାଏ ପତନର ଦ୍ୱାରଦେଶ । ବ୍ୟକ୍ତି ଉପରେ ଅହଂକାର ପ୍ରଭୁତ୍ୱ ବିସ୍ତାର କରି ସରିବା ପରେ ଆଉ କିଛି ଦିଶେନାହିଁ। କାହାକଥା ଶୁଣିବା ପାଇଁ ବା ବୁଝିବା ପାଇଁ ତା ନିକଟରେ ଧୈର୍ଯ୍ୟ ବା ସମୟ ନଥାଏ। ଆଉ ତା ଚାରି ପାଖରେ ପରିଦୃଶ୍ୟ ହୋଇଥାଏ କେବଳ ପତନ ହିଁ ପତନ। ସେତେବେଳେ ସେ ଜାଣିପାରେ ଅହଂକାର ଏବେ ତାର ଶତ୍ରୁ ବନିଯାଇଛି। ମାତ୍ର ସମୟ ହାତ ପାଆନ୍ତାରେ ନଥାଏ। ସତ୍ୟ ଦେଖିନଥିବାରୁ ଏହାକୁ ସାମ୍ନା କଲାବେଳେ ଦୁଃଖୀ ହୋଇଉଠେ।

ବାଇ ମହାନ୍ତି ଙ୍କ ଦୃଷ୍ଟିରେ ଅହଂକାରୀ ନିକଟରେ ପାଞ୍ଚଟି ଲକ୍ଷଣ ପ୍ରକାଶିତ ହୋଇଥାଏ। ନିଜର ବୃହତ ତ୍ରୁଟି ନିଜକୁ ଦିଶେନାହିଁ ଓ ଛୋଟ ଛୋଟ କଥାରେ ବିଚଳିତ ହୋଇଉଠେ। କେବେ ସୁଦ୍ଧା ନିଜ ଆତ୍ମୀୟ ବନ୍ଧୁ ଓ ସତୀର୍ଥଙ୍କୁ ନେତୃତ୍ୱ କରିବାକୁ ସୁଯୋଗ ପ୍ରଦାନ କରେନାହି। ଯଦି ସେପରି କିଛି ସ୍ଥିତି ଉପୁଜେ ତେବେ ତାହା କିପରି ସମ୍ଭବ ନହେବ ସେଥି ପାଇଁ ଭରପୂର ବ୍ୟବସ୍ଥା କରିଥାଏ। ଗୁରୁତ୍ତ୍ୱପୂର୍ଣ୍ଣ ପଦ ପଦବୀରେ ଦୀର୍ଘକାଳ ଅଧିଷ୍ଠିତ ହୋଇଥିବା ଯୋଗୁଁ ବିଚଳିତ ହୋଇଉଠେ ନିଜ ଠାରୁ ଯୋଗ୍ୟ ବ୍ୟକ୍ତିର ସଫଳତା ଦେଖି।

ନିଜ ବିଫଳତାକୁ ଅନ୍ୟ ମୁଣ୍ଡରେ ଥୋଇଦେଇ ସମସ୍ତ ସଫଳତାର ଶ୍ରେୟ ହାତେଇ ନଏ ଅହଂକାରୀ। ଖୁବ ପସନ୍ଦ କରେ ପ୍ରଶଂସକ ଓ ଗ୍ଚାଟୁକାରିତାଙ୍କୁ। ଏ ବାବଦରେ ବିପୁଳ ଅର୍ଥ ଶ୍ରାଦ୍ଧ କରିବାପାଇଁ କୌଣସି କାଳେ କୁଣ୍ଠା ପ୍ରକାଶ କରି ନଥିବା ବ୍ୟକ୍ତି ନିଜର ପ୍ରଗ୍ଚର ଓ ପ୍ରସାର ପାଇଁ ବିଶେଷ ଦୃଷ୍ଟି ଦେଇଥାଏ। ସଦା ସର୍ବଦା ସମର୍ଥକ ଓ ଗ୍ଚାଟୁକାରଙ୍କ ଗହଣରେ ରହୁଥିବା ଯୋଗୁଁ ବେଶ କିଛି ଖର୍ଚ୍ଚ ହୁଏ ଉପଢୌକନ ଓ ପୁରସ୍କାର ବାବଦରେ ।

ଆମ ପୁଗ୍ଣ ସାହିତ୍ୟ ମାନଙ୍କରେ ଅହଂକାରୀ ଚରିତ୍ର ଓ ତାର ଦୁଃଖଦ ପରିଣତି ସଂକ୍ରାନ୍ତରେ ଅସଂଖ୍ୟ ଚିତ୍ର ବର୍ଣ୍ଣିତ ହୋଇଛି। ଏପରିକି ଅବସ୍ଥା ଚକ୍ରରେ ଅହଂକାର ସ୍ଥିତି ର ବର୍ଣ୍ଣନା କମ ନାହିଁ। ଏଇଭଳି ଏକ ଘଟଣା ଘଟିଥିଲା ମହର୍ଷି ନାରଦଙ୍କ କ୍ଷେତ୍ରରେ । ଭଗବାନ କସ୍ମିନ କାଳେ ନିଜ ଭକ୍ତର ଅହଂକାର ସହ୍ୟ କରି ପରନ୍ତିନାହିଁ। ଉପଯୁକ୍ତ ସମୟରେ ଯଥାର୍ଥ ବ୍ୟକ୍ତିଙ୍କୁ ସଚେତନ କରିଦେଇଥାନ୍ତି । ଏକଦା ନାରଦଙ୍କର ନିଜର ଇନ୍ଦ୍ରୀୟ ସଂଯମ ପାଇଁ ଖୁବ ଅହଂକାର ହୋଇଗଲା। ଏ ଭ୍ରମ ଦୂର କରିବା ପାଇଁ ବିଷ୍ଣୁ ରଚନା କଲେ ଏକ ସୁନ୍ଦରୀ ନାରୀ। ଏହା ସହିତ ପ୍ରଗ୍ଚର କରିଦିଆଗଲା ଏହି ଦିବ୍ୟ ସୁନ୍ଦରୀ ନାରୀଙ୍କର ସ୍ୱୟମ୍ବର ସଭ୍ଚ ଅନୁଷ୍ଠିତ ହେବ। ଘୋଷଣା କରିଦିଆଗଲା ଅନୁରୂପ ସୌନ୍ଦର୍ଯ୍ୟର ଅଧିକାରୀ ଯୁବକ ଏ ସ୍ୱୟଂବର ସଭ୍ଚରେ ଅଂଶ ଗ୍ରହଣ କରି ପାଣିଗ୍ରହଣ କରିବେ । ଅପୂର୍ବ ସୁନ୍ଦରୀ ନାରୀର ଚର୍ଚ୍ଚା ସବୁଠି ହେଉଥିବାର ଦେଖି ନାରଦଙ୍କ ମନରେ ସୃଷ୍ଟି ହେଲା କୌତୁହଳ । ସେ ଚିନ୍ତା କଲେ ଯଦି ହରିଙ୍କ ସୁନ୍ଦର ରୂପ ତାଙ୍କୁ ପ୍ରାପ୍ତ ହୁଅନ୍ତା ତେବେ ସେ ଏ ଅପୂର୍ବ ସୁନ୍ଦରୀଙ୍କୁ ଙ୍କୁ ବିବାହ କରି ସୁଖୀ ଜୀବନ ଅତିବାହିତ କରିବା ସହିତ ଜ୍ଞାନ ଅର୍ଜନ କରିବାର ସୁଯୋଗ ମିଳନ୍ତା। ସ୍ୱୟଂବର ପୂର୍ବ ଦିନ ବିଷ୍ଣୁଙ୍କ ପାଖରେ ଉପସ୍ଥିତ ହୋଇ କିଛି କ୍ଷଣ ପାଇଁ ହରିଙ୍କ ରୂପ ପ୍ରଦାନ କରିବାକୁ ସେ ନିବେଦନ କଲେ। ପରଦିନ ସମଗ୍ର ବିଶ୍ୱରୁ ହଜାର ହଜାର ଯୁବକ ବିଭିନ୍ନ ସ୍ଥାନରୁ ଆସି ଏକତ୍ରୀତ ହୋଇଥିଲେ ସ୍ୱୟଂବର ସ୍ଥଳରେ। ସ୍ତ୍ରୀ ଜଣକ ଗୋଟି ଗୋଟି ସମସ୍ତଙ୍କୁ ଦେଖି ଆଗକୁ ବଢି ଯାଉଥିଲେ। ମାତ୍ର ନାରଦଙ୍କ ପାଖ ପହଞ୍ଚିବା କ୍ଷଣି ଭୟଭୀତ ହୋଇ ଦୌଡ଼ିବା ଆରମ୍ଭ କଲେ। ନାରଦ ଯେତେ ଚେଷ୍ଟା କରୁଥାନ୍ତି ନିଜକୁ ପ୍ରଦର୍ଶିତ କରିବା ପାଇଁ ତାହା ସମ୍ଭବ ହେଉନଥାଏ। ଉପସ୍ଥିତ ଥିବା ସମସ୍ତ ଯୁବକ ଜୋର ଜୋର ହସୁଥାନ୍ତି। ହତୋତ୍ସାହିତ ଓ ଅପମାନିତ ନାରଦ ଫେରିବା ଗ୍ସ୍ତାରେ ଏକ ପୋଖରୀରେ ନିଜ ମୁହଁର ପ୍ରତିବିମ୍ବ ଦେଖି ବୁଝିପାରିଲେ ଏହା ବିଷ୍ଣୁଙ୍କ ଖେଳ। କ୍ରୋଧିତ ନାରଦ ବିଷ୍ଣୁଲୋକ ପହଂଚ ଦେଖିଲେ ସେହି ସ୍ତ୍ରୀ ଜଣକ ଭଗବାନଙ୍କ ଚରଣସେବାରେ ରହିଛି। ବିଷ୍ଣୁ କହିଲେ ତପସ୍ୱୀ କେବେସୁଦ୍ଧା ନିଜ ସାଧନାର

ଅହଂକାରରେ ନିଜ ମର୍ଯ୍ୟଦା ସହିତ ଖେଳ କରିବା ଉଚିତ ନୁହେଁ । ନଚେତ ଏଥିନିମନ୍ତେ ହାସ୍ୟାସ୍ପଦ ହେବାକୁ ପଡିଥାଏ ।

ସାଧାରଣ ବ୍ୟକ୍ତି ସର୍ବଦା ସାବଧାନ ରହିବା ଉଚିତ । ଯଦି ଆପଣ ଶକ୍ତିଶାଳୀ ନୁହନ୍ତି ତେବେ କୌଣସି ସ୍ଥିତିରେ ଅହଂକାରୀକୁ ପରାମର୍ଶ ଦିଅନ୍ତୁନାହିଁ । ଏକଦା ପ୍ରଚୁର ବର୍ଷା ସମୟରେ ଛୋଟ ପକ୍ଷୀଟିଏ ନିଜ ବସାରେ ଥାଇ ମାଙ୍କଡ଼ଟିଏକୁ ବାହାରେ ବର୍ଷାରେ ଭିଜୁଥିବାର ଦେଖି ଶ୍ରଦ୍ଧାରେ ପରାମର୍ଶ ଦେଲା -ବର୍ଷା ଋତୁ ପରେ ନିଜ ପାଇଁ ବସାଟିଏ ନିର୍ମାଣ କରୁ ଯାହାଦ୍ୱା ତାକୁ ଆଉ ଏତେ କଷ୍ଟ ସ୍ୱୀକାର କରିବାକୁ ପଡିବ ନାହିଁ । ବସା ରୂପକ ସୁରକ୍ଷିତ କବଚଟିଏ ଥିଲେ ଭବିଷ୍ୟତରେ ବର୍ଷା ଶୀତ କାକରରୁ ତାକୁ ମୁକ୍ତି ମିଳିବ । ବାନର ଭାବିଲା ସାମାନ୍ୟ ମୂର୍ଖ ପକ୍ଷୀଟି ମୋତେ ଶିକ୍ଷା ଦେବ? କ୍ରୋଧାନ୍ୱିତ ଅହଂକାରୀ ମାଙ୍କଡ଼ ସଂଗେ ସଂଗେ ତା ବସାକୁ ଭାଙ୍ଗି ଚିକି ଚିକି କରିଦେଲା । ନିଜକୁ ରକ୍ଷା କରିବାରେ ସକ୍ଷମ ନଥିବା ବ୍ୟକ୍ତି ଅହଂକାରୀକୁ ପରାମର୍ଶ ଦେଇ ନିଜ ପାଇଁ ବରଣ କରିଥାଏ ବିପଦ ।

ସଂସାର ଯଦି ଏକମାତ୍ର ସତ୍ୟକୁ ନେଇ ବଂଚିଥାଏ ତେବେ ତାହା ହେଉଛି ମୃତ୍ୟୁ । ମୃତ୍ୟୁ ହିଁ ସତ୍ୟ ଏବଂ ସତ୍ୟ ହିଁ ମୃତ୍ୟୁ । ମଣିଷର ଅନ୍ତିମ ସତ୍ୟ ଯେତେବେଳେ ମୃତ୍ୟୁ ତେବେ ଅହଂକାରୀ ସାଜି ଅପମୃତ୍ୟୁ ଓ ଅପଯସ ବରଣ କରିବ କାହିଁକି? ସେଥିପାଇଁ ବାଇ ମହାନ୍ତି କହି ବୁଲନ୍ତି, 'କାହାକୁ ନୀଚ ଦେଖାଇବା ପାଇଁ ଅନୀତି ଏବଂ ଅସତ୍ୟର ରୁଦ୍ଧ ଦ୍ୱାର ଖୋଲି ଅହଂକାରୀ ହୋଇ ଯାଅନାହିଁ । କାହାରିକୁ ଅସୁବିଧାରେ ପକାଇ ଦୁଃଖୀ କରନାହିଁ । ଶ୍ରଦ୍ଧା ପ୍ରେମ ଭଲପାଇବାର ସ୍ରୋତରେ ଭସାଇଦେଇ ଖୋଲିଦିଅ ବିଶାଳ ହୃଦୟ । ଅହଂକାରରୁ ମୁକ୍ତି ପାଇଁ ବିନମ୍ରତା, ସମ୍ମାନବୋଧ ଓ ଆତ୍ମବିଶ୍ୱାସ କୁ ଆପଣେଇ ନେଇ ଅନ୍ୟର ସୁଖ ଦୁଃଖକୁ ନିଜର ମଣି ଶାନ୍ତି ପ୍ରତିଷ୍ଠା କଲେ ସିନା ଗୃହିପାଖ ବସ୍ତ୍ରାମୟ ହୋଇଉଠି ସ୍ୱାଭିମାନର ଜୟ ଜୟକାର ହେବ! '

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028
badrimohanty60@gmail.com

# ନିର୍ଝରିଣୀ



ରାଧାମୋହନ ପୂଜାହାରୀ

ଝର ଝର ହୋଇ ବହେ ନିର୍ଝରିଣୀ
କୁଳୁ କୁଳୁ ନାଦ ସୁରେ,
ମାଡ଼ି ଗ୍ଭଲିଥାଏ ସବୁ ସମ୍ପର୍କକୁ
ଛାଡ଼ିଦେଇ ବହୁ ଦୂରେ ।

ପିତାମାତା କୋଳେ ଖେଳୁଥାଏ ସେଇ
ଛୋଟ ଝର ଟିଏ ହୋଇ,
ସମତଳେ ତା'ର ତରୁଣୀ ରୂପଟା
ମନ ନେଉଥାଏ ମୋହି ।

ଖସି ଆସେ ସିଏ କାହିଁ କେତେ ଦୂରୁ
ପଡ଼େନି ସେ ଜମା ଥକି,
ଲଂଘେ କେତେ ଗିରି କେତେ ଉପତ୍ୟକା
ମନେ ଦୁଃଖ ଗ୍ଭପି ରଖି ।

ନିଜ ପଥେ ସିଏ ନିରନ୍ତର ବହେ
ସଭିଙ୍କୁ ଆପଣା କରି,
ଦୂର୍ଭେଦ୍ୟ ଗିରିର ବୁକୁ ଚିରି ସିଏ
ଧରା ପୃଷ୍ଠେ ପଡ଼େ ଝରି ।

ତା' ଶୀତଳ ଜଳ ପରଶେ ପବିତ୍ର
ହୋଇଥାଏ ଶିଳାରାଶି,
ସେହି ଜଳେ ନିଜ ତୃଷ୍ଣାକୁ ମେଣ୍ଟାଇ
ଧନ୍ୟ ହୁଏ ବନବାସୀ ।

ଆଦିବାସୀଙ୍କର ଜୀବନ ଆଧାର
ହେଉଛି ଏ ଝର ପାଣି,
ସେହି ପାଣି ସାରା ସଂସାର ଲୋକଙ୍କ
ମୁଖେ ହସ ଦିଏ ଆଣି ।

ବାଗମାରୀ, ବୀରମହାରାଜପୁର
ସୋନପୁର (ଓଡ଼ିଶା)

# ଅନୁଭବ



ଅମୂଲ୍ୟ କୁମାର ପଣ୍ଡା

ଆଜି ତୁମେ ଅଛ
କିନ୍ତୁ ନାହିଁ ଆତ୍ମୀୟତା
ଆଜି କଥା ହଉଛ
କିନ୍ତୁ କଥାରେ ନାହିଁ ମଧୁରତା
ଆଜି ଲିଫାଫା ରେ ଚିଠି ଦେଉଛ
କିନ୍ତୁ ନାହିଁ ସେ ଗୋଲାପି ଚନ୍ଦ
ବଦଳିଛି ସମୟ...
ଆଉ ଆପଣେଇଛି
ଏକ ଏମିତି ସ୍ୟାହି
ଯେଉଁଠି ସମସ୍ତେ ନିଜର
କିନ୍ତୁ କେହି ନୁହେଁ ଆପଣାର
ନିଜ ହୃଦୟର ଶବ୍ଦକୁ ଶୁଣି ଦେଖ
ଆର୍ତ୍ତନାଦର ଫୁତ୍କାର ତ୍ରାହି ତ୍ରାହି...!

ଅରଙ୍ଗାବାଦ, ବରୀ, ଯାଜପୁର

# ଝରଣା

ବିନୋଦିନୀ ଦାଶ

ପାହାଡ଼ର ବୁକୁ ଚରି ଝରଝର ଆସୁ ଝରି
ଗାଇ କୁଳକୁଳ ଗୀତ ମଧୁର,
ଧରି ଝରଣାର ନାମ ରୂପଶୋଭି ଅନୁପମ
ଦେଖିଦେଲେ ତୋତେ ମନ ବିଭୋର ।

ଲୋ ପାହାଡ଼ି କନ୍ୟା ତୁହି ଚଞ୍ଚଳ ମତି ନେଇ
ଧାଉଁ ଥାଉ ତୋ ଗନ୍ତବ୍ୟ ପଥରେ,
ଯେତେ ଆସିଲେ ବି ବାଧା ନ ଥାଏ ଟିକଏ ଚନ୍ତା
ଲକ୍ଷ୍ୟ ତୋର ଜଗତର ହିତରେ ।

ତୋର ଝଲମଲ ଜଳ ଧରାକୁ କରେ ଶୀତଳ
ଉଭୟ ପାଖରେ ସବୁଜ ବନ,
ଜୀବଜନ୍ତୁ ପଶୁପକ୍ଷୀ ସକଳଙ୍କୁ କରୁ ସୁଖୀ
ତୋ ଜଳକୁ ହରଷେ ବିତରଣ ।

ତୋ କୂଳରେ ଦେବସ୍ଥଳୀ ଧରି ଭକତେ ଶଙ୍ଖୋଳ
ତୋଲୁ ସଦା ଭକତିର ମୂର୍ଚ୍ଛନା,
ତୋର ସେ ପବିତ୍ର ଜଳେ ଭକ୍ତ ଅବଗାହନରେ
ଜାଗେ ହୃଦୟେ ପବିତ୍ର ଭବନା ।

ଏ ମାନବ ହୃଦୟରେ ପ୍ରେମ ଝରଣା ରୂପରେ
ଯଦି ହେଉଥାନ୍ତୁ ତୁ ପ୍ରବାହିତ,
ତେବେ ଶାନ୍ତି ମୈତ୍ରୀ ପ୍ରୀତି ଭ୍ରାତୃତ୍ୱର ଗାଇ ଗୀତି
ପ୍ରତିଟି ଜୀବନ ହୁଅନ୍ତା ତୃପ୍ତ ।

କୁରୁଆଁ, ମୁଗପାଳ, ଯାଜପୁର

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ



ଦୀପ୍ତିମୟୀ ସାହୁ

ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ଆମ ସାମାଜିକ ମଣିଷ ଚେତନାର ତିନି ଅନ୍ତଃସ୍ୱର । କେଉଁ ଆଦିମ କାଳରୁ ମଣିଷ ଚେତନାରେ ଏହି ତିନୋଟି ମୁଖ୍ୟ ଭାବଧାରା ସଂଶ୍ଳିଷ୍ଟ । ପ୍ରତ୍ୟେକ କ୍ଷଣରେ ମଣିଷ ସ୍ୱ ସ୍ୱ ଅନ୍ତରରେ ଏମାନଙ୍କର ସାମ୍ନା କରେ । ପ୍ରାତଃ କାଳରେ ଭକ୍ତଟିଏ ସୂର୍ଯ୍ୟଙ୍କୁ ଜଳ ତର୍ପଣ କାଳରେ; ମାଲିକଟିଏ ନିଜ ଭୃତ୍ୟର ସଚ୍ଚୋଟ ପଣ ଉପରେ କିମ୍ବା ଶିଶୁର ପେଟ ରୋଗ ଭଲ କରିବା ପାଇଁ ଗାଁର ଅଶିକ୍ଷିତ ମାଆଟିକୁ ଛୁଆର କାନ ତଳ ବେକ ପାଖରେ ଲୁହାଚେଙ୍କ ଦେବା ପାଇଁ ଉପଚାର ଆଦେଶ ଦେବାରେ, ଆମେ ଏହି ତ୍ରୟୀ ଚେତନାକୁ ସମାଜରେ ଏବେ ବି ଅନୁଭବ କରୁଛେ । ଚତୁଃପାର୍ଶ୍ୱରେ ଏହାର ଫଳାଫଳକୁ ମଧ୍ୟ ଦେଖୁଛେ । ମଣିଷ ଚଳଚଞ୍ଚଳ ଚିନ୍ତାଶ୍ରୟୀ । ତା' ଚିତ୍ତରେ ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ ରହିଛି । କାଳବେଳ, ପରିବେଶ ପରିସ୍ଥିତିରେ ମଣିଷ ଭାବନାରେ ଏମାନେ ଉଦ୍ଭାସିତ ହୁଅନ୍ତି । କ୍ରିୟାଶୀଳ ହୋଇ ସ୍ୱ ଅନୁରୂପ ଫଳ ମଧ୍ୟ ଦିଅନ୍ତି ।

ମଣିଷର ଇପ୍ସିତ ଲକ୍ଷ୍ୟର ପରିପୂର୍ତ୍ତି ନିମନ୍ତେ ବିଶ୍ୱାସ ଏମିତି ଏକ ସଂକଳ୍ପ, ଯାହା ତା' କର୍ତ୍ତବ୍ୟ ଏବଂ ନିଷ୍ଠାର ଦୃଢତା ପଥରେ ପାଥେୟ ହୋଇପାରେ । ପୁଣି ପ୍ରତି ମୁହୂର୍ତ୍ତରେ ପୃଥିବୀ ପ୍ରତି ଜୀବଜଗତର, ନଦୀର ସାଗର ପ୍ରତି, ସ୍ୱାମୀର ସ୍ତ୍ରୀ ପ୍ରତି, ପିତୃମାତୃଙ୍କର ସ୍ୱ ସନ୍ତାନ ପ୍ରତି, ରାଜାଙ୍କର ସ୍ୱ ପ୍ରଜାଙ୍କ ପ୍ରତି, ରାଷ୍ଟ୍ର ନାୟକର ସ୍ୱ ନାଗରିକଙ୍କ ପ୍ରତି ଯେଉଁ ସମ୍ପର୍କ ବା ସମ୍ବନ୍ଧରେ ପବିତ୍ରତା, ଚିର ସ୍ଥାୟୀତ୍ୱକୁ ଆମେ ନିରୀକ୍ଷଣ କରୁ, ତାହା କେବଳ ଏଇ ବିଶ୍ୱାସ ଉପରେ ହିଁ ଆଧାରିତ । ଭାରତୀୟ ଧର୍ମଗ୍ରନ୍ଥ ଗୁଡିକର ଉପାଖ୍ୟାନ ଏବଂ ଧର୍ମନିରପେକ୍ଷ ଆମ ଭାରତବର୍ଷକୁ ଏହାର ଉଦାହରଣ ରୂପେ ମଧ୍ୟ ଦେଖିପାରିବା ।

ଅନ୍ୟ ଦୃଷ୍ଟିରେ ଦେଖିଲେ, ପାରସ୍ପରିକ ବିଶ୍ୱାସବୋଧ କାରଣରୁ ହିଁ ଏ ସୃଷ୍ଟିର ମାଧୁର୍ଯ୍ୟ ସୁରକ୍ଷିତ ହୋଇ ରହିଛି । ସୃଷ୍ଟିର ଆତଯାତ ଚାଲିଛି । ମାତ୍ର ଅବିଶ୍ୱାସ ବା ଅବିଶ୍ୱାସୀ ମନୋଭାବର କୁପରିଣାମ ସ୍ୱରୂପ ପାରସ୍ପରିକ ଗୋଷ୍ଠୀଗୋଳ, ରାଷ୍ଟ୍ରଗୋଳ ହୋଇ ବିଶ୍ୱଯୁଦ୍ଧକୁ

ଜନ୍ମ ଦେବାର ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଆପଣମାନେ ସ୍ୱୟଂ ଦେଖିଛନ୍ତି । ଅବିଶ୍ୱାସର ବିଷଜ୍ୱାଳାରେ କେବଳ ମଣିଷ ନୁହେଁ, ଏ ପୃଥିବୀର ପ୍ରତ୍ୟେକ ମହାଦେଶ ମଧ୍ୟରେ ମଧ୍ୟ ଫାଟ ସୃଷ୍ଟି ହୋଇପାରେ, ତା'ର ନମୁନା ମଧ୍ୟ ଆମେ ଦେଖିବାକୁ ପାଇଥାଉ । ପୁରାଣ, ଇତିହାସ କ ବର୍ତ୍ତମାନ ହେଉ, ପ୍ରତ୍ୟେକ ପ୍ରତିକୂଳ ଅବସ୍ଥାର ସୃଷ୍ଟି ଏହି ଅବିଶ୍ୱାସବୋଧରୁ । ଯେଉଁଠାରେ କର୍ମ, ଧର୍ମ, ଶିକ୍ଷା, ସଂସ୍କୃତି, ସଭ୍ୟତା, ସମ୍ବନ୍ଧାଦିରେ 'ବିଶ୍ୱାସ' ମଧୁର ସମନ୍ୱୟ ଭାବନାକୁ ଉଜ୍ଜୀବିତ କରୁଛି, ସେହି କ୍ଷେତ୍ରରେ 'ଅବିଶ୍ୱାସର' ଗରଳ ମଧ୍ୟ ତା'ର ଆନ୍ତରିକ ମାଧୁର୍ଯ୍ୟକୁ, ଜୀବସତ୍ତ୍ୱକୁ ବିନାଶ କରିପାରୁଛି । ଯେଉଁ ବିଶ୍ୱାସରେ ଜୀବ ଜଗତ ପରିଚାଳିତ ହେଉଛି, ପୃଥିବୀ ହସୁଛି, ମଣିଷ ବଞ୍ଚିଛି, ମାନବିକତାର ଜାଗୃତି ହୋଇଚ ତାହା ଏବେ ନୁହେଁ କେଉଁ ଯୁଗାତୀତ କାଳରୁ। ବିଶ୍ୱାସ ମଙ୍ଗଳ-ସତ୍ୟ-ସୁନ୍ଦରକୁ ପ୍ରତୀକତ କରେ ମାତ୍ର; ଅସତ୍ୟ ଏହାର ବିପରୀତକୁ । ବିଶ୍ୱାସ ସଦାଚାରୀର କ୍ରିୟାକଳାପରେ, ମାତ୍ର ଅବିଶ୍ୱାସ ଭ୍ରଷ୍ଟାଚାରୀର ଭ୍ରଷ୍ଟାଚାରରେ ପ୍ରତିବିମ୍ବିତ ହୁଏ ।

ବିଶ୍ୱାସ ଏକ ପବିତ୍ର ସଂକଳ୍ପ । ଜାଁ ରହିବାର ଅନ୍ୟତମ ପବିତ୍ର ମାଧ୍ୟମ । ମାତ୍ର ଯେବେ ତା' ଉପରେ ସଂଶୟ ସୃଷ୍ଟି ହୁଏ, ସେତେବେଳେ ତାହା ଅବିଶ୍ୱାସର ରୂପ ନିଏ । ମଣିଷକୁ ସନ୍ଦେହୀ କରେ । ପୁନଶ୍ଚ ଏହା ଧର୍ମ, କର୍ମ, କର୍ତ୍ତବ୍ୟ, ବ୍ୟବହାର ବିଚାରାଦିର ସତ୍ୟତା ଉପରେ ଅଙ୍କୁଶ ଲଗାଇବାକୁ ପ୍ରୟାସ କରେ । ମନର ଅମାପ ଇଚ୍ଛାଶକ୍ତି, ସତ୍ୟ ଶାନ୍ତିକୁ ଭଙ୍ଗ କରି ମଣିଷକୁ ଅସ୍ଥିର ଅଶାନ୍ତ ଓ ଅବିବେକୀ କରିଦିଏ । ଅବିଶ୍ୱାସ ମନକୁ, ଅନ୍ତରାତ୍ମାକୁ ଚରିଗଲେ ଜୀବନ ବିପର୍ଯ୍ୟସ୍ତ ହୋଇଯାଏ । ଜ୍ଞାନୀ-ଗୁଣୀ ମଧ୍ୟ ଏହାର ଧୂଆଁରେ ଦିଗହରା ହୋଇଯାଆନ୍ତି । ଅସହାୟ, ଅପ୍ରାପ୍ତି, ଅପୂର୍ଣ୍ଣତା ଭିତରେ ସନ୍ତୁଳିତ ହୁଅନ୍ତି ।

ବିଶ୍ୱାସ ଏବଂ ଅବିଶ୍ୱାସ ଭଳି ଅନ୍ଧବିଶ୍ୱାସ ମଧ୍ୟ ମନୁଷ୍ୟର ଅନ୍ୟ ଏକ ଆଦିମ ପ୍ରବୃତ୍ତି । ଜ୍ଞାନ ବିଜ୍ଞାନର ଅପହଞ୍ଚ କାଳରେ ପ୍ରକୃତିର ନାନା କ୍ରିୟାକଳାପକୁ ମଣିଷ ଦେବତା, ରାକ୍ଷସ, ଭୂତ, ପିଶାଚଙ୍କ ଦ୍ୱାରା ସୃଷ୍ଟି ବୋଲି ମନେକରି ଗଛ, ପାହାଡ, ବଣ, ଜଙ୍ଗଲ, ଆକାଶ, ଜଳ ଆଦିକୁ ଦେବତା ଜ୍ଞାନରେ ପୂଜା କରୁଥିଲା, ଏବେ ମଧ୍ୟ କରୁଛି । କାଳର ଗତିରେ ଧିରେ ଧିରେ ମଣିଷ ଚେତନାର ବିକାଶ ସାଙ୍ଗକୁ ଜ୍ଞାନ ବିଜ୍ଞାନର ଅଗ୍ରଗତି ଫଳରେ ତା' ମନର କେତେକାଂଶ ଭ୍ରମ ଦୂର ହେଲା । ତା' ଅନ୍ଧାରୀ ଚେତନା ଏବଂ ସମାଜରେ ନବସୂର୍ଯ୍ୟର ଉଦୟ ହେଲା । ଦୀପ୍ତିମନ୍ତ ହେଲା ବିଜ୍ଞାନୀ ମଣିଷର ଅନ୍ତରାତ୍ମା ।

ଜ୍ଞାନ ତଥା ବିବେକଶୂନ୍ୟ ହେଲେ ମଣିଷ ମନରେ ଅନ୍ଧବିଶ୍ୱାସ ଜନ୍ମନଏ । ଯାହା ତା' ଜୀବନକୁ ସର୍ବନାଶର ପଥ ଆଡକୁ ଟାଣି ନେଇଯାଏ । ନଆଁ ପରି ସେ ଜୀବନକୁ ସମାଜକୁ ଧୂଳସାତ୍ ମଧ କରିଦେଇପାରେ । ଆଜି ବି ଗ୍ରାମାଞ୍ଚଳ ତଥା ଆମ ଦେଶ ମଧରେ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତଙ୍କ ଅନ୍ତରାତ୍ମାରେ ଚବିଶ ବିସ ଉଣାରେ ଲୁକ୍କାୟିତ ରହିଛି ଏ ଅନ୍ଧବିଶ୍ୱାସ । ଆଧୁନକତାର ଗୁଦର ତଳେ ଏହା ଏବେବି ଛପି ବସିଛି । ଯାହାକୁ କେବଳ ଜ୍ଞାନ, ବିବେକ ଏବଂ ଅନ୍ତର୍ମନର ବିଗ୍ଭର ମାଧମରେ ହିଁ ବିନାଶ କରାଯାଇପାରିବ ।

ଅପର ପକ୍ଷରେ ଦେଖିଲେ । ଆମେ କହୁଛେ ଯେ, ବିଶ୍ୱାସ ଅଛି ବୋଲି ମଣିଷ ଶାନ୍ତିରେ ବଞ୍ଚିଛି । ନଦୀ ସାଗର ସଂଗମ ଲକ୍ଷ୍ୟରେ ଧାଉଁଛି । ଦୁଃଖ ପରେ ସୁଖର ଆଶା ରଖି ମଣିଷ କର୍ତ୍ତବ୍ୟ କରୁଛି, ଆସନ୍ତା କାଲି ପାଇଁ ଅସଜଡା ମାନସିକତାକୁ ସଜାଡି ବସୁଛି । କନ୍ତୁ ଏହି ଅତୁଟ ବିଶ୍ୱାସ ପାଇଁ ବିଶ୍ୱାସୀ ମଣିଷ ମଧ ମନ୍ଦଫଳ ଭୋଗୁଛି । ସମାଜ, ବ୍ୟକ୍ତି, ଗୋଷ୍ଠୀ ଆଦି ଅନେକ ସ୍ଥଳରୁ । ବିଶ୍ୱାସୀ ଅବିଶ୍ୱାସର ଛକାପଞ୍ଝା ଖେଳରେ ଠକ, ଶଠ ମାନଙ୍କର କବଳତ ହୋଇ ସଂଘର୍ଷ କରୁଥିବାର ଚନ୍ଦ୍ର ଆଜିବି ସମାଜରେ ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ମାନବିକତାର ମୃତ୍ୟୁ ନକଟରେ ଅହରହ ସନ୍ତୁଳତ ହେଉଥିଲେ ମଧ, ଅବିଶ୍ୱାସୀ ପରି ବିଶ୍ୱାସୀ କେବେ ହାରିଯାଏନ, ହାରିବାକୁ ବିଜୟର ଏକ ପାହାଚ ମନେକରେ ଏବଂ ଆଗକୁ ବଢିବାକୁ ପ୍ରୟାସ କରେ । ଅବିଶ୍ୱାସୀର ପାପ ଚନ୍ତା, ସଂଶୟ, ଦ୍ୱିଧା, ବିଷାକ୍ତ ପରିବେଶ ଠାରୁ ଉର୍ଦ୍ଧ୍ୱରେ ଥାଏ ସେ । ବିଶ୍ୱାସେ ମିଳଇ ହରି ନ୍ୟାୟରେ ତା'ର କର୍ତ୍ତବ୍ୟ, ସାଧନା ଦ୍ୱାରା ଚରମ ଲକ୍ଷ୍ୟରେ ପହଞ୍ଚେ ।

ଏହି ସବିଶେଷ କ୍ଷୁଦ୍ର ଆଲୋଚନା ମଧରେ ଏତିକ କୁହାଯାଇପାରେ ଯେ, ଈଶ୍ୱରୀୟ ଭାବନା ଏକ ବିଶ୍ୱାସ ମାତ୍ର; ଈଶ୍ୱରଙ୍କ ସତ୍ତା ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ପାଇଁ ଖୋଜାଯାଉଥିବା ପ୍ରୟାସ ଏକ ଅବିଶ୍ୱାସ ଚେତନା । ପୁଣି ଈଶ୍ୱରଙ୍କ ନାଁରେ ଶୋଷଣ କରିବା, ତାଙ୍କ ନାଁରେ ବଳଦେବା, ନାନା କୁତ୍ସିତ ଚେତନାକୁ ଆଦରିନେବା ଆଦି ଏକ ଏକ ଅନ୍ଧବିଶ୍ୱାସ । ବିଜ୍ଞାନ ଦ୍ୱାରା ଅନ୍ଧବିଶ୍ୱାସ ଅବିଶ୍ୱାସ ଦୂରୀଭୂତ ହୁଏ ଏବଂ ବିଶ୍ୱାସ କେନ୍ଦ୍ରୀଭୂତ ହୁଏ । ମୋଟ ଉପରେ କହିଲେ –'ବିଶ୍ୱାସ'ମନରେ ସ୍ଥିରତା ଆଣେ, 'ଅବିଶ୍ୱାସ' ଅସ୍ଥିରତା ବୁଣେ ଏବଂ 'ଅନ୍ଧବିଶ୍ୱାସ' ମଣିଷକୁ ଅଧୋଗତି ଆଡକୁ ଟାଣେ ।

ଅଧ୍ୟାପିକା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ସେହି ପିଲ୍‌ଦିନ



ଅରୁଣ କୁମାର ମହାପାତ୍ର

ଅଭୁଲ୍ ଅଟେ ଅତୀତ କଥା
ଅଭୁଲ୍ ପିଲ୍ ଦିନ
ନଈ ପହଁର୍ ବା ମାଛ ଧର୍
ଖେଳରେ ଥିଲ୍ ମନ ।
ନଥିଲ୍ କଛି ଚନ୍ତା ମୁଣ୍ଡରେ
ଥିଲ୍ ଗାଆଁର ନଦୀ
ନଈ କୂଳଆ ବର ଓହଳ
ଶୁଖିଲ୍ ପତ୍ର ଗଦି ।
ନଈ ବାଲିର କବାଡ଼ି ଖେଳ
ଦଉଡ ଗାଆଁ ଦାଣ୍ଡେ
ସ୍କୁଲରୁ ଫେରି ଆସନ୍ତି ଧାଇଁ
ଘରେ ନରହି ଦଣ୍ଡେ ।
ଗଣେଶ ପୂଜା ଶିରି ପଞ୍ଚମୀ
ଶ୍ରୀଫଳ ଧର୍ ବେଳ
ସକାଳୁ ଉଠି ବିଦ୍ୟାଳୟରେ
ଲ୍ଗେ ପିଲ୍ ଗହଳ ।
ଗୃଦର ଢାଙ୍କି ଗାଆଁ ଦାଣ୍ଡରେ
ବସାଉ ଥିଲୁ ମେଢ଼
କୋମଳ ମନେ କ ଭ୍ବ ଥିଲ୍
ବୁଝି ନଥିଲେ ବଡ଼ ।

ପିଲ୍‌ଦିନର ହିସାବ ଥିଲ୍
ଗୋଡି ମାଟିର ଥଳୀ
ଆଜିଦିନର ଦିଆନଆଟି
ନଥିଲ୍ ପୁଣି କାଲି ।
ଖାଇବା ଆଉ ଖେଳବା ଛଡା
ନଥିଲ୍ କଛି ଚନ୍ତା
ନଥିଲ୍ ପୁଣି ରୋଜଗାରର
କାର୍ମିକ ପେଢି ଯନ୍ତ୍ରା ।
ସମସ୍ତେ ଥିଲେ ଅତି ନଜର
ନଥିଲେ ଛୋଟ ବଡ଼
ଈର୍ଷା ଓ ଦ୍ୱେଷ ଭେଦଭ୍ବଟି
ନ ଆସେ ଆମ କଡ ।
ହଜିଗଲ୍ ସେ ସୁନ୍ଦର ଦିନ
ଗାଆଁ ପନପରିବା
ସହରୀ ହୋଇ ଖାଉଛୁ ଆଣି
ଖାଦ୍ୟରେ ଭର୍ ଡବା ।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ୍, ତେଲେଙ୍ଗାନା

# ବରଦାନ



ବେଣୁଧର ଦଳବେହେରା

ମୋ ଗାଁର ଗାନ୍ଧି ହୋ ତୁମେ
ପ୍ରଭୁଙ୍କର ବରଦାନ,
ମୋ ଗାଁର ମଙ୍ଗଳ କାରି
ଅଟ ତୁମେ ଧୌର୍ଯ୍ୟବାନ।
ଶାନ୍ତି ରକ୍ଷା ପାଇଁ ଜାଗ୍ରତ ହୋଇ
କେତେ କାର୍ଯ୍ୟ କରିଅଛ,
ବହୁ ପ୍ରସଙ୍ଗକୁ ସମାଧାନ କରି
କେତେ ଯଶ ଅରଜିଛ।
ଶାନ୍ତିର ଲହରୀ ଉଙ୍କିମାରେ ଗ୍ରାମେ
ମାନ ତୁମର ବଚନ,
ମୋ ଗାଁ ର ଗାନ୍ଧି ହୋ ତୁମେ
ପ୍ରଭୁଙ୍କର ବରଦାନ।
ଗ୍ରାମ ପରିଜନ ଅନୁଶାସନକୁ
ଅଡିନାହି କେବେ କେହି,
ଅନୁଶାସନ ଯେ ଅନୁଭୁତି ହୋଇ
ଚିରଦିନ ଥିବ ରହି।
ଶାନ୍ତି ରକ୍ଷା ପାଇଁ ସରଳ ପ୍ରୟାସେ
ସଭିଙ୍କର ସମାପନ,
ମୋ ଗାଁ ର ଗାନ୍ଧି ହୋ ତୁମେ
ପ୍ରଭୁ ଙ୍କ ର ବରଦାନ।

ସିଆଲବନ୍ଧ, ତେଣ୍ଡାପଦର

# ଗୁରୁ ଜ୍ଞାନ



ପୂର୍ଣ୍ଣଚନ୍ଦ୍ର ରଣା

ସେ ଏମିତି ଦୁନିଆର୍ ଶବ୍ଦ
ସେ ଶବ୍ଦଟି କେବଳ
ଈଶ୍ୱରଙ୍କ ସହିତ ତୁଳନୀୟ
ଅନ୍ଧକାର ଦୁନିଆରୁ ହାତଧରି
ଛାଡିଥାଏ ଆଲୋକ ରାଇଜରେ
ଆଉ ଶିଖାଇଥାଏ
ସୁଭାଷା ଓ ବ୍ୟବହାର
ଗୁରୁ ସାକ୍ଷାତ ଈଶ୍ୱର
ସେ ସର୍ବ ପ୍ରଶଂସନୀୟ
ଗଢ଼ିଥାଏ ଭବିଷ୍ୟତ
ଜୀବନ ପଥକୁ ଉଜ୍ଜଳ କରିବା ପାଇଁ
ଭରିଦିଏ ସଂଖ୍ୟାତୀତ ମୋଡ଼
ସେ ମୋଡ଼ର ନାଆଁ ଦିଏ
ଉଜ୍ଜଳ ଭବିଷ୍ୟତ
ଆଉ ତା'ର ଶିଷ୍ୟଟି
ସେ ମୋଡ ଦେଇ
ସର୍ବଶେଷେ କରିଥାଏ
ନାମ ତା'ର ଉଜ୍ଜଳ ,
ବିନା ଗୁରୁ ଜ୍ଞାନେ
ବିଦ୍ୟା ହୁଏ ନାହିଁ ପ୍ରାପ୍ତି

ମନେ ଭରିଯାଏ ଅନେକ ସନ୍ଦେହ
ପୁଣି ମନେ ରହେ
ଅସଂଖ୍ୟ ଯେ ତ୍ରୁଟି ,
ଦୁନିଆରେ ଗୁରୁ ଜ୍ଞାନ ବିନା
ନାହିଁ କିଛି ପଥ
ଗୁରୁ ଆମ ଜୀବନେ ଆଦର୍ଶ
ଆଉ ତାଙ୍କ ଆଦର୍ଶରେ ବାଟ ଚାଲିଲେ
ଲଭିବା ଆଶାଠୁ ଅଧିକ ଜ୍ଞାନ
ଆଉ ଢେର୍ ସାର୍ ପ୍ରେମ ପ୍ରିତୀ
ପୁଣି ଅଜସ୍ର ଭଲ ପାଇବା
ଗୁରୁ ଜ୍ଞାନେ ମାର୍ଜିତ କରିବା
ଏ ମୂଲ୍ୟବାନ ଜୀବନକୁ
ଉଜ୍ଜଳ କରିବା ଭବିଷ୍ୟତକୁ
ଆଉ ଯୁଗେ ଯୁଗେ ମନେ ରଖିବା
ମହାନ ସେ ଗୁରୁ ଜ୍ଞାନ
ଗୁରୁ ଆମ ଅନ୍ତରର ସମ୍ମାନ ।

ହାଟସିଂହାପୁର, ଯାଜପୁର

# ସୁବର୍ଣପୁର ର ଲୋକନାଟ୍ୟ ଧାରାରେ "ଦଣ୍ଡ ନାଟ"



ଶଙ୍ଖସିନ୍ଧୁ ପୁରୋହିତ

ପଶ୍ଚିମ ଓଡିଶା ହେଉଛି ଲୋକକଳା ଓ ଲୋକସଂସ୍କୃତିର ଗନ୍ତାଘର। ସୁବର୍ଣ୍ଣପୁର ମାଟି ସେଥିରୁ ଅନ୍ୟତମ। ଅତୀତ ରେ ଅନେକ ରାଜବଂଶ ଏହାର ପୃଷ୍ଠପୋଷକତା କରି ଏହାକୁ ଆଗେଇ ନେଇଛନ୍ତି। କେଶରୀ ବଂଶ ତାଙ୍କ ବିଶାଳ ସାମ୍ରାଜ୍ୟର ରାଜଧାନୀ ରୂପେ ଏ ପୀଠକୁ ମଧ୍ୟ ସ୍ୱୀକାର କରନ୍ତି। ଏତତ୍ ଭିନ୍ନ ଆହୁରି ଅନେକେ ରାଜବଂଶ ମଧ୍ୟ ଏ ଜିଲ୍ଲାକୁ ରାଜନୈତିକ, ସାଂସ୍କୃତିକ ଉନ୍ନତି ରେ ଆଗେଇ ନେଇ ସୋନପୁର ଓ ବିନୀତ ପୁର ରେ ରାଜଧାନୀ ମାନ ପ୍ରତିଷ୍ଠା କରି ସାହିତ୍ୟ, ସଂସ୍କୃତି, ଜ୍ଞାନ ଚର୍ଚ୍ଚା କରୁଥିବାର ପ୍ରମାଣ ମିଳେ।

## ସୁବର୍ଣ୍ଣପୁର ର ପରିଚୟ

ଓଡ଼ିଶା ର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ର ରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରାଗ୍ ଐତିହାସିକ ଯୁଗ ରୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଉତ୍ତର ଦିଗରେ ସମ୍ବଲପୁର ଜିଲ୍ଲା, ଦକ୍ଷିଣ ପୂର୍ବ ରେ ବୌଦ୍ଧ ଜିଲ୍ଲା, ପୂର୍ବ ରେ ରେଢ଼ାଖୋଲ ଉପଖଣ୍ଡ (ସମ୍ବଲପୁର ଅଧିନସ୍ଥ) ଏବଂ ପଶ୍ଚିମ ରେ ବଲାଙ୍ଗିର ଜିଲ୍ଲା ଦ୍ୱାରା ଆବଦ୍ଧ ହେଉଛି ସୋନପୁର ର ଅବସ୍ଥିତୀ । ସୁବର୍ଣ୍ଣପୁର ଜିଲ୍ଲା ବଲାଙ୍ଗିର ଜିଲ୍ଲାରୁ ଅଲଗା ହୋଇ ୧୯୯୩ ମସିହା ଏପ୍ରିଲ ୧ ତାରିଖ ରେ ଏକ ନୂତନ ଜିଲ୍ଲା ଭାବରେ ମାନ୍ୟତା ପାଇଲା ।(ଓଡିଶା ସରକାରଙ୍କ ଜିଲ୍ଲା ୱେବସାଇଟ)

ଉତ୍କଳେଷୁ ନ୍ୟୋ ପୁଣ୍ୟା ପୁଣ୍ୟା ମାର୍ଜର କେଶରୀ
ସୁବର୍ଣାଖ୍ୟାପୁରୀ ପୁଣ୍ୟା ପୁଣ୍ୟା ଚନ୍ଦ୍ରୋତ୍ପଳା ନଦୀ"

ବାସ୍ତବିକ ସୁବର୍ଣ୍ଣପୁର ଏକ ପୁଣ୍ୟସ୍ଥଳୀ ଏହା ହେଉଛି ଦ୍ୱିତୀୟ ବାରଣାସୀ, ମନ୍ଦିରମାଳିନୀ ସହର। ପଞ୍ଚ ମକାର ର ପୀଠ, ଏଠିକାର ଲୋକ କଥା ଲୋକ ନାଟକ, ଲୋକଗୀତ ଖୁବ ଉଚ୍ଚକୋଟିର ଏଥିରେ ସନ୍ଦେହ ନାହିଁ।

## ଲୋକସାହିତ୍ୟ ରେ ଲୋକନାଟ

"ଲୋକନାମ ଅନୁବର୍ତନ୍ତେ ଯଥା ରାଜା ତଥା ପ୍ରଜା" ଶ୍ଳୋକରେ ଲୋକ ଶବ୍ଦଟି ପ୍ରଜାବର୍ଗ ବା ସାଧାରଣ ଜନତାକୁ ବୁଝାଉଥିବାର କଥା ସ୍ପଷ୍ଟ ହୋଇ ପଡେ। ଅମରକୋଷରେ ଏହା ଅର୍ଥ 'ଜନ' ବା 'ଭୁବନ' । ସିଦ୍ଧାନ୍ତ କୌମୁଦି ଅନୁସାରେ 'ଲୋକଦର୍ଶନେ' ଧାତୁରେ 'ଅଞ୍' ପ୍ରତ୍ୟୟ ହୋଇ 'ଲୋକ' ଶବ୍ଦ ଗଠିତ ହୋଇଛି। (ସାହୁ ୨୦୧୮:୧୧)। ଏତତ ବ୍ୟତିତ ବେଦ, ଉପନିଷଦ, ଅଗ୍ନିପୁରାଣ, ମହାଭାରତ ଆଦି ପ୍ରାଚ୍ୟ ଗ୍ରନ୍ଥଗୁଡିକରେ ବିଭିନ୍ନ ଅର୍ଥରେ ଏହାର ବହୁଳ ପ୍ରାୟୋଗ ଦେଖିବାକୁ ମିଳେ।

ଇଂରାଜୀ Folklore ଶବ୍ଦର ବିକଳ୍ପ ଭାବରେ ଅନେକେ ଲୋକ ସଂସ୍କୃତିକୁ ଗ୍ରହଣ କରନ୍ତି। ଏହି ଲୋକ ସଂସ୍କୃତିକୁ ରିଚାର୍ଡ ଡରସନ 'Folklore and folk life:an introduction" ପୁସ୍ତକରେ ଚାରିଭାଗରେ ଭାଗ କରନ୍ତି। ସେଥିମଧ୍ୟରୁ ମୌଖିକ ସାହିତ୍ୟ ବା ଲୋକ ସାହିତ୍ୟ ଏକ ଅନନ୍ୟ ଓ ଅନ୍ୟତମ ବିଭବ।

ଲୋକନାଟକ'ରେ 'ଲୋକ' ଏବଂ 'ନାଟକ' ଦୁଇଟି ଶବ୍ଦର ପରିଚୟ ଆମେ ପାଇଥାଉ । ଲୋକଜୀବନ ସହିତ ନାଟକ ଓତପ୍ରୋତ ଭାବେ ଜଡ଼ିତ । ଲୋକନାଟକ ପଛରେ ଥିଲା ଏକ ସୁଦୃଢ଼ ପରମ୍ପରା । ଭରତ ଅଭିନୟ କ୍ରିୟାକୁ ଚାରୋଟି ସୋପାନରେ ବିଭକ୍ତ କରିଥିଲେ, ଯଥା- କାୟିକ, ବାଚକ, ସାୟିକ ଏବଂ ଆହାର୍ଯ୍ୟ । 'ଲୋକ' ଏବଂ 'ନାଟ୍ୟ' ଏ ଉଭୟକୁ ଆଶ୍ରୟ କରି ଗଢ଼ିଉଠିଛି ଲୋକନାଟକ । ତେବେ ମୌଖୁକ ପରମ୍ପରା ମଧ୍ୟ ଦେଇ ଏହା ବିକାଶ ଲାଭ କରିଛି । ଲୋକନାଟ୍ୟର ପରିସର ମଧ୍ୟରେ ଆମେ ଦେଖୁ ଗୀତ, ନୃତ୍ୟ ଏବଂ ନାଟକୁ । ଏହା ସହିତ ସଂଯୁକ୍ତ ହୋଇଛି ବାଦ୍ୟ । ତେବେ ଏସବୁର ସମାହାରକୁ ଯେ ଲୋକନାଟକ କୁହାଯିବ, ତାହା ମଧ୍ୟ ପୁରାପୁରି ଠିକ୍ ନୁହେଁ । କିଛି ପାତ୍ରପାତ୍ରୀଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କାହାଣୀ ଆଙ୍ଗିକ, ବାଚକ, ସାୟିକ, ଆହାର୍ଯ୍ୟ ଅଭିନୟ ମାଧ୍ୟମରେ ଉପସ୍ଥାପନ କରାଯାଇପାରିଲେ ତାହା ନାଟକ ପଦବାଚ୍ୟ ହୁଏ । ଏଣୁ ନାଟକର ଧର୍ମ ହେଲା ଏକ ଘଟଣା ବା କାହାଣୀର ଅଭିନୟ । ନାଟକରେ କାହାଣୀ, ଚରିତ୍ର, ସଂଳାପ, ନୃତ୍ୟ, ଗୀତ, ବାଦ୍ୟ, ଦ୍ୱନ୍ଦ, ଉତ୍କଣ୍ଠା ଆଦି ରହିବ । ତେବେ ଏ ସମସ୍ତ ଆଙ୍ଗିକ ଥିବା ସୃଷ୍ଟି କୁ ଲୋକନାଟକ କୁହାଯାଇପାରିବ ନାହିଁ । କେବଳ କାହାଣୀ ଏବଂ ଅଭିନୟ ଯେଉଁ ସୃଷ୍ଟିରେ

ମୂର୍ତ୍ତିମନ୍ତ ହୋଇଥିବ, ତାହା ଲୋକନାଟକ ପଦବାଚ୍ୟ ହେବ । ଲୋକ ହୃଦୟରୁ ଝରି ଆସୁଥିବା ଲୋକଜୀବନର ଏକ ଶ୍ରଦ୍ଧାଶୀଳ ରୂପ ହେଉଛି ଲୋକନାଟକ । ଏଥିରେ ବିଦଗ୍ଧ କ୍ଲଉର ଆଡ଼ମ୍ବର ଦେବାକୁ ମିଳେନା । ଏହା ଲୋକ ହୃଦୟରୁ ଜନ୍ମ ନେଇ ପୁଣି ଲୋକ ହୃଦୟରେ ପରିବ୍ୟାପ୍ତ । ଲୋକଚରିତ୍ରର ବିଭିନ୍ନ ଭାବ ଲାସ୍ୟ ଏବଂ ଅଭିନୟ ମାଧମରେ ଲୋକାନୁରଞ୍ଜନ କରିଥାଏ । ଲୋକନାଟ୍ୟ ହେଉଛି ଏକ ସାର୍ବଜନୀନ କଳା । ଏହାର ଲେଖକ, ନିର୍ଦ୍ଦେଶକ, ଅଭିନେତା, ଦର୍ଶକ ସମସ୍ତେ ହେଉଛନ୍ତି ସାଧାରଣ ସ୍ତରର । ଏହା ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହାର ଉପଭୋକ୍ତା ହେଉଛନ୍ତି ଗ୍ରାମୀଣ ଜନତା । ସହର ବଜାରଠାରୁ ଦୂରରେ ରହିଥିବା ଅଶିକ୍ଷିତ ଅଶିକ୍ଷିତ ଗ୍ରାମୀଣ ଜନତାର ମନୋରଞ୍ଜନ ହେଉଛି ଲୋକନାଟକର ଧର୍ମ ।

ଲୋକନାଟକ ସାଧାରଣତଃ ଦୁଇଟି ରୂପରେ ଦେଖାଯାଏ ଯଥା- ସ୍ଥିର ଏବଂ ଚଳମାନ । ସ୍ଥିର ଲୋକ ନାଟକ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଭିନୀତ ହୁଏ । ଯଥା - ଗଛ ତଳ, ଖୋଲାପଡ଼ିଆ, ମନ୍ଦିରପ୍ରାଙ୍ଗଣ ବା ନାଟମନ୍ଦିର । ହେଲେ ଚଳମାନ ଲୋକନାଟକ ବିଭିନ୍ନ ସ୍ଥାନରେ ଅଭିନୀତ ହୋଇଥାଏ, ଶୋଭାଯାତ୍ରାର ନୃତ୍ୟଗୀତ ଅଭିନୟ ମାଧମରେ । ଲୋକନାଟ୍ୟର କୌଣସି ଏକ ଘଟଣାକୁ ନୃତ୍ୟ ଗୀତ ମାଧମରେ ଜନତାର ଦରବାରରେ ଉପସ୍ଥାପନ କରିଥାଏ ଚରିତ୍ର । ଅର୍ଥମୟ ଆବୃତ୍ତି, ଅନେକ ଚରିତ୍ରର ସମାବେଶ, ଉକ୍ତିପ୍ରତ୍ୟୁକ୍ତି, ଘଟଣାର କାହାଣୀକୁ ରୂପାନ୍ତର - ଏଇଭଳି ନାନା ବିବର୍ତ୍ତକୁ ସାଥୀରେ ଧରି ଆଗେଇ ଆସେ ଲୋକନାଟକ । ଆଦିମ ମଣିଷ ଶିକାର, ଲଢ଼େଇ, କୃଷିକର୍ମ ଏବଂ ଯାଦୁରେ ବିଶ୍ୱାସ କରୁଥିଲା । ତା'ର ଏ ସବୁ କାର୍ଯ୍ୟ ସଂଳାପବିହୀନ ନୃତ୍ୟଗୀତଭରା ମୂକଅଭିନୟ ଏବଂ ନୃତ୍ୟାଭିନୟ ମାଧମରେ ପ୍ରକାଶିତ ହେଉଥିଲା । ପରେ ନୃତ୍ୟ ଏବଂ ସଙ୍ଗୀତର ବହୁଳତା ସ୍ଥାନରେ ଉକ୍ତି - ପ୍ରତ୍ୟୁକ୍ତିଯୁକ୍ତ ସଂଳାପ ସ୍ଥାନ ପାଇଲା । ନୃତ୍ୟ ଓ ସଙ୍ଗୀତର ପରିମାଣ କମିଗଲା । ଅଭିନୟ ଆଗେଇ ଆସିଲା । ସଂଳାପ ଏବଂ ଅଭିନୟ ଯୁକ୍ତ ହୋଇ ଲୋକନାଟକ ଏକ ନୂଆ ରୂପରେ ପ୍ରତିଭାତ ହେଲା । ଲୋକଚିତ୍ତବିନୋଦନ ଏହାର ଉଦ୍ଦେଶ୍ୟ ଥିବାରୁ ଲୋକନାଟ୍ୟରେ ନୃତ୍ୟ - ଗୀତ ବାଦ୍ୟ - ଅଭିନୟ ପ୍ରମୁଖ ସ୍ଥାନ ହାସଲ କଲା । ଲୋକନାଟ୍ୟରେ ସଂଳାପ ସ୍ଥାନ ପାଇଲା । ଏହା କେତେବେଳେ ଗଦ୍ୟ ବନ୍ଧକା ତ ପୁଣି କେତେବେଳେ ପଦ୍ୟବନ୍ଧକା ସାଜିଥାଏ । ବେଳେବେଳେ ଲୋକନାଟକରେ ଆବଶ୍ୟକତା ଅନୁସାରେ ତତ୍କାଳୀନ ସଂଳାପ ସ୍ଥାନ ପାଇଥାଏ । ବେଳେବେଳେ ଏହି ସଂଳାପ ଅଶ୍ଳୀଳ ବା

ଅଶାଳୀନ ହୋଇଥାଏ । ତେବେ ଗ୍ରାମର ଅଶିକ୍ଷିତ ଜନସାଧାରଣଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥାଏ । କାରଣ ସେମାନେ ଏହାର ଚିତ୍ତବିନୋଦନ ଧର୍ମ ଭିତରେ ମଗ୍ନ ଥାଆନ୍ତି ।

## ସୁବର୍ଣ୍ଣପୁର ର ଲୋକନାଟକ

---------------------------------------

ସୁବର୍ଣ୍ଣପୁର ଜିଲ୍ଲା ଏକ ସାଂସ୍କୃତିକ ସହର ହେଇଥିବା ହେତୁ ଏହାର ଲୋକନାଟକ ଗୁଡିକ ଖୁବ ଉନ୍ନତ ଓ ମାନମୁଲ୍ଯକର ମଧ ସୋନପୁର ଅଞ୍ଚଳରେ ଦେଖା ଦେଉଥିବା କେତେକ ଲୋକ ନାଟକ ହେଲା;-

୧)ଦଣ୍ଡନାଟ
୨)ରାମଲଲା
୩)ଧନୁଯାତ୍ରା
୪)ସୁଆଙ୍ଗ
୫)ଦାସକାଠିଆ
୬)କୃଷ୍ଣ ଲୀଳା
୭)ସରମଙ୍ଗଳା ବୁଲା
୮)ଗୁଗୁ ନାଦିଆ
୯)ପର୍ଶୁରାମ ନାଟ
୧୦)ଯାତ୍ରା

ଏତତ୍ ବ୍ୟତିତ ଆହୁରି ଅନେକ ଆଞ୍ଚଳିକ ଲୋକନାଟକ ଗୁଡ଼ିକ ଅଛି ।ଏଗୁଡ଼ିଆ ମଧରେ ଦଣ୍ଡନାଟ ସବୁଠାରୁ ଅନନ୍ୟ ଓ ଅନ୍ୟତମ।

## ସୁବର୍ଣ୍ଣପୁର ର ଦଣ୍ଡନାଟ

----------------------------

ଲୋକଗୀତ ଓ ଲୋକ ନୃତ୍ୟର ସମନ୍ୱୟ ରୁ ଲୋକନାଟ୍ୟର ଉତ୍ପତ୍ତି । ଲୋକ କଳାର ପୂର୍ଣ୍ଣ ଆତ୍ମପ୍ରକାଶ ଲୋକନାଟ୍ୟରେ ଫୁଟି ଉଠିଥାଏ । ନୃତ୍ୟ ଓ ଗୀତ ଏ ଦୁଇ ଉପାଦାନର

ଅଭାବରେ ଲୋକନାଟ୍ୟ ହୋଇ ନ ପାରେ । (ଦାସ ସର୍ବେଶ୍ୱର, ଓଡ଼ିଆ ନାଟ୍ୟ ସାହିତ୍ୟ- ୧୯୮୦, ପୃ/୦୫ ) ଲୋକନାଟ୍ୟକୁ ଆଲୋଚକମାନେ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମଟି ସଂଳାପବିହୀନ ଗୀତନୃତ୍ୟ ସର୍ବସ୍ ଲୋକନାଟ୍ୟ, ଯଥା ପାଲା ଓ ଦାସକାଠିଆ ; ଦ୍ୱିତୀୟଟି ସଂଳାପ ସଙ୍ଗୀତବହୁଳ ନାଟକୀୟ ଅଙ୍ଗିକଯୁକ୍ତ ସଂପୂର୍ଣ୍ଣ ଲୋକନାଟକ, ଯଥା – ଲୀଳା, ଯାତ୍ରା, ସୁଆଙ୍ଗ, ଗୀତିନାଟ୍ୟ, ଗୀତାଭିନୟ ଆଦି ) କାବ୍ୟରୁ ନାଟକର ଉଦ୍ଭବ ଓ ବିକାଶ ହୋଇଅଛି । (ଦାସ ସର୍ବେଶ୍ୱର, କୁହାଯାଏ।

ଶୈବଧର୍ମ ପ୍ରଖ୍ୟାପନ ପାଇଁ ଏହି ଦଣ୍ଡଯାତ୍ରା ବା ଦଣ୍ଡନାଟ ମେଷ ସଂକ୍ରାନ୍ତିର ଏକୋଇଶ ଦିନ ପୂର୍ବରୁ ପାଳନ କରାଯାଏ । ଏହି ଅଞ୍ଚଳରେ ଚଇତ୍ର ଶୁକ୍ଳପକ୍ଷରେ ତେର ଦିନ ପାଇଁ ଦଣ୍ଡଯାତ୍ରା ପାଳିତ ହୁଏ । ନବମ ଦଶମ ଶତାବ୍ଦୀରେ କୋଶଳର ସୋମବଂଶୀ ରାଜାମାନେ ବୌଦ୍ଧଧର୍ମକୁ ପ୍ରତିହତ କରି ଶୈବଧର୍ମର ପ୍ରସାର ଉଦ୍ଦେଶ୍ୟରେ ଦଣ୍ଡଯାତ୍ରାର ପ୍ରଚଳନ କରିଥିଲେ । (ନେପାକ, ଭାଗିରଥି -ଓଡ଼ିଶାର ଆଦୀବାସୀ ) ପୁଣି ବୌଦ୍ଧ ସହଜଯାନର ପରକୀୟା ପ୍ରୀତିମୂଳକ ତନ୍ତ୍ରମତ ସମର୍ଥିତ ଯୌନାଚାର ଲୌକିକ ସ୍ତରରେ ବିଡ଼ମ୍ବିତ ହେଲାବେଳକୁ ଶୈବଧର୍ମର ପୁନରଭ୍ୟୁଦୟ ହୋଇ ଇନ୍ଦ୍ରିୟ ସଂଯମ ଓ ନିଷ୍ଠାକୁ 'ଦଣ୍ଡ ମଧ୍ୟରେ ପ୍ରତୀକାତ୍ମକ ରୂପେ ଗ୍ରହଣ କରି ଦଣ୍ଡଯାତ୍ରା ପ୍ରଚଳନ ହୋଇଥିଲା ବୋଲି କୁହାଯାଏ। (ଦାସ ରାଇଚରଣ, ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ୧୯୮୧ ପୃ- ୧୫୮)।

'ଦ' ଅର୍ଥ ସ୍ତ୍ରୀ ବା ପ୍ରକୃତି ଓ 'ଣ୍ଡ' ଅର୍ଥ ପୁରୁଷ । ଏହି ପ୍ରକୃତି ପୁରୁଷର ମିଳନରେ ସୃଷ୍ଟି ଉତ୍ପତ୍ତି ତଥା ବ୍ରହ୍ମଜ୍ଞାନ ନହିତ । ଦଣ୍ଡଜନ୍ମରେ ଅଛି ଦ' ଅକ୍ଷର ପୀରି ଅଣ୍ଡପୁରୁଷ । ଶାସ୍ତ୍ର ମତରେ ହୋଇଛି ବିଖ୍ୟାତ ମାତା ଅପର୍ଣ୍ଣା ପିତା ନିରାକାର । ଶିବ ପଞ୍ଚାକ୍ଷର କରେ ଆହାର ହର ନୋହିଲେ ପ୍ରସନ୍ନ ଯେ, ଯେ ଦଣ୍ଡ କରିବ ବିଫଳ ହୋଇବ ତାର କ୍ରିୟାକର୍ମମାନ ଯେ । (ଭିକାରୀ ଦାସ – ଦଣ୍ଡଜନ୍ମ ପାଣ୍ଡୁଲିପି) ଏକ କଠୋର ଶୃଙ୍ଖଳାବଦ୍ଧ ସଂଯମନିଷ୍ଠ ବ୍ରତ ରୂପେ ଏହି ଦଣ୍ଡଯାତ୍ରା ତେରଦିନ ପାଇଁ ତେର ଭଗତା ସହିତ ପାଟଭଗତା ଓ ବାଦ୍ୟକାର ଭାରୁଆ ଆଦି ପାଳନ କରିଥାନ୍ତି । 'ଶିବ ଚନ୍ଦ୍ରିକା'ରେ ଶିବଙ୍କ ମହିମା ପ୍ରଖ୍ୟାପନ ସହିତ କଣ୍ଠୁ, କପିଳ, ପରାଶର, ଶୁକ, ଜନକ ଆଦି ତେର ଭଗତା ଓ ପାଟ ଭଗତା, କନ୍ଦର୍ପ ଓ ରତି,

ବୀଣାକାର ଓ ବୀଣାକାରିଣୀଙ୍କ ଜନ୍ମ ଓ ମହିମା, ଦୁର୍ଗାଙ୍କ ତେଜପ୍ରଭା ଦ୍ୱାରା ଅସୁରକୁ ମାରିବା ଆଦି ଅନେକ ପୌରାଣିକ ଆଖ୍ୟାନ ରହିଛି ।

## ଧୂଳିଦଂଡ । ଭୂମିଦଂଡ :

ଦଂଡନାଟକୁ ମୂଳତଃ ତିନୋଟି ମୁଖ୍ୟ ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ । ଧୂଳିଦଂଡ, ଭୂମିଡ, ପାଣିଦଂଡ ଓ କଂଡ । ମଝିରେ ପ୍ରକ୍ଷେପ ଭାବରେ ବିଭିନ୍ନ ଆଖ୍ୟାୟିକା ନୃତ୍ୟ ଯୋଗ କରାଯାଏ । ଧୂଳି ଦଂଡ ବା ଭୂମି ଦଂଡ ହେଉଛି ଦଂଡ ନାଟର ପ୍ରାଥମିକ ଓ କଠୋର ପର୍ଯ୍ୟାୟ । ଏହି ନୃତ୍ୟ ଦିନ ବାରଟାର ଅସହ୍ୟ ଖରା ଓ ଝାଞ୍ଜିରେ ଗାଁ ଦାଣ୍ଡରେ ଆରମ୍ଭ ହୋଇ ଦିନ ଦୁଇଟା ଯାଏଁ ଚାଲେ । ଏଥିରେ ଶିବ ପାର୍ବତୀଙ୍କୁ କୃଷି ଦେବତା ଭାବରେ ପୂଜା ଓ ଚନ୍ଦନ କରାଯାଏ । ସମାଜିକ ଜୀବନର ପ୍ରଚଳିତ ରୂପଚିତ୍ର ଓ କୃଷି ଭିତ୍ତିକ ଚରିତ୍ର ଏଥିରେ ଉପସ୍ଥାପନ କରାଯାଏ । କଳାକାରମାନେ ଗୀତ ଗାଇ - ଗାଇ ଧୂଳିରେ ଗଡ଼ି ଯାଆନ୍ତି । ବୀଣାବାରିଆ ଏହାର ପ୍ରଧାନ ଗାୟକ । ବିଧିବଦ୍ଧ ପୂଜା ଅର୍ଚ୍ଚନା ପରେ ଢୋଲ ବାଜି ଉଠେ । ଚାରି - ଚାରି ଜଣ ଭକତା ଚାରିକୋଣିଆ ଭାବରେ ଗୋଡ଼ ମୁଣ୍ଡ ଯୋଡ଼ି ଧାନ କିଆରିର ଦୃଶ୍ୟ ତିଆରି କରନ୍ତି । ଦୁଇଜଣ ଭକତା ବଳଦ ହୁଅନ୍ତି । ଜଣେ ହଳିଆ ହୋଇ କୃଷିକାରୀ ଶିବଙ୍କ ଭାବରେ ଚାଷ କାମ କରେ । ଧୂଳିର ଧାନ, ମୁଗ, ବିରି, କୋଳଥ ଧୂଳିର କିଆରିରେ ବୁଣାଯାଏ । ପାଣି ମଡ଼ାଯାଏ । ପଥର ଖୋଳାଯାଏ । ଫସଲ ଅମଳ କରାଯାଏ । ଦେବତାଙ୍କ ମାନବୀକରଣ କରି କୃଷି ଭିତ୍ତିକ ଲୋକ ସଂସ୍କୃତି, ଲୋକ ଧର୍ମ ଓ ଲୋକ ବିଶ୍ୱାସର ପ୍ରତୀକ ଏହି ଦଂଡ । ଏହି କଠୋର ଦଂଡନୃତ୍ୟ ଦ୍ୱାରା ସକଳ ପାପରୁ ମୁକ୍ତି ମିଳେ ବୋଲି ଲୋକବିଶ୍ୱାସ ରହିଛି । ଦ୍ୱିପହରର ପ୍ରଚଣ୍ଡ ଖରାରେ ଭକତାମାନେ ଭୂମିରେ ଗଡ଼ି , ଶୋଇ ଏ ନୃତ୍ୟାନୁଷ୍ଠାନ କରି ନିଷ୍ଠାର ପରିଚୟ ଦେଇଥାନ୍ତି । ଏ ପ୍ରାୟଶ୍ଚିତ୍ତ ମୂଳକ କଂଡଭୋଗ ହିଁ ଦଂଡର ଆଦ୍ୟରୂପ ।

## ପାଣିଦଂଡ :

ଦିନ ବାରଟାରୁ ଆରମ୍ଭ ହୋଇଥିବା ଧୂଳିଦଂଡ଼ର ଉଦ୍ଯାପନ ପର୍ବ ହେଉଛି ପାଣିଦଂଡ ବା 'ପାଏନ୍ ଡ୍' । ଭକତାମାନେ କଠୋର ଖରା ଓ ତାତିଲା ବାଲିରେ ଝାଳନାଳ ହୋଇ

କରିଥିବା ଧୂଳି ଡର ପରେ ଦିନର ପ୍ରାୟ ଦୁଇଟା ବେଳେ ଅଳପ ସମୟ ଲାଗି ବିଭିନ୍ନ ଗ୍ରାମ୍ୟ ଚରିତ୍ର ଓ ଘଟଣାବଳୀକୁ ନେଇ ଏହି ପାଣିଦଂଡ ଅନୁଷ୍ଠିତ ହୋଇଥାଏ । ମହୁଲ ପଶ୍ଚିମ ଓଡ଼ିଶାର ଏକ ବିଶିଷ୍ଟ ଅର୍ଥକାରୀ ଫସଲ । ପାଣିର ପ୍ରଥମ ପର୍ବରେ ଅନେକ ସମୟରେ ମହୁଲର ପରିଚୟ, ଗୁଣ, କାର୍ଯ୍ୟକାରିତା, ଉପଯୋଗିତା ଓ ଆହରଣ ପ୍ରଣାଳୀ ବର୍ଣ୍ଣିତ ହୋଇଥାଏ । ସାଧାରଣତଃ ଚୈତ୍ର ମାସରେ ହିଁ ଏହା ଅମଳ କରାଯାଇଥାଏ ଓ ଏହି ମାସରୁ ହି ଦଂଡନୃତ୍ୟର ଆରମ୍ଭ । ହାସ୍ୟରସ ମାଧ୍ୟମରେ କୃଷିପର୍ବର ଅବତାରଣା ଏହାର ମୁଖ୍ୟ ଉପଜୀବ୍ୟ । ଏହି ପାଣିଦଂଡରେ ଭକତାମାନେ କ୍ଳାନ୍ତ ଓ ତାପ ନିବାରଣ ନିମନ୍ତେ କାକୁଡ଼ି, ତରଭୁଜ । ଆଦି ବିଭିନ୍ନ ଜଳପ୍ରଧାନ ଫଳ ଗ୍ରହଣ କରିଥାନ୍ତି ।

**ଦଂଡ :**

ଧୂଳି ଦଂଡ ଓ ପାଣି ଦଂଡ ପରେ କିଛି ସମୟ ବିଶ୍ରାମ ନେଇ ପରେ ରାତ୍ରିର ପ୍ରଥମ ଭାଗରେ ମୁଖ୍ୟ ଦଂଡ ନୃତ୍ୟ ଆରମ୍ଭ ହୋଇଥାଏ । କାମନା ଓ କାଳକାର ଭକ୍ତ ଭାବରେ ଭକତାମାନେ ନୃତ୍ୟ କରନ୍ତି ଓ ପ୍ରାଚୀନ ଓଡ଼ିଆ କବିଙ୍କ ଲେଖା ସମେତ ବିଭିନ୍ନ ନାଟ୍ୟଗୁରୁଙ୍କ ଗୀତ ମଧ୍ୟ ବୋଲନ୍ତି । ଦଂଡନାଟ ମଧ୍ୟ ଆଶୁ କବିତ୍ୱର ଏକ ପ୍ରକୃଷ୍ଟ ଉଦାହରଣ । ନୃତ୍ୟରେ ରାମାୟଣ, ମହାଭାରତ, ପୁରାଣ ଓ ଅନ୍ୟାନ୍ୟ କଥା ଗୀତ ଆକାରରେ ପ୍ରକାଶ କରାଯାଏ । ପ୍ରାରମ୍ଭିକ ନୃତ୍ୟଟି ଭାବ ଗମ୍ଭୀର ଓ ପରେ ଏହା ହାଲୁକା ହୋଇ ଆସେ । ଏତେ ବେଳକୁ ପ୍ରଚଳିତ ଲୋକଭାଷାର ବ୍ୟବହାର ବେଶି । ଦଂଡ ପ୍ରାରମ୍ଭରେ ଛତ୍ର ପୂଜା ଓ ଛତ୍ର ବନ୍ଦନା କରାଯାଏ । ଆରମ୍ଭଟା ବିର୍ଦ୍ଧେଶ ଗଣେଶ ବନ୍ଦନାରୁ ହୁଏ । କଳାରଙ୍ଗର ବସ୍ତ୍ରରେ ତିଆରି ଗୋଲାକାର ଛତ୍ରଟି ବିଭିନ୍ନ ଫୁଲରେ ମଣ୍ଡିତ ହୋଇଥାଏ । ଛତ୍ର ତଳେ ପିଢ଼ା ବା କାଷ୍ଠାସନରେ ଅଧିଷ୍ଠିତ ଦଂଡ ଦେବତା ଈଶ୍ୱରଙ୍କ ପ୍ରତୀକ ଧୂପଦୀପ ନୈବେଦ୍ୟରେ ପୂଜା ଅର୍ଚ୍ଚନା ପରେ ପ୍ରଭା ନୃତ୍ୟ ଆରମ୍ଭ ହୁଏ ।

**ପ୍ରଭାନୃତ୍ୟ :** ଛତ୍ରପୂଜା ପରେ ପ୍ରଭା ନୃତ୍ୟର ଅବତାରଣା । ଶିବ ତାଣ୍ଡବ ହିଁ ପ୍ରାରମ୍ଭିକ ପ୍ରଭା ନୃତ୍ୟ । ଜଣେ ଅଭିଜ୍ଞ ଭକତା ଅଣ୍ଟାରେ କଳା ଛିଟର ଘାଘରା ଓ ଘୁଙ୍ଗୁରମାଳ ପିନ୍ଧି, ପାଦରେ ଘୁଙ୍ଗୁର ବାନ୍ଧି ଚତୁଷୋଣ ବା ଦୀଡ ଭଳି ଲମ୍ବମାନ ମଞ୍ଚକୁ ବାଦ୍ୟର ତାଳେତାଳେ, ଜଳ - ଜଳ, ଝୁଲିଝୁଲି ପ୍ରବେଶ କରନ୍ତି । ପିଠିରେ ବାଉଁଶ ତିଆରି ଅଗୋଲାକାର ବିରାଟ

ପ୍ରଭୁ ଥାଏ । ଦୁଇ କାନ୍ଧ ତଳକୁ ଝୁଲି ଆସୁଥିବା ଉତ୍ତରୀୟ ବା ଗାମୁଛାକୁ ଦୁଇ ହାତରେ ଧରି ବିଭିନ୍ନ ଭଙ୍ଗୀରେ ଝୁଲି ଦୋହଲି ନୃତ୍ୟ କରନ୍ତି । ଜୁଲିଆ ପ୍ରଥମେ ଅବରୋହରୁ ଆରମ୍ଭ କରି ଦୃତ ଓ ଶେଷରେ ପ୍ରବଳ ବେଗରେ ଢେର ବଜାଇ ଥାଏ । ନୃତ୍ୟ ମଧ୍ୟ ସେଇ ଗତିରେ ଆଗେଇ ଚାଲିଥାଏ । ଧିମାରୁ ପ୍ରବଳ, ପ୍ରବଳତର ଓ ପ୍ରବଳତମ ଗତିରେ ନୃତ୍ୟ କରି ନର୍ତ୍ତକ ଅସାଡ଼ି ହୋଇ ପଡ଼ିଗଲା ମାତ୍ରକେ ଦଳର ଅନ୍ୟ ଭକତା କଳାକାରମାନେ ତାକୁ ଭିତରକୁ ଟେକ ନଅନ୍ତି ।

### ବୀଣାବାରିଆ ନୃତ୍ୟ :

ବୀଣାବାରିଆ ପାତ୍ରଟି ଦଂଡନାଟର ଏକ ମୁଖ୍ୟ ଓ ଆକର୍ଷଣୀୟ ଚରିତ୍ର । ଏହା ଜଣେ ସୁଲଳତ କଣ୍ଠୀ ଭକତା ହିଁ ସଂପାଦନ କରେ । ପ୍ରଭୁ ନୃତ୍ୟ ପରେ ବୀଣାବାରିଆ ମଞ୍ଚକୁ ଆସେ । ହାତରେ ବୀଣା ପରି ଏକ ସୁଶୋଭିତ ଦଂଡ ରହିଥାଏ । ଦଂଡଟି ବିଭିନ୍ନ ରଙ୍ଗର ଛୋଟଛୋଟ ଲୁଗା ଖଣ୍ଡ ଓ ବାନାରେ ଆବୃତ । ମୟୂର ଝାଲରେ ସଜ୍ଜିତ । ଦଂଡର ଉଭୟ ମୁଣ୍ଡରେ ଘୁଙ୍ଗୁର ପେନ୍ଥା । ସେ ବୀଣା ବଜାଏ ନାହିଁ । ବିଭିନ୍ନ ଦେବାଦେବୀଙ୍କ ସ୍ତୁତି ଗାନ କଲାପରେ ଗାଁ ହାତରେ ଦଂଡକୁ ହଲାଇ ହଲାଇ ନାଚେ ।

### ଥେଟେଲ:

ବୀଣାକାରିଆ ପରେ ଥେଟଲ ମଞ୍ଚକୁ ଆସେ । ସେ ନୃତ୍ୟ ସାରି ଅନ୍ୟାନ୍ୟ କଳାକାରମାନଙ୍କୁ ମଞ୍ଚକୁ ଡାକେ । ତା’ ଆହ୍ୱାନରେ ଦୁଇ - ତିନ ଜଣ ଭକତା ସ୍ତ୍ରୀ ବେଶରେ ଆସନ୍ତି । ଦୀଡନାଟର ଏକ ମୁଖ୍ୟ ବିଶେଷତ୍ୱ ହେଲା ଯେ ଏଥିରେ ସ୍ତ୍ରୀ କଳାକାରମାନଙ୍କ ଯୋଗଦାନ ସଂପୂର୍ଣ୍ଣ ନଷେଧ । ପୁଅମାନେ ହିଁ ଝିଅ ଅଭିନୟ କରିଥାନ୍ତି । ଗୀତ ସବୁ ଶ୍ରୁତି ମଧୁର । ନୃତ୍ୟ ମଧ୍ୟ ଅତ୍ୟନ୍ତ ଆକର୍ଷକ । ଏବେ ଦଂଡନାଟରେ ଡାଲଖାଇ, ରସରକେଲି, ମାଏଲାଜଡ଼, ଜାଇଫୁଲ ଆଦି ଗ୍ରାମ୍ୟ ଲୋକଗୀତର ସମାବେଶ ଘଟିଛି ।

### ଭାଇଧନ :

ମନୋରଞ୍ଜନ, ଶିକ୍ଷା ଓ ରାଜନୈତିକ ସମସ୍ୟା ସଂବଳତ ଭାଇଧନ ଦଂଡନାଟର ଏକ ପ୍ରକ୍ଷିପ୍ତ ଅଂଶ । ଏହି ନୃତ୍ୟରେ ଗୀତର ଘୋଷ “ଭାଇଧନ” ହୋଇଥିବାରୁ ସେହି ଅନୁସାରେ ଏହାର ଏମିତି ନାମକରଣ ହୋଇଛି । ଏଥିରେ ଗାୟକ ଶାସ୍ତ୍ର ପୁରାଣ ତର୍କ ମଧ୍ୟ କରିଥାନ୍ତି।

କଥା - ଉପକଥା ମାଧ୍ୟମରେ ଆଧ୍ୟାତ୍ମିକ ଓ ଦାର୍ଶନିକ ତଥ୍ୟର ଅବତାରଣା ଲୋକଗୀତ ମାଧ୍ୟମରେ ପରିବେଷଣ କରାଯାଇଥାଏ ।

ଭାଲୁଆ ନୃତ୍ୟ :

ରାମାୟଣର ଜାମ୍ବବାନ ଚରିତ୍ର ସମ୍ବଳିତ ଭାଲୁଆ ନୃତ୍ୟ ଏକ ପ୍ରକ୍ଷିପ୍ତ ନୃତ୍ୟ । ସେହିପରି ଶବର- ଶବରୁଣୀ, ଚଢ଼େୟା - ଚଢ଼େୟାଣୀ, ପତ୍ରସଉରା - ସଉରାଣୀ, ବୀଣାକାର - ବୀଣାକାରୁଣୀ, ରାଧାକୃଷ୍ଣ ନୃତ୍ୟ, ବୌଡ଼ିବୁଡଲ ଆଦି ପ୍ରକ୍ଷିପ୍ତ ନୃତ୍ୟ ବିଶେଷ । ଏହି ନୃତ୍ୟଗୁଡ଼ିକ ସମାଲୋଚନା ମୂଳକ, ହାସ୍ୟରସାତ୍ମକ ଓ ଚରିତ୍ରମାନେ ମୂଳତଃ ଆଦିବାସୀ ସଂପ୍ରଦାୟର ।

ବାଣ୍ଟିବୁଡଲ : ରାତ୍ରିର ବିଳମ୍ବିତ ପ୍ରହରରେ ରାଧାକୃଷ୍ଣ ଲୀଳା ସମ୍ବଳିତ ପ୍ରକ୍ଷିପ୍ତ ନୃତ୍ୟ ବୌଡ଼ିବୁଡର ଫଡନାଟର ଏକ ଅନ୍ୟତମ ଆକର୍ଷଣ । ପଶ୍ଚିମ ଓଡ଼ିଶାରେ ଏହି ନୃତ୍ୟଟି ଏତେ ଲୋକପ୍ରିୟ ଯେ ଅନେକତ୍ର ଏକ ସ୍ୱତନ୍ତ୍ର ନୃତ୍ୟଭାବେ ମଧ୍ୟ ଏହାର ଲୋକପ୍ରିୟତା ଦଂଡନାଟଠାରୁ ବି ବେଶି । ବାଣ୍ଟି ହେଉଛି ନପୁଂସକ ଚନ୍ଦ୍ରସେଣାର ଭଉଣୀ । ଏହାର କାବ୍ୟ ରୂପ କୁଟିଳା । କୁଳଟା ରାଧାଙ୍କୁ ଜଗିବା, ତାଙ୍କର ସେବା କରିବା ହିଁ ବୌଡ଼ିର ପ୍ରଧାନ କାର୍ଯ୍ୟ । ବୌଡ଼ି ଏକ ଅସ୍ଥିର ନାରୀ ଚରିତ୍ର । ସେ ଚତୁରୀ । ରାଧାଙ୍କ ଅପବାଦ ନାଗରାରେ ଅତିବା ମୁଖରା । ଏହି ଅସହଣୀ ପ୍ରକୃତିର ନାରୀ ଚରିତ୍ର ହିଁ ନୃତ୍ୟର ମୁଖ୍ୟ ସୂତ୍ରଧର ।

ସୁଆଙ୍ଗ - ଦାଣ୍ଡୁଆଳ ପରେ ଆରମ୍ଭ ହୁଏ ମୁଖ୍ୟ ଦଣ୍ଡନାଟର ପରିବେଷଣ ଯାହାକୁ ସୁଆଙ୍ଗ ବୋଲି କୁହାଯାଏ । ଏଥିରେ ଷୋହଳଟି ସୁଆଙ୍ଗ ବା ପରେ ପନ୍ଦର ଯୋଡ଼ ( ପୁରୁଷ - ସ୍ତ୍ରୀ) ଓ । ଜଣେ ଏକକ କଳାକାର ନୃତ୍ୟ ପରିବେଷଣ କରିଥାନ୍ତି । ଷୋହଳଟି ସୁଆଙ୍ଗକୁ ଷୋହଳଟି ଭିନ୍ନ ବାଦ୍ୟ ମଧ୍ୟ ଏଥିରେ ସନ୍ନିହିତ । ଦଣ୍ଡ ନୃତ୍ୟବିମାନଙ୍କ କହିବା ଅନୁଯାୟୀ ଦଣ୍ଡନାଟର ଷୋହଳଟି ସୁଆଙ୍ଗ ଏହିପରି : ( ୧ ) ହାଡ଼ି - ହାଡ଼ିଆଣି, ( ୨ ) ଦଣ୍ଡ ବା ଝୁଣା ଖେଳ ( ଦୁଇ ଜଣ ), ( ୩ ) ପରଭା - ପରିଭାଣୀ, ( ୪ ) ଈଶ୍ୱର - ପାର୍ବତୀ, (୫ ) ଚଢ଼େୟା - ଚଢ଼େୟାଣୀ, ( ୬ ) ଫକୀର - ଫକରାଣୀ, ( ୭ ) ନବଛକା - ନବିଛକ, ( ୮ ) ଶାଳୀ - ଭିଣୋଇ, ( ୯ ) କେଳା - କେଳୁଣୀ, ( ୧୦ ) ଭାଲୁଆ ଭାଲୁଆଣୀ, ( ୧୧ ) ଯୋଗୀ - ଯୋଗିଆଣୀ, ( ୧୨ ) ଦିଅର - ଭାଉଜ, ( ୧୩ )

ବାଇଧନ, ( ୧୪ ) ଶବର - ଶବରୁଣୀ, ( ୧୫ ) ପନ୍ଧ ସଉରା - ପନ୍ଧ ସଉରାଣୀ, (୧୬) ବୀଣାକାର - କାରୁଆଣୀ ।

ତେବେ ସମଗ୍ର ପଶ୍ଚିମ ଓଡ଼ିଶା ସମେତ ଫୁଲବାଣୀର କେତେକାଂଶରେ ପରିବେଷଣ ହେଉଥିବା ଦଣ୍ଡନାଟ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ ହୋଇଥିବା ଦୃଷ୍ଟିକୁ (ଯାହା ପୂର୍ବରୁ ସୂଚାଇ ଦିଆ ଯାଇଛି ) ଆସେ । ଯଥା : - ଲୀଳାଦଣ୍ଡ ଓ ସୁଆଙ୍ଗ । ଉଭୟ ଦଣ୍ଡନାଟ ମୁଖ୍ୟତଃ ଆଦିବାସୀ ଓ ଗ୍ରାମ୍ୟ ଭିତ୍ତକ ହେଲେହେଁ ଏଥିରେ ବେଦ, ଉପନଷଦ, ରାମାୟଣ ଓ ମହାଭାରତର ପ୍ରଭାବ ସୁସ୍ପଷ୍ଟ ଓ ଦଣ୍ଡର ପ୍ରତ୍ୟେକଟି ଚରିତ୍ରରେ ଭାରତୀୟ ପୌରାଣିକ ଉପାଖ୍ୟାନ ସନ୍ନିବେଶିତ ପୁରାଣର କାହାଣୀକୁ ଗାଁ ଦାଣ୍ଡର ଦଣ୍ଡକବି ଖୁବ ସୁନ୍ଦର ଭାବରେ ଟାଣି ନେଇ ଗ୍ରାମ୍ୟ ଜୀବନ, ଗ୍ରାମ୍ୟ ଗୀତି ବା ଲୋକ ଗୀତ ସହ ଖୁବ୍ ସୁନ୍ଦର ଭାବରେ ସଂଯୋଜନା କରିଛି । ଯେଉଁଥିରେ ଅହଂକାର, ରସ, ଛନ୍ଦ , ଲୟ ଓ ଲାଳତ୍ୟର ସୁମଧୁର ସମାବେଶ ହୋଇ ଗ୍ରାମ୍ୟ ମଣିଷର ହୃଦୟର ବାଣୀକୁ ଗାଁ ଗାଁରେ ପରଶି ପାରିଛି ।

## ଉପସଂହାର

ଦଣ୍ଡନାଟ ହେଉଛି ଲୋକସଂଗୀତ ଓ ଲୋକସାହିତ୍ୟର ଅମୂଲ୍ୟ ଗନ୍ତାଘର । ଗ୍ରାମର ନିରକ୍ଷର ଲୋକ ହେଉଛନ୍ତି ଏହାର ଦିଗ୍ଦର୍ଶକ । ଏମାନଙ୍କ ଢଗ ଢମାଳ, ଗୀତ ପ୍ରଭୃତି ପରମ୍ପରାନୁକ୍ରମେ ଦଣ୍ଡନାଟରେ ବିଦ୍ୟମାନ । ଏଥିରେ ଅତିରଂଜନ ନାହିଁ, ବାହୁଲ୍ୟ ନାହିଁ, କିନ୍ତୁ ଲୋକଙ୍କ ହୃଦୟ ରୁ ସୃଷ୍ଟି ହୋଇ ସାଧାରଣ ଜନତାଙ୍କ ହୃଦୟରେ ସ୍ୱତଃ ଅଭିଷିକ୍ତ ହୋଇଯାଇଛି । ଗ୍ରାମ୍ୟ ମୁକ୍ତଚ ଏ ନାଟକର । ସାହିତ୍ୟର ଚାରଣ ଭୂମି । ଗ୍ରାମର ଜନସାଧାରଣ ଦଣ୍ଡନାଚକ ପ୍ରକୃତ ରସିକ ।

## ସହାୟକ ଗ୍ରନ୍ଥ ସୂଚୀ:-

୧-ଡ଼ଃ.ପସାୟତ ଚନ୍ଦ୍ରସେନ,  "ଦଣ୍ଡନାଟ ଧାରା ଓ ଧାରଣା", ପଶ୍ଚିମ ଓଡିଶା ବିକାଶ ପରିଷଦ,ଭୁବନେଶ୍ୱର।୨୦୦୯

୨-ସାମଲ ପ୍ରଫେସର ବୈଷ୍ଣବ ଚରଣ, "ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ", ଫ୍ରେଣ୍ଡ ପବ୍ଲିସର୍ଶ,ବିନୋଦ ବିହାରୀ କଟକ-୧୯୯୮

୩-ସାହୁ ପ୍ରଫେସର ନାରାୟଣ, "ଲୋକସଂସ୍କୃତି-ଲୋକସାହିତ୍ୟ', ଚନ୍ମୟ ପ୍ରକାଶନ, ବିନୋଦ ବିହାରୀ କଟକ-୨୦୦୮

୪-ମହାରଣା ଡ଼ଃ.ସୁରେନ୍ଦ୍ର ମହାରଣା, "ଓଡ଼ିଆ ସାହିତ୍ୟର ଇତିହାସ" , ଓଡିଶା ବୁକ ଷ୍ଟୋର୍, ବିନୋଦ ବିହାରୀ କଟକ-୨୦୦୧

୫-ଆଗ୍ରୱର୍ଯ୍ୟ ବୃନ୍ଦାବନ, "ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ", ଗ୍ରନ୍ଥ ମନ୍ଦିର,ବିନୋଦ ବିହାରୀ କଟକ-୧୯୭୫

୬- ଦାସ ସର୍ବେଶ୍ୱର, "ଓଡ଼ିଆ ନାଟ୍ୟ ସାହିତ୍ୟ"- ୧୯୮୦

୭-ଏଷଣା ତୃତୀୟ ଖଣ୍ଡ ୧୯୯୯୨

୮-ଉତ୍କଳ ପ୍ରସଙ୍ଗ ଚତୁର୍ଥ- ୨୦୧୪

ନ-ବଡାଲି, ପୋଷ୍ଟ-ଉଲୁଣ୍ଡା, ଜିଲ୍ଲା-ସୁବର୍ଣପୁର
ମୋ-୭୯୭୮୨୩୮୬୦୬

# ସ୍ମୃତି



ଭାସ୍କର ଚନ୍ଦ୍ର ଖଣ୍ଡା

ଖୋଜେ ମନ ତୁମକୁ ଆଜିବି
ଲୁଚକାଳି ଖେଳ ପରି ଗଲ ତୁମେ ଲୁଚ
ସତେ ଅବା ଅନ୍ଧକାର ଭିତରେ
କରୁଛି ବିଜୁଳି ପୋକ ଚକ୍ ମିକ୍
ଜୁଳୁଜୁଳୁ ହୋଇ ତମେ ଦିଶୁଛ
ସେଇ ଝାପସା ଝାପସା ଦେଖାରେ
ଅଶାନ୍ତି ଭିତରେ ଖୋଜୁଛି ଶାନ୍ତି
ଲାଗୁଛି ସେ ସବୁ ଥିଲା ସ୍ୱପ୍ନ
ସତରେ କଣ ଘଟିଥିଲା ସେ ସବୁ ? ।୧।

ଲାଗେ ଆଜି ଯାହା ସ୍ୱପ୍ନ ପରି
ଥିଲା ତାହା ବାସ୍ତବରେ ସତ
ତାକୁ କଣ ପାଶୋରି ହୁଏ ? ।୨।

ଗାଧୋଇ ସାରି
କେଉଁ ଏକ ସୁନ୍ଦର କଶୋରୀ
ଗାଆଁ ପୋଖରୀ ଘାଟରୁ ଉଠୁଛି
ଭିଜା ଶାଢୀଟା ଚପକ ଯାଇଛି
ଦେହ ଯାକ ଏମିତି ଗୁଡେଇ ଯାଇଛି
ଯେମିତି ଅଲଗା କରି ହେବନ

କୁହ
ତୁମକୁ କେମିତି ଅଲଗା କରିବି "ସ୍ମୃତି"? ।୩।

ତମେ ସେଇ ଅତୀତ
ଦୁକୁଦୁକୁ ହୋଇ ଜଳୁଥିବା
ଚୁଲ୍ଲି ତଳର ଅଲିଭା ଅଂଗାର
ତମକୁ ମୁଁ ପ୍ରେମ କରେ
ତମକୁ ମୁଁ ଭଲପାଏ
ତମେ ସେଇ ସ୍ୱପ୍ନର ନାୟିକା
ହୃଦୟର ସ୍ପନ୍ଦନ
ଅତୀତର ଅଭୁଲା କୃତି
ପ୍ରାଣପ୍ରିୟା "ସ୍ମୃତି" ।୪।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେଷିଡେନ୍ସି, କେଶୁରା
ଭୁବନେଶ୍ୱର

# କବି ଓ କବିତା



ବିନୟ ଭୂଷଣ ପାଣିଗ୍ରାହୀ(ମିଟୁ)

ଲେଖିବିନ ଆଉ କବିତା ଏଣିକ,
ଗୋଟେ ବି କବିତା ଲେଖିବିନ।
କବିପଣ ନେଇ ଜୀଇଁବା ଛାଡିଲେ
ଅନ୍ତରକୁ ଆଉ ବାଧିବନ।।

କବିପାଇଁ ତା'ର କବିତାର ମୂଲ
ହୀରା,ଲୀଳା, ମଣି-କାଞ୍ଚନ ତୁଲ,
ଯା'ପାଇଁ ଲେଖେ ସେ, ତା'ପାଇଁ ତାହାର
ମୂଲ୍ୟ କେମିତି ମାଟିଠୁଁ ନ୍ୟୁନ !

ଶୁଣିଥିଲି କବି କଲମ ମୁନରେ
ବିରାଜନ୍ତି ମାଆ ବୀଣାପାଣି,
ସେ କଲମ ଗାର ଜ୍ଞାନାମୃତ ଧାରେ
ସୁଖ-ଦୁଃଖ ସବୁ ସମ ଜାଣି।।

ଆଜିକାଲି କବି ଆତ୍ମଶ୍ଲାଘା ବୋହି
ଦର୍ପିତ ଶବ୍ଦ ଦିଅନ୍ତି ବୁଣି
ଅହଂକାର ମତ୍ତ କବିତା କଲ୍ଲୋଳ
ଦୁଇକୂଳ ଲଙ୍ଘି ବହେ ଉଜାଣି।

କବି ହେଇ ଯଦି କଲମ ମୂନରେ
ଫୁଟାଇ ପାରୁନ ପ୍ରୀତିପଦ୍ମ
କେମିତି କହିବି, କାହିଁକି କହିବି
ସଫଳ ବୋଲି ମୋ'କବି ଜନ୍ମ?

କବିତାରୁ ଯଦି ମହମହ ହେଇ
ମାଟି ଗନ୍ଧ ଭୁସି ଆସୁନାହିଁ,
ଦିଶୁନାହିଁ ଯଦି ମା'ମୁହଁ ସେଥିରେ
କି'ବା କବିତାରେ ଗଣା ସେଇ !!

କବିତାଟେ ପଢ଼ି ରାଜା-ମହାରାଜା
ବିଷୟ ବାସନା ତେଜୁଥିଲେ,
ପ୍ରଜାହିତ ପାଇଁ ସମର୍ପିତ ହୋଇ
ସୁଶାସନେ ପ୍ରଜା ରଂଜୁଥିଲେ।

କେମିତି କବିମୁଁ, କବିତାରେ ଯଦି
ଶବ୍ଦ କୁହୁକ ଦେଖାଏ ଖାଲି
ଦିଗନ୍ତ ବିସ୍ତାରି ସ୍ୱପ୍ନରେ ଭରେ
ନୈରାଶାର ତପ୍ତ ମରୁବାଲି !!

ଲେଖିବିନ ଆଉ କବିତା ଏଣିକି
ବସିବି ନିଶ୍ଚଳ ହେଇ,
ମିଛ ସପନର କୁହୁଡି ବଳୟେ
କବି ହେଇ କଛି ମାନେ ନାହିଁ।।

ପ୍ଲଟ ନଂ-୩୪୨,ସେକ୍ଟର୍-୫
ନଳାଦ୍ରୀ ବିହାର,ଭୁବନେଶ୍ୱର-୨୧

# କଏ ଦେଖିଅଛି କାଲିର ସୂରୁଜ



ପ୍ରତିମା ମେହେର

କଏ ଦେଖିଅଛି  କାଲିର ସୂରୁଜ
ଆଜିରେ ରଖ ବିଶ୍ୱାସ
ପରସ୍ପର ମଧ୍ୟେ  ଭାବର ମିଳନ
ବାଣ୍ଟି ଗ୍ଭଲ ଲୁହ ହସ ||

ପରିଚୟ ଆମ  ମାନବ ଜୀବନ
ଯେତେ ଦିନ ଥିବା ରହି
ଭୁଲିଯିବା ନାହିଁ  ପ୍ରଭୁଙ୍କ ଏ'ଦାନ
ସବୁରି ମୂଳରେ ସେଇ ||

ମାନବ ସେବା ଯେ  ପରମ ଧରମ
ନର ରୂପେ  ନାରାୟଣ
ତାଙ୍କ  ବାସସ୍ଥଳୀ  ଅଟଇ ଅସୀମ
ସର୍ବ ଶକ୍ତିମାନ ଜାଣ ||

ସ୍ନେହ ପ୍ରେମ ଥାଏ  ଯହିଁ ନିରନ୍ତର
ଭାବରେ ବିଭୁଙ୍କ ବାସ
ରାଗ କ୍ରୋଧ ମୋହ  ହିଂସା  ଅହଙ୍କାର
ସେଠାରେ ନାହିଁ ବିଶ୍ୱାସ ||

ମିଳ ମିଶି ଚଳ  ବାଣ୍ଟି ସ୍ନେହ ପ୍ରେମ
ରହିଥିବା ଏ'ସଂସାରେ
ବଞ୍ଚିଥିବା ଯାଏ  କରୁଥିବା କର୍ମ
ଅମୃତ ଭବସାଗରେ ||

ତମସା ବୁକୁରୁ  ଖେଳାଇ ଆଲୋକ
ଜ୍ଞାନର ଦୀପଟି ଜାଳ
ଦେଖିବା ସପନ  ବିଞ୍ଚିବା ମହକ
ଏତିକ ପ୍ରଭୁଙ୍କୁ ଅଳ ||

ପାଟଣାଗଡ଼, ଜି. ବଲାଙ୍ଗୀର

# ମୁଁ ଅତୀତ ...



ଜୁମର ନାଥ ପାତ୍ର

କବାଟ ଖୋଲା ଅଛି ଭିତରକୁ ଆସ।
ଅପା ଜନ୍ମେଜୟ କଏ ଦେଇଛି
ଏ ଚିଠିଟି ...ମୁଁ ଆସେ ।
ଜନ୍ମେଜୟ ...!
ପୁଣି ଏତେ ଦିନ ପରେ
କ'ଣ ଲେଖିଥାଇ ପାରେ ...!
ତା'କୁ ତ ଛାଡି ଆସିଛି କୋଉ
ଚଉମୁହାଣି ଅତୀତରେ ..।
ସେ କଣ ଏବେବି ମୋ ...
ନାଇଁ ମୁଣ୍ଡ ଝାଇଁ ମାରିଯାଉଛି
କାହିଁକି ଆସିଥିଲେ ସେ ଏଠିକୁ
କ'ଣ ଦେଖିବାକୁ
କ'ଣ କହିବାକୁ
ଏଭଳି ଅପନ୍ତରା ଯାଗାକୁ
ଯୋଉଠି ଭଦ୍ର ଲୋକଙ୍କ ପାଦ ପଡେନା ...!
ହଁ ହଁ ଚିଠି ...
କ'ଣ ଲେଖିଥିବେ ସେଥିରେ ..
କରିଥିବେ କି ଅତୀତର ରୋମନ୍ଥନ ଅବା
ଜୀବନରେ ଖାଇଥିବା ଧୋକା ଆଉ ଧକ୍କା ରୁ କିଛି
ସୁନ୍ଦର ପରିବାର ଟେ ତ ତାଙ୍କର ..ହେଇଥିବ
ପରିବାରରେ କିଛି ..

ସ୍ତ୍ରୀ ଙ୍କୁ ନେଇ କଛି **...!**
ନା ନା ସେମିତି କଛି ହେଇନଥିବ ।
ରୋଗ **...!**
ନା ନା **...**
ସିଗାରେଟ ଛୁଉଁ ନଥିବା ଲୋକ ସେ
ମଦ ତ ଦୁରର କଥା **...**
ସେ ସୁସ୍ଥ ଥାଆନ୍ତୁ ।
ଚଠି **...**ଥାଉ ଏଇ ନଭୃତ ଯାଗାରେ
ସମୟ ଦେଖି ପଢିନେବି **...**
ଏବେ ବଜାର ମେଲିଲାଣି ଯେ **...**

# ଶରଦ



କୌସ୍ତୁଭ ଜାଲ

ବରଷା ବିଗତ ଶରଦ ଆଗତ
ବିମଳ ଧରିତ୍ରୀ ସୁନ୍ଦର ଶୋଭିତ !
ରୁଚିର କାଇଁଶ କୁସୁମ ଶୋଭନ
ଧରଣୀ ମଥାର ମୁକୁଟ ମଣ୍ଡନ !
ବିଦାୟ ଘୋଷିତ ବାର୍ଦ୍ଧକ୍ୟ ସଙ୍କେତ
ଶୁଭ୍ରକେଶୀ ବର୍ଷା ନେତ୍ରେ ପ୍ରତିଭାତ !
ଉଦୟ ଅଗସ୍ତି ବିମଳ ଗଗନେ
ଶୁଷ୍କ ପଥ ଜଳ ସନ୍ତୋଷ ଯେସନେ !
ସରିତ ସରସୀ ନିର୍ମଳ ସଳିଳ
ବିଦେହ ସାଧୁର ଯେସନ୍ତେ ହୃଦ ସ୍ଥଳ !
ବୋଇତ ପ୍ରାୟେକ ଧଳା ମେଘ ମାଳ
ଭାସନ୍ତି ଅମ୍ବରେ ହୋଇ ଦଳ ଦଳ !
ସତେକ ଆକାଶ ବିଜୟ ଘୋଷିତ
ଧବଳ କୁସୁମ ହାର ବିମଣ୍ଡିତ !
ଶରଦ ଆଗତ ଚକୋର ତୃଷିତ
ବିରହ ପ୍ରାଣର କଷଇ ଗଣିତ !
ହୋଇ ଦଳ ଦଳ ଭ୍ରମନ୍ତି ଖଞ୍ଜନ
ସମୟ ଆସନ୍ତେ ସୁକୃତ ଯେସନ !
ଧୀର ମୃଦୁଗାନ ବିରଚେ ପବନ
ହରିବା ନିମନ୍ତେ କୃଷକ କଷଣ !

ବିହସେ ନଳନ ନଳନୀ ବିକଶେ
ହରଷେ ଅନ୍ତର ଅରୁଣ ଦରଶେ !
ମଧୁରେ ମଧୁପ ଗୁଞ୍ଜଇ କୀର୍ତ୍ତନ
ସାରଦା ମାତାର କରେ ଆବାହନ !
ମରାଳ ମାଳନୀ ସହଚରୀ ଘେନ
ସାନନ୍ଦେ ନୃତ୍ୟନ୍ତି ସରୋବର ପାଣି !
ନିର୍ମଳ ଆକାଶେ କୁସୁମ ସୁବାସେ
କୁମୁଦ ପ୍ରାଣର ବେଦନା ବିନାଶେ !
ବନ ଉପବନ ସୁମନ ସମ୍ପନ୍ନ
ମଧୁର ମହକେ ହରେ ଜନ ମନ !
ଗହଳ ଶ୍ୟାମଳ ପାଦପ ପୂରିତ
ଆହାକି ସୁନ୍ଦର ବନାନୀ ପର୍ବତ !
ଫସଲ ହରିତ କଆରୀ ମଣ୍ଡିତ
ବସୁଧା ରାଣୀର ବସନ ଶୋଭିତ !
ଦୁଃଖିତ କୃଷକ ହୃଦୟ ପ୍ରସନ୍ନ
ଶରଦ ସଖାର ଲଭି ଆଶ୍ୱାସନ !
ନୂତନ ବିହନ ଅମଳ କରିଣ
ପୂଜେ ଦେବାଦେବୀ ନବାନ୍ନ ପାଳଣ !
ଏକତାରେ ବାନ୍ଧି ପରସ୍ପର ତେଜି
ବିଶ୍ୱକୁ ପାଳଇ ଶାନ୍ତିଦୂତ ସାଜି !

ଡୁଡୁକା, ବଲାଙ୍ଗୀର

# ନାଟକ

## ||ରାମ ରାବଣ ରାମାୟଣ||



ସୁଧାଂଶୁ ଶେଖର ଦ୍ୱିବେଦୀ

### || ୧୧ଶ ଦୃଶ୍ୟ||

(କାଶୀନାଥ ଖୁବ ସନ୍ତର୍ପଣରେ ମଞ୍ଚକୁ ଆସେ)

କାଶୀ- ମୋତେ କେହି ଦେଖୁନାହାନ୍ତିତ...?

ହେଃ-- ଏମିତି ନଗ୍ରେଳା, ନକାଞ୍ଚନ, ନରିମାଖୀ ଜାଗାରେ ମୋତେ କଏ ଦେଖିବବେ---! ଦେଖିଲେ ଦେଖୁ। ମୁଁ କୋଉ ଗ୍ଭେର ନା ଠକ। ହକ ପ୍ରେମ କରୁଛି। ପ୍ରେମରେ ଗୋଟେ ବାଡ଼କୁ ବତା କଣବେ। ଓଃ ହୋ ହୋ ବଢିଆ ଜାଗାଟା ଏକା। ଏମିତି ଷ୍ଟାଇଲରେ ତାକୁ ଫସେଇଲି ଯେ ସିଧା ତ କହିଲ୍ ଆଜି ଏଇଠିକୁ ଆସିବ। ଆସୁଥିବ ବୋଧେ....। ଶୀଘ୍ର ଶୀଘ୍ର ଦି' ଢ଼ୋକ ମାରିଦିଏ। ତାପରେ ଯାହାହେବ ଦେଖିବା। (ପକେଟରୁ ମଦ ବୋତଲ ବାହାର କରି ପିଏ) ବଢିଆ ମାଲଟିଏ, ଥରେତ ହାତ ବୁଲେଇଛି।ତାପରେ କହିଲ୍ ଏଇଠି ଆସି ଜଳବ। (ଘଣ୍ଟା ଦେଖି) ହେଲେ କାହିଁ? ଏପର୍ଯ୍ୟନ୍ତ ଜଲୁନ। ହଉ ତୁ ଖାଲି ଥରେ ମୋ ପାଖରେ ପହଞ୍ଚି ଯାଆଲେ୍ ଆଳୁଚକଟା ମୁଁ ଯଦି କଞ୍ଚା ଲଙ୍କା ପକେଇ ଦଳ ନଦେଇଛି ତାହେଲେ ମୋତେ ଚହ୍ନିବୁ ମୁଁ କାଶୀନାଥ ଉତ୍ତରକବାଟ। (ପୁନଃ ପିଇବା ସମୟରେ ମଞ୍ଜରୀ କନକନ ହୋଇ ପଛକୁ ପଛକୁ ଆସୁଥାଏ କାଶୀ ସହିତ ଧକା ହୋଇ ଚମକ ପଡେ)

ମଞ୍ଜରୀ- ଏ ମୋ ବଉଲେ୍ ମୁଁ ସେମିତି ଘରର ଝିଅ ନୁହେଁମ! (ଛାତିରେ ଛେପ ପକାଏ)

କାଶୀ- ଥାଉଲେ୍ ମଞ୍ଜରୀ ଛାତିରେ ଆଉ ଛେପ ପକାନା ବତୁରିଯିବ।

ମଞ୍ଜରୀ- ହେଇଟି କାଶିବାବୁ ମୁଁ ତ ଡରିଯାଇ ଭାବିଥିଲି ତୁମେ ଆଉ କଏ ବୋଲି।

କାଶୀ- ଆଲୋ ମୋ ମଞ୍ଜରୀ ତୁ ଏ ନଛାଟିଆ ନଘଞ୍ଚ ଜାଗାରେ ଆଉ କାହାକୁ ଭାବୁଥିଲୁ? ଏଠି ପର୍ କେବଳ ମୁଁ ମାନେ ତୋ-- ତୋ ଇଏ (ମଞ୍ଜରୀ ହାତ ଧରିନଏ)

ମଞ୍ଜରୀ- ଇଲୋ ମୋ ବଉଲୋ--- ହେଇଟି କାଶିବାବୁ ମୁଁ ସେମିତି ଘରର ଝିଅ ନୁହେଁମ! ମୋ ହାତ ଛାଡିଲ ଦେହଟା ଖାଲି ମୋର ଥରି ଯାଉଛି। (ହାତ ଛଡ଼େଇନଏ)

କାଶୀ- ଆଲୋ ତୁ ଏମିତି ଇଲେକ୍ଟ୍ରିକ ଶକ ମାଇଲା ଭଳ ଥରୁଛୁ କାହିଁକି ହାତ ଧରିନେଲା ବେଳକୁ ତୁ ତ ଖାଲି ପଛେଇ ଯାଉଛୁ ଜଳବା କେମିତି?

ମଞ୍ଜରୀ- ମୋତେ ଭାରି ଡର ଲାଗୁଛି କାଶୀବାବୁ। ମୁଁ ଏଠିକୁ ଆସିବାବେଳେ ସେ ଗାଁକର ଟୋକା ଲଛୁ ଦେଖିନେଇଛି ନା କଣ....?

କାଶୀ- ଆଲୋ ତୁ ଗାଁକର ଲଛମନକୁ ଡ଼ରୁଛୁ? ତୁ ଜାଣୁ ମୁଁ କଏ? ଖୁଦ ତୋ ସାନ ମା'ର ଭାଇ ଅର୍ଥାତ ଦଶରଥ ସିଂହର ଶ୍ୟାଳକ। ସେ କଣ ମୋତେ ଚହ୍ନିନ? ତୁ ଜମାରୁ ଡରନା..। ଏଇ ଦେଖିଲୁ ବସନ୍ତିଆ ପବନ କେମିତି ବହିଲାଣି। ଆ-ହା-ହା ଦେହ ଭିତରଟା ଖାଲି ସଲ ସଲ ହେଉଛି ଲୋ--(ପୁନଃ ଧରିନଏ)

ମଞ୍ଜରୀ- ଇଲୋ ମୋ ବଉଲୋ...

କାଶୀ- ଆଦୌ ପାଟି କରନା। ମୋ କଥା ମାନ ଆହୁରି ପାଖକୁ ଭିଡ଼ିଆ ମୁଁ ତୋତେ କଞ୍ଚାଲଙ୍କା ପରି ଜଳେଇଦିଏ।(ଟଣା ଓଟରା କରେ)

ମଞ୍ଜରୀ- ହେତ ମୁଁ ସେମିତି ଘରର ଝିଅ ନୁହେଁମ---।

କାଶୀ- ତୁ ଯେମିତି ଘରର ଝିଅ ହୋଇଥା ହେଲେ ଆଜି ମୁଁ ତୋତେ ଜମାରୁ ଛାଡ଼ିବି ନାହିଁ। (ଗୀତ ଆକାରରେ)

କାଶୀ- ଧରିଛି ଯେବେ ଛାଡ଼ିବି ନାହିଁ,
ମାରିବି ପଛେ ତୋହରି ପାଇଁ, (ଫିଲ୍ମ- ସମୟ)

ତୋର ରୂପ ଯଉବନ ଗୋରୀ,
ମୋତେ ନଶାରେ ଦେଉଛି ଘାରି।

ମଞ୍ଜରୀ- ଇଲେ୍ ମୋ ବଉଲେ୍ ତୁମେ ମଦ ପିଇଛ?

କାଶୀ- ଥୋଡି ସି ପିଇ ଲି ହେ, ଗ୍ଯେରି ତୋ ନେହିଁ କ ହେ
ଓ ଗ୍ନୁ ଓ ଶିଲ୍ ଓ ମୀନା ତୁହି ହାମେ ସମ୍ଭାଲେ୍
କେହିଁ ହମ ଗିରିନା ପଡେ..... (ଫିଲ୍ମ- ନମକ ହଲାଲ)

ଥୋଡିସି...(ମଞ୍ଜରୀ ଉପରେ ଢଳପଡ଼େ)

ମଞ୍ଜରୀ- ଲେ କେ ପହଲ୍ ପହଲ୍ ପ୍ୟାର,
ଭରକେ ଆଖୋମେ ଖୁମାର
ଯାଦୁ ନଗରୀ ସେ ଆୟା ହେ କୋଇ ଯାଦୁଗର...
ଲେ କେ ପହଲ୍...... (ଫିଲ୍ମ- ସିଆଇଡି)

କାଶୀ- ସୁନ୍ଦରୀ...ଇ...ଇ
ତୁ ତ ସରଗର ଅପସର୍ ଅନୁପମା
ଯୁବାକାଳେ ତୋତେ ଗଢ଼ିଛି କିଏ ଏକା ଏକା ଏକା
ଆରେ ମୋର ସୁନ୍ଦରୀ...ଇ...ଇ...ଇ। (ଫିଲ୍ମ- ତପସ୍ୟା)

ମଞ୍ଜରୀ- ତୁମେ ମୋ ଶ୍ୟାମ

କାଶୀ- ତୁମେ ମୋ ଗ୍ଧା

ମଞ୍ଜରୀ- ତୁମେ ମୋ ଗ୍ମ (ଫିଲ୍ମ- ସାକ୍ଷୀ ଗୋପୀନାଥ)

କାଶୀ- ତୁମେ ମୋ ସୀତା

(ଉଭୟେ ଆଲିଙ୍ଗନ ସମୟେ ଲଚ୍ଛୁ ଆସେ)

ଲଚ୍ଛୁ- ମଞ୍ଜରୀ!

ମଞ୍ଜରୀ- ଇଲେ ମୋ ବଉଲେ ମୁଁ ସେମିତି ଘରର ଝିଅ ନୁହେଁ ମ... ।

କାଶୀ- ଆବେ ତୋତେ କଣ ସମୟ ଜ୍ଞାନ ଜଣାନାହିଁ? ଠିକ ଶିକାର ବେଳେ ହାଜର।

ଲଛୁ- ହେଇଟି କାଶୀ ବାବୁ ମୁହଁ ସମ୍ଭାଳ କଥା ବାର୍ତ୍ତା କରନ୍ତୁ। ଆପଣଙ୍କୁ ଟିକେ ଲଜ୍ୟା ସରମ ନାହିଁ? ଘରର କୁଣିଆ, କୁଣିଆ ହିସାବରେ ରୁହନ୍ତୁ। ଛାର ଗୃକର୍ଣୀ ପ୍ରତି ଛି-ଛି-ଛି।

କାଶୀ- ତୁ ସେଭଳ ଛେପପକା କଥା କହିବୁନ ଜାଣିଥା। ତୁ ତ ଭଲଭ୍ବେ ଜାଣୁ ମୁଁ ଶିଳ୍ପପତି ଦଶରଥ ସିଂହଙ୍କର ଶ୍ୟାଳକ। ସିଧା କଞ୍ଚାଲଙ୍କା ଭଳ ଦଳଦେବି ଜୀବନସାର୍ ଜଳୁଥିବୁ।

ଲଛୁ- ହଉ ଦେଖିବା ଆପଣ ମୋତେ ଜଳେଇବେ କ ମୁଁ ଆପଣଙ୍କୁ ଜଳଉଛି। ଯାଉଛି ବାବୁଙ୍କ ପାଖରେ କହି ଏ ନୁଙ୍ଗୁର୍ ପ୍ରକୃତିର ଗୋଟେ ସମାଧାନ କରିବି।(ଯିବାକୁ ଉଦ୍ୟତ)

କାଶୀ- ଏଇ ଶୁଣ ଶୁଣ ତୁ ଏକଥା ଭ୍ଇଙ୍କ ପାଖରେ କହିବୁ?

ମଞ୍ଜରୀ- ମୁଁ ମରିଯିବିରେ ଲଛୁ ମୋ ଗ୍ଣ ପକାଉଛି ଆଉ କେବେ ଏମିତି ଭୁଲ କରିବି ନାହିଁ।

ଲଛୁ- ଆଲେ ତୁ ପର୍ ଜଣେ ଗୃକର୍ଣୀ। ଗୃକର୍ଣୀ ହୋଇ ଗ୍ନ୍ଦ ଧରିବାକୁ ଇଛା କଲେ ଅଧା ର୍ସ୍ତାରୁ ଖସିପଡ଼ିବୁ ଯେ।

ମଞ୍ଜରୀ- ମୁଁ ସେମିତି ଘରର ଝିଅ ନୁହେଁମ...

ଲଛୁ- ତୁ କେମିତି ଘରର ଝିଅ ମୁଁ ଜାଣେ। ସେଇଥିପାଇଁ ଅଧ ର୍ତିରେ କାଶୀବାବୁଙ୍କ ପାଖରେ ନଟପଟ ହେଉଛୁ।

ମଞ୍ଜରୀ- ମୁଁ କଣ ସେମିତି ଘରର ଖିଅକ?

କାଶୀ- ଷଣ୍ଢକୁ ଆଉ ଭ୍ଗବତ ପଢ଼ାନା ଲେ ମଞ୍ଜରୀ। ମୁଁ ତୋ ଘର ପରିବାର ବିଷୟରେ ସବୁ ଜାଣେ। ସେସବୁ କହିଲେ କୂଳ କୁଟୁମ୍ବକୁ ଲ୍ଜ।

ମଞ୍ଜରୀ- କଣ ଜାଣୁ ନା ନା ତୁ ମୋ ଘର ପରିବାର ବିଷୟରେ କଣ ଜାଣୁ କହିଲୁ?

ଲଛୁ- ଗୁମର କଥା କହିଲେ ଜନେ ହସିବେ। ହଉ ଛାଡ଼ ଯାହାତ ହେବାର ହେଇଗଲାଣି। ଗ୍ଲଲ ଏଠାରୁ ତୁ ପଳାଇଗ୍ଲଲ।

କାଶୀ- କରେ ସେ ଏଠିକୁ ଆସିଛି କାହିଁକି ପଳେଇଯିବ କଣପାଇଁ? ନା ସେ ଯାଇପାରିବନି। ଏଇ ମଞ୍ଜରୀ ଶୁଣ ଶୁଣ..ଆଲେ ମୋ କଥା ଟିକେ ଶୁଣ (ଧରିବାକୁ ଆଗାଏ, ଲଛୁ ଠେଙ୍ଗା ଦେଖାଇ ଅଟକାଏ)

ଲଛୁ- ଆପଣ କଏ ହୋ କାଶୀବାବୁ?

କାଶୀ- ମା...ମା...ମା..ନେ?

ଲଛୁ- ମୁଁ ପଗ୍ଲରୁଛି ଆପଣ ଏ ଘରେ କଏ?

କାଶୀ- ଜାଣିଶୁଣି ମୋ ସାଙ୍ଗରେ ଛୋପର୍ ହେଉଛୁ ନୁହେଁ?

ଲ୍ଛୁ- ଦେଖନ୍ତୁ ଆପଣ ହେଉଛନ୍ତି ବାବୁଙ୍କର ଶଳା; ଶଳା ହିସାବରେ ରୁହନ୍ତୁ। ନଚେତ...

କାଶୀ- ନଚେତ କଣ କରିବୁ?

ଲଛୁ- ଶଳା ଫଳା କାହାରିକୁ ମାନବି ନାହିଁ। ଏଇ ଠେଙ୍ଗାରେ ବାଡେଇ ବାଡେଇ ଛତୁ କରିଦେବି।

କାଶୀ- କରେ ଲଛୁ ଢେଙ୍କିକୁ କାଠ ଭ୍ବିଲୁଣିକି? ମୋତେ ଚହ୍ନିଛୁ ମୁଁ କଏ? ଥରେ ଗ୍ରଗିବି ଯଦି..

ଲ୍ଛୁ- ସବୁ ଉପାଡ଼ିଦେବେ--।

କାଶୀ- ଆଛା--କହୁ କହୁ ଉପୁଡାଉପୁଡି ପର୍ଯ୍ୟନ୍ତ ଗଲୁଣି ନୁହେଁ? ହଉ ମନେ ରହିଲ୍ରେ ଲଛମନ ମୁଁ ଯଦି ତୋ ଦେହରେ କଞ୍ଚାଲଙ୍କା ଦଳ ନଜଳେଇଛି ତାହେଲେ ଚହ୍ନିବୁ ମୁଁ ବାପ କା ବେଟା କ ନୁହେଁ?(ପ୍ରସ୍ଥାନ)

ଲଛୁ- ଯେଉଁଠି ସାକ୍ଷାତ ଦୟାର ଅବତାର ଅଛନ୍ତି ସେଠି ମୋର ଏ କାଶୀ ଉତ୍ତରକବାଟ କଣ କରିବ।ଏଇ ମଞ୍ଜରୀ ଗ୍ଭଲିଲୁ। (ଦୁହେଁ ପ୍ରସ୍ଥାନ ଉଦ୍ୟତ)

(ମଞ୍ଚ ଅନ୍ଧାର)

|| ୧୨ଶ ଦୃଶ୍ୟ ||

(ଗ୍ଭଣା ସାମନ୍ତଗ୍ଭୟ ଡାଏସ ଉପରେ ଠିଆହୋଇ ଠୋ ଠୋ ହସୁଥାଏ। ସମ୍ମୁଖରେ ଗାବରୁ।)

ଗ୍ଭଣା- (ହସ ପରେ) ପ-ନ୍ଦ-ର ବ-ର୍ଷ।ଟିକେ ଅଧେ ସମୟ ନୁହେଁ, ପୁ-ଗ୍ଭ ପନ୍ଦର ବ-ର୍ଷ। ଦୀର୍ଘ ପନ୍ଦର ବର୍ଷ ପରେ ମୁଁ ଆଜି ଖୋଲ୍ ଆକାଶର ପବନ ଖାଉଛି। ଏଇ ପନ୍ଦର ବର୍ଷ ମୁଁ ଜେଲରେ ରହି ଘଣା ପେଲୁଥିଲି, କତା ବାଡାଉଥିଲି, ମାଟି ହାଣୁଥିଲି ଆଉ ପ୍ରତି ବଦଳରେ ଦୁଇପଟ ରୁଟି, ଗ୍ଭମୁଚେ ଡାଲମା ଖାଇ ବଞ୍ଚିଥିଲି। ହଁ ହଁ ମୁଁ ଏବେସୁଦ୍ଧା ବଞ୍ଚିଛି। କାହିଁକି ବଞ୍ଚିଛି? କଣପାଇଁ ବଞ୍ଚିଛି? ବଞ୍ଚି ରହି କଣ କରିବି? ଏଇ ଗାବରୁ!

ଗାବରୁ- ଜୀ ମାଲିକ।

ଗ୍ଭଣା- ଆରେ ମୁଁ ବଞ୍ଚିଛି ନା ମରିଛି?

ଗାବରୁ- ଆପ ଜିନ୍ଦା ହେ ମାଲିକ।

ଗ୍ଭଣା- (ଗାବରୁ ଗାଲରେ ଠାଏକରି ଗ୍ଭପୁଡ଼ା ମାରି) ଖବରଦାର !! ମୁଁ ମରିଛି; ମରି ମରି ଥୁଣ୍ଟା ଗଛଟିଏ ଭଳି ବଞ୍ଚିଛି। ତୁ ଜାଣୁ ମୁଁ କାହାପାଇଁ ବଞ୍ଚିଛି?

ଗାବରୁ- ହାଁ ମାଲିକ ଓ ଶାଲ୍ ଦଶରଥ ସିଂହ କେ ଲିୟେ।

ଗ୍ଭଣା- ଫସେଇଦେଲ୍ଭରେ ମୋତେ। ମୋ ଜୀବନକୁ ବର୍ବାଦ କରିଦେଲ୍ଭ। ହଉ ସମୟ ପଡିଲେ ବେଙ୍ଗ ବି ନାତ ମାରରେ ଗାବରୁ। ହେଲେ ଆଉ ନୁହେଁ। ଯେତେଦିନ ସେ ମୋତେ ନାତ ମାରିଥିଲ୍ଭ ତା ସମୟ ଶେଷ। ଏବେ ମୁଁ ତା ପିଠିରେ ଗୋଇଠା ମାରିବି। ମୁଁ ତାକୁ କଦାପି ଛାଡ଼ିବି ନାହିଁ। ସେ ବିଧେ ଜାଣେନ ଭୁଲ ଲ୍ଭେକଟାକୁ ଫସେଇ ଦେଇଥିଲ୍ଭ। ଆଉ

ଏବେ ଫସିବାର ପାଳ ଦଶରଥ ସିଂହର। ତାଭେନେଣ୍ଟ କହିଥିଲେ, ନଜକୁ ଦେଖିବା ପାଇଁ ଓ ଜାଣିବା ପାଇଁ ଗୋଟେ ଦର୍ପଣ ଅଛି। ତୁ ଜାଣୁ ଗାବରୁ ସେ ଦର୍ପଣଟିର ନାଁ କଣ?

ଗାବରୁ- ନେହିଁ ମାଲିକ ହାମକୋ ପତା ନେହିଁ।

ଗ୍ରଣା- ହା ଶାଲା ବୁଦ୍ଧୁ। ବଡ଼ ଲୋକଙ୍କ ଜୀବନୀ ପଢ଼। ମଣିଷ ହେଇଯିବୁରେ ମୋହରି ଭଳ ମଣିଷ ହୋଇଯିବୁ।। ଆବେ ସେ ଦର୍ପଣଟିର ନାଁ ହେଉଛି ବି-ପ-ଦ।

ଗାବରୁ- ଡେଞ୍ଜର?

ଗ୍ରଣା- ଇଏସ ଡେଞ୍ଜର। ଦଶରଥ ସିଂହ ପାଇଁ ମୁଁ ଆଜି ଡେଞ୍ଜର ହୋଇଯାଇଛି।

ସୁମନ୍ତ- (ପ୍ରବେଶୀ) ନା ନା ଆପଣଙ୍କୁ ସେ ଡେଞ୍ଜର ଅଭିଜାନରୁ ଓହରି ଆସିବାକୁ ହେବ ଗ୍ରଣା ବାବୁ।

ଗ୍ରଣା- ହ୍ୱାଟ ନନସେନ୍ସ! ତାମାନେ ମୁଁ ଦଶରଥ ସିଂହକୁ ଏମିତି ଖାଲି ଖାଲି ଛାଡ଼ିଦେବି? ଯିଏ ମୋତେ ଫସେଇ ଦୀର୍ଘ ପନ୍ଦର ବର୍ଷର ଅମୂଲ୍ୟ ସମୟକୁ ବର୍ବାଦ କରିଛି। ଯିଏ ମୋତେ ଜେଲ ର ସେଲ ଭିତରେ ରଖେଇଛି। ଯାହାପାଇଁ ମୁଁ ଅମାନୁଷିକତାର ଶିକାର ହୋଇଛି ତାକୁ ମୁଁ ଏତେ ସହଜରେ ଛାଡ଼ିଦେବି? ନୋ ନେଭର...।

ସୁମନ୍ତ- ତାମାନେ ଆପଣ କହୁଛନ୍ତି ସାରଙ୍କ ସହିତ ଲଢ଼େଇ କରିବେ?

ଗ୍ରଣା- ଇଏସ ଲଢେଇ କରିବି।ମୁଁ ଜାଣେ ଅମାପ ଧନ ସମ୍ପତ୍ତି ର ଅଧିକାରୀ ସେ। ଦୁନଆର ସବୁ ପାୱାର ତା ହାତ ମୁଠାରେ ତଥାପି ମୋର ବିଶ୍ୱାସ ମୁଁ ଲଢେଇରେ ଜିତିବି। ଯେମିତି ମରି ମରି ବଞ୍ଚିଛି ସେମିତି ହାରି ହାରି ଜିତିବି।

ସୁମନ୍ତ- ହାରିଯିବେ।

ଗ୍ରଣା- ତାମାନେ ତୁମେ ମୋତେ ଧମକ ଦେଉଛ?

ସୁମନ୍ତ- ଧମକ ନୁହେଁ ଗ୍ରଣା ସାମନ୍ତରାୟ ଚେତାବନୀ ଶୁଣଉଛି ଏବେ ଏବେ ଜେଲରୁ ମୁକୁଳଛନ୍ତି ଯାଆନ୍ତୁ ନଜକୁ ଥରେ ବଦଳାଇବାର ଚେଷ୍ଟା କରନ୍ତୁ। ଦେଖିବେ ହିଂସା ବଦଳରେ ଅହିଂସାର ଶକ୍ତି କେତେ ପାୱାରଫୁଲ।

ଗାବରୁ- ସାବଧାନ! ଆପ ଜୋ ଭି ହୋ ଔର ଏକ ଶବ୍ଦ ମେରେ ମାଲିକ କେ ଖିଲାପ ବୋଲେଙ୍ଗେ ତୋ ମେ ଆପକୋ ଧକା ମାରକେ ନକାଲ ଦୁଙ୍ଗା।

ସୁମନ୍ତ- ଯେଉଁ କଥା ସତ ସେଇ କଥା ମୁଁ କହିଛି। ପ୍ଲିଜ ରାଣା ବାବୁ ଆପଣ ପଙ୍କିଳ ପଥରେ ଏତେ ଘାଣ୍ଟି ସନ୍ତୁଳ ହେଲାପରେ ପୁଣିଥରେ ସେ ପଥରେ ପାଦ ପକାନ୍ତୁ ନାହିଁ।

ରାଣା- (ହସ ପରେ) ତୁମେ ବୋଧେ ଜାଣିନାହଁ ମଣିଷ ସବୁ ବେଳେ ଦୁଇଟା। ଭିତରେ ଗୋଟିଏ ବାହାରେ ଆଉ ଗୋଟିଏ। ଭିତର ମଣିଷ ସବୁବେଳେ ବାହାର ମଣିଷକୁ ଜୟ କରିବାକୁ ଚାହିଁଥାଏ। ତାହାରି ନାଁ ତ ମଣିଷ।

ସୁମନ୍ତ-ବାଜ ପକ୍ଷୀ ଅନ୍ୟ ପକ୍ଷୀମାନଙ୍କୁ ଶିକାର କରି ଆନନ୍ଦ ପାଏ ତାମାନେ ନୁହେଁ ରାଜହଂସ ଶାନ୍ତିମୟ ଆନନ୍ଦକୁ ଛାଡି ଶିକାରୀ ସାଜିଯିବ।

ଓକଲ- (ପ୍ରବେଶୀ) ଗୁଡ୍ ମର୍ନିଂ ସାର! ଆପଣଙ୍କ କାମ ହୋଇ ଯାଇଛି।
ରାଣା- (ହସ) ଦେଖିଲ ସୁମନ୍ତ ବାବୁ ଓକଲ ବାବୁ କଣ କହିଲେ ଶୁଣିଲତ? ମୋ କାମ ହୋଇଯାଇଛି। ତାମାନେ ଦଶରଥ ସିଂହ ଏଇଠୁ ଫସିଲା। ତାପାଇଁ ବିପଦର ରାସ୍ତା ଉନ୍ମୁକ୍ତ। ଯାଅ ତମ ସାରଙ୍କୁ ଜଣେଇଦେବ ବାସନ୍ତୀ ଜଙ୍ଗଲର ସମସ୍ତ ସ୍ଥାବର ଅସ୍ଥାବର ଜମି ମୋର ହୋଇଯାଇଛି। ମୋର...! କେବଳ ମୋର। (ହସ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,

ସଲ୍ଟ ଲେକ୍, କୋଲକତା

email-dwibedysudhansu@gmail.com

# ବିଚ୍ଛେଦ



ଅଲେଖ ମେହେର

ବ୍ୟାକୁଳତ ଚଉ ଅନ୍ତର ଵେଦନ ବାହାରେ ହସ ପସର୍,
ଏକ କଳେବର  ଭିନ୍ନ ସ୍ଵଭଵର ନର୍ଜନେ ଝରେ  ଅସର୍ ।
ଅକ୍ଷି ବିହରିତେ ଖୋଜେ ଲୁପ୍ତତରୀ କାଳେ ଲ୍‌ଗିବ ଶୟନେ,
ଆଶା ଅସୁମାରୀ ଆଳୟ ବିହୀନ ବସେ ମହୀରୁହ  ତଳେ।
ସ୍ୱପ୍ନ ସବୁ ଫେରେ ବ୍ୟର୍ଥ  ମୃଗୟାରୁ ଅଟବୀରୁ ଭ୍ରମିଭ୍ରମି,
ମୃଗତୃଷ୍ଣା ହେଲ୍ ସରସୀ ଉଦକ  ପାରୁନାହିଁ ତିଳେ ଗମି।
ଅତର୍କିତେ ଆସି ପ୍ରଳୟ ବତାସ ହରିନେଲ୍  ହୃଦହାର,
ମରୁଭୂମି ସାଜେ ସବୁଜ ବନାନୀ ତେଜି ଗଲ୍ ଜଳଧର।
ଲ୍‌ଭ୍ ଉଦ୍ଭିରଣ ହୁଅଇ ତହିଁରୁ ମଳୟ ମରୁତ ତେଜି,
ସମାଧି ଲଭିଲ୍ ହାଟକ ସମ୍ପୁଟ ପାଇଲିନ ଆଉ ଖୋଜି।
ଉତ୍ତର ମେରୁର ଶୀତ କଟିବନ୍ଧେ ଘସ୍ର କରେ ତୁରୀ ନାଦ,
ହିମକୁଣ୍ଡ  ଆର୍ତ୍ତେ ତରଳେ ବେଗରେ ହିୟାମଧ୍ୟେ ଭରି ଖେଦ।
ଅକସ୍ମାତେ ରଚ ତାଣ୍ଡବରଲୀଳା ନୟନୁ ଗଲ୍ ଦୂରେଇ,
ପୂରୁବ ସ୍ମୃତିକୁ କରି ଵେମନ୍ଥନ ମନ ବିଥିର ହୁଅଇ ।
ଅନାଇଲେ  ଯେଣେ ଇନ୍ଦ୍ରଜାଲ ସମ ଚଉଦିଗେ ମୋର ଦିଶୁ
କେଉଁ  ଅପର୍ଧେ ଜଳାଉଛୁ ଏତେ କପାଇଁ ପାଖ ନ ଆସୁ।
ଇକ୍ଷଣର ଡୋଳା ହଜାଇ ସାଜିଛି ଦୁନଆଁ ଦାଣ୍ଡରେ  ଅନ୍ଧ,
କଏ ଦେବ ମତେ ଅନ୍ତିମ କାଳରେ ଛଅ ଗୋଟି କାଷ୍ଠେ  କାନ୍ଧ।
ଅଫେର୍ ସମ୍ପଦ ହେଲୁରେ ତନୟ ପ୍ରେମ ଝରଣା ବୁହାଇ ।
ପିଣ୍ଡକୁ ପକାଇ ପର୍ଣ ମୋହର ନଶ୍ଚିନ୍ତେ  ନେଲୁ ଛଡାଇ ।

ସୋହେଲ୍, ବରଗଡ

# କନ୍ୟା ରତ୍ନ



ନନ୍ଦିନୀ ରାଉତ

ଶୁଣ ସାଧୁଜନ ସୁଜ୍ଞାନୀ
କରୁଅଛି ବଖାଣ
କନ୍ୟା ଅଟେ ପରା ରତନ
ରଖ ତାର ଜୀବନ.... 1

ହସ ଖୁସିର ସେ ପସରା
ଦିଏ ଘର ହସାଇ
ଗୃହ କୁ କରଇ ମନ୍ଦିର
ସ୍ନେହ ମମତା ଦେଇ... 2

କନ୍ୟା ଭ୍ରୁଣ ଟିକୁ ନ ମାର
ଏହା ଅଟଇ ପାପ
କନ୍ୟା କୁ ମଣେ ଯେ ହୀନ ଯେ
ପ୍ରଭୁ କରନ୍ତି କୋପ... 3

ନାରୀ ଯହିଁ ପୂଜା ପାଆନ୍ତି
ସେତ ଅଟେ ସୁସ୍ଥାନ
ଲକ୍ଷ୍ମୀ ନାରାୟଣ ସେ ଘରେ
କରି ଥାନ୍ତି ଆସ୍ଥାନ... 4

ବସୁଧା ପରି ସେ ସହଇ
ସବୁ ଦୁଃଖ କଷ୍ଟ କୁ
ମୁଁହ ଖୋଲେ ନାହିଁ ଡ଼ରିଣ
ସମାଜ ର ଭୟ କୁ... 5

ଦୁଇ କୂଳ ହିତା ଦୁହିତା
ଅଟେ ମଙ୍ଗଳମୟୀ
ଯେଉଁ ଘରେ କନ୍ୟା ନଥାଏ
ଲାଗେ ସ୍ମଶାନ ସେହି... 6

କନ୍ୟା ନ ରହିଲେ ସମାଜ
ଆଉ ତିଷ୍ଠିବ ନାହିଁ
ଶୁଣ ସାବଧାନେ ଏକଥା
ମୋର ଭଉଣୀ ଭାଇ.... 7

କନ୍ୟା ପାଳ କର ସୁନାମ
ସ୍ୱର୍ଗେ କରିବ ବାସ
ସଦା ସୁଖ ଶାନ୍ତି ଲଭିବ
ଏହା ଦୃଢ଼ ବିଶ୍ୱାସ... 8

ବାଲିପଟା, ଅନୁଗୁଳ

# ଅଜବ..ଏ ସୃଷ୍ଟିର ଇତିହାସ

ପ୍ରଶାନ୍ତ କୁମାର ପାଢ଼ୀ

ବଡ ଅଜବ ଏ ସୃଷ୍ଟିର ଇତିହାସ
ଅଜଣା ବି ସ୍ରଷ୍ଟାଙ୍କ ଠିକଣା
ଆକାଶ ର ବିସ୍ତିର୍ଣ୍ଣ ଛାତିରେ
ମେଘମାଳା ମତୁଆଲ୍
କେଉଁଠି ବରଷିଯାଏ
ପୁଣି କେଉଁଠି ରଷି ଯାଏ
ଦେଖାଏ ବନ୍ୟା ତାଣ୍ଡବର ଦୃଶ୍ୟ
ଶୁଣାଏ ମରୁଡି ପଦଧ୍ୱନର ଚତ୍କାର
ସ୍ରଷ୍ଟାଙ୍କର.... ଏ ଅଜବ ଖେଳ ॥
ବାୟୁର ଶୀତଳ ଓ କୋମଳ ସ୍ପର୍ଶ
ମନକୁ କଣିନଏ ହୃଦୟକୁ ଛୁଇଁଯାଏ
ପୁଣି ବିଛାଇ ଦିଏ କାରୁଣ୍ୟର ଶେଯ
କେଉଁଠି ହୁଏ ପ୍ରଚଣ୍ଡ ଓ ପ୍ରଳୟ
ରଗୁଇ ବାତ୍ୟାର ତାଣ୍ଡବ
ଲେଖିଦିଏ ସଜତାର ଉଜୁଡା କାହାଣୀ
ସ୍ରଷ୍ଟାଙ୍କର ଖେଳ...... ବଡ ବିଚନ୍ର ॥
ମା ମାଟି ବସୁଧା
କୋଳରେ ହସୁଥାଏ ତୁଳସୀ
ତାର ସାନ୍ନିଧ କୁ ବିଛୁଆତିର ଯନ୍ତ୍ରଣା
ଭିନ୍ନ ରଙ୍ଗର କୁସୁମ ପ୍ରସ୍ଫୁଟିତରେ
ଅପୂର୍ବ ଶୋଭ୍ରେ ବିମଣ୍ଡିତ
ପ୍ରଳୟ ପୁଣି ପ୍ରଗତି
ଦୁଇଟି ଅଲୌକିକ ଉପହାର
ସ୍ରଷ୍ଟାଙ୍କ ହାତଗଢା କାର୍ଯ୍ୟର ପ୍ରତିଫଳନ
ଖୁବ୍ ...... ଚମତ୍କାର ॥

ଶିକ୍ଷକ, କାକୁଡିକୁଦ, ଯାଜପୁର

# ମିସାଇଲ୍ ମ୍ୟାନ୍"ଡକ୍ଟର ଏ ପି ଜେ କାଲାମ୍"



ପ୍ରତାପ ଚନ୍ଦ୍ର ସାହୁ

ପ୍ରତିରକ୍ଷା ତଥା କ୍ଷେପଣାସ୍ତ୍ର ଓ ଗବେଷଣା କ୍ଷେତ୍ରରେ ଭାରତକୁ ଅଧିକ ସଶକ୍ତ, ସ୍ୱାବଲମ୍ବୀ କରି ଆମେରିକା, ଋଷ୍ ଭଳି ବିଶ୍ୱରେ ଶକ୍ତିଶାଳୀ ରାଷ୍ଟ୍ର ରୂପେ ଗଢିଥିବା ମହାନ୍ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ ପି ଜେ ଅବଦୂଲ୍ କାଲାମ୍ ୨୦୧୫ ମସିହା ଜୁଲାଇ ୨୭ ତାରିଖ ଦିନ ମେଘାଳୟ ସ୍ଥିତ ସିଲିଙ୍ଗ୍ ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଶିଲିଙ୍ଗ୍ ଆଇ ଆଇ ଏମ୍ ର ଏକ ଉତ୍ସବରେ "ଲିଭେବୁଲ୍ ପ୍ଲାନେଟ୍ ଆର୍ଥ" ସନ୍ଦର୍ଭ ରେ ଉଦ୍ ବୋଧନ ଦେଉଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ଶିଲିଙ୍ଗ୍ ସ୍ଥିତ ବେଥାନୀ ହସ୍ପିଟାଲ୍ ନିଆଯାଇଥିଲେ ବି ବଞ୍ଚାଯାଇ ପାରିନଥିଲା। ୨୦୧୫ ମସିହା ଜୁଲାଇ ୨୭ ତାରିଖ ଦିନ ସେ ଇହଲୀଳା ସମ୍ବରଣ କରିଥିଲେ। ଏହି ମହାନ୍ ବୈଜ୍ଞାନିକ ଙ୍କର ୧୯୩୧ ମସିହା ଅକ୍ଟୋବର ୧୫ ତାରିଖ ରେ ତାମିଲନାଡୁ ର ରାମେଶ୍ୱରମ ନିକଟବର୍ତ୍ତୀ ଧନୁଷକୋଡି ରେ ଡକ୍ଟର କାଲାମ୍ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଜୈନୁଲ୍ଲାବୁଦ୍ଦୀନ୍ ଓ ମାତା ଆସିମ୍ମା ଙ୍କ କୋଳ ମଣ୍ଡନ କରିଥିଲେ, ଡ କାଲାମ୍। ଡ କାଲାମ୍ ଙ୍କ ପୁରା ନାମ ଥିଲା ଅବୁଲ୍ ଫକରଜୈନୁଲ୍ଲାବୁଦ୍ଦୀନ୍ ଅବଦୂଲ୍ କାଲାମ୍ ଥିଲା। କିନ୍ତୁ ସମସ୍ତ ଙ୍କ ନିକଟରେ ସେ ଏ ପି ଜେ ଅବଦୂଲ୍ କାଲାମ୍ ଭାବେ ପରିଚିତ ଥିଲେ। ତାଙ୍କ ପିତା ଜଣେ ନାବିକ ଥିଲେ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ପରିସ୍ଥିତିର ପ୍ରତିକୂଳ ଭିତରେ ରାମନାଥପୁରମ୍ ରେ ସ୍କୁଲ ଶିକ୍ଷା, ତିରୁଚିରାପଲ୍ଲୀ ର ସେଣ୍ଟ୍ ଯୋଶେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଶେଷ କରି ୧୯୫୫ରେ ଛାତ୍ର ବୃତ୍ତି ପାଇ ମାଡ୍ରାସ୍ ରେ ଏରୋସ୍ପେସ୍ ଇଞ୍ଜିନିୟରିଙ୍ଗ୍ ଶେଷ କରିଥିଲେ।

**((ତିରୋଧାନ ଦିବସ ୨୭-ଜୁଲାଇ))**

୧୯୬୦ମସିହା ରେ ଡି ଆର୍ ଡି ଓ ରେ ଏରୋନେଟିକାଲ୍ ବିକାଶ ବିଭାଗରେ ବୈଜ୍ଞାନିକ ଭାବେ କର୍ଯ୍ୟ ଆରମ୍ଭ କରିଥିଲେ ଡକ୍ଟର କାଲାମ୍। ଦେଶର ପ୍ରଥମ ସ୍ୱଦେଶୀ ଧ୍ରୁବୀୟ ଉପଗ୍ରହ ପ୍ରେରଣ ଯାନ ଏସ୍ ଏଲ୍ ଭି-୩ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ୧୯୬୯ରେ ଇସ୍ରୋ ରେ କାର୍ଯ୍ୟ ଆରମ୍ଭ କଲେ। ସେ ୧୯୬୩-୧୯୬୪ରେ ଆମେରିକାର ନାସା ରେ ଅଧ୍ୟୟନ କରିଥିଲେ। ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶିଳ ଓ ସଶକ୍ତ କରିବାପାଇଁ ଡ. କାଲାମ୍ ଇଣ୍ଟିଗ୍ରେଟେଡ୍ ଗାଇଡେଡ୍ ମିସାଇଲ୍ ଡେଭଲପମେଣ୍ଟ ପ୍ରୋଗ୍ରାମ୍ ଆରମ୍ଭ କରିଥିଲେ। ଆକାଶ, ତ୍ରୀଶୁଳ, ନାଗ, ପୃଥିବୀ ୧,୨,୩, ଅଗ୍ନୀ ୧,୨,୩,୪,୫,୬, କେ୪,କେ୫, ୧୫ ବ୍ରହ୍ମସ୍ କ୍ଷେପଣାସ୍ତ୍ରମାନ ନିର୍ମାଣ କ୍ଷେତ୍ରରେ ସେ ପ୍ରତ୍ୟକ୍ଷ ଭାବେ ଜଡିତ ଥିଲେ। ପୋଖରାନ୍ ରେ ଭାରତ କରିଥିବା ପରମାଣୁ ବିସ୍ଫୋରଣରେ ଆର୍ ଚଦାମ୍ବରମଙ୍କ ସହିତ ଡ କାଲାମ୍ ଇନ୍ ଚାର୍ଜ ଥିଲେ। ରୋହିଣୀ ଉପଗ୍ରହ କୁ ସଫଳତାର ସହିତ କକ୍ଷ ପଥରେ ସ୍ଥାପନ କରାଯିବାରେ କଲାମ୍ ଙ୍କ ଅବଦାନ ଥିଲା ଅତୁଳନୀୟ। ଭାରତ ଅନ୍ତର୍ଯାତୀୟ ମହାକାଶ କ୍ଲବ୍ ରେ ନିଜକୁ ସାମିଲ କରି ପାରିଥିଲା। ଅସାଧାରଣ ପ୍ରତୀଭାର ଅଧିକାରୀ କଲାମ୍ ଙ୍କୁ ଦେଶ ବିଦେଶ ର ୪୦ଟି ବିଶ୍ୱ ବିଦ୍ୟାଳୟ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ। ୧୯୮୧ରେ ପଦ୍ମ ଭୂଷଣ, ୧୯୯୦ରେ ପଦ୍ମ ବିଭୂଷଣ, ୧୯୯୭ରେ "ଭାରତ ରତ୍ନ" ରେ ବିଭୂଷିତ ହେବାର ଗୌରବ ଅର୍ଜନ କରିଥିଲେ। ୧୯୯୪ରେ ଇନଷ୍ଟିଚ୍ୟୁଟ ଅଫ୍ ଡାଇରେକ୍ଟର୍ସ ଦ୍ୱାରା" ଡିଷ୍ଟିଙ୍ଗୁଇସ୍ ଫେଲୋ" ପୁରସ୍କାର, ୧୯୯୭ରେ ଭାରତୀୟ ଜାତୀୟ କଂଗ୍ରେସ୍ ଦ୍ୱାରା ଇନ୍ଦୀରା ଗାନ୍ଧୀ ଆୱାର୍ଡ ଫର୍ ନ୍ୟାସନାଲ୍ ଇଣ୍ଟିଗ୍ରେସେନ୍, ୧୯୯୮ରେ ଭାରତ ସରକାରଙ୍କ ଦ୍ୱାରା'ବୀର ସଭରକର୍'ଆୱର୍ଡ, ୨୦୦୦ରେ ଆୱାର ରିସର୍ଚ୍ଚ ସେଣ୍ଟର ଦ୍ୱାରା" ରାମାନୁଜନ୍ ଆୱାର୍ଡ" ପ୍ରାପ୍ତ ହୋଇଥିଲେ। ତାଙ୍କର ରଚତ ପୁସ୍ତକ ଗୁଡିକ ମଧ୍ୟରେ ୧୯୮୮ରେ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ, ଡେଭଲପ୍ ମେଣ୍ଟ ଇନ୍ ଫ୍ଲୁଇଡ୍ ମେକାନିକ୍ସ ଏଣ୍ଡ ସ୍ପେସ୍ ଟେକ୍ନୋଲଜୀ, ଇଣ୍ଡିଆ ୨୦୨୦(୧୯୯୮), ଉଇଙ୍ଗସ୍ ଅଫ୍ ଫାୟାର୍ (୧୯୯୯) ଇଗ୍ନାଇଟେଡ୍ ମାଇଣ୍ଡସ୍ ୨୦୦୨, ଦ ଲୁମିନିୟସ୍ ସ୍ପାର୍କସ୍ (୨୦୦୪), ମିଶନ୍ ଇଣ୍ଡିଆ(୨୦୦୫), ଇନ୍ସ୍ପାୟାରିଙ୍ଗ୍ ଥଟସ୍(୨୦୦୭), ଇଣ୍ଡୋମିଟେବଲ୍ ସ୍ପିରିଟ୍, ଏନ୍ ଭିଜନ୍ଟି ଆନ୍ ଏମ୍ପାୱାର୍ଡନେସନ୍ ଆଦି ପ୍ରଧାନ| କଲାମ୍ ଜଣେ ମହାନ୍ ବୈଜ୍ଞାନିକ ଭାବେ ଭାରତ ମାତାର ସେବା କରିବାପରେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ତ୍ୱାଧୀନ ଏନ୍ ଡି ଏ ସରକାର ର ସମର୍ଥନରେ ଦେଶର ଏକାଦଶତମ ରାଷ୍ଟ୍ରପତି ହେଲେ। ଆମ ଦେଶରେ ବୈଜ୍ଞାନିକ ଭାବେ ରାଷ୍ଟ୍ରପତି ହେବା ସେ ହେଉଛନ୍ତି

ପ୍ରଥମ ବ୍ୟକ୍ତି। ରାଷ୍ଟ୍ରପତି ଥାଇ ବି ସେ ବିଗ୍ୟାନ ର ଅଗ୍ରଗତି ନେଇ ଚେଷ୍ଟା କରିଥିଲେ। କଲାମ୍ ଥିଲେ ତୃତୀୟ ରାଷ୍ଟ୍ରପତି ଯିଏକ ରାଷ୍ଟ୍ରପତି ହେବା ପୂର୍ବରୁ ଭାରତ ବର୍ଷର ସର୍ବୋଚ୍ଚ ବେସାମରିକ ସମ୍ମାନ "ଭାରତ ରତ୍ନ"ରେ ଭୂଷିତ ହୋଇଥିଲେ। ଓଡିଶାର ଚାନ୍ଦୀପୁରସ୍ଥିତ ହ୍ୱୀଲର୍ ଦ୍ୱୀପ ଥିଲା କଲାମ୍ ଙ୍କ ଅନ୍ୟତମ କର୍ମଭୂମି। ସେଥିପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନଜର କର୍ମଭୂମି କୁ କରିଥିଲେ ସବୁଜିମାଭରା। ପ୍ରାୟତଃ ସେ ଓଡିଶା ଆସୁଥିଲେ। କଲାମ୍ ଙ୍କ ଜୀବନ ଶୈଳୀ ଥିଲା ସରଳ। ସେ ସମସ୍ତ ବର୍ଗ ର ଲୋକଙ୍କ ସହ ଭେଟୁ ଥିଲେ। ରାଷ୍ଟ୍ରପତି ଥାଇ ବି ଛାତ୍ର ଛାତ୍ରୀ ତାଙ୍କୁ ଦେଖାକରିବାର ଓ ଆଲୋଚନା କରିବାର ସୁଯୋଗ ପାଉଥିଲେ। ସେ ଶାକାହାରି ଥିଲେ। ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତା ବିବାଦର ସପକ୍ଷରେ ସେ ନଥିଲେ। ପିଲା ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ୍ ଉତ୍ସାହିତ କରୁଥିଲେ। ଯଦିଓ ସେ ସ୍ୱଶରୀରେ ଆମ ପାଖରେ ନାହାନ୍ତି, ଅମର ହୋଇ ରହିଯାଇଛନ୍ତି। ଗଭୀର ଶ୍ରଧାଞ୍ଜଳୀ ସେହି ପବିତ୍ର ଆତ୍ମାକୁ ।

ନବରଙ୍ଗପୁର

# ଚିନ୍ତାମଣି



ସୁଲୋଚନା ବେହେରା

ଚର ହାସ୍ୟ ରୂପ ଚମକ ଚପଳା
ଶରଦ ଚାନ୍ଦିନୀ ରାତି
ଚନ୍ଦ୍ର ବଦନୀ ମୋ ଚୁମ୍ବକ ଚମକ
ଚାତକେ ଚାହେଁ ତୋ ପ୍ରୀତି ।

ଚଞ୍ଚଳ ନୟନା ଅଞ୍ଚଳେ ବାନ୍ଧନା
ଚଞ୍ଚଳେ ନଅ ଆଦରି
ଛନ୍ଦ ଛିଣ୍ଡାଇଲି ପ୍ରିୟଜନ ମୁଖୁ
ତୋ ପ୍ରେମ ଚନ୍ଦନ ବୋଲି ।

ଚଉଦ ବ୍ରହ୍ମାଣ୍ଡ ଚରି ଅଛି ଛବି
ସର୍ବମୟ ତୋର ଦୃଶ୍ୟ
ଚାଞ୍ଚଲ୍ୟ ଖେଳାଇ ଛୁପ ନା ଗୋ ତୁହି
ତୃପ୍ତ ହୃଦ ତପ୍ତ ନାଶ।

କନକ ଛବିଳା ଚାରୁ ଚନ୍ଦ୍ରପ୍ଳା
ଚିତ୍ତାକର୍ଷି ହୃଦ ଚନ୍ଦ୍ରା
ଚିତ୍ତ ବିନୋଦିନୀ କାମ କାଦମ୍ବିନୀ
ଚମ୍ପା ଗୋରି ମୋ ବିଚନ୍ଦ୍ରା ।

ଚନ୍ତାମଣି ମୋର ଚନ୍ତା କରି ତୋର
ତିନ୍ତିଗଲି ଭବ ଜଳେ
ଚରିତାର୍ଥ କର କାମନା ସଂହାର
ପାରି କର କୃପା ବଳେ।

ମୁଁ ବିଲ୍ୱୋମଙ୍ଗଳ ତୋ ରୂପେ ପାଗଳ
କଳୁଷିତ ହେଲି ଯହିଁ
ପ୍ରେମ ସିନ୍ଧୁ ସ୍ରୋତେ ହଜି ମଜ୍ଜି ଗଲି
କୁଳ ଧର୍ମ ଭୁଲେ ତହିଁ।

ବଇଁତୁଆ, ବାଳକାଟି, ଖୋର୍ଦ୍ଧା

# ମାତୃଶକ୍ତି



ନମିତା ଦାଶ

ମା ତୋ ଆସିବା ବାଟକୁ ଚାହିଁ ବସିଥାଏ; ଏ ସନ ଏଇ ବେଳେ!
ତୋ ପାଇଁ ଚାଲେ କେତେ ପୂଜା ଅର୍ଚ୍ଚନା ! ମୁଁ ଦେଖୁଥାଏ ତୋତେ;
ତୋରି ଭିତରେ ମୋ ମାକୁ ମୁଁ ଦେଖେ କାଳେ କୋଳେଇ ନେବ ମୋତେ;
ଆସିଛୁ ଯଦି ମା ଏ ଧର୍ଧାମ ରେ, ଶାନ୍ତି ର ଜୁଆର ଭସାଇ ଦେ !
ତ୍ରି-ଦେବ କ୍ରୋଧରୁ ଜାତ ହୋଇ ମାତା
ସାଜିଲ ସିଂହବାହିନୀ; ମହିଷାସୁର ର ବଧକରି ମାତା ସାଜିଲେ ମହିଷାମର୍ଦ୍ଦିନୀ !
ମହିଷାସୁର ର ବଧକରି ମାତା ହୋଇଲେ ଜଗତଜନନୀ;
ଅଧର୍ମପାପ କୁ ମୂଳରୁ ନାସିଲେ, ଅଭୟ ଦାୟିନୀ ତୁହି;
ଏ ଜଗତର ହିତ ପାଇଁ ତୁମେ ଜାତ, ନାମ ତୁମ ଜଗଧାତ୍ରି ;
ଭବାନୀ, ଶିବାନୀ, ମହିଷମର୍ଦ୍ଦିନୀ, ମହାମାୟା ଦୁଃଖନାଶିନୀ;
ମଙ୍ଗଳମୟୀ ମା; ଶାନ୍ତିପ୍ରଦାୟିନୀ, ସର୍ବ କଳୁଷ ନାଶିନୀ;
ତବ ପାଦପଙ୍କଜେ କରେ ମୁଁ ବିନତୀ, କରୁଣାକର ମା ଜଗତଜନନୀ ।

# ଅନ୍ତଃମନର ଅଲିଖ୍ କଥା-"ଅବ୍ୟକ୍ତ ଯନ୍ତ୍ରଣା"



ରଞ୍ଜନ କୁମାର ଖଣ୍ଡା

ଆଧୁନକ ଓଡ଼ିଆ ନାଟ୍ୟସାହିତ୍ୟ କ୍ଷେତ୍ରରେ ପ୍ରଦୀପ ବିଶ୍ୱାଳ ଜଣେ ଅନାଲୋଚତ ନାଟ୍ୟ ପ୍ରତିଭା । ପ୍ରାଥମିକ ପଯ୍ୟାୟରୁ ନାଟକ ଲେଖା ପ୍ରତି ରୁଚ ନଥିଲେ ମଧ୍ୟ ଅଭିନୟ ପ୍ରତି ତାଙ୍କର ଏକ ଅହେତୁକ ରୁଚ ଥିଲା । ପିଲା ବେଳରୁ ଗାଁରେ ହେଉଥିବା ଧୁଡୁକ ନାଚ, ଦାସ କାଠିଆ, କେଳାକେଳୁଣୀ ନାଚ ପାଲା ଆଦି ଲୋକନାଟକ ଦେଖି ଦେଖି ସେ ବିମୋହିତ ହୋଇଯାଉଥିଲେ । ଆଉ ଏହି ଆଗ୍ରହ ତାଙ୍କୁ ଖୋରାକ ଯୋଗାଇଥିଲା ଅଭିନୟ କରିବାକୁ । ଏହି ସ୍ୱପ୍ନ ମଧ୍ୟ ସାକାର ହେଲା । ଯାହା ଫଳରେ ସେ ଅଭିନୟ କରି ଗ୍ଲିଲେ ବିଭିନ୍ନ ଢଙ୍ଗରେ ଓ ରଙ୍ଗରେ । ଲକ୍ଷ୍ୟ ହୀନ ଜୀବନ ନେଇ ବଂଚୁଥିବା ମଣିଷ ଶେଷରେ ଜଣେ ଅଭିନେତା ଭାବରେ ପ୍ରତିଷ୍ଠିତ ହେଲେ । ଏବଂ ଏଥି ସଙ୍ଗେ ସଙ୍ଗେ ଓଡ଼ିଶା ସଚିବାଳୟରେ ବ୍ୟକ୍ତିଗତ ସଚିବ ହୋଇ ନଜର ଅଣଆୟତ୍ତ ମନକୁ ଆୟତ୍ତ କରି ପାରିଲେ । ଏହି ସଚିବାଳୟରୁ ଆହୁରି ଏକ ଲୋକ୍କାୟିତ ଥିବା ପ୍ରତିଭା ଫୁଟି ଉଠିଲା । ଗ୍ଲିଶ ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିସାରିବା ପରେ ସେ ଯେ ନଜେ ନାଟକ ରଚନା କରିବେ ତାହା କେବେ ସେ ଭାବି ନଥିଲେ । ମାତ୍ର ସମୟ, ସମାଜ ଓ ବିଶ୍ୱାସ ଏହି ତିନୋଟି 'ସ' ତାଙ୍କୁ ଅଭିନେତାରୁ ନାଟ୍ୟକାର ଭାବରେ ଗଢିତୋଳିଲା ।

ତାଙ୍କର ନାଟକ ଲେଖିବା ନଥିଲା ଏକ ଇଚ୍ଛା ବରଂ ଥିଲା ବାଧ୍ୟବାଧକତା । ନଈରେ ଭାସି ଯାଉଥିବା ମଣିଷଟି ଯେତେବେଳେ କୁଟା ଖିଅଟିକୁ ଦେଖି ବଂଚିବାର ସମ୍ଭାବନା ଦେଖେ, ମାତ୍ର କୁଟା ଖଣ୍ଡକ ଯେ ନଜେ ସ୍ଥିତିହୀନ ତାହା ସେ ଜାଣି ନଥାଏ । ଫଳରେ ବ୍ୟକ୍ତି ସେହି ଅଥଳ ଜଳରେ ଛଟପଟ ହୋଇ ଖାଲି କରୁଣ ଚତ୍କାର କରିଥାଏ । ଯାହାର ଚତ୍କାର ଶୁଣିବାକୁ କେହି ନଥାନ୍ତି । ଠିକ ଏହିପରି ଅବ୍ୟବସ୍ଥା ନାଟ୍ୟକାର ପ୍ରଦୀପ ବିଶ୍ୱାଳଙ୍କ ଜୀବନରେ ଘଟିଛି। ସହାୟତାର ହାତ ବଢ଼ି ଆସିଛି ସତ ; ମାତ୍ର ଉଚତ ସମୟରେ ସେ ସବୁ ଦୂରେଇ

ଯାଇଛି । ନାଟ୍ୟକାରଙ୍କ ବିଷୟରେ ଏତେ ସବୁ କହିବାର କାରଣ ହେଉଛି ତାଙ୍କର ନାଟକ ରଚନା କରିବାର ପ୍ରେରଣା । ମୂଳରୁ କହିଛି ନାଟ୍ୟକାର ଜଣେ ଧୁରନ୍ଧର ଅଭିନେତା । ଏବଂ ଏହି ଅଭିନେତା ନାଟକ ରଚନା କାହିଁକି କଲେ ଓ କାହାଠାରୁ ପ୍ରେରଣା ପାଇଲେ, ତାହା ସେ ଦୃଢ଼ କଣ୍ଠରେ କହିଛନ୍ତି -"ଦୀର୍ଘ ଅଠେଇଶି ବର୍ଷ ପ୍ରତ୍ୟେକ୍ଷ ଭାବେ ନାଟକ ଅଭିନୟ ଦୁନିଆରେ ମିଶି ରହିଥିବା ଭିତରେ **2011** ମସିହା ନଭେମ୍ବର ମାସ କଥା । ଓଡ଼ିଶା ସଚିବାଳୟ ମିଳିତ ସାଂସ୍କୃତିକ ପରିଷଦରେ ମୁଁ ଥାଏ ସାଧାରଣ ସମ୍ପାଦକ । ସଚିବାଳୟ ଅନ୍ତଃବିଭାଗୀୟ ବିଗୀୟ ଓଡ଼ିଆ କ୍ଷୁଦ୍ର ନାଟକ ପ୍ରତିଯୋଗୀତା ଆୟୋଜନ କରିବାକୁ ଯାଇ ଭାଗ ନେଇଥିବା ବିଭିନ୍ନ ସାଂସ୍କୃତିକ ସଂସଦକୁ ନାଟକ ମଞ୍ଚସ୍ଥ କରିବା ପାଇଁ ଦିନ ଧାର୍ଯ୍ୟ କରିଥିଲି । ହେଲେ ପ୍ରତିଯୋଗୀତାରେ ଉଦଘାଟନୀ ଦିନ କେହି ଆଗେଇ ଆସିଲେନି ନାଟକ ମଞ୍ଚସ୍ଥ କରିବା ପାଇଁ । ରବୀନ୍ଦ୍ର ମଣ୍ଡପ ରିଜର୍ଭସନ ସରିଛି । X X X ଶେଷରେ ନିଷ୍ପତି ନେଲି ନାଟକ ମୁଁ ଲେଖିବି ଆଉ ନାଟକ ମଞ୍ଚସ୍ଥ କରିବ, ମୋ ସାଂସ୍କୃତିକ ସଂସଦ, ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସାଂସ୍କୃତିକ ସଂସଦ ଏବଂ ତାହା ପୁଣି ଉଦଘାଟନୀ ଉତ୍ସବ ଦିନ । ଠିକ ମନେଅଛି, ରାତି ତିନିଟା ପଇଁତିରିଶ ମିନିଟ, ଶେଯରୁ ଉଠିଲି ଆଉ କଲମ ଧରିଲି । ଆରମ୍ଭ କଲି ମୋର ପ୍ରଥମ ପରିକଳ୍ପନା "ଆଜିବି ସେଦିନ ମନେ ପଡ଼େ" ନାଟକ ଲେଖା ସରିଲା ଦୁଇଦିନ ଭିତରେ । ଚାରିଦିନ ରିହରସେଲ । ଏବଂ ମଞ୍ଚସ୍ଥ ହେଲା ପ୍ରତିଯୋଗୀତାରେ ଉଦଘାଟନୀ ନାଟକ ଭାବେ ମୁଁ ନିଜେ ବି ସେଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲି, ଏବଂ ମୋତେ ସାଥୀ ଦେଇଥିଲା ମୋର ପ୍ରିୟ ସାଙ୍ଗ ବୈକୁଣ୍ଠ, ଶ୍ରଦ୍ଧାରେ ମୁଁ ତାଙ୍କୁ ଡାକେ 'ବଇ' । ନାଟକ ପରେ ପ୍ରଭୁ ଜଗନ୍ନାଥଙ୍କୁ ଡାକିଲି ଆଉ କହିଲି, ପ୍ରଭୁ ସତରେ ତମେ 'ଭକ୍ତର ବନ୍ଧୁ' । ନାଟକଟି ପୁରସ୍କୃତ ହୋଇ ନଥିଲା ସତ, ଦର୍ଶକଙ୍କୁ ବାନ୍ଧି ରଖି ପାରିଥିଲା । ଆଉ ସେଇଦିନ ମୁଁ ପାଇଥିଲି ମୋ ମନରେ କିଛି ପରିକଳ୍ପନା କରିବାର ଆଗ୍ରହ ।"**(**ନାଟ୍ୟକାରଙ୍କ ଅନୁଭୂତିରୁ- 'ଅବ୍ୟକ୍ତ ଯନ୍ତ୍ରଣା, ପୃ **-7/8)** ତେଣୁ ନାଟ୍ୟକାରଙ୍କର ନାଟ୍ୟ ରଚନା ଏଇଠାରୁ ହିଁ ଆରମ୍ଭ ହୋଇଥିଲା । ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ନାଟ୍ୟକାର ଭାବରେ ପରିଚୟ ଦେଲା ।

ନାଟ୍ୟକାର କେବଳ ନାଟକ ଲେଖିବା ଓ ଅଭିନୟ କରିବାରେ ଧୂରୀଣ ଥିଲେ ତାହା ନୁହେଁ, ତାଙ୍କର ମଧ୍ୟ ଏକ ନିଜସ୍ୱ ସାଂସ୍କୃତିକ ଅନୁଷ୍ଠାନ "ଶ୍ୱେତପଦ୍ମ" । ଏଥିରେ ତାଙ୍କ ରଚିତ ତୃତୀୟ ନାଟକ "ଅବ୍ୟକ୍ତ ଯନ୍ତ୍ରଣା" ମଞ୍ଚସ୍ଥ ହୋଇଥିଲା । ତତସହିତ ଏହାପୂର୍ବରୁ ସେ ଦୁଇଟି

ନାଟକ "ଆଜିବି ସେଦିନ ମନେ ପଡ଼େ"**(2011)**ଓ "ଅକୁହା କଥା" **(2015)** ରଚନା କରି ସେଗୁଡ଼ିକୁ ନିଜର ଶ୍ୱେତପଦ୍ମା ମଞ୍ଚରେ ଅଭିନୀତ କରାଇଥିଲେ । ଏବଂ ଏହା ସହିତ ତାଙ୍କର ଆହୁରି ନାଟକ ମଧ୍ୟ ରଚିତ ହୋଇଛି । ଏହି ସବୁ ନାଟକ ଗୋଡ଼ିକରେ ରହିଛି ମଣିଷ ଜୀବନର ଏକ ବିଶେଷ ଗୋପନୀୟ ତଥ୍ୟ । ଯାହାକୁ ଚାହିଁଲେ ବି ପ୍ରକାଶ କରିହେବ ନାହିଁ । ବ୍ୟକ୍ତିର ଏହି ବିଶେଷତ୍ୱକୁ ନାଟ୍ୟକାର ପଢ଼ିବାକୁ ଚେଷ୍ଟା କରିଛନ୍ତି ନାଟକ ମାଧ୍ୟମରେ ।

ଅବ୍ୟକ୍ତ ଯନ୍ତ୍ରଣା" **(2016)** ନାଟକଟି ଆରମ୍ଭ ହୋଇଛି ପାରିବାରିକ ଜୀବନ ଜଂଜାଳ ମଧ୍ୟରୁ । ପରିବାରର ସୁଖ ଶାନ୍ତି ସବୁ ଯେପରି ଠୁଳ ହୋଇଛି ଏହି ସଂସାର ମଧ୍ୟରେ । ଏଠି ବ୍ୟକ୍ତି ଚାଲି ଚଲେଇବାର ପ୍ରେରଣା ପାଏ । ପୁଣି ଦିଗହରା ହୋଇ ଭାସିବୁଲେ କେଉଁ ଏକ ଅଜଣା ରାଇଜରେ । ଯେଉଁଠି ସେ ଖାଲି ପାଏ ଶୂନ୍ୟତା । ଏଇ ଶୂନ୍ୟତା ଭିତରୁ ନିଜକୁ ବଂଚେଇବାକୁ ଚେଷ୍ଟା କରେ ; ମାତ୍ର ପାରେ ନାହିଁ । ଫଳରେ ସେ କେବଳ ସ୍ୱପ୍ନକୁ ନେଇ ବଂଚବା ଶିଖେ । ବାସ୍ତବତା ତା ଆଗରେ ଫମ୍ପା ମାଠିଆ ପାଲଟିଯାଏ । ଶେଷରେ ତାର ସବୁ ଆଶା ଆକାଂକ୍ଷା ସମୟର ତାଜା ନିଶ୍ୱାସରେ ରକ୍ଷ ହୋଇଯାଏ । ଯାହା ଯୋଗୁଁ ବ୍ୟକ୍ତି ପାଲଟି ଯାଏ ଶୀତୁଆ ସକାଳର କାକର ବିନ୍ଦୁ । ପୁଣି ଏଇ ବିନ୍ଦୁ ସୂର୍ଯ୍ୟର ତେଜିଆନ କିରଣରେ ହରାଇଥାଏ ନିଜର ସ୍ଥିତି । ଯହିଁରୁ ସେ ଇତିରୁ ଅତୀତ, ଅତୀତରୁ ପୁରାତୀତ ପାଲଟିଯାଏ । ତଥାପି ଶେଷ ହୁଏ ନାହିଁ ଅବଶୋଷର ଯନ୍ତ୍ରଣା । କୁହୁଡ଼ିର ପାଉଁଶିଆ ଚାଦର ମଧ୍ୟରେ ଢାଙ୍କି ହୋଇଯାଏ ତାର ସମସ୍ତ କଥାଗଳ୍ପ । କର୍ପୂର ସିନା ଓଡ଼ିଯାଏ ପଡ଼ିରହେ କନା ଖଣ୍ଡକ ଯୁଗ ଯୁଗ ପାଇଁ । ଏହି ଯୁଗାନ୍ତର ଭିତରୁ ନିଜର ସ୍ଥିତି ଖୋଜିବା ଅସମ୍ଭବ ହୋଇପଡ଼େ । ଫଳରେ ଜୀବନ ଯାକ ଯନ୍ତ୍ରଣା ପାଇବା ସାର ହୁଏ । ଯେଉଁ ଯନ୍ତ୍ରଣା ଅବିନାଶୀ ଓ ଅବ୍ୟକ୍ତ । ଏହି ଅବ୍ୟକ୍ତ ଦହନରେ ବ୍ୟକ୍ତି ଦାହ ହୋଇ ପାଉଁଶ ହୋଇଯାଏ ସିନା, ମାତ୍ର ଯନ୍ତ୍ରଣାର ବିନାଶ ହୁଏ ନାହିଁ ।

ନାଟ୍ୟକାର ଶ୍ରୀ ବିଶ୍ୱାଳ ମଣିଷ ମନର ଏହି ଅବ୍ୟକ୍ତ ଦହନର ଦହିତ କଥାକୁ ନାଟକର ମୁଖ୍ୟ ଚରିତ୍ର ମାଧ୍ୟମରେ ଦେଖାଇଛନ୍ତି । ନାଟକର ନାୟକ ହେଉଛନ୍ତି  ଶୁଭକାନ୍ତ ଚୌଧୁରୀ ବିଗତ ଦିନରେ ହଜାଇ ଦେଇଥିବା ମୁହୁର୍ତ୍ତ ଓ ସେଇ ସ୍ମୃତି ତାଙ୍କୁ ପ୍ରତି ମୁହୂର୍ତ୍ତରେ ଯନ୍ତ୍ରଣା ଦେଇଛି । ନିଜେ କଷ୍ଟ ପାଇଛନ୍ତି ସିନା ମାତ୍ର କାହାରିକୁ ନିଜର କଷ୍ଟକୁ ଜାଣିବାକୁ ଦେଇନାହାଁନ୍ତି । ମନ ଭିତରେ ଥିବା ସଂଗୁପ୍ତ କଥାକୁ ମନ ମଧ୍ୟରେ ଚାପି ଦେଇଛନ୍ତି ସବୁଦିନ ପାଇଁ । ଏସବୁ ପରେ ମଧ୍ୟ ଜୀବନର ସେଇ ଭଙ୍ଗା ଆଇନାକୁ ଯୋଡ଼ିବାକୁ ଚେଷ୍ଟା କରିଛନ୍ତି ।

ପୂର୍ବର ସବୁ ସ୍ମୃତିକୁ ଭୁଲି ଯାଇ ନୂଆ କରି ସଂସାର କରିଛନ୍ତି । ଏବଂ ସ୍ତ୍ରୀ ପିଲାଙ୍କ ସଙ୍ଗରେ ଖୋସିରେ ରହିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ତାହା ହୋଇନାହିଁ । ପ୍ରତି ଅମାବାସ୍ୟା ରାତ୍ରୀ ଯେପରି ତାଙ୍କ ପାଇଁ ପାଲଟିଛି ଅଭିଶାପର ରାତ୍ରୀ । ଏହି ରାତ୍ରୀରେ ସେ ଯେପରି ବିକଳ ହୋଇଛନ୍ତି ମୁକ୍ତି ପାଇବା ପାଇଁ । ମାତ୍ର ତାଙ୍କର ମୁକ୍ତି ପାଇବାର ଇଚ୍ଛା ଇଛାରେ ରହିଯାଇଛି । କେଉଁ ଏକ ବାଦ୍ୟର ଧ୍ୱନି ମଧ୍ୟରେ ଗୁଞ୍ଜରିତ ହୋଇ ସେ କଷ୍ଟ ପାଇଛନ୍ତି ତଥାପି ପତ୍ନୀ ମୀରାଙ୍କୁ କହିବାକୁ ସାହସ କରିନାହାନ୍ତି । ପତ୍ନୀ ମୀରା ମଧ୍ୟ ସ୍ୱାମୀଙ୍କର ଆଚରଣରେ ଶଙ୍କିତ ହୋଇଉଠିଛନ୍ତି । ଏବଂ ଯଥାସମ୍ଭବ ଚେଷ୍ଟା କରିଛନ୍ତି ସବୁ ଠିକଠାକ କରିଦେବା ପାଇଁ । ହେଲେ ତାଙ୍କର ସତର ରହସ୍ୟକୁ ଜାଣିବାକୁ ଯାଇ ମଧ୍ୟ ବିଫଳ ହୋଇଛନ୍ତି । ଶୁଭକାନ୍ତ ସ୍ତ୍ରୀଙ୍କର କଥାକୁ କୌଣସି ମତେ ଏଡ଼ାଇ ଦେଇଛନ୍ତି । ବିଶ୍ୱବିଦ୍ୟାଳୟରୁ ପଢ଼ା ଶେଷ କରି ଯେତେବେଳେ ସଂଜୁ ଘରେ ପହଞ୍ଚେ, ସେତେବେଳେ ଜାଣିବାକୁ ପାଏ ବାପାଙ୍କର ପରିବର୍ତ୍ତନ ହେବା କଥା । ଶୁଭକାନ୍ତଙ୍କର ଏହି ପରିବର୍ତ୍ତନରେ ସମସ୍ତଙ୍କ ମନରେ ଯେପରି ଏକ ଅଜଣା ଭୟ ସଂଚାର ହୁଏ । ତେଣୁ ବଡପୁଅ ବିକାଶ, ସାନପୁଅ ସଂଜୁ, ପତ୍ନୀ ମୀରା ଏବଂ ବାଲ୍ୟ ବନ୍ଧୁ ଦେବବ୍ରତ ତାଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତି । ମାତ୍ର ସେ କାହାରି କଥା ଶୁଣି ନାହାନ୍ତି । ମେଡ଼ିକାଲକୁ ଯିବାପାଇଁ କହିଲେ ସେ କିଛି ନା କିଛି ବାହାନା କରି ଚାଲିଯାଆନ୍ତି ।

ବୈବାହିକ ଜୀବନରେ ମୀରା ଲକ୍ଷ୍ୟ କରନ୍ତି ପ୍ରତି ଅମାବାସ୍ୟା ରାତିରେ ତାଙ୍କ ସ୍ୱାମୀ କେମିତି ଗୋଟିଏ ଅଜଣା ଭୟରେ ଆତଙ୍କିତ ହୁଅନ୍ତି, ଆଉ ମଧ୍ୟ କାନ୍ଦିବାର ଧ୍ୱନି ଶୁଣିଥାନ୍ତି, ମାତ୍ର ତାହାକୁ ସେ ଅଣହେଳା କରନ୍ତି, ହେଲେ ସମୟ ଏପରି ମୋଡ଼ରେ ଉପସ୍ଥିତ ଯେଉଁଥିରେ ସେ ଆହୁରି ବେଶି ଭିତତ୍ରସ୍ତା ହୋଇପଡ଼ିଛନ୍ତି । ଶୁଭକାନ୍ତଙ୍କର ବାଲ୍ୟ ବନ୍ଧୁ ଦେବବ୍ରତ ଭାଉଜ ମୀରାଙ୍କୁ ଏ ବିଷୟରେ ପଚାରିଛନ୍ତି,-

ଦେବ : ଆଚ୍ଛା ଭାଉଜ.... ଆଜି କଣ ତିଥି କହିଲ.?

ମୀରା : ଆଜିତ ସେମିତି କିଛି ତିଥି ନୁହଁ..... ଆଜି ହେଲା ଗୁରୁବାର.... କାଲି ଶୁକ୍ରବାର.... ପହରଦିନ ଶନିବାର...... ସାବିତ୍ରୀ ଅମାବାସ୍ୟା..... । ହଁ ଦେବ! ମୋର ଠିକ ସେ ମନେ ପଡୁଛି..... ବାହାଘର ଦିନଠାରୁ ମୁଁ ଗୋଟିଏ କଥା ଲକ୍ଷ୍ୟ କରୁଛି..... ପ୍ରତି ସାବିତ୍ରୀ ଅମାବାସ୍ୟା ରାତିରେ ଅସ୍ପଷ୍ଟ କଥା ସହ ସେ ଚିତ୍କାର କରିଥାନ୍ତି... ତାରି ଭିତରେ ସେ କାନ୍ଦୁଥିବାର ବି ମୁଁ ଅନୁଭବ କରିଛି.....

ସ୍ୱାମୀଙ୍କର ଏପରି ବ୍ୟବହାରରେ ପତ୍ନୀ ମୀରା ଚିନ୍ତିତ ମାତ୍ର କିଛି ସ୍ଥାୟୀ ସମାଧାନ କରିନାହାନ୍ତି । ପରେ ଅନେକ ବୁଝାସୁଝା ପରେ ଶୁଭକାନ୍ତ ମେଡ଼ିକାଲ ଯିବାପାଇଁ ରାଜି ହୋଇଛନ୍ତି । ହେଲେ ସେଠାରେ ସବୁକିଛି ସମାପ୍ତ ହୋଇଯାଇଛି । ଶୁଭକାନ୍ତଙ୍କର ମୃତ୍ୟୁ ଘଟିଛି । ରାତ୍ରୀର ସେଇ ଅତୀତର ପୁରୁଣା ସଂଗୀତର ଧ୍ୱନୀ ଭିତରେ ଗୁଞ୍ଜରିତ ହୋଇଉଠିଛନ୍ତି, ଆଉ ସ୍ୱପ୍ନର କୁହୁଡ଼ି ମଧ୍ୟରେ ସେ ପାଇଛନ୍ତି ତାଙ୍କର ପୁରୁଣା ପ୍ରେମିକା ପଦ୍ମାକୁ । ଯିଏ ତାଙ୍କର ସହଚରି ଓ ସଙ୍ଗିନୀ ହେବାକୁ ରାହିଁ ବସିଥିଲେ । ମାତ୍ର ସାବିତ୍ରୀ ଅମାବାସ୍ୟାର କାଳରାତ୍ରୀ ଏବଂ ଚନ୍ଦ୍ରଭାଗାର ଅବିଶ୍ୱାସୀ ଢେଉ ତାଙ୍କର କଳ୍ପନାର ମୀନାରକୁ ଭାଙ୍ଗିରୁଜି ଛାରଖାର କରିଦେଲା । ଶୁଭକାନ୍ତ ହରାଇ ବସିଲେ ତାଙ୍କର ପ୍ରିୟତମା ପ୍ରେମିକା ପଦ୍ମାକୁ । ସେଇଦିନ ଠାରୁ ତାଙ୍କୁ କେବେ ଭୁଲି ପାରିନାହାଁନ୍ତି । ପଦ୍ମା ମଧ୍ୟ ନିଜର ପ୍ରେମକୁ ପାଇବାକୁ ବ୍ୟାକୁଳ ହୋଇଛନ୍ତି । ତେଣୁ ସେ ମାରି ମଧ୍ୟ ଶୁଭକାନ୍ତଙ୍କ ପାଖରୁ ଛାଡ଼ି ଯାଇନାହାଁନ୍ତି । ତାଙ୍କର ଚାରିପାଖରେ ଖାଲି ଘୁରିବୁଲିଛନ୍ତି । ଶେଷରେ ଦୁହିଁଙ୍କର ଦୀର୍ଘ ଦିନର ଅପେକ୍ଷା ସଫଳ ହୋଇଛି । ଦୁହିଁଙ୍କର ଆତ୍ମା ମିଳିତ ହୋଇଛି । ଏହି ମିଳନର ସ୍ୱପ୍ନ ମଧ୍ୟରେ ଉଭୟଙ୍କ ମଧ୍ୟରେ ହେଉଥିବା କଥୋପ କଥନକୁ ଲକ୍ଷ୍ୟ କରାଯାଉ,-

ଶୁଭକାନ୍ତ : ମୁଁ ବୁଝିପାରୁନି ପଦ୍ମା, କଣ ପାଇଁ ଆମର ମିଳନ ହୋଇପାରୁନି...

ପଦ୍ମା : ମୁଁ ବି ସେଇ ପ୍ରଶ୍ନ ପଚାରୁଛି... ଦେଖ ଶୁଭ... ମୁଁ ଆଉ ପାରୁନି...

ଶୁଭକାନ୍ତ : ପଦ୍ମା...

ପଦ୍ମା : ହୁଁ...

ଶୁଭକାନ୍ତ : ତମେ... ସେମିତି... ମାନେ... ମୋ ପଦ୍ମା... ସେବେ ଯେମିତି ଥିଲା.... ଏବେବି ସେମିତି ଅଛି...

ପଦ୍ମା : ଆଉ ତମେ...

ଶୁଭକାନ୍ତ : ଜୀବନ ସଂଗ୍ରାମରେ ମୁଁ ହାରିଯାଇଛି ପଦ୍ମା... ଆଉ... ପାରୁନି...

ପଦ୍ମା : ହେଲେ ମୁଁ କିନ୍ତୁ ହାରିଯାଇନି... ମୁଁ ଅପେକ୍ଷା କରିଛି ମୋ ଶୁଭକୁ.....

ଶୁଭକାନ୍ତ : କନ୍ତୁ ମୁଁ ଯେ ଅନୁଭବ କରିଛି ଶୂନ୍ୟତା.... ଅବଚେତନ ମନରେ କଛି ସ୍ମୃତି ନେଇ ବଂଚଛି...

ପଦ୍ମା : ହେ.. ଇ; ସେମିତି କୁହନ... ତମ ପଦ୍ମା ଆଜିବି ଅପେକ୍ଷା କରିଛି ତାର ପ୍ରାଣର ଶୁଭକୁ... ଏଇ ଦେଖ ଆଜିବି ଖାଲି ପଡିଛି...

ଅତୀତର ପ୍ରେମକୁ ପାଇଛି ପଦ୍ମା । ଶୁଭକାନ୍ତ ମଧ ନଜର ପ୍ରେମିକାକୁ ପାଇଛି । ଉଭୟଙ୍କର ଶେଷରେ ମିଳନ ଘଟିଛି । ସବୁ ଅତୃପ୍ତି ତୃପ୍ତ ହୋଇଛି ସତ; ମାତ୍ର ଜୀବିତ ଅବସ୍ଥାରେ ମନର କଷ୍ଟକୁ ମନଖୋଲି ସେ କହିପାରିନ କାହାରି ପାଖରେ । ନଜର ଧର୍ମପତ୍ନୀ ମୀରା, ବନ୍ଧୁ ଦେବବ୍ରତ ଯେତେ କହିଲେ ମଧ ନଜର ଏହି ଗୁପ୍ତ ରହସ୍ୟକୁ ବ୍ୟକ୍ତ କରିନ । ବରଂ ମନ ମଧରେ ଏହି ରହସ୍ୟକୁ ଗୁପ୍ତ ରଖି ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି ଏବଂ ଶେଷରେ ମଧ ସଂସାରରୁ ବିଦାୟ ନେଇଛି । ଏଇଠି ନାଟକର ପରିସମାପ୍ତି ଘଟିଛି ।

ନାଟ୍ୟକାର ଶ୍ରୀ ବିଶ୍ୱାଳଙ୍କର ଏହି ନାଟକଟିକୁ ଆମୂଳଚୁଳ ପଢ଼ିଲେ ଲାଗେ ସତେ ଯେପରି ନାଟ୍ୟକାର ଭାବୁକ ପାଲଟି ଯାଇଛନ୍ତି । ପ୍ରେମର ମହତ୍ୱ ଦେଖାଇବାକୁ ଯାଇ ସେ ଯେପରି ସ୍ୱାର୍ଥପର ପାଲଟି ଯାଇଛନ୍ତି । ଗୋଟିଏ ପଟେ ବିବାହିତ ପତ୍ନୀ ମୀରା ଓ ପରିବାର ଏବଂ ଅନ୍ୟପଟେ ନଜର ପ୍ରେମିକା ପଦ୍ମାର ପ୍ରେମ । ଏହି ଭିତରେ ସେ ପରିବାରକୁ ଭୁଲି ପ୍ରେମର ଆକର୍ଷଣରେ ବେଶି ବଶବର୍ତ୍ତୀ ହୋଇଥିବାର ଦେଖାଯାଏ । ଏଥିରେ ମୋଟ ସାତଟି ଚରିତ୍ରକୁ ନେଇ ଚଉଦଟି ଦୃଶ୍ୟରେ ନାଟକଟିକୁ ପୂର୍ଣ୍ଣ କରିଛନ୍ତି । ଗୁରୋଟି ପୁରୁଷ ଚରିତ୍ର ହେଉଛନ୍ତି ଶୁଭକାନ୍ତ ଚୌଧୁରୀ, ବଡ଼ ପୁଅ ବିକାଶ ଚୌଧୁରୀ, ସାନପୁଅ ସଞ୍ଜୟ ଚୌଧୁରୀ,ବନ୍ଧୁ ଦେବେନ୍ଦ୍ର ଚୌଧୁରୀ ଓ ଘରେ କାମକରୁଥିବା ରାଜୁ । ସେହିପରି ଦୁଇଟି ନାରୀ ଚରିତ୍ର ହେଲେ ମୀରା ଓ ପଦ୍ମା । ଏହି ଦୁଇ ନାରୀ ଚରିତ୍ର ନାଟକର ମୁଖ୍ୟ ଚରିତ୍ର ଭାବରେ ଦଣ୍ଡାୟମାନ । ନାଟ୍ୟକାର ଏହି ଦୁଇ ଚରିତ୍ରକୁ ଅଭିନବ ଶୈଳୀରେ ଗତିଶୀଳ କରାଇଛନ୍ତି । ମୀରା ଚରିତ୍ରଟି ଶୁଭକାନ୍ତଙ୍କର ବିବାହିତା ପତ୍ନୀ । ସ୍ୱାମୀ, ପିଲାମାନଙ୍କୁ ନେଇ ସେ ଉତ୍ତମ ଭବିଷ୍ୟତର କାମନା କରିଛି । ସମସ୍ତ ଝଡଝଞ୍ଜାକୁ ସାମ୍ନା କରିବାକୁ ତତ୍ପର ହୋଇଛି । ମାତ୍ର ପଦ୍ମା ଚରିତ୍ରଟିକୁ ନାଟ୍ୟକାର ଅପ୍ରାପ୍ତିର ଅଝାଲ ଭିତରେ ବାନ୍ଧି ଦେଇଛନ୍ତି । ପଦ୍ମା ସ୍ୱପ୍ନର ନାୟିକା ଭାବରେ ଦଣ୍ଡାୟମାନ । ମୃତ୍ୟୁଲୋକର ସେ ପ୍ରତିନଧି । ଯେଉଁଠି ମଣିଷ ଥରେ ଗଲେ ଆଉ କେବେବି ଫେରିଆସେ ନାହିଁ । ନାଟ୍ୟକାର ନାଟକର ଆରମ୍ଭରୁ ଏକ ରହସ୍ୟମୟ ଭାବରେ କଥାବସ୍ତୁକୁ ଆଲୋଚନା କରିଛନ୍ତି ଯାହାର ପ୍ରତିନଧି ପାଲଟିଛନ୍ତି ଶୁଭକାନ୍ତ ।

ପଦ୍ମାର ପ୍ରେମକୁ ଗୁପ୍ତ ରଖି ଆରମ୍ଭରୁ ଅମାବାସ୍ୟା ରାତିର କଥା କହି ଦର୍ଶକଙ୍କ ଉତ୍କଣ୍ଠା ରକ୍ଷା ମଧ୍ୟ କରିଛନ୍ତି । ଆନ୍ତରାଳର ସଙ୍ଗୀତ ମଧ୍ୟରେ ନାଟକର ରହସ୍ୟତାକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି । ପୁଣି ପରବର୍ତ୍ତୀ ସମୟରେ ସେଇ ରହସ୍ୟକୁ ଉନ୍ମୋଚନ କରି ପଦ୍ମାକୁ ଦର୍ଶକ ସାମ୍ନାକୁ ନେଇ ଆସିଛନ୍ତି । ଆଉ ଏହି ଚରିତ୍ର ମାଧ୍ୟମରେ ନାଟକର ଯବନିକା ପକାଇଛନ୍ତି । ପଦ୍ମା ସ୍ୱପ୍ନର ନାୟିକା । ତାର ଉପସ୍ଥିତି ନାଟକକୁ କରିଛି ଉତ୍କଣ୍ଠାମୟ । ବିଚଳିତ ଶୁଭର ମନ ଯେ ଏଇ ନାୟିକା ପାଇଁ ଶେଷରେ ଦର୍ଶକ ଜାଣିପାରିଛନ୍ତି । ସବୁ ଦ୍ୱ ଉତ୍କଣ୍ଠା ଶେଷ ହୋଇଛି ଏଇ ଚରିତ୍ର ପାଖରେ । ନାଟକରେ ଯଦି ଏହି ଚରିତ୍ରଟିକୁ ନାଟ୍ୟକାର ଚିତ୍ରିତ କରିନଥାନ୍ତେ ତେବେ ନାଟକର ଶୀର୍ଷ ଓ ପରିଣତି ସେତେ ସେତେ ଉତ୍କଣ୍ଠା ଓ ଆବେଗମୟ ହୋଇପାରିନଥାନ୍ତା । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ନାଟ୍ୟକାର ପ୍ରଦୀପ ବିଶ୍ୱାଳ ଜଣେ ସଫଳ ଚରିତ୍ର ଚିତ୍ରଣକାରି ନାଟ୍ୟକାର ଭାବରେ ପରିଚିତ ।

ଏଣୁ ଏହି ଭାବରେ କହିବାକୁ ଗଲେ ଏକ ଆଇଡ଼ିଆଲିଷ୍ଟ ନାଟ୍ୟକାର ଭାବରେ ସେ ପରିଚିତ । ନାନ୍ଦି, ସୂତ୍ରଧର କିମ୍ବା ନଟନଟୀ ତାଙ୍କ ନାଟକରେ ସ୍ଥାନ ପାଇନାହାନ୍ତି । ବରଂ ସିଧାସଳଖ ଭାବରେ ନାଟକ ଆରମ୍ଭ ଓ ପରିଣତି ଘଟିଛି । ଏକ ପାରିବାରିକ କାହାଣୀକୁ ଆଧାର କରି ନାଟକଟି ଗଢ଼ିଉଠିଥିଲେ ମଧ୍ୟ ଏଥିରେ ରହିଛି ରୋମାଣ୍ଟିକ ଭାବବଳୟ ଓ କରୁଣ ପରିଣତି । ପ୍ରଥମରୁ ନାଟକଟି ସରଳରୈଖିକ ଭାବରେ ଗତିକରୁଥିଲା ବେଳେ ହଠାତ ନାଟକରେ ଏକ ଝଡ଼ର ଅବତାରଣା ଘଟିଛି । ଶୁଭକାନ୍ତଙ୍କ ମନରେ ଥିବା ଅଜଣା କ୍ଷତ ପତ୍ନୀ ମୀରା ଦେଖିପାରିନାହାନ୍ତି, ତେଣୁ ଶୁଭର ଦୁହୁଲା ମନରେ ପଦ୍ମା ଭରିଦେଇଛି ସ୍ଥିରତା । ତେଣୁ ଶେଷରେ ନାଟକରେ ଶୁଣାଯାଇଛି କରୁଣ ଝଙ୍କାର । ତେଣୁ ଏହି ନାଟକଟିକୁ ଦେଖିଲେ ନାଟ୍ୟକାର ସେକ୍ସପିଅରିୟ ଶୈଳୀରେ ରଚିତ ବୁଲି ଜଣାପଡ଼େ । ତଥାପି ନାଟ୍ୟକାର ଏହାରି ମଧ୍ୟରେ ହସ୍ୟରସର ଅବତାରଣା କରିଛନ୍ତି ରାକର ରାଜୁର ସଂଳାପରେ । ପାନ ଶବ୍ଦଟିକୁ ନେଇ ସେ ସୃଷ୍ଟି କରିଛନ୍ତି ରାଗ, ରୁଷା, ଅଭିମାନ ଭରା ହାସ୍ୟରସ । ତତସହିତ back ground voice ଭିତରେ ନାଟକଟି ସଙ୍ଗୀତ ବିହୀନତାକୁ ଦୂରେଇ ଦେଇଛି । ଏଣୁ ସମଗ୍ର ନାଟକଟିକୁ ଦେଖିଲେ ନାଟ୍ୟକାରଙ୍କର ନୂତନ ଶୈଳୀ ଓ ଭିନ୍ନ ଭାବନା ଦୃଷ୍ଟିଗୋଚର ହୁଏ । ଯାହା ନାଟ୍ୟକାରଙ୍କୁ ପାଠକ ସମ୍ମୁଖରେ ସ୍ମରଣୀୟ କରି ରଖିବ ।

ଓଡ଼ିଆ ଅଧ୍ୟାପକ
ପରମାନନ୍ଦ ବିଜ୍ଞାନ ବିଦ୍ୟାଳୟ,ମୋଚନ୍ଦା

# ବୋଧେ ଡେରି ହୋଇ ଗଲ୍



ମମତା ଭୂତ

ତୁ ଆସିବା ପରେ ହସିବା ଶିଖିଲି
ଭାଙ୍ଗିଥିଲ୍ ନିରବତା
ମନେ ମନେ ଭାବି ଚୁପ ରହୁଥିଲି
ପାଟି ରେ ନଥିଲ୍ ଭାଷା
ଏ ନିରବତା ଭାଙ୍ଗିବାର ଥିଲ୍
ଆସିବା ରେ ବୋଧେ ଡେରି ହୋଇ ଗଲ୍.......
ଅଜାଣତେ ଆସି ଭରି ଦେଲୁ ଖୁସି
ଏ ଖୁସି ଆଗରୁ ଦେବାର ଥିଲ୍
ତୋ ପାଇଁ ପ୍ରକାଶିତ ମନର ପ୍ରତିଭା
ଲୁକାୟିତ ହୋଇଥିଲ୍
ତୋ ପ୍ରଶାସନେ ପ୍ରଭାବିତ ହୋଇ
ପାଇଲି ମଣିଷ ଚହ୍ନିବା କଳା
ଏ କଳା ଆଗରୁ ଜାଣିବାର ଥିଲ୍
ବୋଧେ ଡେରି ହୋଇ ଗଲ୍....
ହସି ହସେଇବା ଶିଖିଲି ତୋଠାରୁ
ପାଇଲି ମନରେ ସାହସ
ନିଃସ୍ୱାର୍ଥ ସାଜି ବନ୍ଧୁତା ରଖିଲି
ଜାଣେନା କଉଠି ରହିଲ୍ ଦୋଷ
ତୁ ଗଲ୍ ପରେ ଅଛି ନୀରବରେ
ନାହିଁ ଲୁହ, କୋହ, ମୋହ
ବସିଛି ମୁଁ ଏକାନ୍ତ ରେ

ଗଲ୍ ପରେ ମନେ ପଡ଼ିଗଲ୍
ହଁ ଆଗରୁ ଯିବାର ଥିଲ୍
ବୋଧେ ଡେରି ହୋଇ ଗଲ୍....
ତୁ ଗଲ୍ ପରେ ଚହ୍ନିଲି ନଜକୁ ମୋର
ମୋ ପାଇଁ ମୁଁ କେତେ ଦରକାର
ଜାଣିଲି ମୁଁ ବି ଦୃଢ଼ ସବଳ
ଠିକ୍ ସେତେବେଳେ ଲୁହ ଝରିଗଲା
ଏ ଲୁହ ଆଗରୁ ଝରିବାର ଥିଲ୍
ବୋଧେ ଡେରି ହୋଇ ଗଲ୍.....
ଗଲ୍‌ବେଳେ ଯାହା ଦେଇ ଗଲୁ
ବୋଧେ ଆଗରୁ ଦବାର ଥିଲ୍
ତୋ ଯିବା ନହାତି ଦରକାର **?**
ନା ଯିବାର ବାହାନା ଥିଲ୍
ହଁ ବୁଝିବାରେ ମତେ ଡେରି ହେଲ୍
ବୋଧେ ଡେରି ହୋଇ ଗଲ୍.....
ମିଛ ଜାଲ କାଟି ଆସିଛି ବାହାରି
ଜାଣେନା କେବେଠୁ ଫାଶ ଲ୍‌ଗିଥିଲ୍
ଅଦିନଆଁ ଝଡ଼ ଫାଶ କାଟି ଦେଲ୍
ହଁ ଆଗରୁ କଟିବାର ଥିଲ୍
ବୋଧେ ଡେରି ହୋଇ ଗଲ୍.....

ବଲ୍‌ଙ୍ଗୀର

# ସମ୍ପର୍କର ଫଲ୍ଗୁ



ପ୍ରହଲ୍ଲାଦ ଦଣ୍ଡସେନା

ସେ ବାଙ୍କ ଗୃହାଣୀର ମୋହିନୀ ରୂପ ଯେବେ ଦେଖି ଦେଲି ଖାଲି ଥରେ,
ମନ ମୀନ ମୋର ଆକର୍ଷିତ ହେଲା ପ୍ରସ୍ଫୁଟିତ ନୟନ ରେ ।
କେଜାଣି କାହିଁକି ଆନ୍ଦୋଳିତ ହେଲା କେତେବେଳେ ହୃଦୟ ଗହ୍ୱରରେ,
ସୀମାହୀନ ତା'ର  ମହାସାଗର କୋଳରେ ଶାମୁକାରୁ ମୁକ୍ତା ସନ୍ଧାନରେ ।
ହା ହତାଶ ଅସୁମାରୀ ସ୍ୱପ୍ନ ସବୁ ନମିଷକେ ଗ୍ଳିଯାଏ ଦୂରେ,
ଇଣ୍ଟରନେଟ, ଇମେଲ ଫେସବୁକ  ଦେଖି ଦେଖି  ପ୍ରତିଛବି ଆପ୍ରାପ୍ତି ଭିତରେ ।
ଜୀବନେ ଯୌବନ ଓ ସୌନ୍ଦର୍ଯ୍ୟର ଭର୍ ଦୁନଆରେ  ଅସରନ୍ତି ପ୍ରତୀକ୍ଷା ର
ଅତିଥି ଭ୍ବରେ,
ତଥାପି ଆଶାର ତାଜମହଲ ଗଢିବାକୁ ଗ୍ହିଁ ରହେ ଯୁଗ ଯୁଗାନ୍ତରେ ।
ସାର୍ ସଂସାରର ସ୍ନେହ ମମତା ବନ୍ଧନର   ଆମ୍ରିୟତା ଲିପ୍ତକରେ ଅଦୃଶ୍ୟ ସ୍ପର୍ଶରେ,
ବାକ ରହିଯାଏ ଅଭୁଲାସ୍ମୃତିର ଚହ୍ନସବୁ  ଚରଦିନ ଭିନ୍ନ ଏକ ଦିଗବଳୟରେ ।

ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଘୁନା, ବଲାଙ୍ଗୀର

# ହେ ପରମପୁରୁଷ



ଅଧ୍ୟାପକ ଗୋପାଳ ମହାରଣା

ହେ ଶ୍ରୀକୃଷ୍ଣ
ତୁମ ଧରାବତରଣେ
କେତେ ଆଶା
ଜାଗିଅଛି ମନେ ।।
ବିନାଶିବ ଅଧର୍ମକୁ
ହେବ ଧର୍ମ ରକ୍ଷା
କଂସର ନିଧନ ହେବ
ତୁମେ ହେ ସାଜିବ ପ୍ରଭୁ
ଗରିବର ସଖା ।
ତୁମ୍ଭେ ସୃଜିଥିବା
କୋକୁଆ ଏବେ ଆଉନାହିଁ
କରୋନା ସାଜିଛି କଂସ
ମୃତ୍ୟୁର ସେ ତାଣ୍ଡବ ରଚଇ ।।
ଉଦ୍ଧାର ତୁମ୍ଭର ସୃଷ୍ଟି
ହେ ସୃଷ୍ଟି କରତା
ଅଶାନ୍ତିକୁ ନାଶକର
ହେ ସୃଷ୍ଟି କରତା ।।

ଉମରକୋଟ, ନବରଙ୍ଗପୁର, ଓଡିଶା

# ବେଆଇନ ବନ୍ୟଜନ୍ତୁ ବ୍ୟାପାର ପ୍ରକୃତି ସନ୍ତୁଳନରେ ବାଧା?



ଅସିତ ମହାନ୍ତି

ବିଲୁପ୍ତ ଏବଂ ଆବିର୍ଭାବ ହେବା ଆମ ଗ୍ରହର ବିବର୍ତ୍ତନ ଇତିହାସର ଏକ ପ୍ରାକୃତିକ ଅଂଶ | ଗତ ପାଞ୍ଚ ଶତାବ୍ଦୀରେ ଅତି କମରେ ୯୦୦ ପ୍ରଜାତି ଲୋପ ପାଇଯାଇଛନ୍ତି। | ସର୍ବଭାରତୀୟ ସ୍ତରରେ ବେଆଇନ ବନ୍ୟଜନ୍ତୁ ବାଣିଜ୍ୟ ଏକ ସଂଗଠିତ ଅପରାଧର ରୂପ ପାଲଟିଛି ଯାହା ବର୍ଷ ବର୍ଷ ଧରି ଅନେକ ଅସୁରକ୍ଷିତ ତଥା ବିଲୁପ୍ତ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ବାଣିଜ୍ୟରେ ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ଉତ୍ପାଦ ଏବଂ ବନ୍ୟଜନ୍ତୁମାନଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କିମ୍ବା ଅବୈଧ ଶିକାର ଦ୍ୱାରା ପ୍ରାପ୍ତ ଶରୀରର ଅଂଶଗୁଡିକ ବିକ୍ରୟ କରାଯାଇଥାଏ | ପ୍ରତିବର୍ଷ ୧୫୦ ବିଲିୟନରୁ ଅଧିକ ଜୀବଜନ୍ତୁଙ୍କୁ ହତ୍ୟା କରାଯାଏ | ଅବୈଧ ଶିକାର ଏବଂ ଚୋରା ଚାଲାଣକାରୀଙ୍କ ସମେତ ଅନେକ କୁଖ୍ୟାତ ବନ୍ୟଜନ୍ତୁ ଏବଂ ଚୋରା ଚାଲାଣକାରୀଙ୍କ ସମେତ ଅନେକ କୁଖ୍ୟାତ ବନ୍ୟଜନ୍ତୁ ଡାକୁ ଏହି ଅବୈଧ ବାଣିଜ୍ୟ ଚଳାଉଛନ୍ତି। ଏକ ଅବିସ୍ମରଣୀୟ ପ୍ରମାଣ ଅଛି ଯାହା ଦର୍ଶାଏ ଯେ ପ୍ରକୃତି ଉନମୁକ୍ତ ଏବଂ ଆମ ଗ୍ରହ ଅନବରତ ଭାବେ ମନୁଷ୍ୟକୁ ଚେତାବନୀ ଦେଉଛି । ପ୍ରକୃତି ମନୁଷ୍ୟ ଠାରୁ ଆରମ୍ଭ କରି ପଶୁ, ପକ୍ଷୀ ଏବଂ ତରୁଲତା ସବୁକିଛି ସୃଷ୍ଟି କରିଛି । ଏଠାରେ ସମସ୍ତେ ସମସ୍ତଙ୍କ ଉପରେ ନିର୍ଭରଶିଳ, ଯଦି ଏହି ସନ୍ତୁଳନ ବିଗିଡିଯାଏ ତାହେଲେ ପୁରା ଜୀବନ ପ୍ରଭାବିତ ହେବ| ସେହିଭଳି, COVID- ୧୯ ହେଉଛି ଏକ ପଶୁଜନିତ ରୋଗ, ଅର୍ଥାତ୍ ଏହା ଏକ ପଶୁରୁ ଉତ୍ପନ୍ନ | ବେଆଇନ ବନ୍ୟଜନ୍ତୁ ବାଣିଜ୍ୟ ବଢୁଥିବା ମହାମାରୀର ଏକ ପ୍ରମୁଖ କାରଣମଧ୍ୟରୁ ଅନ୍ୟତମ - ଏହା ମଣିଷମାନଙ୍କୁ ବନ୍ୟଜନ୍ତୁ ସହିତ ଘନିଷ୍ଠ ସମ୍ପର୍କରେ ଆଣୁଛି | ଅବୈଧ ପଶୁ ପକ୍ଷୀଙ୍କ ଶିକାର ରିପୋର୍ଟରୁ ଜଣାପଡିଛି ଯେ ପ୍ରତିବର୍ଷ ପ୍ରାୟ ୩୦,୦୦୦ ପ୍ରଜାତି ବିଲୁପ୍ତ ହେଉଛନ୍ତି | ତାହା ଘଣ୍ଟା ପ୍ରତି ପ୍ରାୟ ତିନୋଟି ପ୍ରଜାତି! ଏକ ନିରାପଦ, ସ୍ଥାୟୀ ଏବଂ ସ୍ୱାସ୍ଥ୍ୟକର ଦୁନିଆ ପାଇଁ ଏହି ଘୃଣ୍ୟ ଏବଂ ଅବୈଧ ବାଣିଜ୍ୟକୁ ସମାପ୍ତ କରିବାକୁ ହେବ ଏବଂ ଏହି ଦାୟିତ୍ୱଟି ହେଉଛି ପ୍ରତ୍ୟକ

ନାଗରିକଙ୍କର | ଭାରତ ହେଉଛି ବିଶ୍ୱର ବୃହତ୍ତମ ଜୈବ ବିବିଧତା ହଟସ୍ପଟ୍ ଏବଂ ବନ୍ୟଜନ୍ତୁ ଅବୈଧ ଶିକାର ତଥା ଚୋରା ଚାଲାଣକାରୀଙ୍କ ଟାର୍ଗେଟରେ ରହିଛି। ବେଆଇନ ବନ୍ୟଜନ୍ତୁ ବାଣିଜ୍ୟ ବିବିଧ ଏବଂ ଏଥିରେ ବିଭିନ୍ନ ପ୍ରକାରର ଉତ୍ପାଦ ଅନ୍ତର୍ଭୁକ୍ତ ଯେପରିକି ମଙ୍ଗୁଜ କେଶ, ସାପ ଚର୍ମ, ଗଣ୍ଡା ସିଙ୍ଘ, ବାଘ ଏବଂ ଚିତାବାଘ ପଞ୍ଝା, ହାଡ, ଚର୍ମ, ନସ, ହାତୀ ଦାନ୍ତ, ହରିଣ ସିଂଘ ଏବଂ ଚମଡା, କଇଁଛ ଶେଲ୍, ମସ୍କ ପୋଡ୍, ଭାଲୁ ପିତ୍ତ, ଔଷଧୀୟ ଉଦ୍ଭିଦ ଏବଂ ପାଙ୍ଗୋଲିନ୍ ସ୍କେଲଶ | ପାଙ୍ଗୋଲିନ୍ ବିଶ୍ୱ ର ସର୍ବାଧିକ ବେପାର ହୋଇଥିବା ସ୍ତନ୍ୟପାୟୀ ପ୍ରାଣୀ ବୋଲି ବିଶ୍ୱାସ କରାଯାଏ, ଯାହା ସମସ୍ତ ବେଆଇନ ବନ୍ୟଜନ୍ତୁ ବାଣିଜ୍ୟର ୨୦% ଅଟେ। ଇଣ୍ଟରନ୍ୟାସନାଲ ୟୁନିଅନ୍ ଫର କନ୍ସର୍ଭେସନ୍ ଅଫ୍ ନେଚର (IUCN) ଅନୁଯାୟୀ, ୨୦୧୪ ପୂର୍ବରୁ ଏକ ଦଶନ୍ଧି ମଧ୍ୟରେ ଏକ ମିଲିୟନରୁ ଅଧିକ ପାଙ୍ଗୋଲିନ୍ ଅବୈଧ ଶିକାର କରାଯାଇଥିଲା।ଏହି ବ୍ୟବସାୟଟି କେବଳ ଭାରତରେ ନୁହେଁ ବରଂ ପୁରା ବିଶ୍ୱରେ ଭଲଭାବେ ଚାଲିଛି ଯାହା ବଡ ବଡ ଜଙ୍ଗଲରୁ ମହତ୍ୱପୂର୍ଣ ଜୀବଜନ୍ତୁ ମାନଙ୍କୁ ଶେଷ କରିସାରିଲେଣି । ଯାହାଫଳରେ ଜଙ୍ଗଲର ସନ୍ତୁଳନ ନଷ୍ଟ ହୋଇସାରିଛି । ଯେହେତୁ ଏହି ବ୍ୟାପାର ଚୋରି ଦ୍ୱାରା ହେଉଛି, କୋଟି କୋଟି ଟଙ୍କା ବ୍ୟାଙ୍କରେ ଜମା ନହୋଇ କଳା ଟଙ୍କାରେ ପରିଣତ ହେଉଛି। ଯାହାଫଳରେ ସରକାରୀ ଖଜାନାକୁ ବହୁତ କ୍ଷତି ହେଉଛି। ସରକାରଙ୍କ ଦ୍ୱାରା ଦୃଢ ସୁରକ୍ଷା ପ୍ରତିରକ୍ଷା ଆଇନ ଥିବା ସତ୍ତ୍ୱେ ଏହା କପରି ସମ୍ଭବ ହେଉଛି ? ଏଥିରୁ ସ୍ପଷ୍ଟ ହୋଇଛି ଯେ ବିଭାଗୀୟ କର୍ମଚାରୀମାନେ ଚୋରା ଚାଲାଣକାରୀଙ୍କ ସହିତ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଅପରାଧ କାର୍ଯ୍ୟକୁ ବନ୍ଦ କରିବା ପାଇଁ ସରକାରଙ୍କୁ କେତେଗୁଡିଏ ପଦକ୍ଷେପ ନେବାକୁ ହେବ| ବେରୋଜଗାର ମାନଙ୍କୁ ଚାକରିର ସୁଯୋଗର ବ୍ୟବସ୍ଥା କରିବା ଉଚତ୍ | କାରଣ ଏହି ବେକାର ଗୋଷ୍ଠୀ ମାନେ ସେମାନଙ୍କର ଜୀବିକା ନିର୍ବାହ ପାଇଁ ପାଇଁ ଏହି କାର୍ଯ୍ୟକଳାପ ସହିତ ବିଶେଷ ଭାବେ ଜଡିତ ଯାହା ଧୀରେ ଧୀରେ ସେମାନଙ୍କର ପେଶାରେ ପରିଣତ ହେଉଛି | ଏହା ବ୍ୟତୀତ ଏହି ବିଷୟରେ ବିଦ୍ୟାଳୟ ଏବଂ କଲେଜ ପାଠ୍ୟକ୍ରମରେ ପୃଥକ ଭାବେ ବିଷୟଟିକୁ ଯୋଡାଯିବା ଉଚତ | ଉଭୟ ଅଡିଓ ଏବଂ ଭିଜୁଆଲ୍ ନିୟମିତ ସଚେତନତା ଅଭିଯାନ ଏହି ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିପାରେ| ଉଭୟ ଚୋରା ଚାଲାଣକାରୀ ଏବଂ ଏହି କାର୍ଯ୍ୟକଳାପରେ ଜଡିତ ଥିବା ସମ୍ପୃକ୍ତ ଅଧିକାରୀଙ୍କ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ହେବା ଉଚତ୍।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

# ଏ ଜାତିର ଥରେ ପଢ଼ୁ ମନେ



ହରେରାମ ପଣ୍ଡା

ଗାନ୍ଧିଜୀ, ତୁମ ଜନମ ଦିନରେ
ବୁଲି ଆସନ୍ତୁ କି ଭାରତକୁ,
ତୁମ ସପନର ଭାରତ କିପରି
ମାଡ଼ି ଚାଲିଅଛି ତ ଆଗକୁ ।

ଅହିଂସା ଏଠାରେ ବାଟବଣା ଆଜି
ହିଂସା, ରକ୍ତପାତ ବଢ଼ିଚାଲେ,
ସତ୍ୟ, ଶାନ୍ତି, ଦୟା, କ୍ଷମା ଆଦି ଗୁଣ
ମଣିଷଠୁଁ ଆଜି କେତେଦୂରେ ?

ନିଶାପାନ ଆଜି ବଢ଼ି ଚାଲୁଅଛି
ମଦମୃତ୍ୟୁ ଘଟେ ପ୍ରତିଦିନ,
ଭାଷଣବାଜିରେ ହେବ କି ସଫଳ
ନିଶା ନିବାରଣ ଅଭିଯାନ ?

ନାରୀଜାତି ନୁହେଁ ସୁରକ୍ଷିତ ଏଠି
ବଢ଼ିଚାଲେ ନାରୀ ନିର୍ଯ୍ୟାତନା,
ଲୁଣ୍ଠନ, ଶୋଷଣ, ଅନ୍ୟାୟ, ଅନୀତି,
ଦୁଷ୍କର୍ମର ଏଠି ନାହିଁ ସୀମା ।

ଭୁଲିଛି ଏ ଜାତି ଏକତା, ସଂହତି,
ଜାତି ଧର୍ମ ନେଇ ଭେଦଭାବ,
କେମିତି ବୁଝିବ ଆତ୍ମା ତୁମର
ଦେଖି ଏ ଜାତିର ମନୋଭାବ ।

ଯେଉଁ ମନ୍ତ୍ର ତୁମେ ଶିଖାଇଥିଲ ହେ,
ଏ ଦେଶ ଜନତା କାନେକାନେ,
ତୁମ ଜୟନ୍ତୀରେ ତୁମରି ଆଦର୍ଶ
ଏ ଜାତିର ଥରେ ପଡୁ ମନେ ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ପାର୍ବଣ ଫେରିଛି

ନିରଞ୍ଜନ ସାହୁ

ବରଷକ ପରେ ପାର୍ବଣ ଆସିଛି
ହସୁଛି ଆମରି ଗାଆଁ
ସଭିଙ୍କ ମନରେ ଆନନ୍ଦ ଭରିଛି
ଯୁଆଡେ ଚାହୁଁଛ ଚାହାଁ ।

ଗାଆଁର ପ୍ରତିଟି ସାହିରେ ଚାଲିଛି
ମାଆଙ୍କର ମୂର୍ତ୍ତି ଗଢ଼ା
ପାର୍ବଣ କେମିତି ସଫଳ ହୋଇବ
ଲାଗିଛନ୍ତି ଟୋକାବୁଢା
ଗାଆଁସାରା ଏବେ ପୂଜା ପ୍ରସ୍ତୁତିରେ
ଚାଲିଛି ଦଉଡା ଧାଆଁ ।

ମହାଆଡ଼ମ୍ବରେ ଦେବୀ ପୂଜା ହେବେ
ଚାଲିଅଛି ସାଜସଜ୍ଜା
ଦେବୀଙ୍କୁ ସ୍ୱାଗତ କରିବା ପାଇଁକି
ବାଜିବ ମଙ୍ଗଳ ବାଜା
ସଭିଙ୍କ ତୁଣ୍ଡରେ ଗୁଞ୍ଜରିତ ହେବ
ମାଆଙ୍କ ପବିତ୍ର ନାଆଁ ।

ମନୋରଞ୍ଜନର ଖୋରାକ ଯୋଗାଇ
ଆସିବ ଯାତରା ଦଳ
ବନ୍ଧୁବାନ୍ଧବଙ୍କ ଗହଳ ଲାଗିବ
ବୁଲିବେ ହୋଇକ ମେଳ
ଭଷାଣି ଉତ୍ସବେ ବାଜା ଯେ ବାଜିବ
ଶୁଭୁଥିବ ଢାଆଁ ଢାଆଁ ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨ )

କୁଅରୁ ଉଷୁମ ପାଣି ବାଲତିଏ କାଢ଼ି ମୁଁ ଧଡ଼ପଡ଼ ଧାନଉଁଷା ଚୁଲିରୁ ଉଷୁମ ପାଉଁଶ ନେଇ ଦାନ୍ତ ଘଷି ପକାଏ । ପୁଣିଥରେ ବିଛଣାରେ ବସି ମୁଣ୍ଡ ପର୍ଯ୍ୟନ୍ତ କନ୍ଥାକୁ ଟାଣି ଆଣି ବହି ଖୋଲି ବସିଯାଏ । ମାଆ ଆସି ଲଣ୍ଠନଟା ତେଜି ଦେଇ ଯାଏ । କମ୍ ଆଲୁଅରେ ପଢ଼ିଲେ ଆଖି ଖରାପ ହେବ ।

ବାହାରୁ ପହରିକଆ ଶିଆଳଟା ହୁକେ ହୋ ଦିଥର ଧର୍ମଡାକ ଛାଡ଼ି କୋଉ କଆ କେତକୀ ବଣରେ ଯାଇ ଲୁଚ ଯାଏ । ଠିକ୍ ତା ପରେ ପରେ କଳାକର ବଡ଼ବାପାଙ୍କ କଠଉର ଠକ୍ ଠକ୍ ଶୁଣାଯାଏ, ତା ସହିତ ତାଙ୍କର ଖଣ୍ଡିକାଶ । ମାଆ କପାଳ ପର୍ଯ୍ୟନ୍ତ ଓଢ଼ଣା ଟାଣିଦେଇ ଗଳ ଭିତରକୁ ଟିକେ ଆଡ଼େଇ ହେଇ ଆସେ । ଦେଢ଼ଶୂର ବାରେ ।

ଭାରି ରେକଠୋକ୍ ଲୋକ । ସାହିରେ ସମସ୍ତେ ଭୟ କରନ୍ତି । ସମୟାନୁବର୍ତ୍ତିତା ଓ ଅନୁଶାସନ ତାଙ୍କଠାରୁ ଶିଖିବା କଥା । ପୁରୁଖା ଲୋକ । ପୁରୁଣା ଚଳଣୀ, ସଂସ୍କାର ଇତ୍ୟାଦିକୁ ହାଡେ ହାଡେ ଜଗିବା ଲୋକ । ଖଣ୍ଡିକାଶ ଶୁଣି ଆଡେଇ ନଗଲେ କଠଉକୁ ଭୂଇଁରେ ବାଡାନ୍ତି ହୁମ୍ ହୁମ୍ ହେଇ ।

ବଡ଼ବାପାଙ୍କ କଠଉର ଠକ୍ ଠକ୍ ଶୁଣି ସାରିଲା ପରେ ଯାଇଁ ଆମର ଗଞ୍ଜା କୁକୁଡ଼ା ଡାକ ଦେଇ ପର ଝାଡେ,

କୁକରେ କୁକ୍
ସକାଲ୍ ପାହିଲେ ବେଡେ ଭୁଖ୍ ।

ମାଆ କୁହେ, - ଗଲୁ ଗଲୁ, ତା ଭାଡ଼ିର ହିଡ଼କାଟା ଖୋଲି ଦେଲୁ ।

ମୁଁ ଯାଇ ହିଡ଼କା ଖୋଲି ଦିଏ । ଗଞ୍ଜା ତାର ରଙ୍ଗୀନ ଛାତି ଫୁଲେଇ ରାଜସୀ ଠାଣିରେ ବାହାରେ, ତା ପଛେ ପଛେ ଆମ ମାଇ କୁକୁଡ଼ା । ତା ପଛରେ ନରମ ସଫେଦ ତୁଳା ଗୁଳା ପରି ଚଆଁ ସବୁ ଠୁକୁ ଠୁକୁ ହେଇ ମାଆକୁ ଅନୁସରଣ କରନ୍ତି । ଗେଲ କରିବାକୁ ମୋର ହାତ ଖୁଜୁବୁଜୁ ଆଉ ଦାନ୍ତ କଡ଼କଡ଼ ହୁଏ । କନ୍ତୁ ମାଆ ମନା କରେ, ଏତେ ଟିକେ ଟିକେ ଚଆଁ ଗୁଡ଼ିକର ନରମ ଦେହ ମୋଡ଼ିମକଚ ହେଇ ଯିବ ପା । ମାଆ କୁକୁଡ଼ା ଆମ ସଜନା ଗଛ ମୂଳକୁ ପଞ୍ଝାରେ ଏଞ୍ଝାରି ଦିଏ, ଚଆଁସବୁ କଣ ପୋକ ଜୋକ ଖୁଣ୍ଟନ୍ତି କେଜାଣି ।

ମୋ ମାଆ ଇଆଡେ ମୋ ପାଇଁ ଆଧାର ସଜାଡୁ ଥାଏ । ରସ ଗ୍ଲାସରେ ତେଜପତ୍ର ପକା ନାଲି ଗୁହା ଆଉ ପାଉଁଶରେ ସେକା ହେଇଥିବା ତତଲ୍ ବାସି ରୁଟି ଦୁଇପଟ । ଆଣି ଥୋଇଦିଏ ମୋ ପାଖରେ । ନଜର ଚଦରଟିଏ ନଥିବାରୁ ଲୁଗା କାନଟିକୁ ଟାଣୁଥାଏ ଶୀତକୁ ଡରେଇ ହୁରୁଡେଇବା ପାଇଁ । ଏଣେ ମୋ ପିଠିଆଡୁ ଟେକ ହେଇଯାଇଥିବା କନ୍ଥାକୁ ଭଲ ଭାବରେ ଘୋଡ଼ାଇଦିଏ ।

ଦିନେ ଦିନେ ପାଠ ପଢୁ ପଢୁ ନଦ ଲାଗିଯାଏ । ବାପା ଆସି କନ୍ଥାଟା ଭଲକ ଘୋଡ଼େଇ ଦିଅନ୍ତି । ମୁଣ୍ଡଟାକୁ ତାଙ୍କର ଖଦଡିଆ ହାତରେ ଆଉଁସି ଦେଲା ବେଳକୁ ମୋ ନଦ ଭାଙ୍ଗିଯାଏ। କନ୍ତୁ ମୁଁ ଜାଣି ଜାଣି ଘାଲେଇ ପଡେ ବାପାଙ୍କ ଆଉଁସାରେ ମୋହଗ୍ରସ୍ତ ହେଇ ।

ବାଡ଼ି ପିଣ୍ଡାକୁ ଖରା ଆସିଲେ ବାପା ଡାକଟେ ପକେଇ ବିଲକୁ ଯାଆନ୍ତି ।

- ବାପାରେ, ଖରା ଆଇଲାଣି । ଏଇଠି ହେଁସ ଉପରେ ବସି ପଢ଼ । ସକାଳୁଆ ନରମ୍ ଖରା ବଡ଼ ହିତ ଦେହ ମନ ପାଇଁ ।

ମୁଁ ଯାଏ ବାଡ଼ି ପିଣ୍ଡାକୁ । ହେଁସ ଉପରେ ବସିଲେ ଆମ ଶଙ୍ଖି ବିଲେଇ ଆସି ମୋ ଦେହରେ ଘସି ହେଇ ବସେ । କୋଶଳା କଆରିରେ ମାଆ ପାଣି ଦେଉଁ ଦେଉଁ ଦଳଟେ ପାର୍ କୁଆଡୁ ଉଡ଼ି ଆସନ୍ତି । ପାଖରେ ମଙ୍ଗଭଙ୍ଗା ହାଣ୍ଡିରେ ଥିବା ଖୁଦ ମଳୁଖରୁ ପୋଷେ ବିଞ୍ଚିଦେବା ନାଗି ମାଆ କୁହେ ।

କୁଟ୍ କୁଟ୍ ଖୁଣ୍ଟୁଥାନ୍ତି ପାର୍ । ଘୁଡୁରୁ ଘୁଡୁରୁ ହେଉଥାଏ ଶଙ୍ଖି । ମାଆ କୁକୁଡ଼ା ପଛେ ପଛେ ଗୋଡେଇ ଥାଆନ୍ତି ଧୋବ ଧାଉଳଆ ଚଆଁ । ବେଳେବେଳେ ଅସନ୍ତୁଳତ ହେଇ ଝୁଣ୍ଟି ପଡେ ଚଆଁଟିଏ, ମୁହଁମାଡ଼ି ପଡ଼ି ଯାଏ ପୁଣି ଉଠି ତରତର ହେଇ ଧାଏଁ ତାର ଟିକ ଟିକ ପଞ୍ଝାରେ। ଦଳରୁ ପଛେଇ ଗଲେ ବାଟ ହୁଡ଼ିବ ଯେ । ତାର ରଙ୍ଗଢଙ୍ଗ ଦେଖି ହସ ମାଡେ ମୋତେ ।

ଆମ ସାହିର ଭୁଲୁ କୁକୁର ବେଳେବେଳେ ମାଡ଼ି ଆସେ ଭୁଉ ଭୁଉ ହେଇ । ମୋତେ ଭୟ ଲାଗେ ଗୋଟେ ଦିଟା ଚଆଁଙ୍କୁ ଖିନ୍ ଭିନ୍ କରି ଦେବ କ ଆଉ । ମୁଁ ତରକ ଉଠିବା ପୂର୍ବରୁ ମାଆ କୁକୁଡ଼ା ନଜର ପର ଫୁଲେଇ ଚଆଁ ମାନଙ୍କୁ ଆଢୁଆଳ କରି ପୁରେଇ ସାରିଥାଏ । ନିର୍ଭୟ ଆଶ୍ରୟ ଦେଇ ସାରିଥାଏ । ଗଞ୍ଜାଟା ବେକ ଲମ୍ବେଇ ପର ଫୁଲେଇ ଜାଗ୍ରତ ପ୍ରହରୀ ପରି ଠିଆ ହେଇ ଯାଏ ତା ସାମନାରେ । ଭୁଲୁ ବିଚର୍ ଲାଙ୍ଗୁଡ଼ ଜାକ ପଳେଇ ଯାଉଁ ଯାଉଁ ମୋତେ ନରୀହଦୃଷ୍ଟିରେ ଦେଖେ । ପୁଣି ଲାଙ୍ଗୁଡ଼ ହଲେଇ କୁଁ କୁଁ କରି ଗେହ୍ଲେଇ ହୁଏ । ମୁଁ ଟିକେ ତା ବେକକୁ ଆଉଁସି ଦେଲେ ଚୁପ୍ ଗୁପ୍ ବସେ ମୋ ପାଖରେ ଆଗ ଦୁଇ ଗୋଡ଼ ଲମ୍ବେଇ ।

ନିଜ ନିଜର ସନ୍ତାନ ପାଇଁ ପଶୁ ପକ୍ଷୀ, କୀଟପତଙ୍ଗ ସମସ୍ତେ ଯତ୍ନବାନ । ତାଙ୍କର ସୁରକ୍ଷା ନିମନ୍ତେ କଛି ବି କରି ପାରିବେ । କଛି ବି ।

ଥରେ ଭୟଙ୍କର ବାଆ ବତାସ ହେଇଥିଲା । ମୁଁ ଶୋଇଥିଲି କୋଠରୀ ଭିତରେ । ବିକଟାଳ ଶବ୍ଦରେ ମୋର ନିଦ ଭାଙ୍ଗିଗଲା । ଦେଖିଲି ବାପା ମାଆ ଗୁଳରୁ ପଡ଼ି ଯାଉଥିବା ରଳାଟିକୁ ଦୁଇ ହାତରେ ଟେକ ଧରିଛନ୍ତି ମୋ ଦେହରେ ଆଞ୍ଚ ନ ଆସିବା ପାଇଁ । ରଳାଟି ପଡ଼ିଥିଲେ

ମୋ ମୁଣ୍ଡ ଛତୁ ହେଇ ଯାଇଥାନ୍ତା । ବାପା ମାଆ ଦୁହିଁଙ୍କର ହାତ କନ୍ତ ଲହୁ ଲୁହାଣ ହେଇ ଯାଇଥିଲା । କାନ୍ଧ ଓ ହାତରେ ବହୁତ ଦିନ ପର୍ଯ୍ୟନ୍ତ ଦରଜ ରହିଥିଲା ।

ଗରିବ ମାନଙ୍କ ପାଇଁ ଦୁଃଖଟା ବଡ଼ ସହଜସାଧ୍ୟ, ଚର ସହଚର । ସୁଖ ମାନେ ଦୁଇ ଦିନର କୁଣିଆ । ତେଣୁ ଦୁଃଖକୁ କେହି ସମ୍ମାନ ଦିଅନ୍ତି ନାହିଁ । ସହି ଯାଆନ୍ତି ଆରାମରେ।

ମୁଁ ପଢୁ ପଢୁ ଭାବନା ରାଜ୍ୟରେ ବିଚରଣ କରୁଥିବାବେଳେ ମାଆ ତାର କୋଶଳା କଆରିରୁ ଘାସ ବାଛୁଥାଏ । ଟିକ ଟିକ ତାରା ପରି ଶିଶିର ବିନ୍ଦୁ ଘାସ ଉପରେ ଚକ୍ ଚକ୍ କରୁଥାଏ, ଝଲମଲିଆ ସୂର୍ଯ୍ୟ କରଣରେ ।

ସଜନା ମୂଳ ଗାତରୁ ଦୁଇଟା ନେଉଳ ଆଗ ଗୋଡ଼ ଟେକ ଠିଆ ହେଇ ମୁଣ୍ଡକୁ ଏପାଖ ସେପାଖ କରି କଣ ସବୁ ତନାଘନା ଚଲେଇଥାନ୍ତି ।

ମୋର ଇଆଡେ ଯୋରସୋର୍ ପାଠପଢା ଚାଲିଥାଏ ।

କ୍ରମଶଃ .....

ବସନ୍ତ ବିହାର
ନୂଆଦିଲ୍ଲୀ

# ହସୁଚ ଅଳପ
# କାନ୍ଦୁଚ ବେଶୀ



ଚୈତନ୍ୟ ବାଗ

ହସୁଚ ଅଳପ କାନ୍ଦୁଚ ବେଶୀ
ଦୁଃଖ ତ ଲେଖିଛି ଦଇବ  ବସି
ଜୀବନ ମୋଡରେ ଅନେକ ପଥ
ଦୁଃଖ ରେ ଧରିବେନ କେହିତ ହାତ ||
ମୋ ଭାଗ୍ୟ ମୋ ସାଥେ ଯାଇଛି ରୁଷି
ହସୁଚ ଅଳପ କାନ୍ଦିଚ ବେଶୀ ||

ମୋ ପ୍ରିୟା କୁ ଦେଇଥିଲି ଶଙ୍ଖା ଦି ପଟ
ମନରେ ତାହାରି ଥିଲା ଛନ୍ଦ କପଟ,
ମୋ ଶଙ୍ଖା ତା ହାତକୁ ପାଇଲା ନାହିଁ
ପରଦେଶୀ ର ଶଙ୍ଖା କୁ ନେଲା ଆପଣାଇ,
ଝୁରି ଝୁରି ଆଜି ମରୁଛି ଏକାକୀ,
ହସୁଚ ଅଳପ କାନ୍ଦୁଚ ବେଶୀ ||

ନାଲି ଓଢଣୀ ଆଣିଲି ତା ମଥା ପାଇଁ
ମୋ ଓଢଣୀ କୁ କହିଲା ରଙ୍ଗ ତ ନାହିଁ,
ମେଘ ମଲ୍ଲାର ର ଓଢଣୀ ପାରିବ କ ଦେଇ
ଓଢ଼ଣା ଢାଙ୍କି ଆଜି ରହିଛି ଅନାଇ,
ଅଚହ୍ନା ପଥ ରେ ରହିଛି ବସି,
ହସୁଚ ଅଳପ କାନ୍ଦୁଚ ବେଶୀ ||

ମୋ ପ୍ରେମ ପାଉଣା ଦେଇ ଆଣିଲି ମେହେନ୍ଦି
ତା ହସ୍ତେ ମୋ ନାମ ଲେଖିବି ବୋଲି
ଭାଗ୍ୟ ରେ ନଥିଲା ନାମଟି ତାହାର
ଅନ୍ୟ ର ମେହେନ୍ଦି ରେ ସବି ଦିଶେ ସୁନ୍ଦର,
ଆପାଦ ମସ୍ତକ ମେହେନ୍ଦି ଲଗେଇ ବସିଛି,
ହସୁଚ ଅଳପ କାନ୍ଦୁଚ ବେଶୀ ||

ସମ୍ପର୍କ ହାଟ ରୁ କରି ସଉଦା
ସିନ୍ଦୁର ଟୋପାଏ ଧରିଛି ଏକା,
ନାଲି ନାଲି ରଙ୍ଗେ ତା ମଥା ସଜା
ପରଦେଶୀ ର ସିନ୍ଦୁରେ ପାଉଛି ଶୋଭା |
ହସି ହସି ମୋ ପ୍ରିୟା ଯାଉଛି ଗ୍ଭଲି
ତା ହସ ରେ ମୋ ଲୁହ ଯାଉଛି ମିଶି
ହସୁଚ ଅଳପ କାନ୍ଦୁଚ ବେଶୀ ||

ଚଚଆ, କଳାହାଣ୍ଡି

# ଜୀବନ ଏକ ରଙ୍ଗମଞ୍ଚ



ଛବି ରାଣୀ ପତି

କଳାକାର ହୋଇ କରି ପାରୁନାହୁଁ
ନଖୁଣରେ ଅଭିନୟ
ଅନିଶ୍ଚିତ ବନ୍ଧନ ନିଶ୍ଚିତ ମଣି ଏ
ଜୀବନ ନିଃସଙ୍ଗମୟ ।

କୁହୁଡି ପହଁରୁ କାଳଆରେ ତୋତେ
ଭଜି ତ ନପାରୁ ଦିନେ !
ପ୍ରକୃତ ଉଦ୍ଦେଶ୍ୟ ଏହି ଜନମର
ଭାବି ବି ନପାରୁ ମନେ ।

ବିତିଯାଏ ସବୁ ବ୍ୟର୍ଥରେ ସମୟ
ମୁହେଁ ବୋଳୁ ବୋଳୁ ରଙ୍ଗ
ଅସଲ ବେଳରେ ମୁଖା ଖୋଲିଯାଏ
ରହୁ ହୋଇ କୂପ ବେଙ୍ଗ ।

ଦୁଃଖ ଦେଇ ତୁହି ମଣିଷ ଚହ୍ନାଉ
ସ୍ୱାର୍ଥପର ଦୁନିଆଁରେ
ସ୍ୱାର୍ଥ ସରିଗଲେ ପଡେ ଯବନିକା
ସମ୍ପର୍କ ରଙ୍ଗମଞ୍ଚରେ ।

ସବୁ ବୁଝି କାହିଁ ମାନେନାହିଁ ମନ
ଯୁଝୁଥାଏ ନିଜ ସାଥେ
ଅମଣାକୁ ମଣ କରିବାକୁ ଯାଇ
ଲୋକହସା ହୁଏ ହାଟେ ।

ମୁଁ ଆଉ ମୋର ଏହି ଅହଙ୍କାର
କରାଏ କେତେଯେ' ପାପ !
ନସ୍ୱର ଆତ୍ମାଟା ଉଡିଗଲା ପରେ
ପିଣ୍ଡ ଛାଡିଯାଏ ଛାପ ।

ସଂସାର ନାଟରେ ସମ୍ପର୍କ ଭିଡ଼ରେ
ଶୃଗାଳ କଏ ବା ସ୍ୱାନ !
କଏ ବିଶକୁମ୍ଭ କଏ ପ୍ରୟୋମୁଖ
ଅଭିନୟ ଭିନ୍ନ ଭିନ୍ନ ।

ସରିଗଲେ ଦୃଶ୍ୟ ହୋଇବା ଅଦୃଶ୍ୟ
ଫେରିଯିବା ଯେଝା ବାଟେ
ଅନ୍ତଃସ୍ଥଳେ ରହି ହିସାବ ଦେଉତୁ
ନିନ୍ଦା ପ୍ରଶଂସାର ଛାଟେ ।

ଏମିତିକା ଲୀଳା କାହିଁ ତୁ ଭିଆଉ
କାହିଁକି ଦେଉ ଏ' ମନ !
କର୍ତ୍ତବ୍ୟ ପଥରେ ଲଙ୍ଗଳା ଛାଡି ତୁ
ପରଖୁ ଥାଉ ଏ' ଜନ ।

ଅସାର ଘାଟରେ ଘାଣ୍ଟି ହେଉ ଛାର
ହଜିଯାଉ ଭୂମିକାରେ
ଧାରୁ ସ୍ୱଚ୍ଛ ପୁଣି କୁତ୍ସିତ ଚରିତ୍ର
ବିଶ୍ୱେର କଳା ନଶାରେ ।

ସବୁ ଉତ୍କଣ୍ଠାର ଅବସାନ ଘଟେ
ବୟସର ସାୟଂ କାଳେ
ନାନା ମସୁଧାରେ ପଡେ ପୂର୍ଣ୍ଣଚ୍ଛେଦ
ଚନ୍ଦ୍ରଗୁପ୍ତ ଡାକ ବେଳେ ।

ଅଭିନେତା ଆମେ ପ୍ରେକ୍ଷ୍ୟାଳୟେ ରହି
ତଉଲୁ ନଜର ଖିଅ
ତୋର ନର୍ଦ୍ଦେଶନା ଭ୍ୱରି ମନେପଡେ
ଜୀବନଟା ଯାଉ ଯାଉ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର

# ଶରତ ପ୍ରଭାତ



ପ୍ରଦୀପ କୁମାର ଜିଲିକାର୍

ତୁହିନ ଦେହଳୀ ଫେଡ଼ି ଅଂଶୁମାଳୀ
ଗିରୀଶିଖ ଉର୍ଦ୍ଧ୍ବେଗୃହିଁ
ବିଲୋକଲେ ଶୁଭ୍ର ସିକ୍ତ ମେଘଖଣ୍ଡ
ଉଷାନ୍ତେ ଅଛନ୍ତି ଚେଇଁ।୧

ଦଶଦିଶ ସ୍ୱଚ୍ଛ ବୃକ୍ଷେପର୍ଣ୍ଣ ଘଞ
ଶ୍ୟାମଳ ଅବନୀବାସ
ଶାନ୍ତ ନୈଃସର୍ଗରେ ସାନ୍ଦ୍ରତପସାଧେ
ଭୂଧରକକୁ ଭବାସ।୨

ସ୍ଫଟିକ ସରିତ କଲ୍ଲୋଳ କନକ
ଆଭରଣ ଅଙ୍ଗେ ମଣ୍ଡେ
ଅଭ୍ର ଘନପନ୍ତି ବ୍ୟୋମଗ୍ବରୀ ତତି
ଜୟ ଚର୍ଳ କ ଉଡ଼େ! ୩

ବିଶୁଦ୍ଧ ମରୁତ କ୍ଷରିତ ହିଲ୍ଲୋଳ
ଶ୍ୱସନ ହିତକାରକ
ଧବଳ ଶବଳତ କାଶତଣ୍ଡି ଭୂ-
ଭାଗେ ପ୍ରଶାନ୍ତି ବାହକ।୪

ଦିଶେ ଦିଶେ ଦିଶେ ସୁଗନ୍ଧ ସୁବେଶେ
ଆଦ୍ୟାଶକ୍ତି ଆଗମନେ
ନୈସର୍ଗସ୍ୱ-କରେ ସୁସଜ୍ଜିତ କରେ
ରଙ୍ଗେ ଅଙ୍ଗ ହର୍ଷମନେ।୫

ଶକ୍ତି ଅବତରି ମହୀରେ ବିତରି
ଦେବେ ନବ ଉନ୍ମାଦନା
କନ୍ଧତନୟମସୀ ସ୍ୱତଃପ୍ରବୃତ
ରଚେହୋଇ ଆନମନା।୬

ହାଡ଼ଶିଙ୍କୁଳା, ଗୁଟିକୋଣା,
ବିଷମକଟକ, ରାୟଗଡ଼ା

# ସୁଖି ଲୋ ତତେ ଆୟୁଷ ନାହିଁ



ଝରଣା ବାରିକ

କଳା ହାଣ୍ଡିଆ ବାଦଲ ଟା ଆକାଶଟାକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କି ଦେଇଛି। ଦଲକାଏ ପବନ ଝରକା ଦେଇ ଘର ଭିତରକୁ ପଶି ଆସିଲା। କୋଉ ଚିନ୍ତା ରେ ହଜି ଯାଇଥିଲା କେଜାଣି। ଚମକ ପଡ଼ିଲା ଗଉରୀ। ଥଣ୍ଡା ପବନରେ ତା ଦେହ ଯେମିତି ଶୀତେଇ ଉଠିଲା। ବଞ୍ଚିବାର ରାହା ଖୋଜୁ ଖୋଜୁ ସିଏ ନିଜେ କାହାର ରାହା ପାଲଟି ଯାଇଛି। ବାହାଘର ବୟସ ହୋଇଗଲାଣି ତାର। ସେ କଥା ଭାବିବାକୁ ବେଳ କାହିଁ ତା ପାଖରେ। ବାପା ମାଆ ଙ୍କର ସାନ ଝିଅ ସେ। କେତେ ଅଲିଅଳ ରେ ପିଲା ବେଳଟା କଟି ଯାଇଛି ତାର। ବଡ଼ ଭାଇ, ଭଉଣୀ ବାପା ମାଆ ସମସ୍ତ ଙ୍କର ଭଲ ପାଇବା ମିଳୁଥିଲା ତାକୁ। ବଡ଼ ନାନୀ ବାହାଘର ର କିଛି ଦିନ ପରେ ଭାଇ ର ବାହାଘର ହୋଇଗଲା।ନାନୀ ର ଜାଗା ପୁରଣ କରିଦେଲେ ଭାଉଜ। ଯୋଉ ଦିନ ସେ ନୂଆ କରି ଏ ଘରେ ପାଦ ଦେଲେ। କେତେ ଖୁସି ହୋଇଥିଲା ସିଏ।

ହେଲେ କିଛି ଦିନ ପରେ ସବୁ ଓଲଟ ପାଲଟ ହୋଇଗଲା। ଲକ୍ଷ୍ମୀ ସାଜି ଘରେ ପାଦ ଦେଇଥିବା ଭାଉଜ ଦୁର୍ଗା ସାଜି ଘର ଟାକୁ ଖିନଭିନ କରିଦେଲେ। ବାପା ମାଆ ସହିତ ଗଉରୀ କୁ ଅଲଗା କରିଦେଲେ। ପାଠ ଶାଠ ଦି ଅକ୍ଷର ପଢିନଥିବା ଅପାଠୁଇ ଝିଅ ଗଉରୀ କେମିତି ଦୁଇ ପଇସା ରୋଜଗାର କରିବ ସେଇ କଥା ଦିନ ରାତି ଭାବି ଭାବି ତାକୁ ନିଦ ହେଉ ନଥାଏ। ବାପାଙ୍କର ବୟସ ବଢିବା ସହିତ ଗୋଡ଼ ହାତ ମଧ୍ୟ ଅଚଳ ହୋଇ ଗଲାଣି। ମାଆ କଥା ନ କହିବା ଭଲ, କାନ କୁ ଭଲ ଭାବରେ ଶୁଭୁ ନାହିଁ। ଭାଇ ଙ୍କ ବାହାଘର ପରେ ସେ ଏକ ପ୍ରକାର ମୁକ ପାଲଟି ଯାଇଛି। ଲୁହ ଢାଳବା ସାର ଯାହା।ଗଉରୀ ହିଁ ଏକମାତ୍ର ସାହାରା ଯାହା। ଆଖିର ଲୁହ କୁ ଆଖିରେ ମାରି ଅଣ୍ଟାରେ ଲୁଗା ଭିଡିଲା ଗଉରୀ । ଯା ତା ଘରେ କାମ କରିବା ପାଇଁ କେତେ ନେହୁରା ହୋଇ ଘର ଘର ବୁଲି ଲା କିନ୍ତୁ କାମ ଟିଏ ଯୋଗାଡ଼ କରି ପାରିଲା ନାହିଁ। ଯେମିତି ହେଲେ ତାକୁ କାମ ଯୋଗାଡ଼ କରିବାକୁ ପଡ଼ିବ।

ନହେଲେ ବୁଢ଼ା ବାପା ମାଆ ଙ୍କ ପାଇଁ ଦାନା ମୁଠାଏ ଯୋଗାଡ଼ କରି ପାରିବ ନାହିଁ। ଏତେ ଶୀଘ୍ର ହାର ମାନଗଲେ ଜୀବନରେ ବଞ୍ଚିବା ଟା ଅସମ୍ଭବ ହୋଇ ପଡ଼ିବ ତା ପାଇଁ। ମାଛ ମାଂସ ଭଲ ମନ୍ଦ ସିନା ଦେଇ ପାରିବନ ପଖାଳ ମୁଠାଏ କଣ ଯୋଗାଇ ପାରିବନ ସେ। କିଛି ଦିନ ବିତିଗଲା ମାଗି ଯାଚ କଣ ଦିଟା ଆଣିଲେ ତିନ ଜଣ ବାଣ୍ଟି କ ଖାଇ ଦିଅନ୍ତି। ଓଳଏ ଖାଇଲେ ଓଳଏ ଉପାସ ରହିବାକୁ ପଡେ।ପେଟ ର ଦାଉ ସମ୍ଭାଳ ବା ଭାରି କଷ୍ଟ।

ଘରେ ସିନା କେହି କାମ ଦେଲେ ନାହିଁ ଯଦି ମୁଁ ବାହାରେ କିଛି କାମ କରେ କଣ ମତେ ମନା କରିବେ । ଏଇ କଥା ଭାବି ସକାଳୁ ସକାଳୁ ଉଠି ସମସ୍ତ ଙ୍କ ଘରେ ପଗ୍ଭରିଲା ତମର ଗାଇ ଅଛି ଯଦି ତମେ କହିବ ତମ ଗାଇ ସବୁ ନେଇ ମୁଁ ଜଙ୍ଗଲ ରେ ଚରେଇ ବୁଲେଇ ଆଣିବି। ଏଥିରେ କେହି ଅରାଜି ହେଲେ ନାହିଁ।

ନୂଆ କାମ ପାଇ ଗଉରୀ ବି ଭାରି ଖୁସି। ତହିଁ ଆରଦିନ ସକାଳୁ ଗାଧେଇ ପାଧେଇ ଗାଇ ନେଇ ଜଙ୍ଗଲ ଆଡେ ଗ୍ଭଲିଗଲା । ଫେରିଲା ବେଳକୁ ସଞ୍ଜ। ଫେରିଲା ବେଳକୁ ସମସ୍ତେ ଖୁସିରେ ଯାହା ଘରେ ଯାହା ଅଛି ତାକୁ ଦିଅନ୍ତି। କଏ ଚୁଡ଼ା ତ କଏ ମୁଢ଼ି କଏ ପନପରିବା ତ କଏ ଗ୍ଭଉଳ ଦିଅନ୍ତି ଗଉରୀ କୁ ଏ ସବୁ ନେଇ ଖୁସିରେ ଘରକୁ ଫେରେ ଗଉରୀ।

ମାସ ଶେଷରେ ଟଙ୍କା ମଧ୍ଯ ଦିଅନ୍ତି । ବେଶ୍ ସୁରୁଖୁରୁରେ ଚଳ ଯାଆନ୍ତି ଗଉରୀ ଆଉ ତାର ବାପା ମାଆ। ଏ ସବୁ କିନ୍ତୁ ବଡ଼ ଭାଇଙ୍କ ଦେହରେ ଯାଏନ। ବଡ଼ ଭାଇ ଥାଉ ଥାଉ ମୋ ସାନ ଭଉଣୀ କେତେ କଷ୍ଟ କରୁଛି। ବାପା ମାଆ ଦୁଇ ଜଣକୁ ଆପଣେଇ ନେଇ କେତେ କଷ୍ଟ ପାଉଛି ସେ । ଭାଉଜ ଡରରେ ବି କିଛି କରି ପାରନ୍ତି ନାହିଁ। କିଛି ଦିନ ପରେ ଭାଇ ଆଖି ବୁଜିଲେ। ଭାଉଜ ର ଅତ୍ୟାଗ୍ଭର ସହି ନ ପାରି ମୃତ୍ୟୁ କୁ ଆପଣେଇ ନେଲେ ଭାଇ। ପୁଅ କୁ ହରେଇବା ଦୁଃଖରେ ବାପା ବି ଆର ପାରିକୁ ଗ୍ଭଲିଗଲେ। ଦୁଃଖ ର ଭାର ଦିନ କୁ ଦିନ ବଢିବାରେ ଲାଗିଲା।ଖରା ବର୍ଷା କାକର ଖାଇ ଗଉରୀ ଧିରେ ଧିରେ ଅସୁସ୍ଥ ହେବାରେ ଲାଗିଲା।

ସେଦିନ କଳା ହାଣ୍ଡିଆ ମେଘ ଟା କୋଉଠି ଥିଲା କେଜାଣି, ହଠାତ୍ ମାଡ଼ି ଆସିଲା। ବିଜୁଳି ଘଡଘଡି ସହିତ ବର୍ଷା ପବନ ପ୍ରବଳ ଜଙ୍ଗଲ ଟା ସାରା ଅନ୍ଧକାର ମଧ୍ୟ ହୋଇ ଉଠିଲା । ସବୁ ଗାଇ କୁ ଏକାଠି କରି ଘରକୁ ଫେରିବାକୁ ଚେଷ୍ଟା କଲା ଗଉରୀ କିନ୍ତୁ ପାରିଲା ନାହିଁ। ଗୋଟିଏ ଗଛ ମୂଳରେ ଠିଆ ହୋଇ ରହିଲା। ବର୍ଷା କମିଲା ପରେ ଗାଇ ମାନଙ୍କୁ ନେଇ ଫେରିଲା ଗଉରୀ। ସମସ୍ତ ଙ୍କ ଘରେ ନିଜ ନିଜ ଗାଇ କୁ ଜିମା ଦେବା ପରେ ନିଜ ଘରେ ପହଞ୍ଚିଲା। ସେତେବେଳକୁ ରାତି ଠିକ ସାଢ଼େ ଦଶଟା ହେବ ଗାଁ ରାସ୍ତା ରେ ଟୁପୁରୁ ଟାପୁରୁ କଥା ଶୁଭିଲା। ବାହାର କୁ ଆସି ଶୁଣିଲା ବେଳକୁ ଗଉରୀ ଆଉ ନାହିଁ ବୋଲି ସମସ୍ତେ କଥା ହେଉଛନ୍ତି । ଏ କଥା ବିଶ୍ବାସ ହେଲାନି। ତଥାପି କଥାଟା ସତ। ଏତେ ଥଣ୍ଡା ରେ ରହି ଘରକୁ ଫେରିଲା ପରେ ତାକୁ ସନ୍ନିପାତ ହେଇଗଲା। ବୁଢ଼ୀ ମାଆଟା କଣ ବା କରିଥାନ୍ତା ପାଖରେ ବସି ନିଆଁ ଜାଳ ମଲା ଦେହଟାକୁ ସେକୁ ଥାଏ । ବାହୁନି ବାହୁନି କାନ୍ଦୁ ଥାଏ ମୋ ଗଉରୀ ର କିଛି ହେଇନି । ଏଇନେ ଉଠିବ । ସକାଳୁ କିଛି ଖାଇନି ଉଠିଲେ ଆମେ ସାଙ୍ଗ ହୋଇ ଖାଇବୁ।

ସମଲ, ତାଳଚେର, ଅନୁଗୋଳ

# ବୋହୂକୁ ଭାବୁଛି ଝିଅ ବୋଲି



ଶେଷଦେବ ପଣ୍ଡା

ଝିଅ ହେଲେ ମୋର ନୟନ ପ୍ରତିମା
ବୋହୂ ମୋ' ହୃଦ ସ୍ପନ୍ଦନ,
ଝିଅ ଯଦି ହୁଏ କଣ୍ଠର ହାର ମୋ'
ବୋହୂଟି ମଥା ଚନ୍ଦନ ।
****
ଝିଅଗୋଟି ମୋର ଦୁଃଖ ବୁଝିପାରେ
ବୋହୂ ମୋ' ଚହ୍ନଇ ମନ,
ଝିଅ ଗୋଟି ମୋର ଅନ୍ଧର ଲଉଡି
ବୋହୂ ମୋ ରଙ୍କୁଣୀ ଧନ ।
****
ଝିଅଟି ମୋହର ଗଳାହାର ହେଲେ
ବୋହୂ ମୋ' ମଥାର ଫୁଲ,
ଝିଅର ମାଆ ମୁଁ ବୋହୂର ମାଆ
ବୋହୂ ଦେବ ଗଙ୍ଗାଜଳ ।
****
ଝିଅଟି ମୋହର ସୁଖର ଶାୟରୀ
ବୋହୂ ଭାବର ସଂଗୀତ,
ଝିଅ ମୋର 'ମନବୋଧ ଚଉତିଶା'
ବୋହୂ 'ଲକ୍ଷ୍ମୀ ପୁରାଣ' ତ ।
*****

ଝିଅଟି ମୋହର ସୋରିଷ କଅାରୀ
ବୋହୂ ଶ୍ୟାମ ଧାନକ୍ଷେତ,
ଝିଅ ଶ୍ରାବଣର ଭିଜାଭିଜା ବାସ୍ନା
ବୋହୂ ସୁଖଦ ବସନ୍ତ ।
****
ଝିଅ ନାମ ମୋର ଜୀବନଯାତ୍ରାରେ
ଭାଗବତ-ଗୀତା ପଦ,
ବୋହୂ ନାମ ପୂତ ଆନନ୍ଦର ଧାମ
ପରିପୂର୍ଣ୍ଣ ଶଙ୍ଖନାଦ ।
*****
ଝିଅଟି ମୋହର ସୁନ୍ଦର ଜୋଛନା
ବୋହୂ ମୋ' କଅଁଳ ଖରା,
ଝିଅ ମୋ' ପବିତ୍ର 'ଠାକୁର ଖଟୁଲି'
ବୋହୂ 'ତୁଳସୀ ଚଉଁରା ।'
****
ଝିଅଟି ମୋହର ପଦ୍ମା ପଦ୍ମାଳୟା
ବୋହୂଟି ସୁବର୍ଣ୍ଣ ସୀତା,
ଝିଅ ଅପରୂପା ଗଜମୋତି ହାର
ବୋହୂ ମୋ' ଗଜମୁକୁତା ।
****

ଝିଅକୁ ମଣଇ ପାରିଜାତ ଫୁଲ
ମମତାର ପରିଭାଷା,
ସୁନାବୋହୂ ମୋର କୋଟି ପୁଣ୍ୟଫଳ
ବାର୍ଦ୍ଧକ୍ୟ ବେଳର ଆଶା ।
****
ଝିଅ ପାଇଁ ମୋର ଘର ମହକଇ
ବୋହୂ ମୋ' ଘରର ଶିରୀ,
ଝିଅର ଅଭାବ ପୂରଣ କରିଛି
ବୋହୂ ମୋ' ଘର ଆବୋରି ।
****
ଝିଅ ଗୋଟି ମୋର ବାମ ହାତ ପରି
ବୋହୂ ମୋ' ଦକ୍ଷିଣ ହାତ,
ଦୁଇ ହାତ ମୋର କାନ୍ଧେ ପଡିଥିଲେ
ଏ ଶରୀର ସିନା ଶକ୍ତ ।
****
ଝିଅ ଯାଇଅଛି ପରର ଘରକୁ
କରି ଦୁଇ କୁଳ ହିତ,
ଘର ସୁରକ୍ଷିତ ରଖିଅଛି ବୋହୂ
ଢାଙ୍କି ଅଭୟ ପଣତ ।
****
ଝିଅ ପରଗୋତ୍ରୀ ହୋଇଅଛି ବୋଲି
ମନ ହୋଇଥିଲା ଊଣା,
ସେ ମନର ଲତା ନବ ପଲ୍ଲବିତ
ଖାଇ ବୋହୂ ପରଷଣା ।
****

ବୋହୂ ଅଭିଶାପେ ମୋ ଝିଅ ପାଇବ
ଅନ୍ୟର ଘରେ ଗଞ୍ଜଣା,
ଏ ବଂଶର କୁଳ- ପ୍ରଦୀପ ହସିବ
ମୋ' ବୋହୂ କୋଳରେ ସିନା ।
****
ଝିଅକୁ ମିଳୁମୋ' କୋଟି ପରମାୟୁ
ଦେବୀ ଦେବତା ଆଶିଷ,
ବୋହୂ ହୋଇଥାଉ ପରମ ସାଧବୀ
ନେଇ ମୋ' ବାକି ଆୟୁଷ ।
****
ବୋହୂକୁ ଦେଇଛି ଘର ଚାବିକାଠି
ସାକ୍ଷୀ ପ୍ରଭୁ ଅନ୍ତର୍ଯ୍ୟାମୀ,
ବୋହୂ ପ୍ରତି କଲେ ପକ୍ଷପାତ ଭାବ
ଜନମିବି ହୋଇ କୃମି ।
****
ଝିଅ ଆଗେ କହେଁ ହୃଦୟର ବ୍ୟଥା
ବୋହୂ ପୋଛିଦିଏ ଲୁହ,
ଝିଅ-ବୋହୂ ମଧ୍ୟେ ଭେଦଭାବ କଥା
ରଖିବି କେବେ ମୁଁ କୁହ ।

ମୁଦଲସର,
ପାଟଣାଗଡ, ବଲାଙ୍ଗିର

# ସ୍ୱର୍ଥାନ୍ଧ ମଣିଷ



ବିଶ୍ୱଜିତ ରଥ

ମୁକ୍ତ ଆକାଶର ପକ୍ଷୀ ଟିଏ ସାଜି
ଉଡ଼ି ବୁଲୁଥିଲା ଅତି ଆନନ୍ଦେ,
କେଉଁଠୁ ଆସିଲା ନିଷ୍ଠୁର ବ୍ୟାଧ
ବନ୍ଦୀ କଲା ତାକୁ କାଳର ଫାନ୍ଦେ।

କାଟି ନେଇ ଗଲା ଦୁଇ ଡେଣା ତାର
ପଙ୍ଗୁ କରି ତାକୁ ଦେଲା ସେ ଛାଡ଼ି,
ଡେଣା ବିନା କିବା ସମ୍ଭବ ହୋଇବ
ପକ୍ଷୀ କି ପାରିବ ଦୂରକୁ ଉଡ଼ି।

ସେତିକରେ ମନ ସନ୍ତୁଷ୍ଟ ନୋହିଲା
କାଳସର୍ପ ରୂପୀ ସେ ବ୍ୟାଧଟିର,
ପକ୍ଷୀଟିକୁ ନିଜ ଝୁଲାରେ ପକାଇ
ବାହୁଡ଼ିଲା ବ୍ୟାଧ ନିଜ କୁଟୀର।

କ୍ଷୁଧା ମେଣ୍ଟାଇବା ଉଦ୍ଦେଶ୍ୟରେ ତାକୁ
ଭକ୍ଷଣ କରିଲା ହୋଇ ନିଷ୍ଠୁର,
ନିରୀହ ପକ୍ଷୀକି କରିଥିଲା ପାପ
ପାଲଟିଲା ଆସି ବ୍ୟାଧ ଶିକାର।

ନିରୀହ ପକ୍ଷୀର କିବା ଦୋଷ ଥିଲା
ଜନମ ଲଭିଲା ମର୍ତ୍ତ୍ୟ ମଣ୍ଡଳେ,
ମଣିଷ କ୍ଷୁଧାର ପୂରଣ ପାଇଁ କି
ଉତ୍ସର୍ଗିଲା ପ୍ରାଣ ବିନା ଦ୍ୱିଧାରେ।

ଜଗତରେ ଶ୍ରେଷ୍ଠ ପ୍ରାଣୀ ଯେ ମଣିଷ
ଏ କଥା ଦେଲାଣି ମନୁ ପାସୋରି,
ନିଜ ସ୍ୱାର୍ଥ ଲାଗି ଅନ୍ଧ ବ୍ୟାଧ ପରି
ମଣିଷ ସାଜିଛି ନିଜ ବଇରୀ।

ଭାପୁର, ନୟାଗଡ

# ୱାଘା ସୀମାନ୍ତ : ଏକ ଅଶ୍ରୁଳ ବିଦାୟ

ପ୍ରିୟବ୍ରତ ପାତ୍ର

ୱାଘା ଭାରତ ପାଇଁ ଏକ ବାତାୟନର ନାମ ଯାହା କେବେ କେମିତି ଖୋଲେ ନଜର ଅତିପ୍ରିୟ ପାକସ୍ଥାନକୁ ଦେଖିବାପାଇଁ, ଏକ ଆତଙ୍କର ନାମ ଯେଉଁ ଦୁର୍ଘଟଣାରେ ଲକ୍ଷ ଲକ୍ଷ ଲୋକ ଭିଟାମାଟି ଛାଡି ଅଜଣା ମୂଲକ ଅଭିମୁଖେ ଚାଲିଥିଲେ, ଏକ କରୁଣ ବେଦନାର ନାମ ଯାହାର ମୁହୁଃ ମୁହୁଃ କୋହ ଏବେ ବି ଶୁଣାଯାଏ, ଏକ ଭିଭୀଷିକାମୟ ଭବିଷ୍ୟତର ନାମ ଯେଉଁଠି ଦୁଇଟି ଭୂଖଣ୍ଡ ଏକ ନର୍ଣ୍ଣୟକ ଯୁଦ୍ଧରେ ପରସ୍ପରକୁ ସାମନା କରିବେ । ଏହା ଏକ ନଷ୍ଠୁର ସତ୍ୟର ନାମ ଯାହାକ ନରୀହ ଜନତା ସବୁବେଳେ ସାମନା କରିଥାନ୍ତି । ୱାଘା କାହାପାଇଁ ଏକ କବିତାର ନାମ ତ କାହାପାଇଁ ଏକ ଗଜଲର ନାମ । କାହା ଆଖିରେ ପୁଣି ମଧୁରାତ୍ରିରେ ଛିଟିକ ପଡିଥିବା ମଲ୍ଲିଫୁଲ ଗଜରାର ନାମ । କଏ ପୁଣି କହେ ୱାଘା ଏକ ସମ୍ଭାବନାର ନାମ ଅଖଣ୍ଡ ଭାରତ ନର୍ମାଣର ଅବା ଅର୍ଦ୍ଧଶତାବ୍ଦ ନଦାଘ ଗ୍ରୀଷ୍ମରେ ପତ୍ରଝଡା ଦେଇଥିବା ବୃକ୍ଷର ନାମ ଯିଏ ତଥାପି ଅପେକ୍ଷା କରିଛି ଏକ ଦେବ ମୁହୁର୍ତ୍ତକୁ – ନବ ପଲ୍ଲବିତ ହେବ ବୋଲି ।

ୱାଘା ଭାରତ ପାକସ୍ଥାନକୁ ଅଲଗା କରୁଥିବା ଏକ ସୀମାନ୍ତର ନାମ । ଅମୃତସର ଠାରୁ ଲାହୋର ପ୍ରାୟ ଷାଠିଏ କଲୋମିଟର ରାସ୍ତାର ମଝିରେ ପଡେ ଏହି ସୀମାନ୍ତ ଯେଉଁଠି ରହିଛି ଏକ ବିଶାଳ ପ୍ରବେଶ ଫାଟକ । ଏହି ଫାଟକ ସବୁବେଳେ ବନ୍ଦ ଥାଏ, ସନ୍ଧ୍ୟାକାଳୀନ କଛି ମିନଟ୍ କୁ ଛାଡିଦେଲେ । ବାକ ସବୁ ସୀମାନ୍ତ ଅଞ୍ଚଳ ତାରବାଡ ଦ୍ୱାରା ସୁରକ୍ଷିତ ରହେ, ଯାହାକୁ ସୀମାରକ୍ଷୀମାନେ ପହରା ଦିଅନ୍ତି । ପ୍ରତିଦିନ ଏହି ବିଜନ ସୀମାନ୍ତରେ ସନ୍ଧ୍ୟାବେଳକୁ ସୀମାରକ୍ଷୀଙ୍କ ପ୍ୟାରେଡ ହୁଏ । ଦୂର ଦୂରାନ୍ତରୁ ଦର୍ଶକମାନେ ଖାସ୍ ଏହି ପ୍ୟାରେଡ୍ ଦେଖିବେ ବୋଲି ଏଠାରେ ରୁଣ୍ଡ ହୁଅନ୍ତି । ଦେଶାତ୍ମବୋଧକ ଗୀତରେ ସାରା ସୀମାନ୍ତ ଜୀବନ୍ତ ହୋଇଯାଏ । ଦେଶପ୍ରେମ ଓ ତ୍ୟାଗର ଅସରନ୍ତି କମ୍ବଦନ୍ତୀ ସ୍ୱତଃ ମନକୁ ଆସିଯାଏ, ଆଖି ଛଳଛଳ ହୋଇଯାଏ । ଦୂରରେ ଫାଟକ ସେପାଖରେ ଅନୁରୂପ ଭାବେ

ବସିଥାନ୍ତି ପାକସ୍ଥାନ ନାଗରିକମାନେ, ସେମାନେ ମଧ୍ୟ ଦେଶପ୍ରେମରେ ଉଦବୁଦ୍ଧ ହୋଇ ଜିନ୍ଦାବାଦ୍ କରନ୍ତି । ହୁଏତ ସେପଟେ ବି ଅନୁରାଗୀ ମଣିଷଟିଏ ଆଖି ଛଳ ଛଳ କରି ଭାବୁଥାଏ, ସମୟର ବକ୍ରଗତିରେ ଅସହାୟ ମଣିଷଙ୍କ ପାଦଚିହ୍ନ ସବୁକୁ ଝୁରିହୁଏ । ଦୁଇ ଦେଶର ବନ୍ଦ ଫାଟକ କିଛି ସମୟ ପାଇଁ ଖୋଲିହୁଏ, ଦୁଇ ଦେଶର ଜାତୀୟ ପତାକା ତଳକୁ ନଇଁଆସେ, ସଶସ୍ତ୍ର ବାହିନୀ ସାଲ୍ୟୁଟ ମାରି ସମ୍ମାନ ଜଣାନ୍ତି, ଜାତୀୟ ସଙ୍ଗୀତ ଗାନ ପରେ ଫାଟକ ସବୁ ପୂର୍ବବତ ବନ୍ଦ ହୋଇଯାଏ । ଉଭୟପଟେ କରତାଳି ଓ ଦୀର୍ଘ ନିଶ୍ୱାସର ଝଡ ବହିଗଲା ପରେ ଦର୍ଶକମାନେ ଗ୍ୟାଲେରୀ ଛାଡି ଫେରିଆସନ୍ତି ନିଜ ନିଜର ଗତାନୁଗତିକ ଜୀବନକୁ, ଏକ ବିରଳ ଅନୁଭୂତିକୁ ସାଥୀରେ ନେଇ । ୱାଘାର ନୀରବ ନିଷ୍ଛଳ ଆକାଶରେ ଡେଣା ମେଲି ଏପଟ ସେପଟ ହେଉଥିବା ପକ୍ଷୀମାନେ ହତଭାଗ୍ୟ ଭାରତୀୟମାନଙ୍କୁ ଏକରକମ ତିରସ୍କାର କଲାପରି ଦିଶନ୍ତି ।

ୱାଘା ସୀମାନ୍ତର ଦୁଇପଟେ ଦୁଇଟି ଐତିହାସିକ ସହର-ଲାହୋର ଓ ଅମୃତସର । ଅମୃତସର ହେଉଛି ପୃଥିବୀ ସାରା ବିକ୍ଷିପ୍ତ ହୋଇ ରହିଥିବା ଦେଢକୋଟି ଶିଖ୍ ଙ୍କ ପ୍ରଧାନ ଧର୍ମର ସହର, ସେଠାର ସ୍ୱର୍ଣ୍ଣ ମନ୍ଦିର ହେଉଛି ଶିଖ୍ ଙ୍କ ନୟନର ତାରା, ଜୀବନର ଧ୍ରୁବତାରା । ଏଥାରେ ରହିଛି ଗୁରୁ ନାନକଙ୍କ ଅମର ବାଣୀ ସନ୍ନିହିତ ଗ୍ରନ୍ଥସାହେବ, ଯାହାକୁ ଦୈନିକ ପଢାଯାଏ, ସଜ ଫୁଲରେ ଆବୃତ କରି ରଖାଯାଏ, ଏବଂ ମୟୂର ପୁଚ୍ଛର ଝାଡୁରେ ତମାମ କୋଠରୀଟି ସଫା କରାଯାଏ । ଏହି ସ୍ୱର୍ଣ୍ଣ ମନ୍ଦିରକୁ ଏକ ବିଶାଳ ସର ବା ପୋଖରୀ ଘେରି କରି ରହିଛି, ଯାହାର ପାଣି ସବୁ ଭାରତୀୟଙ୍କ ପାଇଁ ଅମୃତସମ । ସୁବର୍ଣ୍ଣ ଗୃଦରରେ ବିମଣ୍ଡିତ ଏହି ଗୁରୁଦ୍ୱାରର ଉତ୍ତୁଙ୍ଗ ଗମ୍ବୁଜ ସବୁକୁ ଦର୍ଶନାର୍ଥୀ ବିସ୍ମୟ ନୟନରେ ଦେଖନ୍ତି । ପ୍ରତ୍ୟେକ ଶିଖ୍ କିଛିଦିନ ଏଠାରେ ବିନା ପାରିଶ୍ରମିକରେ ଶ୍ରମଦାନ କରନ୍ତି – ଯାହାକୁ କରସେବା କୁହାଯାଏ । ଦର୍ଶନାର୍ଥୀଙ୍କ ଚପଲ ରଖିବାଠୁ ଆରମ୍ଭ କରି, ଝାଡୁ କରିବା, ଲୋକଙ୍କୁ ପାଣିଦେବା, ଅଇଁଠା ଥାଳି ବାସନ ସଫା କରିବା, ଭୋଜନାଳୟରେ ସହଯୋଗ କରିବା ଆଦି ସବୁ କାମରେ ଶ୍ରଦ୍ଧାଳୁମାନେ ଲାଗିରହନ୍ତି । ଶିଖ୍ ମାନଙ୍କ ଦଶମ ଗୁରୁ ଗୋବିନ୍ଦ ସିଂହ ମୋଗଲ ଶାସକଙ୍କ ଧର୍ମାନ୍ଧତାରେ ଅତିଷ୍ଠ ହୋଇ ଶେଷକୁ ଏହି ଜାତିଟିକୁ ଏକ ଯୋଦ୍ଧା ଜାତି ରୂପେ ଗଢି ତୋଳିଥିଲେ । ସମସ୍ତଙ୍କୁ, ନାମସହ ସିଂହ

ଯୋଡିବାକୁ କୁହାଗଲା ଓ ସମସ୍ତଙ୍କଠୁ ସିଂହର ବୀରତ୍ୱ ଆଶା କରାଗଲା । ସମସ୍ତେ କୃପାଣ ଧରିଲେ ଶତ୍ରୁପକ୍ଷକୁ ତତକ୍ଷଣାତ୍ ନଷ୍ଟିହ୍ନ କରିବାକୁ । ମୋଗଲ ସାମ୍ରାଜ୍ୟ ଦୁର୍ବଳ ହେବାପରେ ଏହି ଶିଖ୍ ମାନେ ପଞ୍ଜାବରେ ରାଜତ୍ୱ କଲେ । ଭାରତର ସେନାବାହିନୀରେ ସବୁଠୁ ଅଧିକ ଭାଗ ହେଉଛନ୍ତି ଶିଖ୍ । ସମସ୍ତ ଯୁଦ୍ଧ ଓ ସାହସିକତା ପ୍ରଦର୍ଶନରେ ମିଳୁଥିବା ଫଳକର ଅଧେକ ଭାଗୀଦାର ହେଉଛନ୍ତି ଏହି ଦୁର୍ଦ୍ଧର୍ଷ ଶିଖ ଜାତି ।

ସ୍ୱର୍ଣ୍ଣ ମନ୍ଦିର ଭିତରେ ରହିଛି ଏକ ବିରାଟ ଚନ୍ଦ ଗ୍ୟାଲେରୀ । ଶିଖ ପିଲାଟିଏ ବୁଦ୍ଧି ଜାଣୁ ଜାଣୁ ଏହି ଚନ୍ଦ ମାଧ୍ୟମରେ ଜଣାଇ ଦିଆଯାଏ, ଏ ଜାତିର ଇତିହାସ, ସଂଘର୍ଷ ତଥା ବୀରତ୍ୱର କାହାଣୀ । ମୋଗଲ ସମୟର ଅନ୍ଧାରୀ ରାଜତ୍ୱ କାଳରେ ସେମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର କାହାଣୀ ସବୁ ଚନ୍ଦ ମାଧ୍ୟମରେ ଦେଖୁ ଦେଖୁ ଘୃଣା ଓ ପ୍ରତିହିଂସାରେ ମନଟି ଜର୍ଜରିତ ହୋଇଯାଏ । କାହାକୁ ଜୀବନ ଜଳାଯିବାର ଦୃଶ୍ୟ, କାହାକୁ କରତରେ କଟାଯିବାର ଦୃଶ୍ୟ, କାହାକୁ ବିଶାଳ ପଥର ଚକରେ ପେଶା ଯାଉଥିବାର ଦୃଶ୍ୟ, କେଉଁଠି ପୁଣି ବିପରୀତ ମୁଖୀ ଧାବମାନ ଅଶ୍ୱମାନେ କାହାର ଡେଣା ଉପାଡି ଦେବାର ଦୃଶ୍ୟ - ଏସବୁ ଦେଖିଲେ ମନ ଆତଙ୍କରେ ଶିହରି ଉଠେ । ଶିଖ ଜନମାନସରେ ଘୃଣା ଓ ପ୍ରତିହିଂସାକୁ ଉଜ୍ଜୀବିତ କରି ରଖିବା ବୋଧେ ଏହି ଚନ୍ଦ ଗ୍ୟାଲେରୀର ମୂଖ୍ୟ ଉଦ୍ଦେଶ୍ୟ । ପ୍ରାଚୀନ ସାଙ୍ଗକୁ ରହିଛି ଏ ସମୟର କୁଖ୍ୟାତ ଭିନ୍ଦରନୱାଲା ଓ ଖଲିସ୍ତାନ କମାଣ୍ଡୋର ଫଟୋ, କାନାଡାରୁ ଭାରତ ଆସୁଥିବା ବୋଇଂ ବିମାନକୁ ନଷ୍ଟିହ୍ନ କରି ଦେଇଥିବା ଲାଲ୍ ସିଂ, ତଥା ଅନେକ ଗଣହତ୍ୟାର ଖଳନାୟକମାନଙ୍କର ଫଟୋ, ଇନ୍ଦିରାଗାନ୍ଧୀଙ୍କୁ ହତ୍ୟା କରିଥିବା ଅଙ୍ଗରକ୍ଷୀ ମାନଙ୍କ ଫଟୋ । ଏ ସମସ୍ତଙ୍କୁ ସହୀଦ ବୋଲି ଘୋଷଣା କରିବା ବୋଧେ ଭିତିରି ଉଦ୍ଦେଶ୍ୟ ।

ଅମୃତସରର ଅନ୍ୟତମ ଆକର୍ଷଣ ହେଉଛି ଜାଲିୱାନାୱାଲାବାଗ୍ – ଯେଉଁଠି ବୈଶାଖୀ ଉତ୍ସବରେ ଯୋଗ ଦେବାକୁ ଆସିଥିବା ନିରସ୍ତ୍ର ପୁରୁଷ, ନାରୀ ଓ ଶିଶୁଙ୍କୁ ଜେନାରାଲ୍ ଡାଏର୍ ମେସିନ୍ ଗନ୍ ଯୋଗେ ହତ୍ୟା କରିଥିଲେ । ପ୍ରାୟ ଚାରି ହଜାର ମୃତ ଦେହର ଚିତା ଏକା ସାଙ୍ଗରେ ଏଠାରେ ଜଳାଯାଇଥିଲା । ସେହି ମେସିନଗନ୍ ର ଗୁଳି ଚିହ୍ନ ଏବେ ମଧ୍ୟ କାନ୍ଥରେ ରହିଛି, ପ୍ରାଣ ଭୟରେ ଲୋକେ କୁଦି ପଡିଥିବା ବିଶାଳ ବାମ୍ପି ଆକୃତିର କୂପଟି ଅକ୍ଷତ ଅବସ୍ଥାରେ ରହିଛି । ସେଠାରେ ରହିଛି ଏକ କ୍ଷୁଦ୍ର ଚନ୍ଦପୂର୍ଣ୍ଣ ସଂଗ୍ରହାଳୟ । ସେହି ଗଣହତ୍ୟା

ପରେ ଭାରତରେ ମନୀଷୀମାନେ କଣ ସବୁ ପ୍ରତିକ୍ରିୟା କରିଥିଲେ ତାର ବିସ୍ତୃତ ତବିବରଣୀ ସେଠାରେ ଦେଖିବାକୁ ମିଳେ ।

ଲାହୋର ସହର ହେଉଛି ଏସୀୟ ମାନଙ୍କ ସ୍ୱପ୍ନର ସହର । ଏକଦା ଏହା ଅଖଣ୍ଡ ପଞ୍ଜାବର ରାଜଧାନୀ ଥିଲା । ଏକ ହଜାର ଏକ ରାତ୍ରୀ ସାମ୍ରାଜ୍ୟର ରାଜଧାନୀ ଲାହୋର, ମୋଗଲ ସମ୍ରାଟମାନଙ୍କ ରାଜଦୁଲାରମାନଙ୍କ ପ୍ରିୟ ଲାହୋର । ବିଶ୍ୱର ଶ୍ରେଷ୍ଠ ଶିଳ୍ପୀଙ୍କ ସମ୍ଭାରରେ ଭରପୁର ଲାହୋର । ଏଠାରେ ରହିଛି ଆଉରଙ୍ଗଜେବ୍ ଙ୍କ ବିଶାଳ ମସଜିଦ୍, ଯାହାର ଚମକୁଥିବା ଅଗ୍ରଭାଗ ଶତାବ୍ଦୀ ଧରି ଧୂଳି ଧୂସରିତ ଦିଗନ୍ତରେ ବିସ୍ମୟ ସୃଷ୍ଟିକରେ, ଯାହାର ମେଘକୁ ଅଟକେଇ ଦେଉଥିବା ବିଶାଳ କାନ୍ଥରେ ଆଲ୍ଲାଙ୍କର ଅନେଶ୍ୱତ ନାମ ଖୋଦିତ ହୋଇଛି । ଆକବରଙ୍କ ଦୁର୍ଗର ବିଶାଳ ତୋରଣ ସବୁ ମଣିଷର କ୍ଷୁଦ୍ରତାକୁ ପରିହାସ କରେ । ନଅର ମାନଙ୍କରେ ମାର୍ବଲର କମକୁଟଭରା ବାତାୟନ ସବୁ ଲେସ୍ ରେ ବୁଣାଯାଇଥିବା କାଶ୍ମୀରି ଚାଦର ପରି ଦେଖାଯାଏ । ବିଶାଳ ମୋଗଲ ସାମ୍ରାଜ୍ୟର ସାମ୍ରାଜ୍ଞି ନୁରଜାହାନ୍ ଙ୍କ ସମାଧି ଏଠାରେ ଅଛି । ଆକବରଙ୍କ ହାରେମ୍ ରେ ସବୁଠୁ ସୁନ୍ଦରୀ ଥିଲେ ଅନାରକଲି, ଯାହାର ଆକ୍ଷରିକ ଅର୍ଥ ଡାଳିମ୍ବ ଫୁଲ । ଏକଦା ସେ ଆକବରଙ୍କ ପୁଅ ସଲିମ୍ କୁ ପ୍ରେମ କରିବାର ଦୁଃସାହସ କରିଥିଲେ ବୋଲି ଜୀବନ୍ତ ସମାଧିର ଦଣ୍ଡ ପାଇଥିଲେ । ତାଙ୍କ ସ୍ମୃତିରେ ଉତ୍ସର୍ଗିକୃତ ଏକ ସୌଧ ବିଶ୍ୱରେ ପ୍ରେମ ଓ ତ୍ୟାଗର ଇତିହାସ ଏକ ଅଖଣ୍ଡ କୀର୍ତ୍ତୀ । ସଲିମାର ବଗିଚାରେ ରହିଛି ତିନିଶହରୁ ଊର୍ଦ୍ଧ୍ୱ କୃତ୍ରିମ ଜଳର ଫୁଆରା – ସେ କାଳର ଇଞ୍ଜିନିୟରିଂ ବିଦ୍ୟାର ନମୂନା । କେନ୍ଦ୍ର ଲାହୋରରେ ଅଛି ବିଶାଳ ବଜାର ଯେଉଁଠି ଶହଶହ କେଫ୍, ଦୋକାନ, ଭୋଜନାଳୟ, ଥିଏଟର୍ ହଲ୍ ତଥା ମସଜିଦ୍ ରହିଛି ।

ବିଭାଜନ ପୂର୍ବରୁ ଲାହୋରକୁ ଏସିଆର ପ୍ୟାରିସ୍ କୁହାଯାଉଥିଲା । ସେତେବେଳେ ଏହା ଥିଲା ଦିଲ୍ଲୀଠୁ ଅଧିକ ଆନ୍ତର୍ଜାତିକ, ବମ୍ବେ ଠୁ ଅଧିକ ବିତ୍ତଶାଳୀ ଓ କଲିକତାଠୁ ଅଧିକ ପ୍ରାଚୀନ । ସେତେବେଳର ସବୁଠୁ ବଳ ସ୍କୁଲ, କଲେଜ, ମିସନାରୀ, ସ୍କୁଲ, ହସପିଟାଲ, ଥିଏଟର୍ ସବୁକିଛି ଏଠାରେ ଥିଲା । ଭାରତର ପ୍ରସିଦ୍ଧ ବୁଦ୍ଧିଜୀବି, ଆଇନଜୀବି, କଳାକାର, ଯୋଦ୍ଧା, ଖେଳାଳି, କବି, ଦେଶପ୍ରେମୀ ସମସ୍ତେ ଥିଲେ ଏଠାରେ ବାସିନ୍ଦା । କୁହାଯାଏ ଏଠାରେ ଛାତ୍ରମାନେ ସିନେମା ତାରକାଙ୍କ ପରି ରହୁଥିଲେ, ତାରକାମାନେ ସ୍ୱର୍ଗର କନ୍ଦର୍ପଙ୍କ

ପରି, ସାଧାରଣ ନାରୀମାନେ ନୃତ୍ୟଶାଳାର ସଜ୍ଜିତ ନର୍ତ୍ତକୀ ପରି ଏବଂ ନର୍ତ୍ତକୀମାନେ ଇଂଲଣ୍ଡର ମଡେଲ୍ ଙ୍କ ପରି ରହୁଥିଲେ ।

ଦିନବେଳା ୱାଘା ସୀମାନ୍ତ ଏକଦମ୍ ଶୁନଶାନ ଥାଏ । ଏହି ବିଜନ ସୀମାନ୍ତର ସମ୍ମୋହନୀ ଶକ୍ତିରେ ଦର୍ଶକଟିଏ ଆପଣାଛାଏଁ ଅତୀତକୁ ଗ୍ଭଲିଯାଏ । ଆଖି ଆଗରେ ଅନେକ ବ୍ୟକ୍ତି, ଅନେକ ଘଟଣା ଦୁର୍ଘଟଣା ସ୍ୱପ୍ନ ପରି ଭ୍ରସିଯାଏ । ସେହି ନାୟକମାନେ ହେଲେ ରେହମତ୍ ଅଲ୍ଲୀ, ମହମ୍ମଦ ଅଲ୍ଲୀ ଜିନ୍ନା, ମାଉଣ୍ଟବେଟନ୍ ଓ ପତ୍ନୀ ଲେଡି ମାଉଣ୍ଟବେଟନ୍, ର୍‌ଡକ୍ଲିଫ୍ ସାହେବ, ଉଦ୍ଧାମ ସିଂ, ତାର୍‌ ସିଂ, ମଦନ ଲ୍‌ଲ୍ ପାୱା, ଗାନ୍ଧୀ, ନେହେରୁ, ପଟେଲ ଇତ୍ୟାଦି । ସେହି ଦୁର୍ଘଟଣା ସବୁ ହେଲ୍ – ବିଭ୍ରଜନ ସମୟର ଦଙ୍ଗା ତଥା ବିଶ୍ୱର ବୃହତ୍ତମ ମାନବ ସଞ୍ଚାଳନ ବା **human migration.**

ଜାଲିଆନାୱାଲ୍‌ବାଗ୍ ଗଣହତ୍ୟାରେ ପିତାମାତାଙ୍କୁ ହରେଇଥିବା ଉଦ୍ଧାମ ସିଂ ଇଂଲଣ୍ଡ ପାର୍ଲାମେଣ୍ଟ ଭିତରେ ଜେନେର୍‌ଲ ଡାଏରଙ୍କୁ ହତ୍ୟା କରିଥିଲେ । ୧୯୩୩ ମସିହା ଜାନୁୟାରୀ ମାସରେ, ଇଂଲଣ୍ଡର କୌଣସି ଅଖ୍ୟାତ ପତ୍ରିକାରେ, ରେହମତ୍ ଅଲ୍ଲୀ ଏକ ଗ୍ଭରି ଫର୍ଦ୍ଦ ବ୍ୟାପୀ ପ୍ରବନ୍ଧରେ ମୁସଲମାନଙ୍କ ପାଇଁ ଏକ ଅଲଗା ର୍‌ଷ୍ଟ୍ର ଗଠନର ପ୍ରସ୍ତାବ ଦେଇଥିଲେ । ମୁସଲିମ୍ ଲିଗ୍ ଏହି ପ୍ରସ୍ତାବକୁ ପ୍ରଧାନ ଇସ୍ୟୁ କରି ସାର୍‌ ଭ୍ରରତରେ ଅଚଳ ଅବସ୍ଥା ସୃଷ୍ଟି କରିଦେଲେ, ଯାହାର ନେତୃତ୍ୱ ନେଇଥିଲେ ମହମ୍ମଦ ଅଲ୍ଲି ଜିନ୍ନା । ତାଙ୍କର ବଆଁଗିଳା ସ୍ଲୋଗାନ୍ ଥିଲ୍ – "ଭ୍ରରତକୁ ବିଭ୍ରଜନ କର, ନହେଲେ ଆମେ ଭ୍ରରତକୁ ଧ୍ୱଂସ କରିଦେବୁ ।" ବିଭ୍ରଜନ ବେଳେ ସୀମା ନର୍ଦ୍ଧାରଣ ପାଇଁ ଆସିଥିଲେ ଅବସରପ୍ରାପ୍ତ ବିବାଦୀୟ ଜଜ୍ ର୍‌ଡକ୍ଲିଫ୍ ସାହେବ । ର୍‌ଡକ୍ଲିଫ ଲ୍‌ହୋରରେ ପହଞ୍ଚିଲ୍ ବେଳକୁ ଯେଉଁ ସ୍ୱପ୍ନର ଲ୍‌ହୋରର ଆକର୍ଷଣରେ ଆସିଥିଲେ - ସେ ସବୁର କେବଳ କ୍ଷୀଣ ପ୍ରତିଧ୍ୱନିଟିଏ ଦେଖିଥିଲେ । ଯାହାଥିଲ୍ କେବଳ ଧୂମାଛନ୍ନ, ଧୂଳପୂର୍ଣ୍ଣ ଉତ୍ତପ୍ତ ଲ୍‌ହୋର, ଜଳାପୋଡା ଓ ଦଙ୍ଗାର ଭୟଭୀତ ଲ୍‌ହୋର । ତାଙ୍କରି ନିଷ୍ଠୁର ହାତରେ ପେନସିଲ୍ ଗାରଟିଏ ପ୍ରାଚୀନ ପଞ୍ଜାବକୁ ଦୁଇଖଣ୍ଡ କରିଦେଇଥିଲ୍, ଯାହାର ପରିଣତି ସ୍ୱରୂପ ଦଙ୍ଗାରେ ପାଞ୍ଚଲକ୍ଷ ଲେ୍‌କ ମରିଯାଇଥିଲେ, ଏକକୋଟି ଦଶଲକ୍ଷ ଲେ୍‌କ ଗୃହଶୂନ୍ୟ ହୋଇ ଶରଣାର୍ଥୀ ହୋଇଗଲେ ଏବଂ ପୃଥିବୀର ବୃହତ୍ତମ ଜନ ସଞ୍ଚାଳନ ଘଟି ଯାଇଥିଲ୍ । ଶେଷ ଭ୍ରଇସର୍‌ଏ

ମାଉଣ୍ଟବେଟନ୍ ଏକଦା ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଦକ୍ଷିଣ ପଶ୍ଚିମ ଏସିଆରେ ମିତ୍ରଶକ୍ତି ତରଫରୁ ସୁପ୍ରିମ କମାଣ୍ଡର ଥିଲେ । ଅଦ୍ଭୁତ ସାହସୀ, ଯୁଦ୍ଧ ବିଶାରଦ ତଥା ଉଦବେଗ ଶୂନ୍ୟ ହସ ହସ ମୁହଁରେ ଅଟଲିଙ୍କଠୁ ନିର୍ଦ୍ଦେଶ ପାଇ ଆସିଥିଲେ ଭାରତକୁ ସ୍ୱାଧୀନତା ଦେବାପାଇଁ । କିନ୍ତୁ ବିଭାଜନ ବେଳର ଦଙ୍ଗା ତାଙ୍କୁ ସବୁଠୁ ଅସଫଳ ଭାଇସରାୟ ରୂପେ ପରିଗଣିତ କଲା । ଦଙ୍ଗା ସମୟରେ ହଜାର ହଜାର ମୁମୂର୍ଷୁ ଲୋକଙ୍କୁ ଚିକିତ୍ସା କରାଇବାରେ, ଆଶ୍ରୟ ଦେବାରେ, ଅପାଂକ୍ତେୟ ହୋଇ ପଡିଥିବା ଶବଗୁଡିକୁ ପୋତିବାରେ ଲେଡି ମାଉଣ୍ଟବେଟନ୍ ଙ୍କ ଭୂମିକା ଭୁଲିହେବନାହିଁ । ଏହି କ୍ଷୀଣକଟି, ଅନୁପାତଳ ମହିଳା ଜଣକ ଚାହିଁଥିଲେ ଅନ୍ୟ ଇଂରେଜଙ୍କ ପରି ନିଜ ଦେଶରେ ସୁରକ୍ଷିତ ରହିପାରିଥାନ୍ତେ, ତାହା ନକରି ଜୀବନକୁ ବିପନ୍ନ କରି ଦଙ୍ଗା ବିଧ୍ୱସ୍ତ ଅଞ୍ଚଳରେ ଘୁରି ବୁଲିଥିଲେ, ସାହାଯ୍ୟ ଓ ସହାନୁଭୂତି ବାଣ୍ଟିଥିଲେ । ଲାହୋର ଦଙ୍ଗାରେ ନିଜର ଜ୍ଞାତି କୁଟୁମ୍ବଙ୍କୁ ହରାଇ ମଦନଲାଲ ପାଓ୍ୱା ଭାରତ ଆସିଲେ ଏବଂ ପ୍ରତିହିଂସାର ଉଦଭଟ ଚିନ୍ତାରେ କୁଦି ପଡିଲେ । ଗାନ୍ଧୀଙ୍କ ପ୍ରାର୍ଥନା ସଭାରେ ବୋମା ଫୁଟାଇ ହତ୍ୟା ଉଦ୍ୟମ କରିବା ପରେ, ନାଥୁରାମ ଗଡସେଙ୍କ ସହ ମିଶି ଗାନ୍ଧୀ ହତ୍ୟା ଷଡଯନ୍ତ୍ରର ସାମିଲ ହୋଇଥିଲେ । ଲାହୋରରେ ଶିଖ ମାନଙ୍କ ନେତୃତ୍ୱ ନେଇଥିବା ତାରାସିଂ ପରେ ପରେ ସ୍ୱତନ୍ତ୍ର "ଖଲିସ୍ଥାନ" ଗଠନ ପାଇଁ ଯୋଜନା ଆରମ୍ଭ କରିଦେଇଥିଲେ ।

ଅମୃତସର ଠାରୁ ଲାହୋର ଷାଠିଏ କିଲୋମିଟର ଲମ୍ବାର ପ୍ରଶସ୍ତ ରାସ୍ତା, ଦେଖିଲେ ଲାଗେ ଯେମିତି କଳା ମଚମଚ ବିଶାଳ ଅଜଗର ସାପଟିଏ ହଜାର ହଜାର ଲୋକଙ୍କୁ ଗିଳି ପକେଇବା ପରେ ପେଟ ପକେଇ ଶୋଇଯାଇଛି, କେବେ ପୁଣି ଉଠିପାରେ । ବିଭାଜନ ସମୟରେ ଏହି ରାସ୍ତା ଅତି ଲୋମହର୍ଷକାରୀ ଥିଲା । ହିନ୍ଦୁ ଓ ଶିଖମାନେ ପ୍ରାଣ ବିକଳରେ ଲାହୋର ଛାଡି ଅମୃତସର ମାଡି ଆସୁଥିଲେ ଏବଂ ପଛରୁ ସେମାନଙ୍କୁ ଗୋଡେଇ ହତ୍ୟା କରାଯାଉଥିଲା । ଏମିତି ଗୋଟିଏ ବି ପରିବାର ନଥିଲା ଯାହା ଘରୁ କେହି ମୃତାହତ ହୋଇନଥିଲେ । ଅଗଷ୍ଟ ପନ୍ଦର ୧୯୪୭ ଉପରବେଳାରେ ଯେଉଁ ଟ୍ରେନ୍ ଟି ଲାହୋର ଛାଡି ଅମୃତସର ଷ୍ଟେସନରେ ଲାଗିଲା ସେଥିରେ ଜଣେ ହେଲେ ଜୀବିତ ନଥିଲେ ଏବଂ ଶେଷ ଡବାର କାନ୍ଥରେ ଚୂନ ଦ୍ୱାରା ଲେଖା ଯାଇଥିଲା – "ଏହା ହେଉଛି ନେହେରୁ ଓ ପଟେଲ ଙ୍କୁ

ଆମ ତରଫରୁ ଭେଟି ।" ଏ ପଟୁ ମଧ୍ୟ ଅନୁରୂପ ଭାବେ ଶବପୂର୍ଣ୍ଣ ଟ୍ରେନ୍ ର ଭେଟି ଲାହୋରରେ ପହଞ୍ଚିଲା । ଶହ ଶହ ମୁସଲମାନଙ୍କୁ ଖୋଜିଖୋଜି ମରାଗଲା, ଅମୃତସରର ଗୋଟିଏ କେନାଲ ଭର୍ତ୍ତି ହୋଇଗଲା ଶବର ପାହାଡରେ । ରାବି, ସତଲେଜ୍, ଝେଲମ୍, ବ୍ୟାସ୍, ଆଦି ସବୁ ନଦୀରେ ମଲା ମଣିଷମାନେ, ଫୁଲି ଉଠିବା କାଠଗଣ୍ଡି ପରି ଭାସୁଥିଲେ । ଲାହୋରର ସବୁ ନାଳରେ ମଣିଷଙ୍କ ରକ୍ତ ବୋହିଲା । ଗୁଳ ଗ୍ଲେଟ ଖାଇ ମରିପଡିଥିବା ପାରାଙ୍କ ପରି ମଣିଷମାନେ ଏଠିସେଠି ପଡିଥିଲେ । ଅମୃତସର ଠାରୁ ଲାହୋର ରାସ୍ତାର ପ୍ରତି ଫୁଟରେ ଗୋଟିଏ ଗୋଟିଏ ଶବ ପଡିଥିଲା । କୁକୁରମାନେ ଖାଲି କଲିଜାଟିକୁ ଖାଇ ବା ସବୁ ଛାଡି ଦେଉଥିଲେ । ଶାଗୁଣାମାନେ ଖାଇଖାଇ ଏତେ ମୋଟା ହୋଇଯାଇଥିଲେ ଯେ ଜୀବନ୍ତ ମଣିଷଟିଏ ଦେଖିଲେ ଇଞ୍ଚେ ମଧ୍ୟ ଘୁଞ୍ଚୁ ନଥିଲେ ।

ଦିଗନ୍ତେ ବିସ୍ତାରୀ ମଣିଷଙ୍କ ଲମ୍ବା ଲମ୍ବା ଧାଡି ବିପରୀତ ମୁଖୀ ହୋଇ ଏହି ରାସ୍ତାରେ ଚାଲିଥିଲେ । ପ୍ରତ୍ୟେକ ନିଜ ଭିଟାମାଟିରୁ ତଡାଖାଇ ଚାଲୁଥିଲେ ଏକ ଅଜଣା ମୂଲକକୁ, ନିଜ ଭାଗ୍ୟ ସନ୍ଧାନରେ । ବିଶାଳ ବିଶାଳ ମଣିଷଙ୍କ ଧାଡି ପଞ୍ଜାବର ଛାତି ଚରି ଏପଟୁ ସେପଟକୁ ଓ ସେପଟୁ ଏପଟକୁ ମାଡି ଚାଲିଥିଲା । ବେଳେବେଳେ ଧାଡି ଗୁଡିକ ଅତି ପାଖାପାଖି ଆସିଯାଉଥିଲା । ଲୋକଙ୍କର ବଳ ନଥିଲା ଚିତ୍କାର କରିବାକୁ, ଆଖିରେ ଲୁହ ନଥିଲା କାନ୍ଦିବାକୁ, ଅଭିମାନ କରିବେ ତ କାହା ଉପରେ? କିଛି ଲୋକ ପାଣିପାଣି କହି, ଗଛ କାଟିଲା ପରି ତଳେ ପଡି ମରିଯାଉଥିଲେ । କେହି ମଧ୍ୟ ଆଶ୍ଚର୍ଯ୍ୟ ହେଉନଥିଲେ - କାରଣ ମୃତ୍ୟୁ ସେମାନଙ୍କର ସବୁ ସମୟର ସହଯାତ୍ରୀ ହୋଇ ସାରିଥିଲା । ବେଳେବେଳେ ଅନନ୍ତ ପର୍ଯ୍ୟନ୍ତ ଲମ୍ବି ଯାଇଥିବା ବିପରୀତ ମୁଖୀ ମଣିଷଙ୍କ ଲମ୍ବା ଧାଡିରେ ଆଦୌ କିଛି ଶବ୍ଦ ଶୁଭୁନଥିଲା । ଏତେ ପାଖାପାଖି ଥିବା ସତ୍ତ୍ୱେ କେହି କାହାରିକୁ ଦେଖୁନଥିଲେ, ଶତ୍ରୁତାପୂର୍ଣ୍ଣ ଚାହାଣୀଟିଏ ଦେବାକୁ ମଧ୍ୟ ଚାହୁଁନଥିଲେ । ବୋଧେ ସବୁକିଛି ହରେଇବାର ଦୁଃଖକୁ ପ୍ରତ୍ୟେକ ବୁଝାଇପାରୁଥିଲେ ବୋଲି ସମବେଦନା ପୂର୍ବକ ଶତ୍ରୁତାକୁ ମଧ୍ୟ ଭୁଲି ଯାଉଥିଲେ । ଶଗଡ ଚକାର ଶବ୍ଦ, ହଜାର ହଜାର ପୁଙ୍ଗୁଳା ପାଦର ଶବ୍ଦ ହିଁ ସେହି କାଳରାତ୍ରୀର ଗଭୀରତାକୁ ଭଗ୍ନ କରୁଥିଲା । କେବେ କେମିତି ଗାଇଟିଏ ଏପଟୁ ସେପଟକୁ ଟପ୍ ଟପ୍ କରି

ଚାଲିଗଲେ, ଯହା କିଛି ସମୟ ପାଇଁ ଲମ୍ବା ଧାଡି ଗୁଡିକ ଅଟକ ଯାଉଥିଲା । ଦୁର୍ଭାଗ୍ୟର ଅନନ୍ତ ଯାତ୍ରା ଯେମିତି ଆଗକୁ ଆଗକୁ ଚାଲିଥିଲା ।

ଓ୍ୱାଘା ସୀମାନ୍ତକୁ ରାସ୍ତା, ଐତିହାସିକ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ରାସ୍ତା । ଏହା ହେଉଛି ସେହି ରାସ୍ତା ଯାହା ଉପରେ ଆଫଗାନ୍ ର କ୍ଷୀପ୍ର ଅଶ୍ୱକୁ ନେଇ ଯବନ ଗୁପ୍ତଚରମାନେ ଆଲେକଜାଣ୍ଡାରଙ୍କ ନେତୃତ୍ୱରେ ମାଡି ଆସିଥିଲେ, ସେହି ରାସ୍ତା ଦେଇ ବିରପୁରୁ ଶତ ସହସ୍ର ଦୁର୍ଦ୍ଧର୍ଷ ହସ୍ତୀଙ୍କୁ ନେଇ ଇନ୍ଦୁ ନଦୀ କୂଳେ ଯବନମାନଙ୍କୁ ସାମନା କରିଥିଲେ । ଏହି ରାସ୍ତା ଦେଇ ସୁଦୂର ପାଟଳପୁତ୍ରରୁ ଚାଣକ୍ୟଙ୍କ ପ୍ରରୋଚନାରେ ବିଷକନ୍ୟାମାନେ ସନ୍ତର୍ପଣରେ ଆଗକୁ ମାଡିଯାଇଥିଲେ, ଆଲେକଜାଣ୍ଡରଙ୍କ ସେନା ଛାଉଣୀଙ୍କୁ ଅତିକ୍ରମ କରି ରାଣୀ ହଂସପୁରରେ ପହଞ୍ଚିଥିଲେ । ନଜର ବିଷାକ୍ତ ଚୁମ୍ବନରେ ବିଶ୍ୱବିଜୟୀଙ୍କୁ ମୃତ୍ୟୁପୁରୀକୁ ଠେଲି ଦେଇଥିଲେ । ଏହା ହେଉଛି ସେହି ରାସ୍ତା ଯାହା ଉପରେ ଉଦ୍ୟତ ଇଗଲ୍ କୁ କାନ୍ଧରେ ବସାଇ, ଉନ୍ମୁକ୍ତ କୃପାଣରେ ଆହ୍ୱାନ ଦେଇ ଗୁରୁ ଗୋବିନ୍ଦ ସିଂ, ବିଶାଳ ଶିଖ ଜାତିକୁ ଯୋଦ୍ଧା ଜାତିରେ ପରିଣତ କରିଥିଲେ । ଏଠାରେ ଏକଦା ମୋଗଲଙ୍କ ବିଶାଳ ସେନା ଦିବସରେ ଗୋଧୂଳି ସୃଷ୍ଟି କରୁଥିଲେ ।

ଓ୍ୱାଘା ସୀମାନ୍ତରୁ ଫେରିବା ସମୟରେ ବାଟସାରା ସ୍ୱାଭାବିକ ଜୀବନଯାତ୍ରା ଦେଖିଲେ ମନେହୁଏ ଯେମିତି ଭାରତମାତା ସବୁ ଦୁର୍ଭାଗ୍ୟକୁ ସହିନେଇଛି, ସବୁ ଦୁର୍ଦ୍ଦଶାକୁ ପାସୋରି ପକେଇଛି ଓ ଇତିହାସର ସବୁ ଖଳନାୟକମାନଙ୍କୁ କ୍ଷମା କରିଦେଇଛି ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଜହ୍ନର ଜନମ ଦିନ



ସିଦ୍ଧେଶ୍ୱର ତ୍ରିପାଠୀ

ଆକାଶେ କୋଟିଏ ତାର୍ ଝଲସନ୍ତି
ହେଲେ ମନ କଣେ ଜହ୍ନ
ସବୁଠୁ ନଆର୍ ଫୁଲେଇ ଟିଏ ସେ
ଆଜିତା ଜନମ ଦିନ ।

ଜୋଛନା ରଜନୀ ପାଖରେ ସଜନୀ
ଲ୍‌ଜ ଲ୍‌ଜ ଦୁଇ ଆଖି
ଅଭିମାନ ହଜେ ପ୍ରେମରେ ସେ ମଜେ
ଏ ଛାତିରେ ଯାଏ ଲ୍‌ଖି ।

ଅବୁଝା ହୋଇସେ ଦୂରେ ଗୁଲିଯାଏ
କରେ କେତେ ଅଭିମାନ
ସବୁଠୁ ନଆର୍ ଫୁଲେଇ ଟିଏସେ
ଆଜି ତା ଜନମ ଦିନ ।

ଆଲୁଅ ପକ୍ଷରେ ବଜେଇଥିଲ୍ ସେ
ମଧୁ ମଳୟର ସୂର
ଅନ୍ଧାର ପକ୍ଷରେ ଫିକା  କରିଗଲ୍
ସବୁ ସପନକୁ ମୋର ।

ସଂଜ୍ଞା ବିହୀନ ସମ୍ପର୍କ ଆମର
ତଥାପି ଝୁରୁଛି ମନ
ସବୁଠୁ ନଆର୍ ଫୁଲେଇ ଟିଏ ସେ
ଆଜି ତା ଜନମ ଦିନ ।

କବିର ଘର
କୁଣ୍ଡିଲେ କେରଙ୍ଗ ଖୋର୍ଦ୍ଧା

# ସହିଦ୍



ପ୍ରକାଶ ଚନ୍ଦ୍ର ପଣ୍ଡା

ରକ୍ତ ରଂଜିତ ମାତୃଭୂମି ଏଠି
ସହିଦ୍ ର ରକତରେ
ଦେଶ ମାତୃକାର ସେବାପାଇଁ ସେ
ଲୋଟିପଡେ ଏ ଭୂଇଁରେ ।
ଏ ଦେଶର ନାରୀ ଦିଏ ଏଠି ବଳ
କପାଳୁ ପୋଛି ସିନ୍ଦୁର
ବୁଢାବାପା କହେ ସହିଦ୍ ମୋ ପୁଅ
ଛାତିକୁ କରି ପଥର ।
ବୁଢିମା ହଗ୍ଇ ଏକୋଇର ବାଳା
ଆଖିରୁ ଗଡାଏ ଲୁହ
କେବେ ଫେରିବ ମୋ ଅନ୍ଧର ଲଉଡି
ଦିଶିଯାଏ ତାର ମୁହଁ ।
କୁନଝିଅ ତାର କାଠ କଣ୍ଢେଇକୁ
ଗେଲକରି କହେ ପୁଅ
ମୋ ବାପା ଫେରିଲେ ତୋପାଇଁ ଆଣିବେ
ସାଥି କଣ୍ଢେଇଟେ ରହ ।
ଧନ୍ୟରେ ବୀର କୋଟି ଜନତାର
ତ୍ରାଣକର୍ତ୍ତା ସାଜି ଲଢୁ
କମାଣ ମୁନରେ ନପାତୁ କାହାକୁ
କେତେବେଳେ ନଜେ ଗଡୁ ।

ରକ୍ତଭିଜା ତାର ଶରୀରଟା ଆଜି
ଭୂଇଁରେ ପଡିଛି ଲୋଟି
ଦେଶ ମାତୃକାର କୋଳରେ ଶୋଇଛି
ସତେକ ଯାଇଛି ଥକ ।
ସଲାମ୍ କରୁଛି ଏ ଅଧମ ତୋତେ
ଅମର ରୁହ ହେ ବୀର
ବୁଣିଦିଅ ଶାନ୍ତି ମୈତ୍ରୀର ଫଗୁ
ଲିଖିଇ ରକ୍ତର ଗାର ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ତେବେ ଯାଇ ବୁଦ୍ଧ ଗାନ୍ଧୀଙ୍କ ଦେଶ



ରାଜକିଶୋର ସାଇଁ

ସାର୍ ମୁଲକରେ ପାଆନ୍ତି ପୂଜା
ନିର୍ମଳ ଶରତେ ମା ଦଶଭୂଜା
ବରଷକେ ଥରେ ଦଶହରାରେ
ଉଭା ହୁଅନ୍ତି ମା ଦୁର୍ଗା ରୂପରେ ।

ସମାଜରୁ ଦୂର ପାଇଁ ଅନ୍ୟାୟ
ଅସତ୍ୟ ଉପରେ ସତ୍ୟର ଜୟ
ଜାତ ଲାଗି ମନେ ଧର୍ମ ଭାବନା
ପ୍ରଚଳିତ ଏହି ଦେବୀ ବନ୍ଦନା ।

କାମ, କ୍ରୋଧ, ଲୋଭ ଆଉ ଗରବ
ମୋହ, ଈର୍ଷା ଗୁଣ ପଶୁ ସ୍ୱଭାବ
ତେଜିବାକୁ ଏ ଛ ରିପୁ ମାନବ
ବାର୍ତ୍ତା ଦିଏ ଶାରଦୀୟ ପରବ ।

ଏ ଗୁଢ଼ ଅର୍ଥ ନ ବୁଝି ମଣିଷ
ଅନ୍ଧ ବିଶ୍ୱାସର ହୋଇ ସେ ବଶ
ପଶୁବଳି ଦିଏ ଦେବୀଙ୍କ ଆଗେ
ମନବାଞ୍ଛା ପୂର୍ଣ୍ଣ ପାଇଁ ସରାଗେ ।

ଦେବୀ ପୀଠ ହୁଏ ରକ୍ତ ରଞ୍ଜିତ
ଦୟାଶୂନ୍ୟ ଭାବ କରଇ ଜାତ
ଦୁର୍ଗତି ନାଶିନୀ ମା ଦୟାମୟୀ
କାହାରି ରକତ ଗ୍ରହାନ୍ତି ନାହିଁ ।

ପଶୁ ପକ୍ଷୀ ବୃକ୍ଷ ଆମ ଏ ଭବେ
ମଣିଷ ବିନୁ ବି ଜିଇଁପାରିବେ
ଏମାନଙ୍କ ବିନୁ ଆମେ ମାନବ
ବଞ୍ଚିବା ଭୂଲୋକେ ନୁହେଁ ସମ୍ଭବ ।

ଜୀବେ ଦୟା ହେଉ ସଭିଙ୍କ ପଣ
ସରବେ କରିବା ବୃକ୍ଷରୋପଣ
ତେବେ ଯାଇ ଶକ୍ତି ପୂଜା ମହକ
ଭରିଦେବ ସବୁ ପ୍ରାଣେ ପୁଲକ ।

ମୋ ଭାଇ ଭଉଣୀ ଆସ ହେ ଆସ
ଶ୍ରଦ୍ଧାରେ ପାଳିବା ଏହି ସନ୍ଦେଶ
ତେବେ ଯାଇ ବୁଦ୍ଧ ଗାନ୍ଧୀଙ୍କ ଦେଶ
ଦୁନିଆଁ ଆଗରେ ହେବ ଆଦର୍ଶ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ଆସନ୍ତୁ ମହର୍ଷି ଅଙ୍ଗିରାଙ୍କ ତପୋବଳ ବିଷୟରେ ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ ଓ ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚକିତ ହୋଇପଡିଲେ। ମାତ୍ର କିଛି କରିବାର ବାଟ ନଥିଲା । ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ୍ୟ ଫିକା ପଡିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ । ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେହିଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ "ଅଙ୍ଗିରାସ୍ମୃତି" ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ୍ ଉପାଦେୟ ଶିକ୍ଷା ପୂରି ରହିଛି ।

ଆଳଦା, ଖଇରା, ବାଲେଶ୍ୱର

# ଓଡ଼ିଆ ଘରର ନାରୀ



ତ୍ରିପତି ପ୍ରଧାନ

ଓଡ଼ିଆ ଘରର ନାରୀ
କାହାକୁ କହିବି ସୋରି
ପରମ୍ପରା ଯାହା ଦେଖି
ରହିଛି ପୁରାଣ ପୋଥି
ଓଡ଼ିଆଣି ଲୁଗା ନାହିଁ
ବଦଳେ ନାଇଟି ନାଇଁ
ଜିଇନ ପେଣ୍ଟକୁ ସେହି
ଟି ସାର୍ଟ ସେଟ କରାଇ
ଶାଢ଼ୀ ରଙ୍ଗାରଙ୍ଗ ନେଇ
ବ୍ଲାଉଜ ଜୋଡା ରଙ୍ଗେଇ
ସ୍କୁଟି ଚାଲେ ସାଇଁ ସାଇଁ
ଦାଣ୍ଡରେ ଧୂଳି ଉଡ଼ାଇ
ତୁଳସୀ ଚଉଁରା ପାଇଁ
ଫ୍ଲାଆଟେ ତ ଜାଗା କାହିଁ
ଘର ଦାଣ୍ଡ ନାହିଁ ଭାଇ
ଗୋମୟ ଲେପନ ଯହିଁ

ମୋବାଇଲ ଗୀତ ଗାଇ
ସଞ୍ଜ ଆଳତୀ ଦିଅଇ
ଶାଶୁ ଶଶୁରଙ୍କ ଠାଇଁ
ରୁହେ ସେ ଅଲଗା ହୋଇ
ସେବାର ଭାଗକୁ ଭାଇ
ଛିଡାନ୍ତି ରଖିବା ପାଇଁ
ପୁରାତନ କଥା ଭରି
ବୃଦ୍ଧା ସମୟେ ସୁମରି
ଯୁଗ ବିପରୀତ କରି
ଭୁଲାଏ ଶିକ୍ଷା ଚତୁରୀ

ସଂସ୍କୃତ ଶିକ୍ଷକ, ଚକଟି

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ସାହିତ୍ୟ ସାଗରରୁ ସୁଧା – ସାଗର ମନ୍ଥନ

ସାହିତ୍ୟ ସାଗର! ଏହାକୁ କ୍ଷୀର ସାଗର ସହ ତୁଳନା କରାଯାଇ ପାରେନା । କ୍ଷୀର ସାଗରର ସୀମା ଏବଂ ଆୟତନ ବିଷୟରେ କେଉଁଠି ନା କେଉଁଠି ଲିଖିତ ଅଛି ମାତ୍ର ସାହିତ୍ୟ ସାଗରର ଆୟତନ ନାହିଁ ନା ସୀମା । ଏହାକୁ ମନ୍ଥନ କରିବାକୁ ହେଲେ ମନ୍ଦର ଗିରିର ନୁହେଁ, ଆବଶ୍ୟକତା ପଡ଼େ ଗୋଟିଏ କଲମ । ଯାହାକୁ ବୁଲାଇବା ପାଇଁ ବାସୁକୀ ନାଗ ନୁହେଁ, ମାତ୍ର ଦୁଇରୁ ତିନ ଆଙ୍ଗୁଠି, ଲହୁଣୀ ବାହାର କରିବା ପାଇଁ ତେତିଶ କୋଟି ଦେବତା କମ୍ବା ବହୁ ପରାକ୍ରମୀ ଅସୁର ମାନେ ନୁହନ୍ତି ବାକ୍‌ଦେବୀଙ୍କର ଆଶୀର୍ବାଦ ଥିବା ମଣିଷଟିଏ । ସାହିତ୍ୟରେ ବହୁ ଆଗ୍ରହ ଥିବା ସତ୍ତ୍ୱେ ମଧ୍ୟ ପରିବେଶ ମତେ ମେଡ଼ିକାଲ୍ କଲେଜ ପ୍ରବେଶ କରାଇଲା । ଓଡ଼ିଶାରୁ ଡାକ୍ତରୀ (ଏମ୍.ବି.ବି.ଏସ୍) ୧୯୭୦ ମସିହାରେ ପାସ୍ କରି ମୁଁ ଉଚ୍ଚଶିକ୍ଷା ପାଇଁ ସିଏମ୍‌ସି ,ଭେଲୋର ଏବଂ ପରେ ପରେ ଅଖିଳ ଭାରତୀୟ ଭେଷଜ ବିଜ୍ଞାନ ସଂସ୍ଥା (ଏମ୍‌ସ) ଦିଲ୍ଲୀ ଯାଇଥିଲି । ଏମ୍‌ସରେ ଉତ୍ତର ପ୍ରାନ୍ତୀୟ ମାନଙ୍କର ପରିହାସ କଟୁ ମନ୍ତବ୍ୟ ମତେ ବହୁ ଦୁଃଖ ଦେଇଥିଲା । ସେଇ ସମୟରେ ମୁଁ ପଣ କରିଥିଲି "ଅର୍ଜ୍ଜୁନ"ଙ୍କ ସଦୃଶ ଏକ ମାତ୍ର ଲକ୍ଷ୍ୟ ରଖି । ମୋ'ର ଏକାଗ୍ରତା, କଠିନ ପରିଶ୍ରମ ଏବଂ ସର୍ବୋପରି ଈଶ୍ୱରଙ୍କ ଦୟା ଯୋଗୁ ଦେଶ ବିଦେଶରେ ଏକ ପ୍ରଖ୍ୟାତ ନେତ୍ର ବିଶେଷଜ୍ଞା ରୂପେ ପରିଚିତ ହୋଇ ପାରିଲି ।

ମୋ'ର ସାହିତ୍ୟ ଲେଖା ଆରମ୍ଭ ହୋଇଥିଲା ୧୯୫୯ ମସିହାରୁ, ଯେତେବେଳେ ମୁଁ ମାତ୍ର ଦଶ ବର୍ଷ ବୟସର ଥିଲି । ମୋ'ର ପ୍ରଥମ କବିତା ଶୀର୍ଷକ ଥିଲା "ଆଷାଢ଼ସ୍ୟ ପ୍ରଥମ

ଦିବସେ” ପରେ ପରେ ମୁଁ କ୍ଷୁଦ୍ରଗଳ୍ପ ଲେଖିବା ଆରମ୍ଭ କରିଥିଲି ଯାହା ସବୁ ପ୍ରଜାତନ୍ତ୍ରର ମୀନା ବଜାର ବିଭାଗ ପ୍ରକାଶ ପାଉଥିଲା । ପରେ ପରେ ମୋ ଲେଖା କବିତା ଏବଂ କ୍ଷୁଦ୍ରଗଳ୍ପ ଗୁଡିକ ମୀନାବଜାର ଏବଂ ସ୍କୁଲ କଲେଜ ମାଗେଜିନ୍ ବ୍ୟତୀତ ଆସନ୍ତାକାଲି ଜୀବନରଙ୍ଗ ଏବଂ ଯୁଗନାରୀ ପତ୍ରିକାରେ ମଧ୍ୟ ସ୍ଥାନ ପାଇଥିଲା । ସେ ସମୟରେ ଝଙ୍କର ପତ୍ରିକା ବହୁ ଉଚ୍ଚ ସ୍ଥାନରେ ଥିଲା । ସେଇଥିରେ ମୋର ଲେଖାଟିଏ ପ୍ରକାଶ କରିବା ପାଇଁ ସ୍ୱପ୍ନ ଥିଲା, ମାତ୍ର ସେ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ଅନ୍ୟ କେତୋଟି ପତ୍ର ପତ୍ରିକାରେ ମଧ୍ୟ।

୧୯୬୪ ମସିହାରେ ମୋ'ର କ୍ଷୁଦ୍ର ଗଳ୍ପ ରାଜ୍ୟ ସ୍ତରୀୟ ଯୁବ ଲେଖକ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା, ୧୯୬୭ରେ ଦ୍ୱିତୀୟ ଏବଂ ୧୯୬୯ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ୧୯୬୯ ମସିହାରେ ମୁଁ ସମାଜର କଛିଟା ଦୁର୍ନୀତି ଦୁର୍ବିସ୍ଥରକୁ ଭିତ୍ତି କରି ଗୋଟିଏ ଉପନ୍ୟାସ ଲେଖିଥିଲି, ଯାହାର ଶୀର୍ଷକ ଥିଲା “ଅସମ୍ପୂର୍ଣ୍ଣ ଇତିହାସ ।” ମାତ୍ର ପାଣ୍ଡୁଲିପିଟି ପ୍ରକାଶକମାନଙ୍କୁ ଆପ୍ୟାୟିତ କରି ପାରି ନଥିଲା, ଭାଂଗି ପଡିଥିଲି । ଜଣେ ସୁଦକ୍ଷ ଲେଖକ ମତେ ସାନ୍ତ୍ୱନା ଦେବା ଭଂଗିରେ କହିଥିଲେ “ସମାଜପ୍ରତି ଆକ୍ଷେପ କରିବାକୁ ତୁମର ବୟସ ଆସିନ ।” ଠିକ୍ ତାର କେତେ ଦିନ ପରେ ଲେଖା ଓ ଲେଖକ ପରିଚୟ ଫଟୋ ସହ “ମୁକ୍ତି ପଥେ” ନାମକ ଏକ ପତ୍ରିକାରେ ସ୍ଥାନ ପାଇଥିଲା ।

ସେ ସମୟ ପାଇଁ ଏହା ଥଲା ଅତ୍ୟନ୍ତ ବିରଳ । ବହୁ ସୁଦକ୍ଷ ଲେଖକ ଲେଖିକା ମାନଙ୍କଠାରୁ ଅଭିନନ୍ଦନ ପ୍ରପ୍ତ କରିଥିଲି । ଅଖିଳ ଭାରତୀୟ ନେତ୍ର ବିଜ୍ଞାନ ସଂସ୍ଥାରେ ରହଣୀ ସମୟରେ ବହୁବର୍ଷ ପର୍ଯ୍ୟନ୍ତ ମୋ'ର ଲେଖା ଲେଖିଲେ ତୋରି ବନ୍ଧା ହୋଇଥିଲା । ଖୁବ୍ ଖୁସି ହେଲେ ମଝିରେ ମଝିରେ କବିତା ଲେଖୁଥିଲି (ଖୁସିର ମୁହୂର୍ତ୍ତ ଖୁବ୍ କମ୍ ଆସୁଥିଲା), କୌଣସି ଏକ ବିଷୟ ବସ୍ତୁ ହୃଦୟସ୍ପର୍ଶ କରୁଥିଲେ କ୍ଷୁଦ୍ର ଗଳ୍ପ ଲେଖୁଥିଲି ଏବଂ ସଂସ୍ଥାର ବାର୍ଷିକ ଉତ୍ସବ ପାଇଁ ପ୍ରାୟତଃ ନାଟକ ଲେଖୁଥିଲି । ମୋ'ର ସମସ୍ତ ଲେଖା ଓଡ଼ିଆରେ ଥିଲା । ନାଟକ ଲେଖାର ଆରମ୍ଭ ମୋ' ପାଇଁ ଏକ ଅବିସ୍ମରଣୀୟ ବିଷୟ । ୧୯୬୫ରେ ମେଡ଼ିକାଲ୍ କଲେଜ ତରଫରୁ କଲେଜ ନାଟକରେ ଅଭିନୟ କରିବା ପାଇଁ ବାଧ କରାଯାଇଥିଲା । ସେ ସମୟରେ କେବଳ ଅନ୍ନପୂର୍ଣ୍ଣା ବି ଗ୍ରୁପ ଥିଏଟର ବ୍ୟତୀତ ଅନ୍ୟ କେଉଁ ଥିଏଟରରେ ଝିଅମାନଙ୍କୁ ଅଂଶ ଗ୍ରହଣ କରିବାର ଅନୁମତି ନ ଥିଲା । ତେଣୁ ମୁଁ ଅଭିନୟ କରିବାକୁ

ମନା ନ କରିଥିଲେ ମଧ୍ୟ କାହାର "ପତ୍ନୀ" ଅଭିନୟ କରିବାକୁ ବିରୋଧ କରିଥିଲେ । ସେଇ ଅନୁସାରେ ଏକ ନାଟକ ଲେଖିବା ପାଇଁ ବାଧ୍ୟ କରାଯାଇଥିଲା, ପଚାଶ ବର୍ଷ ତଳର ସେଇ ନାଟକ "ଆବର୍ଜନା" କେବେଠାରୁ ଆବର୍ଜନାରେ ମିଶି ଗଲାଣି ଜଣାନାହିଁ । ମାତ୍ର ସେଇ ଦିନଠାରୁ ମୁଁ କେବଳ ନାଟକରେ "ଚରିତ୍ର" ଅଭିନୟ କରିଥାଏ । ଏ ସବୁ ସତ୍ତ୍ୱେ ମଧ୍ୟ ସାହିତ୍ୟ ଜଗତରେ ବହୁ କାରଣ ନେଇ ଆଗେଇ ପାରୁ ନ ଥିଲି । ସେତେବେଳର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ସହ ସାକ୍ଷାତ ମୋ'ର ଚନ୍ତାଧାରାକୁ ବଦଳାଇ ପାରିଥିଲା ।

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ସେଇ ଗୋଟିଏ ପଦ କଥା, ସତେ ଯେମିତି ବାରଂବାର କାନ ପାଖରେ ଗୁଂଜନ କରି ଉଠୁଛି, "ସାହିତ୍ୟର ଅବସାନ ନାହିଁ ନିଜ ନିଜର ବୃତ୍ତି ସଂଗେ ସଂଗେ ସାହିତ୍ୟକୁ ଆଗେଇ ନେବାକୁ ହୁଏ ।"

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ବୁଡ଼ିରହି ସମୟ ବାହାର କରି କଛିଟା ଲେଖୁଥିଲେ ମଧ୍ୟ ପ୍ରକାଶ କରାଇବାକୁ ଆଗଭର ହୋଇ ନ ଥିଲି । ୧୯୬୯ ମସିହାର କ୍ଷତ ଏବେ ବି ଲିଭିନ । ସାଧାରଣତଃ ମୋ' ଲେଖାଗୁଡ଼ିକ ଦାର୍ଶନିକ ଏବଂ ସାମାଜିକତାକୁ ଭିତ୍ତି କରି । ସେଇ ସାମାଜିକତା ଉପରେ ଲେଖିଥିଲି ଉପନ୍ୟାସ "ଅସମାପ୍ତ ଇତିହାସ" । ଅସମାପ୍ତ ହୋଇ ରହିଗଲା । ଆଉଥରେ ମନ୍ଥର ଗତିରେ ଆରମ୍ଭ କରିଥିଲି ଲେଖିବା । ପ୍ରକାଶ ପାଇଁ ନୁହେଁ, ନିଜ ଆତ୍ମତୃପ୍ତି ପାଇଁ, କେବେ କେମିତି ଲିଖିତ ନାଟକ ଗୁଡ଼ିକ ଓଡିଆ ଏବଂ ହୀନ୍ଦୀରେ ମଞ୍ଚସ୍ଥ

ହେଉ ଥିଲା । ସାଂସଦ ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଦ୍ୱାରା ଆୟୋଜିତ ଏବଂ ବିଶିଷ୍ଟ ଲେଖକ (ବର୍ତ୍ତମାନ ସାହିତ୍ୟ ଏକାଡ଼େମୀ ପୁରସ୍କୃତ) ଶ୍ରୀ ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ସଭାପତିତ୍ୱ, କବିତା ପାଠୋତ୍ସବ ସମାରୋହରେ ଯୋଗ ଦେବାର ଶ୍ରଦ୍ଧାକୁ ମଧ୍ୟ ଦୂରେଇ ଦେଇ ନ ଥିଲି । ଶ୍ରୀ ସୂର୍ଯ୍ୟମଣି ଖୁଣ୍ଟିଆଙ୍କର ପ୍ରୋତ୍ସାହ ମୋ'ର କବିତା ଲେଖା ଆଗ୍ରହକୁ ବହୁ ଆଗକୁ ନେଇ ଯାଇଥିଲା ।

୨୦୧୧ ମସିହା, ଦିଲ୍ଲୀ ଓଡ଼ିଆ ଡାକ୍ତର ଆସୋସିଏସନ୍‌ର ସଭାପତି ରୂପେ ନିଯୁକ୍ତ ହୋଇଥିଲି । ସଂସ୍ଥାର ଜଣେ ସଭ୍ୟ (ଡ଼ାଃ ସୁରେଶ ସୁନ୍ଦର ରାୟ ମୋ'ର ସ୍କୁଲ୍ ଦିନର

ଲେଖକବନ୍ଧୁ) ମତ ଦେଇଥିଲେ, ଏତେ ପ୍ରକାର ଲେଖା ଲେଖୁଛ । ଏଗୁଡ଼ିକର ପ୍ରକାଶନ ପତ୍ରପତ୍ରିକା ମାନଙ୍କରେ ନ କଲ ନାହିଁ, ଅତି କମ୍‌ରେ ପୁସ୍ତକ କ୍ରମରେ ଛାପୁନ କାହିଁକି? ତୁମ ପରେ ଏ ସବୁର ଭବିଷ୍ୟତ ବିଷୟରେ କେବେ ଚିନ୍ତା କରିଛ??

ତତ୍ପର ହୋଇ ଉଠିଥିଲି । ଘୁରି ଦଶନ୍ଧିରୁ ଉର୍ଦ୍ଧ୍ୱ ଜମାଥିବା ବୃତ୍ତିଜନିତ କାଗଜ ମଧ୍ୟରୁ ଅଣ୍ଡାଳି ଘୁଲିଲି "ଅସମାପ୍ତ ଇତିହାସ" । ବହୁ ଗୁଡ଼ିଏ ପୃଷ୍ଠା ଚକ୍ଷୁ ପଥରେ ଆସିଥିଲା ସତ ମାତ୍ର ସେଥିର ଲେଖା ଗୁଡ଼ିକ ସଂପୂର୍ଣ୍ଣ ଭାବେ ଅସ୍ପଷ୍ଟ । ପୃଷ୍ଠା ଗୁଡ଼ିକ ସଦ୍ୟ ଭଜା ହୋଇଥିବା ସାଗୁଦାନା ପାମ୍ପଡ଼ ସଦୃଶ । ଛୁଉଁ ଛୁଉଁ ଭାଙ୍ଗି ଯାଉଥିଲା, ହତୋତ୍ସାହ ହୋଇ ଅନ୍ୟ ଲେଖା ଗୁଡ଼ିକ ସାଉଁଟିଲି । ୨୦୧୩ରେ ପ୍ରକାଶ ପାଇଥିଲା ମୋ'ର ପ୍ରଥମ କବିତା ସଂକଳନ "ସ୍ମୃତି ଏକ ଅନୁରକ୍ତି" । ପରେ ପରେ କ୍ଷୁଦ୍ରଗଳ୍ପ ସଂକଳନ "ଲେଖନୀ" । କୌଣସି ଏକ ମର୍ମ୍ମସ୍ପର୍ଶୀ ଘଟଣା ପାଇଁ ଦିଲ୍ଲୀ ଓମ୍ୟାନ୍ କମିଶନ୍‌ଙ୍କର ସଭାପତିଙ୍କ ଠାରୁ ସାହାଯ୍ୟ ନେଇଥିବା ବିଷୟକୁ ଭିତ୍ତି କରି ଲେଖାଯାଇଥିବା ଉପନ୍ୟାସଟି ପ୍ରକାଶ କରିବା ପାଇଁ ଉତ୍ସୁକା ଥିଲେ ମଧ୍ୟ ଛପାଇବାକୁ ଦେଇ ପାରୁ ନଥିଲି । ଯାର ପରିଣତ ଅସମ୍ପୂର୍ଣ୍ଣ ଇତିହାସ ସଦୃଶ ହେବନି ତ! ଏମ୍‌ସ୍‌ର ଜଣେ ଲେଖକ ବନ୍ଧୁଙ୍କ ସାହାଯ୍ୟରେ ପ୍ରତାରଣା ପରେ ପାଣ୍ଡୁଲିପିଟି ଓଡ଼ିଶାର ପ୍ରସିଦ୍ଧ ଲେଖକ ଶ୍ରୀ ମନୋଜ ଦାସଙ୍କ ନିକଟକୁ ମତାମତ ପାଇଁ ପଠାଇଥିଲି । ତାଙ୍କ ଠାରୁ ମତାମତ ଲାଭ କରିବା ପରେ କେବଳ ପୁସ୍ତକଟି ଛପାଇ ନ ଥିଲି ସାହିତ୍ୟ ଜଗତରେ ମୋ'ର ଉତ୍ସାହ ମଧ୍ୟ ବୃଦ୍ଧି ପାଇଥିଲା । ଏହା ପରର ଉପନ୍ୟାସ ଥିଲା ଘୂର୍ଣ୍ଣି ପ୍ରତୀତି । ଏଇ ଉପନ୍ୟାସଟି ଉପରେ ମତାମତ ଦେଇଥିଲେ ଓଡ଼ିଶାର ବିଶିଷ୍ଟ ଲେଖକ ଲେଖିକା - ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶ୍ରୀମତୀ ପ୍ରତିଭାରାୟ। ଏତଦ୍ ବ୍ୟତୀତ ଶ୍ରୀ ରାଜକିଶୋର ରାୟ ଏବଂ ଶ୍ରୀ ରଥଙ୍କର ମତଥିଲା, "ସାହିତ୍ୟ ଓ ବିଜ୍ଞାନର ସମନ୍ୱୟକୁ ଭିତ୍ତି କରି ଇଂରାଜୀ ଭାଷାରେ ପୁସ୍ତକ ଥିଲେ ମଧ୍ୟ ଓଡ଼ିଆ ଭାଷା ପାଇଁ ଏହା ପ୍ରଥମ । ଉପନ୍ୟାସଟିକୁ ପାଠ କଲା ପରେ ମନେ ହୁଏ ଲେଖିକା ଜୀବନ ଉପରେ ଖୁବ୍ ଅନୁଭବୀ ।" ଏହାପରେ ମୋ'ର ଲେଖା ଲେଖି କରିବାର ଉତ୍ସାହ ବହୁ ଗୁଣରେ ବୃଦ୍ଧି ପାଇଥିଲା । ପତ୍ରିକାରେ ପ୍ରକାଶ ନିମନ୍ତେ ଲେଖା ମଧ୍ୟ ନିୟମିତ ପଠାଇଥିଲି । ରଚିତ ଗଳ୍ପ କବିତା ଗୁଡ଼ିକ ଆସନ୍ତା କାଲି, ଯୁଗନାରୀ ଜୀବନ ରଙ୍ଗ, କଥା, ଯୁଗଶ୍ରୀ ଯୁଗନାରୀ, ଯୁବପ୍ରଭା, ସମ୍ବାଦ, ଅମୃତାୟନ, ଶ୍ୱେତ ସଙ୍କେତ, ପଲ୍ଲୀବାଣୀ ଶରଳାଶ୍ରୀ, ଗୋଧୂଳି ଅଭିଯାନ

ସମକାଳ ପ୍ରଭୃତି ପତ୍ରପତ୍ରିକାରେ ସ୍ଥାନ ପାଇଆସୁଅଛି । ସେ ସବୁକୁ ବାଦ ଦେଲେ ବର୍ତ୍ତମାନ ସୁଦ୍ଧା ଓଡିଆ, ଇଂରାଜୀ ଏବଂ ହିନ୍ଦୀ ମିଶି ମୋର ଅଠରଟି ପ୍ରକାଶ ହୋଇସାରିଛି । ପୁସ୍ତକ ଗୁଡିକର ନାମ ବର୍ତ୍ତମାନ ପୁସ୍ତକର ଶେଷ ପୃଷ୍ଠାରେ ରହିଛି । ପ୍ରକାଶିତ ପୁସ୍ତକମାନ ହେଲା:-

"ଆମେ ଓଡ଼ିଆ" ଅନ୍ ଲାଇନ୍‌ରେ ଅନୁଭୂତି "ନତ୍ୟ ଲିପିର ଗାଥା" ଧାରା ବାହିକ ରୂପେ ପ୍ରକାଶ ପାଉଛି। "ବେଦାନ୍ତୀ" ରେ କବିତା ବ୍ୟତୀତ ଉପନ୍ୟାସ "ଅସ୍ତରାଗିଣୀ" ଧାରାବାହିକ ରୂପେ ପ୍ରକାଶ ପାଇ ସାରିଛି । ବର୍ତ୍ତମାନର ଧାରା ବାହିକ ହେଲା "ଜୀବନ ନଉକା" । ୨୦୧୪ରେ ମୋ'ର ସାକ୍ଷାତକାର "ପଲ୍ଲୀରୁ ଦିଲ୍ଲୀ" ଆଶ୍ରୟ ଏବଂ ୨୦୧୬ରେ ଯୁଗଶ୍ରୀ ଯୁଗନାରୀରେ ପ୍ରକାଶ ପାଇଛି । ୨୦୧୫ରେ ଆଶ୍ରୟ ଏବଂ ଗୋଧୂଳି ଦ୍ୱାରା ପ୍ରବାସୀ ଲେଖିକା ସମ୍ମାନରେ ସମ୍ମାନତା । ଶ୍ରୀ ଜଗନ୍ନାଥ ପରିଷଦ ଖୋର୍ଦ୍ଧା ଦ୍ୱାରା ୨୦୧୭ରେ ମତେ କୁନ୍ତଳା କୁମାରୀ ସାବତ ସମ୍ମାନରେ ସମ୍ମାନତ କରାଯାଇଛି । ଓଡିଶା ଲେଖିକା ସଂସଦ ଶ୍ୱେତ ସଂକେତ, ସ୍ମୃତି ସାନ୍ତ୍ୱନା ସହ ଅନ୍ୟ କେତେ ଗୁଡିଏ ପତ୍ର ପତ୍ରିକା ମଧ୍ୟ ମୋର ଲେଖନକୁ ସମ୍ମାନତ କରିଛନ୍ତି ।

ଦିଲ୍ଲୀ ଏବଂ ଓଡିଶାର ଅନେକ ଗୁଡିଏ ସଂସ୍ଥା ମତେ ସେମାନଙ୍କର ଉପଦେଷ୍ଟା ମଣ୍ଡଳରେ ସ୍ଥାନ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ ମୋର କୃତଜ୍ଞତା ଜ୍ଞାପନ କରୁଛି । ଭିନ୍ନ ଭିନ୍ନ ଅନୁଷ୍ଠାନ ମାନଙ୍କ ଦ୍ୱାରା ମତେ ଅତିଥି ରୂପେ ନିମନ୍ତ୍ରଣ କରିବା ସମୟରେ ମୁଁ ମୋର ପିଲାଦିନର ସେଇ ଗୋଟିଏ କଥାକୁ ସ୍ମରଣ କରିଥାଏ । ବାପାଙ୍କର ଉପଦେଶ ଏବେ ବି ମୋ କାନ ପାଖେ ଗୁଞ୍ଜରି ଉଠୁଛି । "ଡାକ୍ତର ଜଣେ କବି ବା ଲେଖକ ହୋଇପାରେ, ମାତ୍ର ଅନ୍ୟ ବୃତ୍ତିରେ ପ୍ରତିଷ୍ଠିତ ବ୍ୟକ୍ତି ଜଣଙ୍କ ପାଇଁ ଭବିଷ୍ୟତରେ ଡାକ୍ତର ହୋଇ ପାରେନା ।"

## ନେତ୍ରଦାନ

ଭାରତରେ "ନେତ୍ରଦାନ" ପଦ୍ଧତିରେ ସୂତ୍ରଧାର ରୂପେ "ପ୍ରଥମ ମହିଳା" ରୂପେ ପରିଚିତା ହୋଇଥିଲି । ସେଇ ମହାନ୍ କାର୍ଯ୍ୟ ପାଇଁ ସମାଜକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଁ ଏକ ନାଟକ ଏବଂ ସଂଗୀତର ସୃଷ୍ଟି କରିଥିଲି । ୨୦୧୪ରେ ସାହିତ୍ୟ ଏକାଡ଼େମୀ ଦ୍ୱାରା

"ଲେଖିକା ସମ୍ମିଳନୀ" ପାଇଁ ଆମନ୍ତ୍ରିତା ହୋଇ ଖଡଗପୁର ଠାରେ କବିତା ପାଠ କରିବାର ସୁଯୋଗ ଲାଭ କରିଥିଲି । ମୋ'ର ପ୍ରତିଟି ପୁସ୍ତକ ଓଡ଼ିଶାର ପ୍ରସିଦ୍ଧ ଲେଖକ ମାନଙ୍କ ଦ୍ୱାରା ଉନ୍ମୋଚତ ହୋଇଥିବା ଯୋଗୁ ମୁଁ କେବଳ ନିଜକୁ ସୌଭାଗ୍ୟଶାଳୀ ମନେ କରିବା ସଂଗେ ସଂଗେ ସେମାନଙ୍କ ନିକଟରେ ମୋ'ର କୃତଜ୍ଞତା ମଧ୍ଯ ଜ୍ଞାପନ କରୁଛି । ଦିଲ୍ଲୀରେ ଓଡ଼ିଆ ଲେଖିକା ମାନଙ୍କ ପାଇଁ ଏକ ସଂସ୍ଥା ଗଢ଼ିବା ବହୁ ଦିନରୁ ଚେଷ୍ଟା କରି ଆସୁଥିଲେ ମଧ୍ଯ ୨୦୧୮ରେ ତାହା ସାକାର ଲାଭ କରିଥିଲା । ଏଥିପାଇଁ ମୋ'ର ଦିଲ୍ଲୀ ଏବଂ ଓଡ଼ିଶା ସ୍ଥିତ ଲେଖିକା ଭଉଣୀ ମାନଙ୍କର ସାହାଯ୍ୟ ଅତୁଳନୀୟ ।

## ଦିଲ୍ଲୀ ଓଡ଼ିଶା ଲେଖିକା ସଂସଦ

ଶ୍ରୀ ଭବାନୀ ଦୀକ୍ଷିତ । ମୋ'ର ଜଣେ ବନ୍ଧୁ ପତ୍ନୀଙ୍କର ଅନ୍ତରଙ୍ଗ । ତାଙ୍କ ସଂଗେ ବନ୍ଧୁତା ବୃଦ୍ଧି ପାଇବା ପରେ ସେ ତାଙ୍କର କେତେଜଣ ଅଣଓଡ଼ିଆ ବିଶିଷ୍ଟ ଲେଖକ ବନ୍ଧୁଙ୍କ ସହ ଆମ ବସନ୍ତକୁଂଜ ସ୍ଥିତ ଘରକୁ ଆସିଛନ୍ତି । ସାହିତ୍ୟ ପ୍ରତି ତାଙ୍କର ଏତେ ଅନୁରକ୍ତି ଦେଖି ଦିନେ ମୋ' ମନ ଭିତରେ ଶୋଇ ରହିଥିବା ଉତ୍ସାହକୁ ପ୍ରକାଶ କରିଥିଲି । "ମୁଁ ଗୋଟିଏ ନାରୀ ଲେଖିକା ସଂସଦ ଦିଲ୍ଲୀରେ ସ୍ଥାପନା କରିବାକୁ ଚାହୁଁଛି । ସମ୍ଭବ ହୋଇ ପାରିବ କି?"

"ନାରୀ ମାନଙ୍କୁ ତ ଏକାଠି କରିହେବ । ମାତ୍ର ସେମାନଙ୍କ ମଧ୍ଯରୁ କେତେଜଣ ଲେଖିକା ସେ ବିଷୟରେ ମତେ ଜଣା ନାହିଁ ।" ତାଙ୍କର ଉତ୍ତର ଥିଲା ।

ସତକୁ ସତ ତାଙ୍କ ପ୍ରଚେଷ୍ଟାରେ ବହୁଜଣ ମହିଳା ଆଗେଇ ଆସିଥିଲେ । ସେଦିନ ଥିଲା ୨୦୧୫ର ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ପୁଣ୍ୟ ଦିବସ । ନଭେମ୍ବର ୨୫ ତାରିଖ, ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଆମଘରେ ଗୋଟିଏ ଛୋଟ ଆସର ଜମିଥିଲା । ମୋ' ମନ କଥା ଖୋଲି କହିଥିଲି । ସେମାନଙ୍କ ମଧ୍ଯରୁ ଜଣେ ଦିଲ୍ଲୀ ସ୍ଥିତ ଉତ୍କଳିନୀ ସହ ମିଶାଇ ଦେବାର ମତ ଦେଇଥିଲେ । ମୁଁ ଏକମତ ହୋଇ ନ ଥିଲି । ବୁଝାଇବାର ପ୍ରୟାସ କରିଥିଲି । ସାହିତ୍ୟକୁ ଆଗକୁ ଆଣିବାକୁ ହେଲେ ତାକୁ ନିଜେ ହିଁ ସଂଗ୍ରାମ କରିବାକୁ ହେବ । ଅନ୍ୟ ସହ ମିଶିଲେ

ତା'ର ଲକ୍ଷ୍ୟ ଫିକା ପଡ଼ିଯିବାର ସମ୍ଭାବନା ରହିଛି । ଶେଷରେ ମନେହେଲା ସମସ୍ତେ ଏକମତ ।

ସଂସଦର ନାମ କରଣ, କାର୍ଯ୍ୟକର୍ତ୍ତା ବିଗ୍ଭର କରିବା ପାଇଁ ଆଉ ଥରେ ଏକାଠି ହେବା ପାଇଁ କହି ଆସର ଭଙ୍ଗ କରିଥିଲୁ । ହେଲେ, ଉପସ୍ଥିତା ଭଉଣୀମାନଙ୍କ ଠାରୁ ପ୍ରତିଶ୍ରୁତି ଲାଭ କରିଥିଲେ ମଧ୍ୟ ସେଇ ଥିଲା ଆମର ପ୍ରଥମ ଏବଂ ଶେଷ ମିଳାମିଶା । ଭଉଣୀମାନଙ୍କୁ ବାରଂବାର ଟେଲିଫୋନ୍ କରି ହତୋତ୍ସାହ ହୋଇଥିଲି ।

ଗ୍ଭହୁଁ ଗ୍ଭହୁଁ ଦୁଇଟି ବର୍ଷ ବିତିଗଲା । ତେବେ କଣ ମୁଁ ମୋ'ର ଏଇ କଳ୍ପିତ ପରିଯୋଜନାରେ କାର୍ଯ୍ୟକାରୀ ହୋଇପାରିବିନ? ଏଇ ପ୍ରଶ୍ନ ମନକୁ ବାରମ୍ବାର ଆସିଲେ ନିଜକୁ ନିଜେ ଖୁବ୍ ଛୋଟ ମନେ କରୁଥିଲି । ଅନ୍ୟ ଏକ ଅନୁଭୂତି ମନତଳେ ଉଙ୍କି ମାରିଥିଲା ।

୨୦୦୭ରେ ନିଶା ଚଢ଼ିଥିଲା । ଏକ ପରିଯୋଜନା, ବାପାଙ୍କର ସ୍ମୃତି ରଖିବା ପାଇଁ ଆମ ଗାଁରେ କିଛି ଗୋଟିଏ ଗଢ଼ିବା ପାଇଁ । ବଡ଼ ନୂଆବୋଉ ମତ ଦେଇଥିଲେ ଲାଇବ୍ରେରୀ । ଯେଉଁ ସ୍କୁଲ୍‌ରେ ବାପା ମତେ ପ୍ରାଥମିକ ଶିକ୍ଷା ପ୍ରାପ୍ତ କରାଇଥିଲେ ସେଠାକୁ ଗଲି । ମାତ୍ର ସେଠାରେ ଜଣେ ସଜ୍ଜନ ପାଠାଗାର ଗଢ଼ିସାରିଥିଲେ । ପାଠାଗାର ଚିନ୍ତା ମନରୁ ପୋଛି ଦେଇ ଗୋଟିଏ ନେତ୍ର ଅନୁଷ୍ଠାନ ଗଢ଼ିବାର ଚିନ୍ତା କଲି । ବହୁବାର ଦୌଡ଼ା ଧାପଡ଼ କରିଥିଲେ ମଧ୍ୟ ଅନ୍ୟ କାହାଠାରୁ ସାହାଯ୍ୟ ନ ପାଇ ଥିବାରୁ ଆଶା ଆଶାରେ ହିଁ ରହିଗଲା। ଅର୍ଥାତ୍ ମୋ' ଦ୍ଵାରା କୌଣସି ପରିଯୋଜନା ସଂପନ୍ନ ହୋଇପାରିବନି ।

ଚବିଶ ମାସ ପରେ । ପୁଣି ଥରେ ମନରେ ଉଇଁ ଆସିଥିଲା ଲେଖିକା ସଂସଦର ନିଶା । ଓଡ଼ିଶା ଲେଖିକା ସଂସଦର କେତେଜଣ ସଭ୍ୟା, ଶ୍ରୀମତୀ ଆଶାଲତା ଦାଶ, ଶ୍ରୀମତୀ ମମତା ମହାପାତ୍ର, ଶ୍ରୀମତୀ ଗୋଲାପ ମଞ୍ଜରୀ କର, ଶ୍ରୀମତୀ ରୁମ୍‌ଝୁମ୍ ଦାସ ଏବଂ ପରିଶେଷରେ ଶ୍ରୀମତୀ ଶକୁନ୍ତଳା ବଳୟାର ସିଂଙ୍କ ନିକଟରେ ପ୍ରସ୍ତାବ ରୁଜୁ କରିଥିଲି । ଖୁବ୍ ଆନନ୍ଦରେ ସେମାନେ ମୋ'ର ପ୍ରସ୍ତାବକୁ ସ୍ଵାଗତ କରିଥିଲେ । ଆଉ କେତେଜଣ ଦିଲ୍ଲୀସ୍ଥିତ ଭଉଣୀମାନଙ୍କ ନିକଟରେ ମୋ'ର ଇଚ୍ଛା ପ୍ରକାଶ କଲି । ଶ୍ରୀମତୀ କଲ୍ୟାଣୀ ମିଶ୍ର ଏବଂ ଶ୍ରୀମତୀ ରମାରାଣୀ ହୋତା ଖୁବ୍ ଖୁସିରେ ଏକମତ ହୋଇଥିଲେ ।

୨୦୧୮ ଜାନୁଆରୀ ୨୪ ତାରିଖରେ ଶ୍ରୀମତୀ ରମାରାଣୀ ହୋତାଙ୍କ ଘରେ ବସିଥିଲା ଆମର ପ୍ରଥମ ବୈଠକ । ଜନ୍ମ ନେଇଥିଲା ଗୋଟିଏ "ଡଲ୍‌ସ" (ଦିଲ୍ଲୀ ଓଡ଼ିଆ ଲେଖିକା ସଂସଦ) ପରେ ପରେ ଅନ୍ୟ ଦୁଇଟି ବୈଠକ ଆମ ଘରେ ବସିଥିଲା । ମାତ୍ର ସ୍ୱତନ୍ତ୍ର କମ୍ପା ଶାଖା ଏଇ ସନ୍ତୁଳନ ମତେ ବ୍ୟତିବ୍ୟସ୍ତ କରୁଥିଲା ମାର୍ଚ୍ଚ ୩ ତାରିଖ ଶନିବାର । ସିଦ୍ଧାନ୍ତ ନେଲୁ ଓଡ଼ିଶା ଲେଖିବାର ଶାଖା ହୋଇ ରହିବୁ । ବାହାର କେତେଜଣଙ୍କର ପ୍ରଶ୍ନ "ଏହାର ଉଦ୍ଦେଶ୍ୟ?"

"ସିଙ୍ଗଲ୍ ପଏଣ୍ଟ ଆଜେଣ୍ଡା ଆଜ୍ଞା । ମାତ୍ର ଗୋଟିଏ ଉଦ୍ଦେଶ୍ୟ । ମୋ' ଜାଣିବାରେ ଦିଲ୍ଲୀସ୍ଥିତ କେତେଜଣ ଭଉଣୀମାନେ କଛି କଛି ଲେଖାଲେଖି କରନ୍ତି । ସେମାନଙ୍କୁ ଲୋକ ଗୋଚରକୁ ଆଣି ଓଡ଼ିଆ ସାହିତ୍ୟର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।"

ଓଡ଼ିଶା ବାହାର ପାଇଁ ଏ ପ୍ରକାର ସାହିତ୍ୟ ଉଦ୍ୟମ ପ୍ରଥମ । ସେ ପୁଣି ଲେଖିକା ମାନଙ୍କ ପାଇଁ । ଏହାର ଭବିଷ୍ୟତ ବିଷୟରେ ଚନ୍ତା କରିପାରୁଛନ୍ତି ତ?

ତେଲିଆ ମୁଣ୍ଡରେ ତେଲ ଦେବା ପ୍ରଥା ମୁଁ ବିଶ୍ୱାସ କରେନା ଆଜ୍ଞା, ଟାଙ୍ଗର ଭୂମିକୁ ଶସ୍ୟଶାଳୀ କରିବାରେ ଆତ୍ମତୃପ୍ତି ଲାଭ ହୁଏ ।

ଆତ୍ମତୃପ୍ତି... ଏହା ଆପଣଙ୍କର ପେଷା ହୋଇଥିଲେ, ସେ ଆପଣଙ୍କ ପାଇଁ ନିଆରା ହୋଇଥାଆନ୍ତା । ନାରୀ ମାନଙ୍କୁ ନେଇ ସଂସ୍ଥା ଚଳାଇବା ଖୁବ୍ ଦୁଃଷ୍କର ।

ନାରୀ ଶକ୍ତିର ଅବମାନନା କରନ୍ତୁନ ଆଜ୍ଞା । ଯେଉଁଦିନ ଶୁଣିବେ ଲେଖିକା ସଂସଦ ଭାଙ୍ଗିଗଲା, ସେଇଦିନ ଆପଣଙ୍କର ଆତ୍ମତୃପ୍ତି, ନାରୀ ସମ୍ମାନ ସବୁ କଛି ସାମ୍ନାକୁ ଆସିଯିବ। ଆପଣଙ୍କର ବୋଧେ ସାହିତ୍ୟ ବିଷୟରେ ସ୍ୱଳ୍ପ ଧାରଣା । ସମସ୍ତ କାର୍ଯ୍ୟ କରିବା ପଛରେ ନିଷ୍ଚିତ ଭାବରେ ଲୁଚ ରହିଥାଏ ଏକ ସଂଗ୍ରଳକ ଶକ୍ତି (ଡ୍ରାଇଭିଙ୍ଗ୍ ଫୋର୍ସ), ଯାହା ମୁଁ ପ୍ରଥମ ମହିଳା ମାସିକ ପତ୍ରିକା ସୁଚରିତା ଏବଂ ତା'ର ସମ୍ପାଦିକା ✓ଶ୍ରୀମତୀ ଶକୁନ୍ତଳା ପଣ୍ଡାଙ୍କ ଠାରେ ଦେଖିବାକୁ ପାଇଥିଲି । ସେ ଯଦି ତାଙ୍କ ପତ୍ରିକା ମାଧ୍ୟମରେ ବହୁ ସାଧାରଣ ଲେଖିକା ମାନଙ୍କୁ ସାହିତ୍ୟ ଏକାଡ଼େମୀ ଏପରିକ ଜ୍ଞାନପୀଠ ସମ୍ମାନ ପାଇଁ ଉପଯୋଗୀ କରି ପାରିଛନ୍ତି

ଆମ ସଂସ୍ଥା କାହିଁକି ଲୁପ୍ତ ପ୍ରତିଭାକୁ ମଞ୍ଚକୁ ଆଣି ପାରିବନି! ଆପଣ ଯେଉଁ ବୃତ୍ତିକୁ ଦନଆଦର କରୁଥିଲେ । ତାହା ମଧ୍ୟ କିଛି ଅଲଗା ନୁହେଁ! ପରିଶ୍ରମ ଦ୍ଵାରା ସବୁକିଛି ହାସଲ କରାଯାଇ ପାରିଥାଏ ।

୨୦୧୮ ମାର୍ଚ୍ଚ ୨୫ ତାରିଖ ରବିବାର । ଦିନଟି ଏକ ପୁଣ୍ୟ ଦିବସ । ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ବେଢ଼ାରେ ରାଜ୍ୟାଭିଷେକ ହୋଇ ନ ଥିଲା ସିନା ସାର୍ବଜନୀନ ଦୃଷ୍ଟି ଗୋଚରକୁ ଆସିଥିଲା ସଂସଦ ଡଲସ୍ । ଏଇ ଶିଶୁଟିର ରକ୍ଷଣା ବେକ୍ଷଣ ଲେଖିକା ତଥା ଜନସାଧାରଣଙ୍କ ହାତରେ ।

## ସଂଗୀତ ମୂର୍ଚ୍ଛନା

୨୦୧୧ ମସିହା ଜୁଲାଇ ମାସ, ଅଲଇଣ୍ଡିଆ ଅପ୍‌ଥାଲମିକ୍ ସୋସାଇଟିର ବୈଠକ ବସିଥିଲା । ବାହାରକୁ ଟିକିଏ ସମୟ ପାଇଁ ପଦଚାଳନ କରିବାକୁ ଆସିଥିଲି । କଫି ଗ୍ଲାସ୍‌ଟା ହାତରେ ଧରି ଡାଃ ରାଜୁ ଗୁଣୁ ଗୁଣାଉଥିଲେ । ମତେ ଦେଖି ଆରମ୍ଭ କଲେ, "ମୁକେଶ୍ ଗୀତ ତୁମକୁ କେମିତି ଲାଗେ?" ଉତ୍ତର ଦେଲି, "ଭଲ ତ ନିଶ୍ଚୟ ମାତ୍ର ରଫୀ ଗୀତ ଗୁଡ଼ିକ ମୋ' ପାଇଁ ବେଶୀ ଆଦୃତ । ମୋ'ର ମନେ ହୁଏ ତାଙ୍କର ପ୍ରତିଟି ଗୀତରେ କ୍ଲାସିକାଲ୍ ଭାବ ରହିଥାଏ ।

ମୁଁ "ମୁକେଶଙ୍କ ଗୀତର ଫ୍ୟାନ୍" । ମୁଁ ଭାବୁଥିଲି ଆସନ୍ତା ବାର୍ଷିକ କାର୍ଯ୍ୟକ୍ରମରେ ଆମେ ଦୁହେଁ ମୁକେଶଙ୍କର ଗୋଟିଏ ଦ୍ୱୈତ ସଂଗୀତ ଗାଇବା । ବହୁଦିନ ହେବ ମୁଁ ଗାଇବା ଛାଡ଼ି ଦେଇଛି । ଫଳତଃ ମୋ'ର ସ୍କେଲ୍ ବହୁ ତଳକୁ ଆସି ଯାଇଛି । ଏମିତି ତ ପୁରୁଷ ମାନଙ୍କର ସ୍କେଲ ଖୁବ୍ ହାଇ ପିଚ୍ । ସମ୍ଭବ ହେବନି । ବାର୍ଷିକ ଦିବସ ତ ଆହୁରି ପାଞ୍ଚ ମାସ ବାକୀ ପ୍ରାକ୍ଟିସ୍ କର । ହେଇଯିବ, ମାତ୍ର ମନେ ରଖିବ । ମୁଁ କେବଳ ମୁକେଶଙ୍କ ଗୀତ ଗାଏ ।

ହାଇଦ୍ରାବାଦରୁ ଫେରି ଡାଃ ରାଜୁଙ୍କ କଥା ଉପରେ ବହୁ ଚନ୍ତା କଲି । ପ୍ରଥମତଃ ମୁକେଶଙ୍କର ଦ୍ୱେତ ସଂଗୀତ ଗୁଡ଼ିକୁ ଏକାଠି କଲି । ଗୋଟିଏ ଦୁଇଟି ଗାଇଲି ମଧ୍ୟ । ମାତ୍ର ମୋ'ର ମନେ ହେଲା, ହାଇ ପିଚ୍ ଯାଗାରେ ମୁଁ ଲୋ ସ୍କେଲ୍‌କୁ ଆସି ଯାଉଛି ।

ମିଡ୍ ଇୟର୍ ମିଟିଂରେ ପୁଣି ଦେଖା ହୁଏ ଡାଃ ରାଜୁଙ୍କ ସହ । "କୋଉ ଗୀତଟି ବାଛିଲ? ମତେ କହିଲେ ମୁଁ ମଧ୍ୟ ପ୍ରାକ୍ଟିସ୍ କରିବି ।"

ନାଁ ରାଜୁ, ତୁମର ପ୍ରାକ୍ଟିସ୍ ଅଛି, ମୋ'ର ସ୍ୱର ଜମା ଉପରକୁ ଉଠୁନ ।

ହାରମୋନୟମ୍ ଧରି ପ୍ରାକ୍ଟିସ୍ କର ।

ତା' ମଧ୍ୟ ସମ୍ଭବ ନୁହେଁ । କାହିଁକ ନା ଦୀର୍ଘ ପଚ୍ଚଶ ବର୍ଷ ହେଲା ହାରମୋନୟମ୍ ଧରିନ । ନଜେ ବଜାଇ ଗାଇଲେ ମୋ'ର ଏକାଗ୍ରତା ବାଜା ଉପରେ ରହିବ । ନାଁ କଣ୍ଠ ଉପରେ ।

ଆଚ୍ଛା ଠିକ୍ ଅଛି ବର୍ତ୍ତମାନ ଦୁହେଁ ମିଶି ଗୋଟିଏ ଗୀତ ଗାଇବା...

ଠିକ୍ ତ ହେଉଛି, ମିଛରେ ଡରୁଛ ।

ଅନ୍ୟର ଭୁଲ୍‌କୁ ଘୋଡ଼ାଇ ମିଛରେ ପ୍ରଶଂସା କରିବାକୁ ପ୍ରଶଂସା କୁହାଯାଏନା ରାଜୁ । ଦେଖିଲ ଏଇ ଜାଗାରେ ମୁଁ କେମିତି ଚେଁ ଚେଁ କରୁଛି କମ୍ବା ତଳ ସ୍କେଲ୍‌କୁ ଆସି ଯାଉଛି । ଆମେ କ'ଣ ପ୍ରଫେସନାଲ! ଚଳବ । ହଁ, ତୁମର ଦିଲ୍ଲୀରେ ଯଦି କେହି ଗାୟକ ବନ୍ଧୁଥିବେ ତେବେ ତାଙ୍କ ସଂଗେ ପ୍ରାକ୍ଟିସ୍ କରିପାରିଲେ ତୁମକୁ ସହଜ ଲାଗିବ ଦିଲ୍ଲୀରେ ପହଞ୍ଚି ମୁଁ ପ୍ରଥମେ ଖୋଜି ବୁଲିଲି, ଯଦି କେହି  ହାରମୋନୟମ୍ ବଜାଇ ମତେ ସାହାଯ୍ୟ କରି ପାରନ୍ତେ! ବହୁ ବର୍ଷର ପୁରୁଣା "ଭାତଖଣ୍ଡେ" ସହ ଆଉ ଥରେ ପରିଚତ ।

ଡ଼ିସେମ୍ବର ୨୦ ତାରିଖ । ମୁଁ ଦୀପାଜୀଙ୍କୁ (ଭାଟଖଣ୍ଡେର ସଂଗୀତ ଶିକ୍ଷକ) ଅନୁରୋଧ କରିଥିଲି, ଆମ ପ୍ରୋଗ୍ରାମର ଗୀତଟିରେ ସେ ଯଦି ମତେ ସାହାଯ୍ୟ କରନ୍ତି । ଆମ

ଅନୁଷ୍ଠାନର ନିୟମ ଅନୁଶାରେ ଏମିତି କାହାକୁ ହଠାତ୍ "ସିନେମା ସଂଗୀତ" ପାଇଁ ଉତ୍ସାହିତ କରି ନ ଥାଉ ତା'ଛଡ଼ା ଆଉ ମାସେ ମଧ୍ୟ ନାହିଁ, ଠିକ୍ ଅଛି ଆପଣ ପ୍ରାକ୍ଟିସ୍ ପାଇଁ ଆସନ୍ତୁ । ଆପଣଙ୍କ ପାଇଁ ନିୟମ କହୋଳ କରାଯିବ, ମାତ୍ର କଥାଦେବେ ତା'ପରେ ଆପଣ ନିୟମିତ କ୍ଲାସ ପାଇଁ ଆସିବେ । ସ୍ୱୀକୃତି ପ୍ରଦାନ କରି ଫେରିଥିଲେ ।

ନିର୍ଦ୍ଧାରିତ ଦିନ ଗୀତ ଅଭ୍ୟାସ ପାଇଁ ପହଞ୍ଚିଗଲି । ପ୍ରଥମେ କେତେ ସମୟ ଅଳଙ୍କାର କରାଇ ସେ ମତେ କିଛି ଦ୍ୱୈତ ସଂଗୀତ ଶୁଣାଇବାକୁ କହିଲେ, ଗୋଟିଏ ଶୁଣାଇଥିଲି:-

"ପ୍ରଥମତଃ ଦ୍ୱୈତ କଣ୍ଠରେ ସ୍ୟାଡ୍ ସଙ୍ଗ୍ ଠାରୁ ରୋମାଣ୍ଟିକ୍ ଗୀତ ବେଶୀ ଆଦୃତ ହେବ । ତା'ଛଡ଼ା ଅଭି ନା ଯାଓ ଛୋଡ଼କର ବେଶୀ ଭଲ ହେଉଛି । ଅବଶ୍ୟ ପ୍ରଥମ ଭାଗ ଅପେକ୍ଷାକୃତ କଷ୍ଟକର, ମାତ୍ର ତାହା ମେଲ୍ ଭଏସ୍‌ରେ ଆପଣ କହୁଛନ୍ତି ଆପଣଙ୍କର ବନ୍ଧୁ ପ୍ରଫେସନାଲ୍ ସିଙ୍ଗର୍; ତେଣୁ କିଛି ଅସୁବିଧା ହେବନି । ଫୁଲ୍ ତୁମ୍‌ହେ ଭେଜା ମଧ୍ୟ ଠିକ୍ ଅଛି ।

ମାତ୍ର ମୋ'ର ବନ୍ଧୁ ଚାହାନ୍ତି "ମୁକେଶ୍‌ଙ୍କର ଗୀତ ହେବା ଦରକାର" ।

ଠିକ୍ ଅଛି ।

ପ୍ରୋଗ୍ରାମ୍ ଶେଷ ହୋଇ ଯାଇଥିଲା । କ୍ରମେ କ୍ରମେ ଦୀପାଜୀଙ୍କ ସହ ମୋ'ର ବନ୍ଧୁତା ଘନିଷ୍ଠ ହୋଇ ଯାଇଥିଲା ।

ଆପଣ ନିଶ୍ଚିତ ଭାବେ ସଂଗୀତ ଲଭର୍ ।

ହଁ, କେବଳ ଶୁଣିବା ନୁହେଁ, ନିଜେ ଗାଇଲେ ମୋ'ର ବନ୍ଧୁ ମାନସିକ ଚାପ ଦୂର ହୋଇ ଯାଇଥାଏ ।

ତେବେ ଏହା ଅଭ୍ୟାସରେ କାହିଁକ ରଖୁନାହାନ୍ତି । ଯୁବ ବୟସରେ ନଜକୁ ପ୍ରତିଷ୍ଠିତ କରିବା ପାଇଁ ଯେତିକ ମାନସିକ ଗ୍ଚପ ସୃଷ୍ଟି ହୋଇଥାଏ ପରିଣତ ବୟସରେ ଅନେକ କ୍ଷେତ୍ରରେ ବହୁ କଛି ପରିବେଶର ଗ୍ଚପ ଆସିଥାଏ । ସେ ସବୁକୁ ଅନେକାଂଶରେ ଲ୍ଘବ କରିବା ପାଇଁ ଭଗବାନ୍ ଆପଣଙ୍କୁ କଳା ଦେଇଛନ୍ତି । ବଜାୟ ରଖନ୍ତୁ ।

ସମୟ କ୍ରମେ ଲଘୁ ସଂଗୀତରୁ ମୁଁ ଗଜଲ ଏବଂ ର୍ଗ ପ୍ରତି ମଧ୍ୟ ଶ୍ରଦ୍ଧା ବଢ଼ାଇଥିଲି । ବର୍ଷରେ ତାଙ୍କର ତିନଟି ପ୍ରୋଗ୍ରାମ୍ ହୋଇଥାଏ । ସବୁଥିରେ ଭ୍ଗ ନେବାର ସୌଭ୍ଗ୍ୟ ମତେ ମିଳଥାଏ । ତାହା ବ୍ୟତିତ ଆଖ ପାଖ ଗୋଟିଏ ଦୁଇଟି ଅନୁଷ୍ଠାନରେ ମଧ୍ୟ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଭାଗବତ ଅମୃତ ଧାରା



ବିଜୟ କୁମାର ସାହୁ

## ପ୍ରଥମ ସ୍କନ୍ଧ

ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ । ପଦ୍ମ ଗଳୁଛି ମକରନ୍ଦ ॥
ସେ ମକରନ୍ଦ ପାନ କରି । ହେଲେ ତରିଲେ ବ୍ରଜନାରୀ ॥
ସେ ବ୍ରଜ ନାରୀଙ୍କ ପୟରେ । ମନ ମୋ ରହୁ ନିରନ୍ତରେ ॥
ମନ ମୋ ନିରନ୍ତରେ ରହୁ । ହା କୃଷ୍ଣ ବୋଲି ଜୀବ ଯାଉ ॥
ହା କୃଷ୍ଣ ବୋଲି ଯାଉ ଜୀବ । ମୋତେ ଉଦ୍ଧର ରାଧାଧବ ॥
ନମଇଁ ନୃସିଂହ ଚରଣ । ଅନାଦି ପରମ କାରଣ ॥
ଲୀଳା ବିଧୃତ କଳେବର । ଦେବ ମାନବେ ଅଗୋଚର ॥
ପରମ ଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ ॥
ମୋର ମଙ୍ଗଳ କଥାମାନ । ଯେ କରେ ଶ୍ରବଣ କୀର୍ତ୍ତନ ॥
ଶ୍ରବଣେ ପଶି ମୋର କଥା । ହରଇ ସର୍ବମନୁ ବ୍ୟଥା ॥
ନିତ୍ୟେ ଯେ ଶୁଣେ ମନ ସୁଖେ । ସେ ସୁଖେ ପରମାର୍ଥ ଦେଖେ ॥
ମୋର ଶ୍ରବଣେ ଯାର ଚିତ୍ତ । ତା ଦେହେ ଥାଇ ମୁଁ ନିରତ ॥
ଶ୍ରୀକୃଷ୍ଣ ପାଦେ ଭକ୍ତ ଲଭ । ମନୁଷ୍ୟ ଜନ୍ମର ଏ ଲାଭ ॥
ପରମ ଧର୍ମ ଏ ଜଗତେ । କୃଷ୍ଣ ଭଜନ ଯେତେ ମତେ ॥
ଅର୍ଥେ ସଞ୍ଚନ୍ତି ଯେତେ ନର । କେବଳ ଶ୍ରମ ତାହାଙ୍କର ॥
ଅର୍ଥେ ନ ପାଇ କାମ ମୋକ୍ଷ । ସେ ପ୍ରାଣୀ ଅଧମ ପ୍ରତ୍ୟକ୍ଷ ॥
ଇନ୍ଦ୍ରିୟ ଅର୍ଥ ପ୍ରିୟ ଯେତେ । ଲୋଭେ ଭ୍ରମଇ କାମ ଅର୍ଥେ ॥
ଯାବତ ଜୀବନ ଧରଇ । କାମ ଲୋଭରେ ସୁଖ ନାହିଁ ॥

ଧନ ସମ୍ପଦେ ଯାର ଇଚ୍ଛା । ସେ କରେ ଭୁତ ପ୍ରେତ ଦିକ୍ଷା ॥
କାଳର କ୍ରିଡା ଏ ଜଗତ । କାଳକୁ କେ ଅଛି ସମର୍ଥ ॥
ସୃଷ୍ଟି ପାଳଇ ପୁଣି ହରେ । କାଳ ପୀଡଇ ଏ ସଂସାରେ ॥
ତାହାର ପ୍ରିୟା ପ୍ରୀତି ନାହିଁ । ମିଛ ଯେ ସତ ବୋଲି ହୋଇ ॥
ତୁ ବିଶ୍ୱ ମାୟା ହରହରି । ନିଜ ମାୟାରେ ଦେହ ଧରି ॥
ପଶୁଙ୍କ ଘରେ ହେଉ ଜାତ । ଋଷୀଙ୍କ ଘରେ ଋଷି ସୁତ ॥
ଜଳ ଜନ୍ତୁଙ୍କ ମଧ୍ୟେ ତୁହି । ବିହରୁ ମୀନ ରୂପ ବହି ॥
ଏ କଥା ଲୋକେ ବିଡମ୍ବନ । ତୁ ଆତ୍ମା ଆଦି ନିରଞ୍ଜନ ॥
ତୋ ବିନା ଆଉ ଗତି ନାହିଁ । ମୋ ପ୍ରାଣ ରଖ ଭବଗ୍ରାହୀ ॥
ରଖ ନ ରଖ ତୋ ଶରଣ । ତୁ ଯେଣୁ ଅଖିଳ କାରଣ ॥

### ତୃତୀୟ ସ୍କନ୍ଧ

ବୋଲଇ ଶୋକେ ଭୟ ଚତ୍ତେ । ହେ ନାଥ ମୁଁ ଯେ ଗର୍ଭଗତେ ॥
କଷ୍ଟ ମୁଁ ପାଉଅଛି ଯେତେ । ଏଥୁ ଉଦ୍ଧର ପ୍ରଭୁ ମୋତେ ॥
ଏ ଦୁଃଖ ପୁନଷ୍ଟ ନୋହିବ । ଏମନ୍ତ ଆଜ୍ଞା ମୋତେ ଦେବ ॥
ଏ ରୂପେ ବ୍ୟାକୁଳେ କଷଣେ । ସ୍ତୁତି କରଇ ଅନୁକ୍ଷଣେ ॥
ଗର୍ଭରୁ ଆଣିଲ ଯେ ମୋତେ । ତା ପାଦ ସେବଇ ନିରତେ ॥
ଯେ ପ୍ରଭୁ ସୃଷ୍ଟି ରକ୍ଷା ପାଇଁ । ଇଚ୍ଛାରେ ଶରୀର ଧରଇ ॥
ଯେ କଲ ଏତାଦୃଶ ଗତି । ମୁଁ ପାପୀ ଦୁଷ୍ଟ ଯେ ଦୁର୍ମତି ॥
ଏ ଦେହ ମିଥ୍ୟାରେ ଆଚ୍ଛନ୍ନ । ଇନ୍ଦ୍ରିୟ ଆଦି କରି ଜାଣ ॥
ମୋହର ପ୍ରଭୁଙ୍କ ମହିମା । ମୋର ଶରୀର ଅନୁପମା ॥
ଯେ ପ୍ରଭୁ ସର୍ବଜ୍ଞ ଅଟନ୍ତି । ପ୍ରକୃତି ପୁରୁଷ ନିନ୍ଦନ୍ତି ॥

ତାହାଙ୍କୁ ବନ୍ଦୁଅଛି ମୁହିଁ । ମୋତେ ରଖିବେ ଭବଗ୍ରାହୀ ॥
ଅନ୍ତର ବାହାରେ ଦେଖିବି । ସେ ପରଂପୁରୁଷ ଜାଣିବି ॥

ଦୁଃଖ ଅଭ୍ବ ଗର୍ଭେ ଥାଇ । ଜନ୍ମ ଗ୍ରହଣ ନ ଇଚ୍ଛଇ ॥
ଜନ୍ମ ହୋଇଲ୍ ପ୍ରାଣୀମାନ । ମାୟାରେ ହୁଅନ୍ତି ଆଚ୍ଛନ୍ନ ॥
ମୁଁ ଏହି ଗର୍ଭ ମଧ୍ୟେ ଥିବି । ଆମ୍ଭାକୁ ଆମ୍ଭାରେ ତାରିବି ॥
ଆଉ ଯେପରି ଗର୍ଭବାସ । କଷଣ ନୋହିବ ଅବଶ୍ୟ ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ପ୍ରଭୁ ବରୁଣେଶ୍ୱର



ଜନ୍ମଜୟ ନାୟକ

ସକାଳୁ ଉଠିଣ କରଇ ଜଣାଣ
ଦିଅ ମୋତେ ଶରଣ,
ଘେନ ମୋ ପ୍ରଣାମ କରଇ ଗୁହାରୀ
ଦିଅ ମୋତେ ସତ୍ ଜ୍ଞାନ |୧|
ଦୁଃଖୀର ଦୁଃଖକୁ ଦୂର କରିଦିଅ
ସୁଖେ କଟୁ ତା'ର ଦିନ,
ହେ ବରୁଣେଶ୍ୱର ହେ ଭୋଳାଶଙ୍କର
ତୁମେ ଅଟ ଯେ ମହାନ |୨|
ଏ ଭବ ସଂସାର ଏକ ପରିବାର
ଏକଥା ମୋ ମନେ ରହୁ,
ସତ୍ ବୁଦ୍ଧି ଦିଅ କରେ ସତ୍ କର୍ମ
ଏ ଜୀବନ ଧନ୍ୟ ହେଉ |୩|
ତବ ଦରଶନେ ଆଶିଷ ପାଇଣ
ସକଳ ପାପ ନାଶନ,
ହେ ଶିବ ସୁନ୍ଦର କରୁଣା କର ହେ
ଭକତଙ୍କ ଭଗବାନ |୪|
ପୁଣ୍ୟ କୁଶଭଦ୍ରା କୂଳରେ ରହିଛ
ବାନ୍ଧା ଭକତ ଭାବରେ,
ଜଗତ ପାଳୁଛ ଧର୍ମ ରକ୍ଷା କରି
ପାପୀଙ୍କୁ ନାଶ କରିରେ|୫|

ମନେ ଭକ୍ତି ରଖି    ପଞ୍ଚାକ୍ଷର ଜପିଲେ
ତୁମ କୃପା ଲାଭ ହୁଏ,
ସକଳ ସନ୍ତାପ    ହୋଇଥାଏ ଦୂର
ସୁଖ ଶାନ୍ତି ପ୍ରାପ୍ତ ହୁଏ |୬|
ବେଲ ପତ୍ର ତୁମ    ମନ କଣିନଏ
ହେ ପରମେଶ୍ୱର,
ରାତି ସାରା ଜାଗି    ଜାଗର ପାଳଲେ
ଆଶିଷ ମିଳେ ତୁମର |୭|
ମକର ସଂକ୍ରାନ୍ତିରେ    ତୁମ ଶୈବପୀଠେ
ହୁଏ ବଡସିଂହାର,
ଦୂରଦୂରାନ୍ତ ରୁ    ଭକତ ଆସନ୍ତି
ହୁଏ ଜନସମୁଦ୍ର |୮|
କ୍ଷୀର ଦୁଦୁରା    ଅରଖ ଗଇଣ
ପ୍ରିୟ ପରା ତୁମର,
ସବୁରି ଅନ୍ତରେ    ଭଲପାଇବାର
ଶକତି ତୁମେ ଭର ।୯।
ନିରାଶା ହଜିକ    ଆଶାର କିରଣ
ପଡୁ ସଭିଙ୍କ ଉପରେ,
ସଭିଙ୍କ ମନରେ    ନବ ଉଦ୍ଦୀପନା
ହେଉ ତୁମ କୃପାରେ।୧୦।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ସର୍ବଂସହା



କାଳକଙ୍କର

## ଧାରାବାହିକ ଉପନ୍ୟାସ:
## (ଚତୁର୍ଥ ଭାଗ)

ଅବଧାନେ ମହଲରେ ପ୍ରବେଶ କରନ୍ତେ ତାଙ୍କୁ ସୂଚନା ମିଳଗଲା ଯେ ଜମିଦାର କଚେରୀ ଅଭିମୁଖେ ପାଟ ମହାଦେଇଙ୍କ ସହ ବିଜେ କରିଛନ୍ତି । ସେ ତତ୍‌କ୍ଷଣାତ୍ ଆପଣାର ନିବାସକୁ ଯିବାପାଇଁ ଉଦ୍ୟତ ହୁଅନ୍ତେ ଗୁମାସ୍ତା ନଟ ସାହୁ ସୂଚନା ଦେଲେ ଯେ ଜମିଦାର ହଜୁରଙ୍କର ସନ୍ଦେଶ ରହିଛି ଯେ ଆପଣ ଅପେକ୍ଷା କରନ୍ତୁ, ସେ ଶିଘ୍ର ପ୍ରତ୍ୟାବର୍ତ୍ତନ କରିବେ । ଅବଧାନେ କହିଲେ ଯେ ଠିକ୍ ଅଛି, ମୁଁ ଟିକଏ ମାଆ ସରସ୍ୱତୀ ଭବନ ଦର୍ଶନ କରି ଆସେ କାରଣ ଜେମାଙ୍କର ବିଦ୍ୟାରମ୍ଭ ଆସନ୍ତା କାଲି ଆରମ୍ଭ କରିବାକୁ ହେବ । ଗୁମାସ୍ତା କହିଲେ ହେଉ ଆଜ୍ଞା, ଯାହା ଆପଣଙ୍କର ଇଚ୍ଛା । ମୋତେ ଯାହା ଆଦେଶ ଥିଲା ତାହା ମୁଁ ପାଳନ କଲି । ମଣିଷ ଭିତରେ ଏକ ଅଦ୍ଭୁତ ବିଶ୍ୱାସ ରହିଛି । ସେ ବିଶ୍ୱାସ କରେ ଏକ ଅଦେଖା ଶକ୍ତିକୁ । ତାକୁ ସେ କହେ ଈଶ୍ୱର, ଆଲ୍ଲା, ବାହେଗୁରୁ, ଲର୍ଡ ଇତ୍ୟାଦି କେତେ ନାମରେ । ହିନ୍ଦୁମାନଙ୍କର କାଳେ ତେତିଶ କୋଟି ଦେବୀଦେବତା ଅଛନ୍ତି । କିନ୍ତୁ ଯଦି କାହାକୁ ସେହି ତେତିଶ କୋଟି ଦେବୀ ଦେବତାଙ୍କ ନାମ କ'ଣ ବୋଲି ପଚରାଯିବ ପ୍ରାୟ ପଣ୍ଡିତ ଓ ମହାଜ୍ଞାନୀ ବୋଲାଉଥିବା ମଧ୍ୟ କେହି କହି ପାରିବେ ନାହିଁ ।

ହିନ୍ଦୁଧର୍ମରେ ଦେବୀ ଦେବତାଙ୍କର ସଂଖ୍ୟା ତେତିଶ କୋଟି ତେବେ କେବଳ ମଣିଷ ଦ୍ୱାରା ଆଦୃତ ଓ ପୂଜିତ ହେବାପାଇଁ କିଛି ଦେବ ଦେବୀ ବିଶେଷ ବିଭାଗ ନେଇ ଅବତୀର୍ଣ୍ଣ ହୋଇଥାଆନ୍ତି । କୁହାଯାଏ ଯେ ଯଦି ତାଙ୍କୁ ସନ୍ତୋଷ କରିବ ତେବେ ନିଜର ଯେଉଁ ମନକାମନା ତାହା ପୂର୍ଣ୍ଣ ହୋଇଯିବ । ଦେବୀ ଲକ୍ଷ୍ମୀଙ୍କୁ ସନ୍ତୋଷ କଲେ ସେ ଧନ ସମ୍ପତ୍ତି ଭରିଦେବେ ଓ ତୁମେ ଘରେ ବସି ଆନନ୍ଦରେ ମଉଜ କରିବ । ଜଣେ ଚଣ୍ଡାଳୁଣୀ କୁଆଡେ ତାଙ୍କୁ ଭକ୍ତିରେ ପୂଜା କରିଥିଲା ବୋଲି ତାକୁ ନିମିଷକରେ ସବୁ ସୁଖ ସମ୍ପଦ ଦେଇଥିଲେ । ସେମିତି ବିଦ୍ୟା, ବୁଦ୍ଧି ଓ ଯଶର ଦେବୀ ଦେବତା ହେଲେ ସରସ୍ୱତୀ ଓ ଶ୍ରୀ ଗଣେଷ ।

ତାଙ୍କୁ ଭୋଗରାଗ ଦେଇ ସନ୍ତୋଷ କଲେ କାଳେ ସେ ବିଦ୍ୟା ଏମିତି ଦେବେ ଯେ ଜଣେ ମୂର୍ଖ ପଣ୍ଡିତ ହୋଇଯିବ । ତେବେ ବିଚରା ପଦୁଦାସ କଲିକତାରେ ଚାକିରୀ କରୁଥିଲା । ମୂଷା ଦାସ ମଧ୍ୟ ଚାକିରୀ କରି ଭଲ ଦି' ପଇସା ରୋଜଗାର କରୁଥିଲେ ଓ ଘରେ ଧନ ସମ୍ପତି ଭରି ଦେଇଥିଲେ । ସେମାନେ ପ୍ରତିବର୍ଷ ଖୁବ୍ ଜାକଜମକରେ ମାଆ ସରସ୍ୱତୀ ଓ ଶ୍ରୀଗଣେଶଙ୍କର ପୂଜା କରନ୍ତି । ସେମାନଙ୍କର ଏକମାତ୍ର ପ୍ରାର୍ଥନା ଯେ ତାଙ୍କର ପୁଅ ଓ ଝିଅମାନେ ବିଦ୍ୟାନ ହୁଅନ୍ତୁ । କିନ୍ତୁ କାହିଁକି କେଜାଣି ଏତେ ଭୋଗରାଗ ଖାଇ ମଧ୍ୟ ସେମାନେ ଏ ଦୁଇଜଣଙ୍କର ପୁଅ ଝିଅଙ୍କୁ ମ୍ୟାଟ୍ରିକ୍ ଦ୍ୱାର ଡେଇଁବାକୁ ଦେଲେ ନାହିଁ ।

ଘରେ ଲକ୍ଷ୍ମୀ ପୂଜା ମଧ୍ୟ ହେଉଥାଏ ଖୁବ୍ ଜାକଜମକରେ । ତେବେ ପଦୁଦାସ ଓ ମୂଷା ଦାସଙ୍କ ପିଲାମାନେ ବାପ ମଲାର କିଛିବର୍ଷ ଭିତରେ ଲକ୍ଷ୍ମୀ ଛଡା ହୋଇଗଲେ । କିଏ ମଦ ଗଂଜେଇ ଆଦି ଖାଇ ସର୍ବସ୍ୱାନ୍ତ ହେଲା ତ କିଏ ସୁନ୍ଦରୀ ନାରୀଙ୍କ ଦେହଭୋଗ ପାଇଁ ବେଶ୍ୟାଳୟ ପର୍ଯ୍ୟନ୍ତ ଗଲା । ସବୁ ସମ୍ପତ୍ତି ବିକ ଭାଙ୍ଗି ଶେଷ କରିଦେଲେ ଦୁଇପରିବାରର ପୁଅମାନେ ।

ସେମିତି ବିଷ୍ଣୁ, ଶିବ, ହନୁମାନ ଆଦି ଅଧିକ ପୂଜା ହୁଅନ୍ତି ଆଜିର ଦୁନିଆଁରେ । ବିଶ୍ୱାସ ଯେ ସେମାନେ ବହୁତ ବଳବାନ । ବିଷ୍ଣୁଙ୍କ ହାତରେ ସୁଦର୍ଶନ ଥାଏ ଯାହା ଫଳରେ ସେ ଶତ୍ରୁଙ୍କୁ ନିମିଷକରେ ନିପାତ କରିଦିଅନ୍ତି । ସେମିତି ଶିବଙ୍କ ହାତରେ ତ୍ରୀଶୁଳ । ସେ ତ୍ରୀଶୁଳ ଆଘାତରେ ଶତ୍ରୁର ସଂହାର ଅବଶ୍ୟମ୍ଭାବୀ ନିଶ୍ଚୟ । ଆଉ ହେଲେ ଏବେକାର ହନୁମାନ ବା ବଜରଙ୍ଗବାଲି । ତାଙ୍କ ପାଖରେ ରହିଛି ଗଦା । ତେଣୁ ଯଦି କାହାର କିଛି ବିପଦ ହେଲା ତେବେ ଏ ଦେବତାମାନେ ତାଙ୍କ ଅସ୍ତ୍ରର ସାହାଯ୍ୟରେ ଶତ୍ରୁର ସଂହାର କରିଦିଅନ୍ତି ।

ଏମିତି ଅନେକ କଥା ରହିଛି ହିନ୍ଦୁଧର୍ମରେ । ସେମିତି ମଧ୍ୟ ଅନ୍ୟ ଧର୍ମରେ ଅନେକ ଅଦ୍ଭୁତ କଥାସବୁ ରହିଛି । ଏହା କେବଳ ଏକ ଆସ୍ଥା ଓ ବିଶ୍ୱାସ । ମନ୍ଦିର ହେଉ କି ମସ୍‌ଜିଦ୍ ହେଉ, ଚର୍ଚ୍ଚ ହେଉ କି ଗୁରୁଦ୍ୱାର ହେଉ, ଯିଏ ଯାଏ ସେ କେବଳ ନିଜର ସୁଖ ସୁବିଧାପାଇଁ ପ୍ରାର୍ଥନା କରେ । ଯେମିତି ଈଶ୍ୱର, ଦେବାଦେବୀ ସମସ୍ତେ ହେଲେ ତାଙ୍କଠାରୁ ଘୁଷ ଖାଇଥିବା ଜଣେ ଜଣେ ଅପରାଧୀ ଅଥବା ଏ ସଂସାରରେ ମଣିଷ ପାପ କରୁ, ଅନ୍ୟାୟ କରୁ, ଅଧର୍ମ କରୁ, ଈଶ୍ୱରଙ୍କ ଶରଣରେ ଥରେ ଆସିଗଲେ ସବୁର ପରିସମାପ୍ତି ହୋଇଯିବ। କେଉଁକାଳରେ ଜଣେ ମହାପାପୀ ଅଜାମିଳ ଥିଲା ସେ ନାରାୟଣଙ୍କୁ ମୃତ୍ୟୁ

ଶଯ୍ୟାରେ ଡାକ ନ ଥିଲା ସେ ଡାକଥିଲା ତା'ର ପୁତ୍ରକୁ ଯାହାର ନାମ ଥିଲା ନାରାୟଣ ଆଉ ସେହି ଡାକ ମାତ୍ରକେ କାଳେ ତାର ସବୁପାପ ଧୋଇଗଲା । ଏହା କ'ଣ ବାସ୍ତବ ?

ସେ ଯାହାହେଉ, ଅବଧାନେ ସରସ୍ୱତୀ ଭବନକୁ ଯିବାକୁ ଉଦ୍ୟତ ହେଉଥିବାବେଳେ ଜମିଦାର ତାଙ୍କର ପାଟ ମହାଦେଈଙ୍କ ସହ ପହଂଚଲେ । ଜମିଦାର ଅତ୍ୟନ୍ତ ପ୍ରସନ୍ନ ଦେଖାଯାଉଥିଲେ କାରଣ ସେ ଅବଧାନଙ୍କ ପାଇଁ ବା ଆପଣାର ଏକମାତ୍ର କନ୍ୟା ଜେମାଙ୍କ ପାଇଁ ପ୍ରସନ୍ନ ନ ଥିଲେ ତାଙ୍କର ପ୍ରସନ୍ନତାର କାରଣ ଥିଲା ଅନ୍ୟ କଛି ।

ଆପଣଙ୍କର କୌଣସି କଛି ଅସୁବିଧା ହେଉନାହିଁ ତ ? ପଗ୍ଭରିଲେ ଜମିଦାର ବିକ୍ରମ କେଶରୀ ।

ନା ହଜୁର । ଆପଣଙ୍କ କୃପାରେ ଏଯାବତ୍ ସବୁ ଠିକ୍ ଚଲିଛି ।

ଯଦି କେତେବେଳେ କୌଣସି ପଦାର୍ଥର ଆବଶ୍ୟକତା ହୁଏ ତେବେ ଆପଣ ଆପଣଙ୍କର ପତ୍ନୀଙ୍କୁ ପଠେଇ ମୋ ପାଖରୁ ନେଇ ପାରିବେ । କହିଲେ ମହାଦେଈ ।

ତେବେ ଜେମାଦେଈଙ୍କର ବିଦ୍ୟାରମ୍ଭ କାଲିଠାରୁ ଆରମ୍ଭ ହେଲେ ଭଲ ହୁଅନ୍ତା ବୋଲି ମୁଁ ଭ୍ବବୁଛି । ଆସନ୍ତା କାଲି ବୃହସ୍ପତିବାର ଅର୍ଥାତ୍ ଗୁରୁବାର । କୁହାଯାଏ ବିଦ୍ୟାରମ୍ଭେ ଗୁରୁ ଶ୍ରେଷ୍ଠ । ତେଣୁ କାଲି ପ୍ରାତଃ ମାତା ସରସ୍ୱତୀଙ୍କର ପୂଜା କର୍ମ ସରିଲା ପରେ ସେଠାରେହିଁ ବିଦ୍ୟାରମ୍ଭ କରାଯିବ । ଆପଣ ଓ ମହଲର ସମସ୍ତ ସଦସ୍ୟ ଏହି ବିଦ୍ୟାରମ୍ଭରେ ଉପସ୍ଥିତ ରହି ଜେମାଙ୍କୁ ଆଶିର୍ବାଦ ଦେଲେ ଉତ୍ତମ ହେବ । କହିଲେ ଅବଧାନେ ନାକଫୁଡି ।

ଠିକ୍ ଅଛି । ଗୁମାସ୍ତାଙ୍କୁ ଜମିଦାର ଆଦେଶ କଲେ ଯେ କାଲି ଜେମାର ବିଦ୍ୟାରମ୍ଭ ହେବ । ତେଣୁ ସମସ୍ତ ବ୍ୟବସ୍ଥା କରାଯାଏ । ନୂତନ ବସ୍ତ୍ର ଜେମାର ଓ ଅବଧାନ ତଥା ତାଙ୍କ ପତ୍ନୀଙ୍କ ପାଇଁ ବ୍ୟବସ୍ଥା କରିବ । ମହଲର ସମସ୍ତ ସଦସ୍ୟ ଓ କର୍ମଗ୍ଭରୀଙ୍କୁ ସୂଚନା ଦେବ ଯେ କାଲି ପ୍ରଭ୍ବତରେ ସମସ୍ତେ ସରସ୍ୱତୀ ଭବନରେ ଉପସ୍ଥିତ ରହିବେ ।

ସମସ୍ତଙ୍କପାଇଁ ଭ୍ବେଜନର ମଧ୍ୟ ଏକାଠି ଏହି ସରସତୀ ଭବନର ରୋଷେଇଶାଳରେ ପ୍ରସ୍ତୁତ ହେବ । କାଲି ଏକ ପବିତ୍ର ଦିନ । ଏ ପରିବାରର ପ୍ରଥମ କନ୍ୟାର ବିଦ୍ୟାରମ୍ଭ । ତେଣୁ ସ୍ୱତନ୍ତ୍ର ଭ୍ବବରେ କ୍ଷିରୀ ଓ ପୁରୀର ପ୍ରସ୍ତୁତି କରିବ ।

ହେଉ ଆଜ୍ଞା କହିଲେ ଗୁମାସ୍ତା ନଟ ସାହୁ ।

ପରଦିନ ଯଥାବିଧୀ ଜେମାଙ୍କର ବିଦ୍ୟାରମ୍ଭ କାର୍ଯ୍ୟକ୍ରମ ହେଲା । ସମସ୍ତେ ଭୁରିଭୋଜନ କରି ନିଜ ନିଜ ବାସକୁ ଫେରିଗଲେ । ଅବଧାନଙ୍କର ପତ୍ନୀ ଜେମାଙ୍କୁ ତାଙ୍କ କୋଳରେ ବସେଇ ବଡ ଶରଧାରେ ଖାଇବାକୁ ଦେଲେ ଓ ପାଠ ସବୁ କହିଲେ ।

ଜେମା କହିଲା, ତୁମେ କଏ କ ? ମୁଁ ତୁମକୁ କ'ଣ ବୋଲି ଡାକବି ?

ଗୁରୁମା । ମୁଁ ତୁମର ଗୁରୁମା ଓ ଏ ହେଲେ ଗୁରୁଦେବ । କହିଲେ ଅବଧାନଙ୍କର ପତ୍ନୀ ।

ତେବେ ତୁମର କ'ଣ ଏତେ ବଡ ପୁଅ ଯେ ତୁମେ ଗୁରୁଙ୍କର ମାଆ । ପଗ୍ଚରିଲା ଜେମା ।

ସମସ୍ତେ ଜେମାଙ୍କର ପ୍ରଶ୍ନରେ ହସିଲେ । ଜେମା ବୁଝିପାରିଲା ନାହିଁ ଯେ ସମସ୍ତେ ହସିଲେ କ'ଣ ପାଇଁ । ସେ ସମସ୍ତଙ୍କୁ କଛି ସମୟ ଅନେଇଲା ଓ କେହି କଛି ଉତ୍ତର ନ ଦେଲାରୁ କାନ୍ଦିବାକୁ ଲାଗିଲା ।

କ'ଣ କରେ ଝିଅ ମୋର ? ମୋ ଝିଅକୁ କଏ କ'ଣ କହିଲେକରେ ? ନା ନା, ମୋ ଝିଅ ମୋର ସବୁଠାରୁ ସୁନା ବହୁତ ଭଲ, ସେ ମୋ ପାଖରେ ରହିବ ଓ ପାଠ ପଢ଼ିବ ।

ତାହାହିଁ ହେଲା । ଧୀରେ ଧୀରେ ଜେମା ଓ ଗୁରୁମା ସୁଲତାଙ୍କ ମଧ୍ୟରେ ଏମିତି ଭଲପାଇବା ହୋଇଗଲା ଯେ ଜେମା, ସୁଲତାଙ୍କ ପାଖରେ ରହିବାକୁ ଅଧିକ ପସନ୍ଦ କଲା । ରାତି ପ୍ରାୟ ଆଠଟା ଯାଏଁ ଜେମା ରହେ ଓ ତାପରେ ସେ ସୁଲତା ପ୍ରସ୍ତୁତ କରିଥିବା କଛି ଭୋଜନ ଗ୍ରହଣ କରି ଶୋଇପଡେ । ସେ ଶୋଇ ପଡିଲେ ନାକଫୁଡି ନନ୍ଦ ପୂଜା ପାଠ କରିବା ଆରମ୍ଭ କରନ୍ତି ଓ ସୁଲତା ଜେମାଙ୍କୁ କୋଳରେ ନେଇ ମହଲକୁ ଯାଆନ୍ତି । ମହଲକୁ ପ୍ରବେଶ ପଥଟି ରାତିରେ ଖୁବ୍ ନିରୋଳା ଓ ଜନଶୂନ୍ୟ ଥାଏ ତେଣୁ ସେ ନିର୍ଭୟରେ ଯାଆନ୍ତି ଓ ଆସନ୍ତି । କେହି ସେତେବେଳେ ସେ ପଥରେ ଦେଖନ୍ତି ନାହିଁ । କଛି ପରିତ୍ୟକ୍ତ ଘର ମଝିଦେଇ ସେ ଯାଆନ୍ତି । ଏ ସବୁ ଘର ଆଗରୁ ଜମିଦାରି ଥିଲାବେଳେ ଅତିଥୀମାନଙ୍କ ପାଇଁ ନିର୍ମାଣ କରାଯାଇଥିଲା । ଆଉ ଏବେ ତାହା ସେମିତି ପଡି ରହିଛି । କଛି ଖଟ ପଲଙ୍କ ମଧ୍ୟ ରହିଛି। ବିଛଣା ମଧ୍ୟ କେତେକରେ ପଡିଛି । ମଝିରେ ମଝିରେ ସଫା ସୁତୁରା ହୁଏ । ତେବେ ତାଲା ପକାଇବାର ଆବଶ୍ୟକତା ଏବେ ନାହିଁ । ଏତେ ବଡ ମହଲରେ ଲୋକସଂଖ୍ୟା କମ । ଆଲୁଅ ରାତିରେ ଜଳେନାହିଁ । ତେବେ ଟିପା ଆଲଟିଏ ନେଇ ସୁଲତା ପ୍ରଥମେ

ଯାଉଥିଲେ ଆଉ ଏବେ ସେତିକ ନ ହେଲେ ମଧ୍ୟ ସେ ଆସି ଯାଆନ୍ତି ନଗ୍ନପଦରେ । ଅଭ୍ୟାସ ହୋଇ ଯାଇଛି ତାଙ୍କର ।

ମହଲ ଭିତରେ ସଂଜରେ ବାହାରର ଲୋକଙ୍କର ପ୍ରବେଶ ବାରଣ । ଏହା ମଧ୍ୟ ଅସମ୍ଭବ କାରଣ ମହଲର ଚାରି କଡରେ ସୁଉଚ୍ଚ ପ୍ରାଚୀର ଯାହାକୁ ଅତିକ୍ରମ କରିବା ସାଧାରଣ ଲୋକଙ୍କ ପକ୍ଷରେ ଅସମ୍ଭବ । ଏହି ପାଚେରୀର ବାହାର ପାଶ୍ୱର୍ରେ ଗଭୀର ନାଳ ଖୋଳା ଯାଇଥାଏ କାରଣ ସେତେବେଳେ ବାହାର ଶତ୍ରୁମାନଙ୍କ କବଳରୁ ମହଲର ସୁରକ୍ଷା ପାଇଁ ନିର୍ମାଣ ହୋଇଥିଲା । ମହଲର ବିଭିନ୍ନ ଦିଗରୁ ପ୍ରବେଶ ପାଇଁ ମାତ୍ର ଦୁଇଟି ବିଶାଳ ଦ୍ୱାର ଯାହା ସୁଉଚ୍ଚ ଓ ଲୌହରେ ନିର୍ମିତ ଓ ସୁଦୃଢ଼ । ଏ ସମସ୍ତ ସଂଧ୍ୟା ପୂର୍ବରୁ ବନ୍ଦ ହୋଇଯାଏ। ଅବଶ୍ୟ ଶୁଣାଯାଏ ମହଲ ଭିତରୁ ବାହାରକୁ ଯିବାପାଇଁ କେଉଁ ଗୁପ୍ତ ଦ୍ୱାର ରହିଛି ଯାହା କେବଳ ଜମିଦାରହିଁ ଜାଣିଥାଆନ୍ତି ।

ଯେଉଁଠି ଏତେ ନିରାପତ୍ତା ସେଠାରେ ଅବଶ୍ୟ ଭୟ କେଉଁଠୁ ଆସିବ । ପ୍ରଥମେ ଥରେ ଦୁଇଥର ଅବଧାନେ ସାଥୀରେ ଯାଉଥିଲେ ଆଉ ଏବେ ତାହା ଆବଶ୍ୟକ ନୁହେଁ ବୋଲି ସେ ହୃଦୟଙ୍ଗମ କରନ୍ତି । ତେଣୁ ସେ ନିଶ୍ଚିନ୍ତରେ ପୂଜା ପାଠରେ ବ୍ୟସ୍ତ ରହନ୍ତି ।

ସେଦିନ ରାତିରେ ଫେରିଲାବେଳେ ହଠାତ୍ ଜଣେ କିଏ ସୁଲତାଙ୍କ ହାତଧରି ରାସ୍ତାରୁ ଭିତରକୁ ଟାଣିନେଲା । ସେ ପାଟି କରିବାକୁ ଗଲାବେଳକୁ ଜାଣିଲେ ଯେ ସେ ହେଲେ ସ୍ୱୟଂ ଜମିଦାର। ତେଣୁ ସେ ନୀରବ ରହିଲେ । ସେଦିନ ଜମିଦାର ତାକୁ ତାଙ୍କର ଛାତିରେ ପ୍ରଥମେ ଭିଡି ଧରି ଓଠରେ ଚୁମା ଖାଇଲେ । ତାପରେ ସୁଲତାର ଛାତିକୁ ଲଙ୍ଗଳା କରି ସ୍ପର୍ଶଦେଲେ ସ୍ତନ ଯୁଗଳକୁ । କିଛି କହିଲାନାହିଁ ସୁଲତା । ତାର ଦେହର ଅର୍ଦ୍ଧାଧୀକ ଅଂଶ ଏବେ ଉଲଗ୍ନ ଓ ସେ ସବୁରେ ଜମିଦାରଙ୍କର ଓଠ ଓ ହାତ କରୁଥାଏ ବିଚରଣ । କିଛି ସମୟ ପରେ ସେ ଏକ କୋମଳ ବିଛଣା ଉପରେ ଛାତି ଉପରକୁ କରି ଶୋଇ ପଡିଲେ ଓ ଜମିଦାର ତାଙ୍କର ପୌରୁଷର ପରାକାଷ୍ଠା ବେଶ ଦେଖାଇଲେ ସୁଲତାଙ୍କୁ ।

ତାପରେ ସେ ଫେରି ଆସିଲେ ନିଜର ନିବାସକୁ । ପ୍ରତିଶ୍ରୁତି ଦେଇ ଆସିଥିଲେ ଯେ ସବୁଦିନ ଏଇଠି ହେବ ମିଳନ । ଚୁରା ପିରତି ସୁଲତାଙ୍କ ମନ ଓ ହୃଦୟକୁ ଆନ୍ଦୋଳିତ କରୁଥିଲା । ରାତିରେ ନନ୍ଦଙ୍କ ଛାତିରେ ଲେଉଟୁଥିଲାବେଳେ ସେ ଜମିଦାରଙ୍କ ଛାତିର ଉଷ୍ମତା ଖୋଜି ହେଉଥିଲେ ।

ଏମିତି ଅଧିକାଂଶ ଦିନ ଗ୍ଲୁଲିଥାଏ ସୁଲତା ଓ ଜମିଦାରଙ୍କର ପ୍ରେମ । ଏହାର ସାମାନ୍ୟ ସୂଚକ କାହାକୁ ନ ଥାଏ । କିଛିମାସ ପରେ ଦିନେ ବଡ ଆନନ୍ଦ ମନରେ ଅବଧାନେ ସସ୍ତ୍ରିକ ମହଲରେ ପ୍ରବେଶ କଲେ । ଜମିଦାର ଓ ଦୁଇ ମହାଦେଈ ତାଙ୍କର ପ୍ରାତଃ ଭୋଜନର ବ୍ୟବସ୍ଥାରେ ଥାଆନ୍ତି ବ୍ୟସ୍ତ । ଅବଧାନ ଓ ତାଙ୍କ ପତ୍ନୀଙ୍କୁ ଦେଖି କାରଣ ପଚାରିବାରୁ ଅବଧାନ କହିଲେ ଆଜ୍ଞା ଶୁଭ ଖବରଟିଏ ହୋଇଛି ତ ତେଣୁ ସଂଜରେ ମୁଁ ସତ୍ୟ ନାରାୟଣ ପୂଜା କରିବି । ଲାଜ ଲାଜ ଆଖିରେ ଜମିଦାରଙ୍କ ଆଡକୁ ଅନେଇ ମୁରୁକୀ ହସିଦେଲେ ସୁଲତା ଓ ସେହି ହସରେ ଯେମିତି ସେ ସୂଚେଇଦେଲେ 'ହେ ପ୍ରୀୟବର, ମୁଁ ତୁମର ପିଲାର ମାଆ ହେବାକୁ ଯାଉଛି । ତୁମେ ମୋ ପେଟ ଭିତରକୁ ଯେଉଁ ବିସ୍ଫୋରଣ କରିଥିଲ ସେ ବିସ୍ଫୋରଣର ହେଉଛି ଏ ପରିଣାମ । ଯାହାହେଉ, ମୁଁ ତୁମ ପାଖରେ କୃତଜ୍ଞ ଯେ ତୁମେ ମୋତେ ଏତେ ଶୀଘ୍ର ମାଆ ହେବାର ଗର୍ବ ଓ ଗୌରବ ପ୍ରଦାନ କରିଛ ।'

ତୀର୍ଯ୍ୟକ ଦୃଷ୍ଟି ନିକ୍ଷେପ କରି ମହଲର ବାହାରକୁ ଗ୍ଲୁଲିଗଲେ ଜମିଦାର । ମନେ ମନେ ତାଙ୍କର ଏକ ସ୍ୱତନ୍ତ୍ର ଆନନ୍ଦ । କେଡେ ଭାଗ୍ୟବାନ ସତରେ ମୁଁ, ସୁନ୍ଦରୀ ପର ସ୍ତ୍ରୀ ଭୋଗର ସୁଖ ପାଇଲି, ତା ପେଟରେ ମୋର ଅଂଶ ଛାଡିଲି କିନ୍ତୁ ଏଥିରେ ଦୋଷ କିଛି ରହିଲା ନାହିଁ। ନନ୍ଦ ଅବଧାନ ଭାବିଲେ ଯେ ଏ କରାମତି ସେ କରି ଦେଖାଇଛନ୍ତି । ତେଣୁ ଅତ୍ୟନ୍ତ ପ୍ରସନ୍ନ।

କିଛିମାସ ପରେ ଏକ ପୁତ୍ର ସନ୍ତାନ ଜାତ ହୁଅନ୍ତେ ନନ୍ଦଙ୍କର ଖୁସିର ଠିକଣା ରହିଲା ନାହିଁ । ସେ ଜମିଦାରଙ୍କର ଅନୁମତି ନେଇ ଜନ୍ମିତ ଶିଶୁପୁତ୍ରର ଜନ୍ମ ଓ ନାମକରଣ ସଂସ୍କାର ପାଇଁ ସ୍ୱ-ଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ଇଚ୍ଛା ପୋଷଣ କଲେ ଓ ଜମିଦାର ଓ ମହାଦେଈଙ୍କ ଆଗରେ ଜଣେଇଲେ । ଏତେ କମ ଦିନର ଶିଶୁକୁ ନେଇ ସୁଲତା ଶଗଡରେ ଗଲେ ନିଶ୍ଚୟ ବିପଦ । ତେଣୁ ଜମିଦାର ତାଙ୍କପାଇଁ ସବାରିର ବ୍ୟବସ୍ଥା କଲେ । ଅବଧାନେ ସେହି ସବାରି ପାଖେପାଖେ ଯିବେ ଶଗଡରେ ଓ ରାସ୍ତାରେ ଯେଉଁଠି ଯାହା ଦରକାର ତାହା ଯୋଗାଇ ଦେବେ ।

ଜମିଦାର ଯେ କେବଳ ଅବଧାନ ଓ ତାଙ୍କ ସ୍ତ୍ରୀ ପୁତ୍ରର ଆରାମଦାୟକ ପ୍ରସ୍ଥାନର ବ୍ୟବସ୍ଥା କରି ନ ଥିଲେ ବରଂ ଶିଶୁର ଜନ୍ମ ଓ ନାମକରଣ ସଂସ୍କାର କେମିତି ଭଲ ଭାବରେ ହେବ ସେ ବିଷୟରେ ସମସ୍ତ ବ୍ୟବସ୍ଥା କଲେ । ଜଣେ ସାମାନ୍ୟ ବ୍ରାହ୍ମଣ ଅବଧାନ ଓ ତାଙ୍କ ପତ୍ନୀଙ୍କ ପାଇଁ ସୋନପୁର ଜମିଦାରଙ୍କର ପ୍ରାୟ ଏହାଥିଲା ଏତେବଡ ଦରଦ । ଯାହାହେଉ, ସମସ୍ତ ସଂସ୍କାର କର୍ମ ଗତ ହେଲାପରେ ଅବଧାନେ ଫେରିଆସିଲେ ସ୍ତ୍ରୀ ଓ ଶିଶୁପୁତ୍ରକୁ

ସାଥୀରେ ଧରି । ବସୁଧା ଅତ୍ୟନ୍ତ ଆନନ୍ଦିତ ଥିଲା ଘରକୁ ଶିଶୁପୁତ୍ରଟିଏ ଆସିଥିବାର ଦେଖି ।

କାଳକ୍ରମେ ଶିଶୁଟି ବଡ ହେଲା ଓ ଦେଖିବାକୁ ଜମିଦାରଙ୍କ ପରି ହେଲା । ଏହା କେମିତି ହେଲା ବୋଲି ଅବଧାନେ ପଚାରିବାରୁ ଚତୁରତାର ସହ ସୁଲତା କହିଲେ ଦେଖ, ମୁଁ ସବୁବେଳେ ଈଶ୍ୱରଙ୍କୁ ଜମିଦାରଙ୍କ ଭଳି ଜଣେ ପୁଅ ଦେବାକୁ ପ୍ରାର୍ଥନା କରୁଥିଲି । ଠାକୁରେ ମୋର ପ୍ରାର୍ଥନା ଶୁଣିଲେ ।

ହଁ, ତୁମେ ଠିକ୍ କହିଛ । ଶିଶୁଟି ଗର୍ଭରେ ଥିଲାବେଳେ ମାଆଟିର ମନରେ ଯାହାର ଛବି ଆସେ ଶିଶୁଟି ସେମିତି ହେବାର ଶୁଣାଯାଏ । ସେଥିପାଇଁ ଅନେକେ ଘରେ ଦେବଦେବୀଙ୍କ ସୁନ୍ଦର ଫଟୋ ରଖିଥାଆନ୍ତି । ଯାହାହେଉ, ତୁମର ଚନ୍ତା ସୁନ୍ଦର ।

ବିଷମ ସଂକଟରୁ ଉଦ୍ଧାର ପାଇଗଲା ସୁଲତା । ସେ ଭଲ ଭାବରେ ଜାଣେ ଯେ ଶିଶୁଟିର ବାପା ହେଲେ ଜମିଦାର । ତାଙ୍କର ଏ କରାମତି, ଅବଧାନଙ୍କର ନୁହେଁ ।

ଏଣେ ଜେମାଙ୍କର ବିଦ୍ୟାରମ୍ଭ ହେଲା । ଅବଧାନେ ଅକ୍ଷର, ସାହିତ୍ୟ, ଶାସ୍ତ୍ର, ହିସାବ, ବିଗ୍ଭର ଆଦି ପାଠ ପଢ଼େଇଲେ ଓ ଅବଧାନଙ୍କର ପତ୍ନୀ ତାକୁ ଶିଖାଇଲେ ଜଣେ ଝିଅ କେମିତି ନାରୀ ହୁଏ ଓ ସେ ସବୁକଛିକୁ ସହି ସବୁ ସମସ୍ୟାକୁ ସାମ୍ନାକରି ନଜକୁ ସର୍ବଂସହାରେ ପରିଣତ କରେ । ଜେମାଙ୍କୁ ଘର କରଣା କାମଠାରୁ ଶିଶୁଯତ୍ନ ପର୍ଯ୍ୟନ୍ତ ସବୁ ବିଦ୍ୟା ପ୍ରଦାନ କରାଗଲା ।

ଜମିଦାର ଓ ସୁଲତାଙ୍କର ଗୋପନ ପ୍ରେମ ଓ ପ୍ରଣୟର ପରିଣାମ ସ୍ୱରୂପ ଅବଧାନେ ଆହୁରି ଦୁଇଜଣ ପୁତ୍ରର ପିତା ହୋଇ ସାରିଲେଣି । ଅବଧାନେ କହନ୍ତି ଯେ, ସୋନପୁରର ଭୂଇଁ ମୋ ପାଇଁ ଭାଗ୍ୟର ଭୂଇଁ । ଏଠାକୁ ଆସିଲାପରେ ମୋର ଦ୍ୱିତୀୟ ପକ୍ଷ ଗଛରେ ଫଳ ଫଳଲା । ତେଣୁ ମୁଁ ଏ ଜମିଦାରଙ୍କ ପାଖରେ ଋଣୀ ।

ମନେ ମନେ ଆନନ୍ଦିତ ହେଉଥାଏ ସୁଲତା, ଭାବୁଥାଏ- ତୁମେ ସତ କହିଲ ଅବଧାନେ । ମୁଁ ଯଦି ଏଠାକୁ ଏ ଷୋଡଶୀ ଯୌବନ ନେଇ ଆସି ନ ଥାଆନ୍ତି ତେବେ ସେହି ଗାଁରେ ତୁମର ଦଦରା ନାଆକୁ ଠେଲି ପେଲି ଜୀବନ ବିତେଇ ଥାଆନ୍ତି । ଏଠାକୁ ଆସିଲା ଦିନରୁ ମୋର ଦେହର ସବୁ ଭୋକ ମେଣ୍ଟିଯାଇଛି । ଜମିଦାରଙ୍କର ବାହୁରେ ଓ ଦେହରେ ମୁଁ ଏକାକାର

ହୋଇଛି । ତିନୋଟି ପୁତ୍ର ମୁଁ ତାଙ୍କଠାରୁ ହାସଲ କରି ନେଇଛି । ମୋ ସତୀତ୍ୱ ସେମିତି ଅକ୍ଷୁର୍ଣ୍ଣ ରହିଛି । କାହାକୁ ଟେର୍ ମିଳନାହିଁ ଯେ ମୁଁ ଅସତୀ । ପର ପୁରୁଷକୁ ଦେହ ଦେଇଛି। ତା' ସନ୍ତାନର ମାଆ ହୋଇଛି ।

ସତରେ କହନ୍ତି ଗାଁର ବଡ ବଡିଆ । ଚୋରି କରି ଜାଣିଲେ ଚୋରି ବିଦ୍ୟା ଭଲ । ଧରା ନ ପଡିଲେ ହେଲା । ନାରୀ ଯେତେପର୍ଯ୍ୟନ୍ତ ଧରା ନ ପଡିଛି, ସେ ଯେତେ ପୁରୁଷର ଦେହରେ ଦେହ ମିଶାଉ ତା'ର ସତୀତ୍ୱରେ ସାମାନ୍ୟ ଦାଗ ରହିବ ନାହିଁ । ଏମିତି ତ ଶାସ୍ତ୍ର ପୁରାଣରୁ କେତେ ସତୀ ନାରୀଙ୍କର କାହାଣୀ ଶୁଣିଛି । ଦ୍ରୌପଦୀ ସତୀ ଥିଲେ କିନ୍ତୁ ପାଂଚ ପୁରୁଷ ତାଙ୍କୁ ଭୋଗ କରୁଥିଲେ । ଅବଶ୍ୟ ସେ ଅଯୋନ ସମ୍ଭବା ହୋଇଥିବାରୁ ଦେହଦାନ ପରେ କୁମାରୀତ୍ୱ ଫେରି ପାଉଥିଲେ । ସେମିତି ତାଙ୍କର ଶାଶୁ କୁନ୍ତୀ । ରାମାୟଣ ଯୁଗରେ ମନ୍ଦୋଦରୀ ଓ ତାରା ମଧ୍ୟ ସତୀ କିନ୍ତୁ ସେମାନେ ତାଙ୍କର ସ୍ୱାମୀଙ୍କର ମୃତ୍ୟୁପରେ ଆପଣାର ଦିଅରକୁ ବିବାହ କରିଥିଲେ ।

ସେ ତ ଏ କଳିକାଳର, ତେଣୁ ସେ ସତୀ ନିଶ୍ଚୟ । ଦେହରେ ଥିବା କାମାଗ୍ନି ଯଦି ପ୍ରଶମିତ କରିବାକୁ ଜଣେ ପୁରୁଷ ବା ସ୍ତ୍ରୀର ଦେହ ଦରକାର ତେବେ ସତୀ ଅସତୀର ପ୍ରଶ୍ନ ଉଠିଲା କେଉଁଠି **?**

ଏବେ ଜେମାଙ୍କ ଦେହରେ ମଧ୍ୟ ଯୌବନ ଫୁଟିବା ଆରମ୍ଭ କଲାଣି । ସେ ଆନମନା ହେବା ଆରମ୍ଭ କଲେଣି । ଅବଧାନଙ୍କର ପୁଅମାନେ ତାଙ୍କଠାରୁ ସାନ ତେବେ ତାଙ୍କ ସହ ଖେଳୁ ଖେଳୁ କେବେ କେବେ ଦେହ ଘସିହେଲେ ଶିହରଣ ଅନୁଭବ କଲେଣି । ଦେହ ମାସକୁ ମାସ ଏକ ନିର୍ଦ୍ଦିଷ୍ଟ କିଛିଦିନ ବିଗିଡିବାରେ ଲାଗିଲେଣି । ମହାଦେଈଙ୍କର ପରାମର୍ଶ କ୍ରମେ ଏ ବିଷୟର ବିଶେଷ ପାଠ ସୁଲତାଙ୍କୁ ପ୍ରଦାନ କରିବାର ଦାୟିତ୍ୱ ମିଳିଛି । ସେ ମଧ୍ୟ ସେ ଦାୟିତ୍ୱ ଠିକ୍ ଭାବରେ ସମ୍ପାଦିତ କରିଛନ୍ତି ।

ପ୍ରତିବର୍ଷ ଅବଧାନ ଓ ତାଙ୍କ ପରିବାରକୁ ଦୁଇମାସ ଛୁଟି ମିଳେ । ସେ ଦୁଇଟି ଛୋଟି ଚାଷବାସ ଛୁଟି ବୋଲି କୁହାଯାଏ । ଅବଧାନଙ୍କର କିଛି ଚାଷ ଜମି ଅଛି । ସେଥିରେ ଧାନ ଓ ପନିପରିବା ଆଦି ଚାଷ ହୁଏ । ଅବଧାନେ ଚାରୋଟି ପକ୍ଷ ଅର୍ଥାତ୍ ପନ୍ଦର ଦିନକରି ବର୍ଷରେ ଚାରିଥର ଛୋଟି ନେଇ ଗାଁକୁ ଯାଆନ୍ତି । ମଝିରେ ମଝିରେ ଜେମା ଅବଧାନଙ୍କ ପତ୍ନୀଙ୍କ ସହ ଭାଗ୍ୟନଗର ଯିବାକୁ ଜିଦ କରେ । ଜମିଦାରଙ୍କ ଗଡରୁ ସ୍ତ୍ରୀ ଲୋକଙ୍କୁ

ବାହାରକୁ ଯିବାରେ ଅନେକ କଟକଣା ଓ ସାବଧାନତା ଅବଲମ୍ବନ କରାଯାଏ । ପୁଣି ଏକମାତ୍ର ରାଜଜେମା । ତେଣୁ ସମସ୍ତେ ଅମଙ୍ଗ ହେଲାବେଳେ ଅବଧାନ ପତ୍ନୀ ଜମିଦାରଙ୍କ ସମ୍ମୁଖରେ ଆସି ନିବେଦନ କରନ୍ତି ।

ପୁରୁଷ ଜଣେ ଯେତେବେଳେ ଜଣେ ପରନାରୀର ଦେହ ଭୋଗ କରିଥାଏ ସେ ସେହି ନାରୀ ପାଖରେ ବିଶେଷ ଭାବରେ ଦୁର୍ବଳ ହୋଇଯାଏ । ତେଣୁ ସେ ସମ୍ମତି ଦେଇ ଦିଅନ୍ତି ଜେମାଙ୍କୁ ତାଙ୍କ ସାଥୀରେ ଯିବାପାଇଁ ।

ଭାଗ୍ୟ ନଗର ପହଂଚଲେ ଜେମାଙ୍କୁ ଯେମିତି ଏକ ନୂଆ ଦୁନିଆଁ ମିଳିଯାଏ । ସେଠାରେ ସେ ମୁକ୍ତ ଆକାଶ ତଳେ ମହା ଆନନ୍ଦରେ ମୁକ୍ତ ମନରେ ବିଚରଣ କରନ୍ତି । ମହଲର କଟକଣା ଏଠାରେ ନାହିଁ । ଭାଗ୍ୟ ନଗରର ପିଲାଠାରୁ ବୁଢ଼ାବୁଢ଼ୀ ସମସ୍ତେ ଭଲ । ସମସ୍ତେ ତାକୁ ସ୍ନେହ କରନ୍ତି, ଆଦର ଦିଅନ୍ତି ।

ପୁଅ ଝିଅ ମଧ୍ୟ ଏ ଭାଗ୍ୟ ନଗରରେ ବହୁତ ଭଲ । ସେମାନେ ତା'ର ଯତ୍ନ ନିଅନ୍ତି । ସାଂଗ ହୋଇ ବୁଲନ୍ତି । ତେବେ ଏ ନଗରର ପିଲାମାନେ ପରିଷ୍କାର ରହନ୍ତି ନାହିଁ । ଧୂଳିରେ ଗଡନ୍ତି, ଅନେକ ଫଳମୂଳ ଧୁଇ ମଧ୍ୟ ଖାଇ ନଥାନ୍ତି । ଜେମା ସେମାନଙ୍କୁ ସ୍ୱଚ୍ଛତାର ପାଠ ପଢ଼ାଏ । ତା' କଥା ସମସ୍ତେ ଶୁଣନ୍ତି । ପରଦିନ ସଫା ଲୁଗା ପିନ୍ଧି ଆସନ୍ତି ।

ଜେମା ଯେବେ ଗାଁରେ ରହେ ସେତେବେଳେ ତାକୁ ଇମ୍ପ୍ରେସ୍ କରିବାପାଇଁ ପୁଅପିଲାମାନେ ଅଧିକ ଚେଷ୍ଟା କରନ୍ତି । ଏମିତି କି ସେମାନେ ସେମାନଙ୍କର ଘରୁ ଭଲ ଖାଇବା ଜିନିଷ ଗୋରେଇ ଜେମା ପାଇଁ ନେଇ ଆସନ୍ତି । ଟିକଲି, ବିନ୍ଦି, ଚୁଡି, ନଖପାଲିସି, ଆଦି ଆଣି ଦେଲେଣି ।

( କ୍ରମଶଃ)

ଅଧ୍ୟକ୍ଷ, ଝାଡେଶ୍ୱର ଇଣ୍ଟର ନେସନାଲ ସ୍କୁଲ୍
ବାଲେଶ୍ୱର-୧

# ଆହେ ଗଣପତି



ଲଲ୍ଟେନ୍ଦୁ ବାରିକ

ଶ୍ମଶାନ ର ନିବାସୀ ଶଙ୍କର ନନ୍ଦନ
ଆହେ ପ୍ରଭୁ ଶ୍ରୀ ଗଜାନନ
ତୁମ ଶ୍ରୀ ଚରଣ ରେ ପ୍ରଣତି ଢାଳେ
ରଖ ପ୍ରଭୁ ଚକ୍ଷୁ ଆଢୁ ଆଳେ
ଅକ୍ଷମ ଅଧମ ଭକ୍ତ ଟେ ତୁମର
କରେ ମୁଁ ବନ୍ଦନା ତୁମ ପୟ ରେ
ଜଞ୍ଜାଳ ମୟ ଏହି ସଂସାର ରୁ
ପାରି କର ପ୍ରଭୁ  ଭବ ସାଗର ରୁ
ସର୍ବ ଗୁଣ ପୂର୍ଣ୍ଣ ଅଟ ଲମ୍ବୋଦର
ସୁବୁଦ୍ଧି ଦିଅ ସଭିଙ୍କ ମନ ରେ
ଭଦ୍ରଅ ମାସ ଶୁକ୍ଳ ଚତୁର୍ଥୀ ତିଥିରେ
ଧରା ଧାମେ ଆସ ବସି ମୂଷିକ ରେ
ଏକ ଦନ୍ତ ରୂପେ ପ୍ରିୟ ସଭିଙ୍କ ର
ମନ ବାଞ୍ଛା ପ୍ରଭୁ ତୁମେ ପୂର୍ଣ୍ଣ କର
ଲଡୁ ମୋଦକ ପ୍ରିୟ ଯେ ତୁମର
ଶ୍ରଦ୍ଧା ରେ ଦେଉଛି ପ୍ରଭୁ ଗ୍ରହଣ କର
ବିପଦ ଖଣ୍ଡନ ପ୍ରଭୁ ବିଘ୍ନ ବିନାଶନ
ମୂର୍ଖ ରୁ ପଣ୍ଡିତ ହୁଏ ବର ଦାନେ

ଭକ୍ତି ର ଅର୍ଘ୍ୟ ଦେଇ କରେ ମିନତୀ
ସୃଷ୍ଟି ରୁ ଅଜ୍ଞାନତା ଦୂର ହେଉ ଗଣପତି
ଆନନ୍ଦେ ଭଜିବା ପ୍ରଭୁଙ୍କ ପୟ ରେ
ଦୁଃଖ କ୍ଳେଶ ହଟୁ ଏ ସୃଷ୍ଟି ରେ
ଆମ୍ଭେ ଯେ ତୁମର ସନ୍ତାନ ସନ୍ତତି
ଏତିକ କୃପା କର ବାବା ଗଣପତି

ବାସୁଦେବପୁର, ଭଦ୍ରକ

# ପକ୍ଷୀ ପ୍ରାଣ ରେ ବାପୁଜୀ



ଅଜିତ ପାଢ଼ି

ଶାଗୁଣା ପଲ ରେ "ଫିରିଙ୍ଗି ପକ୍ଷୀ ତ
ଭସି ଭସି ଭସି ଆସେ
ଭାରତ ମାଟି " ର ସୁବର୍ଣ୍ଣ ଡାଳ ରେ
ଡେଣା ମେଲ ଯାଇ ବସେ

ଜନମ ମାଟି ର ସ୍ୱଛନ୍ଦ ପକ୍ଷୀ କୁ
କରେ ତ କ୍ଷତ ବିକ୍ଷତ
ସ୍ୱଛନ୍ଦ ପକ୍ଷୀ ର ଡେଣା କାଟି ଦେଇ
କରିଯାଏ ମର୍ମାହତ

ଶୁଭେ ନାହିଁ ଆଉ ମଧୁର ସଙ୍ଗୀତ
ପିଞ୍ଜରା ଭିତରେ ରହି
ପିଞ୍ଜରା ଭିତରୁ ଉଡିଯିବା ପାଇଁ
ଗାନ୍ଧିଜୀ ଯାଆନ୍ତି କହି

“ବାପୁଜୀ" ନାମରେ ମନ ପ୍ରାଣ ପକ୍ଷୀ
ସଂଘଠିତ ମନେ ରହେ
ସବୁ ପ୍ରାଣ ପକ୍ଷୀ ହୃଦୟେ ସିୟେ ତ,
"ଭାରତ" ଡାକରା ଦିଏ

ଫିରିଙ୍ଗି ପକ୍ଷୀ"ର ଡେଣା କାଟିବାକୁ
ଦିଏ ତ ଭାରତ ଡାକ
ସବୁ ଧର୍ମ ଜାତି ସବୁ ମନ ପକ୍ଷୀ
ଦୃଢ଼ ମନେ ହୁଏ ଏକ

ଫିରିଙ୍ଗି ପକ୍ଷୀ ର ଚଳବ ନାହିଁ ରେ
ଭାରତେ ତାର ଶାସନ
ଅହିଂସା ଅସ୍ତ୍ର ରେ ଉଡିଯାଏ ସିଏ
ଭାରତ ହୁଏ ଶାସନ ।
ସ୍ୱଛନ୍ଦ ପକ୍ଷୀ ତ ଉଡ଼ି ଉଡ଼ି ଭସେ
ସ୍ୱତନ୍ତ୍ରତା ଡାକ ଦେଇ
ମହାତ୍ମା ନାମ ରେ ବାପୁଜୀ ସିଏ ତ
ସବୁ ହୃଦୟରେ ରହି
ସ୍ୱଛନ୍ଦ ଆକାଶେ ପକ୍ଷୀ ଉଡି ଭାଷେ
ମହାତ୍ମା ନାମ କୁ ଗାଇ ।

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

# ସମୟ ଏବେ ସଂକଟରେ

ସଂଯୁକ୍ତା ସାହୁ

ସାରା ଜଗତ ଆଜି ଅନ୍ଧାରମୟ
ଏକ ପ୍ରକାର ଅଚଳ ହୋଇପଡିଛି
ନାହିଁ ଉତ୍ସାହ, ନା ଖୁସିର ମହଲ
ଏବେ ବିଶ୍ୱ ନିରୁପାୟ ଅବସ୍ଥାରେ
କାଳୁଆ ହୋଇଯାଇଛି ପୃଥିବୀ
କଳା ଟଙ୍କା ଗୋଲାମର କବଜାରେ
ବର୍ବରତାର ଚରମ ସୀମାରେ
ବିବେକ ବର୍ତ୍ତମାନ ରୋଗାଗ୍ରସ୍ତ
ମାନବିକତା ଏବେ ସ୍ଥାନଚ୍ୟୁତ
ନାହିଁ ମନରେ କରୁଣା, ଆଲୋଡନ
ସନ୍ତ୍ରାସବାଦର ଭୟାବତାମାନ
ଶିକୁଳି ଭଳି ଛନ୍ଦା ହାତ ପାଦ ସବୁ
ଆମର ହସ ଏବେ କରୁଣ ବିଦ୍ରୁପ
କାହାକୁ ମିଳୁନି ଆଶ୍ୱାସନା ଟିକଏ
ଟୁକୁଡ଼ା ଟୁକୁଡ଼ା ହେଉଛି ଅସ୍ତିତ୍ୱ
ବ୍ୟଥା, ଅବସାଦ, ଯଥା, ଅଯଥା
ହୋଇଉଠୁଛି ମାମୁଲି ଜୀବନ
ସବୁ  ବିଡମ୍ବନା ଜୀବନ ଜାତନା
ବ୍ୟଥିତ ଜୀବନର ନିଃସଙ୍ଗତା
ଆଗରେ ଅଥଳ ଅନ୍ଧାର ଭରା
ଆଚ୍ଛାଦିତ ମହାମାରୀ କାଳ

ଈର୍ଷା, କ୍ରୋଧ,ହିଂସା ରାକ୍ଷସ
ଆଉ ଲେଲିହାନ ଲୋଭ, ବିଷାକ୍ତ
ପ୍ରତାରିତ, ଯୌନ ନିର୍ଯ୍ୟାତନାରେ
କି ବିକୃତ ମାନସିକତାରେ ଲିପ୍ତ
ହାହାକାରମୟ ଏବେ ଗଳି କନ୍ଦି
ଦୁଃଖ ସାଗର ସ୍ଥିତି ଏଠି ସବୁଠି
ମହାମାରୀର ଅଦୃଶ୍ୟ ଭୁତାଣୁରେ
ଏବେ ସମୟ ଜମା ଭଲ ନାହିଁ
ସିଏ ବଡ଼ ସଂକଟରେ ଆକ୍ରାମାକ୍ରା  ।

ରାହାମା, ଜଗତସିଂହପୁର

# ହଜି ଯାଇଥିବା ଈଶ୍ୱର



ଡକ୍ଟର କଶୋର ମହାନ୍ତି

**[ଏକ ପ୍ରତୀକଧର୍ମୀ ନାଟକ]**

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନର୍‌କାର – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଳବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

ନାରୀ – (ଡରି) କହିବି... ହଁ କହିବି-ସେମାନେ ମୋତେ ଗୃରିଜଣ ଆସିଲେ । ସେମାନେ ଆସିଗଲେ-ଆସିଗଲେ ସେମାନେ । (ପ୍ରବୀଣାନନ୍ଦଜୀ, ନର୍‌କାର, ବିପ୍ଳବ ଓ ବିସ୍ମୟଙ୍କ ଉପରୁ ଆଲୋକ ଦୂରେଇଯିବ- କେବଳ ସେଇ ନାରୀଟି ଉପରେ ବିଚ୍ଛୁରିତ ହେବ । ମଧ୍ୟ ଭାଗରେ ନାରୀଟିଏ ଛିଡା ହୋଇଥିବ-ପୁରୁଷ ଦୁଇଜଣ ଭିଡି ଧରିଥିବେ ଦୁଇହାତକୁ ନାରଈଟି ନିଃସହାୟ ଅବସ୍ଥାରେ କାକୁତି ମିନତି କରୁଥିବ ଓ କାନ୍ଦୁଥିବ । ଏମାନଙ୍କର ବିକଟାଳ ହସ ସ୍ପଷ୍ଟ ହୋଇ ଉଠୁଥିବ । ଜଣେ କହୁଥିବ – ଆଃ ଆସିଲ୍ ନରମ ଗଦିରେ ଶୋଇ ଆରାମ କରିବାକୁ, ବାପମା ପଠାଇ ଦେଲ୍ ରାଜପୁରୀକୁ ଝିଅ ରାଣୀହୋଇ ହୁକୁମ ଜାହିର କରିବ-ବାଃ... ବାଃ... ଘରେ କାଣି କଉଡିଟିଏ ନାହିଁ-ହାଣ୍ଡି ମାଙ୍କଡ ଚଟ୍ ମାରୁଛି, ବାପା ମା ତୋର କେମିତି ଠୁଙ୍ଗା ଠୁଙ୍ଗା ପଠେଇ ଦେଇଛନ୍ତି । ସ୍ତ୍ରୀ ସ୍ୱର-କହ ତୋ ବାପା ମାକୁ ଯଉତୁକ ପଠାଇଦେଉ । ଯଉତୁକ ଦେବ ଯଦି ତୁ ଏଠି ମଉଜ ମଜଲିସ୍ କରିବୁ-ନହେଲେ ଏଠି ରହିବା ତୋର ଦରକାର ନାହିଁ – ବାହାରେ ପୋଇଲି ବି ଗୃକରାଣୀ କାମ କରିବୁ ଯା-

**(ହସି ହସି – ସ୍ୱର)** – ମୂଲୁ ଯିବ ସରି ଦେବଙ୍କ ସଙ୍ଗେ କମ୍ପା କଳ – ଆଣରେ ଲଗା ନଅାଁ- ସିନ୍ଥେଟିକ୍ ଶାଢ଼ୀ ପିନ୍ଧିସ ଜେଇ ହେଇଚ-କରେ୍ରସିନୀ ଢାଳ... ଅନେଇଚୁ କଣ ଢାଳେ କରେ୍ରସିନୀ ।

ଆଉଜଣେ କରେ୍ରସିନୀ ଡବାରୁ ତେଲ ଢାଳବା-ନଅାଁ ଲଗାଇବାକୁ ଉଦ୍ୟତ ହୁଅନ୍ତେ- ନାରୀର ହସ ଆଉ କାନ୍ଦ । ବିକଟ ଚତ୍କାର ସହ ଦେବୀଙ୍କ ଆବିର୍ଭାବ ସମୟର ବାଜା ଏବଂ ବିଭିନ୍ନ ଆଲୋକ ବିଚ୍ଛୁରଣ-ଚକ୍ରାକର କରି ବୁଲୁଥିବା ନାରୀ ସ୍ଥିର ହୋଇଯିବ **(ଅନ୍ଧାର)** ଅନ୍ୟ ଚରିତ୍ର ଗ୍ଳଲିଯିବେ ।

**(ନର୍ଦ୍ଦେଶକ ତାଙ୍କ ଅନୁସାରେ ଏହି ଚତ୍ରଟିକୁ ଜୀବନ୍ତ ପରିବେଷଣ କରିବେ)**

ପୁନର୍ବାୟ ପୂର୍ବ ଦୃଶ୍ୟ ଆସିବ**...**

**(ବିଭିନ୍ନ ଦୁଃଖଦ ଭଂଗୀରେ ପ୍ରବୀଣାନନ୍ଦଜୀ ଓ ନତ୍କାର)**

**(ଏତିକବେଳେ ଦୁର୍ଗାଙ୍କର ସ୍ତୋତ୍ର ଉଚ୍ଚାରଣ ହେଉଥିବ)**

ନତ୍କାର – ସତରେ ତୁମେ କଠୋର ପରୀକ୍ଷାର ସମ୍ମୁଖୀନ ହୋଇ ଆସିଚ । ତୁମ ପ୍ରତି ଏ ପ୍ରକାର ଅତ୍ୟାଗ୍ଳର**...?**

ପ୍ରବୀଣ – ଏ ଏକପ୍ରକାର କଠୋର ଅଗ୍ନିପରୀକ୍ଷା**,** ନିଷ୍ଠୁର ଆତତାୟୀମାନେ ତୁମ ପ୍ରତି ଏ ପ୍ରକାର ଅସଦ୍ ଆଚରଣ କରିପାରିଲେ କେମିତି**?** ପ୍ରତିରୋ୍ରଧ କରିବାକୁ କେହି କଣ ନ ଥିଲେ**?**

ନାରୀ – କିଏ ବା ପ୍ରତିରୋ୍ରଧ କରିବ**?** ନାରୀ ସବୁକାଳେ ଅବଳା ଦୁର୍ବଳା**,** ତାକୁ ସହାୟ ଦେବ କିଏ । ସବୁବେଳେ ଅନ୍ୟର ପଦ ସେବା କରିବାକୁ ସେ ପଡିରହିଛି-ସେମାନେ ମୋ ଉପରେ ଅତ୍ୟାଗ୍ଳର କରିବେନ ତ ଆଉ କାହା ଉପରେ କରିବେ**?** ସାମାନ୍ୟ କେତେଟା ଟଙ୍କା ଯୌତୁକ ବାବଦକୁ ଆଣିନଥିଲି ବୋଲି ତାକୁ ଆଳ କରି ମୋତେ ପ୍ରତି ପଦେ ପଦେ ନର୍ଯ୍ୟାତନା ଦିଆଯାଇଛି-ପରର ବାହୁରେ ଛନ୍ଦି ହେବାପାଇଁ**,** କାମନା ବାସନା ଚରିତାର୍ଥ ପାଇଁ ମୋରେ ଜୋର ଜବରଦସ୍ତ ପଠାଇବା ପାଇଁ ମସୁଧା ଗ୍ଳଲିଥିଲା୍-ସତରେ ସେଠି ମୋର ବାକରୁଦ୍ଧ ହୋଇ ଯାଇଥିଲା୍ । ମୁଁ ଅସହାୟ ଦ୍ରୌପଦୀଙ୍କ ପରି ହାତ ଟେକ ଦେଇଥିଲି ମୋର

ନର୍ତ୍ତକୀ – ପାଇଁ ମହାଭାଗ ନାରୀ ଜୀବନରେ ପୂର୍ଣ୍ଣତା ପାଇଁ ମୁଁ ଶଂଖା ସିନ୍ଦୂର ପିନ୍ଧିଥିଲି ହେଲେ ଅବଶେଷରେ ମୋ ଆଶା ଚରିତାର୍ଥ ହ୍ଲାନ ସବୁ କଏ ପୋଡିଜାଳ ଦେଲା !

ନର୍ତ୍ତକୀର – ସବୁ ସ୍ୱପ୍ନ-ସବୁ ଆଶା ପୂର୍ଣ୍ଣ ହୁଏନା-ମୃରି ଭଳ ଏ ସମାଜର ଅନେକ ନାରୀ ଏବେବି ସେହି ଖଳନାୟକ ମାନଙ୍କର ହାତବାରିଶି ହେଇ ଯାଇଛନ୍ତି । ଅନେକ ନାରୀ ଲାଞ୍ଛିତ, ଧର୍ଷିତ ହେଉଛନ୍ତି । ତେବେବି ସେମାନଙ୍କର ଜୁଇ ଲିଭିନ । ଶଂଖା ସିନ୍ଦୂର ଆଉ ଅନେକ ସ୍ୱପ୍ନ ସେମାନଙ୍କର ଜୁଇର ନଆଁରେ ଜଳପୋଡି ପାଉଁଶ ହେଇଯାଇଛି, ଯେମିତି ତୁମର ସ୍ୱପ୍ନ, ଆଶା ଏମିତି କଛି ।

ନାରୀ – କଏ ଫେରେଇ ଆଣିବ ମୋ ଅବଶିଷ୍ଟ ଜୀବନକୁ ।

ପ୍ରବୀଣାନନ୍ଦଜୀ-ଅତୀତ ଆଉ ଫେରେନା ମା । ଯହା ଯାଇଛି, ତାହା ସବୁଦିନ ପାଇଁ ଗ୍ଲଲିଯାଇଛି । ତୁମକୁ ଏବେ ଏକଲା ଜୀବନ ବିତାଇବାକୁକ୍ ହେବ କାରଣ ତୁମେ ସତ୍ୟକୁ ଖୋଜିବାକୁ ଆସିଛ ।

ନର୍ତ୍ତକୀର – ତୁମ ମନକୁ ଟାଣକର । ଆତ୍ମାକୁ ଶୁଦ୍ଧକର, ଦେଖ ଆଗରେ ତୁମପାଇଁ ପଥ କେତେ ପରିଷ୍କାର ।

ପ୍ରବୀଣାନନ୍ଦ – ମନ ହିଁ ସବୁଠାରୁ ଶ୍ରେଷ୍ଠ ବସ୍ତୁ । ଯାହାଦ୍ୱାର୍ କ ଅଖଣ୍ଡ ଅଦ୍ୱିତୀୟ ଭାବ ପ୍ରକାଶ ପାଇବ । ଧ୍ୟାନ ଧାରଣା ଯେ ଲୋଡା ନାହିଁ – ଆତ୍ମା ଭିତରେ ଦେଖ ସେଇ ପୂର୍ଣ୍ଣ ବ୍ରହ୍ମଙ୍କୁ । ଆସ ମୋର ପଦାଙ୍କ ଅନୁସରଣ କର ସମସ୍ତେ.... ସମବେତ ଭଜନରେ ଯୋଗ ଦେବା.. ଆସ ସମସ୍ତେ-

ସମସ୍ତେ – ଗ୍ଲଲନ୍ତୁ.... (ଅନ୍ଧାର-ଭକ୍ତି ଗୀତର ସ୍ୱର)

କ୍ରମଶଃ........

ସି.ଡି.ଏ, କଟକ

# ବିଶ୍ୱ ମୋହିନୀ



ଅନାଦି ସେଠ

ପ୍ରାଣ ପ୍ରଦାୟିନୀ ସଂହାର କାରିଣୀ
ମାତ ଆଦିଶକ୍ତି ଜଗଦ୍ଧାତ୍ରୀ
ଦୁର୍ଗତି ନାଶିନୀ ମାଁ ପାପ ହାରିଣୀ
ଜୟ ଦଶଭୂଜା ଶୈଳପୁତ୍ରୀ !
ଶଙ୍କର ଗୃହିଣୀ କାର୍ତ୍ତିକ ଜନନୀ
ତୁମେ ବିଘ୍ନହର୍ତ୍ତାଙ୍କର ମାତା
ତ୍ରିପୁର ସୁନ୍ଦରୀ ମହିଷା ମର୍ଦ୍ଦିନୀ
ଯାର ବେଦାନ୍ତ ବର୍ଣ୍ଣଇ ଗାଥା !
ଅରୀହୀନା ବିଶ୍ୱ ବାନ୍ଧବୀ ତୁହିଗୋ
ବ୍ରହ୍ମାଙ୍କ ଉତ୍କୃଷ୍ଟ ସର୍ଜନା ନାରୀ
ଦେବ ଦୈତ୍ୟ ଯକ୍ଷ ମାନବ କିନ୍ନର
ଆବର ଗନ୍ଧର୍ବାଦି ସୃଷ୍ଟିକାରୀ !
ଭିନ୍ନ ଭିନ୍ନ ରୂପେ ନାନାବିଧ କାର୍ଯ୍ୟ
କରୁ ସନ୍ତାନ କଲ୍ୟାଣ ପାଇଁ
ଭାର୍ଯ୍ୟା ଭଗ୍ନୀ ମାତା ଅବା ଦୁହିତା
ସାଜୁ ସ୍ୱର୍ଗେ ପ୍ରସ୍ଫୁଟିତ କଇଁ !
ତୋ ସମ୍ମାନେ ହୁଅନ୍ତି ଦେବେ ହର୍ଷିତ
ହୁଏ ରତ୍ନଗର୍ଭା ପୃଥ୍ୱୀ ରାଣୀ
ଅପମାନେ ତୋର ଘୋଟେ ଅନ୍ଧକାର
ରଚୁ ମୃତ୍ୟୁ ତାଣ୍ଡବ କାହାଣୀ !

ନାରୀ ବିକାଶେ ହୁଏ ରାଷ୍ଟ୍ର ବିକାଶ
ହୁଏ ଧରଣୀ ବୈକୁଣ୍ଠ ଧାମ
ନାରୀ ପୂଜ୍ୟା ହେଲେ ମାନବ ସମ୍ବଳ
ପ୍ରାପ୍ତେ ଧର୍ମ ଅର୍ଥ ମୋକ୍ଷ କାମ !
ଅହଲ୍ୟା ଦ୍ରୌପଦୀ କୁନ୍ତୀ ମନ୍ଦୋଦରୀ
ଥିଲେ ତାରା ପଞ୍ଚସତୀ ପଣେ
ପ୍ରତ୍ୟୁଷୁ ସ୍ମରିଲେ କନ୍ୟାଙ୍କ ଚରଣ
ନାଶେ ମହାପାତକଟି କ୍ଷଣେ !
ପୁରାତନ କାଳେ ଆପ୍ତବାଣୀ ଥିଲା
ସର୍ବ ନାରୀସ୍ୟ ଭୂଷଣଂ ଲଜ୍ୟା
ମାତ୍ର ଆଜ ନାରୀ ନିର୍ଲଜ ସାଜିଛି
ଦେଖେ ଦୁନିଆଁ ତା ନଗ୍ନ ଶଯ୍ୟା !
କଳା ସଂସ୍କୃତି ଆଜି ବିଲୁପ୍ତ ପ୍ରାୟ
ହ୍ରାସୁଛି ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ
ପାଶ୍ଚାତ୍ୟ ପ୍ରୀତିରେ ମାଦକ ମଣିଷ
କରେ ଦେଶଜକୁ ପଦାଘାତ !
ଶିକ୍ଷା ସଂସ୍କାର ସବୁ ଭୁଲି ଯାଇଛି
ପୁଣି ଶିଷ୍ଟତା ନୈତିକ ଗୁଣ
ନୃତ୍ୟାଙ୍ଗନା ସାଜି ନାଟ୍ୟ ମଣ୍ଡପେ
କରେ ଅଶ୍ଳୀଳ ପରିବେଷଣ !

ପୁରୁଷଜାତୀ ବି ଲମ୍ପଟ ସାଜିଛି
ଭୁଲି ନାରୀ ପ୍ରତି ତା କର୍ତ୍ତବ୍ୟ
ଭୋଗ୍ୟା ବସ୍ତୁ ଭାବି ଅପମାନ କରେ
ଦିଏ କୃପଣ ଧୂର୍ତ୍ତ ମନ୍ତବ୍ୟ !
ଗଣ ଦୁଷ୍କର୍ମ ଯେ ବାଳ ଅପରାଧ
ସମାଜେ ବହ୍ନିଶିଖା ହୁତାସନ
ଦଗ୍ଧୀଭୂତ କରେ ନତ୍ୟ ନରନ୍ତର
ବିଧ୍ୱଂସୀ ଦିବ୍ୟ ମାନବ ଜୀବନ !
ଦୟା କ୍ଷମା ଆଦି ସ୍ୱର୍ଗୀୟ ବିଭୂତି
ହେଲାଣି ବିଲୁପ୍ତ ସାରା ସଂସାରୁ
ହତ୍ୟାମିଥ୍ୟା ଚୋରି ହିଂସା ଭ୍ରଷ୍ଟାଚାର
ସାଜିଛି କଳକାଳ ଦେବ ଦାରୁ !
ଅର୍ଥ ପାଇଁ ନାରୀ ସତୀତ୍ୱ ନାଶଇ
କରେ ଧନ ଲୋଭେ ପ୍ରାଣଘାତ
ସୁରା ପାନ ପାଇଁ ଭାର୍ଯ୍ୟାକୁ ବିକଇ
ଯହିଁ ସଭ୍ୟତାର ହୁଏ ହତ !
ନାରୀ କୋପେ ସଂଘଟେ ମହାଭାରତ
ଘଟେ ନାରୀ ତ୍ୟାଗେ ରାମାୟଣ
ନାରୀ ବସୁନ୍ଧରା ନୁହେଁ ସେ ଦୁର୍ବଳା
ତାର ଇଚ୍ଛାରେ ହୁଏ କଲ୍ୟାଣ !
ତା ମୃଦୁ ପରଶେ ଅମୀୟ ବରଷେ
ହୁଏ ଜଡ଼ ପଦାର୍ଥ ଚେତନ
ତା ବାତ୍ସଲ୍ୟ ପ୍ରେମେ ଖୁସିର ଜୁଆର
ଲଭେ ପୁଷ୍ପିତ ଶିଶୁ ବଦନ !
ଯା ଉତ୍ସାହେ ବୀର ଉଲ୍ଲସିତ ହୋଇ
ଖଡ୍ଗେ ଜନ୍ମଭୂମି କରେ ରକ୍ଷା

ସେ ମାତୃ ପୟରେ କରେ ମୁଁ ପ୍ରଣତି
ପୁନ୍ହେ ଦିଅନ୍ତୁ ସେ ମହାଦୀକ୍ଷା !
ତୋ ଆଶୀର୍ବାଦେ ଲେଖନୀ ପ୍ରସୂନେ
କବି ରଚୟି କାବ୍ୟ କବିତା
ତୋ ଆଶୀଷେ ଥାଏ କର୍ମ ତତ୍ପରତା
ହୁଏ ଆଳସ୍ୟ ଜଗତ ଜିତା !
ବ୍ରହ୍ମାଣୀ ରୁଦ୍ରାଣୀ ଲକ୍ଷ୍ମୀ ନାରାୟଣୀ
ଜାଗ ହେ ନାରୀଶକ୍ତି ବିଶ୍ୱରୂପା
ସମାଜ ହିତାର୍ଥେ ବନ୍ଦେ ତୋ ଚରଣ
ମାଗୋ ବୁହାଅ ହେ ତବ କୃପା !
ହର୍ତ୍ତା କର୍ତ୍ତା ତୁହି ଗୋ ଭାଗ୍ୟ ବିଧାତା
କର ଜାଗ୍ରତ ନାରୀ ଶକତି
ପଥଭ୍ରଷ୍ଟ ନରେ ମାର୍ଗ ଦର୍ଶାଇଣ
ତାରେ ସମନ୍ତୁ ଦିଅ ମୁକତି !
ଦିନୁଁଦିନ ଧରା ଭାରାକ୍ରାନ୍ତ ହୁଏ
ଏ ନର ରୂପୀ ମହିଷାସୁରେ
ମହିଷା ଦୌରାତ୍ମ୍ୟ ରକ୍ଷ ହେ ମହୀକୁ
ଉଡୁ ଶାନ୍ତି ଧ୍ୱଜା ମର୍ତ୍ତ୍ୟପୁରେ !
ଅନନ୍ତନ ମାଁ ତୁ ସର୍ବତ୍ର ବିଦିତ
ତୋର ଭୀମ ଭୟଙ୍କର ରୂପ
ଉଗ୍ରଚଣ୍ଡୀ ମାଁ ଗୋ ବିଶ୍ୱମୋହିନୀ
ନାଶ ମହିଷା ଜୀବନ ଦୀପ !

ଡୁଡୁକା, ବଲାଙ୍ଗୀର

# ଅଧୀନ ଜନତା
# ସ୍ୱାଧୀନ ନେତା



ଅମରନାଥ ବାରିକ

ସ୍ୱାଧୀନ ଦେଶରେ ଅଧୀନ ହେଲେ
ଗରିବ ମଳ ମୁଣ୍ଡିଆ
ନେତା ରଖନ୍ତି ତାଙ୍କ ହାତରେ
ଆମେ ତାଙ୍କ ମୂଲିଆ ।

ନିଜକୁ ଦ୍ୱିତୀୟ ଇଶ୍ୱର ଭାବି
ଚଳନ୍ତି ଏହି ସଂସାରେ
ଯାହା ହେଉଛି ତାଙ୍କ ଦୟାରେ
କୁହନ୍ତି ଯେ ସଭାରେ ।

ଯାହା ଅନୁଦାନ ଆସେ ଆମର
ଦିଅନ୍ତି ନି ସେ ପତା
ଆମେ ତାଙ୍କର ଦୟାର ପାତ୍ର
ସିଏ ଆମର ଦାତା ।

ନେତା ଖାଆନ୍ତି ପାଚେଲା ପଣସ
ଗରିବ ମୁଣ୍ଡରେ ଅଠା
ରାଜନୀତିର ଖେଳ ଏ ପରା
ଖେଳନ୍ତି କରି ମୁଠା ।

ଆସିଲେ ଭୋଟ ନେବାର ବାରି
କରନ୍ତି ଅନେକ ଗେଲ
ଭୋଟ ସରିଲେ କଏ କାହାର
ତାଙ୍କ ପଛରେ ବୁଲ ।

ରାଜନୀତି ଏବେ କୂଟନୀତିରେ
ଭ୍ରଷ୍ଟାଚାର ପାଲଟିଣ
ବ୍ୟାପି ଯାଇଛି ସାରା ଜଗତେ
ନେତାଙ୍କର ଏ ଗୁଣ ।

ସବଳ ଅଧୀନେ ଦୁର୍ବଳ ରୁହେ
ରହିଛି କଥା ଜଗତେ
ଏହା ଅନ୍ୟଥା ପ୍ରମାଣ ନୁହେଁ
ଗୋଟିକେ ଗୋଟି ବିତେ ।

ଧର୍ମରେ ଜୟ ଅଧର୍ମର କ୍ଷୟ
ଘଟିବ ନିଶ୍ଚୟ ଦିନେ
ପରାଜୟ ହେବ କୂଟନୀତିର
ଧର୍ମର ଆଗମନେ ।

ଯାଜପୁର, ମଙ୍ଗଳପୁର, କୟାଁ

# ସମାଜରେ ନାରୀର ଭୂମିକା



ବବୁଲି ତ୍ରୀପାଠୀ

ନାରୀ ହେଉଛି ସୃଷ୍ଟିକାରିଣୀ । ସେ ଏକାଧାରରେ ଜନନୀ, ଜାୟା ଓ ଭଗିନୀ । ସୃଷ୍ଟିର କଲ୍ୟାଣ ପାଇଁ ତାର ଜନ୍ମ । ନିଜେ ନିଜର ସନ୍ତାନମାନଙ୍କ ମଧ୍ୟରେ ଅମୃତ ବଣ୍ଟନ କରି ନିଜେ ହଳାହଳ ବିଷକୁ ପାନ କରିଥାଏ । ସେ ମଧ୍ୟ ତ୍ୟାଗର ଏକ ମୂର୍ତ୍ତିମନ୍ତ ବିଗ୍ରହ । ଏଣୁ ସେ ସୃଷ୍ଟିକାରିଣୀ । ପୁରାଣ ଯୁଗରୁ ଅଦ୍ୟାବଧି ନାରୀକୁ ହିଁ ନେଇ ସବୁ ଅଘଟନ ଘଟୁଛି । ଏପରିକି ସୀତାଙ୍କୁ ନେଇ ରାମାୟଣ ଓ ଦ୍ରୌପଦୀଙ୍କୁ ନେଇ ମହାଭାରତର ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । ଯୁଗେ ଯୁଗେ ନାରୀକୁ ସମ୍ମାନ ଦିଆ ଯାଇଛି । ଭାରତୀୟ ସଂସ୍କୃତିରେ ନାରୀକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି ।

ଦଶମାସ ଗର୍ଭରେ ରଖି ଜନ୍ମଦାନ ଦେଇ ସାରିବା ପରେ ନିଜର ଶିଶୁ କନ୍ୟାକୁ କାହିଁକି ଅଳିଆଗଦାରେ ଫୋପାଡି ଦେଉଛି? କଣ ସିଏ ଝିଅଟିଏ ବୋଲି ତାର ଏ ଦୁନିଆରେ ବଞ୍ଚି ରହିବାର ଅଧିକାର ନାହିଁ? ଝିଅଟିଏ ଭାବି ଫୋପାଡି ଦେଉଥିବା ମାଆ ନିଜେ ଯେ ଗୋଟିଏ ନାରୀ ଏକଥା ସେ ଭୁଲି ଯାଉଛି କାହିଁକି? ଝିଅଟିଏ ଜନ୍ମ କରି ସାରିବା ପରେ ମାଁ ର ହୃଦୟ ତାକୁ କଣ ବାଧା ଦେଉନାହିଁ ନିଜ ସନ୍ତାନକୁ ନିଜଠାରୁ ଦୂର କରିବାକୁ? ନିଜ ସନ୍ତାନକୁ ନିଜଠାରୁ ଅଲଗା କରିଦେଲା ପରେ ତାହାର ଅବସ୍ଥା କଣ ହେବ ତାହା କେବଳ ସେ ନିଜେ ହିଁ ଅନୁଭବ କରିଥାଏ ।

ନବ ବିବାହିତା ଝିଅଟିଏ ନିଜର ଅସୁମାରୀ ସ୍ୱପ୍ନ ନେଇ ସ୍ୱାମୀ ଘରେ ପାଦେ ଦେଇଥାଏ । କିନ୍ତୁ ସ୍ୱାମୀ ଯେତେବେଳେ ମଦ୍ୟପ, ନିଶାଗ୍ରସ୍ତ, ବିପଥଗାମୀ ଓ ଅସଭ୍ୟ ଅଶିକ୍ଷିତ ହୋଇଥିବା ଜାଣେ ତାର ସମସ୍ତ ସ୍ୱପ୍ନ ଗୋଟିଏ ମୁହୁର୍ତ୍ତରେ ଛାରଖାର ହୋଇଯାଏ । ଆଜିକାର ପୁରୁଷ ସମାଜ ନାରୀକୁ ଏକ ବଜାର ସଉଦା ସହିତ ତୁଳନା କରୁଛନ୍ତି ।

ଆମର ଏହି ସମାଜରେ ଗୋଟିଏ ପୁରୁଷ ତାର ସ୍ତ୍ରୀର ମୃତ୍ୟୁ ପରେ ଅନାୟାସରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣକରିପାରେ । କନ୍ତୁ ଗୋଟିଏ ସ୍ତ୍ରୀ ତାର ସ୍ୱାମୀର ମୃତ୍ୟୁ ପ୍ରେସମାଜରେ ତାକୁ ଦ୍ୱିତୀୟ ବିବାହ ପାଇଁ ସ୍ୱୀକୃତି ମିଳନଥାଏ ।

ସମାଜରେ ଗୋଟିଏ ନାରୀ ଯଦି ଅକାଧିକ ପୁରୁଷ ସହିତ ସମ୍ପର୍କ ରଖେ ତେବେ ତାକୁ ବେଶ୍ୟାର ଆଖ୍ୟା ଦିଆଯାଇଥାଏ । ସେମାନଙ୍କୁ ଘୃଣିତ ଚକ୍ଷୁରେ ଦେଖିଥାଏ ଏ ସମାଜ । ଏହା ମଧ୍ଯ ସତ୍ୟ ଯେ, ସେମାନେ ନାରୀର ଶାଶ୍ୱତ ରୂପକୁ ଅପମାନ କରୁଛନ୍ତି । କନ୍ତୁ ଯଦି ଜଣେ ପୁରୁଷ ଅକାଧିକ ନାରୀ ସହିତ ସମ୍ପର୍କ ରଖେ, ତେବେ ତାକୁ କାହିଁକ ବେଶ୍ୟା ବୋଲି କୁହାଯାଏ ନାହିଁ?

ସମାଜରେ ନାରୀ ନାରୀକୁ ଘୃଣା କରିବା ସବୁଠାରୁ ଦୁଃଖଦାୟକ ଅଟେ । ମାଆ ନଜ ଝିଅର ଦୁର୍ବଳତା ନ ହୋଇ ତାକୁ ନଜର ଜୀବନର ଚଲାପଥରେ ଚ଼ଲିବା ପାଇଁ ଅନୁପ୍ରାଣିତ କରିବା ଉଚତ । ଏହି ସମାଜ ନାରୀକୁ କେବଳ ଶବ୍ଦରେ ଉଚ୍ଚ କରିଛି ମାତ୍ର କେବେ ତାକୁ ନଜ ମନଭିତରେ ଉଚ୍ଚ କରି ପାରିନାହିଁ । ନାରୀକୁ ଯଦି ସତରେ ସମାଜରେ ମର୍ଯ୍ୟାଦା ଦିଆଯାଏ, ତେବେ ଆମ ଦେଶ ନଶ୍ଚିତ ଉନ୍ନତତର ଦିଗକୁ ଗତି କରିବ ।

ସତଲମା, ବରଗଡ

# ଭାଗ୍ୟ ବିଧାତା



ସତ୍ୟନାରାୟଣ ପ୍ରସାଦ ନାୟକ

ତୁମେ ହେଲ ମୋର ଗୀତା ଭାଗବତ
ଆହେ ପ୍ରଭୁ ଜଗନ୍ନାଥ,
ଶୁଭ ପ୍ରଭାତରେ ଅନ୍ତର ଭିତରୁ
ଘେନ ମୋର ପ୍ରଣିପାତ ।
ଗଗନ ପବନ ହୁଏ ମୁଖରିତ
ଗାଇ ଗାଇ ତୁମ ଗୀତ,
ତୁମରି ମହିମା କରୁଛି ବର୍ଣ୍ଣନା
ନୀଳଚକ୍ରେ ଉଡ଼ି ନେତ ।
ପତିତ ପାବନ ହେ ବିଶ୍ୱ ମୋହନ
ଦାରୁ ବ୍ରହ୍ମ ଜଗନ୍ନାଥ,
ନୀଳାଚଳ ନାଥ କାଳଆ ସାଆନ୍ତ
କୋଟି କୋଟି ଦଣ୍ଡବତ ।
କୋଟି ଜନତା ଙ୍କ ପ୍ରାଣର ଦେବତା
ଅଖିଳ ବ୍ରହ୍ମାଣ୍ଡ ସ୍ରଷ୍ଟା,
ବିଜେ କରିଅଛ ନୀଳ କନ୍ଦର ରେ
ତୁମେ ତ ଭାଗ୍ୟ ବିଧାତା ।
ଜଗତ ହିତରେ ତୁମ ଇଙ୍ଗିତରେ
ବରଷଇ ବାରି ଧାରା,
ପ୍ରକୃତି ଗାଉଛି ମଧୁର ରାଗିଣୀ
ସୂର୍ଯ୍ୟ ଚନ୍ଦ୍ର ସହ ତାରା ।
ସସାଗରା ଧରା ପଡୁଛି ଉଚ୍ଛୁଳ
ତୁମେ ହିଁ ତ ଯୋଗ ସୂତ୍ର,
ହୃଦୟ ତନ୍ତ୍ରୀରେ ପ୍ରତି ମୁହୂର୍ତ୍ତ ରେ
ସକ୍ରିୟ ସେ ଶ୍ୱାସ ତନ୍ତ୍ର ।
ପଞ୍ଚ ମହାଭୂତେ ଗଢ଼ା ଏ ଜଗତ
ବହେ ସମୟର ସ୍ରୋତ,
ରହସ୍ୟ ଭିତରେ ତୁମେ ଲୀଳା କର
ଆହେ ପ୍ରଭୁ ଜଗନ୍ନାଥ ।
ଜଗତ କୁ ତୁମେ ଦେଉଛ ସନ୍ଦେଶ
ସବୁ ଥାଇ କଛି ନାହିଁ,
ପ୍ରାଣ ପକ୍ଷୀ ଯେବେ ଶରୀର ଛାଡିବ
ରଖିବେନ କେଉଁ ସାଇଁ ।
🙏ଓଁ ଜୟ ଶ୍ରୀ ଜଗନ୍ନାଥ 🙏

ରଥ ରୋଡ, ଭୁବନେଶ୍ୱର

# ନୂଆଖାଇ

ଦୀନବନ୍ଧୁ ବେଜ

ଆସିଅଛି ନୂଆଖାଇ
କେତେ ଉନ୍ମାଦନାରେ,
ତନୁମନେ ଶିହରଣ
ଯାଉଅଛି ଖେଳରେ ।

ମହକ ଓ ମାଦକତା
ଅଙ୍ଗେ ଅଙ୍ଗେ ଭରୁଛି,
ହସଖୁସି ଆନନ୍ଦରେ
ପେଟ ଆମ ପୁରୁଛି ।

ଘରେଘରେ ପିଠାପଣା
ଖୀରି ପୁରି ମହୁର,
ନୂଆ ପୋଷାକ ପିନ୍ଧିକି
ତନୁ ମନ ଅସ୍ଥିର ।

ଜନ୍ମଭୂମି ହେ ଉତ୍କଳ
ଧନ୍ୟବାଦ ତୁମ୍ଭଙ୍କୁ
ଦ୍ୱାଦଶ ମାସେ ଦେଇଛ
ତେର ପର୍ବ ଆମ୍ଭକୁ ।

ନୂଆଖାଇରେ ଜୁହାର
କରେ ସାନ ବଡ଼କୁ
ଶତ୍ରୁକରେ ଆଲିଙ୍ଗନ
ଭୁଲି ସବୁ ପଛକୁ ।

ଭାଇଗୃହ୍ ପର୍ବ ଏହା
ନୂଆ ଖିଆ ବାହାନା
ଅଭିନବ ଜାଦୁମନ୍ତ୍ର
କେବେ ଭୁଲିହୁଏନା ।

ହୋଲି, ରଜ, ନୂଆଖାଇ
ଆମ ପ୍ରିୟ ପରବ
ଏକଜୁଟ ହୋଇ ପାଳନ୍ତି
ମିଳ ମିଶି ସରବ ।

ଆସ ଆଜି ମିଶି କରି
ନେବା ବଜ୍ର ଶପଥ
ଆମ ସଂସ୍କୃତି କୁ ଛାଡ଼ି
ଯିବା ନାହିଁ ବିପଥ... ।

ମାଲ୍କାନଗିରି,
ଓଡିଶା, ଭାରତ

# ଗଜଲ୍ - ମୁଁ କାଳେ ଅମୁକ ସମୁକ



ତାର୍‌ପ୍ରସାଦ ଜେନା

ମୋ ନାଆଁରେ କେତେ ଫେର୍‌ଦର ଚଠା,
ମୁଁ କାଳେ ଅମୁକ ସମୁକ
ଫଗୁଣର ପ୍ରୀତି ବଇଶାଖ ତାତି, ମୁଁ ଜଳେ ଅମୁକ ସମୁକ । ୦ ।

ବିଶ୍ୱାସର ଛକ ପଇଁତର୍ ଛାଡ଼ି, ମୁଁ ହେଲେ ଘୃଣାର ଠମକ
ଉଶ୍ୱାସର ଦ୍ୱାର ଖୋଲିନାହିଁ ମୋତେ, ମୁଁ ତଳେ ଅମୁକ ସମୁକ ।

ବ୍ୟଞ୍ଜନର ସ୍ୱାଦ ପାଇଲିନ ମଜା, ମୁଁ ଛଳେ ଶୂନ୍ୟତା ନମକ
ଅନୁପମ ଭ୍ବ ମିଳଲ୍ନ ଲ୍ଭ, ମୁଁ ଟଳେ ଅମୁକ ସମୁକ ।

ସପନରେ ଚନ୍ଦ୍ରା ଚୁମ୍ବନରେ ତନ୍ଦ୍ରା, ମୁଁ ଗଳେ ବାହୁର ଯମକ
ନୟ୍ନରେ ଆଶା ଗୋପନର ଭ୍ଷା, ମୁଁ ମେଳେ ଅମୁକ ସମୁକ ।

ଯଉବନ ଦ୍ୱାହି 'ତାର୍' ଖୋଜେ ସହୀ, ମୁଁ ଭ୍ଲେ ଜୀବନ ଚମକ
ଆପଣାର କେହି ଦେଖାଇବ ସହି, ମୁଁ ଚଳେ ଅମୁକ ସମୁକ ।

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ର୍ଜ ରଣପୁର, ଜିଲ୍ଲା-ନୟାଗଡ଼

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

କଲିକତା ଏକ ମହାନଗରୀ । ଯେଉଁଠାରେ କୁହାଯାଏ ରାତି ଜାଣି ହୁଏନାହିଁ । ପୁରୀରେ ଜାତି ନାହିଁ, କଲିକତାରେ ରାତି ନାହିଁ । ଜନବହୁଳ ସହର । ଲୋକମାନଙ୍କ ଯାତାୟାତ ପାଇଁ ସବୁପ୍ରକାର ଯାନବାହନ ମିଳେ । ଭୂତଳ ରେଳ, ଟ୍ରାମ୍, ଟ୍ୟାକ୍ସି, ଅଟୋରିକ୍ସାଠାରୁ ଆରମ୍ଭ କରି ତିନିଚକିଆ ରିକ୍ସା ଓ ହାତଟଣା ରିକ୍ସା ଯାଏ ଏଠାରେ ଚାଲେ । ଏତେ ଯାନବାହନ ଭିତରେ ହାତଟଣା ରିକ୍ସା ତାର ଅସ୍ତିତ୍ୱ ବଜାୟ ରଖିଛି । ହେଲେ ଆମ୍ଭେମାନେ ବଦଳଯାଇଛୁ । ମନ ତ ଏକ ଅଶାନ୍ତ ସାଗରର ଜୁଆର ଓ ଭଟ୍ଟାର ସମାହାର । କେତେବେଳେ ନୀଳ ଆକାଶ ତ ପୁଣି ରଙ୍ଗୀନ ଫୁଲହାର ଭ୍ରମରର ଅତୀବ ପ୍ରିୟ ପ୍ରେମିକା । କୁବେର ଭଣ୍ଡାର ସାଜି ସ୍ୱପ୍ନ ଓ ଅସାର ଗନ୍ତାଘର ତୋଳଦିଏ । ଭସାବାଦଲ ହୋଇଯାଏ । ଭାବନାରେ ଖୋଜିବସେ ପରିଚୟ । ଅରୁଣ୍ଡା ରଙ୍ଗରେ ନରମ ପାଦରେ ଝମ୍ ଝମ୍ ନୁପୂରର ଶବ୍ଦ । ବିମୋହିତ କରୁଥିଲା ପ୍ରକୃତିକୁ । କଏ ଦିବ୍ୟାଙ୍ଗନା ତୁମେ? ଆକାଶରୁ ଓହ୍ଲାଇ ଆସିଲକି? ଫଗୁଣ ମଳୟ ପରି ଛାତର ଚାରି ପାଖକୁ ବସନ୍ତମୟ କରିଦେଲଣି । ଆଖିଯୁଗଳ ଯୌବନଭରା ଉନ୍ମାଦନା । ଓଠରେ ନିରବର ଇସାରା । ଓଃ ..... କି ପବିତ୍ର ଏତେ ବର୍ଷ ପଢିଲା ପରେ ମୋ ସାଙ୍ଗମାନଙ୍କ ଗହଳରେ ଏମିତି କେବେ ଆହାକୁ ଦେଖି ନଥିଲି । ଅମନ ପରି ପିଲାକୁ ହଜାଇ ଦେଇଛି ତା ରୂପରେ, ଭାବବିହ୍ୱଳ ହୋଇଉଠୁଥିଲା ଅଧିକରୁ ଅଧିକ ସତ ନା ଯାଦୁ । ମାୟା ନା ମରୀଚିକା କି ବିଶାଳ ଶାନ୍ତି ଦେଖିଦେଲେ । ଆକୃତ ସ୍ୱର୍ଣ୍ଣ ତା ଶରୀରରେ ଝରିପଡୁଥିଲା ଯେମିତି ।

ପୃଥିବୀର ସୃଷ୍ଟି ବିଚିତ୍ର । ଭଗବାନଙ୍କର ଚିତ୍ରଣ ଅତୀବ ଅନିନ୍ଦ୍ୟ, ଅପୂର୍ବ ଆନନ୍ଦ ଯେମିତି ସବୁଆଡ଼ ଖେଳ ଯାଉଛି । ଆମ୍ବହରା ଲାଗେ ଛୁଇଁଦେଲେ ବସନ୍ତମଳୟ । କଆଁରା ଲାଗେ ମଧୁର ସୁରଭିତ ପବନର ବାସ୍ନା । ତନୁ ମନର ସବୁ ଯନ୍ତ୍ରଣାକୁ ଧୋଇ ସଫା କରିଦିଏ ।

ସବୁଜ ସୁନ୍ଦର ପ୍ରକୃତି । ଶବ୍ଦମୟ ମେଘରେ ବିରହର ଗର୍ଜନ । ମର୍ମାହତ ପ୍ରତୀକ୍ଷା କେବେ ଅମୃତ କରିଦିଏ ଜୀବନ ସଙ୍ଗମକୁ, ଅନେକ ଶବ୍ଦ ଆସି ଓଠ ଛୁଇଁ ଗ୍ଲିଯାଏ । ଶିହରି ଉଠେ ତନୁ । ଅନେକ ଭ୍ବନା । ହୃଦୟ ଦୁଆରେ ଦକ୍କା ଲ୍ଗିଯାଏ । ଛାଡିଯାଏ ମନୋରମ ସ୍ୱପ୍ନ । କୋଠାର ବାଲକୁନରେ ବସି ଅମନ ଭ୍ବି ଗ୍ଲିଥିଲ୍ । ବିଜ୍ଞାନ ଛାତ୍ର ହେଲେ ବି ସେ ଜଣେ ଲେଖକ, ଏହା ସ୍ପଷ୍ଟ ଜଣାପଡୁଥିଲ୍ । ଗ୍ୟେଟି କୋଠାଘର ପରେ ସବୁଜ କୋଠାର ଛାତ ଉପରେ ସୁନ୍ଦରୀକୁ ଦେଖି ସ୍ଥାଣୁ ହୋଇ ବର୍ଣ୍ଣନା କରିଗ୍ଲିଥିଲେ ଅମନ ।

ଆରେ ଏ କଣ ମାନବୀ ? ନା ଦେବୀ । ସ୍ୱର୍ଗରୁ ଓହ୍ଲେଇ ଆସିଛି କ? ଗୋଟେ ଛୋଟ ପିଲ୍ ସହିତ ଲୁଚାଛୁପି ଖେଳୁଥାଏ । ଆଃ କ ସୁନ୍ଦର । ହରିଣୀ ପରି ଧର୍‌ଦିଅନ୍ତା କ ମୋ କୋଳରେ, ବନ୍ଦୀ କରିଦିଅନ୍ତି । ଏମିତି ସ୍ୱପ୍ନ ଗ୍ଇଜରେ ଭ୍ସି ବୁଲୁଥିଲେ ଅମନ ବାବୁ । ହଠାତ୍ ଡ୍ରାଇଭର କହିଲ୍, ବାବୁ ଫୋନ୍ ଆସିଛି ।

ନେଇଆସ ତାଙ୍କୁ ମୋ କୋଳକୁ ଭ୍ବମୟ ଗଭୀର ସ୍ୱରରେ ଜବାବ ଦେଲେ ଅମନ ।

ଡ୍ରାଇଭର କଲବଲ କରି ଅନେଇ ରହିଥାଏ ଅମନବାବୁଙ୍କୁ । ଆଶ୍ଚର୍ଯ୍ୟ ହୋଇ, ଆଜ୍ଞାବାବୁ, ବୁଝିପାରୁନାହିଁ, ଡ୍ରାଇଭର କହିଲ୍ ।

ଚମକ ପଡିଲେ ଅମନ .. ! ଓଃ ସରି .. ଓକେ.. ଓକେ ନେଇ ଆସ । ଲ୍ଜରେ ମୁହଁ ଝାଉଳ ଗଲ୍ ।

ଡ୍ରାଇଭର କହିଲ୍, ବାବୁ ଅପରେସନ ପାଇଁ ମେଡିକାଲରୁ ଫୋନ୍ ଆସିଥିଲ୍ । ଆପଣଙ୍କୁ ଶୀଘ୍ର ଯିବାକୁ ହେବ । ଶୀଘ୍ର ପ୍ରସ୍ତୁତ ହୋଇ ଯାଆନ୍ତୁ ।

ଠିକ୍ ଅଛି । ମୋର ସବୁ ଜିନଷ ଗାଡିରେ ରଖିଦିଅ । ମୁଁ ପ୍ରସ୍ତୁତ ହୋଇ ଯାଉଛି ।

ଆଜି ସବୁ ଭୁଲଭ୍ଲ୍ ହୋଇଯାଇଛି ବାବୁଙ୍କର । ଅମନଙ୍କୁ ଦେଖି ଡ୍ରାଇଭର ହସିଦେଲ୍ । ଡରିଗଲ୍ ମଧ୍ୟ ।

ଆରେ ମତେ ଦେଖି କଣ ହସୁଛ? ଅମନ ପଚାରିଲେ ।

ନାଇଁ ବାବୁ ।

କୁହ, ଡାରିବାର ନାହିଁ ।

ହଁ .. ବାବୁ, ଆଜି ସବୁ ଏପଟ ସେପଟ ଲାଗୁଛି । ଦେଖୁନାହାନ୍ତି କେମିତି ସାର୍ଟର ବଟମ ଗୋଟେ ଦେଇ ବି ନାହାନ୍ତି । ପୁଣି ମୁଣ୍ଡ କୁଣ୍ଡାଇ ବି ନାହାନ୍ତି ।

ଓଃ, ସରି । ସେହି ସୁନ୍ଦରୀ ପାଇଁ ।

କଣ କହିଲେ ବାବୁ?

ନା କିଛି ନୁହଁ । ତୁମେ ଗାଡି ଷ୍ଟାର୍ଟ କର । ଅପରେସନ ଅଛି । ନୂଆ ପିଲାଙ୍କର ଇଣ୍ଟରଭ୍ୟୁ ନେବାର ଅଛି । ଅମନଙ୍କ ଓଠରେ ବାରମ୍ବାର ହସ ଝରିପଡୁଥାଏ । ସବୁରେ ଅନ୍ୟମନସ୍କ ଲାଗୁଥାନ୍ତି । କି ଯାଦୁ କେଜାଣି ସେ ସୁନ୍ଦରୀ ତରୁଣୀର ହସରେ । ମୁଁ କଣ ... ଦେବତା ଦେଖିଲେ ତ ଅଟକଯିବେ । ଡ୍ରାଇଭର ବ୍ରେକ୍ ରେ ଚମକ ପଡିଲେ ଅମନ ।

ସାର୍, ମେଡିକାଲ ଆସିଗଲା ।

ହଁ ହଁ, ତୁ ଗାଡି ଷ୍ଟାଣ୍ଡ ରେ ରଖିଦେଇ ରେଷ୍ଟ ନେଇଯାଆ । ମୋର ଡେରି ହୋଇପାରେ କହିଦେଇ ଅପରେସନ ଚେମ୍ବରକୁ ଚାଲିଗଲେ ଅମନବାବୁ ।

ମୈଡିକାଲରେ ସାଇରନ୍ ବାଜିଉଠିଲା । ଇଣ୍ଟରଭ୍ୟୁ ଦେବାକୁ ଆସିଥିବା ସବୁ ପିଲାମାନେ ଲାଇନ୍ ହୋଇ ରସିଦ୍ କାଟୁଥାନ୍ତି । ଜଣେ ପରେ ଜଣେ ଭିତରକୁ ଯିବାକୁ ପଡୁଥାଏ । ଅପରେସନ ଦୁଇଟି ସାରି ପୁଣି ଇଣ୍ଟରଭ୍ୟୁ ।

ଓଃ ଆଜି ଆଉ ହୋଇପାରିବନାହିଁ । ପିଅନକୁ ପଗ୍ଚରିଲେ ଆଉ କେତେ ଜଣ ଅଛନ୍ତି କ**?**

ହଁ ସାର୍**,** ଆଉ ଗ୍ଚରିଜଣ ।

ଓକେ । ଶୀଘ୍ର ଭିତରକୁ ପଠାଇଦିଅ ।

କଣ ହୋଇଛି ଆଜି**?** ଡାକ୍ତର ରେଖା ପଗ୍ଚରିଲେ ଆଜି ବେଶୀ ଟେନସନ୍ ଲ୍ଗୁଛନ୍ତି । ସବୁ ଅଲଗା ଲ୍ଗୁଛନ୍ତି ଆପଣ ।

ନାଇଁ ତ ମାଡାମ୍**,** ଅମନ କହିଲେ ।

ହଁ କଛି ତ ନଷ୍ଟୟ ହୋଇଅଛି ।

ଆସିଲ୍ ପାଖରୁ ଦେଖୁଛି**,** ଓଠରେ ମୃତ୍ୟୁ ରସ ଖେଳବାର । କଥା କଣ କ ସାର୍**?** ଲଭ ହୋଇଗଲ୍ କ**?** ଏଇ ସବୁ ତ ଲଭ୍ ର ଲକ୍ଷଣ ।

ନାଇଁ ମ ମାଡାମ୍ । ସେମିତି କଛି ନାହିଁ ।

ତାହେଲେ କେବେ ଭେଜି ଦେବେ ସ୍ତିର କରନ୍ତୁ ।

ମୁଚକ ହସଟେ ଝରିପଡିଲ୍ ଅମନଙ୍କ ଓଠରୁ । ନଷ୍ଟୟ**,** ଆଉ କଛି କହିପାରିଲେନାହିଁ । ଓଃ କ ସୁନ୍ଦର**!** ଆଖି ତର୍ଚଟି ଗ୍ଚହିଁଥାନ୍ତି ଅମନବାବୁ । ଏ **...** କଣ ସେହି ଝିଅ ଯାହାକୁ ଆଜି ଛାତ ଉପରେ ଦେଖିଥିଲି । ସେହି ନାକ ସେହି ଓଠ ସେହି ଗ୍ଚହାଣି**,** କ ଅପୂର୍ବ ସୁନ୍ଦର ଭରି ଦେଇଛନ୍ତି ପ୍ରଭୁ । ମୋ ଆଖିକୁ ବିଶ୍ୱାସ କରିପାରୁନାହିଁ । ମାନବୀ ନା ଦେବୀ । କେଉଁ ଏକ ଶିଳୀଙ୍କର ନଖୁଣ ସର୍ଜନା**?** ଭରିଅଛି ବୟସର ବକୁଳ ବାସ୍ନା । ମନ ତଳେ ଜଳଉଠେ କାମନାର ଦୀପ । କଜ୍ଜଳତ ବୟନକୁ ଝରିପଡେ ଶବ୍ଦହୀନ ଭ୍ବ । ଆଃ**....** କ ସୁନ୍ଦର ତାର ହସ । ଏକ ଲୟରେ ଅଜନାକୁ ଆଁ କରି ଅନେଇ ରହିଥିଲେ ଅମନ ।

ଟେବୁଲ ହଲେଇ ଦେଇ ଡାକ୍ତର ରେଖା କହିଲେ ସାର୍**....?**

ଚମକ ପଡିଲେ ଅମନ । ଓଃ ସରି ମେମ୍ । ଟିକଏ ଅନ୍ୟମନସ୍କ ହୋଇଗଲି ।

ଟିକଏ ନୁହଁ ସାର୍ ପୂର୍‌ପୂରି । ସବୁ ହସି ଉଠିଲେ**,** ହା ହା ହା **.. ..** ।

କଛି ତ ନଷ୍ଟୟ ହୋଇଛି । ଠିକ୍ ଅଛି ପରେ କହିବେ ସାର୍ ।

ଓକେ**...,** ଅମନ କହି ଭିତରକୁ ଆସିବାକୁ ସେହି ଅଞ୍ଜନାକୁ ଅନୁମତି ଦେଲେ । ବସିବାକୁ ମଧ୍ୟ କହିଲେ । ପ୍ରଶ୍ନ କଲେ ଅମନ**,** ତୁମ ଘର କୋଉଠି**?**

କଲବଲ କରି ଅଞ୍ଜନା ଅନେଇ ରହିଥାଏ । ଏ କଣ ପ୍ରଶ୍ନ**?**

ଆଜ୍ଞା କଲିକତାରେ ।

କଣ କର**....?** ଅମନ କହିଲ୍ ।

କଛି କରିନ ବୋଲି ତ ଆସିଛି ଆପଣ ସିଲେକସନ୍ କଲେ ଡାକ୍ତର ହେବି । ଅଞ୍ଜନା କହିଲ୍ ।

ହଁ **..** ହଁ ତୁମେ ପୁର୍‌ପୁରି ସିଲେକଟେଡ୍ ।

ଡାକ୍ତର ରେଖା ଓ ଅଞ୍ଜନା ଅମନଙ୍କ ମୁହଁ କୁ ଗ୍ରହିଁ ରହିଥିଲେ । ସାର୍ କଣ ପାଗଳ ହୋଇଗଲେ କ**?** ସଙ୍ଗେସଙ୍ଗେ ସିଲେକସନ୍ ।

ଠିକ୍ ଅଛି ସାର୍ । ଅଞ୍ଜନା କହି ଚେୟାରରୁ ଉଠି ପଡିଲେ । ଏବେ ଆସୁଛି ସାର୍ । ଲେଟର କେବେ ମିଳବ**?**

ଏବେ ମିଳବ! ଅମନ କହିଲେ ।

ଆଶ୍ଚର୍ଯ୍ୟ ହୋଇ ଅଞ୍ଜନା ଚେୟାରରେ ଆଉଥରେ ବସିପଡିଲେ ।

ଏବେ .. .. !!

ହଁ ଅଞ୍ଜନା ।

ଠିକ୍ ଅଛି, ଦିଅନ୍ତୁ । କେବେ ପୋଷ୍ଟିଂ ଅଛି?

ଏବେ .. .. ।

ଅଞ୍ଜନା ଫେଏଁ କନା ହସିଦେଲା । କହିଲା ସାର୍ ମତେ ମଜା କରୁଛନ୍ତି କ? କଣ ଭାବିଲେ । ମୁଁ ଜଣେ ହାୟର ଫାଷ୍ଟ କ୍ଲାସ୍ ପିଲା; ମୋ ମାମା ରୋଗଗ୍ରସ୍ତ, ମରିବା ଶେଯରେ ଅପେକ୍ଷା କରିଛନ୍ତି । ମୁଁ ଗୋଟେ ଡାକ୍ତର ହେବି ବୋଲି ତାଙ୍କର ଏକାନ୍ତ ଇଚ୍ଛା ଡାକ୍ତରୀ ପାଠ ମୋ ମାମାଙ୍କ ପାଇଁ ପଢିଛି । ସମସ୍ତିଙ୍କଠାରୁ ଅଧିକ ନମ୍ବର ରଖି ପାସ୍ କରିଛି । ଜାଣିଛନ୍ତି ସାର୍, ମୋ ମାମାଙ୍କ ଇଚ୍ଛା ପୂରଣ ପାଇଁ ମୁଁ ସବୁକିଛି କରିପାରିବି । ଆପଣ ମୋତେ ଉପହାସ କରିପାରନ୍ତି । ସୁନ୍ଦର ତରୁଣୀ ଆଖିରେ ଶ୍ରାବଣର ଧାର ଝରିପଡୁଥାଏ । ମୋ ମାମା ଆଉ ବଞ୍ଚିବେନ ସାର୍ । ତାଙ୍କୁ ବ୍ଲଡ୍ କ୍ୟାନସର୍ ହୋଇଯାଇଛି । ମୋ ବାପା ଜଣେ ସାଧାରଣ କମ୍ପାନୀରେ କାମ କରନ୍ତି । ଅନେକ କଷ୍ଟରେ ମୋତେ ପଢିବା ପାଇଁ କିଛିବି ଅବହେଳା କରିନାହାନ୍ତି । ମୁଁ ସେମାନଙ୍କ ସ୍ୱପ୍ନକୁ ଆପଣଙ୍କ ଉପହାସର ପାତ୍ର ହେବାକୁ ଦେବିନାହିଁ । ଦୟାକରି ମୋ ଡକୁମେଣ୍ଟ ଫେରାଇ ଦିଅନ୍ତୁ । ମତେ ଗ୍ରହଣ କରି ଦେଲେନ ବୋଲି କୌଣସି ଦୁଃଖ ନାହିଁ । ଯେଉଁଠି ହେଲେ ମତେ ନିଶ୍ଚୟ ମିଳବ । କାରଣ ଆପଣ ଜାଣି ନାହାନ୍ତି, ବାପା ମାମାଙ୍କର ଆଶୀର୍ବାଦ ଯାହାର ଅଛି ସେ କେବେ ହାରିଯିବନାହିଁ ସାର୍, ମୁଁ ବି ହାରିବିନ । ଆପଣମାନେ ଏତେ ସ୍ୱାର୍ଥପର ବୋଲି ମୁଁ ଜାଣି ନଥିଲି । ପଇସା

ଲୋଭରେ ଶିକ୍ଷାକୁ କଣ୍ଢେଇ ସଜାଇ ଦେଇଛନ୍ତି । ଧିକ୍ ଆପଣଙ୍କ ବଡପଣିଆକୁ, ଶିକ୍ଷାକୁ । ଆପଣମାନଙ୍କ ପରି କେତେଜଣଙ୍କ ପାଇଁ ସମାଜ କଳଙ୍କିତ । କୁସଂସ୍କାର କାମନାରେ ଅନ୍ଧ ହୋଇ ସମାଜକୁ କଳୁଷିତ କରୁଛନ୍ତି । ଛିଃ .... ସୁନ୍ଦର ରୂପ ସଜାଇ ପଇସାର ବାସ୍ନାରେ ଶାନ୍ତି କିଣିପାରିବେ ନାହିଁ ସାର୍ । ନିଜକୁ କଣ ଭାବିଛନ୍ତି? ମୁଁ ଆପଣଙ୍କ ପରି ଚରିତ୍ରହୀନଙ୍କ ହାତରେ ଖେଳନା ହୋଇ ମୋ ଶିକ୍ଷାକୁ ନିଲାମ କରିଦେବି ଭାବିଛନ୍ତି?

ଢୋ କନା ଗୋଟେ ଗୁପୁଡା ଅଞ୍ଜନାଙ୍କ ଗାଲରେ ବସାଇଦେଲେ ଅମନ ।ସ୍ଥାଣୁ ହୋଇଗଲେ ଅଞ୍ଜନା । ଲୁହଗୁଡାକ ଯେମିତି ତଳକୁ ନ ଖସି ଗାଲର ଟାଣରେ ଓହଳ ପଡିଛନ୍ତି । ଦେହ ଥରି ଉଠିଲା । କଛି ଭାଷା ପାଟିକୁ ବନ୍ଦ କରିଦେଲା ।

ତୁମେ ନଜକୁ କଣ ଭାବିଛ**?**

ଆସ ମୋ ସାଙ୍ଗରେ ଅଞ୍ଜନାଙ୍କ ହାତ ଧରି ଫାଙ୍କା ଥିବା ଡାକ୍ତର ଚେୟାରରେ ନେଇ ବସାଇଦେଲେ ଏବଂ ସଙ୍ଗେ ସଙ୍ଗେ ପୋଷ୍ଟିଂ ଲେଟର ଦେଇ ଚାଲିଗଲେ । ଥରୁଟିଏ ବି ପଛକୁ ଅନାଇ ନାହାନ୍ତି । ମୁଣ୍ଡ ଝାଇଁ ଝାଇଁ ହୋଇଗଲା ଅଞ୍ଜନାର । କଣ କରିବ କଛି ଭାବିପାରିଲା ନାହିଁ । ଚେୟାର ଉପରେ ସ୍ଥାଣୁ ପାଲଟିଗଲା । କେତେ କଣ ପ୍ରଶ୍ନ ମନ ବେଳାଭୂମିରେ ପିଟି ହେଉଥାଏ । କମ୍ ସମୟ ଭିତରେ ଏମିତି ଘଟିଯିବ କଛି ବୁଝିପାରୁ ନଥିଲା ଅଞ୍ଜନା । ଭେ ଭେ ହୋଇ କାନ୍ଦି ଉଠିଲା । ସମୀର ପିଅନ ଆସି ଥଣ୍ଡା ପାଣି ଓ କଛି ସ୍ନାକସ୍, ଦେଇଗଲା ।

ମାଡାମ ଏଇ ସବୁ ଖାଇନେବେ ।

କାହିଁକ**?** ପ୍ରଶ୍ନ କଲା ଅଞ୍ଜନା ।

ନା ହେଲେ ସାର୍ ବହୁତ କଷ୍ଟ ପାଇବେ । ତାଙ୍କ ରୁମ୍ ରେ ବହୁତ ଦୁଃଖରେ ବସିଛନ୍ତି । କାହା ସହିତ କଛି କଥା ହଉ ନାହାନ୍ତି । ମତେ ଏହି ସବୁ ଆପଣଙ୍କୁ ନେବା ପାଇଁ କହିଲେ ଏବଂ ବାହାର ପଟୁ କବାଟ ଦେଇ ନେବାକୁ କହିଲେ । ଆପଣ ଖାଇଦେଲେ ମୁଁ ଯାଇ କହିବି ଏବଂ ତାଙ୍କୁ କଛି ଖାଇବାକୁ କହିବାକୁ ସୁଯୋଗ ମିଳଯିବ । ସେ ବି ସକାଳଠାରୁ କଛି ଖାଇ ନାହାନ୍ତି । ଆସିଲା ଠାରୁ ଅପରେସନ୍ ଥିଲା । ବାସ୍ ତା ପରେ ଆପଣମାନଙ୍କ ଇଣ୍ଟରଭ୍ୟୁ ଦିନ ଆସି ତିନଟା ବାଜିଲାଣି । ପାଣି ବି ଫେରାଇଦେଲେ । ବହୁତ କଷ୍ଟ ଥିଲା ପରି ଲାଗୁଛନ୍ତି । ଗୋଟେ ଗୀତ ଶୁଣୁଛନ୍ତି ।

ଠିକ୍ ଅଛି ମାଡାମ୍ । ମୁଁ ଆସୁଛି**.....?**

ହଉ ... ଅଞ୍ଜନା କହିଲା । ସବୁ କାଗଜପତ୍ର ଠିକ୍ ଅଛି କି ନାହିଁ ଦେଖି ଚା ଓ ସ୍ନାକସ୍ କୁ ନେଇ ଡାକ୍ତର ଅମନଙ୍କ ଚ୍ୟାମ୍ବରକୁ ଅଞ୍ଜନା ଗଲା । ନିଜେ କବାଟ ଖୋଲି ବିନା ଅନୁମତିରେ ଗୀତକୁ ବନ୍ଦ କରିଦେଲା ।

ସମୀର ...., କାହିଁକି ବନ୍ଦ କଲୁ, ଚିତ୍କାର କରି ଉଠିଲେ?

ବୁଲିପଡି ଅଞ୍ଜନାକୁ ଦେଖି ଚୁପ୍ ହୋଇଗଲା ଅମନ ।

ସରି ସାର୍, ମୋର ଭୁଲ ହୋଇଯାଇଛି । ଅଞ୍ଜନା ଡରୁଆ ହରିଣୀ ପରି କହି ଗୋଟାଏ କୋଣକୁ ଆଉଜିଗଲା । ଅଞ୍ଜନାକୁ ଦେଖି ବିଶ୍ୱାସ କରିପାରିଲାନି ଅମନ । ସ୍ୱପ୍ନ ଦେଖୁନି ତ । ଅଞ୍ଜନା କହି ଚାଲିଥାଏ । ମତେ କ୍ଷମା କରିଦିଅନ୍ତୁ ସାର୍ । ମୁଁ ଆପଣଙ୍କୁ କିଛି ନଜାଣି ଅନେକ କଥା କହିଦେଇଛି । ମୁଁ ଆପଣଙ୍କ ପାଦ ଧରୁଛି ଦୟାକରି ଖାଇ ଦିଅନ୍ତୁ ।

ଠିକ୍ ଅଛି! ତୁମେ ଏବେ ଆସିପାର, ଅମନ କହି ଚେୟାରରେ ବସିପଡିଲେ କିଛି କାମର ବାହାନା କରି କରି । କଣେଇ କଣେଇ ଚାହୁଁଥିଲେ ଅଞ୍ଜନାକୁ । ଅଞ୍ଜନା ଧୀରେ ଧୀରେ ଆସି ଅମନଙ୍କ ପାଦ ଧରି ନେଲା । ସରି ସାର୍ ମୋତେ କ୍ଷମା କରିଦିଅନ୍ତୁ । ପ୍ଲିଜ୍ I... ...

ନିଜ ହାତରେ ଅଞ୍ଜନାଙ୍କୁ ଉଠେଇ ନେଇ କହିଲେ, ମୋର ବି କିଛି ଭୁଲ୍ ଅଛି । ମୋତେ କ୍ଷମା କରିଦିଅ । ମୋ ଗୋଡ ଧରିବା କିଛି ଆବଶ୍ୟକ ନାହିଁ । ଅମନଙ୍କ ଆଖିରେ ଲୁହ ଯାକ ଆସିଲା । ଜୋର କରି ଅଞ୍ଜନା ଅମନଙ୍କ ହାତ ଧରିଥାନ୍ତି । ଅମନ ବି ଅଞ୍ଜନାକୁ ବିକଳ ଚାହାଣୀରେ ଅନେଇ ରହିଥାନ୍ତି । ଦୁଇଜଣ ଦୁଇଜଣଙ୍କୁ ଆଖିରେ ଶବ୍ଦହୀନ ଭାଷାରେ କଥା ହେଉଥାନ୍ତି । ଅମନ ବି ଅଞ୍ଜନାଙ୍କ ପାଖକୁ ଲାଗି ଆସିଥାନ୍ତି । ଯୌବନର ମଳୟ ଯେମିତି ଦୁଇଜଣଙ୍କୁ ବନ୍ଦୀ କରିଦେଇଛି । ପ୍ରୀତିର କୁହୁଡିରେ ହଜିଯାଇଛନ୍ତି ସେମାନେ । ହଜାଇ ଦେଇଛନ୍ତି ନିଜତ୍ୱକୁ । ପ୍ରେମର ଫଗୁଣ ଯେମିତି ଅନେକ ରଙ୍ଗ ଧରି ଓହ୍ଲାଇ ପଡିଛି । ବସନ୍ତର ଛୁଆଁରେ ଶୀତେଇ ଉଠୁଛି ଦୁଇଜଣଙ୍କ ଓଠ ଅଗଣା । ତରଙ୍ଗାୟିତ ହେଉଛି ଫୁସଫୁସ୍ ର ମଳୟ ଶବ୍ଦ ସବୁ । ଯେମିତି ଲାଗୁଥିଲା ବହୁଦିନର ମିଳନ ଯେମିତି ଶୋଷିତ

ହୋଇଯାଇଛି । ରାଧାକ୍ରିଷ୍ଣାଙ୍କ ପବିତ୍ରତା ଫୁଟିପଡିଛି । କେଦାର ଗୌରୀର ଚନ୍ଦ୍ର ଆଙ୍କିହୋଇ ଯାଇଛି । ଡାକ୍ତର ରେଖା କବାଟ ଠକ୍ ଠକ୍ କଲେ ।

ମୁଁ ଭିତରକୁ ଆସିପାରେ କି**?**

ଚମକି ପଡିଲେ ଦୁଇ ଜଣ, ଦୂରେଇ ଗଲେ ନିଜ ପାଖରୁ ।

ହଁ ହଁ ମାଡାମ, ଆସନ୍ତୁ । ଅମନ କହିଲେ ଅଞ୍ଜନାଙ୍କୁ ଦେଖାଇ, ତୁମେ .... ନମସ୍କାର କର । ଅଞ୍ଜନା ଗୋଡ ଧରି ପ୍ରଣାମ କଲେ ।

ଆଚ୍ଛା ତା ହେଲେ ଆଜି ଆପଣଙ୍କୁ ଏହି ତରୁଣୀଟି ଅନ୍ୟମନସ୍କ କରିଥିଲା ନିଶ୍ଚୟ । ଚୁପି ଚୁପି ହସ ଝରିପଡୁଥିଲା ଅମନଙ୍କ ଓଠରୁ । ଅଞ୍ଜନା ଲଜରେ ରୁମ ବାହାରକୁ ପଳାଇ ଆସିଲା ।

କଣ ଅମନ ସାର୍**?** ଡାକ୍ତର ରେଖା ଅମନବାବୁଙ୍କୁ କହିଲେ । ଆଗେଇ ଯାଆନ୍ତୁ । ଡେରି କରନ୍ତୁନାହିଁ ସାର୍ । ଭୋଜିଟା ଦେବାକୁ ଜମାରୁ ଭୁଲିବେନାହିଁ ।

ହା ହା ହା ହା .... ।

ଚାଲିଗଲେ ରେଖା ମାଡାମ୍ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

# ସନ୍ଧ୍ୟା ପରିବେଶ



ସରୋଜ କୁମାର ସାହୁ

କି ସୁନ୍ଦର ଦିଶେ ସନ୍ଧ୍ୟା ପରିବେଶ
ଗାଈଗୋଠ ସାଥେ ଧୂଳି
ପକ୍ଷୀ ଫେରୁଥାନ୍ତି ନୀଳ ଆକାଶରେ
ଶାବକର ସାଥେ ଖେଳି ।
ପାହାଡ କୋଳରେ ସୁରୁଜ ଲୁଚଇ
ରକ୍ତିମ ଆଭ୍ର ବେଶେ
ନାଲି ପାଟଶାଢୀ ପିନ୍ଧିକି ଧରଣୀ
କ୍ଷଣିକରେ ମନ ତୋଷେ ।
ଗ୍ରାମଦେବତୀଙ୍କ ମନ୍ଦିର ପ୍ରାଗଣେ
ଶୂଭେ ଶଙ୍ଖନାଦ ଧ୍ୱନି
ହୋଇଣ ଏକତ୍ର କରନ୍ତି ପ୍ରାଥର୍ନା
ଗରୀବ କି ଅବା ଧନୀ ।
ଘର ଅଗଣାର ବୃନ୍ଦାବତୀ ମୂଳେ
କୂଳବୋଧୂ ଜାଳି ଦୀପ
ଶୁଭ ମନାସଇ ଘର ସ୍ୱାମୀଙ୍କର
ଧୋଇଯାଉ ସବୁ ପାପ ।
ଚନ୍ଦନ କର୍ପୁର ଘଣ୍ଟ ମାଜଣାରେ
ମହମହ ବାସେ ଘର
ଅନ୍ଧାରକୁ ଭେଦି ଦିଶଇ ସୁନ୍ଦର
ପ୍ରଜ୍ୱଳିତ ଆଲୋକର ।
ଚଷାପୁଅ ଫେରେ ପାଖ ଗହୀରରୁ
ହଳ ଲଙ୍ଗଳକୁ ଧରି
ଦିନ ମଜୁରିଆ ଫେରନ୍ତି ସଙ୍ଗତେ
ନିଜ ନିଜ ମୂଲ କରି ।
କୋଠଘରେ ଶୁଭେ ଭଜନ କର୍ତ୍ତନ
ଢୋଲ ଖଞ୍ଜଣିର ତାଳେ
ନିରବତା ସାଥେ ଘୋଟିଆସେ ରାତ୍ରି
ପ୍ରକୃତିର ଏଇ କୋଳେ ।

ଆଠଗଡ, କଟକ

# ଲଣ୍ଡା ପାହାଡ଼



ପ୍ରକାଶ ଚନ୍ଦ୍ର ପ୍ରଧାନ

ଦେଖିଥିଲି ଦିନେ ରହିଥିଲୁ ଭରି
ସବୁଜିମାରେ ତୋ ବକ୍ଷ
ଶ୍ରୀହୀନ ଜରଜିତ ଦିଶୁଛି ଏବେ
କେ ହରିନେଲା ତୋ ବସ୍ତ୍ର ।

ତୋରି ପାଦର ପାହୁଡ ସାଜି
ରୁଣୁଝୁଣୁ ଗାଇ ଗୀତ
ବହୁଥିଲା ଦିନେ କୁଳୁକୁଳୁ ନାଦେ
ସ୍ୱଚ୍ଛ ନିର୍ମଳ ନୀର ।

ନକ୍ସଜିତେ ହେଉଥିଲା ମୁଖରିତ
ତୋ ସବୁଜ ତଟ ଦେଶ
ଆଜି କନ୍ତୁ ନସ୍ତବ୍ଧ କରୁଛି ରାଜତ୍ୱ
ସ୍ୱପ୍ନ ତହିଁ ସ୍ନିଗ୍ଧ ବେଶ ।

ଶୋଭାର ଭବନ ଥିଲୁ ଦିନେ
ତୋହର ରମ୍ୟ ଉପବନେ
ସଲିଳ ସମୀର ଢାଳ ଦେଉଥିଲେ ପ୍ରୀତି
ତହିଁ ନିର୍ମଳ ମନେ ।

ଧ୍ୱଂସ ପ୍ରାୟ ଲୁପ୍ତ ପ୍ରାୟ ଏବେ ତୋର
ସ୍ୱର୍ଗୀୟ ସୁଷମା ଭଣ୍ଡାର
ଲଣ୍ଡା ହୋଇ ଯାଇଛି ରହି ଭଗ୍ନ ତନୁ
ଶିଳାର ଏକ ଭୂମିରୂପ ।

ଶୁଷ୍କ ନୀରସ ବନ୍ଧୁର ଶିଳା
ଧୂସର ବର୍ଣ୍ଣରେ ହୋଇଛି ଉଭା
ହରଷ ବଦନ ଦିଶଇ ବିରସ
ମଳନ ପଡିଛି ପୂର୍ବ ଆଭା ।

ତୁଷୁରା, ବଲାଙ୍ଗୀର

# ଦେଖ ଦେଖ ଆରେ ସଙ୍ଗାତ

ଜୟନ୍ତୀ ଦେବୀ

ଦେଖ ଦେଖ ଆରେ ସଙ୍ଗାତ ଦେଖ ବଡ ଦେଉଳେ
କପରି ବସିଛି କହ୍ନାଇ ଭାଇ ଭଉଣୀ ମେଳେ ।୧।
ଗରୁଡ ପଛରୁ ଦେଖ ଗୋ ସହି ଦିଶେ କେମନ୍ତ
ରତନ ବେଦୀରେ ଦର୍ଶନ କର କମଳାକାନ୍ତ ।୨।
ଆଡପ ମଣ୍ଡପେ ଗ୍ବହଁ ଗୋ ଦିଶେ କେମନ୍ତ ତୋର୍
ଛତିଶା ନିଯୋଗୀ ଅଟନ୍ତି ନତି ପାଦରେ ପର୍ ॥
ବସିଅଛି ଛପନ ଭୋଗୀ ତାର ଭୁଜ ମେଲାଇ
ଭକତମାନଙ୍କୁ ଡାକୁଛି କୋଳାଇ ନେବାପାଇଁ ।୪।
ମଣିମା ମଣିମା ଶୁଭୁଛି ଲାଗେ ବଡ ଗହଳ
ଆନନ୍ଦ ବଜାର ଭିଡକୁ କିଏ ପାରିବ କଳ
ଚଣ୍ଡାଳୁ ବ୍ରାହ୍ମଣ ଭୁଞ୍ଜନ୍ତି ତାର କୈବଲ୍ୟ ଥୋକେ
କଳପ ବଟର ଛାଇରେ ଥୋକେ ବସନ୍ତି ଲୋକେ ।୬।
କମଳା ବିମଳା ମନ୍ଦିରେ ଚଳଯାଅ ସଜନୀ
ରୋହିଣି କୁଣ୍ଡ ଦରଶନ କର ବେଢାରେ ପୁଣି ।୭।
ମୁକତି ମଣ୍ଡପେ ଦେଖ ଗୋ ହେଉଅଛି ବିଗ୍ବର
କେତେ ଲଗାଇଛୁ ଛଟକ ତହିଁ ଶ୍ରୀରମା ବର ।୮।
ପତିତପାବନ ବାନାକୁ ଅନା ଅନାରେ ସହି
ବାଇଶି ପାହାଚେ ଭକ୍ତଙ୍କୁ ଡାକୁଅଛି କ ରହି ।୯।
ଷାଠିଏ ପଉଟି ହେଉଛି ପାକ ରୋଷ ଘରରେ
ବରଷକେ ଖାଲି ପଡୁଛି ଥରେ ରଥଯାତ୍ରାରେ ।୧୦।

ବଡ ଦାଣ୍ଡରେ ତିନ ରଥ ଗ୍ଳେ ଘୋଷ ଯାତରେ
ତାଳଧ୍ୱଜେ ଶୋଭି ପାଆନ୍ତି ପ୍ରଭୁ ଶ୍ରୀହଳପାଣି
ଦେବଦଳନ ଗ୍ଳେ ମଧ୍ୟେ ଯହିଁ ଭଦ୍ରୀ ଭଉଣୀ ।୧୨।
ତିନିରଥେ ତିନ ବସନ୍ତି ମାଉସୀ ଘର ମୁଖେ
ରେଷ କରନ୍ତି ମହାଲକ୍ଷ୍ମୀ ଦଶ ଦିବସ ଦୁଖେଃ ।୧୩।
ପୁରୁଷୋତ୍ତମ କ୍ଷେତ୍ର ବରେ ଶମନ ଅଧିକାର
ନାହିଁ ଯହିଁ ବିଜୟ କରିଛନ୍ତି ଶ୍ରୀ ଚକ୍ରଧର ।୧୪।

ମାର୍ଫତ୍ - ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

# ବାପା



ବୀରକିଶୋର ନାୟକ

ମଶାଣିରେ ବାପାଙ୍କର ଜୁଇ ଜଳୁଥିଲା, ଜୁଇ ପାଖରେ ଛିଡା ହୋଇଛି ପୁଲକ, ଆଖିରୁ ତାର ବହି ଚାଲିଛି ଲୁହର ଧାର । ଭାବୁଥିଲା ସେ ଆଜି ବାପଛେଉଣ୍ଡ ହୋଇଗଲା । ଆଉ କିଏ ଅଛି ତାର ଭଲରେ ମନ୍ଦରେ ବାଟ କଢ଼ାଇବ, ବିପଦ ଆପଦରେ ସାହା ହେବ । ଆଜିଠାରୁ ସିଏ ଏକା ହୋଇଗଲା ଦୁନିଆରେ । ଜୁଇ ହୁତହୁତ ହୋଇ ଜଳୁଥିଲା, ମଶାଣୀର ନିଶବ୍ଦତା ଭୟଙ୍କର ହୋଇ ଉଠୁଥିଲା । ଭୟ ଲାଗୁଥିଲା ପୁଲକକୁ । ଶବ ସତ୍କାର ପାଇଁ ଆସିଥିବା ଆତ୍ମୀୟମାନଙ୍କ ପାଖକୁ ଲାଗି ଛିଡାହେଲା ସେ ।

ପୁଲକ, ବୟସ ମାତ୍ର ପନ୍ଦର କି ଷୋହଳ ହେବ । ଏକମାତ୍ର ସନ୍ତାନ ସିଏ ତା ବାପାଙ୍କର । ତାକୁ ଜନ୍ମଦେଇ ତା ମାଆ କୁଆଡେ ଆର ପାରିକୁ ଚାଲି ଯାଇଥିଲା । ଦେଖିନି ସିଏ ଜୀବନରେ ତା ମାଆର ମୁହଁ, ବହୁତ ସ୍ନେହୀ କୁଆଡେ ଥିଲା ସିଏ, ବାପା କୁହନ୍ତି । ମାଆର ମୃତ୍ୟୁ ପରେ ବାପା ଆଉଥରେ ବିବାହ କରିନଥିଲେ, ଜେଜେ, ଜେଜେମା ବହୁତ ବାଧ୍ୟ କରିଥିଲେ ତାଙ୍କୁ ଦ୍ୱିତୀୟ ବିବାହ ପାଇଁ କୁଆଡେ, ହେଲେ ବାପା ରାଜି ହୋଇନଥିଲେ, କହିଥିଲେ, ଆଉଥରେ ବାହାହେଲେ ମୋ ପୁଅ ଅବହେଳିତ ହେବ, ସାବତ ମାଆ କେବେ କଣ ପୁଲକକୁ ନିଜର କରିପାରିବ, ସେଇ ପୁଅ କେବଳ ମୋତେ ଖୁସି ଦେବ, ସେଇଥିପାଇଁ ତା ନାମ ପରା ମୁଁ ପୁଲକ ରଖିଛି । ଜେଜେ, ଜେଜେ ମାଆ ବି ବଞ୍ଚିନଥିଲେ ବେଶିଦିନ, ମରି ଯାଇଥିଲେ ତା ମାଆକୁ ଝୁରୁଝୁରି କୁଆଡେ । ସେଇଦିନଠାରୁ ତା ବାପା ହିଁ ତାର ସବୁ ଦାୟିତ୍ୱ ନିଅନ୍ତି, ରାତି ଥାଉ ଥାଉ ଉଠି ଘର କାମ ସବୁ ନିଜେ କରନ୍ତି, ରୋଷେଇ ବାସ ସାରି କଣ ଗଣ୍ଡେ ଖାଇ, ମୋତେ ଖୁଆଇ ପଡିଶା ଘରେ ମୋତେ ଛାଡି କ୍ଷେତକୁ ଚାଲି ଯାଆନ୍ତି ସିଏ କାମ କରିବାକୁ । ନିତିଦିନିଆ କାମ ଏସବୁ ତା ବାପାଙ୍କର ।

ଜୁଇ ଜଳିସାରିଥିଲା ସେତେବେଳକୁ, ଘରକୁ ଫେରିଆସିଲେ ସମସ୍ତେ ମଶାଣିରୁ । ପୁଲକ ଅନୁଭବ କରୁଥିଲା, ଯେମିତି ସିଏ ତାର ସର୍ବସ୍ୱ ହଜାଇଦେଇ ଆସିଲା ମଶାଣିରେ ।

ଜନ୍ମବେଳରୁ ହିଁ ଅସୁସ୍ଥ ସବୁବେଳେ ପୁଲକ, ଦୁର୍ବଳ ଶରୀର, କେତେ କେତେ ଡାକ୍ତରଙ୍କୁ ତାକୁ ଦେଖାଇଛନ୍ତି ତାର ବାପା, ହେଲେ ସେ କେବେ ଭଲ ହୋଇପାରି ନଥିଲା | ତା ବାପା ସବୁବେଳେ କହନ୍ତି, ତୁ ଜିଇ ବଞ୍ଚି ରହ, ସେତିକରେ ମୁଁ ଖୁସି |

ତାର ଅସୁସ୍ଥତା କନ୍ତୁ ଦିନକୁ ଦିନ ବଢିଚାଲିଥିଲା, ଟଙ୍କା ପଇସା ଯୋଗାଡ଼ କରି ତା ବାପା ନେଇ ଯାଇଥିଲେ ବଡ଼ ଡାକ୍ତର ଖାନାକୁ, କଟକକୁ | ଡାକ୍ତର କହିଲେ, ମୋର ଦୁଇଟାଯାକ କଡ଼ନୀ କୁଆଡେ ନଷ୍ଟ ହୋଇଯାଇଛି, ଆଉ ବଞ୍ଚିବା ସମ୍ଭବ ନୁହେଁ | ସେଦିନ ବାପାଙ୍କ ମୁଣ୍ଡରେ ବଜ୍ର ଖସିପଡ଼ିଥିଲା ଯେମିତି | ଡାକ୍ତରଙ୍କୁ ପରାମର୍ଶ କରି ତାଙ୍କ ଦେହରୁ ଗୋଟେ କଡ଼ନୀ କାଢି ମୋ ଦେହରେ ଲଗାଇ ଦେଲେ | ମୁଁ ସିନା ଭଲ ହୋଇଗଲି, ହେଲେ ମୋ ବାପା ସେଇଦିନଠାରୁ ଅସୁସ୍ଥତା ଅନୁଭବ କଲେ, ଆଉ ଆଗପରି କ୍ଷେତରେ କାମ କରିପାରିଲେନ | ଧିରେ ଧିରେ ଅଭାବ ମଧ୍ୟ ମାଡିଆସିଲା | ସବୁ ବୁଝିପାରିଥିଲା ସିଏ ସେତେବେଳେ, ହେଲେ ଏତେ ଛୋଟ ହୋଇ କଣ ବା ସାହାଯ୍ୟ କରିପାରିଥାନ୍ତା ସିଏ ତାର ବାପାଙ୍କୁ | କଛି ବି କରିପାରିଲାନ ତା ବାପାଙ୍କ ପାଇଁ ସିଏ | ଶେଷରେ ରୋଗ ଆଉ ଅଭାବରେ ପଡି ମରିଗଲେ ସିଏ | ଦିନେ ଦିନେ କହନ୍ତି, ମୋ ପାଇଁ ମୋର ଚନ୍ତା ନାହିଁରେ ପୁଲକ, ତୋରି କଥା ଭାବୁଛି ସବୁବେଳେ, ମୁଁ ମରିଗଲେ, ତୁ କେମିତି ବଞ୍ଚିବୁ, କଏ ସାହା ହେବ ତୋତେ ! ଭାବନା ସରୁ ନଥିଲା ପୁଲକର | ଭାବୁଥିଲା, ସେ ବି ଆଉ ବଞ୍ଚିପାରିବନ ତା ବାପାଙ୍କ ବିନା |ଏକ ଅଜଣା ଶୂନ୍ୟତା ଛାଇହୋଇ ଯାଉଥିଲା ଯେମିତି ତା ଚାରିପଟେ |

ହତାଶ ଆଖିରେ ଆକାଶକୁ ଚାହିଁଥିଲା ପୁଲକ, ଅନୁଭବ କରୁଥିଲା ଆକାଶରେ ଥାଇ ତା ବାପା ଯେମିତି ତାକୁ ଆଶ୍ୱାସନା ଦେଉଥିଲେ |

ଦୁଇ ଆଖିରୁ ଝରି ଆସୁଥିବା ଲୁହକୁ ପୋଛିଲା ପୁଲକ |

ଖଣ୍ଡବନ୍ଧ, ଢେଙ୍କାନାଳ

# ମାଆର ମମତା



ନିରୁପମା ପାଣି

ଘରେ ସବୁ ବେଳେ ଅଶାନ୍ତି ଲାଗି ରହିଲେ କିଏ ବା ଭଲରେ ରହିବ । ବାହାରୁ ଲୋକ ଖଟିଖଟି ଆସେ ଘରେ ଟିକେ ଶାନ୍ତିରେ ସମୟ କଟେଇବ ଲାଗି ହେଲେ ଏଇ ଯୋଉ ମାଆ ଆଉ ସ୍ତ୍ରୀ ଙ୍କର କଳଝଗଡା ପ୍ରତିଦିନ ଜୀବନକୁ ବ୍ୟତି ବ୍ୟସ୍ତ କରିଦେଇଥାଏ!! ପ୍ରାୟ ସବୁରି ପରିବାରର ଏମିତି ଘଟଣା ଘଟିଥାଏ!! ସ୍ତ୍ରୀ କହେ ତୁମ ମାଆ ଏମିତି କଲା ସେମିତି କଲା !! ମାଆ କହେ ତୋ ସ୍ତ୍ରୀ ହଇରାଣ କରୁଛି !! ଶେଷରେ ପୁରୁଷ ଲୋକଟି ଅଣନିଶ୍ୱାସୀ ହୋଇ ପଡେ!! ତା ମାନେ ନୁହେଁ ଯେ ସେ ଜାଣି ନଥାଏ କିଏ ଠିକ୍ କିଏ ଭୂଲ୍ ହେଲେ କହିପାରେନି କହିଲେ କଥା ବଡ ଆକାର ଧରିବ ଦାଣ୍ଡ ଲୋକ ଜାଣିବେ !! ଏମିତି ଏକ ଘଟଣା ଯାହା ଆଜିର ସମାଜକୁ କିଛି ଶିକ୍ଷା ଦବ ନିଶ୍ଚୟ!!

ବାପା ମରିଗଲା ପରେ ପୁଅଟିକୁ ମଣିଷ କରିବା ଲାଗି ମାଆ ଜଣକ ନିଜ ସୁଖ ଶାନ୍ତିକୁ ଜଳାଞ୍ଜଳି ଦେଇ ପୁଅର ଖୁସି ଭବିଷ୍ୟତ ଚିନ୍ତା କରନ୍ତି !! ପୁଅ ବୟସ ହେଲା ପରେ ପରିସ୍ଥିତିରେ ପଡି ମାଆର ସବୁ ତ୍ୟାଗ କୁ ଭୂଲି ବାକୁ ବାଧ୍ୟ ହୁଏ କାରଣ ସ୍ତ୍ରୀକୁ ଖୁସି ରଖିବାକୁ ପଡିବ!! ସମାଜ ର ଆଇନ୍ କାନୁନ୍ କେବଳ ସ୍ତ୍ରୀ ଲୋକଙ୍କ ଲାଗି ଉଦ୍ଦିଷ୍ଟ! ପୁରୁଷ ର କୌଣସି ଅଭିଯୋଗ କେହି ଶୁଣନ୍ତିନି ଦେଖନ୍ତିନି!! ଏଭଳି ପରିସ୍ଥିତିରେ ମାଆ କୁ ଘରେ ରଖିବାକୁ ବିଜୟ ଆଉ ଗୃହିଁଣୀର ବୟସର ଅପରାହ୍ନରେ ମଣିଷ ଭାବେ ଟିକିଏ ମମତା ସେବା ଆଦର ସେ ସବୁ ନହେଲା ନାହିଁ ପରିବାରରେ ଅଶାନ୍ତି ଅଣାୟତ ହୋଇ ପଡିଥିବାରୁ!! ଦିନେ ମାଆକୁ କହିଲା ଆସେ ତୀର୍ଥ କରିବାକୁ ଯିବା ବୟସ ହେଲାଣି!! ମାଆ ଭାବିଲା ସତ ବାହାରି ପଡିଲା ହେଲେ ଇଏ କଣ ତୀର୍ଥ ବଦଳରେ ଗାଆଁ ଘରେ ମାଆ ପୁଅ ପହଞ୍ଚିଲେ !! ମା କହିଲା କରେ ଏଇଟା କଣ ତୀର୍ଥ କ୍ଷେତ୍ର !! ପୁଅ ବୁଝେଇ ଦେଲା ତା ର

କଛି ଯୋଜନା ବିଷୟରେ ମାଆ ବି ଖୁସି! ପୁଅ ସକାଳୁ ଉଠି ଫେରିଗଲା ସ୍ତ୍ରୀ ପାଖକୁ !! ଖୁସି ହବାର ନାଟକ କଲା ମାଆକୁ ସବୁଦିନ ଲାଗି ଜରାଶ୍ରମରେ ଛାଡିଦେଇ ଆସିଲା!! ସ୍ତ୍ରୀର ଖୁସି କହିଲେ ନସରେ !! ପୁଅ ମାଆ ପାଖକୁ ଟଙ୍କା ପଇସା ନିୟମିତ ପଠାଉଥାଏ ମାଆର ଅସୁବିଧା ନହେବା ଲାଗି ଜଣେ ସ୍ତ୍ରୀ ଲୋକକୁ ଦାଇତ୍ୱ ଦେଇଥାଏ!! ମାଆବି ଶାନ୍ତିରେ ଗାଆଁରେ ରହିଥାଏ ହେଲେ ପୁଅଠୁ ଦୂରରେ ରହିବାର କଷ୍ଟ କାହାକୁ କହିପାରେନି କାରଣ ଝିଅ ଜନମ ସିନା ପରଘରକୁ ପୁଅ ଜନମ ତ ଝିଅ ଜନ୍ମଠୁ ଦୟନୀୟ ଆଜିର ସମୟରେ !!

ଏମିତି କଛି ଦିନ ପରେ ବିଜୟ ତା ସ୍ତ୍ରୀକୁ କହିଲା ମାଆ ଗଲା ପରେ ଆମେ କେତେ ଶାନ୍ତିରେ ଅଛନ୍ତି!! ସ୍ତ୍ରୀର ଖୁସି କହିଲେ ନସରେ !! ଠିକ୍ ଏମିତି ସମୟରେ ବିଜୟର ଶାଶୁ ଆସି ପହଂଚଲେ ଘରେ ପୁଅ ବୋହୁ ରଖିବାକୁ ଚାହୁଁ ନାହାନ୍ତି ଯିବେ କୁଆଡେ କହି !! ବିଜୟର ସ୍ତ୍ରୀ ଖୁସିରେ ମାଆ କୁ ଘର ଭିତରେ ନେଇ ରଖିଲା ହେଲେ ବିଜୟକୁ ଜମା ଭଲ ଲାଗୁନଥାଏ ବୁଢିର କାର୍ଯ୍ୟ କଳାପ!! ଝିଅକୁ ସବୁବେଳେ ଘର ଭଙ୍ଗା ଶିକ୍ଷା ଦେଉଥାଏ ବୁଢି!! ବିଜୟ ଶେଷରେ ତାଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଗାଆଁରେ ଆସି ମାଆ ପାଖରେ ରହିଲା!! ଛଅମାସ ଛୁଟି ନେଇ !! ମାଆ ପୁଅ ବେଶ୍ ଖୁସିରେ ରହିଥାଆନ୍ତି !! ବିଜୟ ତା ସ୍ତ୍ରୀକୁ ଖର୍ଚ୍ଚ ପଠେଇ ଦେଉଥାଏ । କଛି ଦିନ ଗଲା ପରେ ସେ ଆସି ଗାଁରେ ପହଞ୍ଚିଲା ବିଜୟକୁ ନେବାଲାଗି । ବିଜୟ ଗ୍ରେକ୍ ଠୋକ୍ ଜଣେଇଦେଲା ପଇସା ଲୋଭରେ ବାହା ହୋଇଥିବା ସ୍ତ୍ରୀ ଲାଗି ମାଆ ର ମମତାକୁ ଅସ୍ୱୀକାର କରି ଯେତିକି ଭୂଲ୍ କଲିଣି ଆଗକୁ ଆଉ କରିବିନି!! ସେଠାରୁ ସ୍ତ୍ରୀକୁ ବିଦା କରିଦେଲା!! ଝିଅ ଜ୍ୱାଇଁ ଙ୍କ ଘର ଭାଙ୍ଗିବା ଦେଖି ବିଜୟର ଶାଶୁ ନିଜେ ନିଜେ ଫେରିଯାଇ ନିଜଘରେ ପୁଅ ବୋହୁଙ୍କୁ ଭୂଲ୍ ମାଗି ଆଗ ଭଳି ରହିଲେ!! ଉପାୟ ନପାଇ ବିଜୟର ସ୍ତ୍ରୀ ଶାଶୁର ପାଦ ଧରି ଭୂଲ୍ ମାଗି ନିଜର ଭୂଲ୍ ସ୍ୱୀକାର କଲା ବୁଢି ଶେଷରେ ବିଜୟକୁ କହିଲେ ବୋହୁ ସଙ୍ଗେ ଚାଲିଯିବାକୁ !! ସେ ଗାଆଁ ରେ ଖୁସିରେ ଅଛନ୍ତି ରହିବେ!! ହାତ ଗୋଡ ଚାଲୁଥିବା ଯାଏ!! ବିଜୟ ମାଆର କଥାମାନି ସହର ଯାଇ କର୍ମକ୍ଷେତ୍ରରେ ଯୋଗ ଦେଲା ହେଲେ ସବୁବେଳେ ମାଆ ସଂଗେ ସମ୍ପର୍କ ରଖିଥାଏ ଭଲ ମନ୍ଦ ବୁଝେ !! ମାଆ ବି ପ୍ରତେକ ଦିନ ପୁଅ ସଙ୍ଗେ କଥା ହୋଇ ଖୁସି ହୁଏ!!

ଆଜିର ସମାଜରେ ପ୍ରତ୍ୟକ ଝିଅ ଭଲ ଲୋକ ମାନେ ଝିଅଙ୍କୁ ବେଶି ଗୁରୁତ୍ୱ ଦେଉଛନ୍ତି କାରଣ ଝିଅମାନେ ଶହେରୁ ନବେଜଣ ବାହାହେଲାପରେ ଶାଶୁ ଶ୍ୱଶୁରଙ୍କୁ ଜରାଶ୍ରମ ବା ଗାଆଁରେ ଥିବା ପୁରୁଣା ଘରେ ଛାଡି ନଜ ମାଆ ବାପାଙ୍କୁ ସାଙ୍ଗରେ ରଖୁଛନ୍ତି !! ଯଦି ଗୋଟେ ଝିଅ ଭଲ ତା ଶାଶୁ ଜରାଶ୍ରମରେ କାହିଁକ ଲୁହ ଗଡାଉଚ !! ଜରାଶ୍ରମରେ କେତେଟା ମୁର୍ଖ ଅଶିକ୍ଷିତ ଗରିବ ର ମାଆ ରହୁଛନ୍ତି !! ବୋହୁ ମାନଙ୍କ ଉପଦ୍ରବରେ ଯେଉଁ ଶାଶୁ ମାନେ ଜରାଶ୍ରମରେ ରହୁଛନ୍ତି ସେମାନଙ୍କ ବୋହୁ ପଣିଆକୁ ଶତଧୀକ !!

ଗୃନ୍ଦବାଲି, ଭଦ୍ରକ

# ପୁଅ ଝିଅ ସବୁ ସମାନ



ଜଗନ୍ନାଥ ରଥ

ପୁଅଟିଏ ନାହିଁ ବୋଲି...
ମାଆ କହୁଛି...ଝିଅକୁ..
ବଡ଼ ବାପାଙ୍କ ପୁଅକୁ ଡାକେ
ମୁଖାଗ୍ନି ଦବ ତୋ ବାପାଙ୍କୁ..

ପୁଅଟିଏ ଥିଲେ
ଦେଇଥାନ୍ତା ପିଣ୍ଡ
କରିଥାନ୍ତା ଶ୍ରାଦ୍ଧ, ତର୍ପଣ
ପୁଅ ନାହିଁ ବୋଲି
ମାଆ ମନ ଦୁଃଖ
ଝିଅ କ କରିବ ତର୍ପଣ..

ପୂଜା ଟିଏ ପାଇଁ ବ୍ରାହ୍ମଣଟେ ଲୋଡ଼ା
ବ୍ରାହ୍ମଣଙ୍କୁ ଖୋଜା ପଡ଼ିଛି
ପୂଜା ପାଠ କଥା ଜାଣିଥିଲେ ସୁଦ୍ଧା
ବ୍ରାହ୍ମଣୀଙ୍କୁ କଏ ଡାକୁଛି..

ଥରେ ଭାବିଲେ...
ସ୍ୱାଧୀନ ଭାବେ ସବୁ କରିବାର
ଝିଅଙ୍କୁ ମିଳୁଛିକି ସେ ସମ୍ମାନ..
ନା..!
ତୁଚ୍ଛାଟାକୁ ଏଠି ଲୋକେ କହୁଛନ୍ତି
ପୁଅ ଝିଅ ସବୁ ସମାନ....

ଘୁ.ଉଦୟଗିରି, କନ୍ଧମାଳ

# ଶେଷ ସମୟରେ



ମେନନ୍ ସାହୁ

ମୋର ଶେଷ ସମୟରେ
ଯେତେବେଳେ ମୁଁ ଏ ପୃଥିବୀ ଛାଡୁଥିବି
ସେତେବେଳେ ଇଶ୍ବରଙ୍କୁ ପ୍ରାର୍ଥନା କରୁଥିବି
ତୋର ହସ ହସ ମୁହଁ ମୋ ଆଖିରେ ନାଚ ଉଠୁ
ତୋର ରାଗ, ରୁଷା, ଅଭିମାନ ମୋର ମନେପଡୁ
ତୋ ସ୍ନେହ, ପ୍ରେମ, ଭଲପାଇବା ମୋ ହୃଦୟେ ବସୁ
ତୋ କଥା କହିବା ତୋ ଗୀତ ଗାଇବା
ତୋ ଫୁଲ ତୋଳିବା ତୋ ପୂଜା କରିବା
ତୋ ଚକଲେଟ୍ ଖାଇବା ତୋ ପାଣି ପିଇବା
ତୋ ରାତିର ଶୋଇବା ତୋ ସକାଳର ଉଠିବା
ତୋ ରାସ୍ତାରେ ଚାଲିବା ମୋ ଗାଡିରେ ବୁଲିବା
ତୋ ଓଠର ହସ ତୋ ଆଖିର ଲୁହ
ତୋ ମନର ଦୁଃଖ ତୋ ହୃଦୟର ସୁଖ
ତୋ ବେଣୀ ବାନ୍ଧିବା ତୋ ଗଜରା ଲଗାଇବା
ତୋ ବର୍ଷାରେ ଭିଜିବା ତୋ ଡଙ୍ଗା ଭସାଇବା
ତୋ କବିତା ଲେଖିବା ତୋ ଉପନ୍ୟାସ ପଢିବା
ପ୍ରଥମ ଦେଖାର ପ୍ରଥମ ସ୍ମୃତି ଠାରୁ
ଶେଷ ଦେଖାର ଶେଷ ସ୍ମୃତି ଯାଏଁ
ବହିର ଗୋଟିଏ ପରେ ଗୋଟିଏ ପୃଷ୍ଠା ଯେପରି ପଲଟି ପଲଟି ଯାଏ
ଠିକ୍ ସେହିପରି ଆମର ପ୍ରତ୍ୟେକ ସ୍ମୃତି
ମୋ ଆଖି ଆଗରେ ପୁସ୍ତକର ପୃଷ୍ଠା ପରି
ପଲଟି ପଲଟି ଯାଉ ।

ଢେଙ୍କାନାଳ

# ସ୍ୱାମୀ ହେବତ ଏମିତି



ପ୍ରଶାନ୍ତ କୁମାର ନାଥ

ଅମ୍ବିକାର କ୍ୟାମେରାକୁ ଭାରିଡର । କିନ୍ତୁ ମନରେ ଆଶା ହେରୋଇନଟେ ହେବାପାଇଁ । ବିନା କ୍ୟାମେରାକୁ ସାମ୍ନାକରି କିଏବା କେମିତି ହିରୋଇନଟେ ହେବ । ଏମିତି ଝିଅବେଳରୁ ମନରେ ଆଶା ବାନ୍ଧିବାନ୍ଧି ସବୁ ଆଶାକୁ ସେ ବିବାହ ବେଦିରେ ମାରିଦେଇଥିଲା । ଯେଉଁ ଆଶା ଟିକକ ସେ ଝିଅବେଳେ ପୁରଣ କରିପାରିଲାନି ବାହା ହେଲାପରେ ଆଉବା କେମିତି ସେହି ଆଶାଟିକକୁ ବଞ୍ଚେଇ ରଖିଥାନ୍ତା ।

ଥରେ ଚାନ୍ସ ପାଇଥିଲା ଯେ ତାକୁ କାମରେ ଲଗେଇ ପାରିଲାନି । କ୍ୟାମେରା ସାମ୍ନାକୁ ଆସିବାମାତ୍ରେ ତାର ଦେହ ଥରିବାକୁ ଲାଗିଲା । ସବୁ କଥାଗୁଡିକୁ ଖନେଇ ଖନେଇ କହିଲା । ଦୁଇଚାରି ଟେକ ନେଲାପରେ ଯେତେବେଳେ ସମ୍ଭବ ନହୋଇ ପାରିଲା ବାଧହୋଇ ତାକୁ ରିଜେକ୍ଟ କରା ଯାଇଥିଲା ।

ଯେତେବେଳେ ସ୍ୱାମୀ ଦିନେ ଏକଥା ଜାଣିଲେ, ନିଜ ସ୍ତ୍ରୀର ସେହି ଆଶାଟିକକ ପୁରଣ କରିବାପାଇଁ ସେ ଲାଗିପଡିଲେ । ସେ ଅମ୍ବିକାକୁ ବହୁତ ଭଲ ପାଉଥିଲେ । ଟଙ୍କାପଇସା କେଉଁଥିରେ କମି ନଥିଲା ତାଙ୍କର । କିନ୍ତୁ ସେ କେମିତି ନିଜ ସ୍ତ୍ରୀକୁ ହିରୋଇନ ବନେଇ ପାରିବେ । ସେମିତିରେତ ସେ କ୍ୟାମେରାକୁ ଦେଖିଲେ ଥରୁଛନ୍ତି । ଏହା କେମିତି ସମ୍ଭବ ହୋଇପାରିବ ।

ଦିନେ ସେ ଅମ୍ବିକାକୁ ପଚାରିଲେ ତୁମେ ବିନା କ୍ୟାମେରାରେ ଆକ୍ଟିଂ କରିପାରିବ । ଅମ୍ବିକା କହିଲା ନିଶ୍ଚିତ, ମୁଁ ନିଜେମଧ୍ୟ ଜାଣିପାରେନା କ୍ୟାମେରାକୁ ଦେଖିଲେ କାହିଁକି ଏତେ ନର୍ଭସ ହୋଇଯାଏ ।

ଦିନେ ସେ ଭାବିଲେ ନିଜ ସ୍ତ୍ରୀକୁ ନେଇ ଗୋଟାଏ ଟେଲିଫିଲ୍ମ କରିପାରିବେ ସେ । ତାପରେ ତାଙ୍କ ବଗିଚାଟି କେଉଁ ଷ୍ଟୁଡିଓଠାରୁ କମ ନଥିଲା । ସେ ଦେଖନ୍ତି ଅମ୍ବିକା ଅନେକ ସମୟରେ

ନଜ ବଗିଗ୍ଭକୁ ଯାଇ ଲୁଚଲୁଚ ଅଭିନୟ କରନ୍ତି । ସେ ଅନେକ ସମୟରେ ଲୁଚଲୁଚ ଦେଖିଛନ୍ତି । ତାଙ୍କୁଲାଗେ ଅମ୍ବିକା କୌଣସି ହିରୋଇନଠାରୁ କମ ନୁହନ୍ତି ।

ଦିନେ ସେ ନଜ ବଗିଗ୍ଭରେ ଏକ ଡ୍ରୋଣ କ୍ୟାମେରା ଲଗେଇଦେଲେ । ଅମ୍ବିକା ପଗ୍ଭରିବାରୁ କହିଲେ ଏହା ଏକ ଖେଳନା ଉଡାଯାହାଜ । ମୋର ପିଲାଟିବେଳରୁ ଇଛାଥିଲା ଉଡାଜାହାଜ ଚଲେଇବା । ପାରିଲିନ, ସେଇଥିପାଇଁ ଏହିପରି ମୋଟର ଉଡାଯାହାଜରେ ନଜର ମନକୁ ବୁଝେଇ ଦେଉଛି । ଅମ୍ବିକା ଟିକେ ହସିଦେଇ କହିଲା ହଁ ତୁମେ ଦିନକୁଦିନ ଆହୁରି ଛୋଟକୁଆ ହୋଇଯାଉଛ ।

ଅମ୍ବିକା ସବୁ ଅଭିନୟଗୁଡିକୁ ତା ନଜ ଅଜାଣତରେ ସେ ରେକର୍ଡ କରିନେଲେ । ଆଉ ତାକୁ ଏଡ଼ିଟିଙ୍ଗ କରି ଏକ ଫିଲ୍ମର ରୂପ ଦେଇଦେଲେ । ଆଉ କ୍ୟାସେଟଟିକୁ ନଜ ଠିକଣାରେ ପଠେଇଦେଲେ । ଅମ୍ବିକା ପାଇଲାପରେ କ୍ୟାସେଟରେ କଣଅଛି ଜାଣିବାକୁ ଗ୍ଭହିଁଲେ । ସେଥିପାଇଁ ସେ ନଜର ଡିଭିଡି ପ୍ଲେୟରରେ ତାକୁ ଦେଖିବାକୁ ଲାଗିଲେ । ନଜକୁ ସେହି ଫିଲ୍ମରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଏହା କେମିତି ସମ୍ଭବହେଲା ସେ ଜାଣିପାରୁନଥିଲେ । ଏତିକବେଳେ ଦିନେସ ଘରଭିତରକୁ ପଶିଆସିଲେ । ସେ ଅମ୍ବିକାକୁ ଏତେ ଖୁସିହେବାର କେବେ ଦେଖିନଥିଲେ । ତାଙ୍କ ପରିଶ୍ରମର ଫଳଗୁଡିକ ଯେମିତି ଫୁଟିଉଠିଥିଲା ।

ସେ ଅମ୍ବିକାକୁ କହିଲେ, ମୋର କୌଣସି ସ୍ୱପ୍ନ ନଥିଲା ଉଡାଯାହାଜ ଚଲାଇବା କ ସେଇଟା କୌଣସି ରିମୋଟ ଉଡାଯାହାଜ ନଥିଲା, ଥିଲା ଏକ ଡ୍ରୋଣ କ୍ୟାମେରା । ଅମ୍ବିକା ଖୁସିରେ ଆତ୍ମହରା ହୋଇଗଲା ଆଉ କହିଲା-ସ୍ୱାମୀ ହେବତ ଏମିତି ।

ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର

# ବ୍ୟତିକ୍ରମ

ଅନୀତା ମେହେର

ସର୍ବେ ଭବନ୍ତୁ ଶୁଖିନଃ
ପବିତ୍ର ଏ ମନ୍ତ୍ରଗତି
କିନ୍ତୁ
ଏହା ସମ୍ଭବ କେମିତି
ବର୍ତ୍ତମାନ ତ ମହତ୍ ଗୁଣ
ଯାଇଅଛି ଲୁଚ
ମଣିଷ ଭାବେ ଟଙ୍କା ହିଁ
ସବୁକିଛି

ଧର୍ମ ର ଆଳ ଦେଖାଇ ସାଧୁ ବାବା
ଠକିଯାଏ
ନିର୍ମଳ ଭାବମୂର୍ତ୍ତି ରେ ନେତା
ଲୁଟିନିଏ

ସତ୍ୟ ପ୍ରକାଶ କୁ ଭୟ କରେ
ସାମ୍ବାଦିକ
ଅନ୍ୟାୟ ଡୋରି ରେ ବନ୍ଧା
ଦକ୍ଷ ପ୍ରଶାସକ
ହେଉ ବା ଶିକ୍ଷକ ଅଧାପକ
ଚିକିତ୍ସକ

ସମସ୍ତେ ଏ ସୂତ୍ରେ ବନ୍ଧା
କେ ନୁହଁ ବିଚ୍ୟୁତ

ଚାଷୀ ଭାବେ ଫସଲ
ହେଉ ବା ନ ହେଉ
ଠିକ୍ ସମୟରେ ସରକାରୀ ଟଙ୍କା
ମିଳିଯାଉ

ବ୍ୟବସାୟୀ ତଥା ଆହୁରି ଅନେକ ଙ୍କ
କଥା ନ କହିବା ଭଲ
ଖଜୁରୀ ଗଛ ତ ମୂଳରୁ
ପାହାଚ ପାହାଚ କେବଳ

କାହାକୁ ନିନ୍ଦିବ କିଛି ଲାଭ ନାହିଁ
ପବନ ରେ ଫାନ୍ଦ
ଖେଳିବା ପରିକା
ଏ ତ ମୋ ବୃଥା ପ୍ରୟାସ

ଅଧାପିକା, ଓଡ଼ିଆ ବିଭାଗ
ମହିଳା ମହାବିଦ୍ୟାଳୟ, ପାଟଣାଗଡ

# ଶୁଣ ସେନାପତି

ଅଶୋକ କୁମାର ପଧାନ

ଫକୀର ବୋଇଲେ ଅଶୋକ ଭାଇ
ହାଟ ବାହୁଡା ଯେ ହୋଇଲି ମୁହିଁ ।
ଦେଖିଥିଲି ଯାହା ମୁଁ ଆମ ବଜାରେ
ଧୀରେ ବୁଝାଇଲି ତୁମ କାନରେ ।
କହିଲି ମୁହିଁ ହେ ଫକୀର ଭାଇ
ହାଟର କଥାକୁ ଦେଲ ଶୁଣାଇ ।
ତୁମ୍ଭେ ଆସିଲ ମୁଁ ବଜାର ଯିବି
ଫେରିଆସିଲେ ବୁଝାଇଣ ଦେବି ।
ମୁଣାଧରି ହାତେ ବଜାର ଗଲି
ଘୁରିବୁଲିଲି ଯେ ଗଳିକଗଳି ।
ଦେଖିଲି ଗୋଧୂଳି ମୁଠାଏ ନାହିଁ
ସିମେଣ୍ଟ ତଳରେ ଯାଇଛି ରହି ।
ଆଗରେ ଦେଖିଲି ବଡ ଦୋକାନ
ଭୋଜନ ସାଙ୍ଗରେ ଦିଅଇ ଅନ୍ନ ।
ଦୋକାନେ ଅଛନ୍ତି ଶିକ୍ଷକ କେଇ
ମାଗଣା ଫଳକୁ ଦିଅନ୍ତି ସେହି ।
ଦୋକାନେ ଗ୍ରାହକ ଅଳପ କେଇ
ଦେଖି ବୁଦ୍ଧି ମାର ହଜିଲା ଭାଇ ।
ପାଦ ବଢାଇଲି ଅଳପ ଦୂର
ଦେଖି ହଜିଲା ବୁଦ୍ଧି ମୋହର ।
ଗହକ ମେଳେ ଦୋକାନୀ ଭାଇ
ଟଙ୍କା ବିଡାଧରି ଜ୍ଞାନ ଦିଅଇ ।

ଯେତିକ ଟଙ୍କାରେ ସେତିକ ଜ୍ଞାନ
ଚଜ ଏହାଟି ଫରେଣ୍ଟର ଜାଣ ।
ବୋଲଇ ଏହସେ ବିଦେଶୀ ମାଲ
ନୁହଁଇ ତମର ବାସି ପଖାଳ ।
ଯେତିକ ଖାଇଲେ ସେତିକ ଶକ୍ତି
ଖାଇ ନଜାଣିଲେ ଆସେ ବିପତ୍ତି ।
ବଜାର ମଧ୍ୟକୁ ଆଗେଇ ଗଲି
ଦେଖିଛି ସବୁଠି ଲାଗିଛି କଳି ।
ଗହକଏ ସବୁ ଟଣାଅଟର୍
ମାଲ ନଆନ୍ତି ସେ ଅଧିକ ଚର୍ ।
ଛୋଟ ଚଜସବୁ ଅଧିକ ଦର
ବଡ଼ ଚଜରେ ନାହିଁଟି ଆଦର ।
ଆଣ୍ଠୁରୁ ଉପର ବେକରୁ ତଳ
ପିନ୍ଧିଛନ୍ତି ସବେ ବିଦେଶୀ ମାଲ ।
ଯାଇଦେଖିଲି ସେ ଦୋକାନୀ ନାମ
ଫେସନ ସଂଗେ ଫିକ୍ସରେଡ଼ ଦାମ ।
ପଶିଲି ଯେବେ ମୁଁ ଦୋକାନେ ଯାଇ
ଲାଗିଲେ ସଭିଏଁ ଆଦିମ ଭାଇ ।
କହିଲି ଯାଇ ହେ ଦୋକାନୀ ଭାଇ
ଏମିତି ପୋଷାକ ବିକୁଛ କାଇଁ ।

ଲ୍‌ଗନ୍ତି ସଭିଏଁ ଅଧ ଲଙ୍ଗଳା
ପଶିଛି କ ତୋ ମୁଣ୍ଡେ ଆଦିମକଳା ।
ଶୁଣି ଦୋକାନୀର ବହୁତ ଖ୍ରଗ
କହେ ଯଥାଶୀଘ୍ର ଏଇଠୁ ଭ୍‌ଗ ।
ଭୟରେ ଆସିଲି ମୁହିଁ ପଳାଇ
ଆଗରେ ରହିଲ୍‌ ପାଦ ମୋ ଯାଇ ।
ଦେଖିଲି ଯାହା ମୁଁ ଦୁଇ ନୟନେ
ଭ୍‌ବିଲି ଦେଖୁଛି ମୁହିଁ ସପନେ ।
ଓଡ଼ିଆ ବୋହୂର ନୂତନ ବେଶ
ଜାଣିଲି ସଂସ୍କୃତି ହୋଇଲ୍‌ ଶେଷ ।
ମଥାରେ ନାହିଁଟି ଆଉ ଓଢଣୀ
ଜିନ୍ସ ପିନ୍ଧନ୍ତି ନୂତନ ଗ୍ରଣୀ ।
ବିଦେଶୀ କୁକୁର ପଛରେ ଧାଇଁ
ଆପଣା ସଂସ୍କୃତି ଦେଲେ ଏଡାଇ
ସେ ସ୍ଥାନ ଛାଡି ଗଲି ଆଗେଇ
ଫକୀରଙ୍କ କଥା ଦେଖିଲି ଭ୍‌ଇ ।
ଶୁଷ୍କ ପଇଡ଼ରେ ନାହିଁଟି ମନ
ସଭିଏଁ କଣନ୍ତି ତଟକା ଜାଣ ।
ଚେତନ ବୃକ୍ଷର ତଟକା ଫଳ
ଦଅନ୍ତି ସଭିଏଁ ଦେଇଣ ମୂଳ ।
ହାଲ୍ସ ଗାର୍ଲଫ୍ରେଣ୍ଡ ଧରି ମିଷ୍ଟେକ
ଟୁ ଷ୍ଟେଟ ସାଙ୍ଗରେ ଆଉ ଅନେକ ।
ଆପଣା କୋଳକୁ ପଗ୍ସରେ କେଇ
ଫଳ ଖାଆନ୍ତି ସେ ବିଦେଶୀ ଯାଇ ।
ସହିତ୍ୟେ ଭିଟାମିନ ନଥିଲେ ସି (she)
ଅରୁଆ ଗ୍ସଉଳକୁ କରନ୍ତି ଛି ।
ଯଉଠି ଅଛି ବାସ୍ତବ ଚନ୍ଦ
କୁହନ୍ତି ସେ ହାତି ଅପବିତ୍ର ।
ଯାଉଠି ଅଛି ପ୍ରେମ ବାରତା
କଲର୍‌ ହୋଇଲେ ନାଲଗେ ପିତା ।
ବୋଇଲି ହୋଇହୋ ଦୋକାନୀ ଭ୍‌ଇ
ଶୁଷ୍କଫଳ ଆଣ ଗ୍ସଖିବି ମୁହିଁ ।
ଇଡିଅଟ ମୂର୍ଖ ଗାଉଁଲି ଭ୍‌ଇ
ଶୁଷ୍କଫଳ ଆଉ ପଗ୍ସରେ କେଇ ।
ଭଣ୍ଡାରେ ରଖିଲେ ସ୍ୱଦେଶୀ ମାଲ
ଫାଟିଯିବ ମୋ ସୁନା କପାଳ ।
ଖାଇଲେ ବିଦେଶୀ କେ'ହେବ ସରି
ହାତେ ଧରିଥିଲେ ଯେ ଡିକସିନାରୀ ।
ବିଦେଶୀ ଫଳକୁ ପଇସା କାଇଁ
ଫେରି ଆସିଲି ସେଠାରୁ ଧାଇଁ ।
ଦେଖିଲି ଆଗରେ ସିନେମାହଲ
ମାଡିଯାଆନ୍ତି ଯେ ଦଳକୁ ଦଳ ।
ଦୋକାନୀ ନଯାଏ ଗହକ ପାସ
ନବୋଲେ ଗହକ ଏଠାକୁ ଆସ ।
ଗହକଏ ଦେଖି ବଡ ପୋଷ୍ଟର
ଧାଇଁ ଆସନ୍ତି ଯେ ସିନେମା ଘର ।
ସେଇ ଦୋକାନୀର ଲ୍‌ଭ ବହୁତ
ଘରେ ବସିଥାଇ ଦେଖଇ ଜାତ ।
ସଭିଙ୍କ ଅନ୍ନକୁ ନଏ ଛଡାଇ
ପିଲେଜର କାଳେ ସିଏ ଦିଅଇ ।

ପାଲା ସଂକୀର୍ତ୍ତନେ ପିଲେଜର କାଇଁ
ବୋଲନ୍ତି ସରବ ଗହକ ଭାଇ ।
ଯେଉଁ ବେପାରିର ବେଦାନ୍ତ କାମ
ସଭିଏଁ ବୋଲନ୍ତି ତାକୁ ଅଧମ ।
ହାଟେ ବୁଲିବୁଲି ଜ୍ଞାନ ଜନ୍ମିଲା
ସେଇଠି ଦେଖିଲି ଅଦ୍ଭୁତ ପାଲା ।
ସବୁ ବେପାରଠୁ ବଡ ବେପାର
ରାଜନୀତି ବୋଲି ନାମଟି ତାର ।
ଏଇ ବେପାରଟି ଯିଏ କରିଛି
ପେଟର ସହିତ ଗାଲ ଫୁଲିଛି ।
ମୋଟ ବାଉଁଶର ଭିତର ଖାଲି
ଭଣ୍ଡାଭଣ୍ଡିକରି ଦେବାଟି ଟାଲି ।
ଗଛ ଚଢାଇ ମୂଳୁ କାଟିବା ଭାଇ
ରାଜନୀତିର ଯେ ନୟମ ଏଇ ।
ଏଇ ରୀତିନୀତିରେ ଚାଲିଛିଯିଏ
ସାଜିଛି ହାଟର ରଜାଟି ସିଏ ।
ଦେଖିଣ ଏସବୁ ହାଟର ଧାଇଁ
ହାତବାହୁଡା ଯେ ହୋଇଲି ମୁହିଁ ।

ବସିଲି ଯାଇଣ ଫକୀର ପାଖେ
ଭଣ୍ଡିଲି ହାଟର ବାର୍ତ୍ତା ସମ୍ମୁଖେ ।
ଶୁଣି ସେନାପତି ଅଳପ ହସି
ହାତଥାପିଦେଲେ ମୋ ମୁଣ୍ଡେ ଆସି ।
ବୋଇଲେ ହାଇରେ ବାଳୁତ ଭାଇ
ଏତିକ କଥାକୁ ବୁଝିଲୁ ନାଇଁ ।
ହାଟକୁ ବୋଲନ୍ତି ଏବେ ମାର୍କେଟ
ବିଦେଶୀ ଚଜରେ ଅଛି ପ୍ରଫିଟ ।
ସ୍ୱଦେଶୀ ଚଜରେ ଦେଲେଟି ମନ
ଅଖା ଧୋଇଧୋଇ ଖାଇବ ଗୁଣ ।

# ପ୍ରେମ ଚିଠି



ରାମ ଚନ୍ଦ୍ର ପ୍ରଧାନ

ସାହସ ହେଉନି ଏତେ ବଡ଼ କଥା
କେମିତି କହିବି ଆସି
କହିପାରେ ନାହିଁ ଭଲପାଏ ବୋଲି
ଜୀବନ ଠୁ ତୋତେ ବେଶି ।
ସେଥିପାଇଁ ଆଜି ସାହସ ଜୁଟାଇ
ଲେଖୁଛି ମୁଁ ପ୍ରେମଚିଠି
ମୋ ମନ କାଗଜ ସଫେଦ ପୃଷ୍ଠାରେ
ପ୍ରେମରଙ୍ଗ ଟିକେ ମାଠି ।
ଭାବୁଛି ଅଳପ ହସୁଛି ମୁଁ ବେଶି
ମନେ ଭାଳ ତୋ'ରି କଥା
ସ୍ମୃତି କୁ ସାଉଁଟି ଜାବୁଡି ଧରିଛି
ସ୍ୱପ୍ନ ଶେଜେ ରଖି ମଥା ।
କାଗଜଟେ ବୋଲି ଭାବିବୁନି ପ୍ରିୟା
ପଢ଼ି ମୋର ପ୍ରେମ ଚିଠି
ଚିଠି ନୁହେଁ ସେତ ମୋ ମନ ଗହନେ
ପ୍ରେମବୋଳା ଅଠାକାଠି ।
ମୋ ପ୍ରେମ ସନ୍ଦେଶ ସେ କାଗଜ ଚିଠି
ଚିରିବୁନି କେବେ ପ୍ରିୟା
ପ୍ରୀତି ଚୁମ୍ବନରେ ସଦା ଚୁମୁଥିବୁ
ଲଗାଇ ପ୍ରେମର ମାୟା

ପ୍ରେମ ଆଳାପରେ ଭାବକୁ ପଖାଳ
ଦେଉଥିବୁ ଟିକେ ହସି
ଚିଠିର ଉତ୍ତର ଚିଠିରେ ଲେଖିବୁ
ଭାବନା ରାଇଜେ ଭାସି ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ମୃଗତୃଷ୍ଣା



ସିପ୍ରା ନାମତା, ନମ୍ରତା

**-କଣ ନିଦ ଆସୁନି ?......ହୋଇଛି କଣ?**

ଶୁଭେନ୍ଦୁ ଙ୍କ କର୍କଶ ସ୍ୱର ର ପ୍ରଶ୍ନ ହୃଦୟ ର ସ୍ପନ୍ଦନ ବଢ଼ାଇଦେଲା ତା'ର । ଏ ନିରର୍ଥକ ପ୍ରଶ୍ନ ର ଉତ୍ତର ଦେବାକୁ ଭଲ ଲାଗୁନି ତାକୁ । ଯୋଉଠି ସମସ୍ୟା ର ସମାଧାନ ନାହିଁ କି ସମବେଦନା ନାହିଁ ସେଠି ନିଜ କଥା କହିବାର କିଛି ଅର୍ଥ ହୁଏନା । ଦୁଇଥର ପଚାରି ସାରିଲେଣି। ଯଦି ଏଥର ଉତ୍ତର ନ ଦବ ଖଣ୍ଡ ପ୍ରଳୟ ହୋଇଯିବ ।

- ବାପା ଆସିଥିଲେ ।

- ଓଃ ମନ କଥା ଖୋଲି କୁହା ହୋଇନି କି ?

ଆଉ ଏକ ପ୍ରଶ୍ନ ବାଣ ବେଦନା ରେ ଜର୍ଜରିତ କଲା । ମୁହଁ ବୁଲେଇ ନେଉ ନେଉ କହିଲା
-ନା ।
ପଲଙ୍କ ରେ ଏକପାଖିଆ ହୋଇ ଶୋଇଥିଲା ନନ୍ଦା । ଆଖିରେ କେଜାଣି କେତେ ଅଶ୍ରୁ ବିନ୍ଦୁ। ଟପ ଟପ ହୋଇ ଖସିପଡୁଥିଲେ ମସୃଣ ଗଣ୍ଡ ଦେଶ ଆଉ ଚିବୁକ ଦେଇ । କଣ୍ଠ ଦେଶ ଆର୍ଦ୍ର ହୋଇଯାଉଥିଲା ସେଇ ଉଷ୍ମ ଲୁହ ର ସ୍ପର୍ଶରେ । ମନ ରେ ଅନେକ ଝଡ। ବାପା ଚାଲିଗଲେଣି । ସକାଳେ ଆସି ସନ୍ଧ୍ୟା ରେ ଗଲେ । ଦୁଇଦିନ ହେଲାଣି ତାଙ୍କ ଯିବା କିନ୍ତୁ ନିଜକୁ ସହଜ ଲାଗୁ ନ ଥିଲା ।

ବାପା ତା ମୁହଁ ର ଯନ୍ତ୍ରଣା ସଜଳ ନେତ୍ର କୁ ଦେଖି ଯଦି ଜାଣିପାରିବେ ତେବେ ତା କଥା ଭିନ୍ନ କିନ୍ତୁ ସେ ମୁହଁ ଖୋଲି କିଛି କହିବନି ବୋଲି ଏକପ୍ରକାର ସଂକଳ୍ପ ନେଇଥିଲା । "ହଁ ସେ ଭଲ ଅଛି, ଖୁବ ଭଲ ଅଛି । ପରିବାର ର ସମସ୍ତେ ଭଲ"। ସଂକ୍ଷିପ୍ତ ଉତ୍ତର। ଦୁଇମାସ ଆଗରୁ ଥରେ ଆସିଥିଲେ ଆଉ ଏଇ ଏବେ ଆସିଲେ । କେତେ କଷ୍ଟ ରେ ସେ ଗୌରୀ ମାଉସୀ ଓ ବୈଦା ମଉସା କୁ ଘର କାମ ରନ୍ଧାବଢା ପାଇଁ ରାଜି କରାଇଛି ।

ସେତିକ ବି ବାପା ମାନୁ ନ ଥିଲେ । "ମୋର କଣ ହେଇଛି କ, ଦେଖୁନୁ ଏ ହଙ୍ଗା କଟା ବଡି । ଗଣ୍ଡେ ରାନ୍ଧି ଖାଇପାରିବିନି ? ସେ ପାଇଁ ପୁଣି ଲୋକ ରଖିବି ? ନା--ନା କଛି ଦରକାର ନାହିଁ ।

- ଦରକାର ଅଛି ବାପା । ମୁଁ ନ ଥିବା ବେଳେ ତମକୁ କଏ ଦେଖିବ ? ପୁଅ ବୋହୂ ତ ବାହାରେ ରହିଲେ । ନା ସେମାନେ ଚାହାଁନ୍ତି ନା ତମେ ବି ଚାହଁ ସେମାନଙ୍କ ସହ ଏଡ଼ଜଷ୍ଟ କରି ଚଳବା ପାଇଁ । ମୁଁ ତ ଅଜଣା ରାଇଜ ର ଯାତ୍ରୀ ହେଲିଣି । ହଠାତ ଜ୍ୱର ବାଧକା ହେଲେ କଏ ତମ କଥା କଏ ବୁଝିବ ? ଆସି ପହଞ୍ଚିବ ସଙ୍ଗେ ସଙ୍ଗେ ! ସେମାନେ ଘର ପାଖିଆ ଲୋକ ବିପଦ ଆପଦ କୁ ସାହା । ମୁଁ ଟିକେ ଶାନ୍ତିରେ ନିଃଶ୍ୱାସ ଟିଏ ନେଇପାରିବି ତ ! କେତେ ପରେ ରାଜି ହୋଇଥିଲେ ବାପା । ଏଠିକୁ ଆସିବା ପରେ ଖବର ପାଇଥିଲି ଯେ ବାପା ବୈଦା ମଉସା ସହ ପନିପରିବା ଚାଷ କରୁଛନ୍ତି । ଭଲ କଥା । ସମୟ ଅତିବାହିତ କରିବା ପାଇଁ କଛି ନା କଛି ମାଧ୍ୟମ ଦରକାର । ଯେମିତି ରୁହନ୍ତୁ ଭଲ ରୁହନ୍ତୁ ଚନ୍ତା ମୁକ୍ତ ହୋଇ ରୁହନ୍ତୁ ।

ତେଣୁ ତାଙ୍କ ଆଗରେ ମୋର ଏଇ ଅଶାନ୍ତ ହୃଦୟ କୁ ଖୋଲିଦେଇଥିଲେ ଅଯଥାରେ ବାପା କଷ୍ଟ ପାଇଥାନ୍ତେ ।

"ବାପା କେଉଁ ଦୁଃଖ ରେ ଥିଲି ଯେ ,ଏମିତି ଗୋଟେ ଘରେ ଦେଲ ଯେଉଁଠି ଶାନ୍ତିର ଟିକଏ ବୁଝାମଣା ନାହିଁ । କ ପାପ କରିଥିଲ଼ି ଯେ, ନ ବୁଝି ନ ସୁଝି ଏମିତି ଭାବେ ପରଘରୀ କରିଦେଲ ଯେ ସତେ ବା ତଣ୍ଟି ରେ କଣ୍ଟା ଲାଗିଥିଲି ।"

ସେଇଥିପାଇଁ ତ ହଁ, ଭଲ ଅଛି ବାସ ସେତିକରେ ମନ ଭିତରେ ସବୁ ଦ୍ୱନ୍ଦ ଶେଷ କରିଦେଇଥିଲି ସେ । କୋହ ଉପରେ କୋହ ଉଠି ମୁହଁ ବିବର୍ଣ୍ଣ ହେଲାଣି। ଯିଏ ସବୁକଥା ବୁଝିଥାନ୍ତା ସେ ତ କେବେଠାରୁ ଏ ଦୁନିଆରେ ନାହିଁ ।

ଶୁଭେନ୍ଦୁ ନ ଥିଲେ । ଅଫିସ କାମ ରେ ଟୁର ରେ ଯାଇଥିଲେ । ଆଜି ଫେରିଛନ୍ତି । ଫେରିବା ପରେ ତା ମୁହଁର ଥମ ଥମ ଭାବ କୁ ଲକ୍ଷ୍ୟ କରିଛନ୍ତି । ସଂଲଗ୍ନ ହେବାକୁ ଚାହିଁଥିଲେ ମଧ୍ୟ ସେ ଏକ ପାଖିଆ କରେଇ ଶୋଇଛି । ଶୁଭେନ୍ଦୁ ରାଗିଥିବେ । ହଁ ରାଗିଥାନ୍ତୁ। କେବେ ନ ରାଗନ୍ତି ଯେ!! ସବୁ କଥାରେ ଆକ୍ଷେପ ଆଉ କଟୁତା ବ୍ୟତୀତ ତାଙ୍କ ପାଖରେ ଆଉ କଣ ଥାଏ ଯେ?

- ଉଫଃ, କାହିଁକି କହିଦେଲନି ....!! ମନ ହାଲକା ହୋଇଯାଇଥାନ୍ତା ।....ଗୋଟେ ତାଚ୍ଛଲ୍ୟ ର ହସ ଫିଙ୍ଗି ଦେଲେ ଶୁଭେନ୍ଦୁ ।

ନିରୁତ୍ତର ରହିଲା ନନ୍ଦା । ମନ ପକ୍ଷୀ ଗୁମୁରି ଗୁମୁରି କାହାକୁ ଝୁରି ହେଉଛି । ଲମ୍ବି ଆସୁଥିବା ଶୁଭେନ୍ଦୁ ଙ୍କ ହାତକୁ ପୁଣି ଥରେ ଆଡେଇ ଦେଇ ଚେହେରା ଉପରକୁ ଡାହାଣ ବାହୁ ଟିକୁ ଲଦିଦେଲା ନନ୍ଦା ।

*****

ସମସ୍ତେ ଯେମିତି ସ୍ୱପ୍ନ ଦେଖନ୍ତି ସେ ବି ତା ସ୍ୱପ୍ନ ଦେଖା ରେ ମସଗୁଲ ଥିଲା । ଏକ ମଧୁର ସ୍ୱପ୍ନ, ଏକ ରାଜକୁମାର ର ଛବି ସେ ବି ପୁଣି ଜହ୍ନ ମାମୁଁ ରେ ପଢିଥିବା ଗପ ପରି ମନ ଯାନ ରେ ଉଡ଼ିବୁଲୁଥିବା ରାଜକୁମାର ....        ପ୍ନ କୁ ଧରି ରଖିହୁଏନି କି ସବୁ ସ୍ୱପ୍ନ ସତ ହୁଏନି ସେଇମିତି ତା କାହାଣୀ । ପିଲାଦିନେ ବହୁତ ଅଭାବ ରେ ବଢିଥିଲେ ସେମାନେ । ନିମ୍ନମଧ୍ୟବିତ୍ତ ପରିବାର ରେ ଜନ୍ମ ହୋଇଛି ବୋଲିବହୁ ସମୟରେ ଆକ୍ରୋଶ ଆସେ ମନ ରେ । ତେବେ ସ୍ୱପ୍ନ ଦେଖିବା କଣ ଭୁଲ ? ସମସ୍ତେ କହନ୍ତି ସ୍ୱପ୍ନ ଦେଖି ଦେଖି ମଣିଷ ବଞ୍ଚେ । ବଞ୍ଚିବା ପାଇଁ, ବଡ ହେବା ପାଇଁ ସ୍ୱପ୍ନ ଦେଖିବା ଉଚିତ । କେତେ ଅନୁଚିନ୍ତା ସମ୍ବାଦପତ୍ର ମାନଙ୍କ ରେ ପ୍ରକାଶିତ ହୁଏ, ହ୍ୱାଟ୍ସଆପ ରେ ଘୁରି ବୁଲୁଥାଏ । ସେଇୟା କୁ ନେଇ ମଣିଷ ଭାବେ, ଚିନ୍ତା କରେ, ସ୍ୱପ୍ନ ଦେଖେ । କିନ୍ତୁ ତା'ର ସ୍ୱପ୍ନ ସତ ହେଲାନି ...ନା ସେ ଠିକ ଢଙ୍ଗ ରେ ସ୍ୱପ୍ନ ଦେଖି ଜାଣିଲାନି । ପିଲାଟି ଦିନରୁ ପ୍ରତ୍ୟେକ ଜିନିଷ ପାଇବା ପାଇଁ ଅପେକ୍ଷା କରିବାକୁ ପଡେ । ଭାଇ ଭଉଣୀ ତିନିଜଣ ଭିତରେ ସେ ଏକମାତ୍ର କନ୍ୟା ହେଲେ ବି ଅଧିକ ଗେଲବସରିଆ ନ ଥିଲା । ତା'ର ଅଳଅଝଟ କୁ କେହି ଯଥାଶୀଘ୍ର ପୂରଣ କରିବାର କେବେ ସେ ଦେଖିନି । ତଥାପି ତା'ସ୍ୱପ୍ନ ଦେଖା ବନ୍ଦ ହେଉ ନ ଥିଲା । ସ୍ୱପ୍ନ ରାଜ୍ୟର ସେଇ ସୁନ୍ଦର, ସହୃଦୟ, ସୁପୁରୁଷ ଟିଏ ର ହାତ ଧରି ବାଟ ଚାଲିବାର ସ୍ୱପ୍ନ ....ଯୋଉଠି କେବଳ ସେ ...ଥିବ କେନ୍ଦ୍ର ବିନ୍ଦୁ ରେ ସେଇ ପୁରୁଷ ଟି କେବଳ ତାକୁ ତା'ର ଭାବନା କୁ, ତା'ର ମନ କୁ ...ସର୍ବସ୍ୱ ଗୁଣଗ୍ରାହୀ ରୂପେ ଜାଣିଥିବେ । ଭାବ ଦରିଆରେ ଉବୁଟୁବୁ ହେଉଥିବେ, ମଧୁମାଳତୀ ଲତା ପରି ସେ ତାଙ୍କ ତନୁ ରେ ଗୁଡାଇଯାଉଥିବ । ନୀଳ ଆକାଶର ଦିଗନ୍ତ ପ୍ରସାରୀ ଛାୟାପଥ ରେ ଗ୍ରହ ଉପଗ୍ରହ ପରି ସେ ନନ୍ଦା ଚତୁଃପାଶ୍ୱର୍ରେ ଘୁରିବୁଲୁଥିବେ । ଶ୍ରାବଣ ର ବାରିଧାରା କୁ ତୃଷାର୍ତ୍ତ ଚିତ୍ତରେ ପ୍ରତୀକ୍ଷା କରୁଥିବା ଚାତକ ଟିଏ ପରି ....ହୋଇଥିବେ ନନ୍ଦା ପାଇଁ ।

କାହିଁ କଛି ବି ତ ହେଲ୍‌ନ । କଛି ବି ପାଇଲ୍‌ନ ସେ । ସ୍ୱପ୍ନ ସବୁ କୁ ପକ୍ଷାଘାତ ହୋଇଗଲ୍। କେହି ଗୃବୁକ ରେ ପ୍ରହାର କରି ସ୍ୱପ୍ନ ସବୁ ଭ୍ଙ୍ଗିଦେଲ୍ । ଆଉ ଯୋଡି ହୋଇଗଲ୍‌ଏ କ ନର୍ଦ୍ଦୟ, କର୍କଶ, ବିବେକହୀନ ମଣିଷ ଟିଏ ତା'ସାଥିରେ । କଥା କଥା କେ ତାସ୍ୱଲ୍ୟ ...ଆକ୍ଷେପ ...। ବାସ୍ତବଠାରୁ ଅନେକ ଦୂର ରେ ତା'ର ସ୍ୱପ୍ନ । ସ୍ୱପ୍ନ ତ ନୁହଁ କଳ୍ପନା ବିଳାସିତା ।

ନନ୍ଦା ...ଅଳକାନନ୍ଦା ...ଆଃ ..କ ସୁନ୍ଦର ଶ୍ରୁତି ମଧୁର ଆଉ ଚମତ୍କାର ନାମ ଟା । ଈର୍ଷ୍ୟା ରେ ଅନେକଙ୍କୁ ଜଳବାର ଦେଖିଛି ସେ ପଢିବା ସମୟ ରୁ । ଆଉ କେଇଜଣ ତା'ର କଳ୍ପନା ବିଳାସିତା କୁ ନେଇ ପରିହାସ ମଧ କରୁ ଥିଲେ ।

କେତେ ବିବାହ ପ୍ରସ୍ତାବ ଆସିଲ୍ ଗଲ୍ । ସବୁଠି କଛି କଛି ସମସ୍ୟା । ଏତେ ରୂପ ଥିଲେ ବି କଏ ଗୃକରୀ ଖୋଜିଲେ, କଏ ଟଙ୍କା, କଏ ସୁନା, କଏ ଜିନଷପତ୍ର ର ଲମ୍ବା ଚଉଡା ଚଠା ଧର୍‌ଇଲେ । ଅତ୍ୟନ୍ତ ବିନୟ ର ସହ ବାପା ମନା କରି ଦେଇ କଛିଦିନ ଗୁମସୁମ ହୋଇ ରହନ୍ତି । ଓଦା ଆଖିର ପଲକ କାହାକୁ ଦେଖାନ୍ତିନ ।ପୁଣି କଛିଦିନ ଗତ ହୋଇଗଲେ ସ୍ୱାଭ୍ବିକ ହୋଇଯାନ୍ତି ।

ପି ଜି ଶେଷ କରି ଗୃକରୀ କରିବାକୁ ଜିଦି ଧରି ପାଖ ବେସରକାରୀ କଲେଜ ରେ ଅଧାପିକା ପଦବୀ ରେ ଅବସ୍ଥାପିତ ହୋଇଗଲ୍ । ଦୁଃଶ୍ଚିନ୍ତା ରେ ମା ବେମାର ରେ ପଡି ଇହଧାମ ତ୍ୟାଗ କଲ୍ । ଜୀବନ ର ସବୁ ସୁଖ ଶିରୀ ଗୃଲିଗଲ୍ ମା ସହିତ । ଘର ଟା ସାର୍ ଖାଲି ଖାଁ ଖାଁ ଭ୍ବ । ଖାଇ ଗୋଡାଇଲ୍ ଭଳ ଶୂନ୍ୟତା । ହୃଦୟ ର ବିଳାପ, ଉଦାସୀ ମନ ର ଭ୍ବ, ଶୂନ୍ୟ ଆଖି ର ବିରହ.... କେହି ଭ୍‌ଗିଦାର ନାହାନ୍ତି ଶୁଣିବାକୁ ସେ ଭ୍‌ଷା । ଦୁଇଭ୍ଇ ସସ୍ତ୍ରୀକ ସେମାନଙ୍କ କର୍ମମୟ ଜୀବନ କୁ ନେଇ ବ୍ୟସ୍ତ । ଏତେ ବ୍ୟସ୍ତ ଯେ ବାପା ଓ ଭଉଣୀ ପାଇଁ ଏତେ ଟିକେ ବି ସମୟ ନାହିଁ ସେମାନଙ୍କ ପାଖରେ । ଏତେସବୁ ମର୍ମଭେଦି ବ୍ୟବହାର ବିତୃଷ୍ଣା ଆଣେ ନନ୍ଦା ମନରେ । ବିବାହ ପାଇଁ ସ୍ୱତଃ ବୀତ୍ସ୍ପୃ ହହୋଇପଡେ ସେ । ଆଉ କୌଣସି ସ୍ୱପ୍ନ ର ପ୍ରଲ୍ଭେନ ନ ଥିଲ୍ । କେବଳ ଜୀବନ କୁ କୌଣସି ପ୍ରକାରେ କାଟିନେବା ର ଥିଲ୍ ଚନ୍ତା । ସେ ବୁଝିଯାଇଥିଲ୍ ତା'ବାପା ଙ୍କ ସ୍ଥିତି । କନ୍ତୁ ହଠାତ ଦିନେ ମଧସ୍ଥି ଠାରୁ ଖବର ପାଇ କଛି ଲେ୍କ ଠିକଣା ଖୋଜି ଖୋଜି ତାଙ୍କ ଘରକୁ ଆସିଥିଲେ । ବାପା ଙ୍କ ଠାରୁ ଫୋନ ପାଇ ସିଧା କଲେଜ ରୁ ଆସିଥିଲ୍ ସେ । ତା'ର ସେଇ ପ୍ରସାଧାନ ବିହୀନ ପ୍ରାକୃତିକ ସରଳ ନର୍‌ଡମ୍ବର ବେଶ ପରିପାଟୀ ସେମାନଙ୍କୁ ମୁଗ୍ଧ କରିଥିଲ୍ । ଆଠ

ଦିନ ଭିତରେ ଶୁଭେନ୍ଦୁ ଙ୍କ ସହ ବିବାହ ସମ୍ପନ୍ନ ହୋଇଗଲା ନନ୍ଦା ର । ଶୁଭେନ୍ଦୁ ଏତେ ରୁକ୍ଷ ମଣିଷ ଜାଣିବା ପରେ ଖୁବ ଅସହାୟ ହୋଇପଡିଲା ନନ୍ଦା । ଜୀବନ ର ଏତେ ଲମ୍ବା ରାସ୍ତା କେମିତି କାଟିବ ବୋଲି ତା ମନ ରେ ଅସଂଖ୍ୟ ପ୍ରଶ୍ନ ଆସେ । ଯେତେ ଯତ୍ନ ରେ କାମ କଲେ ,ଯେତେ ସତର୍କତା ସହ କଥା କହିଲେ ମଧ୍ୟ କୌଣସି ନା କୌଣସି ଖୁଣ କାଢ଼ିବସନ୍ତି ଶୁଭେନ୍ଦୁ ଆଉ ସେଥିରେ ତାଳ ଦିଅନ୍ତି ଶାଶୁ ।

ଏମିତି ବ୍ୟବହାର ରେ ସେ ଆଶ୍ଚର୍ଯ୍ୟ ହୁଏ । ଏଇଟା ନାରୀ ଓ ପୁରୁଷ ଭିତ୍ତିକ ଗୋଷ୍ଠୀ କନ୍ଦଳ ନା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସେ ବୁଝିପାରେ ନାହିଁ । କେହି କେହି ଅଛନ୍ତି ନାରୀ ଜାତି ବା ପୁରୁଷ ଜାତି କୁ ହିଁ ଘୃଣା କରିଥାନ୍ତି ସେଇ କାରଣ ରୁ ସେମାନଙ୍କୁ ଭଲ ପାଇ ପାରନ୍ତି ନାହିଁ। ବୀତସ୍ପୃହ ହରହନ୍ତି । ଆଉ କେହି ସ୍ଵ ପ୍ରକୃତିରୁ । ସ୍ଥିତି ଯାହା ବି ହେଉନା କାହିଁକ ତାକୁ ଶୁଭେନ୍ଦୁ ଙ୍କ ସହିତ ବୁଝାମଣା ରଖି ଚଳବାକୁପଡିବ । ଦିନ କୁ ଦିନ ସମ୍ପୂର୍ଣ୍ଣ ଆତ୍ମପ୍ରତ୍ୟୟ ହୀନ ମଣିଷରୂପେ ପରିବର୍ତ୍ତନ ହୋଇଯାଉଥାଏ ନନ୍ଦା । ରକ୍ତ ର କୋଣ ଅନୁକୋଣ ର କ୍ଷିପ୍ରତା ଆଉ ନ ଥାଏ । ଯୁକ୍ତି ତର୍କ ର ଅତଳ ସାଗର ରେ ବୁଡିଗଲା ବେଳେ ସେଠାରୁ ଉଦ୍ଧାର ପାଇବ କ ତଳକୁ ତଳକୁ ବୁଡିଯିବ ...ସବୁବେଳେ ଆଶା ଆଶଙ୍କା ରେ ରହେ ସେ । ଶେଷରେ ଗୃକରୀ ଛାଡ଼ି ଦେଇ ଥିଲା ସେ ଶୁଭେନ୍ଦୁ ଙ୍କ ବ୍ୟବହାର ରେ ପରିବର୍ତ୍ତନ ଆଶା କରି ।କିନ୍ତୁ.. ନା ..ସେମିତି କିଛି ପରିବର୍ତ୍ତନ ର ଲେଶ ମାତ୍ର ଚିହ୍ନ ନ ଥିଲା ବରଂ ଦୌରାତ୍ମ୍ୟ ଆହୁରି ବଢ଼ି ଯାଇଥିଲା ।

ଶୁଭେନ୍ଦୁ ରଖିଥିବା ଜିନଷପତ୍ର ରେ କେହି ହାତ ଦେଇ ପାରିବେନ, ସେ ଭଙ୍ଗା କଇଁଚ ଠାରୁ ଆରମ୍ଭ କରି ବାଇକ ପର୍ଯ୍ୟନ୍ତ ଯେତେବଡ଼ ଜିନଷ ଟିଏ ହେଉନା କାହିଁକ, ଯେତେସବୁ ଅବ୍ୟବହୃତ ଖରାପ ଜିନଷ ଗୁଡିକୁ ସେ ସାଇତି ରଖିଥିବେ । ଯଦିଓ ସେଗୁଡିକ ଅସ୍ପୃଶ୍ୟ ଏବଂ ସେସବୁ ର ଉପସ୍ଥିତି ଘର କୁ କବାଡ଼ ଖାନା ରେ ପରିଣତ କରିଦିଏ ଶୁଭେନ୍ଦୁ ବିନ୍ଦାସ ଥାଆନ୍ତି । ଛାତ୍ର ଜୀବନରୁ କେତେ କଣ ସାଇତା ହୋଇ ରଖାଯାଇଛି, କୋଠରୀ ର ଥାକ, ଟେରାସ ଉପରେ, ଆଲମାରୀ ରେ ସବୁଠି ଘର ଆଗ ପଟେ ଶ୍ୱଶୁର ଙ୍କ ପୁରୁଣା ଭେସ୍ପା ସ୍କୁଟର ଘର ପଛ ପଟକୁ ପୋଡିଯାଇଥିବା ବାଇକ, ଗଣ୍ଡେ ଖଣ୍ଡେ ହେବ ସାନ ବଡ ମିଶି ଶୂନ ଗାଡି । ବୋତଲ, ଡବା ଇତ୍ୟାଦି ଅନାବନା ଜିନଷ ରେ ଭର୍ତ୍ତି ବସ୍ତା କେତୋଟି ।ତା ପାଖକୁ ଗୋଟେ ଦିସ୍ତା ବାକ୍ସ ରେ ଶ୍ୱଶୁର ଙ୍କ ର ଯେତେକ ହାତ ହତିଆର । କରତ, ବାରସି ହାତୁଡି ଏମିତି କେତେ କଣ !! ଯଦିଓ ସେ ଗୃକରୀ କରୁଥିଲେ ତଥାପି ତାଙ୍କର

ଯେ ଥିଲା ଗୋଟେ ହବି । ବଢେଇ କାମ କରିବାରେ ତାଙ୍କର ବେଶ ଆନନ୍ଦ । ଯେତେବେଳେ ଯେଉଁଠି ଦରକାର ଚୁଟ କ ନା ହତିଆର କାଢିଲେ ସଜାଡି ଦେଲେ । ବାଃ କ ଅଦ୍ଭୁତ !! ଯାହା ହେଉ ସୂତା ଛୁଞ୍ଚି ଠାରୁ ଆରମ୍ଭ କରି ସବୁ ଘର୍ରେଇ ଆବଶ୍ୟକତା ର ଜିନିଷ ତାଙ୍କ ପାଖରେ ଉପଲବ୍ଧ ।

ଥରଟିଏ ଚେଷ୍ଟା କରିଥିଲା ଘର ସଜାଡିବା ପାଇଁ ।ବାସ ସେଇ ଥର ଟିଏ ରେ ହିଁ ଶେଷ । ପ୍ରଳୟ ଆସିଯାଇଥିଲା ଯେମିତି । ଭାତ ଥାଳୀ ଫୋପାଡ଼ିବା ପର୍ଯ୍ୟନ୍ତ କଥା ଗଲିଗଲା । ଶ୍ୱଶୁର ନିଜ ଦୁଇଚକିଆ ଯାନ ଟିକୁ ଶୁଭେନ୍ଦୁ ଙ୍କ ପାଇଁ ହସ୍ତାନ୍ତର କରିପାରି ନ ଥିଲେ ତଥାପି ନନ୍ଦା ସପକ୍ଷରେ ପଦେ କଥା ନନ୍ଦା କୁ ଅସୀମ ସାହସ ଦେଇଥିଲେ ମଧ୍ୟ ଗୃହାବଳୀ ଶାଶୁ ଙ୍କ ସମ୍ମୁଖରେ ସମସ୍ତେ ନୀରବ ରହିବାକୁ ବାଧ୍ୟ ଯେମିତି । ତା'ପର ଠାରୁ ସବୁବେଳେ ନୀରବତା ଅବଲମ୍ବନ କରିଆସିଛି ନନ୍ଦା ।

ନଣନ୍ଦ, ଦିଅର ଥାଇ ଏତେ ବଡ ଯୌଥ ପରିବାର ରେ କାହାକୁ ପଦୁଟିଏ କହିବା ପାଇଁ ଇଛା ହୁଏ ନାହିଁ ତା'ର ।ବାପ ଘରେ ମଧ୍ୟ ତଦ୍ରୁପ ।ବଡ ଭାଉଜ କହିବେ, "ସବୁ ସହି ଯାଅ। ସାନ ଭାଉଜ କହିବେ, "ବେହିଆ ହୋଇଯାଅ ନୋଚେତ ଡିଭୋର୍ସ ଦେଇଦିଅ । ନିହାତି ଛୋଟ ଲୋକ ଗୁଡାକ ..ବାପା କଣ ଦେଖି ଦେଇଥିଲେ କେଜାଣି ।" ଭାଇ ମାନେ କହିବେ, "ତୁ ଚଳପାରୁ ନଥିବୁ " ।

କିଛି ମାସ ଭିତରେ ବାପ ଘର ଲୋକଙ୍କ ଆଖିରୁ ପର୍ଦ୍ଦା ଉଠିଗଲା । ଧୀରେ ଧୀରେ ଶୁଭେନ୍ଦୁ ଙ୍କ ବ୍ୟବହାର ସମ୍ବନ୍ଧରେ ଅବଗତ ହେବାକୁ ଲାଗିଲେ । ଏଣିକ ଆଉ ବିଶେଷ ଡର କ ଭୟ ଲାଗୁନ ତାକୁ । ଏବେ ତା'ର ମନେ ପଡିଯାଉଛି ବଡ ନଣନ୍ଦ ଙ୍କ ଶ୍ୱଶୁର ଙ୍କ କଥା। ତା ବାହାଘର ଠିକ ପରେ ପରେ ସେ ଆସିଥିଲେ । ତା ମଥାରେ ସସ୍ନେହ ହାତ ସାଉଁଳେଇ କହିଥିଲେ, "ଜଗିରଖି ଚଳବୁ ମା ,ଚାକିରୀ ଆଦୌ ଛାଡ଼ିବୁନି" । ଏହା ବୋଧହୁଏ ସଂକେତ ଥିଲା ଏ ପରିବାର ର ଗୁଣ ଧର୍ମ ଚହ୍ଳେଇଦେବାକୁ । ସେତେବେଳେ ସେ ବୁଝିପାରି ନ ଥିଲା। ଆଜି ବୁଝୁଛି । ଚାକିରୀ ଛାଡି ଅନ୍ୟ ହାତ ଟେକା କୁ ଚାହିଁ ରହିବା ପରି କେତେବଡ଼ ଭୁଲ କରିଛି ସେ ।ନା ---ଆଉ ନୁହେଁ, ସେ ଭୁଲ କୁ ସୁଧାରିବା ପାଇଁ ପଡିବ ତାକୁ । ନିଜ ସ୍ଥିତି କୁ ନିଜେ ଠିକ ରଖି ନ ପାରିଲେ ଆଗକୁ ବିପଦ ଉପରେ ବିପଦ ମାଡ଼ିଆସିବ । ସେ ନିଷ୍ପତ୍ତି ନେଇସାରିଛି। ଆସନ୍ତା କାଲି ତା'ର ଇଣ୍ଟରଭିଉ ଅଛି ସେଇ କଲେଜ ରେ ତା'ପଦବୀ ଟା ଖାଲି ଅଛି କ ଆଉ କେହି ଜଏନ କଲେଣି ବୋଲି ଅଧକ୍ଷ୍ୟ ଙ୍କୁ ବୁଝିଥିଲା । ପଦବୀ ଟି ଏ

ପର୍ଯ୍ୟନ୍ତ ଖାଲି ଅଛି । ଏଇ ଦୁଇଦିନ ଭିତରେ ସେ ବିଜ୍ଞାପନ ଦେଇଥାନ୍ତେ କିନ୍ତୁ ତା ପୂର୍ବରୁ ନନ୍ଦା ର ଆଗମନ ଯୋଗୁଁ ଆଉ ବିଜ୍ଞାପନ ର ଆବଶ୍ୟକତା ନାହିଁ ବୋଲି ସେ କହିଲେ ।

ଡ୍ରେସିଂ ଟେବୁଲ ସମ୍ମୁଖରେ କେଶ ବିନ୍ୟାସ ରେ ମଗ୍ନ ନନ୍ଦା । ଦର୍ପଣ ରେ ପ୍ରତିବିମ୍ବିତ ହେଉଥିଲା ଶୁଭେନ୍ଦୁ ଙ୍କର ଏକାଗ୍ର ଚକ୍ଷୁ, ଅପଲକ ନେତ୍ର ର ଦୃଷ୍ଟିନିବଦ୍ଧତା ର ଛବି । ଭାବନା ର ସ୍ରୋତ ରେ ଉବୁଟୁବୁ ହେବାକୁ ଲାଗିଲା ନନ୍ଦା ।

- ନନ୍ଦା ତୁମେ କେତେ ସୁନ୍ଦରୀ ! ଏଇ ମୁକୁଳିତ କେଶ ରାଶି ର କୃଷ୍ଣତା ତୁମର ଗୌର ବର୍ଣ୍ଣ ରମୁଖ ମଣ୍ଡଳ ର ଆଭା କୁ ଦ୍ଵିଗୁଣିତ କରୁଛି । ବିମ୍ବଫଳ ସଦୃଶ ଓଠ ରେ ଓଠ ଥାପି ପ୍ରେମ ର ଚହ୍ନ ଆଙ୍କି ଦେଉଛନ୍ତି ଶୁଭେନ୍ଦୁ । ଆଃ.... ସମଗ୍ର ଶରୀର ପ୍ରେମ ରସ ରେ ଆପ୍ଳୁତ ହେଉଛି ନନ୍ଦା ର । ଶୁଭେନ୍ଦୁ ଙ୍କ ସ୍ପର୍ଶ ରୁ ଏଇ କୋମଳତା ଟିକକ ପାଇବା ପାଇଁ ସତେ ଯେପରି ସେ ଚାତକନି ପରି ଚାହିଁ ରହିଥିଲା । ବିରହିଣୀ ପରି ଅହରହ ଏଇ ଛୁଆଁ ଟିକକ ପାଇବା ନିମନ୍ତେ କେତେ କାତର ନ ହେଉଥିଲା ସତେ !! ଦେହ ସତ୍ତା ର ଊର୍ଦ୍ଧ୍ୱ ରେ ଶୁଭେନ୍ଦୁ ଙ୍କ ଭିତରେ ଏମିତି ମନ ଟିଏ ଥାଇପାରେ...... ଅବାକ ହେଉଥିଲା ସେ । ଆଇ ଲଭ ୟୁ ନନ୍ଦା କହୁ କହୁ ଶୁଭେନ୍ଦୁ ତାକୁ ବାହୁ ବେଷ୍ଟନୀ ରେ ଜଡାଇ ଧରି ଗଣ୍ଡ ଦେଶ ରେ ଚୁମ୍ବନ ଟିଏ ଆଙ୍କିଦେଉଥିବା ବେଳେ, ଭାଙ୍ଗିଗଲା ଶତ କଦମ୍ବ ର ରୋମାଞ୍ଚ ଶୁଭେନ୍ଦୁ ଙ୍କ କର୍କଶ ସ୍ଵର ରେ ।

- -କୋଉ ଫିଲ୍ମ ସୁଟିଂ ସେଟ କୁ ଯିବାର ଅଛି ନା କଣ ? ଏତେ ନିମଗ୍ନ ବେଣୀ ବନ୍ଧନ ରେ?

ଠାଏ କିନା ଚମକି ପଡିଲା ନନ୍ଦା !!....ଓଃ .....ଦିବା ସ୍ଵପ୍ନ ରେ ବିଭୋର ....!! ନିଜକୁ ସମ୍ଭାଳି ନେଉ ନେଉ କହିଲା - କଲେଜ ଯିବାର ଅଛି ।

ଆଶ୍ଚର୍ଯ୍ୟ ରେ ଚାହିଁ ଶୁଭେନ୍ଦୁ କହିଲେ, -"ତୁମେ ପରା ରେଜିଗନେସନ ଦେଇଥିଲ !!! ନନ୍ଦା ର ସଂକ୍ଷିପ୍ତ ଉତ୍ତର "ହଁ" ।

--ତେବେ !!!

- ରିଜଏନ କରୁଛି ।

ଓଠ ରେ କୁଟୀଳ ତା ର ହସ ହସି ଶୁଭେନ୍ଦୁ କହିଲେ -"ଓଃ ମାଡାମ ଙ୍କ ର ଘରେ ରହିବା ଟା କଷ୍ଟକର ବୋଲି ଅନୁଭବ କଲେ ବୋଧହୁଏ । ନିଶ୍ଚୟ ଗ୍ରୁକରୀ ରେ ଦଶ ଜଣ ଙ୍କ ସହ ମିଳାମିଶା, ହସ ଖୁସି, ଥଟ୍ଟା ମଜା....ଏସବୁ ଘରେ କୋଉଠୁ ମିଳବ ? ଏଠି ତ ଗ୍ରୁରିଆଡେ ଶୃଙ୍ଖଳ କହି ତା ଆଡକୁ ବୁଲିପଡି ତାକୁ ଜୋର କରି ଭିଡି ଧରି କହିଲେ, "କିନ୍ତୁ ତୁମ ପରି ସୁନ୍ଦରୀ, କଠୋରମନା ଆଉ ହୃଦୟ ହୀନା ଝିଅ ଅନ୍ୟ କାହାକୁ ପ୍ରେମ କରିପାରେ ..!! ସେଥିରେ ମୋର ସନ୍ଦେହ । ନା----କଣ କହୁଛ ?

ଶୁଭେନ୍ଦୁ ଙ୍କ ଆବେଷ୍ଟନୀ ର କର୍କଶତା ପୀଡା ଦେଉଥାଏ ନନ୍ଦା କୁ । ଗଭୀର ଅବସାଦ ରେ ଭରିଯାଉଥିଲା ମନ ତା'ର । ଏ ସଂସାର ଟା ତା'ପାଇଁ ପାଲଟିଯାଇଛି ଗୋଟେ ମରୀଚକା । ଏ ମାୟା ମରୀଚକା ଭିତରେ କେବଳ ମୃଗତୃଷ୍ଣା ପରି ସେ ଅହରହ ଖୋଜି ବୁଲୁଛି ପ୍ରୀତିରୂପକ ଜଳ କୁ ।ଯୋଉଥିରୁ ମୁନ୍ଦେ ପିଇ ସେ ତୃଷା ନିବାରଣ କରିବ ।

ଶୁଭେନ୍ଦୁ କେବେ ହାତଖର୍ଚ୍ଚ ପାଇଁ ପଇସାଟିଏ ବି ଦେଇନାହାନ୍ତି ଆଜି ପର୍ଯ୍ୟନ୍ତ। ଯେତେବେଳେ ଯାହା ପାଇଛି ସେଇ ବାପା ଆସିଥିବା ସମୟରେ ତାଙ୍କ ଠାରୁ । ଗୋଟେ ସ୍ତ୍ରୀ ଲୋକ ର ସାନିଟେସନ ସମ୍ବନ୍ଧୀୟ କୌଣସି ଆବଶ୍ୟକୀୟ ଜିନିଷ ଟିଏ କଣା କଣି କଲେ ଶାଶୁ ଙ୍କର ପରୋକ୍ଷ ଉକ୍ତି ବି ବେଶ ଶୁଣେ ସେ । "ଶୁଭେନ୍ଦୁ ଘର ଖର୍ଚ୍ଚ ପାଇଁ ପଇସା ଟିଏ ଦେବନି କିନ୍ତୁ ସ୍ତ୍ରୀ କୁ ବେଶ ପଇସା ପନି ଦଉଛି ।" ପ୍ରତି ରବିବାର ଝିଅ ଜୋଇଁ ନାତି ନାତୁଣୀ ମାନଙ୍କୁ ନିମନ୍ତ୍ରଣ ଦିଆଯାଏ । ଘରେ ରନ୍ଧାବଢା ର ଗହଳି । କାହା ପାଇଁ ମାଛ, କାହାର ମଟନ ଝୋଳ, ପୁଣି ତା ଉପରେ ଚିକେନ୍ ପକୋଡା । ଏତେ ସବୁ ର ବର୍ଦ୍ଦ ଦେଇଯିବେ ଶାଶୁ । ମାଛ ବ୍ୟତୀତ ଅନ୍ୟ କିଛି ଖାଇବେନି ଶାଶୁ ଶ୍ୱଶୁର।ଗ୍ୟାସ ଚୁଲ୍ଲା ରେ ସବୁକିଛି ହୁଏନାହିଁ ।କାଠ ଚୁଲ୍ଲୀ ଜାଳିବାକୁ ପଡେ ।ଝାଳ ସରସର ହୋଇ ରୋଷେଇ ସାରି ସମସ୍ତଙ୍କୁ ପରଶି ସାରି ନିଜେ ଖାଇବା ବେଳକୁ ଦିନ ଗ୍ରୁରି । ସାତସକାଳୁ କଣ ଦି ଟା ପେଟରେ ପଡିଥିଲା । ପେଟ ଭୋକ ପେଟ ରେ ମରିଯାଏ । ଜୋଇଁ ମାନେ କେବେ କେମିତି ଆସନ୍ତି । ଗେଲବସରିଆ କରି ପୁଅ, ଝିଅ, ନାତି ନାତୁଣୀ ଙ୍କୁ ଖୁଆଉ ଖୁଆଉ ସବୁ ଶେଷ ହୋଇଯାଏ । କିନ୍ତୁ ସେକଥା ଶାଶୁ ଲକ୍ଷ୍ୟ ରଖନ୍ତି ନାହିଁ । ଶ୍ୱଶୁର କି ନଣନ୍ଦ ପଗ୍ରୁରି ବୁଝିବାର ଚେଷ୍ଟା କଲେ ଶାଶୁ କହନ୍ତି "ନନ୍ଦା ତ ଆମିଷ ଖାଇବାକୁ ଭଲ ପାଏନି । ତା'ର ସଭି ଙ୍କୁ ଖୁଆଇବା ରେ ଢେର ଆନନ୍ଦ ।" ବଳିଥିବା ମାଛତକ ଗଣିକରି ରଖନ୍ତି ଶାଶୁ ସନ୍ଧ୍ୟା ପରେ ମାଛ ପତୁଆ ମୁଢି ଖାଇବା ପାଇଁ ।

ଶୁଭେନ୍ଦୁ ଘରଖର୍ଚ୍ଚ ପାଇଁ ଟଙ୍କା ଦିଅନ୍ତି କି ନାହିଁ ପ୍ରକୃତରେ ସେ ଜାଣେନାହିଁ କିନ୍ତୁ ପ୍ରକାରାନ୍ତରେ ବୁଝେ ଶୁଭେନ୍ଦୁ ଖର୍ଚ୍ଚ ଦେଉନାହାନ୍ତି ବୋଲି ନନ୍ଦା ର ଭଲ ମନ୍ଦ ଖାଇବା ମନା । ଆଖିରୁ ଉଷ୍ମ ଲୁହ କେଇବୁନ୍ଦା ଝରି ପଡେ ତା'ର । ଶୁଭେନ୍ଦୁ ବି ସେ କଣ ଖାଇଲା ନ ଖାଇଲା ସେସବୁ କିଛି ବୁଝନ୍ତିନି କି ଦେଖନ୍ତିନି । ନନ୍ଦା ର ଦିନଚର୍ଯ୍ୟା କିପରି କଟେ ସେ ହିସାବ ଶୁଭେନ୍ଦୁ ରଖନ୍ତିନି । ଭେଣ୍ଡା ଦିଅର ଖଣ୍ଡେର ବାହା ହେବାର ଘଟସୂତ୍ର ଠିକ ହେଉନି। ଯାଆ ଟିଏ ଆସିଥିଲେ ବା କାମ ରେ ସାହାଯ୍ୟ ମିଳିଥାନ୍ତା ।ଗୁକରୀ ଟିଏ କଲେ ଅନ୍ତତଃ ବାସି ପାଇଟି କରିବାକୁ ଲୋକଟିଏ ରଖିପାରିବ । ଶଶୁରଙ୍କ ତା ଗୁକରୀ ରେ କୌଣସି ଆପତ୍ତି ନାହିଁ । ଚକରୀଆ ବୋହୁ ହେଲେ ଘରକୁ ପଇସା ବି ଆସିବ ଆଉ କାମ ବି ହେବ । କିଏ ନ ଗୁହେଁ ଏମିତି **....!!** ପାନ ରୁ ଚୂନ ଖସିବନି । ଏତେ ସବୁ ଭିତରେ ଶୁଭେନ୍ଦୁ ଙ୍କର ତାସ୍ଛଲ୍ୟ ।

ଦୁହିଁ ହୋଇଯାଏ ମନ ଟା ଗୋଟେ ବେସୁରା ରାଗିଣୀ ରେ । ଖୁବ ସ୍ଥିର ଆଉ ସ୍ୱାଭାବିକ ହେଲା ନନ୍ଦା ।ସହଜ, ସରଳ ଆଉ ସାବଲୀଳ ଛନ୍ଦ ରେ ନିଜକୁ ପ୍ରସ୍ତୁତ କରି ଶୁଭେନ୍ଦୁ ଙ୍କୁ କିଛି ସମୟ ଗୁହିଁ କହିଲା --"ତମେ ଯାହା କହିଲ ସମ୍ପୂର୍ଣ୍ଣ ଭୁଲ । ପ୍ରେମ ପାଇଁ ଶରୀର ର ଆବଶ୍ୟକତା ପଡ଼େ ନାହିଁ। ଶରୀର ଟା କେବଳ ମାଧ୍ୟମ ମାତ୍ର । ରୂପ ଟା କେବଳ ମାୟା କିନ୍ତୁ ଭଲପାଇବା ପାଇଁ ଏକ ଅନ୍ତର୍ମନ ଦରକାର ଯାହା ସମସ୍ତ ଙ୍କ ପାଖରେ ନ ଥାଏ। ସେମିତି ଫାଙ୍କା ପଣ ରେ ପ୍ରେମ ହୁଏନି, ଭୋଗ ହୁଏ । ସେମିତି ମନ ଟିଏ ପାଇଲେ ସର୍ବପ୍ରଥମେ ମୁଁ ତୁମକୁ ହିଁ ଜଣାଇବି ।"

ଏକ ତୀକ୍ଷ୍ଣ ଗୁହାଁଣୀ ରେ ବେଣୀ କୁ ପଛକୁ ଛାଟିଦେଇ ଶୁଭେନ୍ଦୁ ଙ୍କୁ ଏଡାଇ କୋଠରୀ ବାହାରକୁ ଆସି ନିଜ ଗନ୍ତବ୍ୟ ଅଭିମୁଖେ ପାଦ ବଢାଇଲା ଗେଟ ବାହାର କୁ । ତା 'ଯିବା ବାଟ କୁ କିଛି ବୁଝି ନ ପାରି ଆଶ୍ଚର୍ଯ୍ୟ ରେ ଗୁହିଁଥିଲେ ଶୁଭେନ୍ଦୁ **...!!**

ବାରିପଦା

# ସେ ଗୁଣ୍ଡୁଚମୂଷା



ରୁଦ୍ର ନାରାୟଣ ଦାଶ

ଆଜି ର ଅପରାହ୍ଣରେ ଆଖି ଲାଖିଥିଲା
ବାସ ସେ ଗୁଣ୍ଡୁଚ ମୂଷା ପାଖରେ
ଅପେକ୍ଷାରତ ସେ ଯେପରି କାଲିର ସକାଳକୁ
ସତେ କାଲି ଆସିବେ କି ଶ୍ରୀରାମ
ନବଶ୍ୟାମଳ କୋଦଣ୍ଡଧାରୀ ଗୋଲାପି ଫଗୁ ନେଇ
ଆଶାର ସମ୍ଭାର ନେଇ ଧରାଧାମକୁ..।।

ଏପଟୁ ସେପଟ ଦେଖୁଥିଲା କଳକାଳର ସେ ଅନିଷ୍ଟିତ ଘଟଣା
ଜର୍ଜରିତ ଦଳିତ ମାନବ ଜାତିର ପୀଡ଼ା
ପୁଣି ତା'ର ଇଚ୍ଛା ଧୂଳିରେ ଲୋଟିଯା'ନ୍ତା
ସେ ନୁହେଁ ଏ ମାନବଜାତି
ପୁଣି ହସିଦେଉଥିଲା ଗଛକୁ ଚଢ଼ି
ଆଃ! ମାନନ୍ତା କି ସେ,
ଶ୍ରୀରାମ ଢ଼ାଳିଆସନ୍ତେ ମାନବର ସୁସ୍ଥ ମାନବତାରେ
ଆଶୀର୍ବାଦ ବୋଳିଦ୍ୟନ୍ତେ
ଆଉ ସମସ୍ତେ ହେଇଯା'ନ୍ତେ ମୁକ୍ତ ବିହଙ୍ଗ
ସେ ତ୍ରେତୟା ଯୁଗ ପରି ଅନନ୍ତ ଯୁଗ ଯାଏଁ।।

ସୂର୍ଯ୍ଯ ଅସ୍ତ ପ୍ରାୟ ସେ ପ୍ରାନ୍ତରେ
ସେ ବି ତା' ଘରକୁ ଯାଇ ପୁଣି ଅନାଇ କହୁଥିଲା
କାଲି ଆସିବେନା ଶ୍ରୀରାମ
ଅନ୍ତତଃ ତା' ପାଇଁ... ।।

ଭୁବନେଶ୍ୱର

# ଶରତ ଶୋଭା



ସମ୍ବିତ ଦାଶ

ବର୍ଷା ଋତୁ ସରିଲେ ଶରତ ଋତୁ
ହୁଅଇ ପ୍ରବେଶ,
ପଲ୍ଲବୀତ ଶରତେ ଫୁଲର ସମ୍ଭାରେ
ଦିଶେ ପ୍ରକୃତିର ହସ ।।

ଶ୍ୱେତ କାଶତେଣ୍ଡି ଫୁଲର ମେଳରେ
ନଦୀ ପଠା ଉଠେ ହସି,
ନିଜ ସ୍ୱନ୍ଦର୍ଯ୍ୟ ନିଜେ ଦେଖି ଧରା
ହୁଏ ମନେ ଭାରି ଖୁସି ।।

ଶୁଭ ସକାଳ ରେ ମେଘ ଖଣ୍ଡ ମାନ
ଭାସି ଦିଶନ୍ତି ସୁନ୍ଦର,
ଖରା ପରେ ଛାଇ ଛାଇ ପରେ ଖରା
ଲୁଚକାଳି ରେ ଦିବାକର ।।

ଜହ୍ନର ଆଲୁଅରେ ଜହ୍ନି ଫୁଲ ଗଛୁଥାଏ
କୋଠି କେବେକେବେ ,
ଶରତ ସନ୍ଧ୍ୟାଟି ଭାରି ମନୋରମ ଯେତେ
ସନ୍ଧ୍ୟା ଅଛି ଭବେ ।।

ଏଇ ଶରତେ ମାଆଙ୍କ ଆଗମନ ରେ
ହସି ଉଠିବ ଧରା,
ପର୍ବଣର ଋତୁ ଉଲ୍ଲସି ଉଠିବ ମେଲାଇ
ଆସିବ ଖୁସିର ପସରା ।।

ସନ୍ଧ୍ୟା ଆଗମନରେ ଶେଫାଳୀ ଫୁଲ
ଫୁଟେ ଚଉଦିଗ ବାସ,
ପୋଖରୀ ଗାଡିଆ ଜଳ ପୂର୍ଣ୍ଣ ହୋଇ
ଜଳଚର ପ୍ରାଣୀମୁହେଁ ହସ ।।

ଏରସମା , ଜଗତସିଂହପୁର

# ବେଳ ଥାଉ ସଜାଗ ହୁଅ ଜନତା (ଦାଣ୍ଡି ବୃତ୍ତ)



ସରୋଜ କୁମାର ଜେନା

କ କହିବି ଆମ ଗାଆଁ ର କଥା
   କହିଲେ ଘୁରି ଯାଉଛି ମଥା ।
ପାଞ୍ଚ ବରଷକେ ଦେଖା ଦିଅନ୍ତି ନେତା
   ଏଠି ମିଳୁନାହିଁ କୌଣସି ଭତ୍ତା ।
ବରଷା ଯୁଆଡେ ସିଆଡେ ଛତା
   ସବୁ ଖାଇଲେଣି ପଡ଼ିଛି କତା ।
କାହାକୁ କହିବା ଆମରି କଥା
   କହିଲେ ଏଠି ସଭିଙ୍କୁ ଚନ୍ତା ।
ସବୁ ଏଠି ଖାଲି କାଟିଲେ ଫିତା
   ବ୍ଲକ କୁ ଧାଇଁ ଧାଇଁ ଛିଡିଲ୍ ଜୋତା ।
ମଦ ମାଉଁସ ଖାଇ ବାଛିଚେ ନେତା
   ଭୋଟ ହୋଇ ହୋଇ ହେଲେଣି କୁତା ।
ଶୁଣିବାକୁ ଏଠି ନାହାନ୍ତି ନେତା
   ଖାଇ ଖାଇ ଫୁଲ ତାଙ୍କ ବ୍ୟାଙ୍କ ଖାତା ।
କାହା କଥା କହିବି ଅଛନ୍ତି ଅନେକ ଯଥା
   ପଞ୍ଚାୟତ ରେ ଏଠି ଅନେକ ନେତା ।
ପଞ୍ଚାୟତ ବୋଲି ତାର ନାହିଁ ସତ୍ତା
   ବେଳ ଥାଉ  ସଜାଗ ହୁଅ ଜନତା ।

ବାଲିଝରୀ,ନରସିଂହପୁର,କଟକ

# ଦୁଃଖ ନଦୀ କୂଳେ କରିଛି ଘର



ଶିବରାମ ଦଳେଇ

ସିନ୍ଦୁର୍ ଫାଟି ସକାଳର ସୁନେଲି କିରଣ କାକର ଉପରେ ମୋତି ପରି ଚକମକ କରୁଥାଏ । ଦୁଃଖୀ ପୁଅକୁ ଧରି ଫକୀର ଅବଧାନେ ଙ୍କ ଘରେ ପହଂଚଲା । ଅବଧାନେ ଟେଳାଟେ ଗୁଡ଼ାଖୁ ଧରି ଦାଣ୍ଡ ପିଣ୍ଡା ରେ ଦାନ୍ତ ଘଷୁଥାନ୍ତି । ଦୁଃଖୀ ଆଣ୍ଠୁମାଡ଼ି ଅବଧାନେ ଙ୍କୁ ମୁଣ୍ଡିଆ ମାରିଲା, ପୁଅକୁ ମୁଣ୍ଡିଆ ମାରିବା କୁ କହିଲା ।

ଅବଧାନେ ପଚ୍ଚାରିଲେ ଆରେ ତୁମେ କିଏ ? ସକାଳୁ ସକାଳୁ ମୋ ପାଖକୁ କଣ ପାଇଁ ଆସିଛ ?

ଅବଧାନେ ଆଜ୍ଞା ମୋ ପୁଅ ଦୁଇ ଚ୍ଚାରି ଅକ୍ଷରପାଠ ପଢିବା ପାଇଁ ଜିଦ ଧରିଛି । ମୁଁ ଶୁଣିଛି ଆପଣଙ୍କ ପାଖକୁ ପଢ଼ିବା ପାଇଁ ଯିଏ ଆସିଛି, ସେ ତା ପରିବାର ଡ଼ଙ୍ଗା କୁ ଭଲରେ ଭଲରେ କୂଳରେ ଲଗେଇ ପାରିଛି । ଅବଧାନେ ଆଜ୍ଞା ତେମେ ଚ୍ଚାହିଁଲେ ବାପ ଛେଉଣ୍ଡ ମୋ କପିଳା ଟା କୂଳରେ ଲାଗି ପାରନ୍ତା ।

ବାପ ଛେଉଣ୍ଡ ମାନେ ଆର ଗାଁ ମକର୍ ଗଉଡ଼ କି ?

ହଁ ଅବଧାନେ ସେ ମୋ ଗେରସ୍ତ ।

ଆରେ ସେ ତ ଆମ ଘରେ ହଇତି କାମ କରୁଥିଲା । ଆଉ ତା ପୁଅକୁ ପାଠ ନ ପଢ଼େଇ ମୁଁ କଣ ଛାଡ଼ିଦେବି। ତାହାର ପଢ଼ିବା ପାଇଁ ଇଚ୍ଛା ଅଛି ମାନେ ତୁମେ ଦେଖିବ ତାକୁ ଆମ ଗାଁ ରେ ମଣିଷ ପରି ମଣିଷ ଟିଏ କରିବି । ଆମ ଗାଆଁ ରେ କଣ ଦେଖିବ ଚ୍ଚାରିଖଣ୍ଡ ଗାଁରେ ଲୋକେ କେମିତି ତାହାର ଯଶ ଗାଇବେ ।ତାକୁ ମୁଁ ଡାକ୍ତରଟେ କରେଇବି । ଡାକ୍ତର ବିନା ମକର୍ ଯେମିତି ଆରପାରିକୁ ଚ୍ଚାଲିଗଲା, କାହା ଜୀବନରେ ଆଉ ସେମିତି ନ ଘଟୁ ମୁଁ

ଗୃହେଁ। ଫକୀର ଅବଧାନେ ଠୁ ଏତକ କଥା ଶୁଣିଲା ବେଳକୁ ଦୁଃଖୀ ଆଖିରୁ ସୁଖ ଆଉ ଦୁଃଖର କେଇବୁନ୍ଦା ଲୁହ ବୋହି ଆସିଲା ।

ଛପନ ବର୍ଷ ବୟସ ରେ କାହାକୁ ଛଅ ଅଣା ଛାଡି ନଥିବା ଅବଧାନେ ଦୁଃଖୀ କୁ ବା କେମିତି ଛାଡିବ । ସେ ସଫା ସଫା କହିଦେଲା, କପିଳା କୁ ପଢେଇବା କୁ ଅନେକ ଅର୍ଥ ଖର୍ଚ୍ଚ ହେବ ହେଲେ ତୁମେ ଅର୍ଥ କେଉଁଠୁ ପାଇବ ?

ଦୁଃଖୀ ଆଖିରୁ ଲୁହ ପୋଛି କହିଲା "ଅବଧାନେ ଆଜ୍ଞା ତେମେ ତ ଜାଣ ମୁଁ ଦୁଃଖିନୀ ଟିଏ ଅନ୍ୟ ଘରେ ଦି ପାହିଟି କରି ଆମେ ଦୁଇ ପ୍ରାଣୀ ଚଳଯାଉଛୁ। ଆଉ ଆପଣ ଟିକଏ ମୋ କପିଳା କୁ ସହାୟ ହେଲେ ସେ ଟିକଏ କୂଳକୁ ଲାଗିଯିବ" । ମୋ କପିଳା ଯଦି ଡାକ୍ତର ହବ ତେବେ ସେତେବେଳେ କଣ ତୁମ ଋଣ ସୁଝି ଦେବନ । ଆଉ ଯଦି କହିବେ ମୁଁ ଆଉ ଦି ଘର ପାହିଟି କରି ଯାହା ମିଳବ ତାକୁ ଆଣି ଦେବି ।

ଅବଧାନେ କହିଲେ ଭଲ ହୁଅନ୍ତା ଯଦି ମୋ ପ୍ରସ୍ତାବ ରେ ରାଜି ହୋଇ ଯାଆନ୍ତ ।

ଦୁଃଖୀ କହିଲା କ ପ୍ରସ୍ତାବ ଅବଧାନେ ?

ତୁମେ ଅନ୍ୟର ପାହିଟି କର କନ୍ତୁ ଯେତେବେଳେ କପିଳା କୁ ପଢେଇବାକୁ ଆଣିବ ମୋ ଘର ର କଣ ଟିକଏ ପାହିଟି କରିଦେବ । କପିଳା ର ପାଠ ପଢା କୁ ପାଠ ପଢ଼ା ହେଇଯିବ ମୋ ଘର ର କାମ ବି ହେଇଯିବ ।

ଦୁଃଖି କପିଳା ର ଭବିଷ୍ୟତ ପାଇଁ ଅବଧାନେ ଙ୍କ ପ୍ରସ୍ତାବରେ ରାଜି ହୋଇଗଲା ।

ଦୁଇମାସ ହେବ କପିଳା ର ପଢ଼ା ସୁରୁଖୁରୁରେ ଚାଲିଥିଲା ତା ସାଙ୍ଗକୁ ଅବଧାନେ ଘର ର ପାହିଟି । କପିଳା ର ପଢ଼ା ସାଙ୍ଗକୁ ଅବଧାନେ ଙ୍କ ଘର କାମ ବି ସୁରୁଖୁରୁରେ ହେଇଯାଉଥିଲା ।

ଦିନେ ଦୁଃଖୀ "ଅବଧାନେ ଶୋଇବା ଘର ଝାଡୁ କରୁଥିବା ସମୟରେ ହଠାତ ତା ମୁଣ୍ଡରୁ ଶାଢ଼ୀଟା ବକ୍ଷ ତଳକୁ ଖସି ପଡ଼ିଲା"। ବାଇଶି ବର୍ଷିୟ ଦୁଃଖୀ ର ବକ୍ଷ ଦ୍ୱୟ ସତେ ଯେପରି 'ତରଙ୍ଗାୟିତ ଢେଉ କୂଳରେ ପିଟି ହେଲା ପରି ଫକୀର ଅବଧାନେ ଙ୍କ ହୃଦୟ କାନ୍ଥରେ

ପିଟିହେଲା' । ଯୌବନ ର କଛିଟା ପାହାଚ ଚଢିଥିବା ଦୁଃଖୀ ଦେହର ମାନସାଙ୍କ କୁ ବୁଢ଼ା ଅବଧାନେ ଏକା ନିଶ୍ୱାସ ରେ ପଢ଼ି ପକାଇଲା ।

ବୁଢ଼ା ଅବଧାନେ ତଟସ୍ଥ ହୋଇ ଗୁହିଁ ରହିଗଲେ । ଦୀର୍ଘ ଛଅ ବର୍ଷ ଧରି ଏକଲାପଣ ଅନୁଭବ କରି ନ ଥିବା ଫକୀର ଅବଧାନେ ଆଜି ସ୍ତ୍ରୀ ର ଅନୁପସ୍ଥିତି ଅନୁଭବ କଲେ । ପ୍ରତିଦିନ ଅନ୍ୟର ହସ୍ତରେଖା ଦେଖି ଭବିଷ୍ୟତ ବତାଉଥିବା ଫକୀର ଅବଧାନେ ସେଦିନ ସାରା ରାତି ତନ ତନ କରି ନିଜ ହାତର ଭାଗ୍ୟରେଖା କୁ ପରଖୁଥିଲା । ତଥାପି ସେ ସେହି ମୁହୂର୍ତ୍ତ ଟିକୁ ଭୁଲି ପାରୁନଥିଲା । ଆଖିକୁ ଟିକଏ ଛାଇନିଦ ଆସିଛି କି ନାହିଁ ଚଢେଇ ମାନଙ୍କ କଚରିମିଚରି ଶବ୍ଦ ରେ ଫକୀର ବୁଢ଼ା ର ନିଦ ଭାଙ୍ଗିଗଲା ।କିଛି ସମୟ ଯାଇଛି କି ନାହିଁ ଦୁଃଖୀ ପୁଅକୁ ପଢ଼ା ଘରେ ଛାଡି ତା କାମରେ ଲାଗିଗଲା । ଫକୀର ଅବଧାନେ କପିଳାକୁ ପାଠ ଦେଇ ଅନ୍ୟ ରୁମକୁ ଗ୍ଲିଗଲା ଯେଉଁ କୋଠରୀ ଦୁଃଖୀ ସଫା କରୁଥିଲା । ହଠାତ ଭିତର ପଟୁ କବାଟ ବନ୍ଦ କରି ବୁଢ଼ା ଦୁଃଖୀ କୁ ଖଟ ଉପରକୁ ଭିଡ଼ିନେଲା । ଦୁଃଖୀ ଚକ୍ରାର କରି ବଳ ପୂର୍ବକ ଖସିଯିବାକୁ ଚେଷ୍ଟା କଲା ବେଳକୁ ଫକୀର ଅବଧାନେ ଦୁଃଖୀ ମୁହଁ କୁ ଗ୍ପିଧରି ତା କାନରେ କହିବାକୁ ଲାଗିଲା ତୋ କପିଳା ର ଭବିଷ୍ୟତ ଚାଁହୁଛୁ ପରା, ତୁ କଣ ଗ୍ହଁନୁ ତୋ କପିଳା ଡାକ୍ତର ହେଉ । ଆବଧାନେ ଙ୍କ ଏତକ କଥା କେଳା ସାପ କୁ କରାୟତ କଲାପରି ଦୁଃଖୀର ଶରୀରକୁ ଆସ୍ତେ ଆସ୍ତେ ନିଷ୍କ୍ରିୟ କରିଦେଲା । ସ୍ୱାମୀ ଗ୍ଲିଯିବା ଦୁଃଖର ଲୁହ ଦୁଃଖୀ ଆଖିରୁ ନ ଶୁଖୁଣୁ ଦୁଃଖୀ ପାଇଁ ଆଉ ଏକ ଦୁଃଖର ବନ୍ୟା ମାଡ଼ିଆସିଲା ।

ଲେଖନପୁର, ସାଲେପୁର

# ପାର୍ବଣ



ସୁଭେନ୍ଦୁ ମେହେର

**ପାର୍ବଣ......!**
ଗଗନେ ପବନେ ଭାସୁଥିବାର ଶିହରଣ
ମଣିଷ ରକ୍ତରେ ଗଢ଼ା
ସୁଉଚ୍ଚ ତୋରଣ !
ପାର୍ବଣ...........
ଲାଲ ଟହ ଟହ ଜିହ୍ୱାରେ
ତାଜା ରକ୍ତର ମଲାଟ,
ମଣିଷ ଚମଡ଼ାରେ ତିଆରି
ଢୋଲ ଓ ନଶାନ !!
ପାର୍ବଣ...........
ଦଙ୍ଗା, ଦାରୁ ଓ ଦାରୀ ର
ପ୍ରକୋପରେ
ପ୍ରସେସନ ଗ୍ଲେ
ନଦା ଦ୍ୱିପ୍ରହରେ
ସୂର୍ଯ୍ୟଙ୍କର ଦାରୁଣ କରଣ !!!

# କୋଣାର୍କ

ତପସ୍ୱିନୀ ଜେନା

ଗୁରୁ ଚନ୍ଦ୍ରକଳା ଶୋଭାରେ ବର୍ଣ୍ଣିତ
ନାହିଁ ଦେହେ ରଙ୍ଗ ଛିଟା ।
ଅପୂର୍ବ ସୁନ୍ଦରୀ ହେଲୁ ହତ ଶିରୀ,
କପାଳ କ ହେଲା ଫଟା ।।

ଗଢିଲେ ଯେ ତୋତେ ବାରଶ ବଢେଇ
ନାନା ବର୍ଣ୍ଣ କରି ଶୋଭା ।
ଜୀବନ୍ତ ଲାଗଇ ସତେ ତୋର ଶିରୀ,
ରୂପ ଦିଶେ ମନ ଲୋଭା ।।

ନହାଣ ମୁନରେ କେତେ ରୂପେ ସତେ
ତୋ ଦେହ ସଜେଇ ଦେଲେ ।
ତଥାପି ତୋର ସେ ଶ୍ରୀହୀନ ମସ୍ତକ,
ସଜେଇତ ନ ପାରିଲେ ।।

କହଲୋ କୋଣାର୍କ ହେଲୁ କ ମଉନ
ହଜି ଗଲା ସୁଖ ଶିରୀ ।
ବୃଦ୍ଧା ତପସ୍ୱିନୀ ସାଜିଅଛୁ ଏବେ,
ହୃଦେ ତୋ ରୂପ ମାଧୁରୀ ।।

ସାଗର ବଧୂ କବା ଧର୍ମପଦର
ଶାପେ ହେଲୁ ତୁ ଶ୍ରୀହୀନ ।
କରିଟ ବିହୀନ ଶ୍ରୀହୀନ ମସ୍ତକ,
ଦିଶେ ସତେ ଆଜି ଶୂନ୍ୟ ।।

ଅଙ୍ଗେ ଯେ ତୋ ଲେଖା କାଳର କାଳୀମା
ଶୋକେ ତୁ ଯାଇଛୁ ଶୋଇ ।
ତଥାପି ତୁହିଁ ଲୋ କଳାର କୋଣାର୍କ,
ଅପୂର୍ବ ସୌନ୍ଦର୍ଯ୍ୟମୟୀ ।।

କୁଜଙ୍ଗ, ଜଗତସିଂହପୁର

# ଶାନ ବାନ ଶାନ୍ତି ର ପ୍ରତୀକ



ଅନଙ୍ଗ ମଞ୍ଜରୀ ଜେନା

ଏକ ସତ୍ୟ ଘଟଣା ଦେଖିବା ପରେ । ମୋ ମନରେ ଏକ ଚନ୍ତାଧାର୍ ଆସିଥିଲ୍ ସତରେ ଯୋଉ ମାନଙ୍କ ପାଇଁ ଦେଶବାସୀ ଆଜି ନର୍ପଦରେ ଶୋଇପାରୁଛନ୍ତି। ସେମାନଙ୍କୁ ଆଜି ଅପବ୍ୟବହାର କର୍ଯାଉଛି। ମୁଁ ସେ ସ୍ଥାନରେ ଯାଇ ଦେଖିବା ପରେ ଏହି କବିତା ମାଧ୍ୟମରେ କଛି ପ୍ରୟାସ କରିଛି ଏହି ସୈନକ ମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉ।

ସତ୍ୟର ଜୟ ମିଥ୍ୟାର ପର୍ଜୟ
ଜୀବନ ଜିଁଇବାର ସ୍ୱପ୍ନ ନେଇ ସେ ଯିଏନା
ଶିଖିଥାଏ କମାଣ ବନ୍ଧୁକ ମୁନରେ ବଞ୍ଚିବାର
ସଂସାରକୁ ଦୁରେଇ ସେ ବଞ୍ଚିଥାଏ
ଭ୍ରତ ମାର ବୁକୁରେ ।

ଆଲୁଅ ଅନ୍ଧାର ର ସେ ପ୍ରହରୀ
ଖର୍, ବର୍ଷା ଆଉ ଶୀତ ର ସହିସୃତ
ଜୀବନ ମରଣର ସେ ଜ୍ୱଳନ୍ତ ଉଦାହରଣ
ୟେ ଦେଶ, ଦୁନଆର ମେରୁଦଣ୍ଡ
ପ୍ରତିଟି ପୃଷ୍ଠାର ଏକ ସୁନ୍ଦର ଛବି ।

ଦେଶକୁ ବଞ୍ଚାଇ ଶତ୍ରୁର କବଲୁ
ଶାନବାନ ଶାନ୍ତି ଆଉ ମୈତ୍ରୀର ପ୍ରତୀକ
ହାରଏନାହିଁ ସେ କୌନସି କ୍ଷେତ୍ରେ

ଆସୁ ବନ୍ୟା ବାତ୍ୟା ବା ଭୂକମ୍ପ ବିଧ୍ୱସ୍ତ
ଆଗେଇ ଆସେ ସେ ସବୁକ୍ଷଣେ ।

ଜନ୍ମ ଜନ୍ମ ଭୂମି ସ୍ୱର୍ଗାଦପୀ ଗରୀୟାସି
କେତେ ସେ ଲଢେ ଏହି ଦେଶେ
ମା ହରାଏ ତା ସନ୍ତାନ ଛାତିକୁ ପଥର କରି
ସ୍ତ୍ରୀ, ପିଲ୍ ହୁଅନ୍ତି ଅନାଥ ଆଖି ଲୁହ ଆଖିରେ
ତା ଦେଶର ମାଟି ତା ଗାଁ ହୁଏ ଶୂନ୍ୟ ।

ସେ ଆଜି ନିଜକୁ ଅସୁରକ୍ଷିତ
ଜୟ ଯବାନ ଜୟ କିଶାନ ର ଯବାନ
ସ୍ମୃତି ର ସ୍ମାରକ ରେ ନିଜକୁ ପାଇବାର ଆଶା
ଆଜି କୋଉ ଜାଗାରେ ବିର୍ଚ୍ଛିନର ସମ୍ମୁଖ
ଭଙ୍ଗି ଦେଇଛି ଯବାନ ମାନଙ୍କୁ ।

ଏଣୁ ମୁଁ ଜଣେ ଯବାନଙ୍କ ସ୍ୱପତ୍ନୀ
ବିଶେଷ ଅନୁରୋଧ ସରକାରଙ୍କ ପାଶେ
ନାହିଁ ହେଉ ଅନ୍ୟାୟ ଏ ଦେଶର ଯବାନ
ମନେ ପକାଯାଉ ଏଦେଶ ଅତୀତ
କେତେ ବୀର ଆଜି ସହୀଦ ହୋଇଛନ୍ତି
ନାହିଁ ଭଙ୍ଗାଯାଉ ତାଙ୍କ ଉପଲକ୍ଷ୍ୟ
ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୈନିକ ସ୍ମାରକୀ

ହାଇଦ୍ରାବାଦ

# ଭଗବାନଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପୋଷାକ



ବିଜୟ କୁମାର ଜେନା

-

କଛିଦିନ ଧରି ଚର୍ଚ୍ଚା ଚ୍ଚଲିଛି ଯେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭିତରକୁ ଜିନ୍ସ ପୋଷକ ପିନ୍ଧି କୌଣସି ଭକ୍ତ ବା ଶ୍ରଦ୍ଧାଳୁ ଯାଇ ପାରିବେ ନାହିଁ। ଏହାରି ଉପରେ ଆଧାରିତ ଏହି ଲେଖା। କାହା ଧାର୍ମିକ ବିଶ୍ୱାସକୁ ଆଘାତ ବା ସଂସ୍କୃତିକୁ ପରିହାସ କରିବା ଅଭିପ୍ରାୟରେ ନୁହେଁ, ବରଂ ସାଧାରଣ ଶ୍ରଦ୍ଧାଳୁ ମନରେ ଉଠୁଥିବା କଛି କଥା।

ମନ୍ଦିର ପ୍ରବେଶ ନେଇ, ପୋଷାକ ଓ ଲିଙ୍ଗ ଭିତ୍ତିକ ବିଭିନ୍ନ କଟକଣା କେରଳର ଅନେକ ମନ୍ଦିରରେ ରହିଛି। ସ୍ୱାମୀ ଆୟାପ୍ପାଙ୍କ ମନ୍ଦିର ଭିତରକୁ ମହିଳାଙ୍କ ପ୍ରବେଶ ବିଷୟରେ ସୁପ୍ରିମ କୋର୍ଟଙ୍କ ହସ୍ତକ୍ଷେପ ପରେ ମଧ୍ୟ ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ ହେଇ ପାରି ନାହିଁ। ଅର୍ଥାତ୍ ସେ ମହିଳା ହୁଅନ୍ତୁ ନା କାହିଁକି, ଜଣେ ଶ୍ରଦ୍ଧାଳୁ ବା ଭକ୍ତ ହେଇ ମଧ୍ୟ ଏକ କଟକଣା ଯୋଗୁଁ ଦର୍ଶନରୁ ବଞ୍ଚିତ ହେଲେ। ଏହା ଦ୍ୱାରା ଜଣେ ଦର୍ଶନାର୍ଥିନଙ୍କ ମନ ଭିତରେ ସୃଷ୍ଟି ହେଲା ଏକ ବିଦ୍ରୋହ। ପଦ୍ମନାଭ ସ୍ୱାମୀ ମନ୍ଦିର ପ୍ରବେଶ କରିବାକୁ ହେଲେ, ପୁରୁଷଙ୍କ ଶରୀରର ଉପରି ଭାଗ ଅର୍ଥାତ୍ ଅଣ୍ଟାରୁ ଉପରକୁ ଉନ୍ମୁକ୍ତ ରହିବା ବାଧ୍ୟତାମୂଳକ ଏବଂ ମହିଳା ମାନେ ଶାଢ଼ୀ ଘାଗରା କମ୍ବା ଲୁଙ୍ଗି ପିନ୍ଧିବା ଜରୁରୀ। ଏ ପ୍ରଥା ସେଠାରେ ଆଜିକାଲିର ନୁହେଁ, ଅନେକ ଦିନରୁ ଚଳି ଆସିଛି। ଏହାର ଫଳାଫଳ ସେହି ଅଞ୍ଚଳରେ ଦେଖିବା ଯଦି, ସେ ଭୂମି ପରଶୁରାମଙ୍କ ଦ୍ୱାରା ପରିପୃଷ୍ଟ ହେଇ, ଆଦି ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଭୂମି ହୋଇଥିବା ସତ୍ୱେ, ସେଠାରେ ହିନ୍ଦୁ ଧର୍ମରୁ ପରିବର୍ତ୍ତିତ ହୋଇ ଅନ୍ୟାନ୍ୟ ଧର୍ମରେ ଦୀକ୍ଷିତ ହେଇଥିବା ଲୋକସଂଖ୍ୟା ଅଧିକ।

କଟକଣା ଓଆକଟ ଯେଉଁଠି ଯେତେ ଅଧିକ ଲାଗୁ ହେଇଥାଏ, ସେସବୁ ଆକଟ ବା କଟକଣା ବିରୁଦ୍ଧରେ ସେଇଠି ସେତେ ଅଧିକ ବିଦ୍ରୋହ ଦେଖାଦିଏ; ସେ ମନ୍ଦିର ହେଉ କମ୍ବା ହେଉ ସଂସ୍ଥା ବା ସମାଜ। ଅତ୍ୟଧିକ ଆକଟ ଓ କଟକଣାରେ ଅତିଷ୍ଠ ହୋଇ ଅତୀତରେ

ଅନେକ ହିନ୍ଦୁ ସେଠାରେ ଧର୍ମ ପରିବର୍ତନ କରିବାକୁ ବାଧ୍ୟ ହେଉଥିବାର ଉଦାହରଣ ରହିଛି; ବର୍ତ୍ତମାନ ବି କିଛି କିଛି ସେମିତି ଘଟଣା ହେଉଛି।

ଓଡ଼ିଶାର ଅତୀତ ଦେଖିବା ଯଦି ଅନେକ ମନ୍ଦିର ଓ ଦେବଦେବୀ ମୂର୍ତ୍ତି ଭାଙ୍ଗି ଦେଇଥିବା କଳା ପାହାଡ଼, ବାହାରୁ କେଉଁଠୁ ଆସି ନଥିଲା, ବରଂ କଟକଣା ଓ ଆକଟ ଯୋଗୁଁ ବିଦ୍ରୋହୀ ସାଜିଥିବା ସେବାୟତ ବା ଶ୍ରଦ୍ଧାଳୁ ପରିବାରର ହିଁ ସଦସ୍ୟ ଥିଲା।

ପୁରୀ ଶ୍ରୀ ମନ୍ଦିର ପ୍ରବେଶ ଉପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ କେବଳ ଧାର୍ମିକ କଟକଣା ରହିଛି କିନ୍ତୁ ପୋଷାକ ପୋଷାକ କଟକଣା ନାହିଁ। ସେଥିପାଇଁ ସେ ଜଗତର ନାଥ। ଯେଉଁ ଶ୍ରଦ୍ଧା ଓ ଆଦରରେ ଲୋକେ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରୁଛନ୍ତି, ଏହି ପୋଷାକ କଟକଣା ନିଶ୍ଚିତ ଭାବରେ ସେ ଶ୍ରଦ୍ଧା ଓ ଆଦର ଉପରେ ଅଙ୍କୁଶ ଲଗାଇବ। ଜଣେ ଶ୍ରଦ୍ଧାରେ ଧୋତି ଗାମୁଛା କିମ୍ବା କୁର୍ତ୍ତା ପାଇଜାମା ପିନ୍ଧିକି ଆସିବା ଗୋଟିଏ କଥା, କିନ୍ତୁ ଏସବୁ ପିନ୍ଧିବାକୁ ବାଧ୍ୟ କରେଇବା ଭିନ୍ନ କଥା। ଏହି ବାଧ୍ୟ ବାଧକତା ମଧ୍ୟରେ କୌଣସି ଭକ୍ତି ନୁହେଁ ବରଂ ମନ୍ଦିର ପରିଚାଳକଙ୍କ ଅହଙ୍କାର ହିଁ ଦୃଷ୍ଟିକୁ ଆସିଥାଏ।

ପୋଷାକ କଟକଣା ଉପରେ ସେବାୟତଙ୍କ କଥା ଅଲଗା। ସେବାୟତମାନଙ୍କ ପୋଷାକର ବୈଶିଷ୍ଟ୍ୟ ଯୋଗୁଁ ସେମାନେ ସହଜରେ ଚହ୍ନା ପଡ଼ନ୍ତି ପୁଣି ଶ୍ରଦ୍ଧାଳୁଙ୍କ ନିକଟରୁ କେବଳ ଦାନ ଦକ୍ଷିଣା ନୁହେଁ, ଭୂମିଷ୍ଠ ପ୍ରଣାମ ସହ ଯଥେଷ୍ଟ ସମ୍ମାନ ପାଇଥାନ୍ତି। ପୁଣି ଦେଖିଲେ, ସେବାୟତ କର୍ମ ସେମାନଙ୍କର ବଂଶାନୁକ୍ରମିକ କୌଳିକ ବୃତ୍ତି। ଶିକ୍ଷକ ଆରକ୍ଷୀ ଆଇନଜୀବୀ ଇତ୍ୟାଦି ପ୍ରତ୍ୟେକ ବୃତ୍ତିରେ ବୃତ୍ତିଗତ ପୋଷାକ ନିର୍ଦ୍ଦିଷ୍ଟ ହେଇଥାଏ। କିନ୍ତୁ ଭକ୍ତ କିମ୍ବା ଦର୍ଶନାର୍ଥି ହେବା ଏକ ବୃତ୍ତି ନୁହେଁ। ଏହା ଏକ ଶ୍ରଦ୍ଧାର କଥା। ସାଧାରଣ ଲୋକଙ୍କ ଠାକୁର ଜଗନ୍ନାଥ ସବୁ ଆକଟ କଟକଣାରୁ ଉର୍ଦ୍ଧ୍ୱରେ। ସେ ନିଜେ ପୁଣି ବର୍ଷ ସାରା ବିଭିନ୍ନ ତିଥି ଓ ପାର୍ବଣରେ ଭିନ୍ନ ଭିନ୍ନ ବେଶ ପୋଷାକରେ ବେଶ ହୁଅନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ପ୍ରୟୋଗ ଶ୍ରୀ ମନ୍ଦିର ର ବିଭିନ୍ନ କାର୍ଯ୍ୟକ୍ରମ ଭିତରେ ଲାଗୁ ହେଇ ଗଲାଣି। ଏମିତି ସମୟରେ ବା ଏ ଯୁଗରେ ଦର୍ଶନାର୍ଥୀଙ୍କ ପୋଷାକ କଟକଣା ବିଷୟ ଅନେକ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦେଖିଥିବେ, ଝିଅଟିଏ ବାହା ହୋଇ ଶାଶୁଘରକୁ ଗଲାପରେ କେତେକ ପରିବାର ଭିତରୁ କୁହୁଳେ ଅଶାନ୍ତିର ନିଆଁ। ଅଧିକାଂଶ ଅଶାନ୍ତିର ମୂଳ କାରଣ ଏହି ପୋଷାକ। ବୋହୁ'ଟି

ଗ୍ହୁଁଥିବ ତାକୁ ଆରାମ ଓ ସହଜ ଲାଗୁଥିବା ପୋଷାକ ପିନ୍ଧିବାକୁ କିନ୍ତୁ ଶାଶୁଘର ଲୋକେ ଗ୍ହୁଁଥିବେ ତାଙ୍କ ବୋହୂ ତାଙ୍କ ପସନ୍ଦର ପୋଷାକ ପିନ୍ଧି ପାରିବାରିକ ଆକଟ ଓ କଟକଣା ଭିତରେ ରହୁ। ବୋହୂକୁ ଶାଢ଼ୀ ପିନ୍ଧିବାକୁ ବାଧ କଲାବେଳେ ଅଧିକାଂଶ ସମୟରେ ବୋହୂଟିର ଇଛା ନୁହେଁ, ଶାଶୂମାନଙ୍କ ଅହଙ୍କାର ହିଁ କାମ କରିଥାଏ। ପ୍ରକାରାନ୍ତରେ ଏୟା ହୁଏ ଯେ, ଝିଅ'ଟି ତା ସ୍ୱାମୀକୁ ନେଇ ଅଲଗା ରହିବାକୁ ସୁଯୋଗ ଖୋଜେ।

କାୟୋମନରେ ପବିତ୍ରତା ରହିବା ଏକ ମାନସିକତା ଅବା ବ୍ୟତିଗତ ଅନୁଭବ। କୌଣସି ପ୍ରକାରର ପୋଷାକ ମନର ପବିତ୍ରତା ଉପରେ ପ୍ରଭାବ ପକାଇବ ନାହିଁ। ମନ୍ଦିର ଏକ ରଙ୍ଗମଞ୍ଚ ନୁହେଁ ଯେ ଆମକୁ ଏକ ନିର୍ଦ୍ଦିଷ୍ଟ ଚରିତ୍ରର ବେଶ ପୋଷାକରେ ପ୍ରବେଶ କରିବାକୁ ହେବ। ମନ୍ଦିର ଆମ କର୍ମଭୂମି ମଧ୍ୟ ନୁହେଁ ଯେ ଆମକୁ ସେମିତି କିଛି ବିଶେଷ ପୋଷାକ ନ ପିନ୍ଧିଲେ କାମ କରିବାକୁ ସ୍ୱ ହୁଆସିବ ନାହିଁ। ମନ୍ଦିରରେ ଆମେ ଆମର ଇପ୍ସିତ ଭଗବାନଙ୍କ ମୂର୍ତ୍ତି ଦର୍ଶନ କରି ମାନସିକ ଶାନ୍ତି ପାଇଥାଉ। ସୁରକ୍ଷା ଦୃଷ୍ଟିରୁ ମନ୍ଦିର ଭିତରକୁ ମୋବାଇଲ ଓ ଅସ୍ତ୍ରଶସ୍ତ୍ର ନ ନେବା ଯୁକ୍ତିଯୁକ୍ତ। ଜୋତା ଚପଲ ଓ ଚମଡ଼ା ଦ୍ରବ୍ୟ ନନେବା ର ଅନ୍ୟ କାରଣ ସବୁ ରହିଛି। କିନ୍ତୁ ଶ୍ରଦ୍ଧାଳୁଙ୍କ ପୋଷାକ ଉପରେ ମନ୍ଦିର ପରିଗ୍ଳନା କମିଟି ହସ୍ତକ୍ଷେପ କରିବା ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ। ଏହା ଶ୍ରଦ୍ଧାଳୁଙ୍କ ମନ ଭିତରେ ଏକ ବିଦ୍ରୋହ'ର ଟିକି ମଞ୍ଜିଟିଏ ପୋତିଲା ପରି ହେବ।

ବଡ଼ ଦେଉଳର ବଡ଼ପଣ ବଜାୟ ରହୁ। ଭକ୍ତଙ୍କ ପୋଷାକ ଉପରେ କଟକଣା ଲାଗୁ ନ କରି, ଭକ୍ତଙ୍କ ସୁବିଧାରେ ଠାକୁର ଦର୍ଶନ ଓ ପ୍ରସାଦ ସେବନ ପ୍ରତି ଧ୍ୟାନ ଦେଲେ ଜଗନ୍ନାଥ ମନ୍ଦିରର ଖ୍ୟାତି ଆହୁରି ବୃଦ୍ଧି ପାଇବ।

ଜୟ ଜଗନ୍ନାଥ।

ଦାମନଯୋଡି

# ଆତ୍ମା ଜଳୁଛି



ବିରେନ୍ଦ୍ର କୁମାର ପ୍ରଧାନ

କଳାକାର ମରିଯାଏ ସିନା
କଳା ଏଠି ଜମା ମରେନା
ଶରୀର ଟା ଜଳଯାଏ ସିନା
ହେଲେ ଆତ୍ମା ଜମା ଜଳେନା ।୧।
ନଗ୍ନତାର ଦୁନିଆରେ
ନଗ୍ନତାକୁ ଆଦରମିଳେ ସିନା
ସଥିକ କଳାକାର ସମ୍ମାନ ପାଏନା
କଳା ତା କୁହୁଳ କୁହୁଳ ହୋଇଯାଏ ଚୂନା ।୨।
ଏଠି ମିଛ ମାୟା ସଂସାରରେ
ସତ ସମ୍ପର୍କ ଗଢାହୁଏ ସିନା
ସମ୍ପର୍କର ଡୋରୀ ନେଇ
ଜୀବନର ଅନ୍ତିମ ପଥ ଗ୍ଭଲିହୁଏନା ।୩।
ଜୀବନର ମଞ୍ଚ ଏଠି
ଥିଏଟର ସିନେମା
ହେଲେ ସାଧନାର ପୀଠ ଜଳୁଛି
ସେଠି ଯାଇହୁଏନା ଜମା ।୪।
କଳାକାର ଏଠି ହସୁଛି
କିନ୍ତୁ ତା ଅନ୍ତର ଆତ୍ମା କାନ୍ଦୁଛି
ଅନ୍ୟକୁ ସୁଖ ଦେବାକୁ ଗ୍ଭହିଁଲେ
ଦୁନିଆ ପାଗଳକହୁଛି ।୫।

ଆଜିର ମଣିଷ ବିଷକୁ ଆପଣେଇ
ଅମୃତ ଫୋପାଡି ଦେଉଛି
ଜୀବନର ଅମୃତ ଗ୍ରହିବା ଆଗରୁ
ତା ଶରୀରଟା ବିଷ ହେଉଛି ।୬।
ଜୀବନର ମୂଲ୍ୟ ବୁଝିନ ମଣିଷ
ଜୀବନକୁ ଜାଳ ଦେଉଛି
ଜୀବନର ମୂଲ୍ୟ ବୁଝିବା ଆଗରୁ
କେତେଥର ସେ ମରିସାରିଛି ।୭।
ଜୀବନର ଶାନ୍ତି ଭାବି
ଅଶାନ୍ତିର ବାଟ ଧରିଛି
କାଞ୍ଚନ ଭାବି ସେ
କାଚକୁ ସାଥି କରିଛି ।୮।
ସେଥିଲାଗି ଆଜି ଶରୀର ବଦଳେ
ତା ଆତ୍ମା ଜଳୁଛି
ପୁଣି କୁହୁଳ କୁହୁଳ
ତା ଆତ୍ମା ଜଳୁଛି ।୯।

କଦମପାଳ, ଧର୍ମଶାଳା, ଯାଜପୁର

# ଆସ ମାଆ ଦୁର୍ଗା

ବିଷ୍ଣୁପ୍ରିୟା ଦାସ

ଜଗତ ଜନନୀ ଗ୍ଭରୁହାସ୍ୟମୟୀ
ଓଲ୍ଲାଇଛ ଧର୍ତ୍ତ ଧାମେ
ଆସ ମାଆ ତୁମେ ଦୁଷ୍ଟଙ୍କୁ ସଂହାର
ଭଜୁଅଛୁ ତୁମ ନାମେ ।।

ପ୍ଲାବନ ହୁଅଇ ମହିମଣ୍ଡଳରେ
ତୁମ ଆଗମନା ପାଇଁ
ଘଣ୍ଟା ଧ୍ୱନ ବାଜି ପ୍ରକମ୍ପିତ ହୁଏ
ତୁମକୁ ର୍ବେଷଣୀ ଦେଇ ।।

ସମସ୍ତ ଶକ୍ତିର ଆଧାର ତୁମେ ଗୋ
ପ୍ରତିରେଣୁ ମଧ୍ୟେ ସ୍ଥିତି
ତୁମ ଆଶ୍ରିବାଦେ ଜଗତ ଗ୍ଭଲଇ
ତୁମେ ଅନ୍ଧକାରେ ଜ୍ୟୋତି ।।

ତୁମେ ଅଟ ଭଗବତୀ ଚଣ୍ଡୀକାୟୀ
ମହାମାୟା ସନାତନୀ
ଆସ ବାରମ୍ବାର ଅବିର୍ଭୁତା ହୋଇ
ତୁମେ ତ ଦୁଃଖ ନାଶିନୀ ।।

ଜଗତ ର ତୁମେ ଆଦ୍ୟ ଅକ୍ଷର ମା
ପାଳନ ର କର୍ତ୍ତିଅଟ
ଆଦ୍ୟାଶକ୍ତି ହୋଇ ବିର୍ତ୍ତଜିତା ତୁମେ
ଜଗତେ ଦେଖାଅ ବାଟ ।।
ଦ ରୂପହୋଇ ଦୈତ୍ୟ ବିନାଶିଛ
ବିପଦକୁ ଗଞ୍ଜୁଅଛ
ଗ ରୂପହୋଇ ପାପକୁ ହାରିଛ
ଯଶବାନା ଉଡାଉଛ ।।

ଯୁଗେ ଯୁଗେ ମାତ ପାପକୁ ନବାରି
ଉଡାଉଛ ସତ୍ୟ ଧ୍ୱଜା
ଏ ଧର୍ତ୍ତ ଧାମରେ ଅବତରି ସଦା
ଘେନକର ପାଦ ପୂଜା ।।

ହୀର୍ତ୍ତପୁର, ଭୁବନେଶ୍ୱର, ଖୋର୍ଦ୍ଧା

# ମନପକ୍ଷୀ

ଧୀରେନ୍ଦ୍ର

ମନ ପାଉ୍ରେ ଉଡିଉଡି ଯା ଶ୍ରୀକ୍ଷେତ୍ର
ଦର୍ଶନ କରିବୁ କାଳଆ ସାଆନ୍ତ
ଭକ୍ତିରେ ଭିଜିବ ନେତ୍ର
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।
କାହିଁ କେତେଦୂରୁ ଉଡି ଯାଉଛିରେ
ତୋର ପାଶେ ମନପକ୍ଷୀ
ତାରନାମ ଗାଇ ତାକୁଭଜିଭଜି
ତା ଚରଣେ ମନରଖି
ତାର ଧାମେ ଯେବେ ପହଞ୍ଚିଯିବୁରେ
ହେବୁ ଅଧମ ପବିତ୍ର
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।

ଦଣ୍ଡବତ ହେବୁ ମଥାରେ ମାରିବୁ
ତୁହି ବଡଦାଣ୍ଡ ଧୂଳ
ପତିତପାବନ ଦେଖିବୁ ଧନରେ
ଉଡୁଥିବ ଫରଫର
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।

ଶୋଷ ଲାଗିଲେ ତୁ ଆନନ୍ଦ ବଜାରେ
ପିଇବୁ ଟଙ୍କ ତୋରାଣୀ
ମନ ଆନନ୍ଦ ରେ ଖାଇବୁ ଅବଢା
ପକାଇ କଦଳୀ ପତ୍ର
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।

ବେଢା ଘୁରିପାଖ ମହମହ ବାସ
ସୁବାସ ତୁଳସୀପତ୍ର
କାଳଆର କଳା ମଥାରେ ମାରିବୁ
ଭଜିଭଜି ମହାମନ୍ତ୍ର।
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।

ବଳୀ ମନ୍ଦିରରେ ଲଦିହୋଇ ଧନ
ଦେଖିବୁରେ ନୀଳଚକ୍ର
କଳପବଟରେ ଥକା ମାରିବୁ ରେ
ଶୁଣିତୁ ପୁରାଣ ଶାସ୍ତ୍ର
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।

ଫେରିତୁ ଆସିବୁ ଭକତିରେ ଭିଜି
ପକ୍ଷୀ ନୀଡକୁ ତୋହର
ବସିରହିଛନ୍ତି ଚତୁର୍ଦ୍ଧାମୂରତି
ଆତ୍ମା ସିଂହାସନେ ତୋର
ମନ ପାଉ୍ରେ ଉଡିଉଡିଯା ଶ୍ରୀକ୍ଷେତ୍ର।
ଜୟ ଜଗନ୍ନାଥ ସ୍ୱାମୀ।

ହାଇଦ୍ରାବାଦ
ଝଜିରୀବାହାଳ, ଅନୁଗୋଳ

# କାର୍ତ୍ତିକ ମାସର ମାହାତ୍ମ୍ୟ ଓ ପରମ୍ପରା



ସାଇପ୍ରସାଦ ସାହୁ

ଓଡିଶାର ପର୍ବପର୍ବାଣୀ ସମ୍ବନ୍ଧରେ କୁହାଯାଇଥାଏ “ବାର ମାସରେ ତେର ପର୍ବ” ଅର୍ଥାତ୍ ବର୍ଷକର ବିଭିନ୍ନ ସମୟରେ ଓଡିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଏ । ସେଥିମଧ୍ଯରୁ ଅନେକ ପର୍ବ ଓଡିଶାର ସଂପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସମ୍ପନ୍ନ ଓ ମହତ୍ୱପୂର୍ଣ୍ଣ । ହିନ୍ଦୁ ଶାସ୍ତ୍ରମତ ଅନୁସାରେ କାର୍ତ୍ତିକ ମାସକୁ ବାର ମାସ ଭିତରେ ଶ୍ରେଷ୍ଠ ଧର୍ମ ମାସ ଭାବେ ବିବେଚନା କରାଯାଏ । କାର୍ତ୍ତିକ ମାସକୁ ମହା କାର୍ତ୍ତିକ ମାସ ବୋଲି ମଧ୍ଯ କୁହାଯାଏ । କାର୍ତ୍ତିକ ଏକ ପବିତ୍ର ମାସ । ଏହି ମାସରେ କେତେକ ପର୍ବ; ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନଦା ତ୍ରୟୋଦଶୀ ବା ଧନ୍ ତେରସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ କାଳୀ ପୂଜା, ଗିରିଗୋବର୍ଦ୍ଧନ ପୂଜା, ଭ୍ରାତୃ ଦ୍ୱିତୀୟା, ନାଗ ଚତୁର୍ଥୀ, ଅଁଳା ନବମୀ, ରାସ ପର୍ବ, ମହାଦେବଙ୍କର ପ୍ରଧାନ ପର୍ବ ବଡ଼ ଓଷା, ଏବଂ କାର୍ତ୍ତିକେୟଙ୍କ ପୂଜା ପଡୁଥିବାରୁ ଏହି ମାସଟିକୁ ସମସ୍ତେ ଧର୍ମ ମାସ କହିଥାନ୍ତି । ବର୍ଷର ବାର ମାସ ମଧ୍ଯରୁ ଯେଉଁ ଚାରିଟି ପବିତ୍ର ମାସ ଭାବେ ପ୍ରସିଦ୍ଧ; ସେଥି ମଧ୍ଯରୁ କାର୍ତ୍ତିକ ଅନ୍ୟତମ । ଏହି ଚାରିମାସ ହେଉଛି, ଆ-କା-ମା-ବୈ; ଅର୍ଥାତ୍ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ । ବର୍ଷର ଏହି ଚାରି ମାସ ପୁଣ୍ୟ ଅର୍ଜନ ଓ ପୁଣ୍ୟ ସଂଚୟ ପାଇଁ ପ୍ରକୃଷ୍ଟ । କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଆମ ରାଜ୍ୟର ଏକ ପ୍ରମୁଖ ପର୍ବ । କୁମାର ପୂର୍ଣ୍ଣିମୀର ପର ଦିନ ଠାରୁ କାର୍ତ୍ତିକ ଆରମ୍ଭ ହୋଇଥାଏ । ଏହି ମାସରେ ଆବାଳବୃଦ୍ଧବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବ ଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । କାର୍ତ୍ତିକ ଅମାବାସ୍ୟାକୁ ଦିପାବଳୀ ଅମାବାସ୍ୟା ବୋଲି କୁହାଯାଏ । ସେହି ଦିନ ଘରକୁ ଆଲୋକ ମାଳାରେ ଓ ଦୀପର ଆଲୋକରେ ସଜେଇ ମହାଶକ୍ତିଙ୍କର ପୂଜା ଆରାଧନା ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । କେବଳ ସେତିକି ନୁହେଁ, କାଉଁରିଆ କାଠିରେ ନିଆଁ ଲଗାଯାଇ ବଡବଡୁଆଙ୍କୁ ଡାକନ୍ତି ଓ ଶ୍ରାଦ୍ଧ ମଧ୍ଯ କରନ୍ତି ।

ଓଡ଼ିଆ ପଦ୍ମପୁରାଣରେ କାର୍ତ୍ତିକ ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା ହୋଇଥିବା ବେଳେ ସ୍କନ୍ଧ ପୁରାଣରେ ଉଲ୍ଲେଖିତ କାର୍ତ୍ତିକ ମାହାତ୍ମ୍ୟ ପ୍ରସଙ୍ଗରେ ଅବତାରଣା ର ଆବଶ୍ୟକ ମନେ ହୁଏ।

ବ୍ରହ୍ମା ନାରଦଙ୍କୁ କହିଛନ୍ତି ; ମାସମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତା ମାନଙ୍କ ମଧ୍ୟରେ ବିଷ୍ଣୁ, ତୀର୍ଥମାନଙ୍କ ମଧ୍ୟରେ ଗଙ୍ଗା, ଯୁଗ ମାନଙ୍କ ମଧ୍ୟରେ ସତ୍ୟଯୁଗ, ଶାସ୍ତ୍ର ମାନଙ୍କ ମଧ୍ୟରେ ବେଦ, ଦାନମାନଙ୍କ ମଧ୍ୟରେ ଅନ୍ନଦାନ ଏବଂ ସୁଖ ମାନଙ୍କ ମଧ୍ୟରେ ପତ୍ନୀସୁଖ ଶ୍ରେଷ୍ଠ ଅଟେ । କିନ୍ତୁ ଶ୍ରୀମଦ୍ ଭଗବତ ଗୀତାରେ ଶ୍ରୀକୃଷ୍ଣ ମାସ ମାନଙ୍କ ମଧ୍ୟରେ ମାର୍ଗଶୀର ମାସକୁ ଶ୍ରେଷ୍ଠ ବୋଲି କହିଛନ୍ତି ।  ଯାହା ହେଉନା କାହିଁକି କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ସଦା ପ୍ରିୟ । କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଯେଉଁ ପୁଣ୍ୟ କାର୍ଯ୍ୟ କରାଯାଇଥାଏ, ତାହାର କୌଣସି କ୍ଷତି ନାହିଁ । ଏହି ମାସରେ ଦେବତାମାନେ ମନୁଷ୍ୟଙ୍କର ନିକଟତର ହୁଅନ୍ତି । ତେଣୁ ଏହି ମାସରେ ବ୍ରତ, ଦାନ, ସ୍ନାନ ଇତ୍ୟାଦି ଦ୍ୱାରା ବିଷ୍ଣୁଙ୍କର ଆରାଧନା ଫଳଦାୟକ ଅଟେ । ଅନ୍ୟ ଦୃଷ୍ଟିକୋଣରୁ ମଧ୍ୟ ଦେଖିବାକୁ ଗଲେ କାର୍ତ୍ତିକ ମାସର ଅନେକ କିଛି ଗୁରୁତ୍ୱ ଅଛି । ଏହି ମାସରେ ବିଶେଷତଃ ଶ୍ରୀରାଧା ଓ ଶ୍ରୀଦାମୋଦରଙ୍କର ପୂଜା ଓ ଉପାସନା କରିବାର ବିଧେୟ ରହିଛି । ତୁଳସୀ ଅଥବା ଅଁଳା ବୃକ୍ଷ ତଳେ ସୂର୍ଯ୍ୟମଣ୍ଡଳକୁ ଦୃଷ୍ଟି କରି ସୂର୍ଯ୍ୟରୂପୀ ନାରାୟଣଙ୍କୁ ପୂଜା କରିବା ଉଚିତ । କୁହାଯାଏ ସମସ୍ତ ଦେବାଦେବୀ ଅପ୍ରତ୍ୟକ୍ଷ, କିନ୍ତୁ ଭଗବାନ ସୂର୍ଯ୍ୟ କାଳର କାଳ ଅଟନ୍ତି । ପିପ୍ପଳ ବା ଅଶ୍ୱତ୍ ବୃକ୍ଷ ଭଗବାନ ବିଷ୍ଣୁଙ୍କର, ବଟ ବୃକ୍ଷ ଶଙ୍କରଙ୍କ ଏବଂ ପଳାସ ବୃକ୍ଷ ବ୍ରହ୍ମାଙ୍କର ସ୍ୱରୂପ ଥିବାରୁ ପୂଜ୍ୟ ଅଟନ୍ତି । କାର୍ତ୍ତିକ ଶୁକ୍ଳ ନବମୀ ଦିନ ଅଁଳା ନବମୀ ନାମରେ ପରିଚିତ । ବୃକ୍ଷ ପୂଜା ଭାରତରେ ଦ୍ରାବିଡ଼ ସଭ୍ୟତାରୁ ଆରମ୍ଭ ହୋଇଛି । ଆଧୁନିକ ଯୁଗରେ ମଧ୍ୟ ଦୁବ, ବରକୋଳି ପତ୍ର ଠାରୁ ଆରମ୍ଭ କରି ଦ୍ରୁମ ପର୍ଯ୍ୟନ୍ତ ପୂଜା କରାଯାଉଛି । ଦୂବ, ବରକୋଳି ପତ୍ର, କାଚନ, ତୁଳସୀ, ଦୟଣା, ନିମ୍ବ, ଅଁଳା, ବର, ଅଶ୍ୱତ୍ଥ, ବାଉଁଶ, ଆମ୍ବ, କଦଳୀ ଗଛ ଏହି ସବୁ ଆମର ପୂଜା ପାର୍ବଣରେ ଲାଗିଥାଏ । ଏହି ଦିନ ଅଁଳା ବୃକ୍ଷର ପୂଜା ଓ ଉପାସନା କରାଯାଏ । ବିଷ୍ଣୁଙ୍କର ମନ୍ଦିରରେ ରାଧାପାଦ ମଧ୍ୟ ଦର୍ଶନ ହୁଏ । କାର୍ତ୍ତିକ ମାସରେ ଜୀବ ହିଂସା, ମଦ୍ୟପାନ, ଅଗମ୍ୟାଗମନ, ଚୋରି ଓ ବିଶ୍ୱାସଘାତ ଏହି ପାଞ୍ଚଟି ନର୍କର ଦ୍ୱାର ହୋଇଥିବାରୁ ଏହାକୁ ତ୍ୟାଗ କରିବା ବାଞ୍ଛନୀୟ ।

ଗାଁ ଗଣ୍ଡାରେ ପ୍ରାୟ ସମସ୍ତ ମନ୍ଦିରରେ ଉଭୟ କାର୍ତ୍ତିକ ମାହାତ୍ମ୍ୟ ପଢୁଥିବା ଲୋକ ଓ ଶୁଣୁଥିବା ବ୍ୟକ୍ତି ମନ୍ଦିରରେ ଅରୁଆ ଅନ୍ନ ସେବନ କରନ୍ତି । ବିଧବାମାନେ ଏଇ ମାସରେ ରାଧାଦାମୋଦର ଉପାସନା ଓ ବ୍ରତ କରିଥାନ୍ତି । ବିଶେଷ କରି ପୁରୀରେ ହବିଷ କରିବା ପାଇଁ ଭିଡ ହୋଇଥାଏ । ଯେଉଁ ବିଧବା ସ୍ତ୍ରୀ ଲୋକ ପୁରୀ ଆସିପାରନ୍ତି ନାହିଁ, ସେମାନେ ଘରେ ରହି ହବିଷ୍ୟ ରାନ୍ଧି ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି ।  ହବିଷ୍ୟାନ୍ନ

ଠାକୁରଙ୍କ ଠାରେ ସମର୍ପଣ କଲା ପରେ ନିଜେ ଏହାକୁ ସେବନ କରନ୍ତି । ହବିଷ୍ୟ ବ୍ରତ ପାଳନ କରୁଥିବା ବିଧବାମାନଙ୍କୁ ହବିଷ୍ୟାଳି କୁହାଯାଏ । ସେମାନେ ପ୍ରାତଃ ସ୍ନାନ କରି ଦେବଦର୍ଶନ କରନ୍ତି, ଦୀପ ଦାନ କରନ୍ତି ଓ ରାଧାଙ୍କୁ ସ୍ମରଣ କରିଥାନ୍ତି । କାର୍ତ୍ତିକ ମାହାତ୍ମ୍ୟ ମଧ୍ୟ ପଢ଼ନ୍ତି । କାର୍ତ୍ତିକ ପୂର୍ଣ୍ଣିମା ଦିନ ନଦୀ, ସମୁଦ୍ର କମ୍ବା ଜଳାଶୟରେ ଡଙ୍ଗା ଭସାନ୍ତି । ପୁରୀରେ ଥିବା ହବିଷ୍ୟାଳିମାନେ ପୂର୍ଣ୍ଣିମା ପରଦିନ ଭୋଗ ତୁଳସୀ ଆଦି ଧରି ଘରକୁ ଫେରିଆସନ୍ତି । ଏହି କାର୍ତ୍ତିକ ମାସରେ ମହାଦେବଙ୍କର ବଡ଼ ଓଷା ବ୍ରତ ହୋଇଥାଏ । ସହରାଞ୍ଚଳଠାରୁ ଗ୍ରାମାଞ୍ଚଳମାନଙ୍କରେ କାର୍ତ୍ତିକ ପୂର୍ଣ୍ଣିମୀର ମଜା ନିଆରା । କେହି କେହି ପାଞ୍ଚ ଦିନ କମ୍ବା ମାସ ସାରା ଚଉଁରାରେ ପଞ୍ଚମୁରୁଜ ହାତରେ ପ୍ରସ୍ତୁତ କରି ବିଭିନ୍ନ କୋଠି କରନ୍ତି । ମାସ ଆରମ୍ଭରୁ ଚଉଁରା ପାଖରେ ଆକାଶ ଦୀପ ଜଳାଯାଏ । ବାଉଁଶର ଶୀର୍ଷରେ ହାଣ୍ଡି ଭିତରେ ଦୀପ ଜାଳୁଥାଏ । ଏ ଦୃଶ୍ୟ ଖୁବ୍ ମନୋରମ । ପୂର୍ଣ୍ଣିମୀ ଦିନ ରାତିର ଶେଷ ପ୍ରହରରେ ସମସ୍ତେ ନିକଟବର୍ତ୍ତୀ ନଦୀ, ସମୁଦ୍ର, ଜଳାଶୟ , ପୋଖରୀ ମାନଙ୍କରେ କଦଳୀ ପାଟୁଆ, ସୋଲର ସୁସଜ୍ଜିତ ଡଙ୍ଗାମାନ ଭସାଇଥାନ୍ତି ।

ଡଙ୍ଗାରେ ପାନ,ଗୁଆ, ଦୀପ ଜଳାଇ ପିତୃପୁରୁଷଙ୍କୁ ବନ୍ଦାପନା କରି ଡଙ୍ଗାଟିକୁ ଭସାଇ ଦିଅନ୍ତି । ଗାଁ ମାନଙ୍କରେ ଏଇ ପର୍ବଟି ଖୁବ୍ ଆନନ୍ଦ ଓ ଉଲ୍ଲାସ ଦେଇଥାଏ । ପାହାନ୍ତିଆ ପ୍ରହରରେ ଗାଁ ଦାଣ୍ଡ ଶଙ୍ଖ, ହୁଳହୁଳି ନାଦରେ କମ୍ପିଉଠେ ।

"ଆ-କା-ମା-ବୈ, ପାନ ଗୁଆ ଥୋଇ ।
ପାନ ଗୁଆ ତୋର, ମାସକ ଧରମ ମୋର ।"

ଡଙ୍ଗା ଭସା ପର୍ବ ଭାରତର ବିଭିନ୍ନ ସ୍ଥାନରେ ପାଳନ କରାଯାଏ । ପିଲାମାନେ ଏହି ଦିନ କାଗଜ କମ୍ବା କଦଳୀ ବାହୁଙ୍ଗାରେ ଡଙ୍ଗା ତିଆରି କରି ପାଣିରେ ଭସାନ୍ତି । ମନ ଆନନ୍ଦରେ ଗୀତ ଗାନ କରନ୍ତି; "ଯା ଯା ରେ ଭାସି କାଗଜ ଡଙ୍ଗାଟି ଭାସି ଯା" । କାଗଜ ଡଙ୍ଗା ଭାସେ, ପବନରେ ପାଣି ଭିତରେ କିଛି ସମୟ ଘୁରିବୁଲେ ଓ ତା'ପରେ ଧୀରେ ଧୀରେ ପାଣିରେ ବୁଡିଯାଏ । ଗଡିଆ ଓ ପୋଖରୀମାନଙ୍କରେ ମଧ୍ୟ ବୋଇତ ଭସାଣି ହୁଏ । ଏହା ଆମର ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପରିଚୟ ଜୀବିତ ରଖେ । ଉତ୍କଳ ଅର୍ଥାତ୍ ଉତ୍କ୍ ଷ୍ଟକଳା, ସଂସ୍କୃତି ଓ ସମ୍ପନ୍ନତାର ଭୂମି । ସମଗ୍ର ବିଶ୍ୱରେ ଏହି ଭୂମି ଥିଲା ଖୁବ୍ ସମ୍ପନ୍ନ । ଓଡ଼ିଆ ସାଧବପୁଅମାନେ ଏହି ଭୂମିକୁ ଆପଣାର ପରିଶ୍ରମ ଓ ସାଧନା ବଳରେ

କରିଥିଲେ ସମୃଦ୍ଧ । ସେଥିପାଇଁ କାର୍ତ୍ତିକମାସ ଓଡ଼ିଆଙ୍କ ପାଇଁ ମହାନ ଓ ମହାତ୍ମ୍ୟ ବହନ କରିଥାଏ । କାର୍ତ୍ତିକ ପୂର୍ଣ୍ଣିମା ଆମକୁ ଆମର ଐତିହ୍ୟ ବିଷୟରେ ମନେ ପକାଇଦିଏ ।

ଏତତ୍ ବ୍ୟତୀତ ସମୁଦ୍ରକୂଳ ଏବଂ ପ୍ରାଚୀନ ବନ୍ଦରମାନଙ୍କରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ଓଡ଼ିଶାର ସାଧବମାନେ ଏହି କାର୍ତ୍ତିକ ପୂର୍ଣ୍ଣିମୀ ତିଥିରେ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଦୀପପୁଞ୍ଜକୁ ବୋଇତ ନେଇ ଯାତ୍ରା କରୁଥିଲେ ।  ସାଧବମାନେ ଏହି ନୈବାଣିଜ୍ୟ କରି ଦେଶ ବିଦେଶରେ ଓଡ଼ିଶାର ଖ୍ୟାତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ କିଛି ପଦାର୍ଥ ସହିତ ଅର୍ଥ ଉପାର୍ଜନ  କରୁଥିଲେ । ତେଣୁ ତାଙ୍କର ପୂର୍ବ ପୁରୁଷଙ୍କ ସ୍ମୃ ତି ରକ୍ଷା କରିବା ପାଇଁ ଓଡ଼ିଆମାନେ ବୋଇତ ବନ୍ଦାଣ ପର୍ବ ପାଳ ଆସୁଛନ୍ତି । ଓଡ଼ିଶାର ପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ କାର୍ତ୍ତିକେୟଙ୍କର ମୂର୍ତ୍ତି ମେଢ଼ କରି ମହାଆଡମ୍ବରରେ ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଆଧୁନକ ଯୁଗରେ ଆଜିର ପିଲାମାନେ ଆମ ରୀତି, ନୀତି, ସଂସ୍କୃତି ଓ ପରମ୍ପରାକୁ ମାନିବାକୁ ଏତେ ପସନ୍ଦ କରୁନାହାଁନ୍ତି । ତେଣୁ ଧିରେ ଧିରେ ଏହା କାଳ ଗର୍ଭରେ ଲୀନ ହୋଇଯିବ । କାରଣ ଗ୍ରାମାଞ୍ଚଳରେ ଲୋକ ସଂଖ୍ୟା କମିବାରେ ଲାଗିଛି । ଯେଉଁମାନେ ଅଛନ୍ତି ସେମାନେ ସହରୀ ଜୀବନଯାପନକୁ ଆପଣେଇବାକୁ ବସିଲେଣି । ଆମେ ଯଦି ଆମର ପର୍ବପର୍ବାଣି, ପରମ୍ପରା ଓ ସଂସ୍କୃତିକୁ ପାଳନ କରିବା ତେବେ ଏହାର ପ୍ରଭାବ ନିଶ୍ଚୟ ଅନ୍ୟମାନଙ୍କ ଉପରେ ପଡ଼ିବ ।

ସିନ୍ଧେକେଲା, ବଲାଙ୍ଗୀର
ଭ୍ରାମ୍ୟ ଭାଷ  - ୯୯୩୭୦୩୪୭୪୨

# ହେ ମରୁତ



ରଘୁନାଥ ତ୍ରିପାଠୀ

ହେ ମରୁତ! ବିଦେହ ଦେବତା, ଆହେ ମହାଭୁତ
ତୁମ୍ଭେ ପର୍ ସର୍ବଶକ୍ତିମାନ
ସାର୍ ଜୀବଜଗତରେ ପର୍ ତୁମ୍ଭର ପ୍ରବେଶ
ତୁମ୍ଭର ସୃଷ୍ଟିରେ ଆଜି ପାପ ଅଧର୍ମର ଶିଖା ଲେଲିହାନ
କଳେବଳେ ଅବା କଉଶଳେ ସମ୍ପତ୍ତି ଅର୍ଜନ
ଜଗତର ସାର୍ ପଥ ଆଜି କଣ୍ଟକତ ।

ତୁମ୍ଭହସ୍ତୁ ଜୀବନ୍ୟାସ ଲଭିଥିବା ସୁନ୍ଦର ସୃଷ୍ଟିରେ
ବାଦଲର କାଳମାରେ ଲୁପ୍ତପ୍ରାୟ ଶଶୀ ଦିନମଣି
ଭୂଲୋକ ଭୂଷଣ ଆଜି ସ୍ୱାର୍ଥ ଭ୍ରଷ୍ଟାଗ୍ନର
ପତ୍ର ଫୁଲ ଫଳେ ବିମଣ୍ଡିତ ବିପୁଳ ବିପିନ
ହାୟ ସତେ ଆଜି ହେଲ୍ ଭୂଲୁଣ୍ଠିତ
ଦୁନିଆର ଶାନ୍ତି ଆଜି ବିପର୍ଯ୍ୟସ୍ତ, ବ୍ୟତିକ୍ରାନ୍ତ ।

ଆବାହନ କରେ ମୁଁ ପ୍ରଣମୀ ପୂର୍ଣ୍ଣକର ଅଭିଳାଷ
ମହାପ୍ରଳୟକୁ ରଚ ହୁଅ ଯୁଗାନ୍ତକ
ଦୂରକରି ରୋଗ ଶୋକ ବର୍ଷା ବଢି ଅମା ଅନ୍ଧକାର
ଫେଡିଦେଇ ସବୁ ଶୁଷ୍କ ରୁଗ୍ଣ ଡାଳପତ୍ର
ଶୀତଳ ସମୀର ହୋଇ ବହିଯାଅ ଯମାଳୟ
ମାରିତୁଙ୍କୁ ବଞ୍ଚାଇଲ ଯେହ୍ନେ ଦାନକରି ଶୀତଳ ସ୍ପର୍ଶର ।

ଦୁନଆରେ ଖେଳଯାଉ ଅରୁଣ କିରଣ
ରୂପେଲି ଗୃନ୍ଦିନୀ ଢାଳୁ ସଦା କ୍ଷପାକର
ଭରିଦିଅ ବନାନୀରେ କଳ ଓ କାକଳ
ତରୁଲତା ଗେହେ ଭରୁ କମନୀୟ କାନ୍ତି
ବହିଯାଉ ନର୍ଝରିଣୀ ସଦା ଆହ୍ଲାଦିତ
ସୁମନ ସୁରଭି ବଳେ କର ଆମୋଦିତ ।

ବାଲିସାହି, ମଧୁପାଟଣା, କଟକ

# ମଧୁବାବୁ ତୁମେ ଫେରିଆସ ଥରେ



ରମାକାନ୍ତ ମାହାଳ

ମଧୁବାବୁ ତୁମେ ଫେରି ଆସ ଥରେ
ଖୋଜୁଛି ଉତ୍କଳ ମାତା,
ଡ଼ାକ ଡ଼ାକ ତୁମେ ଗୁଲିଗଲ ସିନା
ମାଆର ପଡ଼ିଛି ଚନ୍ତା।
କେତେ କଷ୍ଟ ସହି ଓଡ଼ିଆ ମାନଙ୍କୁ
ଏକତ୍ରିତ କରି ଥିଲ,
ଅଖଣ୍ଡ ଓଡ଼ିଶା ଗଠନ କରିବା
ସ୍ୱପ୍ନ ତୁମେ ଦେଖିଥିଲ।
ହେ ବୀର ଓଡ଼ିଆ ତୁମେ ଗୁଲି ଗଲ
ପାରଲନ ତୁମେ ଦେଖି,
ଭଷା ଭିତ୍ତିକରି ଅଖଣ୍ଡ ଓଡ଼ିଶା
ଠିଆହେଲ୍ ମୁଣ୍ଡ ଟେକ।
ଚମଡ଼ା ଶିଳ୍ପର ବିକାଶ ପାଇଁକି
କରିଥିଲ ଯେଉଁ କାମ,
ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାରୁ
ଲିଭିଗଲ୍ ତା'ର ନାମ।
ସ୍ୱାଭିମାନ ପାଇଁ ମନ୍ତ୍ରୀପଦ ସିନା
ଅଗ୍ରାହ୍ୟ ପାରିଲ କରି,

ଦେଖି ଯାଅ ଆସି ତୁମରି ଓଡ଼ିଆ
ଜଣେ ନୁହେଁ ତୁମ ପରି।
ତୁମ କଥା ଆଉ ଶୁଣୁନାହିଁ କେହି
ସ୍ୱାର୍ଥପର ଗଲେ ହୋଇ,
ଖଣ୍ଡ ଖଣ୍ଡ ହୋଇ ଓଡ଼ିଆ ଅଞ୍ଚଳ
ଅନ୍ୟ ରାଜ୍ୟେ ଗଲ୍ ରହି।
ଗୋଟେ ପଟେ ଆନ୍ଧ୍ର ଅନ୍ୟ ପଟେ ବଙ୍ଗ
ଓଡ଼ିଶାରେ ଗଲ୍ ପଶି,
ଓଡ଼ିଆ ପିଲ୍ଏ ପଢୁଛନ୍ତି ପାଠ
ତାଙ୍କ ବିଦ୍ୟାଳୟେ ବସି।
ଆହେ କୁଳବୃଦ୍ଧ ଫେରି କ ଆସିବ
ଗୋର୍ କବରରୁ ତୁମେ,
ତୁମ ପାଇଁ ଆଜି କାନ୍ଦୁଛି ଉତ୍କଳ
ଝୁରୁଛି ତୁମରି ନାମେ।

୨୫, ଭାଗବତ ସନ୍ଧାନ, ଭୁବନେଶ୍ୱର-୨୫

# ଯଦି କେବେ ତୁମେ ଆସ



ରଶ୍ମୀବାଳା ଶତପଥୀ

ଯଦି କେବେ ତୁମେ ଆସ
ସାଥେ ନେଇ ଆସିବ
କଛି ପ୍ରେମର ରଙ୍ଗ,
ଶ୍ରାବଣର ବର୍ଷାରେ
ଯାହା ଧୋଇ ନ ହେବ।।

ଗ୍ଭେରେଇ ଆଣିବ
ବସନ୍ତର ସୁଗନ୍ଧିତ ମହକ,
ବୈଶାଖୀର ତାତିରେ
ଯାହା ଉଭେଇ ନ ହେବ।।

ଅଧା ଲେଖା ପଙ୍କ୍ତି ଗୁଡାକୁ
ସଜାଡି ପୂର୍ଣ୍ଣ କରିଦେବ,
କବିତାକୁ ରସ ମୟ କରି
ସଙ୍ଗୀତ ର ଆଖ୍ୟା ଦେବ।।

ଅଧା ର୍‌ତିରେ ମୋ ନଦ ଭ୍‌ଙ୍ଗି
ଗଲେ ଛାତିରେ ଜାବୁଡ଼ି ଧରିବ,
ସ୍ୱପ୍ନ ଦୁନଆକୁ ମୋତେ ତମେ
ହାତ ଧରି ଡାକ ନେବ।।

ଯଦି କେବେ ମୁଁ ଝୁଣ୍ଟି ପଡେ
ମୋ ହାତକୁ ସମ୍ଭାଳ ଦେବ,
ମୁଁ କେବେ ଯଦି ଭ୍‌ଙ୍ଗି ପଡେ
ସାହାର୍‌ ପାଇଁ ତୁମ କାନ୍ଧ
ନଷ୍ଚୟ ଦେବ।।

ଜୀବନର ପ୍ରତିଟି ଫର୍ଦରେ
ଭରସା ଆଉ ବୁଝାବଣା ଥିବ,
ର୍‌ଗ ଅଭିମାନର ଝଡ଼
କେବେ ଆମ ସମ୍ପର୍କରେ ନ ଥିବ।।

ଜୀବନର ହସ ଲୁହରେ
ଦୁହିଁଙ୍କର ସମାନ ଭ୍‌ଗ ଥିବ,
ଜଣଙ୍କ ହୃଦୟର ସ୍ପନ୍ଦନ ଆଉ
ଜଣଙ୍କ ଛାତିରେ ସ୍ପନ୍ଦିତ ହେଉଥିବ।।

ଯେତେ ଦେଖୁଥିଲେ ଦୁହେଁ ଦୁହିଁଙ୍କୁ ବି
ପ୍ରତିଦିନ କଛି ନୂଆ ଲ୍‌ଗୁଥିବ,
ବୟସର ଅପର୍‌ହ୍ନ ରେ ବି
ଭଲ ପାଇବାର ବାସ୍ନା ଆମ
ସେହିପରି ସତେଜ ଥିବ।।
ବିଶ୍ୱରଶ୍ମୀ

ଯାଜପୁର ଟାଉନ୍, ଯାଜପୁର

# ଅତୀତ ର ଆକର୍ଷଣ



କଷାନ ମହାକୁର

ବାହାରେ ବର୍ଷା ତୁହାକୁ ତୁହା କାଟୁଥିଲା। ବାଲକୋନରେ ବର୍ଷା ଛିଟିକା ଟିକେ ଟିକେ ପଡୁଥିଲେ ବି ଉଠି ଆସିବା ପାଇଁ ଇଚ୍ଛା ହେଉ ନଥିଲା। ଆଜି କାହିଁକି ଏକୁଟିଆ ବସି ରହିବାକୁ ଖୁବ୍ ଭଲ ଲାଗୁଥିଲା। ଅରୁଣିମା ମଝିରେ ମଝିରେ ଆସି କଣ କହି ଦେଇ ଯାଉଥାନ୍ତି ସେ ଆଡକୁ ଧ୍ୟାନ ନଥାଏ। ପୁଅ ଝିଅ ଯିଏ ଯାହା କୋଠରୀରେ । ବଡ ହେଲା ପରେ ସେମାନଙ୍କୁ କଛି ଉପଦେଶ ଦେବା ଏବେ ଗର୍ହିତ ହେଇ ଗଲାଣି। କେହି କାହା ସହିତ ଏକାଠି ନାହାନ୍ତି କନ୍ତୁ ଏକାଠି ରହିବାର ଛଳନା କରି କରି ଆମେ ଗ୍ଭଲିଛୁ। ସେଥିପାଇଁ ବୋଧେ ଭଲରେ ଥିଲେ ମଧ୍ୟ ନଜ ଅନୁଭବ ରେ କେହି ସୁଖ ପ୍ରାପ୍ତି କରୁଛୁ ବୋଲି ବିଗ୍ଭର କରି ପାରୁ ନାହୁଁ ।

ଅରୁଣିମା ବୋଧେ ଝିଅ କୁ ଡାକଲେ। ସୁନ ପଗ୍ଭରିଲା - କଣ ହେଲା !

-ଏଠି ବସିକ ରସୁଣ ଦି'ଟା ଛଡେଇ ଦେବୁ ଆସ।

- - ମୁଁ କାହିଁକ ଏକା ଛଡେଇବି। ଭାଇକ କହୁନୁ। ନହେଲେ ସେ ଅଧା ମୁଁ ଅଧା ଛଡେଇବି।

- ମୁଁ ତୋତେ କହିଲି। ତୁ ଏତେ କଥା କାହିଁକ କହୁଛୁ।

- - ମୁଁ ବି ତ କହିଲି ଭାଇକ କହ। ଏଥିରେ ଏତେ କଥା କୋଉଠୁ ଆସିଲା।

- ମାକୁ ଟିକେ ସାହାଯ୍ୟ କରିବା ପାଇଁ ତମ ମାନଙ୍କୁ କେତେ କଷ୍ଟ ଲାଗୁଛି।

- - ତମକୁ ବି ତ ତମ ପୁଅକୁ କହିବା ପାଇଁ କଷ୍ଟ ଲାଗୁଛି।

ମୁଁ ଆଉ ସମ୍ଭାଳ ନ ପାରି କହିଲି - ମୋତେ ଦିଅ ମୁଁ ଏଇଠି ବସି ଛଡେଇ ଦେଉଛି।

- ନାଇ ଥାଉ। ତମେ ସେଇଠି ବସି ପ୍ରକୃତି କୁ ଉପଭୋଗ କର। ମୁଁ ନିଜେ ଯେତିକ ପାରିବି କରିବି।

- ସମସ୍ୟା ର ସମାଧାନ ହେଇଗଲେ ବି ଅସନ୍ତୋଷ ରେ କରା ଯାଇଥିବା ସମାଧାନ ଅସନ୍ତୋଷ କୁ କେବେହେଲେ ନିର୍ବାପିତ କରେ ନାହିଁ।

- ଝିଅର ଯୁକ୍ତି ଶୁଣି ପୁରୁଣା ଦିନର କଥା କାହିଁକ ଭାରି ମନେ ପଡି ଯାଉଥିଲା। ମୋ ନାନୀ କୁ କିଛି କହିବା ଆଗରୁ ସେ ମାଆର କାମରେ ହାତ ବଢାଇ ଦେଉଥିଲା । ଅର୍ଥାଭାବ ଓ ଅବ୍ୟବସ୍ଥା ଭିତରେ ବି ଆମର ବ୍ୟବସ୍ଥା ଥିଲା। ସମାଧାନ ନଥିଲେ ମଧ ସନ୍ତୋଷ ଥିଲା। ଅର୍ଥର ଅଭାବରେ ଭାବର ଅଭାବ କେବେ ହେଉ ନଥିଲା।

ହୃଦୟରେ ଅଜଣା ପୁଲକ ହଠାତ୍ ଜାଗି ଉଠିଲା। ଚେଷ୍ଟା କରୁଥିଲି ତାକୁ ସାଉଁଟି ନେବା ପାଇଁ। ଅନ୍ତରରେ ତାକୁ ନଜର କରି ରଖିବା ପାଇଁ । ଅତୀତର ଝରକା ଖୋଲି ଝାଙ୍କି ଦେଖିଲି ଅନେକ କିଛି। କେତେ ଘଟଣା ଠେଲା ପେଲା ହୋଇ ପଶିବାକୁ ଚେଷ୍ଟା କରୁଥାନ୍ତି। ତା ଭିତରୁ କିଛି ଘଟଣା ବହୁତ କିଛି ବୟାନ କରିବାକୁ ବ୍ୟସ୍ତ ହୋଇ ଉଠୁଥିଲେ।

ମୁଁ ଶୈଶବରେ ଅଝଟ ଥିଲି। ମୋର ଚପଳତା ସମସ୍ତ ଙ୍କୁ ବ୍ୟସ୍ତ କରି ଦେଉଥିଲା । ଧିରେ ଧିରେ ଯୌବନକୁ ମଧ ଅତିକ୍ରମ କଲି। ଜୀବନର ଅତୀତକୁ ଯେତେ ଘାଣ୍ଟୁଥାଏ ସବୁ କିଛି ସ୍ପଷ୍ଟ ହେଇ ଦେଖା ଯାଉଥାଏ। ବେଳେବେଳେ ନିଜ ନିନ୍ଦିତ କର୍ମ ମଧ ଆନନ୍ଦ ର ପୁଲକ ହୋଇ ମୁହଁରେ ହସ ଭରି ଦେଉଥାଏ।

ଏସବୁ ଭାବିଲା ବେଳକୁ ପ୍ରାୟ ଚାଳିଶ ବର୍ଷ ତଳକୁ ଯିବାକୁ ପଡୁଥିଲା। କିଛି ବି ଅଭୁଲା ନଥିଲା। ଗୋପବନ୍ଧୁ ଛକ ନିକଟସ୍ଥ ୟୁନିଟ ଆଠରେ ଥିବା ଆମର ସେହି ଟୁଆରବି ଘର ସବୁ ଚିତ୍ର ପରି ଭାସି ଆସୁଥିଲେ। ପୋଲ ଉପରେ ବସି ରାଜଧାନୀ ପବନ ଖାଇବାର ମଜା ଓ ସମସ୍ତଙ୍କ ସହ ମିଶି ରହିବାର ଆନନ୍ଦ ରେ ଏକ ଅଦ୍ଭୁତ ମାଦକତା ଥିଲା କହିଲେ ଭୁଲ ହେବନାହିଁ। ଟୁଆରବି ର ଦୁଇଟି ବଖରାରେ ଆମେ ଆଠ ଜଣ ରହୁଥିଲୁ। ସେଥିରେ ପୁଣି ମାସକୁ ପନ୍ଦର ଦିନ କେହି ନା କେହି ଗାନ୍ଦ ରହଣି ପାଇଁ ପହଞ୍ଚି ଯାଉ ଥିଲେ। ତଥାପି ଘରେ ରହିବାକୁ ଯାଗା ହେଉଥିଲା। କାହାର କୌଣସି ଆପତ୍ତି ନଥିଲା। କାରଣ ଶୋଇବା

ବିଶ୍ରାମ ନେବାର ଏକ କାର୍ଯ୍ୟକ୍ରମ ଥିଲା ଆନନ୍ଦ ଓ ଉପଭୋଗ କରିବା ର ମାଧ୍ୟମ ନଥିଲା। ଆଜି ସମସ୍ତଙ୍କୁ ନିଜର ଖଟ ନିଜ କୋଠରୀ ନିଜ କମ୍ବଳ ଆଦି ଦରକାର ପଡୁଛି।

ସବୁଥିରେ ନିଜ ନାମକ ମୋହରଟି କେମିତି ବି ହେଉ କୁଆଡୁ ଆସି ଲାଗି ଯାଉଛି। ଏଇ ନିଜତ୍ୱ ବିଗ୍ରହ ବିବେକକୁ ଏତେ ସ୍ୱାର୍ଥପର କରି ଦେଉଛି ଯେ ନିଜ ଛଡା ସେ ଆଉ କାହାକୁ ଦେଖି ପାରୁ ନାହିଁ। ନିଜ ର ଆନନ୍ଦ ନିଜ ପାଖରେ ସୀମାବଦ୍ଧ ହୋଇ ରହିଲେ ସେଥିରେ ବ୍ୟାପକତ୍ୱ ଆସିବ କେମିତି। ଏହାକୁ ବୁଝୁ ବୁଝୁ ସମୟ ଗଡି ଯାଉଛି।

ମନେ ପଡୁଥିଲା ପରୀକ୍ଷା ସମୟରେ ଘରକୁ କୁଣିଆ ଆସିଲେ ଭରି ବ୍ୟସ୍ତ ଲାଗୁଥିଲା। କିନ୍ତୁ ଆଶ୍ଚର୍ଯ୍ୟ ସବୁ କିଛି ସୁରୁଖୁରୁରେ ଚାଲେ। କୁଣିଆଙ୍କ ଉପସ୍ଥିତି ପଢିବାରେ ବ୍ୟାଘାତ ଆଣେ ନାହିଁ। ବେଳେବେଳେ କୁଣିଆ ନିଜେ ନିଜର ପରି ତାର ବ୍ୟବସ୍ଥା କରି ଦିଅନ୍ତି ଓ ବେଳେବେଳେ ପଡିଶା ଘର ଆସି ତାଙ୍କ ଘରେ ପଢିବା ପାଇଁ ଡାକି ନିଅନ୍ତି।

ବର୍ତ୍ତମାନ ପୁଅ ତା ରୁମ୍ ବନ୍ଦ କରି ପାଠ ପଢୁଛି ଯେ ତାର ଡିଷ୍ଟର୍ବ ହେଇ ଯିବ ବୋଲି ମୁଁ ଡ୍ରଇଂ ରୁମରେ ବି ଟିଭି ଅଳ୍ପ ଶବ୍ଦରେ ଲଗେଇ ପାରୁନି। ମୋତେ ଆସି ବାଲକୋନିରେ ବସି ବାଦଲ ଭରା ଆକାଶ କୁ ଅନେଇ ସମୟ କାଟିବାକୁ ପଡୁଛି। ଏଇଟା ପାଠ ପଢିବାର ଶୃଙ୍ଖଳା କି ଆଡମ୍ବର ବୁଝିବା କଷ୍ଟକର କିମ୍ବା ଏଭଳି କଠୋର ଶୃଙ୍ଖଳା କୁ ଆଳ କରି ନିଜର ପାଠ ପଢିବା ପ୍ରତି ଅହେତୁକ ଆଗ୍ରହ ଅଛି ବୋଲି ଜଣାଇବାର କୌଶଳ। ଯାହା ବି ହେଉ ଏ ପୁରୁଷ କୈନ୍ଦ୍ରିକ ପରିବାର ଯେତେବେଳେ ଧିରେ ଧିରେ ନାରୀ କୈନ୍ଦ୍ରିକ ହେବାକୁ ବସିଲାଣି ସେତେବେଳେ ଅଳ୍ପ ଆକ୍ଷେପ କରି ନୀରବ ରହିଯିବାଟା ଭଲ। ନଚେତ୍ ଯେତିକି ସମ୍ମାନ ମିଳୁଛି ତା ମଧ୍ୟ ହାତେଇବା କଷ୍ଟ ହେଇଯିବ।

ଘରକୁ ଅତିଥି ଆସୁଥିଲେ ମାଆ ଆଗେ ତାଙ୍କ ସତ୍କାର କରୁଥିଲା ତାପରେ ଆମ ପାଳି ପଡୁଥିଲା। ମନ ଭିତରେ ସାମାନ୍ୟ ଅଭିମାନ ଆସୁଥିଲେ ମାଆ ଗେଲ କରି କହିଦିଏ - ଅତିଥି ଙ୍କ ସେବାରେ ବହୁତ ପୂଣ୍ୟ ଥାଏ। ତୋର ତ ଯେତେବେଳେ ଇଛା ଘରେ ପଶି ନିଜେ ଖାଇ ପାରିବୁ। ସତକଥା ମୁଁ ଯାହା କରି ପାରିବି ଅତିଥି ଙ୍କ ସେ ଅଧିକାର ନାହିଁ। ସେଥିପାଇଁ ବୋଧହୁଏ ତାଙ୍କର ଚର୍ଚ୍ଚା ଆଗ। ଏବେ ତ ଅତିଥି ଆସିଲେ ଘରେ ରନ୍ଧା ଖାଦ୍ୟ ମଧ୍ୟ ରହୁନି। ଯିଏ ନ କହି ଅବେଳରେ ଆସିବ ସିଏ ନିଜେ ତା ବ୍ୟବସ୍ଥା କରିବ। ସେଥିପାଇଁ ଅତିଥି ଚର୍ଚ୍ଚା ନାଁ ରେ ଦ୍ୱିତୀୟ ଥର ରନ୍ଧା ଯାଇ ପାରିବ ନାହିଁ। ଆଜି କାଲି

ଅତିଥି ବି ଆଉ ଏତେ ଆସୁ ନାହାନ୍ତି। ଯାହା କୁ ଯିଏ ଯେପରି ତାର ବ୍ୟବସ୍ଥା ସେପରି ନ୍ୟାୟ ରେ ଅତିଥି ଚର୍ଚ୍ଚା ଚ୍ଛଲିଛି। ସେଥିପାଇଁ ବୋଧେ ପୂଣ୍ୟ ଅର୍ଜନ କ୍ଷମତା କମି କମି ଯାଉଛି । ଠାକୁର ପୂଜା ସନ୍ଧ୍ୟା ସମୟରେ ପ୍ରାର୍ଥନା ଯୋର କରି ମଧ୍ଯ ଆଉ କରେଇ ହେଉନ। ରାମାୟଣ ଭାଗବତ ବୋଲି କଛି ଅଛି ବୋଲି ମଧ୍ୟ ପିଲାମାନେ ଜାଣୁ ନାହାନ୍ତି।

ଅରୁଣିମା ଙ୍କ ପାଟି ଶୁଭିଲା । କବାଟଟା ଖୋଲ କଏ କଲିଂ ବେଲ ମାରୁଛି ଦେଖ। ତମର ସେ ଗାଁ ର ଭାଇ କଏ ଆସିବେ ବୋଲି କହୁଥିଲ ପରା। ଯଦି ସେ ହେଇଥିବେ ତାଙ୍କୁ କହିଦେବ ବାହାରେ ଖାଇକ ଆସିବେ। ମୁଁ ତାଙ୍କ ପାଇଁ ଚାଉଳ ପକେଇନ।

-ହୋଉ ରାଗୁଛ କାହିଁକ। ଅନ ଲାଇନ ରେ ମଗେଇ ଦେବା। ତାକୁ ସେମିତି କହିଲେ କଣ ଭଲ ହେବ।

- - ଭଲ ହେବନ ଯଦି ଆଗରୁ କହିଲନ ଆସୁଛି ବୋଲି। ନବାବଙ୍କ ପରି ପଳେଇ ଆସିଲେ କଣ ଏଠି ହୋଟେଲ ଖୋଲା ହେଇଛି କ?

- ହୋଟେଲ ସିନା ଖୋଲା ହେଇନ ଗୃହସ୍ଥି ତ ଖୋଲା ହେଇଛି।

- - ସେଇଟା ପୁଣି କଣ। ତମେ କେବେ ଖୋଲିଲ। ଆମକୁ ତ କହିନ କଛି।

ମୁଁ ଆଉ କଛି ନ କହି ହସି ହସି କବାଟ ଖୋଲିବାକୁ ଚ୍ଛଲିଗଲି। ସତକୁ ସତ ଗାଁ ରୁ ରାଜୁ ଆସିଥିଲା। ଗାଁ ରୁ ଆଣିଥିବା ବାସନା ଚାଉଳ ବ୍ୟାଗଟା ଥୋଇ ଦେଇ ସେଇଠି ସୋଫା ଉପରେ ବସି ପଡ଼ିଲା। ଅରୁଣିମା ପାଖକୁ ଆସୁ ଆସୁ ନମସ୍କାର ଟେ ହେଇ ଚାଉଳଟା ବଢେଇ ଦେଇ କହିଲା - ଭାଉଜ ମୋର ଆସିବା ଟିକେ ଡେରି ହେଇଗଲା। ଆମ ଗାଁର *ସନାଭାଇଟା ଦେଖା ହେଲା ତ*, *କହିଲା, ମୋ ପାଖରେ ଦି'ଟା ଖାଇ ଦେଇ ଯା*। *ମୁଁ ଆଉ ତା କଥା ଭାଙ୍ଗି ନପାରି ଖାଇ ଦେଇ ଆସିଛି।*

*ଅରୁଣିମା ବୁଦ୍ଧିମତୀ* *ଝିଅ ପରି ତତକ୍ଷଣାତ କହିଲେ - ତୁମ ପାଇଁ ଯୋଉ ରନ୍ଧା ହେଇଛି କଏ ଖାଇବ।*

ମୁଁ ଆଶ୍ଚର୍ଯ୍ୟ ହୋଇ ଅରୁଣିମା କୁ ଅନାଇଲି।

ରାଜୁ ହସିଦେଇ କହିଲା - ଆଉଜ ଚନ୍ତା କରନା। ତମେ ଏତେ ଆଗ୍ରହ ରେ କରିଛ ଯେତେବେଳେ ମୁଁ ନଶ୍ଚିତ ଖାଇବି।

ଅରୁଣିମା ତୁରନ୍ତ ଠେଷେଇ ଘର ଆଡ଼େ ଚାଲିଗଲେ। ମୁଁ ମଧ୍ୟ ତାଙ୍କ ପଛେ ପଛେ ଗଲି। ଅରୁଣିମା ମୋତେ ଧିରେ କହିଲେ - ଇୟେ କଣ ପେଟୁ ନା କଣ। ଏବେ ଖାଇକ ଆସିଲା ପୁଣି କେମିତି ଖାଇବ।

-ତମେ କଣ ତାହେଲେ ରାନ୍ଧିନ। ମିଛରେ କହୁଥିଲ ।

- -ତମେ ଏତେ ପ୍ରଶ୍ନ କରନା। ମୋତେ ଖାଲି ଯାହା ଲାଗି ପଡି ହଇରାଣ କରୁଛ। ଏତିକ କହି ଅରୁଣିମା ପୁଣି ଥରେ ଭାତ ବସେଇଲେ।

ମୁଁ ଚୁପଚାପ ରୋଷେଇ ଘରୁ ବାହାରି ଆସିଲି।

ଅତୀତର ଆକର୍ଷଣ କୁ ବର୍ତ୍ତମାନର ଛଳନା ସହିତ ତୁଳନା କରି ମନ ଭିତରେ ଭାବୁ ଭାବୁ ବାଷ୍ପରୁଦ୍ଧ ହେଇ ଯାଉଥିଲି। ସତରେ କେତେ ମୋହ ମାୟାରେ ଆମେ ଅଛୁ। କେତେ ଢୋଙ୍ଗ ପିଟୁଛୁ ଭଲରେ ଅଛୁ ବୋଲି। ଅନ୍ୟ କୁ କଛି ଦେବାରେ ଆମର କେତେ ଯନ୍ତ୍ରଣା ଓ ଅନ୍ୟଠୁ ନେବାରେ କେତେ ଆନନ୍ଦ। ସବୁ ଥାଇ ମଧ୍ୟ ଭିକାରୀ ପରି ମାନସିକତା।

ଆଗ ଅପେକ୍ଷା ବର୍ତ୍ତମାନ ମୁଁ ଯଥେଷ୍ଟ ସ୍ୱଚ୍ଛଳ। ଆଗରୁ ଆମର ଦୁଇ ବଖରା ଘରେ ଆଠ ଜଣ ରହୁଥିବା ବେଳେ ଏବେ ଆମେ ଚାରି ଜଣ ଚାରି ବଖରା ବିଶିଷ୍ଟ ଘରେ ଅଛୁ। ତଥାପି ଘର ଛୋଟ ପଡି ଯାଉଛି ବୋଲି ବେଳେ ବେଳେ ଅଭିଯୋଗ ଆସେ। ମୁଁ କଣ କହିବି ଭାବି ପାରେ ନାହିଁ। ବେଳେବେଳେ ମୋତେ ଲାଗେ ଆଗରୁ ବୋଧେ ଘର ଭିତରେ ପୂଣ୍ୟର ପାବନ ଥିଲା ଯାହାର ସ୍ଥିତି ଏବେ ନାହିଁ। ସେଥିପାଇଁ ସବୁ ଥାଇ ମଧ୍ୟ କଛି ନଥିଲା ପରି ଲାଗୁଛି । ଯେତେ ଚେଷ୍ଟା କଲେ ବି ଅତୀତର ସେହି ସୁଖକୁ ଆଉ ପାଇ ପାରୁ ନାହିଁ। ସବୁ ଯେମିତି ଏଇ ଚାଳିଶି ବର୍ଷ ଭିତରେ କୁଆଡେ ହଜି ଯାଇଛି। ତା ଭିତରେ ମୁଁ ଓ ମୋର ଅସ୍ତିତ୍ୱ ବି।

ନୂଆଁପାଲି, ସୁବର୍ଣ୍ଣପୁର
ମୋ ନଂ - ୮୨୬୦୭୨୬୨୬୬

# ମୃତ୍ୟୁ ଶଯ୍ୟା



ଦୁଷ୍ମନ୍ତ ବେହେରା

ମୃତ୍ୟୁ ଶଯ୍ୟା କୂଳେ ଥାଇ
କାଳଛାଇ ରୂପ କୁ ନେଇ
ଧିରେ ଧିରେ ମୃତ୍ୟୁ ଆସି
ବାଛି ନଏ କୂଳେ ଧରି !!

ମୋ ଘରିପାଖେ ସାଇପଡିଶା
ଅନ୍ଧକାର ରୂପି କାଳ ଛାଇ
କେତେବେଳେ ଆସି ନେଇଯିବ
ଦେଖିବ ମୋତେ ନଯିବ ସଙ୍ଗେ !!

ବନ୍ଧୁ ବାନ୍ଧବ ଆଖିରେ ଲୁହ
ଦୁରେଇ ଦିଅନ୍ତି ମୋ ଠାରୁ
ସ୍ନେହ ସଂପର୍କ ସୂତା ଖିଅ
ଦେଖି କୁହ ଛୁଅଁ ନା ଶବ !!

ଛଅଖଣ୍ଡ କାଠେ ଘରିକାନ୍ଧ
କୋକେଇ ସଙ୍ଗେ ପାଳ ଦଉଡ଼ି
ଖଇ କଉଡ଼ି ଅବୀର ବିଞ୍ଚି
ଗାଁ ଦାଣ୍ଡେ ଢୋଲ ର୍‌ମ ନାମରେ !!

ଘରଠୁ ମଶାଣି ଯେତିକ ଦୂର
ଘରି ଫେରି ଆସ ନଜବାଟେ
ପ୍ରେମ ବନ୍ଧନକୁ ଛିଡେଇ ଦେଇ
ବନ୍ଧୁ ବନ୍ଧୁ ଡାକ ଶେଷରେ !!

ଯାଉଛିରେ ଜନ ଦେଖରେ ମୋତେ
ଧନ ଯୌବନ ମନ ଶରୀର
ଗୋର୍‌ କ କଳା ଭେଦ ଭିବ
ଗର୍ବ ଅହଂକାର ଶେଷ ଠିକଣା !!

ମୋହ ମାୟା ସଂସାର ପ୍ରେମେ
ଅଭିନୟ କରି ଘରିଯାଏ
କଳା ଧଳା ଦୁନଆ ଲ୍‌ଗିଲ୍‌ ରଙ୍ଗିନ
ପଶିଲ୍‌ ବେଳେକୁ ଜଞ୍ଜାଳ ଖାଲି !!

ଦେଖିଲି ଯାହା ସେମିତି ନୁହଁ
ଦୁଃଖ ସୁଖ ଥାଇ ଜୀବନ ଇଏ
କର୍ମ ଯେମିତି କୁ ଫଳ ସେମିତି
ପୂଣ୍ୟ ସାଥେ ପାପ ଥାଇ !!

ଜନ୍ମ ରୁ ପ୍ରତିଯୋଗିତା କଲି
ମୃତ୍ୟୁ ପର୍ଯ୍ୟନ୍ତ ଲଢିଲି
ନା ଧନ ନେଲି ନା ଘର
ନେଲି ନାହିଁ ମୋ ଶରୀର **!!**

ଲାଗିଲା ନିଆଁ ଜୁଇ ଜଳିଲା
ମୋ ସୁନ୍ଦରତା ପୋଡି ସରିଲା
ଦେହ ମନ ମୋ ପାଉଁଶ ହେଲା
ଠିକଣା ମୋ ନଜର ନ ହେଲା **!!**

ଆଶା କରିଥିଲି ପାଉଁଶ ଟିକକ
ହେବ ଯେ ମୋର ନଜର
ସେ ବି ପବନେ ଉଡି ଗଲା
କଏ ମୋ ନଜର ମୋ ଆପଣାର **!!**

ଶରୀର ମନ ନା ଆତ୍ମା
ଆସିଛୁ କାନ୍ଦି ଯିବୁ କନ୍ଦେଇ
କହିବେ ଜଗତ ଜନ
ଆହା କ ଭଲ ମଣିଷ ଟେ ଥିଲା **!!**

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଜୟ ମାଁ ସାରଳା



ଅଜିତ୍ ଦାସ

ନାରାୟଣୀ ବୀଣା କଚ୍ଛପୀ ଧାରିଣୀ
ଚତୁର ବଦନ ସୁତା
ନାହିଁ ମୋ ଶକତି ମାତ୍ର ଭକତିରେ
ନିବେଦନ ଘେନ ମାତା ।୧

ତୋ ଆଶୀଷ ବଳେ ମୂର୍ଖ କାଳିଦାସ
ହୋଇଲେ ବିଦୂଷ ବର
ଯୁଗେ ଯୁଗେ ଯଶ ରହିବ ମହୀରେ
ଧନ୍ୟ ଜନନୀ ତୋ ବର ।୨

ତୁହି ମାଁ ଶାରଦା ସାରଳା ବରଦା
ଶ୍ୱେତ କଞ୍ଜ ନିବାସୀନି
ଦୟା ବହି ଯାହା କଣ୍ଠେ ବିରାଜିଲେ
ଅମର ହୁଏ ସେ ପ୍ରାଣୀ ।୩

ନ ଜାଣେ ମହିମା ନାହିଁ ବିଦ୍ୟା ସୀମା
ମୁଁ ଦୀନ ଅଧମ ଦାସ
ବନ୍ଦଇ ଅଧମ ଅଙ୍ଗେ ଦିଅ କ୍ଷମା
ଥିଲେ ଏ ଦାସର ଦୋଷ ।୪

ତଳମଲ୍, କଳାହାଣ୍ଡି

# ଶରତ



କୃଷ୍ଣ ଚନ୍ଦ୍ର ବାରିକ

ଶୀତୁଆ ସଂଜରେ  ଶୀତାଂସୁ ହସୁଛି
 ବିଭାବରୀ ହସେ ଜାଡେ
ଘାସ ଫୁଲେ ଫୁଲେ କାକରର ଟୋପା
 ସରମି ଯାଉଛି ଲାଡେ

ତମସା କୁହୁଡ଼ି ଚକ୍ରବାଳ ମାଡ଼ି
 ଇନ୍ଦ୍ରଜାଲ ମାୟା ବୁଣେ
ଅରୁଣ କରଣ ମୁକୁତାର ଭ୍ରମ
 ଶସ୍ୟ କ୍ଷେତ୍ରେ ସତେ ଆଣେ

ପୁଙ୍ଗଳା ଫଙ୍କର ନଙ୍ଗଳା ନଟିଆ
 ଖଣ୍ଡିକରେ କାଟେ ଦିନ
ତନୁରେ ଉତ୍ତାପ ଭରି କେ ଦେଇଛି
 ସତେ କ ସେ ପରିଧାନ

ଧୋବ ଫରଫର ମେଘରେ କେତନ
 ଉଡୁଅଛି ଅନାୟାସେ
ବାସର ରାତି ଟା ମହକ ଯାଉଛି
 ରତି ରଙ୍ଗ ରସ ରାସେ

ସାଧବ ବୋହୂ ଯେ ପଥ ଅନୁସରି
 ଆଜି ବି ଅପେକ୍ଷାରତା
ଶରତ ସକାଳ କୀର୍ତ୍ତନ ବର୍ଣ୍ଣାଲୋ
 ଦଶରଥ ଝିଅ ଶାନ୍ତା । ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

# ସମାଜର ରୀତି



ମହେଶ୍ୱର ସାହୁ

ଏହି ପୃଥିବୀ ପୃଷ୍ଠରେ କେଉଁ ଆବାହମାନ କାଳରୁ ଜୀବଜଗତର ସୃଷ୍ଟି ହୋଇ ଅଛି ତାହା ସେଇ ପରଂବ୍ରହ୍ମଙ୍କୁ ହିଁ ଜଣା । ଜୀବଜଗତରେ ଶ୍ରେଷ୍ଠ ଜୀବ ନାମରେ ମାନବ ଜାତି ଆଜି ସମ୍ପୂର୍ଣ ଧରାଧାମକୁ ନିଜ କରାୟତ କରି, ନିଜକୁ ଶ୍ରେଷ୍ଠ ଓ ମହାମହିମର ଆଖ୍ୟା ଦେଇ ପାରୁଛି । ଜନ୍ମ ଥିଲେ ମୃତୁ ମଧ୍ୟ ରହିଛି । ସକଳ ପ୍ରାଣୀ ଓ ଉଦ୍ଭିଦ ଜନ୍ମ ନିଅନ୍ତି, ଶରୀରର ବୃଦ୍ଧି ହୋଇଥାଏ, ବଂଶ ବୃଦ୍ଧି ହୋଇଥାଏ ଓ ଶେଷରେ ଦେହତ୍ୟାଗ କରିଥାନ୍ତି ।

ସମସ୍ତ ପ୍ରାଣୀ ମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ ହୋଇ ପାରିଛି କେବଳ ନିଜର ବୁଦ୍ଧି ଓ ବିବେକ ପାଇଁ । ହାତୀ, ବାଘ, ସିଂହ ଭଳି ହିଂସ୍ର ଓ ବଳିଷ୍ଠ ପ୍ରାଣୀ ମାନେ ମଧ୍ୟ ଏହି ମାନବର ଦାସତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ମାନବର ବୁଦ୍ଧି ଓ ବିବେକ ପାଇଁ, ସେ ନିଜକୁ ଶୃଙ୍ଖଳିତ କରିବାକୁ ସମାଜ ସୃଷ୍ଟି କରିଛି । ଏହି ସମାଜରେ ସଂସ୍କୃତି, ସଂସ୍କାର, ଶିକ୍ଷା ଓ ଦୀକ୍ଷା ଭଳି କେତେକ ମୌଳିକ ଆଧାର ରହିଥିବାରୁ ମାନବ ଆଜି ଶୃଙ୍ଖଳିତ ହୋଇପାରିଛି ।

ମାନବ ସମାଜରେ ଆମେ ସାଧାରଣତଃ ତିନୋଟି ଭିନ୍ନ ଭିନ୍ନ ପ୍ରକୃତିର ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି । କିଛି ଦାନବ ପ୍ରକୃତି ଧାରୀ ହୋଇଥିବା ବେଳେ ଅନ୍ୟ କେତକ ମାନବ ପ୍ରକୃତି ଧାରୀ ହୋଇଥାନ୍ତି । କିଛି ମଧ୍ୟ ଦେବତ୍ୱ ପ୍ରକୃତି ଧାରଣ କରି ଏହି ଜଗତର କଲ୍ୟାଣ କରିଥାନ୍ତି ।

ଦାନବ ପ୍ରକୃତି ଧାରଣ କରିଥିବା ବ୍ୟକ୍ତି ସମୂହ, ନିଜର ପ୍ରକୃତି ଅନୁସାରେ ରାବଣ ଓ ମହିଷାସୁର ଭଳି ଅନୈତିକ କାର୍ଯ୍ୟ ତଥା; ଲୁଣ୍ଠନ, ଚୋରି, ହତ୍ୟା, ଧର୍ଷଣ, ବ୍ୟଭିଚାର, ଅତ୍ୟାଚାର ଆଦି କାର୍ଯ୍ୟରେ ଲିପ୍ତ ରୁହନ୍ତି । ସେମାନେ କେବଳ ନିଜର ଓ ନିଜ ପରିବାରର

ମଙ୍ଗଳ ପାଇଁ କାର୍ଯ୍ୟରତ ରୁହନ୍ତି । ନିଜ ଧନ ନିଜ ସମ୍ପତ୍ତିର ଉନ୍ନତି ଓ ନିଜର ପ୍ରତିପତ୍ତିର ଉନ୍ନତି ପାଇଁ ସର୍ବଦା ଅନ୍ୟାୟର ପନ୍ଥା ଅବଲମ୍ବନ କରନ୍ତି । ସେମାନଙ୍କର ପ୍ରକୃତି ଯେ "ନିଜେ ବଞ୍ଚିଲେ ବାପାଙ୍କର ନାମ" । ଏହି ପ୍ରକୃତିର ଲୋକ ମାନେ ସମାଜର ଭିତ୍ତିଭୂମିକୁ ଦୁର୍ବଳ କରେଇ ଦିଅନ୍ତି । ସରଳ ପ୍ରକୃତିର ଲୋକ ମାନଙ୍କର ଅଭିଶାପର ପାତ୍ର ହୋଇଥାନ୍ତି ।

ମାନବ ପ୍ରକୃତି ଧାରୀ ବ୍ୟକ୍ତି ଯଥା ; ଗୋପବନ୍ଧୁ ଦାସ, ମଦର ଟେରେସା ଭଳି ଲୋକ ମାନେ ସର୍ବଦା ସମାଜ ମଙ୍ଗଳ ପାଇଁ କାର୍ଯ୍ୟରତ ରୁହନ୍ତି । ଦୁଃଖୀ, ଦରିଦ୍ର ଓ ରୋଗୀମାନଙ୍କର ଦୁଃଖ ଦେଖି ନିଜ କୋମଳ ହୃଦୟକୁ ସନ୍ତାପିତ କରାଇଥାନ୍ତି । ଅନ୍ୟର ଦୁଃଖ ଓ ଯନ୍ତ୍ରଣାର କୋହକୁ ନିଜ ନୟନର ଅଶ୍ରୁ ମାଧ୍ୟମରେ ପରିପ୍ରକାଶ କରାଇଥାନ୍ତି । ଯଥା ସକ୍ଷମ ସାହାଯ୍ୟର ହାତ ବଢ଼ାଇ ଥାନ୍ତି । ନିଜେ ଉପବାସ ରହି ମଧ୍ୟ କ୍ଷୁଦାର୍ଥର କ୍ଷୁଧା ନିବାରଣ କରନ୍ତି । ଏଇ ପ୍ରକୃତି ଧାରୀ ଲୋକମାନଙ୍କୁ ସମାଜ ରକ୍ଷକର ଆଖ୍ୟା ଦିଆଯାଇଥାଏ ।

ଦେବତ୍ୱ ପକୃତି ଧାରୀ ଲୋକ ମାନେ ଯଥା : ସ୍ୱାମୀ ବିବେକା ନନ୍ଦ, ରାମ କୃଷ୍ଣ ପରମହଂସ ଆଦି ଲୋକ ମାନେ, ଏହି ସମାଜର କଲ୍ୟାଣ ପାଇଁ ଓ ସମାଜର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ନିଜର ତ୍ୟାଗ ଓ ବ୍ରହ୍ମତ୍ୱର ପରିପ୍ରକାଶ କରିଯାଇଛନ୍ତି । ସମାଜର ହିତପାଇଁ ସେମାନଙ୍କର ତପାସ୍ୟ ଓ ତ୍ୟାଗ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ହୋଇ ଥାଏ । ଈଶ୍ୱର ପ୍ରକୃତି ଧାରୀ ବ୍ୟକ୍ତିଙ୍କର ମୁଖ୍ୟ ଚିନ୍ତନ ହୋଇଥାଏ "ଜିବେ ଦୟା ପରମ ଧର୍ମ" । ସେମାନଙ୍କର ସମାଜ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସମାଜରେ ଗୁରୁଜନଙ୍କ ପ୍ରତି ଭକ୍ତି, ଲଘୁଜନଙ୍କ ପ୍ରତି ସ୍ନେହର ଆଦର୍ଶ, ଏହି ସମାଜକୁ ଏକ ନୂତନ ଦିଗ୍ଦର୍ଶନ ଯୋଗାଇଥାଏ ।

ଆଜିର ସମାଜରେ ବଧୂ ନିର୍ଯାତନା, ଧର୍ଷଣ, ଲାଞ୍ଚ କାରବାର, ସନ୍ଦେହରୁ ବିଚ୍ଛେଦ, ବୃଦ୍ଧ ବୃଦ୍ଧାଶ୍ରମ ବିଚ୍ଛେଦ, ଛାଡ଼ ପତ୍ର, ହତ୍ୟା ଆଦି ଅମାନବୀୟ କାର୍ଯ୍ୟ ଏହି ସମାଜକୁ ଦୁର୍ବଳ ଓ ଅବହେଳିତ କରୁଅଛି ।

ବଧୂ ନିର୍ଯାତନା କେବଳ ସେଇ ପରିବାରରେ ହୋଇଥାଏ ଯେଉଁଠି ପାରିବାରିକ ଲୋଭ, ମୋହ ଓ ହିଂଶା ଭରି ରହିଥାଏ । ସେଇ ପରିବାରର ଲୋକ ମାନେ ଅର୍ଥ ଲୋଭି ହୋଇଥାନ୍ତି ଓ ସୌନ୍ଦର୍ଯ୍ୟ ଲୋଭି ହୋଇଥାନ୍ତି । ସେମାନଙ୍କ ପାଖରେ ଦୟା, କରୁଣା, ସ୍ନେହ ଓ ମମତାର କାଣିଚାଏ ମଧ୍ୟ ଛାପ ନଥାଏ । ଯେତେ ଆଧୁନିକା, ରକ୍ଷଣଶିଳା, ଓ

ସୌନ୍ଦର୍ଯ୍ୟବତୀ କନ୍ୟା ହୋଇଥିଲେ ମଧ୍ୟ ଦାନବ ପ୍ରକୃତିର ପାରିବାରିକ ଲୋକ ମାନଙ୍କ ଠାରୁ ବର୍ତ୍ତି ପାରିବେ ନାହିଁ । ସେମାନଙ୍କର କଳି, ଝଗଡା, ମାର ପିଟ ଆଦି ପାଶବିକ ଗୁଣ କାରାଗାରକୁ ଟାଣି ନେଇଥାଏ ।

ଧର୍ଷଣ ଏକ ଏମିତି ରୋଗ ଯାହାକି କର୍କଟ ରୋଗ ଠାରୁ ଭୟଙ୍କର । ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତରେ ନାରୀ ଓ ପୁରୁଷଙ୍କର ସୁ ବିଚାର ଓ ବୁଝାମଣା ନେଇ ଶାରୀରିକ ସମ୍ପର୍କ ସୃଷ୍ଟି ହେଲେ ତାକୁ ଧର୍ଷଣ କୁହା ଯାଇ ନଥାଏ । ବୟସର ତାରତମ୍ୟରେ ଶାରୀରିକ ସମ୍ପର୍କ ବାଧା ସୃଷ୍ଟି କରି ପାରେନାହିଁ ଯେତେବେଳେ ଦୁଇ ହୃଦୟର ମିଳନ ହୋଇଯାଇଥାଏ । ଧର୍ଷଣ ର ଅନ୍ୟନାମ ଆକର୍ଷଣ । ନାରୀ ପ୍ରତି ପରୁଷର ଆକର୍ଷଣ ସେତେବେଳେ ହୋଇଥାଏ, ଯେତେବେଳେ ଜଣେ ନାରୀ ନିଜର ଅଙ୍ଗ ପ୍ରଦର୍ଶନ କରିଥାଏ । ବେଳେବେଳେ ଅତ୍ୟଧିକ ମଦ୍ୟପାନ ମଧ୍ୟ ଧର୍ଷଣର ମୁଖ୍ୟ କାରଣ ବୋଲି ପରି ଲକ୍ଷିତ ହୋଇଥାଏ । ନାରୀ ନିଜେ ନିଜକୁ ସମାଜର ସଂସ୍କାର ମଧ୍ୟରେ ରଖି ପାରିଲେ କେବେ ବି ଧର୍ଷିତା ହୋଇ ପାରିବେ ନାହିଁ । କାରଣ ଆଧୁନିକତାର ଦ୍ୱାହି ଦେଇ ଅଙ୍ଗ ପ୍ରଦର୍ଶନ କଲା ଭଳି କପଡା ବ୍ୟବହାର କରିବା, ଓଢଣୀ ବ୍ୟବହାର ନ କରିବା, ବାପାମାଆ ଓ ଗୁରୁଜନଙ୍କ ପ୍ରତି ଭକ୍ତି ନ ରଖିବା ମଧ୍ୟ ଧର୍ଷଣର କାରଣ ହୋଇ ଯାଏ । ହେଲେ ଧର୍ଷଣ କାରୀ ଭାବିବା ଦରକାର ଯେ ଧର୍ଷିତା ଯଦି ମୋର ଝିଅ କି ଭଉଣୀ ହୋଇଥାନ୍ତା ତେବେ କଣ ହୋଇଥାନ୍ତା?

ବୃଦ୍ଧ ବୃଦ୍ଧାଶ୍ରମର ବିଚ୍ଛେଦ କେବଳ ସେଇ ପରିବାରରେ ହୋଇଥାଏ ଯେଉଁମାନେ ସମାଜର ଉର୍ଦ୍ଧରେ ରହିଲା ଭଳି ଅନୁଭବ କରନ୍ତି । ନିଜର ଜନ୍ମ ଧାତ୍ରୀ ମାଆ ଓ ବାପାଙ୍କ ପ୍ରତି କର୍ତ୍ତବ୍ୟ ହରା ହୋଇଯାଇଥାନ୍ତି । ଶାଶୁ ଶଶୁର ଓ ସ୍ତ୍ରୀ ହିଁ ନିଜର ବୋଲି ଜଣା ଯାଇଥାନ୍ତି କେବଳ ସେଇ ମାନଙ୍କ ପରିବାରରେ ବାପା ମାଆ ଅବହେଳିତ । ଦେଖା ଯାଇଛି ଆମ ଭାରତରେ କୌଣସି ଏକ କୃଷକର ବାପା ଓ ମାଆ ଆଶ୍ରମରେ ଆଶ୍ରିତ ଓ ଆଶ୍ରିତା ନୁହନ୍ତି । କାରଣ କୃଷକର ଫୁଲାଣି ବୋଲି କିଛି ନାହିଁ । ନିଜ ଜମିରେ ବାପା ଚାଷ କରୁଥିଲେ, ମୁଁ କରିବି । ବାପା ପାନ ଖଣ୍ଡେ ଭାଙ୍ଗି ଦେ ଓ ନାଶ ଟିକେ ଦେ ! ଚାଲ ବିଲକୁ ଯିବା , ବାପା ତୁ ଯାହା ପାରିବୁ କରିବୁ ନ ହେଲେ ହୁଡାରେ ବସି ମୋତେ ଟିକେ ବତେଇ ଦେବୁ । କାରଣ କୃଷକ ପାଇଁ ବୋଧେ ତା ବାପା ନିହାତି ଜରୁରୀ ଚାଷ କାମ ପାଇଁ! ଯିଏ ଖଣ୍ଡେ ସରକାରୀ ଚାକରୀ ପାଇଗଲା ବୋଧହୁଏ ସେ ସମାଜରୁ ବହୁ ଉର୍ଦ୍ଧରେ ହୋଇଗଲା । ଯାହା ହେଲେବି ବାପା ମାଆ ଋଣ କେବେ ବି କେହି ସୁଝି ପାରିବେ ନାହିଁ । ବାପା ବଞ୍ଚିଥିବା ଯାଏ ବାପା

"ପିତା ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପ, ପିତରେ ପ୍ରତିମା ପନେ, ପ୍ରିୟନ୍ତେ ସର୍ବ ଦେବତାହା" ମାଆଙ୍କର ତପସ୍ୟା, ସ୍ନେହ, ପ୍ରେମ ଓ ମମତାର ଋଣ କଏ ବା ସୁଝି ପାରିବ! ତେଣୁ କୁହା ଯାଇଛି ଜନନୀ ଜନ୍ମ ଭୂମିଶ୍ଚ, ସ୍ୱର୍ଗା ଦପି ଗରୀୟସୀ । ଏହି ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଗଳ୍ପ ଯେ "ପୁଅଟି ମାଆକୁ କହିଲା ମା' ମୁଁ ତୁ ମୋତେ ଜନ୍ମ ଦେଇଛୁ ବହୁତ କଷ୍ଟ ମୋ ପାଇଁ ସହିଛୁ ତେଣୁ ମୁଁ ତୋ ଋଣ ସୁଝିବାକୁ ଚାହୁଁଛି । ମାଆ ହସି ଦେଇ କହିଲେ ବାପା ରେ ତୁ କଣ ମୋ ଋଣ ସୁଝି ପାରିବୁ ! ମାଆ ଋଣ କଣ କେହି ସୁଝି ପାରେ!

ହଁ ମାଆ ମୁଁ ସୁଝିବି !

ହଉ ବାପା ତୁ ଆଜି ଗୋଟେ ଦିନ ମୋ ପାଖରେ ସୋଇ ଯାଆ । ଜାଣିବି ତୁ ମୋ ଋଣ ସୁଝି ପାରିବୁ ।

ପୁଅ ମାତୃଭକ୍ତ ସାଜି ରାତିରେ ମାଆ ପାଖରେ ଶୋଇବାକୁ ଗଲା । ଦୁଇ ଜଣ ଗୋଟିଏ ବିଛଣାରେ ଶୋଇଲେ । ପୁଅ ରାତିର ଗଭୀରତାରେ ସମ୍ପୂର୍ଣ୍ଣ ନିଦ୍ରିତ ହୋଇ ଯାଇଥାଏ । ମାଆ ଡାକ ଦେଲେ "ବାପୁଜି ଉଠିଲୁ ବହୁତ ଶୋଷ ଲାଗିଲାଣି, ତଣ୍ଟି ସୁଖୀ ଯାଉଛି ।" ବାପୁଜି ଧଡ଼ ପଡ଼ ହୋଇ ଉଠିପଡ଼ିଲା । ନିଜକୁ ମାତୃ ଭକ୍ତିର ପ୍ରଗାଢ଼ତ୍ୟରେ ଗର୍ବିତ କରୁଥାଏ । ପାଣି ଢାଳରେ ଆଣି ମାଆ ହାତକୁ ଭକ୍ତି ରେ ଟେକିଦେଲା । ମାଆ ପାଣି ଦୁଇ ଢୋକ ପିଇ ଦେଇ ବଳକା ପାଣି ବାପୁର ସୋଇଥିବା ଜାଗାରେ ଢାଳଦେଲେ । ବାପୁ କହିଲା କଣ କଲୁ ମାଆ ମୋ ବିଛଣାରେ ସବୁତକ ପାଣି ଢାଳ ଓଦା କରିଦେଲୁ ମୁଁ କେମିତି ସୋଇବି ? ମାଆ କହିଲେ ହଉ ବାବା ସୋଇପଡ଼ । ବାପୁ ବିଛଣା କଡେଇ ଦେଇ ଶୋଇଗଲା । ବାପୁ ନିଦ୍ରିତ ଅବସ୍ଥାରେ ଥିବା ବେଳେ ପୁନଶ୍ଚ ମାଆ ଡାକଲେ ବାପୁ...ବାପୁ...ଶୋଷ ଲାଗିଲାଣି । ପାଣି ମୁନ୍ଦେ ଆଣିବୁ ଯାଆ । ବାପୁ ଏଇଥର ବହୁତ କଷ୍ଟରେ ଉଠିଲା ହେଲେ ମନରେ ଚଡା ଆସୁଥାଏ ଆଉ ଭାବୁଥାଏ ନାଆଁ ମାଆ ଆଜି ରାତିକ ଶୋଇବାକୁ କହିଛି ତା'ର ସେବା କରିବା ଧର୍ମ । ପାଣି ଆଣି ମାଆଙ୍କର ହାତକୁ ବଢ଼େଇ ଦେଲା । ପୁନଶ୍ଚ ମାଆ କଛି ପାଣି ପିଇ ବଳକା ବାପୁ ର ବିଛଣାରେ ଢାଳ ଦେଇଥିଲେ । ବହୁତ କଷ୍ଟରେ ବାପୁ ଚଡିଚଡା ହୋଇ ସେବା କରୁଥାଏ ଏମିତି ବାରମ୍ବାର କରିବା ଯୋଗୁଁ ବାପୁ ଅତ୍ୟନ୍ତ ରାଗି ଯାଇଥିଲା । କହିଲା ମାଆ ତୁ ଏ କଣ କରୁଛୁ ମୋତେ କଣ ଶୁଆଇ ଦେବୁ ନାହିଁ । ମୋ ବିଛଣା ତ ଓଦା କରିଦେଉଛୁ ।

ମାଆଙ୍କ ଚକ୍ଷୁରେ ଲୋତକ ଆସିଯାଇଥିଲା । କହିଥିଲେ ବାପୁ ମୋ ଧନ ତତେ ମୁଁ ଜାଣିଶୁଣି ଏମିତି କରୁଥିଲି । ତୁ ଜାଣିବା ଦରକାର ଯେ ମାଆର ଋଣ କଣ ? ତୁ ଏମିତି ରାତି ସାରା ମୋ ଉପରେ ପରିସ୍ରା କରିଦେଉ ଆଉ ମୁଁ ରାତି ସାରା ତୋର ଏଇ ମୂତ୍ର ଭରା ମୋ ଭିଜା ଶାଢୀରେ ସୋଇ ରୁହେ । ରାତି ସାରା ତୁ କେତେଥର ଚମକ ଉଠୁ କାନ୍ଦି ପକାଉ, ଆଉ ମୁଁ ତୋ ବିଛଣା ଗାରି ପାଖରେ ଖୋଜିହୁଏ କାହିଁକି କାନ୍ଦିଲୁ କହ ଧନ ତୁ କଣ ମୋ ଋଣ ସୁଝି ପାରିବୁ? ବାପୁ କେବଳ କାନ୍ଦୁଥିଲା ମାଆ ମାଆ କହି ।

ଏହି ପରିପ୍ରେକ୍ଷୀରେ କହିବାକୁ ଗଲେ ସତରେ ବାପା ଆମର ମୂଲିଆ ହେଉ କି କୃଷକ ହେଉ କି ଡାକ୍ତର ହେଉ ସେ ଆମର ବାପା ଆମର ଭଗବାନ ଯିଏ ଆକାଶ ଠାରୁ ବଡ଼ । ବାପା ଥିଲା ପୁଅ କେବେ ସଭାରେ ହାରେ ନାହିଁ । ମାଆ ମଧ୍ୟ ସେମିତି ଜଣେ ଗୃହିଣୀ ହୁଅନ୍ତୁ କି ଚପରାସି ହୁଅନ୍ତୁ କି ରାଜରାଣୀ ହୁଅନ୍ତୁ ସେ ହେଉଛନ୍ତି ମାଆ, ଯିଏକି ଏହି ଦୁନିଆର ଆଲୋକ ଦେଖାଇ ଛନ୍ତି ତେଣୁ ବାପା ଓ ମାଆଙ୍କୁ ଅବହେଳା କରିବା ଉଚତ ନୁହେଁ ।

ସନ୍ଦେହ ଏକ ଏମିତି ଚନ୍ଦ୍ରାଧାରା ଯାହା ଦ୍ୱାରା ପ୍ରେମୀ ଯୁଗଳାଙ୍କ ମଧ୍ୟରେ ଫାଟ ସୃଷ୍ଟି କରେ । ହଁ ଏଇଟା ଠିକ ହୋଇ ପାରେ ପୁରୁଷ ହୁଅନ୍ତୁ କି ନାରୀ ଆଜି କାଲି ଦୋମୁହାଁ ନୀତିରେ ପଡୁଛନ୍ତି । ଅନ୍ୟର କଥାରେ ପ୍ରଭାବିତ ହେଉଛନ୍ତି ଯାହା ଦ୍ୱାରା ସନ୍ଦେହ ସୃଷ୍ଟି ହେଉଛି । ଅପରପକ୍ଷରେ ଦେଖିବାକୁ ଗଲେ କିଛି ପ୍ରକୃତି ହୀନ ପୁରୁଷ ଓ ନାରୀ ନିଜ ତରଫରୁ ନିଜ ପ୍ରେମୀ ପାଇଁ କିଛିଟା ଅବହେଳା ରଖିଥାନ୍ତି । ନିଜର ସମୟ ଅତିବାହିତ କରିବା ପାଇଁ କାର୍ଯ୍ୟରତ ପ୍ରେମୀର ଅନୁପସ୍ଥିତିରେ ଅନ୍ୟ ପୁରୁଷ ଓ ନାରୀରେ ମନ ଦିଅନ୍ତି । ଏହା ଦ୍ୱାରା ବିଚ୍ଛେଦ ସୃଷ୍ଟି ହୁଏ । ପ୍ରେମ ଦ୍ୱାରା ସୁଖ ଓ ଶାନ୍ତି ମିଳିଥାଏ ହେଲେ ଏଥିରେ ସନ୍ଦେହ ଆସିଗଲେ ଏହି ପ୍ରେମ ପ୍ରଚାର ହୋଇଯାଏ । ଏହି ପ୍ରେମ ପ୍ରଚାର ହୋଇଗଲା ପରେ ଲୋକ ଲୋଚନରେ ବଦନାମ ହେବାକୁ ପଡିଥାଏ । ବଦନାମ ହିଁ ଆତ୍ମହତ୍ୟାର କାରଣ ହୋଇଥାଏ । ଏହା ଯୌନପିରତିର ଗୁପ୍ତ ରହସ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଛାଡପତ୍ର କଥା କହିବାକୁ ଗଲେ ଆମେ ଭାବିବା ଯେ ସ୍ୱାମୀ ସ୍ତ୍ରୀଙ୍କର ସମ୍ପର୍କର ବିଚ୍ଛେଦ । ହଁ କେବଳ ଏଇ ବିଛେଦର ମୁଖ୍ୟ କାରଣ ଯୌତୁକ ଓ ସନ୍ଦେହ ହୋଇଥଇପାରେ ! କିଛି ଜାଗାରେ ଦେଖିବାକୁ ମିଳେ ଗରିବ ବାପା ଟିଏ ଯୌତୁକ ଦେଇ ପାରେ ନାହିଁ । ଯାହା ଦ୍ୱାରା ତାର କନ୍ୟା ଶଶୁର ଘରେ ନିର୍ଯାତିତ ହୋଇଥାଏ । ଅନ୍ୟ ପକ୍ଷରେ ଏମିତି ଦେଖାଯାଏ ଛାଡ଼

ପନ୍ଥର ମୁଖ୍ୟ କାରଣ ସାମାଜିକ ଗଣମାଧ୍ୟମ ଯାହାକ **facebook** ଓ **whatsapp** ଆଦି ହୋଇଥାଏ । କୌଣସି ସ୍ୱାମୀ ଗୃହେଁ ନାହିଁ ତାର ସ୍ତ୍ରୀ **facebook** ରେ ସଜେଇ ହେଇ ଏମିତି ଫୋଟୋ ଛାଡୁ ଯାହା ଦ୍ୱାର୍ ଅଜଣା ଲୋକଟିଏ କୁ ମନ୍ତବ୍ୟ ଦେଉ **!** ଯାହା ଦ୍ୱାର୍ ସ୍ୱାମୀ ସ୍ତ୍ରୀଙ୍କର ବିଚ୍ଛେଦ ସୃଷ୍ଟି ହୋଇଥାଏ । ସ୍ୱାମୀ କର୍ମକ୍ଷେତ୍ରକୁ ଗଲା ପରେ ସ୍ତ୍ରୀ ପୁଅସାଙ୍ଗମାନଙ୍କ ସହିତ ବର୍ତ୍ତାଳାପ କରିବା ମଧ୍ୟ ସମ୍ପର୍କରେ ଫାଟ ସୃଷ୍ଟି କରେ । ଏମିତି କଛି ଘଟଣା ଆମ ସୁଖ ସ୍ୱଚ୍ଛନ୍ଦକୁ ନଷ୍ଟ କରି ଏହି ସମାଜରେ ଆମକୁ କଳଙ୍କିତ କରିଥାଏ । ଆମେ ଏହିସବୁ ସମସ୍ୟାରୁ ଦୁରେଇ ରହିବା ଆବଶ୍ୟକ । ଯାହାଦ୍ୱାର୍ ଆମେ ଏକ ସୁରକ୍ଷିତ ଓ ଖୁସିର ସଂସାର ସୃଷ୍ଟି କରି ଏହି ସମାଜରେ ପ୍ରତିଷ୍ଠିତ ହୋଇ ପାରିବା ।

ଲାଞ୍ଚ କଥା ଦେଖିବାକୁ ଗଲେ ଏହାର ମୁଖ୍ୟ କାରଣ ଅତ୍ୟଧିକ ଲୋଭ ହୋଇଥାଏ । ମଣିଷର ହୃଦୟକୁ ଯେତେବେଳେ ଲୋଭ ଗ୍ରାସ କରିଯାଏ ସେତେବେଳେ ସେ ଲାଞ୍ଚୁଆ ଓ ଠକ ପ୍ରବୃତ୍ତି ଧାରଣ କରି ଦାନବତ୍ୱ ସୃଷ୍ଟି କରିଥାଏ । ଏହା ମଧ୍ୟ ଏହି ସମାଜ ପାଇଁ ଅତ୍ୟନ୍ତ କଳଙ୍କିତ ଅଟେ । ଆମେ ବୁଝିବା ଦରକାର ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ କେତେଦୂର ସକ୍ଷମ ଅର୍ଥ ଦେବା ପାଇଁ । ଲାଞ୍ଚ ନେବା ପାପ ଓ ଦେବା ପାପ ଅଟେ ଏଣୁ ଲାଞ୍ଚ କାରବାର କରିବା ସାମାଜିକ ଅପରାଧ ଅଟେ ।

ହତ୍ୟା ସେତେବେଳେ ହୋଇଥାଏ ଯେତେବେଳେ ମଣିଷ ନିଜର ଦାନବ ପ୍ରକୃତି ଜାଗ୍ରତ କରିଥାଏ । ସେତେବେଳେ ହତ୍ୟାକାରୀର ହୃଦୟ ପଥର ହୋଇ ଯାଏ । ତା'ର ହୃଦୟରୁ ସ୍ନେହ, ମମତା ଦୁରେଇ ଯାଇଥାଏ ।

ସେ କରୁଥିବା ଲୋକଟି ଜଣେ ଅତ୍ୟାଗ୍ଭରୀ ହୋଇପାରେ, ଜଣେ ପରମ ଶତ୍ରୁ ହୋଇପାରେ ଅଥବା ଜଣେ ଧନୀକ ବ୍ୟକ୍ତି ହୋଇ ପାରେ । କନ୍ତୁ ହତ୍ୟା କରିବା ମହାପାପ । ଯେତେବେଳେ ଜଣେ ହତ୍ୟାକାରୀ ହୋଇଯାଏ ସେତେବେଳେ ତା'ର ହୃଦୟରେ ପଶୁ ଓ ଦାନବ ପ୍ରବୃତ୍ତି ଜାଗ୍ରତ ହୋଇ ଉଠେ । ହେଲେ ହତ୍ୟା ପରର କରୁଣ ଦୃଶ୍ୟ ସେତେବେଳେ ତାହାର ହୃଦୟକୁ ଛୁଇଁ ପାରେ ନାହିଁ । ଫାଶୀ ହେଉକ ଆଜୀବନ କାର୍‌ଦଣ୍ଡ ସେ କେଉଁଥିରେ ଭ୍ରୁକ୍ଷେପ କରେ ନାହିଁ । ହତ୍ୟା କରିବା ପୂର୍ବରୁ ମନୁଷ୍ୟ ହଜାରେ ଥର ଚନ୍ତା କରିବା ଆବଶ୍ୟକ ଯେ ଏଥିରେ ଆମର ଭବିଷ୍ୟତ କଣ ଓ ବର୍ତ୍ତମାନ ମୁଁ କଣ କରୁଛି ।

ଶେଷରେ ମୁଁ ଏତିକ କହିବାକୁ ଚାହେଁ ଆମେ ଯଦି ଏକ ସୁଦୃଢ଼ ସମାଜ ଗଠନ କରିବାକୁ ଚାହିଁବା ତେବେ ବୁଦ୍ଧିଜୀବୀ, ଜ୍ଞାନୀ ଓ ଗୁଣି ବ୍ୟକ୍ତି ମାନେ ସ୍ୱତଃପ୍ରବୃତ ଭାବେ ଯୋଗଦାନ ଦେବା ଆବଶ୍ୟକ । ଏକତା ଓ ସୁବୁଝାମଣା ହିଁ ଏକ ସୁସ୍ଥ ଏକ ସୁସ୍ଥ ସମାଜ ଗଠନରେ ମୁଖ୍ୟ ଆଧାର ହୋଇପାରିବ । ମଣିଷ ମଧ୍ୟରେ ନମ୍ରତା ସହିତ ସହନ ଶିଳତା ଗୁଣ ପ୍ରଶଫୁଟିତ ହେବା ଆବଶ୍ୟକ । ଆବଶ୍ୟକ ଅନୁସାରେ ଦୁଖୀ ଦରିଦ୍ର ଓ ରୋଗୀ ମାନଙ୍କୁ ଦାନ କରିବା ଆବଶ୍ୟକ ତେବେ ଯାଇ ଆମେ ଏକ ସୁସ୍ଥ ସମାଜ ଗଠନ କରି ଏହି ବିଶାଳ ଭୂଖଣ୍ଡରେ ଶାନ୍ତିର ପ୍ରଦୀପ ଉନ୍ମୁକ୍ତ କରି ପାରିବା ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

### ପ୍ରଥମ ଅଧ୍ୟାୟ (ଭାଗ-୧)

ବନ୍ଦଇ ସମଲେଶ୍ୱରୀ ଜନନୀ – ଭକତ ଜନଙ୍କ ଦୁଃଖ ହାରିଣୀ
ଆଦି ସ୍ୱରୂପା କଲ୍ୟାଣ କାରିଣୀ – କୃପାମୟୀ ମାତା ଉମା ଭବାନୀ ଗୋ
ଜୟ ଜଗତ ଜୀବନ ମାଁ
ତବ ଦୟାବଳେ ଦ୍ରୁବ ହୁଏ ଦାରୁ ମୂର୍ଖ ହୁଅଇ ବିଦ୍ୱାନ ମାଁ ।୧।

ମଙ୍ଗଳମୟୀ ମଙ୍ଗଳକାରିଣୀ – ସମ୍ବଲବାସିନୀ ଶୋକ ହାରିଣୀ
ଦୁର୍ଜନର କାଳ ସନ୍ଥ ପାଳନୀ-ବାତ୍ସଲ୍ୟମୟୀ ମହିଷା ମର୍ଦ୍ଦିନୀ ଗୋ
ପାଉ ନାନା ରୂପେ ପୂଜା ମାଁ
ମହାନଦୀକୂଳେ ପତିତ ଉଦ୍ଧାରି ଉଡାଉ ବିଜୟ ଧ୍ୱଜା ମାଁ ।୨।

ରକ୍ଷା କରି ବ୍ୟାଘ୍ର ମୁଖରୁ ପ୍ରାଣ – ଦେଲ ମୋତେ ମାଆ ପୁନର୍ଜୀବନ
କହିବିତେ ସଦୟ ହୁଅ ଜନନୀ – ରାଜା ପରୀକ୍ଷିତଙ୍କର ଜୀବନୀ ଗୋ
ଲେଖିବି ତୋ କୃପାବଳେ ମାଁ
ନ ଆସିଲ୍ ବାଚ୍ୟ ଆଣିଦେବ ମାତା ମୋର ମାନସ ପଟଳେ ମାଁ ।୩।

ଅଟବୀରେ ଭ୍ରମି ଭରି ରାଜନ – ପ୍ରବେଶିଲେ ଯାଇ ଗହନ ବନ
ଅକସ୍ମାତ ଆସି ଓଗାଳ ବାଟ-ସୁରରିପୁ ସମ ଦିଶଇ ଥାଟ ସେ
ବଳଗିଲେ ନୃପବର ଯେ
କମ୍ପାଇ ମୋହର ପଥ ଓଗାଳୁଛ ଫେଡିଣ କୁହ ସତ୍ୱର ଯେ ।୪।

କଳକାଳ ନାମ ବିଧିରେ ମୋର – କାଳ ନର୍ଦ୍ଦେଶେ ଆସିଲି ଏଠାର
ତୁମ୍ଭ ରାଜ୍ୟେ ଏବେ ହେବି ପ୍ରବେଶ-ତ୍ରିଭାଗ ବୃଜିନେ ହୋଇ ସୁବେଶ ସେ
ଦେଖାଇବି ମୋର ବଳ ଯେ
ଦ୍ୱାପରର ଅନ୍ତେ ଅମୃତ ମୁହୂର୍ତ୍ତେ ଆଗତ ଏହି ସୁକାଳ ଯେ ।୫ ।

-:ଟୀକା:-
ବାଚ୍ୟ- ବାକ୍ୟ, ଅଟବୀ-ଜଙ୍ଗଲ, ସୁରରିପୁ-ଅସୁର, ଦୈତ୍ୟ
ଥାଟ-ଦେହ, ବଳଗିଲେ-କହିଲେ, ବୃଜିନ-ପାପ

ମହୀପାଳ ଶକ୍ତିମନ୍ତର କୋପେ – ଧନୁର୍ବାଣ ଯୋଖି ବୋଲନ୍ତି ଦର୍ପେ
ପାଣ୍ଡବ ବଂଶୀୟ ନୃପତି ଥାଇ – କମ୍ପାଇ ଦେଖାଉ ଏତେ ବଡାଇରେ
ମୋ ରାଜ୍ୟେ ପ୍ରବେଶ ମନା ଯେ
ଧର୍ମକ୍ଷୟକାରୀ ଦୁର୍ଜନ ଶକ୍ତିକୁ ଦେଶ ନ କରିବ ଘେନା ଯେ ।୬ ।

ବୃଥା ପ୍ରୟାସ ନକର ରାଜନ – ଉଚତ ସମୟେ ମୋ ଆଗମନ
ରୋକିବା ପ୍ରୟାସ କଲେ ଦମ୍ଭରେ – ରହିବ ନାହିଁ ସେ ଧରାଧାମରେ ହେ
ବାରେ ମାନ ମୋର ଗିର ଯେ
ତ୍ରିଭୁବନେ କେହି ଏସନକ ନାହିଁ କାଳକୁ କରିବ ଦୂର ଯେ ।୭ ।

ବାନ୍ଧିକେ ପାରିଛି କାଳକୁ ହସ୍ତେ – କାଳର ଆୟତ୍ତ ଜୀବଜଗତେ
ଆବଦ୍ଧ ନୁହଁଇ ସୀମା ଭିତରେ – ସାର୍ବଭୌମ ହିସାବରେ ବିଚରେ ଯେ
ବଳଗିଲ୍ କଳ ଯୁଗ ଯେ
ମାନ ମୋର ବଚ ଦିଅ ରାଜ୍ୟେ ସ୍ଥାନ – ଧର୍ମରାଜ ମହାଭାଗ ଯେ ।୮ ।

ବୀରଦର୍ପେ ନୃପ ଉଠିଲେ ଭାଷି – ଆର୍ଯ୍ୟାବର୍ତ୍ତ ନର ଧର୍ମ ବିଶ୍ୱାସୀ
ଅଟଇ ସତ୍ୟର ନିବାସ ସ୍ଥାନ – ପଶିଲେ ହାରିବ ତୁମ୍ଭେ ଜୀବନ ହେ

ବିଲୋକବେ ଆଜ ଧାତା ଯେ
ମହାରଥୀ ସବ୍ୟସାଚୀ ପୌତ୍ର ହସ୍ତେ କେତେ ଶକତି ଶ୍ରେଷ୍ଠତା ଯେ ।୯।

ଯାହାକୁ ଗର୍ଭରୁ ରଖିଲେ ହରି – ଅଶ୍ୱତଥମା ଅସ୍ତ୍ର ଚକ୍ରେ ସଂହାରି
ତାହା ବଳବୀର୍ଯ୍ୟ କେତେ ଗଭୀର – ଅବଲୋକନ କରିବ ସଂସାର ସେ
ଆଣ୍ଟେ ଭିଡି ଧନୁର୍ବାଣ ଯେ
ପରୀକ୍ଷିତଙ୍କର ରୁଦ୍ରମୂର୍ତ୍ତି ଦେଖି ଭୀତ ହେଲା କଳ ମନ ଯେ ।୧୦।

-: ଟୀକା :-

ଶକ୍ତିମନ୍ତର – ଶକ୍ତିଶାଳୀ, ଗିର – କଥା, ଏସଅକ-ଏପରି, ବିଲୋକବେ-ଦେଖିବେ
ଅବଲୋକନ-ଦେଖିବା, ଭୀତ-ଭୟ

ବରପଦର, ଗୋବିନ୍ଦପୁର, ବରଗଡ

# , ସାଥୀ



ଜୟନ୍ତ କୁମାର ମଲ୍ଲିକ୍

ପ୍ରଶାନ୍ତ ସାଗରେ ଢେଉ ହୋଇ ତୁମେ
ଡରେଇଲ୍ ପରେ ଏତେ
ମତେ ନେଇ ତୁମେ ସପନ ଦେଖୁଛ
ଜହ୍ନ ଆଲୁଅରେ କେତେ ।
ତୁମକୁ ଏଯାଏ ବୁଝି ମୁଁ ପାରୁନ
କାହିଁକି କେଜାଣି ପ୍ରିୟା
ତଥାପି ତୁମର ସଙ୍ଗ ଲଭିବାକୁ
ତୁମରି ଦୁଆରେ ଠିଆ ।
ଆସ ଏବେ ଆସ ଗ୍ଳଲିଯିବା ଆମେ
ଏ ଧରା ଭୂଇଁକୁ ଛାଡ଼ି
ସିନ୍ଦୂର କାଚ ମୁଁ ସବୁ ପିନ୍ଧେଇବି
ପିନ୍ଧେଇବି ନାଲି ଶାଢ଼ୀ ।
ମଙ୍ଗଳ ଗ୍ରହରେ ଶେଯ ବିଛେଇବା
ନଥିବ କାହାକୁ ଡର
ଆମେ ପରସ୍ପର ନଜର ହୋଇବା
ସଭିଙ୍କୁ କରିବା ପର ।

ଶୂରଡିହ, ନନ୍ଦିପୁର, ଯାଜପୁର

# ପରଦେଶୀ ଚଢ଼େଇ



ଖଗେଶ୍ୱର ବାଗ

ସୋନାଲୀ ଜଣେ ସହରୀ ଝିଅ। ମୁହଁରେ ତା'ର ଆଧୁନକତାର ପୂର୍ଣ୍ଣ ଛାପ। ଦେହରେ ଯୌବନର ଜୁଆର। ମନ ତା'ର ମୃଦୁ ମନ୍ଦ ସମୀରରେ ତରଙ୍ଗାୟିତ ହୋଇ ଖୋଜୁଥାଏ କେଉଁ ଏକ ନୂତନତା। ଏଇ କଛି ଦିନ ହେବ ମାମୁଁ ଘରେ ରହୁଛି। ଗାଁର ସବୁଜ ଶାନ୍ତ ପରିବେଶ ବିଶେଷ ଆକର୍ଷିତ କରିଛି ତା'କୁ। ମନ ମୁଗ୍ଧ କରେ ବାରୁଣୀରେ ଅସ୍ତଗାମୀ ରବିର ଲୁଚକାଳି ଖେଳ, ପ୍ରତ୍ୟାବର୍ତ୍ତନ କରୁଥିବା ନୀଡ ବିହଙ୍ଗ। ଆନନ୍ଦ ଲାଗେ ଗାଇଆଳ ଟୋକାର ହୃଦୟସ୍ପର୍ଶୀ ଗୀତ। ଭାରି ଭଲ ଲାଗେ ଗୋରୁପଲର ଗୋଧୂଳି ଦୃଶ୍ୟ, ପ୍ରାଚୀ ଆକାଶରେ ବାଳ ଭାନୁର ନିଭଙ୍ଗି ଠାଣି। ସହରୀ ଝିଅ ହୋଇ ଗ୍ରାମ୍ୟ ଜୀବନୀକୁ ବେଶୀ ପସନ୍ଦ କରୁଥିଲା।

ମାମୁଁ ପୁଅ ଗୋପାଳର ସାଙ୍ଗ ରମେଶ ସହିତ ସୋନାଲୀର ବନ୍ଧୁତା। ପରସ୍ପର ମଧ୍ୟରେ ଆଖିର ଇଙ୍ଗିତ, ସଲାଜଭରା ହସ । ଚହ୍ନି ଅଚହ୍ନା ପରି ବ୍ୟବହାର, ସତେ ଯେପରି ଏଇ ଦୁହେଁ ହିଁ ସଂସାରର ସବୁଠାରୁ ଶ୍ରେଷ୍ଠ ତଥା ଚତୁର ଜୀବ ଏହା ତାଙ୍କର ଭାବନା। ସେଦିନ ରମେଶ ଏକାକୀ ଥିବାର ଦେଖି ସୋନାଲି କହୁଥିଲା, "ରମେଶ, ତୁମେ କେତେ ସରଳ। କାହିଁକି କେଜାଣି ତୁମ ପ୍ରତି ମୋର ଏଇ ଆକର୍ଷଣ ବୁଝିପାରେନା। ବୋଧହୁଏ ତୁମ ହୃଦୟରେ ମୋ ପ୍ରତି ଏ ପ୍ରକାର ଭାବନା ନଥିବ, ନାଇ**?**" "ଏଇ ଭଲ ପାଇବାଟା କେତେ ଦିନ ପାଇଁ**?** ଜଣକୁ ଆଉ ଜଣେ ସମ୍ପୂର୍ଣ୍ଣ ରୂପେ ଜାଣି ସାରିବା ପର୍ଯ୍ୟନ୍ତ ନା ଆଜୀବନ**?** ନୂତନ ସାଥୀଟିଏ ପାଇବା ଯାଏ କି ଘର ସଂସାର କରିବା ପର୍ଯ୍ୟନ୍ତ**?** ମୁଁ କିନ୍ତୁ ବିଶ୍ୱାସ କରେନା। ବିଶ୍ୱାସ କରେ ପ୍ରେମକୁ, ପ୍ରେମିକାକୁ ନୁହେଁ। କାରଣ ଏମାନେ ସମସ୍ତେ ହଜାର ଘାଟରେ ପାଣି ପିଉଥିବା ଗୋଟିଏ ଗୋଟିଏ ସମ୍ଭୋଗ ସର୍ବସ୍ୱା ନାରୀ। ନିଜର ରୂପରେ ପର ପୁରୁଷକୁ ପ୍ରଲୋଭିତ କରି ତା'ର ରକ୍ତକୁ ପିଇଯାଆନ୍ତି। ସର୍ବଦା ଛଳନା ଭିତରେ ବଞ୍ଚିବାକୁ ଉଦ୍ୟମ କରନ୍ତି ଏମାନେ।ଭଲ ପାଇବା ଏମାନଙ୍କର ପେଶା, ଛାଡି ଚାଲିଯିବା ତାଙ୍କର ସ୍ୱଭାବ ତଥା ପ୍ରବଞ୍ଚନା ଯାହାର ଉଦ୍ଦେଶ୍ୟ ହୋଇଥାଏ" କହିଗଲା ରମେଶ।

ସୋନାଲୀ ଜୋର୍ ଦେଇ କହିଛି, "ମୁଁ କିନ୍ତୁ ଏମାନଙ୍କ ମଧ୍ୟରେ ନୁହେଁ। ମୁଁ ଏକ ଭିନ୍ନ ଉପାଦାନରେ ଗଢା। ବେଶୀ ଶ୍ରଦ୍ଧା କରେ ତୁମକୁ। ଗୋଟିଏ ଦିନ ତୁମ ସହ ଦେଖାନହେଲେ ସତେ ଯେମିତି ସେହି ଦିନଟି ଅମାବାସ୍ୟାର ରଜନୀ ଭଳି ଲାଗେ ମୋତେ। ଯେଉଁ ରଜନୀରେ ନିଜକୁ ନିଜେ ଚିହ୍ନିବା ତ କଷ୍ଟକର, ନିଜର ସତ୍ତା ମଧ୍ୟ ଠିକ୍ ଭାବରେ ମନେ ପଡେ ନାହିଁ। ବିଶ୍ୱାସ କର ମୋତେ, କାୟ-ମନ-ବାକ୍ୟରେ ମୁଁ ସମ୍ପୂର୍ଣ୍ଣ ସମର୍ପିତ ତୁମଠାରେ।"

ସୋନାଲୀର ନିଃସ୍ୱାର୍ଥପର ପ୍ରେମ ବିଗଳିତ କରିଛି ରମେଶର ହୃଦୟକୁ। ସମ୍ପୂର୍ଣ୍ଣ ସମର୍ପଣ ଓ ତ୍ୟାଗର ଅଛିଣ୍ଡା ଡୋରୀରେ ବାନ୍ଧିଦେଇଛି। ଢଳି ଯାଇଛି ରମେଶ ସୋନାଲୀ ପ୍ରତି। ଦୁହିଁଙ୍କ ମଧ୍ୟରେ ସୃଷ୍ଟି ହୋଇଛି  ଆତ୍ମୀୟତାର ଏକ ସରଳ ସେତୁ।

ମାତ୍ର ସୋନାଲୀ କେତେ ଦିନ ରହିବ ତା'ର ମାମୁଁ ଘରେ। ସେ ତ ପରଦେଶୀ ଚଢେଇ, ଗ୍ରୀଷ୍ମ ଛୁଟିରେ ଗ୍ରାମ୍ୟ ଜୀବନୀ ଉପଭୋଗ କରିବା ନିମନ୍ତେ କିଛି ଦିନ ପାଇଁ ଆସିଛି। ପୌଷର ହାଡ ଭଙ୍ଗା ଶୀତରେ ପରଦେଶୀ ଚଢେଇମାନେ ଯେପରି ଚିଲିକାର ସୌନ୍ଦର୍ଯ୍ୟ ଉପଭୋଗ କରିବା ନିମିତ୍ତ ଆସିଥାଆନ୍ତି।

ସୋନାଲୀ ପର ଦିନ ସକାଳେ ନିଜ ଗାଁକୁ ଚାଲିଯିବ। ରମେଶ ତା'କୁ କେତେ ଆପଣାର ଭାବେ ଅଥଚ ତା'କୁ ଛାଡି ସତେ କ'ଣ ସବୁ ଦିନ ପାଇଁ ପର କରି ଚାଲିଯିବ! ଯାଇପାରେ, ଏମାନଙ୍କ କି ଭରସା? ଏମାନେ ପରିସ୍ଥିତି ଓ ସମୟର ଦାସ। ନିଜ ବିବେକକୁ ପଚାରି କାର୍ଯ୍ୟ କରିବା ଲୋକ ନୁହଁନ୍ତି। ସୌନ୍ଦର୍ଯ୍ୟରେ ପ୍ରଲୋଭନ ଓ ବାଧ୍ୟବାଧକତାରେ ଛାଡି ଯିବା ସତେ ଯେମିତି ଏମାନଙ୍କ ଦୈନନ୍ଦିନର ନିୟମ। ତଥାପି ଶେଷଥର ପାଇଁ ସୋନାଲୀକୁ ଭେଟିବ ବୋଲି ସ୍ଥିର କରିନେଲା।

ସନ୍ଧ୍ୟା ଯାଇ ରାତି ହେଲା, ସମସ୍ତେ ଶୋଇ ପଡିଲେ। ମାତ୍ର ରମେଶ ଆଖିରେ ନିଦ ନାହିଁ। ସେ ଭାବୁଛି, "ଶେଷ ଥର ପାଇଁ ତା'କୁ ନିଶ୍ଚୟ ଭେଟିବାକୁ ହେବ। ଏକ ଫଟୋ ମାଗି ତାହାରି ଅନୁପସ୍ଥିତିରେ ଫଟୋଟିକୁ ଦେଖି ଦେଖି ବିତେଇବ ଅବଶିଷ୍ଟ ଜୀବନ। ସତରେ ସେ ଗଲା ପରେ ମୋତେ କ'ଣ ମନେ ପକାଇବ! ମନେ ମନେ ଖୋଜିବ! ସାଙ୍ଗସାଥୀ ମେଳରେ ମୋ ବିଷୟରେ କହିବ!" ଏମିତି ଭାବି ଭାବି ରାତିଟା ପାହିଗଲା।

ମେଘ ପାଚେରୀରେ ଲୁଚି ଗଲେ ଜହ୍ନ, ଲୁଚିଗଲେ ଅସଂଖ୍ୟ ନକ୍ଷତ୍ର। କାଉ ରାବ କଲା, ବିହଙ୍ଗମଙ୍କର କିଚିରି ମିଚିରି ଶବ୍ଦରେ ଗଗନ ପ୍ରକମ୍ପିତ ହେଲା। ଶୁଭ ସକାଳର

ଆଗମନରେ ପ୍ରାଚୀନ ଆକାଶରୁ ବାଳ ଭାନୁର ହସ୍ୟାତ୍ମକ କରଣ ବିଚ୍ଛୁରିତ ହେଲା ଧରଣୀ ବକ୍ଷରେ। ରମେଶର ମନ ହସକାନ୍ଦ, ଶଙ୍କା ସନ୍ଦେହ, ପ୍ରତିଦ୍ୱନ୍ଦି ପ୍ରଶ୍ନରେ ଆବଦ୍ଧ। ସୋନାଲୀକୁ ଭେଟିବ, କେଇ ପଦ କଥାବାର୍ତ୍ତା କରି ବିଦାୟ ଦେବ। ମାତ୍ର ପିଞ୍ଜରାବଦ୍ଧ ପକ୍ଷୀଟି ବହୁ ବେଳୁ ଶିକୁଳ ଛିଣ୍ଡାଇ ଉଡି ଯାଇଛି ମୁକ୍ତ ଆକାଶକୁ। ତା'ରି ପାଇଁ କେତେକ ଯେ ରାତି ଉଜାଗରରେ ବିତେଇ ଦେଇଛି କେବଳ ସେ ଜାଣେ। ତାହାରି ନିମନ୍ତେ କେତ ଯେ ଲୋକହସା ହୋଇଛି ହିସାବ ନାହିଁ। ତା'କୁ ନେଇ ଯେଉଁ ସୁଖର ସଂସାର ଗଢିବାର ସ୍ୱପ୍ନ ଦେଖିଛି ନକହିବା ଭଲ। ତଥାପି ସୋନାଲୀ ଟିକଏ ହେଲେ ଭାବି ପାରିଲାନି। ବିଚରା ରମେଶ, ନବ ଯୌବନର ଶତ ରକ୍ତ କଣିକା ସିଥିଳ ପଡିଗଲା। ନଥିଲା ସାମର୍ଥ୍ୟ ଆଗକୁ ପାଦେ କାଢିବାର। ନଥିଲା ଶକ୍ତି ପଦିଏ କହିବା ପାଇଁ। ଏକ ସ୍ଥାଣୁ, ଅଥର୍ବ ପ୍ରସ୍ତର ବିଗ୍ରହ ଭଳ ଠିଆ ହୋଇ ରହିଲା। ନେତ୍ର ଯୁଗଳରୁ ଝରି ଆସିଲା ଦି'ଟୋପା ଲୁହ। ପୂର୍ବ ଆକାଶକୁ ନିରେଖି ଗ୍ୱହିଁଲା ଏକ ପରଦେଶୀ ଚଢେଇ ଦିଗବଳୟର ଆର ପାରୀକୁ ଉଡିଯାଉଥାଏ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ଖଇର୍‌ଜ ଗାଆଁ

କୁମର ଲ୍ଲଲ ରଣା

ଖର୍‌ନ ଦେବୀଙ୍କ କୃପାରୁ ସମ୍ଭୂତ
ଖଇର୍‌ଜ ଗ୍ରାମ ମାଟି ।
ଗଣ୍ଡ କୁଳଧାରୀ     ମାଝୀ ଜାତି  କଲେ
ଏଇ ଗାଆଁ ନାମ ସୃଷ୍ଟି ।
ମାଝୀ ଗହତିଆ   ଗହତି କରଇ
ତାଙ୍କରି ଆଦେଶ କ୍ରମେ ।
କୁମ୍ଭାର ଗଉଡ଼ ଘୁଗିଆ ମାଝୀଙ୍କ
ବିଖ୍ୟାତେ  ବିକାଶ ଜନ୍ମେ ।
ଗଣ୍ଡ କୁଳରୁ ଏ   ଗାଆଁ ଉତପତି
ମାଟି କସମ ଦୋରସା ।
ଆଟ ଜମି କ୍ଷେତ୍ରେ  ମୁଗ ଦାନା ଫଳେ
ମାଟି ଜନ୍ମ କରେ ଆଶା ।
ମହାନ କରତୀ   ଏ ଗ୍ରାମରୁ ହୁଏ
ନାମ ସଂକୀର୍ତ୍ତନ  ଯଜ୍ଞ ।
ଗୃଷ ବାସ ଅର୍ଥ  ସମ୍ବଳ ସମ୍ପତ୍ତି
ସବୁ ଜ୍ଞାନେ   ହେଲେ ବିଜ୍ଞ ।
ବାଡ଼ିର କାକୁଡି    ଗ୍ରାମରୁ ଉତ୍ପତି
ପ୍ରସାଦ ମଣନ୍ତି ଜନେ ।
ଧନ୍ୟ ଲଭିଅଛି    ଗ୍ରାମ ମାଟି ଆମ
ଧନ୍ୟ ଲଭେ ଆମ ମନେ ।

ମହୁଆ ଭଟା, ନୂଆପଡା, ଓଡିଶା

# ନାରୀ



ସଙ୍ଗୀତା ମହାନ୍ତି

ଥରେ ନାରୀ ବିଷୟରେ ଭାବ ଆମ ଜୀବନରେ ନାରୀର ସ୍ଥାନ କଣ, ଚନ୍ତାକର ତୁମେ ବୁଝି ପାରିବ ଯେ ନାରୀ ଠାରୁ ମୋ ଜନ୍ମ ନାରୀ ଗର୍ଭରୁ.... ଜୀବନଟା ବହୁତ କଷ୍ଟ, ବାହା ହେଇଗଲା ପରେ ଜୀବନର ପଥ ବଦଳଯାଏ...ଆମେ ବହୁତ ଖୁସି ହେଇଯାଇଥାଉ ଯେ ମତେ ଆଉଗୋଟେ ନୂଆ ଜୀବନ ମିଳବ, ନୂଆ ସାଥିଟିଏ ମିଳବ, ଆଉ ନୂଆ ପରିବାରଟିଏ ମିଳବ... ହସ ଖୁସିରେ ମୁଁ ମୋ ଜୀବନ ଅତିବାହିତ କରିଦେବି.... ହେଲେ ବେଳେ ବେଳେ ଜଣ ଜଣଙ୍କୁ ତାର ଓଲଟା ମିଳଯାଏ... କାହାକୁ ନଜ କ  କହିବ କାହା ଆଗେ ଦୁଃଖ ପ୍ରକାଶ କରିବ.... ଭାବି ଭାବି ମନ ଅସ୍ଥିର ହୋଇଯାଏ... ଆଉ କଛି ଖୁସି ଲାଗେନ କ ଆଉ ମନ ଭଲ ଲାଗେନ ସେହି ଚନ୍ତାରେ.. ଭଗବାନ କାହିଁକ ଏ ମାୟା ଜାଲରେ ଆମକୁ ଫସେଇ ଦିଅନ୍ତି ମୁଁ ବୁଝି ପାରୁନ ॥

ତୁଳସୀପୁର, ମଠସାହି

# ଗାନ୍ଧୀ



କରଣ ମନୀଷା ମହାନ୍ତି

ହେ ମହାନ୍ ବୀର
ପୂଣ୍ୟ ଆତ୍ମା
ତୁମ ଜିତ ଆଜି
ଅନେକ ଲଢେଇ ପରେ
ନିଜ ବିଶ୍ୱାସକୁ
ହରେଇ ସାରିଲାଣି
ତୁମ ଅହିଂସା ମନ୍ତ୍ରକୁ
ହିଂସାରେ ଆଉ
ସ୍ୱାଧିନତା ନାଁ ରେ
ଏଠି ଲୁଟି ଗ୍ଲିଛନ୍ତି
ଦିନ ଲୁଟେରା
ନାରୀ ଦେହର ଇଜ୍ଜତ୍ ଠାରୁ
ମା ଛାତିର କ୍ଷୀର
ଆଉ ମାଟି ମା ର ଶୁଖିଲା
କୋଳଯାଏଁ
ସ୍ୱଚ୍ଛତା ନାଁ ରେ
ଛାତିଏ ଛାତିଏ ଅଳଆ ଜମିଲାଣି
ଏ ବୀର ଆତ୍ମା ଏଠି ଆଉ ନାହିଁ

ତୁମ ଆଦର୍ଶ
ମାଟିର କୋଳରେ ବି ବାରିହୁଏ
ପୁଳା ପୁଳା ବାରୁଦର ଗନ୍ଧ
ଏଇ ସେଇ ମାଟି
ଯାହା ପାଇଁ ତୁମେ
ଲଢେଇ କରି
ଆଜି ସହୀଦ୍

# ମର୍ଦ କୋ ଦର୍ଦ ନାହି ହୋତା



ଦୀପକ କୁମାର ସ୍ୱାଇଁ

ଆମ ସମାଜରେ ଆଜି କଲି ମର୍ଦ କୋ ଦର୍ଦ  ନାହି ହୋତା କଥାଟି ପ୍ରାୟ ସବୁ ଜଗା ରେ ଶୁଣିବାକୁ ପାଇବେ । ଏଟା ଆଜି କାଲି ବହୁତ ସାଧାରଣ କଥା । ଏହା ପ୍ରାୟତଃ ଆଶା କରାଯାଏ ଯେ ଯଦି ଆପଣ ଜଣେ ପୁରୁଷ ତେବେ ଆପଣଙ୍କୁ କୌଣସି ବି ଯନ୍ତ୍ରଣା ଅନୁଭବ କରିବାର କିଛି ସର୍ବୋଚ୍ଚ ଦକ୍ଷତା ରହିବା ଆବଶ୍ୟକ | ପରିସ୍ଥିତି ଯାହା ହେଉନା କାହିଁକି, ଜଣେ ବ୍ୟକ୍ତି କଠିନ ଏବଂ କାନ୍ଦିବା ବିନା ଯନ୍ତ୍ରଣାକୁ ସମ୍ଭାଳିବାରେ ସକ୍ଷମ ବୋଲି ବିବେଚନା କରାଯାଏ | ଆମ ଦେଶରେ  ଲିଙ୍ଗ ଆଧାରରେ କିଛି ଅଭ୍ୟାସକୁ ପୃଥକ ଭାବରେ ପୃଥକ କରିଛି ଏବଂ ସୀମିତ କରିଛି | ଯଦି ତୁମେ ଜଣେ ପୁରୁଷ ତେବେ ତୁମେ କାନ୍ଦିବା ଅନୁଚିତ

ସତରେ କ'ଣ ପୁରୁଷମାନେ ଭାବପ୍ରବଣ ହୁଅନ୍ତି ନାହିଁ? କ'ଣ ପୁଅ ମାନଙ୍କ କିଛି ଭାବନା ନାହି ? ପୁଅ ମାନେ କରନ୍ତି କିନ୍ତୁ ସେମାନେ ସର୍ବସାଧାରଣରେ ପ୍ରକାଶ କରନ୍ତି ନାହିଁ | ଜଣେ ବ୍ୟକ୍ତି ଯିଏ ସର୍ବଦା ଭଲ ଭାବରେ ଦେଖାଯାଏ, ସେ ନିଜ ଗଭୀର ଭାବପ୍ରବଣତାକୁ ଭିତରେ ଲୁଚାଇଥାଏ | ପୁରୁଷମାନେ କାହିଁକି ଲୁଚାନ୍ତି? କାରଣ ସମାଜ ଏପରି ଭାବରେ ଗଠିତ ହୋଇଛି ଯାହା ଭାବନାକୁ ଦୁର୍ବଳତାର ସଙ୍କେତ ଭାବରେ ଦେଖାଯାଏ| ସେମାନେ ଯନ୍ତ୍ରଣା ଅନୁଭବ କରନ୍ତି କିନ୍ତୁ ଏକାକୀ କାନ୍ଦିବାକୁ ପସନ୍ଦ କରନ୍ତି | ଯେତେବେଳେ ଜଣେ ବ୍ୟକ୍ତି ସର୍ବସାଧାରଣରେ କାନ୍ଦନ୍ତି, ଏହା ମଧ୍ୟ ପରିହାସର ସଙ୍କେତ ହୋଇଯାଏ | ମୋର କହିବାର ଅର୍ଥ ତୁମେ ଏହାକୁ ଅସାଧାରଣ ପାଇବ ନାହିଁ? ଆପଣ କେବେ ଦେଖିଛନ୍ତି କି ଜଣେ ବ୍ୟକ୍ତି ସର୍ବସାଧାରଣରେ ତାଙ୍କ ହୃଦୟକୁ କାନ୍ଦୁଛନ୍ତି? ହଁ,

ଆମେ ଆମର ହିରୋମାନଙ୍କୁ ଚଳଚ୍ଚିତ୍ରରେ କାନ୍ଦୁଥିବା ଦେଖିଛୁ କିନ୍ତୁ କାର୍ଯ୍ୟରେ ପୁରୁଷମାନଙ୍କ ପାଇଁ ଅଧିକ ଆକର୍ଷିତ |

ତେବେ ଯେତେବେଳେ ଜଣେ ବ୍ୟକ୍ତି ଭାବପ୍ରବଣ ହୁଏ ସେ କ'ଣ କରେ? କିଛି ନିର୍ଦ୍ଦିଷ୍ଟ ଗୁଣ ଅଛି ଯାହା ପୁରୁଷମାନଙ୍କ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ସେମାନଙ୍କ ଭାବନାକୁ ପ୍ରକାଶ କରିବା ପାଇଁ ଉତ୍ସାହିତ ହୁଅନ୍ତି |

ସେମାନେ ଏକୁଟିଆ କାନ୍ଦନ୍ତି । ସେମାନେ ବାହାରେ କଠିନ ଦେଖାଯାଉଛନ୍ତି କିନ୍ତୁ ଏମିତି କିଛି ସମୟ ଅଛି ଯେତେବେଳେ ଆପଣ ପୁଅ ମାନଙ୍କ ସହ ସମୟ ଅତିବାହିତ କରିବାକୁ ଚାହିଁବେ| ସେମାନେ ଆପଣଙ୍କୁ କହିବେ ଯେ ସେମାନେ ବ୍ୟସ୍ତ ଅଛନ୍ତି କିନ୍ତୁ ବାସ୍ତବତା ହେଉଛି ସେମାନେ ଏକାକୀ ଏବଂ ବିବ୍ରତ |

ସେମାନେ ଏକ ଲମ୍ବା ଡ୍ରାଇଭ୍ ପାଇଁ ଯିବେ କିମ୍ବା ଏକ ଦୂର ସ୍ଥାନକୁ ଯାତ୍ରା ଯୋଜନା କରିପାରନ୍ତି| ଦୁଃସାହସିକ କାର୍ଯ୍ୟ କିମ୍ବା ଲମ୍ବା ଡ୍ରାଇଭ୍ କିମ୍ବା ବାଇକ୍ ଚାଳନା ସବୁଠୁ ବଡ ଆଉଟଲେଟ୍ ସେବା କରିଥାଏ ଏବଂ ଅଧିକାଂଶ 'କଠିନ ପୁରୁଷ' ଏହି ବିକଳ୍ପକୁ ବ୍ୟବହାର କରିଥାଏ | ଏକାକୀ ଯାତ୍ରା କରିବା ହେଉଛି ସେମାନଙ୍କର ଭାବନା ସହିତ ବଞ୍ଚିବା ପାଇଁ ସେମାନଙ୍କର ପ୍ରିୟ ଉପାୟ |

କିଛି ପୁଅ ଆପଣ ମାନଙ୍କୁ ବାର ରେ ମିଳିବେ । ଏବମ ସେଠି ସାଙ୍ଗ ମାନଙ୍କୁ ଡାକି ମଜା ମସ୍ତି କରିବା ଗୋଟେ ଅନ୍ୟ ଏକ ବାହାନା ।

ସତରେ କ'ଣ ଆମ ସମାଜରେ ପୁଅ ମାନେ କାନ୍ଦନ୍ତିନୀନ? କାନ୍ଦନ୍ତି ୟାର ବହୁତ କାନ୍ଦନ୍ତି ଖାଲି ଫରକ ଏତିକି କାହା ଆଗରେ କହି ପାରନ୍ତି ନାହି ଯେ ସେମାନେ କାନ୍ଦନ୍ତି ବୋଲି ।

# ମୁଁ ତୁମକୁ ଭଲପାଏ



ବୈଷ୍ଣବ ମେହେର

ତୁମକୁ ମୁଁ ଖୋଜେ...
ଗୋଲାପ ଫୁଲର ପାଖୁଡ଼ାରେ,
ତୁମକୁ ମୁଁ ଖୋଜେ...
ଗଜରା ଫୁଲର ବାସ୍ନାରେ ।

ତମେ କେବଳ ମୋର,
ସ୍ୱପ୍ନମାନେ ସ୍ୱୀକୃତି ଦେଲେଣି,
ମୁଁ ତୁମକୁ ଭଲପାଏ,
ଏଥିରେ ଦ୍ୱିମତ ନାହିଁ ।

ପ୍ରେମ ଅଦୃଶ୍ୟ ଅନୁଭବ,
ପ୍ରେମ ଶାଶ୍ୱତ ଚରନ୍ତନ,
ଦେହ ସୁଖ କ୍ଷଣିକ,
ପ୍ରେମେ ଲୋଡ଼ା ମନ ।

ଉବୁଟୁବୁ ହୁଏ ମନ,
ଅବ୍ୟକ୍ତ ଶବ୍ଦର ଅନୁସନ୍ଧାନରେ,
ପ୍ରେମ ଆକାଂକ୍ଷାର ମୃଦୁନଶା,
ଅତୃପ୍ତ ଭାବାବେଗର ପରିଧିରେ ।

ମୋ ହୃଦୟ କାନ୍ଥରେ...
ପ୍ରିୟା ତୁମରି ନାମ,
ଅମାନଆ ହୋଇ ଖୋଜେ...
ତୁମକୁ ଉଦ୍ଧତ ଯଉବନ ।

ଗଣ୍ଡାବାହାଲି, ନୂଆପଡା

# ଆଗୋ ନୀଳ ନୟନା



ଦିନେଶ ମେହେର

ଆଗୋ ନୀଳ ନୟନା
ଶୁଣ ଥରେ ମୋ
ହୃଦୟ ବେଦନା
ତୁମ ସହ କଥା ହେବାକୁ
ଖୋଜେ କେତେ ବାହାନା
ଆଗୋ ନୀଳ ନୟନା
ତୁମ ବିନା ଆଉ କିଛି
ମୁଁ ଜାଣେନା
ସତ କହୁଛି ତୁମେ ହିଁ
ମୋ ଜୀବନ ଆଇନା
ଆଗୋ ନୀଳ ନୟନା
ତୁମ ବିନା ମୋ
ନିଃଶ୍ୱାସ ଗ୍ଭଲେନା
ଆଗୋ ନୀଳ ନୟନା
କେଉଁ ବିଧାତା ଗଢିଲା ତୁମକୁ
ମୁଁ ବୁଝି ପାରେନା
ଆଗୋ ନୀଳ ନୟନା ।

ପଲ୍ସ, ଜୁନାଗଡ଼, କଳାହାଣ୍ଡି

# ଏକା ହେବାର ଗୀତ



ଜିତେନ୍ଦ୍ରିୟ ବେହେରା

ଏ ଦେଖ ଆଉ ପାଖେ
ମୋ ପୃଥିବୀ ଶ୍ୟାମଳ ରଙ୍ଗର ଦେହେ
ସୁଖ ସବୁ ଲୁଟି ଖାଏ କେତେ କେତେ କୀଟ ର ପ୍ରଜାତି,
କେତେ କେତେ ରକ୍ତ ମୁଖା ସୂର୍ଯ୍ୟ ଆସେ
ଜାଳ ଯାଏ ତମ ପ୍ରିୟ
ମୋର ଏଇ ପୃଥିବୀର ଛାତି ।

କେତେ ଜହ୍ନ ଆସେ ଏଠି
ମଦିରାରେ ମୋହେ ମତେ
ପ୍ରତୀକ୍ଷା ର ଅମାବାସ୍ୟା ପାଇଁ,
ବର୍ଷା ଆସେ,
ନେଇ ଆସେ ବିଡମ୍ବନା
ଯେଣୁ ମତେ ଭିଜିବାର ଅଧିକାର ନାହିଁ ।

ତେଣୁ ତମେ ଏକା ଥିବ
ଅଲୋଡା ବି ଥିବ ଏଇ
ପ୍ରିୟତମ ପୃଥିବୀ ଆଖିରେ,
ଯଦିବା ଖୋଜିବ ତମେ
ଅବଶିଷ୍ଟ ଲେଖା ଥିବ
ତମ ଖାତା ଶେଷ ପୃଷ୍ଠା ଟିରେ ।

ଅମଡ଼ା ବାଟରେ ଥିବେ ଶବ୍ଦ ମାନେ ,
ଧାଡ଼ି ଥିବ ଅସଜଡା ସବୁ,
ଭାବନାରେ ଆସୁଥିବି,
ତମେ କଛି ଏକାନ୍ତରେ ରେ
ନୂଆ ଭାବୁ ଭାବୁ ।

ନୁଆଁଣିଆ ଥିବ ମନ,
ନୂଆ କରି ଆସୁଥିବ
ଜିଇଁ ବାର ଉତ୍ତାଳ ଢେଉ ଟେ,
ପୁଣି ସେ ଅଟକୁ ଥିବ
ନସ୍ତେଜ ମୋ ଦେହ ଟିର
ବାଲିଚର ବେଳାଭୂମି ତଟେ ।

ସେବେଳେ ହିଁ ଲୋଡୁ ଥିବ
ତମେ କା'ର ଆଶ୍ରା ଟିଏ
ଭାଙ୍ଗିବ କ ବେଳାଭୂମି ବନ୍ଧ,
କମ୍ବା ତମେ ଭାବୁଥିବ
କେଉଁ ଏକ ଝଡ ଆସି
ଏ ସବୁର କରନ୍ତା କ ଅନ୍ତଃ ।

ଏହାର ବା ଅନ୍ତଃ କାହିଁକ
କେତେ କେତେ ଯୁଗନବ୍ଧ ତଳର ଏ କରୁଣ କାହାଣୀ,
ଅନେକ ସ୍ରଷ୍ଟା ର ମୃତ୍ୟୁ ଲୋଡିଛି ସେ
କାହାର ଦୁଃଖକୁ ଥରେ ପାରି ନାହିଁ ଶୁଣି ।

ତେଣୁ ତମେ ଏକା ଥିବ,
ଏକା ଏକା ଲଢୁ ଥିବ ଅନେକ ଯୁଦ୍ଧ କୁ
ହାରିଲେ ବି ତମ ଶ୍ରେୟ, ଜିତିଲେ ବି
କେବେ ହେଲେ କୁହନ କାହାକୁ ।

ଅନ୍ତଃ ହୀନ ଏ ଯୁଦ୍ଧ ର ଶେଷ ନାହିଁ ଶୁଣ ସଂଘମିତ୍ରା
ଜିତିଲେ ବି ସୁଖ ନାହିଁ ହାରିଗଲେ ଲାଗେ ମିଠା ମିଠା ।

ତେଣୁ ତମେ ଏକା ଥାଅ ଅସୁମାରୀ ମୋ ଆୟୁଷ ଦେଇଛି ତମକୁ
ମଣିଷକୁ ଭୁଲିପାରେ, ଏ ଦୁନିଆ ଭୁଲିବନ କେବେ ବି ଶବ୍ଦ କୁ ।

ତମେ ଗାଅ ଏକା ଗୀତ ମୁଁ ଶୁଣିବି ଏକା ଏକା ଏଠି
ଏକା ଭାରି ଭଲ ଲାଗେ,
ଏକା ଥିଲେ ଆଖି ଆଗେ ଭାସି ଉଠେ ତମ ପ୍ରିୟ ସ୍ମୃତି ।

ଡଭାର, ଗୋପ, ପୁରୀ- ୭୫୨୧୨୧

# ଧାର୍ମିକ ଅସହିଷ୍ଣୁତା



ବାଲ୍ମୀକ ନାୟକ

ମୋର ଜଣେ ବନ୍ଧୁଙ୍କ ନାତି ରାଜୁ ସ୍କୁଲରୁ ଫେରି ଜେଜେଙ୍କୁ ଅଭିଯୋଗ କଲା। ଜେଜେ! ଆଜି ମୋତେ ମ୍ୟାଡମ କହିଲେ ତୁ ଗୋଟେ ଗଧ। ଜେଜେ ତାକୁ କୋଳକୁ ଟେକନେଇ ବୁଝାଇଲେ। ସେ ତୋତେ ମଜାରେ ସେମିତି କହିଦେଲେ। ସେ ଗଧ କହିଦେଲେ ବୋଲି ତୁ କ'ଣ ସତରେ ଗଧ ହୋଇଯିବୁ? ବାଘକୁ ଯଦି କେହି ବିରାଡ଼ିବୋଲି କହିବ ତ ସେକ'ଣ ବିରାଡ଼ି ହୋଇଯିବ। ତୁ ସେଭଳି କଥାରେ ଜମା ବ୍ୟସ୍ତ ହେବୁନ କ ରାଗିବୁ ନାହିଁ ରାଜୁ ବୁଝିପାରି ଖୁସି ହୋଇଗଲା।

ଆମେ ଦେଖୁଛୁ – ଧର୍ମାନ୍ଧ ଲୋକମାନଙ୍କର ଛୋଟ ପିଲାଙ୍କଠାରୁ ମଧ୍ୟ କମ ବୁଝିବା ଶକ୍ତି ଥାଏ। ସେମାନଙ୍କୁ କଏ ଗଧ କ କୁକୁର କହିଲେ ଯେତିକ ରାଗନ୍ତିନାହିଁ ଯଦି ସେ ବିଶ୍ୱାସ କରୁଥିବା ଦେବୀ-ଦେବତାଙ୍କୁ କଏ ଆକ୍ଷେପ ବା ସମାଲୋଚନା କରିଦେଉଛି ତ ତାଙ୍କୁ ବହୁତ ବାଧିଯାଉଛି। ଏପରିକ ଆକ୍ଷେପ କରିଥିବା ଲୋକକୁ ହତ୍ୟା କରିବାପାଇଁ ମଧ୍ୟ ପଛାନ୍ତିନାହିଁ।

ଗତ କଛିଦିନ ତଳେ ଫ୍ରାନ୍ସର ଗୋଟିଏ ସ୍କୁଲରେ ଜଣେ ଶିକ୍ଷକ "ଚାର୍ଲି ହବଦୋ" ପତ୍ରିକାରେ ପ୍ରକାଶିତ ମୁସଲମାନ ଧର୍ମର ମହମ୍ମଦ ସାହେବଙ୍କ କାର୍ଟୁନକୁ ତାଙ୍କ କ୍ଲାସରେ ପିଲାମାନଙ୍କୁ ଦେଖାଇଥିଲେ। ଏହି ଘଟଣାରେ ଜଣେ କଟର ମୁସଲମାନ ଯୁବକ ଅସହିଷ୍ଣୁ ହୋଇ ଉକ୍ତ ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଦେଲା। ଏହି ଘଟଣାପରେ ହତ୍ୟାକାରୀକୁ ସମର୍ଥନ କରୁଥିବା ଲୋକମାନେ ସୋସିଆଲ ମିଡିଆରେ ତର୍କଦେଲେ ଯେ ଶିକ୍ଷକ ଯାହାକଲେ ଭୁଲ କନ୍ତୁ ଜଣେ ସଚ୍ଚା ମୁସଲମାନ ଠିକ କାମକ ରିଛି।

ଯେଉଁ ମହମ୍ମଦଙ୍କ ଆରମ୍ଭରୁହିଁ କୌଣସି ଫୋଟଚତ୍ର କୌଣସି ବହିରେ ବା ମସଜିଦରେ ଉପଲବ୍ଧ ନାହିଁ, ସେ ଦେଖିବାକୁ କପରିଥିଲେ କେହି ଜାଣିବି ନାହାନ୍ତି, ତେଣୁ ତାଙ୍କ ନାମରେ ଯିଏ ଚତ୍ର ଆଙ୍କିବ ତାଙ୍କୁ ଆଦୌ ବରଦାସ୍ତ କରାଯିବ ନାହିଁ ଆଇନକାନୁନକୁ ଅମାନ୍ୟକରି ମଧ୍ୟ ଚତ୍ରକାରକୁ ହତ୍ୟା କରାଯିବ।

ଏଇଠି ପ୍ରଶ୍ନଉଠୁଛି – ଗତ କେତେହଜାର ବର୍ଷ ପୂର୍ବରୁ ଯେଉଁ ମହାନବ୍ୟକ୍ତିଙ୍କ ଦେହାନ୍ତ ହୋଇସାରିଛି, ଯାହାର କୌଣସି ଚିତ୍ର ଉପଲବ୍ଧ ନାହିଁ ତାଙ୍କର ଅସଲ ଚିତ୍ର କିଏବା ଆଙ୍କି ପାରିବ? ଯଦି କିଏ ଗୋଟିଏ ଚିତ୍ରକୁ କହୁଛି ଏଇଟା ମୋହମ୍ମଦଙ୍କ ଚିତ୍ର ତେବେ ଅନ୍ୟମାନେ ବିଶ୍ୱାସ କରୁଛନ୍ତି କାହିଁକି? ତାଙ୍କୁତ ସିଧାସଳଖ ଭାବେ କହିପାରନ୍ତେ ଯେ ତୁ ମିଛ କହୁଛୁ। ତାକୁ ରାଗିଯାଇ ହତ୍ୟାକରିବା କ'ଣ ଯୁକ୍ତିସଙ୍ଗତ?

ଭାରତରେ ନିଜକୁ କଟ୍ଟର ହିନ୍ଦୁ ବୋଲାଉଥିବା କିଛି ଲୋକ (ସମସ୍ତେ ନୁହନ୍ତି) ଅନେକ ଗୃହପାଳିତ ପଶୁମାନଙ୍କ ଭିତରୁ କେବଳ ଗାଈକୁ ହିଁ ନିଜର ମାଆ ସହିତ ତୁଳନାକରି ଭାବବିହ୍ୱଳ ହୋଇପଡୁଛନ୍ତି। ସେମାନଙ୍କର ତର୍କ ହେଉଛି - "ଆମ ଧର୍ମରେ ଗୋମାତା ହେଉଛି ଏକ ପବିତ୍ର ପଶୁ। ତା' ଦେହରେ ୩୩ କୋଟି ଦେବୀଦେବତା ବାସ କରନ୍ତି। ଗୋମାତା ଆମକୁ କ୍ଷୀର ଦେଉଛି ପିଇବା ପାଇଁ। ତା'ର ମୂତ୍ର ଓ ଗୋବର ଆମର ବୃକ୍ଷଓଲତା ପାଇଁ ଅତ୍ୟନ୍ତ ଉପଯୋଗୀ ସାର। ଗୋମୂତ୍ର ଦ୍ୱାରା ମଣିଷ ଶରୀରର ଅନେକ ରୋଗ ମଧ୍ୟ ଭଲ ହୋଇଯାଉଛି।"

ଧାର୍ମିକଦୃଷ୍ଟିରୁ ସେମାନେ ଯାହା ଦାବିକରୁଛନ୍ତି ସେଗୁଡିକୁ ଆମେ ଆପତ୍ତି କରିବାନାହିଁ କାରଣ ତାହାହେଉଛି ତାଙ୍କର ବ୍ୟକ୍ତିଗତ ବିଶ୍ୱାସ। ଗୋମୂତ୍ର ଦ୍ୱାରା କେଉଁସବୁ ରୋଗ ଭଲ ହୋଇଯାଉଛି ଆଜିପର୍ଯ୍ୟନ୍ତ କୌଣସି ଚିକିତ୍ସାବିଜ୍ଞାନୀ ପ୍ରମାଣ କରିନାହାନ୍ତି। କିନ୍ତୁ ଗାଈ ସହିତ ଅନ୍ୟାନ୍ୟ ପଶୁ ଯଥା: ଛେଳି, ମଇଁଷି ଓ ଓଟ ମଧ୍ୟ ଯଥେଷ୍ଟ ପରିମାଣରେ କ୍ଷୀର ଦେଉଛନ୍ତି। ତାଙ୍କର ମୂତ୍ର ଓ ମଳ ମଧ୍ୟ କ୍ଷେତରେ ସାରରୂପେ ବ୍ୟବହାର ହେଉଛି। ସେମାନଙ୍କୁ କାହିଁକି ମାଆ କହୁନାହାନ୍ତି? ହିନ୍ଦୁମାନେ ଗାଈମାଂସ ବ୍ୟତୀତ ଅନ୍ୟ ପଶୁମାଂସ ତ ଖାଉଛନ୍ତି। ପୁରାଣଯୁଗରେ ମୁନି, ଋଷି ଓ ଦେବଗଣ ଗୋମାଂସ ଭକ୍ଷଣ କରୁଥିବା କଥା ଉଲ୍ଲେଖଅଛି। ଭାରତର ହିନ୍ଦୁମାନଙ୍କୁ ଛାଡିଦେଲେ ପୃଥିବୀର ଅନେକ ଧର୍ମର ଲୋକମାନେ ଗାଈରଦୁଧ ସେବନକରିବା ବ୍ୟତୀତ  ମାଂସମଧ୍ୟ ଖାଉଛନ୍ତି। ସେମାନଙ୍କ ପାଇଁ ଗାଈ ମାତ୍ର ଏକ ଗୃହପାଳିତ ପଶୁ। ବର୍ତ୍ତମାନର ପରିସ୍ଥିତିରେ ଗୋଭକ୍ତମାନେ ଗୋସୁରକ୍ଷା ନାମରେ ଗାଈଗୋରୁ ବ୍ୟବସାୟ କରୁଥିବା ଲୋକମାନଙ୍କ ଉପରେ ଯେଉଁ ଅମାନବୀୟ ଜଘନ୍ୟ ଅତ୍ୟାଚାର କରୁଛନ୍ତି, ତାହା ଅତ୍ୟନ୍ତ ଶୋଚନୀୟ ତଥା ନିନ୍ଦନୀୟ ବିଷୟ। ଏହା ହେଉଛି – ଅସହିଷ୍ଣୁ ମନୋଭାବ।

ଅସଲକଥା ହେଉଛି ଯେ ଯେଉଁମାନେ ଗାଇପାଇଁ ବାହାରେ ଓ ସୋସିଆଲ ମିଡିଆରେ ଏତେ ସମ୍ବେଦନଶୀଳତା ଦେଖେଇ ହେଉଛନ୍ତି, ସେମାନେ ନିଜଘରେ ପାଳଥିବା ଗାଇପ୍ରତି ସେତିକି ଯତ୍ନ ନେଉନାହାନ୍ତି। କ୍ଷୀରଦେବା ବନ୍ଦ ହୋଇଯିବାପରେ ବୁଢ଼ୀଗାଇଙ୍କୁ ଘରେରଖି ଖାଇବାକୁ ଦେବାକୁ କୁଣ୍ଠିତ ହୁଅନ୍ତି। ବାହାରେ ଛାଡିଦିଅନ୍ତି ନହେଲେ ଅନ୍ୟମାନଙ୍କୁ ବିକ୍ରି କରିଦିଅନ୍ତି।

ଆଜିର ବୈଜ୍ଞାନିକଯୁଗରେ ସମସ୍ତେ ସଚେତନ ହେଲେଣି। ରୁଢ଼ିବାଦୀ ପରମ୍ପରା ଗୁଡିକ ତ୍ୟାଗ କରିବାକୁ ସାହାସ କଲେଣି। ତେଣୁ ଯଦିକେହି ସନ୍ଦେହ ପ୍ରକଟ କରୁଛି ଏବଂ ସତ୍ୟକ'ଣ ଜାଣିବାପାଇଁ ପ୍ରଶ୍ନକରୁଛି ତ କଟ୍ଟର ଧାର୍ମିକମାନେ କ୍ରୋଧିତ ହେଉଛନ୍ତି କାହିଁକି? ତୁମର ଭଗବାନ ଯଦି ସତ୍ୟ ଏବଂ ତୁମର ବିଶ୍ୱାସ ବି ସତ୍ୟ ତେବେ କେହିବି ତୁମ ବିଶ୍ୱାସକୁ ଆହତ କରିବ କପରି?

ଗତ କିଛିଦିନତଳେ ଦିଲ୍ଲୀରେ ଆଉଏକ ବିଭତ୍ସ ଧାର୍ମିକ ଅସହିଷ୍ଣୁତା ଦେଖିବାକୁ ମିଳଛି। ଜଣେ ଦଳିତ ଶିଖ ସମ୍ପ୍ରଦାୟର ଲୋକ ତାଙ୍କର ଧର୍ମଗ୍ରନ୍ଥକୁ ଛୁଇଁଦେଇଥିବା ଯୋଗୁଁ ନିହଙ୍ଗ ସମ୍ପ୍ରଦାୟର ଧାର୍ମିକମାନେ ତାଙ୍କୁ ଅତି ନୃଶଂସ ଓ ଅମାନବୀୟ ଭାବେ ହାତଗୋଡ଼ କାଟି ହତ୍ୟା କରିଛନ୍ତି। ସେହି ଦୃଶ୍ୟକୁ ପୁଣି ଅମଣିଷ, ଅଲାଜୁକମାନେ ଗର୍ବରସହିତ ଭିଡିଓ ସୁଟିଙ୍ଗ କରି ସୋସିଆଲ ମିଡିଆରେ ପ୍ରଚାର କରିଛନ୍ତି। ଏଇଠି ପ୍ରଶ୍ନଉଠୁଛି – ସେମାନଙ୍କର ଧର୍ମଗ୍ରନ୍ଥ କ'ଣ ଏତେ ଦୁର୍ବଳଯେ କିଏ ଛୁଇଁଦେଲେ ଅପବିତ୍ର ହୋଇଯାଉଛି? ଏହି ଅମାନୁଷିକ କୃତ୍ୟପାଇଁ ତାଙ୍କର ତଥାକଥିତ ଭଗବାନ କ'ଣ ଖୁସିରେନେଇ ସ୍ୱର୍ଗରେ ବସାଇବେ? ଏଇଟା ସତଯେ ଦେଶର ଆଇନକାନୁନ ତାଙ୍କପାଇଁ ନିଶ୍ଚୟ ଉଚିତ ଦଣ୍ଡବିଧାନ କରିବ । ହୁଏତ ପ୍ରାଣଦଣ୍ଡ କମ୍ବା ଆଜୀବନ କାରାବାସ ହେବ । ଏହି ବିପତ୍ତିରୁ ତାଙ୍କର ଭଗବାନ କ'ଣ ବଞ୍ଚେଇ ପାରିବେ?

ଗୌତମବୁଦ୍ଧଙ୍କ ଗୋଟିଏ ଉଦାହରଣ ମନେପଡୁଛି – ସେତେବେଳେ ସେ ବ୍ରାହ୍ମଣବାଦ ବିରୋଧରେ ସଂଘର୍ଷ କରୁଥିଲେ ତେଣୁ ତାଙ୍କର ବହୁତ ପ୍ରତିବାଦୀ ବି ଥିଲେ। ଥରେ ସେ ଗୋଟିଏ ଗ୍ରାମକୁ ଯାଇଥିଲେ । ସେହିଗ୍ରାମର ଲୋକମାନେ ଅତ୍ୟନ୍ତ ଅଶୋଭନୀୟ ଭାଷାରେ ଗାଳିଗୁଲଜ କରି ଅପମାନିତ କରିବାକୁ ଚେଷ୍ଟାକଲେ । ଗୌତମ ସବୁକିଛି ନିରବରହି ଶୁଣିଲେ । କିଛିଲୋକ ପଚାରିଲେ ତୁମକୁ ଅପମାନ ଲାଗିଲାନି? ଗୌତମ କହିଲେ – ତୁମେ ମୋତେ ଯାହାସବୁ ଦେଲ ମୁଁ ତ ସେଥିରୁ କିଛିବି ନେଇନାହିଁ ତେଣୁ ମୋର ମାନ ବା

ଅପମାନ ହେବ କପରି? ମୁଁ ବର୍ତ୍ତମାନ ଭାବୁଛି - ସେହିସବୁ ଗାଳଗୁଲଜ ତୁମରି ପାଖରେ ହିଁ ରହିଗଲା। ତୁମେ ସେସବୁ କେଉଁଠି ରଖିବ?

ଗୌତମବୁଦ୍ଧଙ୍କ ସେହି ଉଦାହରଣରୁ ବୁଝାପଡୁଛି ଯେ ସେହି ସମୟରେ ଲୋକମାନଙ୍କ ଭିତରେ ଶିକ୍ଷାର ପ୍ରସାର କମଥିଲା ଏବଂ ଧର୍ମପ୍ରବଣତା ବହୁତ ଅଧିକ ଥିଲେମଧ୍ୟ ବୁଦ୍ଧଙ୍କୁ ଅସହିଷ୍ଣୁ ହୋଇ କେହି ହତ୍ୟା କରିବାକୁ ହାତ ଉଠାଇନଥିଲେ ବରଂ ତାଙ୍କର ତର୍କକୁ ବୁଝିପାରି ନିଜକୁ ପରିବର୍ତ୍ତନ କରୁଥିଲେ । ବିଡମ୍ବନା ଦେଖନ୍ତୁ - ଆଜି ମଣିଷମାନେ ଶିକ୍ଷାକ୍ଷେତ୍ରରେ ଯେତେ ଆଗେଇଥିଲେ ମଧ୍ୟ ନିଜର ପଶୁପ୍ରବୃତ୍ତି ଉପରେ ନିୟନ୍ତ୍ରଣ କରିପାରୁ ନାହାନ୍ତି।

Mob:9482016260

# କାହିଁକ ମଉନ ରହିଛ



ଶଶୀକାନ୍ତ ମେହେର

କାହିଁକ ରହିଛ "ମଉନ" ତମେହୋ
ତମେ କହ ଟିକେ ମତେ !
ଯେବେ ତୁମର ମଉନତା ଦେଖିଲେ
ଦୁଃଖ ଦିଏ ଭରି ମତେ !
ଭାବି ବସିଲେ କଛି ପୂର୍ଣ୍ଣ ହୁଏନ
ପୂର୍ଣ୍ଣ ହୁଏ କଲେ ହାତେ !
ଭାବି ବସିବା ଛାଡ଼ି ଦିଅ ତମେ ହୋ
କାମ କର ତମେ ହାତେ
ନିଶ୍ଚୟ  ସବୁ ଆଶା ପୂରଣ ହେବ
ଭାବନାହିଁ କଛି ଏତେ !
ମଉନ ରହିବା ଭୁଲିଯାଅ ତମେ
କାମରେ ମନ ଦିଅ ସତେ !
ଭଗବାନ ସବୁ ସଫଳ କରିବେ
ଭରଷା ଅଛିଲେ୍ ମତେ !
ଚୁପ୍ ରହିବା ସବୁତ ତ୍ୟାଗକରି
ହସି ହସି ରହ ସତେ !
ସବୁତ ଦିନେ ନିଶ୍ଚୟ ହୋଇଯିବ
ଭରଷା ଅଛିହୋ ମତେ..............!!

ଜମଲ୍, ପଦ୍ମପୁର, ବରଗଡ଼

# ତର୍କେ ହରି ପ୍ରମାଣିତ



ସୁଶୀଲ୍ କୁମାର ଭୋଇ

ପ୍ରାଚୀନ କାଳରୁ ମାନବ ସମାଜ ମଧ୍ୟରେ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇଛି। ଯେଉଁଥି ପାଇଁ ସମଗ୍ର ମାନବ ଜାତି ବାସ୍ତବ ଅପେକ୍ଷା ଅବାସ୍ତବକୁ ଅଗ୍ରାଧିକାର ଦିଅନ୍ତି। ପୂର୍ବେ ରହି ଆସିଥିବା କୌଣସି ଜିନିଷକୁ ତର୍ଜମା ନକରି ତାକୁ ସ୍ୱୀକାର କରନ୍ତି ଏବଂ ମାନି ନିଅନ୍ତି। ଯଦି ଦେଖିବା ଆବାହାମାନ କାଳରୁ ରହି ଆସିଥିବା ପ୍ରସଙ୍ଗ "ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର" ବିଷୟଟିର ବାସ୍ତବ ସାର ମର୍ମ କ'ଣ ଦର୍ଶାଉଛି। ଏଠି ଈଶ୍ୱରଙ୍କୁ ନେଇ ପ୍ରାମାଣିକ ପ୍ରଶ୍ନ ନପଚାରିବାକୁ କୁହାଯାଇଛି, ଏଥି ସହିତ ଈଶ୍ୱରଙ୍କ ଉପସ୍ଥିତକୁ ନେଇ କୌଣସି ତର୍କର ଆବଶ୍ୟକତା ନାହିଁ ଯାହା କୁହାଯାଇଛି। ଏହା କେତେ ଦୂର ଠିକ**?** କୌଣସି ଜିନିଷର ସ୍ଥିତି, ଉପସ୍ଥିତି, ସୃଷ୍ଟି, ପ୍ରମାଣ ନପରଖିବା କିମ୍ବା ତାର ତର୍ଜମା ନକରିବା କେତେ ଦୂର ଗ୍ରହଣୀୟ**?** ଯଦି କୌଣସି ଜିନିଷ ଓ ଘଟଣା ପଛରେ ଥିବା ସତ୍ୟକୁ ନପରଖି ତାକୁ ଅନ୍ଧଭାବେ ମାନିନେବା ତାହାଲେ ଆମେ ଅନ୍ଧଭାବେ ପରିଗଣିତ ହେବାକୁ କୁଣ୍ଠାବୋଧ କରିବା ନାହିଁ**!** ତର୍କକୁ ନେଇ ଯଦି ଏହାର ଆବଶ୍ୟକତା କେତେ ଅଛି ଦେଖିବା ତାହାଲେ ଜାଣିପାରିବା ତର୍କ ଓ ତାର୍କିକଙ୍କର ଭୂମିକା କ'ଣ ରହୁଛି। ପିତୃସତ୍ୟ ପାଳନ କରିବା ପାଇଁ ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହ ଶ୍ରୀରାମଚନ୍ଦ୍ର ବନବାସରେ ଯାଇଥିବା ବେଳେ ଏକଦା ତାଙ୍କୁ ଖୁବ୍ ଶୋଷ ଲାଗିଲା। ପାଣି ପିଇବା ପାଇଁ ସେମାନେ ଗୌତମ ଋଷିଙ୍କ ଆଶ୍ରମକୁ ଯାଇଥିଲେ କିନ୍ତୁ ଆଶ୍ରମରେ ଗୌତମ ଋଷି ନଥିଲେ ତାଙ୍କର ଶିଷ୍ୟମାନେ ଥିଲେ ସେମାନେ ରାମଚନ୍ଦ୍ରଙ୍କୁ ନିଜର ପରିଚୟ ପଚାରିଥିଲେ। ରାମଚନ୍ଦ୍ର ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ଓ ରାଜବଂଶର ଜଣେ ସଦସ୍ୟ ଭାବେ ନିଜର ପରିଚୟ ଦେଇଥିଲେ ଏଥି ସହିତ ପିତୃସତ୍ୟ ପାଳନ କରିବା ପାଇଁ ସେ ବନବାସ ଆସିଥିବାର ସମସ୍ତ ଘଟଣା ବର୍ଣ୍ଣନା କରିଲେ**!** ଏହା ଶୁଣି ଋଷି ଗୌତମଙ୍କ ଶିଷ୍ୟଙ୍କ ମନରେ ଅନେକ ପ୍ରଶ୍ନ ଆସିଥିଲା ସେମାନେ ଭାବିଥିଲେ କ'ଣ ସତରେ ଜଣେ ରାଜପୁତ୍ର ପିତୃସତ୍ୟ ପାଳନ କରିବା ପାଇଁ ରାଜ ଗାଦି ପରିତ୍ୟାଗ କରି

ବନବାସ କାଟିବାକୁ ନିର୍ଣ୍ଣୟ ନେଇ ପାରନ୍ତି? ଯଦି ବି ସେ ବନବାସ ଗ୍ରହଣ କରିବା ପାଇଁ ରାଜି ହେଲେ ତାହାଲେ ସେ ଏ ଜଙ୍ଗଲକୁ କ'ଣ ପାଇଁ ଆସିଥିଲେ! ଅଯୋଧ୍ୟାରେ କ'ଣ ଜଙ୍ଗଲ ନଥିଲା! ବନ ହେଉଛି ଦୁଇ ପ୍ରକାର ବ୍ୟଷ୍ଟି ବନ ଓ ସମଷ୍ଟି ବନ, ବ୍ୟଷ୍ଟି ବନ ମାନେ ଗୋଟିଏ ଗଛ, ନିଶ୍ଚିନ୍ତ ଅଯୋଧ୍ୟାରେ ଗୋଟିଏ ଗଛ ଥିବ, ସେଇ ଗଛମୂଳେ ତ' ଗୋଟିଏ କୁଡ଼ିଆ କରି ରହି ପାରିଥାନ୍ତେ। ଆଉ ପୃଥିବୀରେ ଯେତେସବୁ ବନ ଅଛି ତା' ସମଷ୍ଟି ବନ ଯାହା କେହିବି ପୃଥିବୀରେ ସମସ୍ତ ବନ ବୁଲି ପାରିବେ ନାହିଁ।!..."ଏପରି ଅନେକ ପ୍ରଶ୍ନ କରି ଗୌତମ ଋଷିଙ୍କ ଶିଷ୍ୟମାନେ ରାମଚନ୍ଦ୍ରଙ୍କ ସହିତ ତର୍କ କରିଲେ କିନ୍ତୁ ରାମଚନ୍ଦ୍ର ସେମାନଙ୍କ ପ୍ରଶ୍ନର ଉତ୍ତର ନଦେଇ ତର୍କ ଠାରୁ ଦୂରେଇ ରହିଥିଲେ କାରଣ ରାମଚନ୍ଦ୍ର ତାର୍କିକ ନଥିଲେ ଏବଂ ସତ୍ୟକୁ ଉପସ୍ଥାପନ କରେଇବାର ବିଫଳ ହୋଇଥିଲେ ଓ ନିଜର ତୃଷ୍ଣାମେଣ୍ଟାଇ ନପାରି ଫେରି ଆସିଥିଲେ। ଆଗକାଳରେ ବିଦ୍ୟାଚର୍ଚ୍ଚା ଓ ତର୍କସଭାର ଖୁବ୍ ପରମ୍ପରା ଥିଲା। ଅନେକ ରାଜସଭାରେ ତର୍କସଭା ହୁଏ, ମହାରାଜା ଜନକଙ୍କ ରାଜସଭାରେ ଏମିତି ତର୍କସଭା ହେଉଥିଲା। ଆଚାର୍ଯ୍ୟ ବନ୍ଦୀ ସର୍ତ୍ତ ରଖିଥିଲେ ତାଙ୍କ ସହିତ ତର୍କ କରି ଯିଏ ହାରିବ, ତାକୁ ଜଳ ସମାଧି ନେବାକୁ ପଡ଼ିବ। ଏଥିରେ ଅନେକ ପଣ୍ଡିତ ଭାଗ ନେଇ ତର୍କ କରନ୍ତି ଓ ଯେଉଁ ପଣ୍ଡିତ ହାରି ଯାଉଥିଲେ ସେମାନେ ଜଳ ସମାଧି ନେଉଥିଲେ। କ୍ରମେ ଅଷ୍ଟାବକ୍ର ଆସି ତର୍କ କରି ଆଚାର୍ଯ୍ୟ ବନ୍ଦୀଙ୍କୁ ତର୍କ ମାଧ୍ୟମରେ ପରାଜିତ କରିଥିଲେ ଓ ଆଚାର୍ଯ୍ୟ ବନ୍ଦୀ ଜଳ ସମାଧି ନେବାକୁ ଯିବାବେଳେ ତାଙ୍କୁ ଏଥିରୁ ନିବୃତ୍ତ କରିଥିଲେ ଏବଂ ତର୍କସଭା ମଧ୍ୟ ବନ୍ଦ କରିଥିଲେ, ଉଦ୍ଦେଶ୍ୟ ଥିଲା ତର୍କ ପାଇଁ ସାଧାରଣ ଜୀବନ ବଳୀ ନପଡୁ! ଖ୍ରୀଷ୍ଟପୂର୍ବ ୬୦୦ ଶତାବ୍ଦୀ ବେଳକୁ ସମାଜରେ ଏତେ ମାତ୍ରାରେ ଅତାର୍କିକ ଓ ଅଯୌତିକ ତତ୍ତ୍ୱ ଭରପୁର ଥିଲା ଯାହା ସମଗ୍ର ସମାଜକୁ ଅନ୍ଧବିଶ୍ୱାସରେ ବାନ୍ଧି ରଖିଥିଲା। ବିଶେଷ କରି ଏହି ସମୟରେ ପରଜନ୍ମ ଓ ପୂର୍ବଜନ୍ମର ବାର୍ତ୍ତା ଫଳାଇ ପଣ୍ଡିତ ମାନେ ଅନେକ ଭୟସୃଷ୍ଟି କରୁଥିଲେ! ତାଙ୍କ ମତ ଥିଲା କେବଳ ଗୋଟିଏ ଶ୍ରେଣୀର ଲୋକମାନେ ପାଣ୍ଡିତ୍ୟ ଲାଭ କରିବେ ଓ ସମାଜର ଶ୍ରେଷ୍ଠ ଆସନରେ ଅଧିସିତ ହେବେ ଏବଂ ତାଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ପାଣ୍ଡିତ୍ୟତା ପାଇଁ ମନ ବଳାଉଥିଲେ ସେମାନଙ୍କୁ ନର୍କର ଭୟ ଦେଖାଉଥିଲେ, ଯେଉଁମାନେ ତାଙ୍କ କଥା ମାନି ଚଳବେ ସେମାନେ ସ୍ୱର୍ଗ ଲାଭ କରିବେ, ଏପରି ଅନେକ ବିଷୟରେ ଅତାର୍କିକ ପ୍ରସଙ୍ଗ ଦର୍ଶାଇ ସମାଜକୁ ନଷ୍ଟ କରାଯାଇଥିଲା ଏତିକି ବେଳେ ମହାନ ତାର୍କିକ ଚାର୍ବାକଙ୍କ ଆବିର୍ଭାବ ହୋଇଥିଲା। ସେ ଅତ୍ୟନ୍ତ ବାସ୍ତବବାଦୀ ଥିଲେ, ସେ ପରଜନ୍ମ ଓ ପୂର୍ବଜନ୍ମକୁ ଖଣ୍ଡନ କରିଥିଲେ। ସେ

କହୁଥିଲେ: "ଯାବତ୍ ଜିବେତ୍ ସୁଖଂ ଜିବେତ୍ ଋଣଂ କୃତ୍ୱା ଘୃତଂ ପିବେତ୍। ଭସ୍ମୀଭୂତସ୍ୟ ଦେହସ ପୁନରାଗମନଂ କୁତଃ।।" ସେ କେବଳ ଯାହା ପ୍ରତ୍ୟକ୍ଷ ଭାବେ ଦେଖାଯାଏ ତାକୁ ସତ୍ୟ ମାନୁଥିଲେ। ସେ ଧର୍ମକୁ ଶକ୍ତିଶାଳୀ ଚତୁର ଲୋକଙ୍କ ଦ୍ୱାରା ସୃଷ୍ଟି ହତିଆର କହିବା ସହିତ ଏହାଦ୍ୱାରା କେବଳ ଦୁର୍ବଳ ଲୋକଙ୍କୁ ଶିକାର କରାଯାଉଥିବାର ଏକ ଆବିଷ୍କାରକ ଭାବେ ମାନୁଥିଲେ। ତାଙ୍କ ମତ ସେ ସମୟରେ ବେଶ ପ୍ରସିଦ୍ଧି ଅର୍ଜନ କରିଥିଲା ତାଙ୍କ ସହିତ ତର୍କ କରିବା ପାଇଁ ଅନେକ ପଣ୍ଡିତ ଆସି ତର୍କରେ ହାରି ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ।ଏପରିକି ଅନେକ ଗୁଣିଜ୍ଞାନୀ ବ୍ୟକ୍ତିଙ୍କୁ ଚାର୍ବାକ ନିଜର ମତ ମାଧ୍ୟମରେ ନାସ୍ତିକ କରି ପାରିଥିଲେ। ଯଦି ତର୍କକୁ ନେଇ ଆଲୋଚନା କରାଯାଏ ତାହାଲେ "ବୁଦ୍ଧଙ୍କ ବାଣୀ" ସର୍ବାଗ୍ରେ ରହିବ! କାରଣ ବୁଦ୍ଧ ହିଁ ହେଉଛନ୍ତି ଶ୍ରେଷ୍ଠ ଓ ଉର୍ଣ୍ଣତ ତାର୍କିକ, ତାଙ୍କ ଦ୍ୱାରା ଭାରତ ବର୍ଷରେ ଯେଉଁ ସିଦ୍ଧାନ୍ତ ପ୍ରଦାନ କରାଯାଇଛି ସେଇପରି କୌଣସି ସିଦ୍ଧାନ୍ତ ଏପର୍ଯ୍ୟନ୍ତ ସୃଷ୍ଟି ହୋଇ ପାରିନାହିଁ! ବିଶେଷ କରି ଧର୍ମକୁ ନେଇ ବୁଦ୍ଧ କହିଥିଲେ, "ଯିଏ ତର୍କ କରିବା ପାଇଁ ଚାହେଁ ନାହିଁ ସେ ଧର୍ମାନ୍ଧ, ଯିଏ ତର୍କ କରି ପାରେ ନାହିଁ ସେ ମୂର୍ଖ, ଯିଏ ତର୍କ କରିବାକୁ ସାହସ କରେ ନାହିଁ ସେ ଗୋଲାମ ଅଟେ!"

ଭୁବନେଶ୍ୱର-୨

# ଶ୍ରୀମଦଭଗବତଗୀତାରୁ ପଦେ....୧



ନରେନ୍ଦ୍ର ପ୍ରସାଦ ବେହେରା

## ଗୀତାର ମହିମା

ଶ୍ରୀମଦଭଗବତଗୀତା ହେଉଛି ସାକ୍ଷାତ୍ ଭଗବାନଙ୍କର ଦିବ୍ୟବାଣୀ । ଏହାର ମହିମା ଅପାର ଓ ଅପରିମିତ । ଏହାର ଯଥାର୍ଥ ବର୍ଣ୍ଣନା କେହି କରି ପାରିବେ ନାହିଁ । ମନୁଷ୍ୟ ମାନଙ୍କ କଥା କ'ଣ କହିବା, ଶେଷ, ମହେଶ ଓ ଗଣେଶ ମଧ ଏହାର ମହିମା ପୂର୍ଣ୍ଣରୂପେ ବର୍ଣ୍ଣନା କରିପାରିବେ ନାହିଁ । ଇତିହାସ ପୁରାଣ ଆଦିରେ ସ୍ଥାନେ ସ୍ଥାନେ ଏହାର ମହିମା ଗାନ କରାଯାଇଛି; ତଥାପି ଏପର୍ଯ୍ୟନ୍ତ ଏହାର ଯେତେ ମହିମା ଗାନ କରାଯାଇଛି, ସେଗୁଡିକୁ ଏକତ୍ର କରିଦେଲେ ମଧ, କୁହାଯାଇପାରିବ ନାହିଁ ଯେ, ଗୀତାର ମହିମା ଏତିକମାତ୍ର । ବାସ୍ତବରେ କହିବାକୁ ଗଲେ, ଏହାର ମହିମା ପୂର୍ଣ୍ଣରୂପେ ବର୍ଣ୍ଣନା ହୋଇପାରିବ ନାହିଁ । ଯେଉଁ ବସ୍ତୁର ବର୍ଣ୍ଣନା ହୋଇପାରେ, ତାହା ଆଉ ଅପରିମିତ ହୋଇ କପରି ରହିବ ? ତାହା ତ ପରିମିତ ହୋଇଗଲା ।

ଗୀତା ଏକ ପରମ ରହସ୍ୟମୟ ଗ୍ରନ୍ଥ । ଏଥିରେ ସମସ୍ତ ବେଦର ସାର ସଂଗ୍ରହ କରାଯାଇଛି। ଏହାର ରଚନା ଏତେ ସୁନ୍ଦର ଓ ସରଳ ଯେ, ଟିକଏ ଅଭ୍ୟାସ କଲେ, ମନୁଷ୍ୟ ଏହାକୁ ସହଜରେ ବୁଝିପାରିବ; ତଥାପି ଏହାର ଅନ୍ତର୍ନିହିତ ତଥ୍ୟ ଏପରି ଗୂଢ ଓ ଗମ୍ଭୀର ଯେ, ଆଜୀବନ ନିରନ୍ତର ଅଭ୍ୟାସ କରିଚାଲିଲେ ମଧ, ଏହାର ଅନ୍ତ ମିଳପାରେନାହିଁ । ଏଥିରୁ ପ୍ରତିଦିନ ନୂଆ ନୂଆ ଭାବ ଉତ୍ପନ୍ନ ହେଉଥାଏ; ତେଣୁ ଏହା ସର୍ବଦା ନବୀନ ହୋଇ ହିଁ ରହେ ଏବଂ ଏକାଗ୍ରଚିତ୍ତ ହୋଇ ଶ୍ରଦ୍ଧା-ଭକ୍ତି ସହିତ ବିଚାର କଲେ ଏହାର ପ୍ରତିଟି ପଦରେ ପରମ ରହସ୍ୟ ପୂର୍ଣ୍ଣ ହୋଇ ରହିଥିବା ପ୍ରତ୍ୟକ୍ଷ ପ୍ରତୀତ ହୁଏ। ଏହି ଗୀତାଶାସ୍ତ୍ରରେ ଭଗବାନଙ୍କର ଗୁଣ, ପ୍ରଭାବ, ସ୍ୱରୂପ, ତତ୍ତ୍ୱ, ରହସ୍ୟ ଏବଂ ଉପାସନା ତଥା କର୍ମ ଓ ଜ୍ଞାନର ବର୍ଣ୍ଣନା ଯେପରି ଭାବରେ କରାଯାଇଛି, ସେପରି ବର୍ଣ୍ଣନା

ଅନ୍ୟ କୌଣସି ଗ୍ରନ୍ଥରେ ଏକସଙ୍ଗରେ ମିଳବା କଠିନ । ଭଗବତଗୀତା ଏପରି ଏକ ଅନୁପମ ଶାସ୍ତ୍ର ଯେ, ଏହାର ଗୋଟିଏ ବି ଶବ୍ଦ ସଦୁପଦେଶରୁ ବିଚ୍ୟୁତ ନୁହେଁ । ଗୀତରେ ଗୋଟିଏ ହେଲେ ଏପରି ଶବ୍ଦ ନାହିଁ, ଯାହାକୁ ସ୍ତୁତିବାଣୀ ବୋଲି କୁହାଯାଇପାରେ । ଏଥିରେ ଯେଉଁସବୁ କଥା କୁହାଯାଇଛି, ସେସବୁ ଅକ୍ଷରେ-ଅକ୍ଷରେ ଯଥାର୍ଥ । ସତ୍ୟସ୍ୱରୂପ ଭଗବାନଙ୍କ ବାଣୀରେ ମନୋରଞ୍ଜନ କଳ୍ପନା କରିବା ଅର୍ଥ ତାହାର ଅନାଦର କରିବା ।

ଗୀତା ସର୍ବଶାସ୍ତ୍ରମୟୀ । ଗୀତରେ ସମସ୍ତ ଶାସ୍ତ୍ରର ସାର ପୂର୍ଣ୍ଣ ହୋଇ ରହିଛି । ଏହାକୁ ସବୁଶାସ୍ତ୍ରର ଭଣ୍ଡାର ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଭଲଭାବରେ ଗୀତାଜ୍ଞାନ ହୋଇଯିବା ପରେ, ସବୁ ଶାସ୍ତ୍ରର ତାତ୍ତ୍ୱିକ ଜ୍ଞାନ ସ୍ୱତଃ ଉଦୟ ହୋଇଯିବ; ସେଥିପାଇଁ ପୃଥକ୍ ପରିଶ୍ରମ କରିବାର ଆବଶ୍ୟକତା ରହିବ ନାହିଁ । କ୍ରମଶଃ.....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର

# ସ୍ୱାସ୍ଥ୍ୟ ବିଭାଗ

# ଶରୀରରେ "ରୋଗପ୍ରତିରୋଧକ ଶକ୍ତି" ବୃଦ୍ଧି ନିମନ୍ତେ ଶାଗ ର ଆବଶ୍ୟକତା



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀ ସୃଷ୍ଟି ସମୟରୁ ମନୁଷ୍ୟ ପ୍ରକୃତି ଜାତ ଦ୍ରବ୍ୟ ଉପରେ ନିର୍ଭର କରି ବଞ୍ଚି ଆସୁଛି। ପ୍ରକୃତି ଦତ୍ତ ପାଣି, ପବନ,ବୃକ୍ଷ ଲତା, ଜୀବଜନ୍ତୁ, ଆଦିଙ୍କ ସହ ଓତଃପ୍ରୋତ ଭାବେ ଜଡ଼ିତ ରହି ପ୍ରକୃତିର ଭାରସାମ୍ୟ ରକ୍ଷାକରି ଚଳିଆସୁଅଛି ।

ଆମ ଦେଶର ଆୟୁର୍ବେଦ ବିଶାରଦ ଚରକ, ସୁଶୃତ, ବାଗଭଟ ଆଦିଙ୍କ ରଚିତ ବିଭିନ୍ନ ପ୍ରାଚୀନ ଚିକିତ୍ସା ସଂହିତାରେ ବିଭିନ୍ନ ବୃକ୍ଷଲତା ର ପତ୍ର ଓ ଶାଗ କୁ କଞ୍ଚାରେ ଓ ସିଝାଇ କରି ଖାଦ୍ୟ ରୂପେ ଖାଇବା ଦ୍ୱାରା ମନୁଷ୍ୟ ଶରୀରରେ ବିଭିନ୍ନ ଔଷଧୀୟ ଗୁଣ ଓ ଜୀବନୀୟ ଶକ୍ତି ଶରୀର ଭିତରକୁ ପ୍ରବେଶ କରି ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ ଶରୀର କୁ ସୁସ୍ଥ ରଖି ମନୁଷ୍ୟ ଦୀର୍ଘାୟୁ ହେବା ନିମନ୍ତେ ବିଭିନ୍ନ ଉପାଦେୟ ବର୍ଣ୍ଣନା କରାଯାଇଛି, ଯାହାକି ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ ଏହାସହ ଏକମତ ହୋଇଛି।

ଆଜିର ଯୁବପିଢି ଦେଶୀୟ ପାରମ୍ପାରିକ ଖାଦ୍ୟ ସାମଗ୍ରୀ କୁ ଗୌଣ କରି ଫାଷ୍ଟ ଫୁଡ୍, ପିଜ୍ଜା, ବର୍ଗର ଆଦି ପାଶ୍ଚାତ୍ୟ ରାଷ୍ଟ୍ର ର ଖାଦ୍ୟକୁ ଆପଣେଇ ଆମ ଭାରତୀୟ ପାରମ୍ପରିକ ଖାଦ୍ୟକୁ ଦୁରେଇ ଯାଉଥିବାର ପରିଲକ୍ଷିତ ହେଉଛି।

ଆମର ଦେଶୀୟ ଖାଦ୍ୟରେ ବିଭିନ୍ନ ସବୁଜ ପନିପରିବା ଖାଇବା ସହ ଅଳ୍ପ କିଛିଦିନ ବ୍ୟବଧାନରେ ଖାଦ୍ୟ ସହ ଶାଗ ଜାତୀୟ ଖାଦ୍ୟ ଏବଂ କିଛି ବୃକ୍ଷ ଲତାର କଞ୍ଚା ପତ୍ରକୁ ବିଭିନ୍ନ ପ୍ରଣାଳୀରେ ଖାଇବାର ପ୍ରଥା ରହିଛି, ବିଭିନ୍ନ ପ୍ରକାର ଶାଗ ରେ ଭିନ୍ନ ଭିନ୍ନ ଭିଟାମିନ ରହିଥିବାରୁ  ଶରୀରରେ ଏହା ବିଭିନ୍ନ ରୋଗକୁ ନିୟନ୍ତ୍ରିତ କରି ଶରୀରକୁ ସୁସ୍ଥ ରଖିଥାଏ, ତେଣୁ ବିଭିନ୍ନ ପ୍ରକାର ଶାଗ ଖାଦ୍ୟ ରୂପେ ଖାଇବାର ଅବଶ୍ୟକତା ରହିଛି।

ସଜନା, ସୁନୁସୁନିଆ, ଆଟିକା ପୋଡି, କଳମ୍ବ ଶାଗ, କୋଶଳା, ଖଡା, ପୋଇ, ଡାଲି ଶାଗ, ଅଗସ୍ତି, ସାରୁ ପତ୍ର, ସୋରିଷ, ମେଥି, ମୂଳା, ବନ୍ଧାକୋବି, ଫୁଲକୋବି ପତ୍ର,

ଗଣ୍ଠିକୋବି ପତ୍ର ଆଦି ଶାଗ କୁ ସିଝାଇ ଖିଆଯାଉଥିବା ବେଳେ ପୋଦିନା ପତ୍ର, ଧନିଆପତ୍ର, ନିମ୍ବପତ୍ର ଆଦିକୁ ବାଟୀ ଖିଆଯାଇଥାଏ ।

ବିଭିନ୍ନ ପ୍ରକାର ଶାଗରେ ଭିନ୍ନ ଭିନ୍ନ ଭାବେ ଭିଟାମିନ-A,B,C,K, ମ୍ୟାଗନେସିୟମ, ଜୀଙ୍କ, କପର, ପ୍ରୋଟିନ, ଆମିନୋ ଏସିଡ, ପୃଷ୍ଟିସାର, ଆଦି ଜୀବନୀୟ ଶକ୍ତି ସଂଯୁକ୍ତ ହୋଇ ରହିଥାଏ ।

ଚିକିତ୍ସା ଶାସ୍ତ୍ର ମତ ଅନୁସାରେ ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ମୁଖ୍ୟତଃ ଭିଟାମିନ-C, ଶ୍ୱେତ ରକ୍ତ କଣିକା(WBC) ଓ ବିଭିନ୍ନ ଭିଟାମିନ ନିତାନ୍ତ ଜରୁରୀ ଅଟେ, ଯାହାକି ଆମ ଶରୀର ରେ ବିଭିନ୍ନ ଜୀବାଣୁ, ଭୁତାଣୁ ଆଦି ସଂକ୍ରମଣ କୁ ପ୍ରତିରୋଧ କରିବା ସହ ବିଭିନ୍ନ ରୋଗକୁ ପ୍ରତିହତ କରି ଶରୀରକୁ ସୁସ୍ଥ ତଥା ଦୀର୍ଘାୟୁ ନିମନ୍ତେ ସହାୟକ ହୋଇଥାଏ। ଯେପରିକି ସଜନା ଶାଗ ଖାଦ୍ୟ ରୂପେ ଖାଇବା ଦ୍ୱାରା ଶରୀରରେ ଉଚ୍ଚ ରକ୍ତଚାପ ହ୍ରାସ ପାଇ ସ୍ୱାଭାବିକ ଅବସ୍ଥା କୁ ଆସିଥାଏ, ପୋଦିନା ପତ୍ର ଓ ଧନିଆପତ୍ର କୁ ବାଟୀ ଖାଇବା ଦ୍ୱାରା ଖାଦ୍ୟ ସୁରୁରୁ ରୁପେ ହଜମ ହୋଇଥାଏ, ନିମ୍ବ ପତ୍ର କୁ ବାଟୀ ଖାଇବା ଦ୍ୱାରା ମଧୁମେହ ତଥା ବିଭିନ୍ନ ଚର୍ମ ରୋଗ ଦୂର ହୋଇଥାଏ, ବ୍ରାହ୍ମୀ ପତ୍ର କୁ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ, ସୁନୁସୁନିଆ ଶାଗ ଖାଇବା ଦ୍ୱାରା ନିଦ୍ରା ହେବା ସହ ମାନସିକ ଅବସାଦ ଦୂର ହୋଇଥାଏ।

ଶାଗ ଜାତୀୟ ଖାଦ୍ୟ ତଥା ବିଭିନ୍ନ ପତ୍ର କୁ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ଏଣ୍ଟିଅକ୍ସିଡେଣ୍ଟ, ରକ୍ତ କଣିକା ପ୍ରସ୍ତୁତି ଏବଂ ହିମୋଗ୍ଲୋବିନ ର ମାତ୍ରା ଶରୀରରେ ବୃଦ୍ଧି ପାଇବା ସହ ନୂତନ କୋଷ ନିର୍ମାଣ ରେ ସହାୟକ ହେବା ସହ ଶରୀର ସୁସ୍ଥ, ସତେଜ ଓ ନିରୋଗ ରହିଥାଏ। ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୁତାଣୁର (କୋଭିଡ -19) ଯେପରି ଭୟାବହତା ରହିଛି, ଉକ୍ତ ଭୁତାଣୁକୁ ପ୍ରତିରୋଧ ନିମନ୍ତେ ଆମେ ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ବିଶେଷ ଯତ୍ନବାନ ହେବା ଜରୁରୀ ଅଟେ। ତେଣୁ ଅଳ୍ପ କିଛିଦିନ ବ୍ୟବଧାନରେ ଖାଦ୍ୟ ସହ ଭିନ୍ନ ଭିନ୍ନ ଶାଗ ଜାତୀୟ ଖାଦ୍ୟ ଖାଇବା ସହ ବିଭିନ୍ନ ପ୍ରକାର ସବୁଜ, ତଟକା ପରିବା କୁ ଖାଦ୍ୟ ଭାବେ ଖାଇବାର ଆବଶ୍ୟକତା ରହିଛି।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୬୮୯୪୧୧୨୪୮୭

# ଆମ ହାଣ୍ଡିଶାଳ

# ହାଣ୍ଡିଶାଳ



ତ୍ରିପତି ପ୍ରଧାନ

ହାଣ୍ଡିଶାଳ ସାରଥୀଟି ସେ
ନାମଟି ତାର ମାଆ
ବାହିନଏ ରଥ ଆଗକୁ
ରଥୀ ଥାଏଟି ଠିଆ **(1)**
ରାଜା ସେନାପତି ସଇନ
ଯୋଦ୍ଧା ପଣକୁ ଜାଣି
ଚଲାଏ ଆଗକୁ ଆଗକୁ
ଭୟ ନଏଟି ଟାଣି **(2)**
ଭରି ଦିଏ ଶକ୍ତି ସାହସ
ପରିଚାଳନା କରି
ନନ୍ଦିଘୋଷ ଯଥା ଭାରତେ
ବାହୁ ଥିଲେ ମୁରାରୀ **(3)**
ଜୀବନ ଭାରତ ସଂଗ୍ରାମେ
ଭୀଷ୍ମ ଶ୍ରେଷ୍ଠ ଇନ୍ଦ୍ରିୟ
ଦୁର୍ଯୋଧନ ଅହଂ କାରଟି
ଗାନ୍ଧାରୀ ପଦାଭୟ **(4)**
ସୁରା ପାନ ଦୁଃଶାସନ ଯେ
କର୍ଣ୍ଣ ଧନ ସମ୍ପଦ
ଶକୁନ କୁ ପରିବେଶତ
ଆଶ୍ୱଥମା  ବିପଦ **(5)**

ଅନ୍ଧ ଧୃଷ୍ଟରାଷ୍ଟ୍ର କୁଟିଳ
ସ୍ନେହ, ମମତା, ଖେଳ
ବୁଦ୍ଧି, ଜ୍ଞାନ, କର୍ମ ଅଟଇ
ସତେ ଯୋଶଦା ବାଳ **(6)**
ଜୟଦ୍ରଥ ଶାଳକ  ପ୍ରେମ
ସ୍ୱାର୍ଥ ବାନ୍ଧବ ଠାର
ନୀତି ସୁଦର୍ଶନେ ଜଣାଏ
କପଟୀ ଚକ୍ରଧର **(7)**
ଶଶୁର, ଶାଶୁ, ପୁତ୍ର, ପୁତ୍ରୀ
ଦିଅର ଯେ ନଣନ୍ଦ
ପଞ୍ଚ ଭାଇ ସହ ସଖାକୁ
ବାନ୍ଧି ଦେଲେ ଗୋବିନ୍ଦ **(8)**
ତା ଠାର ଭରସା ରଖିବା
ସଂସାର ଯୁଦ୍ଧ ପୁଣି
ଜୀବନ ଭାରତ ଜିଣିବା
ନାରୀ ସେ ନାରାୟଣୀ**(9)**

ସଂସ୍କୃ ତଶିକ୍ଷକ,
ଚକଟି, ଗଞ୍ଜାମ

# ଅଣ୍ଡା ସାଲ୍‌ଡ୍

ଜୟନ୍ତୀ ଦେବୀ

**ଆବଶ୍ୟକ ସାମଗ୍ରୀ:**

ସିଝା ଅଣ୍ଡା - ୩ଟି

ପିଆଜ - ୧ ଟି

କଟା ଟମାଟୋ-୧ଟି

ଦହି-ଅଳ୍ପ

ମିଓନଜ୍-୧ ଗ୍ଲମଚ

ଲେମ୍ବୁ ରସ-ଅଳ୍ପ

ଗ୍ବର୍ଟ ମସଲ୍ - ଅଳ୍ପ

ଗୋଲମରିଚ ଗୁଣ୍ଡ - ଅଳ୍ପ

ଲୁଣ - ଆବଶ୍ୟକ ପରିମାଣରେ

**ପ୍ରସ୍ତୁତି ପ୍ରଣାଳୀ -** ପ୍ରଥମେ ସିଝା ଅଣ୍ଡାକୁ ୪ ଖଣ୍ଡ କରି କାଟି ଦିଅନ୍ତୁ । ଏବେ ଏକ ପାତ୍ରରେ ଦହି, ମିଓନଜ୍, ଲେମ୍ବୁ ରସ, ସୋରିଷ ଗୁଣ୍ଡକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ । ଏବେ ଏଥିରେ କଟା ପିଆଜ, କଟା ଟମାଟୋ, ଗୋଲମରିଚ ଗୁଣ୍ଡ, ଲୁଣ ପକାନ୍ତୁ । ବର୍ତ୍ତମାନ ଏଥିରେ କଟା ଯାଇଥିବା ଅଣ୍ଡାକୁ ପକାଇ ଗ୍ବର୍ଟ ମସଲ୍, କଟା ଧନଆ ପତ୍ର ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅଣ୍ଡା ସାଲ୍‌ଡ୍ ।

ମହୁ, ଆଳ, କେନ୍ଦ୍ରାପଡା

# ଘାଣ୍ଟ ତରକାରୀ ର ଆତ୍ମକଥା



ଓଜସ୍ୱିନୀ ଶତପଥୀ



ମୋ ନାଁ ଘାଣ୍ଟ ତିଅଣ
ଐତିହ୍ୟ ସମ୍ପନ୍ନ ଓଡ଼ିଶାରେ ମୋ ଜନ୍ମ।

ମୂଳାଷ୍ଟମୀ ଦୂତୀବାହନ ଓଷା  ପର ଦିନ
ସଭିଏଁ ସାଦରେ  ମତେ କରନ୍ତି ଭୋଜନ।

ଗଜାମୁଗ, ଗଜାବୁଟ ବଡ଼ି ନରିଆ କୋର୍
ଏକୋଇଶି ପନପରିବା ହୁଏ ଘିଅରେ ବଘର୍

ମାଟି ହାଣ୍ଡିରେ କାଠ ଚୁଲିରେ  ମୁଁ ଯେବେ ରନ୍ଧା ହୁଏ
ଦିବ୍ୟ ବାସ୍ନା ରେ  ଚଉ ଦିଗ ମହକ ଯାଏ।

ଭିଟାମିନ, କ୍ୟାଲସିୟମ, ଫାଇବର ରେ ଭରପୁର
ସ୍ୱାଦ ଆଉ ସ୍ୱାସ୍ଥ୍ୟ ର ମୁଁ ଅପୂର୍ବ ସମାହାର।

ଘରେ ଘରେ ସାଇ ପଡ଼ିଶାରେ ମୁଁ  ଯେବେ ବଣ୍ଟା ହୁଏ
ସ୍ନେହ ପ୍ରୀତି ସଦଭ୍‌ବନା ର ଗୀତ ଗାଉଥାଏ।

ସୁସ୍ୱାଦୁ, ସୁଷମ ସନ୍ତୁଳତ  ବ୍ୟଞ୍ଜନ
ଓଡ଼ିଆ ହାଣ୍ଡିଶାଳ ର ମୁଁ ସ୍ୱାଭିମାନ।

# ଛଚନ୍ଦ୍ରା ପିଠୋଉ

ନମ୍ରତା ସାହୁ

ଆଜିକାଲିର ଆଧୁନକ ଜୀବନଶୈଳୀ ଭିତରେ ଧୀରେ ଧୀରେ ଆଦର ହରାଉଥିବା ଅଥଚ ସ୍ୱାସ୍ଥ୍ୟ ଉପଯୋଗୀ ଏକ ପରିବା: ଛଚନ୍ଦ୍ରା (କଛି ଅଞ୍ଚଳରେ "କୋଟଳ") । ଗତାନୁଗତିକ ଖାଦ୍ୟାଭ୍ୟସରୁ ସାମାନ୍ୟ ଦୁରେଇ ତାକୁ ଏକ ଭିନ୍ନ ରୂପ ଦେବାର ଏକ କ୍ଷୁଦ୍ର ପ୍ରୟାସ ।

**ଆବଶ୍ୟକ ସାମଗ୍ରୀ:**

ଛଚନ୍ଦ୍ରା - ୨ ଟା
ପିଆଜ - ୧ ଟା
ସୋରିଷ ତେଲ - ୨୫ଗ୍ରାମ୍
ଗୃଉଳ ବଟା - ୧ କପ୍
ଜିରାସୋରିଷ ବଟା - ୨ ଗୃମଚ
କଞ୍ଚାଲଙ୍କା - ୨ଟା
ହଳଦୀଗୁଣ୍ଡ - ଆବଶ୍ୟକ ମୁତାବକ
ଧନଆପନ୍ର ଅଳ୍ପକଛି ଓ ଲୁଣ ସ୍ୱାଦ ଅନୁସାରେ

**ପ୍ରଣାଳୀ:**

ପ୍ରଥମେ ଛଚନ୍ଦ୍ରାକୁ ଭଲଭାବରେ ଧୋଇନଅନ୍ତୁ । ତାପରେ ତାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ତାପରେ ପିଆଜ, ଧନଆପନ୍ର, କଞ୍ଚାଲଙ୍କା ଆଦି କାଟି ଗୃଉଳବଟା ଓ ଜିରା ସୋରିଷ ବଟା ସହିତ ଭଲଭାବରେ ଗୋଳାଇ ଦିଅନ୍ତୁ । ଲୁଣ ଓ ହଳଦୀ ସ୍ୱାଦ ଅନୁସାରେ ପକାନ୍ତୁ । ଚୁଲାରେ ତାୱା ବସାଇ ୨ ଗୃମଚ ତେଲ ପକାନ୍ତୁ । ତାୱା ଗରମ ହେଲାପରେ ସେହି ଗୋଳଣୀକୁ ପିଠୋଉ ଆକୃତିରେ ଦବେଇ ୨ ମିନଟ୍ ଧିମା ଆଞ୍ଚରେ ବସାନ୍ତୁ । କଛି ସମୟ ପରେ ତାକୁ ଲେଉଟାଇ ଆଉ ୨ ମିନଟ୍ ପାଇଁ ଘୋଡାଇ ଦିଅନ୍ତୁ । ରଙ୍ଗ ଟିକଏ ବ୍ରାଉନ୍ ହୋଇଗଲେ ଗୋଟିଏ ପାତ୍ରକୁ କାଢି ନୁଅନ୍ତୁ ଓ ଗରମ ଗରମ ପରସନ୍ତୁ ।

ନୟାଗଡ

# ଆଞ୍ଚଳିକ

# ସପନ୍



ବାଙ୍କାବିହାରି ମହାକୁର

ଜୀବନ୍ ଜଉବନ୍ ଲ୍‌ସସି ଶୁଏନ୍
ହୁରୁଦ୍'ନେ ନ ପାଉଁଲ୍'ଲେ ସପନ୍ ।
ସପନ୍ ସଜାସି ମନର ଭରମ୍
ବାଟ୍ କଢାସି କର୍ବାକେ କରମ୍ ।

ଝୁମ୍'ର୍ ସପନ୍ ରଜାର ଠାଟ୍
ଅଏନ୍ ଲ୍‌ଗ୍'ସି ହେଥିର୍ ନାଟ୍ ।
ମଖାଘଁଷା ନ ପଡେ ପାଉଡର
ଦେଖନ୍'କାର୍ ଲ୍‌ଗି ସରଗ୍'ପୁର ।

ମୁଖିଆ ରୁଲ୍'ଟା ନଜ୍'କେ ମିଲେ
ବାକ ସବ୍ ଥାନ୍ ନଜର୍ ତଲେ ।
ସରଗ୍'ପୁର ଯେତେ ଅପ୍'ସରୀ
ସପନ୍ ଆଗେ ନ ହିଅନ୍ ସରୀ ।

ମନ୍'କେ କରୁଥିସି ଉସ୍'ନାଖି
ଦେଖ୍'ଲ୍‌ବାଲ୍ ସବୁବେଲ୍ ସୁଖି ।
କେଭେ ସେ ବୀର ତ କେଭେ ସେ ହୀର
କେଭେ ରଜା କେଭେ ର୍‌ଜ୍'କୁମାର ।

ତାର୍ ଆଘ୍'ଲେ ସବୁ ବାଟ୍'ବନା
ଯେନ୍ତା ସେ ଏକ୍'ଲ୍ ଜଗତ୍'ଜିଣା ।
ପଲ୍‌ଲ୍ ଉତାରୁ ଝୁମ୍'
ଟୁଟି ଯାଏସି ସପନ୍ କାହାନ ।

ଯେନ୍ ଠାନ୍'କେ ସେ ଗୁଲ୍'ଗୁଲ୍ ଜୀବନ୍
ହେତେଇ ପକାସି ଥିଲ୍ ଗୁଟେ ସପନ୍ ।
ଆଁଖ୍ ଖୁଲି ଯିଏ ଦେଖ୍'ସି ସପନ୍
କରମ୍'ଟା ତାର୍ ବନ୍'ସି ଟାଣ୍ ।

ଦୁଖ୍ କଷନ୍'କେ ପାସ୍'ରି କରି
ଆଗ୍'କେ ଚଢ଼୍'ସି ସୁଖର୍ ଶିରି ।
କଁଟାର୍ ଉପରେ ପାହା ପକାଇ
ଜୀବନ୍ ଡଁଗାକେ ସେ ନେସି ବାହି ।

ସତ୍ ମନର୍ ସପନ୍ ହେସି ଭର୍ନା
ବନାସି ତାହାକେ ଜଗତ୍'ଜିଣା ।
କରମ୍ କର୍'ସି ମନ୍'କେ ଜାନ
ଲେଖି ପକାସି ସଫଲ୍ କାହାନ ।

ଭିଏବହେନ୍ ଆସ ସପନ୍ ଦେଖ୍'ମା
ମେଲିମିଶି କରି ସୁନାର୍ ଦେଶ୍ ଗଢ଼୍'ମା ।
ହିଁସା ଅଁହକାର୍'କେ ଦୁରେଇ କରି
ଗ୍ଲୁଥିମା ବାଟ୍ ହାତେହାତ୍ ଧରି ।

ଦେଶ୍'ନୁ ହଟାମା ଦୁଖ୍ ଆରୁ କଷନ୍
ଭର୍ନା କର୍ମା ଆମର୍ ସବୁ ସପନ୍ ।

ବୁରୁବୁଡା, ବୀରମହାରାଜପୁର,
ସୁବର୍ଣ୍ଣପୁର

# ପର୍‌କୁତି



ସସ୍ମିତା ସେଠ

କୁସଲ୍ ମାଟି ର୍ କୁଟି ଦେବ୍ ତା
ପାହା ତଲେ କୁଟି ସରନ୍
ଭିନେ ରୁପ୍ ନେଇ ଉଭ୍ ହେଇଛ
ଧରି କରି କେତେ ବରନ୍ ।
କେଂତା ଅଏନ୍ ସତେ ଗଢେଇ ତମର୍
ନଏତ୍ ନାଲ୍ ଗଛ୍ ପତର୍
ଫୁଲ୍ ଫୁଟି ସତେ ତିଆର୍ ଦିଶୁଛେ
କରିଛ ହୋ କାଏଁ ମନ୍ତର୍ ।
ମେଘ୍ ଉପ୍ ରୁ ପାଏ ନ୍ ପଡୁଛେ
କେନ୍ ତା କରିଛ ଫିଟିଂ
ଇନ୍ଦର୍ ଧନୁ କେ ସାତ୍ ରଂଗ ଦେଇ
କରି ଦେଇଛ କଟିଂ ।
ଚେରେ ଚର୍ଗୁନ୍ କେଂତା ରକ୍ ମେ
ଗଗଉଛନ ସୁର୍ ଭରି
ଭିନ୍ ପର୍ କାରେ ଗୁଏର୍ ଗୁଡ଼ିଆ
ପଶୁ  କରିଛ ତିଆରି ।

ଦିନେ ଉଦୁଛେ ଲାଲ୍ ସୂରୁଜ
ବେଲ୍ ବୁଡେ ଯାଏ କାହିଁ
ଅନ୍ଧାରେ ଦିସୁଛେ ମେଘେ କୁଟି ତରା
ସକାଳ ପାଏଲେ ନାଇଁ ।
ଇଖୁଦୁ ସେଖୁଦ୍ ଧୁକା ବଅଁ ବଅଁ
ମେଘେ ଗୁଲେ କଳା ବାଦଲ୍
ଦୁନଆଁ ଯାଏ କ୍ କେତେ ବାଏଲ୍ ମାଏଟ୍
ପାଏନ୍ ଦିଶେ ଝଲ୍ ମଲ୍ ।
ମୁନୁସ୍ ବାଗିର୍ ଗୁଟେ ଦୂର୍ଲୁଭ୍ ଜିବ୍
ଜେନ୍ ନେ ମତେ ଦେଇଛ ଠାନ୍
ସବ୍  ମାହାପୁରୁ ତମର୍ ଦାନ୍ ହୋ
କାଏଁ କର୍ ମି ମୁଇଁ ମାନ୍

କର୍ବାହାଲ, ବଲାଙ୍ଗିର

# ଜନମ୍ ଦିନ୍



ସନ୍ତୋଷ କୁମାର ଅଦାବର

ଚଏତୁର୍ ଆଏଜ୍ ଜନମ୍ ଦିନ୍ ହୋ
ବଢେ ଉସ୍ନାକେ ମାନୁଛେ,
ସାଂଗ୍ ସର୍ଯା ମିତ୍ ମଏତର୍ କୁଁ ଆଝି
ଘର୍କେ ତାର୍ ଡାକଛେ ।୧।
କେକ୍ ଆନଛେ ଦାମ୍କଆ ଟା ସେଥି-
ନାଁ ତାର୍ ଦେଇଛେ ଲେଖି,
ମହମ୍ ବତିର୍ ଉଁକଆ ଜାଲିକରି
ଗୁର୍ହି ତରେ ଦେଇଛେ ରଖି ।୨।
ହେଲେ କାଏଁ କର୍ବ କାମ୍ ଉଲ୍ଟିଆ
ନାଇଁ ହୁଏ ଟୁଁଣ୍ ଫିଟେଇ,
ଜୀବନର୍ ଉଁକଆ ଜଲ୍ବାର୍ ଦିନେ ମହମ୍-
ଉଁକଆ ଦେଉଛେ ଲିଭେଇ ।୩।
ଚକୁରେ କରୁଛେ ଫାଲ୍ ଫାଲ୍ ତାର୍
ନାଁ ଲେଖା ଥିବାର୍ କେକ୍ କେ,
ଅଏଁଠା ଖୁଅଉଛେ ଦେଖ ହୋ ସତେ
ଇତାର୍ ଟୁଁଡୁ ସେତାର୍ ଟୁଁଡ୍ କେ ।୪।
ଶୁଭ୍ ଜନମ୍ ଦିନେ ଉଁକଆ ଦୀପ୍ ଜାଲି
କର୍ବୁ ବଏଲେ ପାଲନ୍,
ଦୁଖି ଭୁକା ଲୁକ୍ କର୍ ସେବା କର୍ ଯେ
ଧଏନ୍ ହେବା ତୋର୍ ଜନମ୍......
ସାଫୁଲ୍ ହେବା ତୋର୍ ଜନମ୍ ।୫।

ବୀରମହାରାଜପୁର, ସୁବର୍ଣ୍ଣପୁର

# ମନର୍ କଥା

ହୀରାଧର୍ ଗହିର୍

# ଦାଦନ୍ ଖଟ୍ଣା ଗୁଲ୍

ଗୁଲ୍ ରେ ବୁଢି ଯିମାନ ଗା ଇଟା ଗଢି,
ସରକାର୍ ନେଁ ଯୁଗାଲ୍ କାମ୍ ଧନ୍ଦାବାଢି,

ଲାଗ୍ ବାଡ୍ ହେଇଛା କେତେକ କେତେ,
କେନ୍ତା କରି ସୁଜିମା ଇଟା କହତ ମତେ,

ପେଟେ ଭୋଗ୍ ନେଁ ଆଁଖି ଯେ ନେଁ ନନ୍ଦ୍,
ବସି ବସି ଯାଉଛେ ଦେଖ୍ ରାଁତ୍ ଆର୍ ଦିନ୍,

ଚନ୍ତା ରେ ମୁନୁଷ୍ ଟା ହେଲା ନ ପାଗଲ୍,
ଧରି ଥିଲେ କେଁ କର୍ବ ବଢେଟେ ଜାଗଲ୍,

ବୁଧି ଥିଲେ କେଁ କର୍ବ,ପଏସା ହାତେ ନାଇଁ,
କେନ୍ଥା ବିଗୁର୍ ଟେ କର୍ମା ବୁଧି ଦିଶେ ନାଇଁ ,

ଦଦନ୍ ଯିବାର୍ ବଏନା ଯାଏସି ମୁଇଁ ଆନ,
ନୂଆଁଖାଇଁ ସର୍ଲେ ଯିମା ଇଟା ଗଢିରେ ନନ,

ଭଲ୍ ବିଗୁର୍ ହେଲେରେ କଛି ନାଇଁ ଚଲେ,
ସର୍ କାର୍ କେ ଆସ୍ କଲେ ମୂଷା ନେଁ ମରେ,

ଗରିବ୍ ଲୁକର୍,ତ, ଭାଇ କରମ୍ ଟା ଫଟା
କାହାକେ ଦୋଷ୍ ଦେଇ କାଁଣା ପାଏମା ଇଟା

କହେଲେ କଥାନ ଗାଏଲେ ହେସି ତ ଗୀତ୍,
ପାଲିଆ ନାଇଁ ଧର୍ଲେ କେଭେଁ ନାଇଁ ହୁଏ ହିଟ୍,

ଗରିବ୍ ଲୁକର୍ ଲ୍ଗି ଭାଇ ବିଦେଶ୍ ଟା ଠିକ
ଗାଆଁନେ ରହେବୁ ହେଲେ ହୁକେ ମର୍ବୁ ଠିକେ,

ଛଅ ମାସ୍ ରହି ପଛେ ଆଏମା ବୁହି ଫିରି,,
ଓଡିଶା ସରକାର ଗରିବ ଲ୍ଗି କଛି ନୈ ପାରେ କରି,

ଠଁକା ଭଁଣା ଆର୍ ମଧୁର୍ କଥାଟେ କହି କହି,
ଭୋଟ୍ ନେବାକେ ଇମାନେ ବେଢେଟେ ମାହିର୍

କାହାର୍ ଲ୍ଗି କଏ ରେ ବୁହି ଯାନନ୍ତୁ କ ନାଇଁ
ବୁର୍ଥା ଆସେ ନାଇଁପଁଡୁ ଆମେ ଗୂଲ୍ ବାହାରୁ ତୁଇଁ,

ସତୂ ଯୁଗ୍ ନାଇଁସେ ବୁହି ଇଟା କଲି ଯୁଗ୍
ସାହାଜ୍ ନୈ କରନ୍ କେହି ଦେଖ୍ ସନ୍ ଡୁଗ୍ ଡୁଗ୍

କେଛୋମୁହାଣ୍ ଘୁନ୍ ସର୍ ସଇଁନ୍ତଲ୍ ବଲାଙ୍ଗୀର,

# ଜୁଏ

ସୁନୀଲ କୁମାର୍ ଅଗସ୍ତି

ଗୁଲା ପୁରଥୀ ଶୁନସାନ୍
କୁଏର୍ କୁଏର୍ କୋଟିର୍ ମାଡେ ଲୋକ୍
ସଭେଁ ସମକରର୍ ଚନ୍ଦ୍ରାର୍ ଜନାର୍
ହେଲେ ଇହିଛିନ୍ କେନ୍ ଜାନଛେ
କାହାର୍ ଆତାପାତା ଠିକାନା,,
"କାଲ୍" କରୋନା ଛାଡୁଛେ ରଡି
ପରକୁତିର୍ ଆଘେ........,
'ଜୁଏ'ର୍ ନୁ ଗଲେ ଆର୍ ଯବର୍
ଇତାର୍ ତୋଡ୍ ,
ଇହାଛିନ୍ ସଭେଁ ହଁ ବଏଲେ,,
ତବଭି ଗଲେ ଆମର୍ ଆଏତେ
କାଲ୍ କରୋନାର୍ ହାତ ଗୋଡ,
ମାନମା ସଭେ ଦରବାରୀ ନତି ନଏ
ଚୁନ ଦେମା କାଲ୍ "କରୋନା ତୋଡ୍,,

ଟିଟିଲାଗଡ଼, ବଲାଙ୍ଗୀର

# ଶିଶୁ ବିଭାଗ



# କୋଳ ଗଛର ବାଡ଼



ଡ଼ଃ ରଞ୍ଜିତ କୁମାର ସାହୁ

ସଞ୍ଜୁ ଦୌଡ଼ିଗଲା ଅଗଣାକୁ ଯେଉଁଠାରେ ମାଟି ହାଣ୍ଡିରେ ଆଈ ଆଚ୍ଚାର ଶୁଖେଇଥିଲେ । ଆଈ ଏ ବର୍ଷ ମଧ୍ଯ ବରକୋଳ ଆଚ୍ଚାର କରିକି ଶୁଖେଇଛି । ପ୍ରତିବର୍ଷ ଖରା ଛୁଟିରେ ଆସିଲେ ସଞ୍ଜୁ ସେହି ଆଚ୍ଚାର ଖାଇବାକୁ ଗୁହିଁ ଥାଏ । କେତେ ଇଚ୍ଛା ହୁଏ ସଞ୍ଜୁର ପାଚିଲା ବରକୋଳ କିଛି ଖାଇବାକୁ କିନ୍ତୁ ସ୍କୁଲ ଛୁଟି ହେଲା ବେଳକୁ ଆଈର ବାଡ଼ିର ବରକୋଳ ସବୁ ସରି ଯାଇ ଥାଏ । ବୋଉ କୁହେ ଛୋଟ ହେଲେ ମଧ୍ୟ ବାଡ଼ିର ବରକୋଳ ସୁଆଦିଆ ଆଉ ଟିକେ ଖଟା ଲାଗେ ପାଚିଲା ପରେ । ଆଈର ବାଡ଼ିର ବରକୋଳଟି ଗୋଲ ଏବଂ ମଞ୍ଜି ମଧ୍ୟ ଗୋଲ । ବଜାରରୁ ବାପା ଆଣୁଥିବା ବରକୋଳ ଟିକେ ଲମ୍ବା ଏବଂ ମିଠା ମଧ୍ୟ କିନ୍ତୁ ତାହାକୁ ଖାଇଲେ ସଞ୍ଜୁକୁ ମଜା ଲାଗେ ନାହିଁ ।

ସଞ୍ଜୁକୁ ଦେଖିକି ଆଈ କୋଳେଇ ନେଲା ଆଉ କହିଲା, "ମୁଁ ଜାଣିଥିଲି ତୁ ଗାଡ଼ିରୁ ଓହ୍ଲେଇ ସିଧା ଏଠିକି ଆସିବୁ । ତୋ ପାଇଁ ତୋ ସବୁ ଆଚ୍ଚାର କରୁଛି, ନ ହେଲେ ମୋର ଏ ବୟସରେ ଏତେ ଆଚ୍ଚାର କଣ ହେବ ? ମୁହଁ ହାତ ଧୋଇ ନେ ତା ପରେ ଆଚ୍ଚାର ଖାଇବୁ। ଏଥର ବହୁତ କୋଳ ପାଚିଥିଲା । ତୋ ଅଜା କହିଲାରୁ କିଛି ବରକୋଳକୁ ଶୁଖେଇକି ଗୁଣ୍ଡ କରିକି ମଧ୍ୟ ରଖିଛି," ଆଈ କହିଲେ ।

"ଗୁଣ୍ଡ କଣ ହେବ କି?"

"କିଛି ଲୋକ ଏହି ଚୂର୍ଣ୍ଣକୁ ଔଷଧ ଭଳି ଖାଆନ୍ତି । ଅଁଅଳା ଭଳି ଏଥିରେ ମଧ୍ୟ ପ୍ରଚୁର ପରିମାଣରେ ଭିଟାମିନ "ସି" ଏବଂ ଭିଟାମିନ "ଏ" ରହିଛି । ଏହା ବ୍ୟତୀତ ଲୌହ, ଫୋସ୍ଫୋରସ ଧାତୁ ଏବଂ ତନ୍ତୁ ସହ ଅନେକ ଉପଯୋଗୀ ରାସାୟନ ଅଛି । ଆର ସାହିର ବୈଦ୍ୟ ଜେଜେ ମାଗିଛନ୍ତି ତାଙ୍କର ଔଷଧ ତିଆରି କରିବା ଲାଗି କିଛି ଗୁଣ୍ଡ । ତାଙ୍କ ପାଇଁ ସେ ଗୁଣ୍ଡ ସବୁ କରିଛି । ତୁମେ ମାନେ ସିନା ଆଜି କାଲିର ଔଷଧ ଖାଇକି ଭଲ ହେଉଛ,

କିନ୍ତୁ ପୂର୍ବରୁ ଆମ ଦେଶରେ ଯେଉଁ ଚକିତ୍ସା ପ୍ରଣାଳୀ ସ୍ଥାପନ ହୋଇକି ଥିଲା, ସେଥିରେ ଅନେକ ପ୍ରକାର ଉଦ୍ଭିଦକୁ ପ୍ରୟୋଗ କରା ଯାଉଥିଲା । ବୈଦ୍ୟ ଜେଜେ କହୁଥିଲେ, ବରକୋଳ କୁଆଡେ ବାତ ଦୋଷ ଦୂର କରିବାରେ ସାହାଯ୍ୟ କରେ," ଆଇ କହିଲେ ।

"ଆଉ କଣ କହିଲେ ବୈଦ୍ୟ ଜେଜେ?" ସଞ୍ଜୁ ପଚାରିଲା ।

"ସିଏ କହୁଥିଲେ ଏହାର ମଞ୍ଜି, ଗୁଳି, ଛେଲା ଆଉ ପତ୍ର ମଧ୍ୟ କୁଆଡେ ଆୟୁର୍ବେଦରେ ବ୍ୟବହାର ହୁଏ । ଜ୍ୱର ହେଲେ କୁଆଡେ ଏହାର ପତ୍ରକୁ ବାଟିକି ଲେପ ଦେଲେ ଜ୍ୱର କମି ଯାଏ । କେବଳ ଆମ ଦେଶରେ ନୁହେଁ, ଚୀନ ଏବଂ ଅନ୍ୟ ଦେଶରେ ମଧ୍ୟ ଏହା ବହୁତ ଲୋକ ପ୍ରିୟ ଏବଂ ପ୍ରାଚୀନ ଯୁଗରୁ ବିଭିନ୍ନ ରୋଗ ନିବାରଣରେ ବ୍ୟବହାର ହୋଇ ଆସିଛି", ଆଇ କହିଲେ ।

"ଓଃ ଏତେ ସବୁ ଜିନିଷ ଅଛି ଏହି ବରକୋଳରେ?" ମୁଁ ତ ଖାଲି ଆଚାର ଆଉ ପାଚିଲା କୋଳ ଖାଇଛି ଆଉ ଜୁସ ପିଇଛି, କେବେ ଏହାକୁ ଔଷଧ ଭାବି ନାହିଁ ସଞ୍ଜୁ କହିଲା ।

"ହଁ କିନ୍ତୁ ଦୁଃଖର କଥା ଆଜି କାଲି କେହି ଆଉ ଏହି ଦେଶୀ ବରକୋଳ ଲଗାଉ ନାହାନ୍ତି । ଆମ ବାଡିରେ ଅଛି ଯାହା ଅଛି ଗୋଟାଏ । ପାଖ ଜଙ୍ଗଲରେ ଥିବା ସବୁ ଗଛକୁ ଲୋକ କାଟି ଜାଳେଣି କରି ସାରିଛନ୍ତି । ଆମେ ଯେତେବେଳେ ନୂଆ ବାହା ହେଇ ଆସିଥିଲୁ, ମୋ ପାଇଁ ଥରେ ତୋ ଅଜା ଆର ଗାଆଁ ହାଟରୁ ଜଣେ କୋଳ ବିକାଳୀ ଠାରୁ ଥୋଡାଏ ଆଣି ଦେଇଥିଲେ । ସେଗୁଡାକ କୁଆଡେ ଜଙ୍ଗଲରୁ ଆଣି ବିକା ହେଉଥିଲା । ମୁଁ ସବୁ ଗୁଡାକ ମଞ୍ଜି ପୋତି ଦେଇଥିଲି ଏହି ବାଡ଼ିରେ, ଏହି ଗୋଟାଏ ଗଛ ରହିଗଲା ।

"ମୁଁ ତ ଶୁଣିଥିଲି ଯିଏ ଗଛ ଲଗାଏ ସିଏ ତାହାର ଫଳ ଖାଏ ନାହିଁ ଆଇ," ସଞ୍ଜୁ କହିଲା ।

ଆଇ ହସିଲେ ଆଉ କହିଲେ, "ନା ସେମିତ କଥା ନୁହେଁ, କଥା ହେଲା ଅନେକ ଗଛରେ ଫଳ ବହୁତ ବିଳମ୍ବର ହୁଏ, ଖାସ କରିକି ଦେଶୀ କିସମର ଫଳ ଗଛରେ । କିନ୍ତୁ ପହଲା ଗଛଟିଏ ଲଗେଇଲେ କେବଳ ମାନସିଂହ ନୁହେଁ ଅନେକ ପଶୁ ପାଖି ମଧ୍ୟ ଉପକୃତ ହୁଅନ୍ତି। ଆମେ ସବୁବେଳେ ଖାଲି ନିଜକଥା ଚନ୍ତା କଲେ ହେବ କି? ଆମ ପାଖ ରେ ଥିବା ପଶୁ ପକ୍ଷୀଙ୍କର ଆବଶ୍ୟକତା ପୂରଣ କରିବା ମଧ୍ୟ ଆମର କାମ । କାରଣ ଆମେମାନେ ଆଜି ଯେଉଁଠି ଗନ୍ଧର କରିଛେ ପୂର୍ବରୁ ତାହା ଜଙ୍ଗଲ ଥିଲା, ଅନେକ ପଶୁ ପକ୍ଷୀ ରହୁଥିଲେ,

ଆମେ ସେମାନଙ୍କୁ ବାସସ୍ଥଳୀରୁ ବାହାର କରିକ ନଜର ଘର ଦୁଆର କରିଛେ । ସେହି ହିସାବରେ ଆମେ ପ୍ରକୃତି ପ୍ରତି ଅନ୍ୟାୟ କରିଛେ । ତେଣୁ ଆମେ ଯେତେ ବେଳେ ଗଛଟିଏ ଲଗାଉ ଆଉ ବିଭିନ୍ନ ପ୍ରାଣୀ ସେଥିରୁ ଉପକାର ପାଆନ୍ତି, ଆମେ କରିଥିବା ଅନ୍ୟାୟକୁ ଟିକଏ ଲାଘବ କରୁ । ଭାବିକ ଦେଖେ ଯଦି ଆମେ ବରକୋଳ ଗଛଟିକୁ କାଟି ଜାଳେଣି ରୂପରେ ବ୍ୟବାହାର କରିଦେବା ତାହା ହେଲେ କେତେ ପଶୁ ପକ୍ଷୀ ଖାଦ୍ୟ ଆଉ ଆଶ୍ରୟରୁ ବଞ୍ଚିତ ହେବେ !

"ଗତ ଥର ତା ଦେଖିଥିଲି କଛି ପୋକ ଲାଗିଥିଲେ ଏଥିରେ, ଆଉ ଅଜା କହିଥିଲେ ସେଗୁଡିକ ଜଉ ପୋକ ବୋଲି," ସଂଜୁ କହିଲା ।

"ହଁ ଆଗ କାଳରେ ଯେଉଁ ଜଉ ତିଆରି ହେଉଥିଲା ସେହି ପୋକ ବରକୋଳ ଗଛରେ ମଧ ଲାଗନ୍ତି । ଏହାର ପତ୍ରକୁ ଖାଇ ସେଗୁଡିକ ଜଉ ନର୍ଗତ କରନ୍ତି । କଛି ଲୋକ ଏହାକୁ ଜଉ ପୋକ ପୋଷଣ ପାଇଁ ମଧ ଲଗାନ୍ତି । କନ୍ତୁ ଅଧିକାଂଶ ସମୟରେ ଏହାର ପତ୍ରକୁ ଛେଳ ମେଣ୍ଢାକୁ ଦିଆ ଯାଏ । ଏଥିରେ କଣ୍ଟା ଥିବାରୁ ଏହା ବାଡ଼ ରୂପରେ ମଧ ବ୍ୟବହାର ହେଇ ପାରିବ । ସେଥି ପାଇଁ ଏ ବର୍ଷ ମୁଁ ମଞ୍ଜି ଗୁଡିକ ସବୁ ଛୋଟ ଛୋଟ କୁଣ୍ଡରେ ପୋତିଛି । ଅଜା କହିଛନ୍ତି ଏଥର ବର୍ଷା ଦିନ ହେଲେ ବାଡ଼ ଆଉ ତାରରେ ନ କରି ବରକୋଳ ଗଛରେ କରିବା । ଏହି ଗଛ କୁଆଡେ ସବୁ ପ୍ରକାର ମାଟିରେ ବଢି ପାରିବ ।"

"ଓଃ ମୁଁ ମଧ ଭାବୁଥିଲି ସେ ଛୋଟ ଛୋଟ କୁଣ୍ଡ ଗୁଡିକ କଣ ହେବ ବୋଲି । ମୁଁ ତା ଏ ବର୍ଷ ବର୍ଷ ଆସିବା ଯାଏଁ ରହିବି ଏଠି, ଅଜାଙ୍କ ସହ ମୁଁ ମଧ ବାଡ଼ ତିଆରି କରିବି, " କହି ସଞ୍ଜୁ ଦୌଡ଼ି ଗଲା ଅଗଣା ଆର ପାଖକୁ କୁଣ୍ଡ ଗୁଡିକ ଦେଖିବାକୁ ଯେଉଁଠାରେ ଛୋଟ ଛୋଟ ଗଛ ସବୁ ଉଠିଥିଲା ।

ଯୁକ୍ତରାଷ୍ଟ୍ର ଆମେରିକା

# ହାତୀର ଆଖୁ ଖିଆ



ନୀଳମାଧବ ସାହୁ

"ଦ୍ରୁତଗତିରେ ବଢୁଥିବା ସହରୀକରଣ, ରାସ୍ତା, ରେଳଧାରଣା, କଳକାରଖାନା ନିର୍ମାଣ, ଖଣିଜସମ୍ପଦ ଖନନ ଓ ଅନ୍ୟାନ୍ୟ ଅସଂଯୋଜିତ ବିକାଶମୂଳକ କାର୍ଯ୍ୟ ଜଙ୍ଗଲ ନଷ୍ଟର ମୁଖ୍ୟ କାରଣ ଅଟେ, ଯାହାଫଳରେ ବନ୍ୟଜନ୍ତୁ ସବୁ ଧୀରେ ଧୀରେ ଜନବସତିମୁଁହା ହେଲେଣି, ସାଧାରଣ ଲୋକ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ମଧ୍ୟ ବଢ଼ିବାରେ ଲାଗିଲାଣି," ଅଜା ଖବରକାଗଜର ଏକ ସ୍ତମ୍ଭକୁ ବଡପାଟିରେ ପଢୁଥାନ୍ତି | ପ୍ରେମା ତା' ଅଜାଙ୍କ କଥାକୁ ଶୁଣୁଥାଏ |

ଖବରକାଗଜର ଖବର ପରି ଆଜି ଗାଁଆଡକୁ ଏକ ହାତୀପଲ ଆସୁଥିବାର ଖବର, ଜଙ୍ଗଲ ବିଭାଗର ଅଧିକାରୀ ସୂଚନା ଦେଉଥାନ୍ତି | ଏହି ଖବରଟି ପ୍ରେମା ଶୁଣିଲା ପରେ ଅଜାଙ୍କୁ ଯାଇ ଜଣାଇଲା | ତା'ପରେ ଦୁହେଁ ବାହାରକୁ ଆସିଲେ | ଜଙ୍ଗଲ ବିଭାଗର ଲୋକେ ହାତୀପ୍ରତି ସଚେତନତା ବିଷୟରେ କହୁଥାନ୍ତି ଓ ତା'କୁ ଶୁଣିବାପାଇଁ ଗାଁଲୋକ ସବୁ ରୁଣ୍ଡ ହୋଇଥିଲେ |

ଗାଁଲୋକେ ବହୁତ ବିଚଳିତ ଥିଲେ | ସେମାନେ ହାତୀକୁ ଶୀଘ୍ର ଘଉଡେଇବା ପାଇଁ ଜଙ୍ଗଲ କର୍ମଚାରୀଙ୍କୁ କହୁଥିଲେ| ସେମାନଙ୍କୁ ଏହିକଥାର ଭୟଥିଲା ଯେ ହାତୀପଲ ଆସି ଫସଲ ଓ ଶଷ୍ୟ ଖାଇ ଗାଁ ଲୋକଙ୍କୁ କ୍ଷତି ପହଞ୍ଚାଇବେ | ଜଙ୍ଗଲ ଅଧିକାରୀ ଲୋକମାନଙ୍କୁ ବିଚଳିତ ନହୋଇ ଜଙ୍ଗଲ କର୍ମଚାରୀଙ୍କୁ ସହଯୋଗ କରିବାକୁ କହିଲେ | ହାତୀପଲକୁ ଘଉଡେଇବା ପାଇଁ କୋଳାହଳ କରିବା, ଗହଳ କରିବା, ଟେକାପଥର ଫିଙ୍ଗିବା, ନିଆଁହୁଳା ଧରି ଗୋଡ଼ାଇବା ଇତ୍ୟାଦିକୁ ବାରଣକଲେ | ଏହିପରି କରିବାଦ୍ୱାରା ହାତୀପଲ ବିଚଳିତ ହୁଏ ଓ ନିଜର ଆତ୍ମରକ୍ଷା ପାଇଁ ନୃଶଂସ ହୋଇ ଲୋକମାନଙ୍କ ଉପରକୁ ଆକ୍ରମଣ କରେ ଓ ବହୁତ ଅଧିକ କ୍ଷତି ପହଞ୍ଚାଏ | ବେଳେବେଳେ ଲୋକମାନଙ୍କ ଜୀବନ ମଧ୍ୟ ପଳାଏ | ତେଣୁ ନିଜ

ଜୀବନକୁ ବାଜି ନଲଗେଇବା ପାଇଁ ଜଙ୍ଗଲ ଅଧିକାରୀ ପରାମର୍ଶ ଦେଲେ | ହାତୀମାନଙ୍କ ଶାନ୍ତିଭଙ୍ଗ ନକରି ସେମାନଙ୍କ ରାସ୍ତାରେ ସେମାନଙ୍କୁ ଯିବାକୁ ଦେଲେ ବହୁତ ବଡ କ୍ଷତି ଏଡାଇହେବ ଓ ଧନଜୀବନ ବଞ୍ଚିଯିବ, ତେଣୁ ସବୁଲୋକଙ୍କୁ ଏହିକଥାକୁ ବୁଝିବାକୁ ପଡିବ|



"ଅଜା ହାତୀମାନେ ଗାଁଆଡକୁ କ'ଣପାଇଁ ଆସନ୍ତି", ରେମା ଅଜାଙ୍କୁ ପଚାରିଲା | ଅଜା କହିଲେ ଯେ ହାତୀମାନେ ଶସ୍ୟ ଅମଳ ସମୟରେ ଖାଦ୍ୟ ଆଶାରେ ଗାଁମୁଁହା ହୋଇଥାନ୍ତି | ଶସ୍ୟ ଅମଳ ସମୟକୁ ଛାଡିଦେଲେ ଅନ୍ୟ ସମୟରେ ଗାଁକୁ ହାତୀପଲ ଆସିବାର ଦେଖାଯାଏ ନାହିଁ | ଜଙ୍ଗଲ ଆଖପାଖରେ ଥିବା ଗାଁମାନଙ୍କୁ ମୁଖ୍ୟତଃ ହାତୀମାନେ ଆସିବା ଦେଖାଯାଏ | ହାତୀ ଯାହା ଖାଦ୍ୟଶସ୍ୟ ଖାଇବାର ଥାଏ, ତାହା ଖାଇ ତା' ବାଟରେ ସେ ଚାଲିଯାଏ ଓ ଅନ୍ୟକିଛି କ୍ଷତି ପହଞ୍ଚାଏ ନାହିଁ | ଚାଷୀମାନଙ୍କ ଯାହା କ୍ଷତି ହୋଇଥାଏ ସରକାର ପକ୍ଷରୁ ତାହାର ଆକଳନ କରି କ୍ଷତି ଭରଣା କରାଯାଇଥାଏ ଓ ହାତୀ-ଲୋକମାନଙ୍କ ମଧ୍ୟରେ ଥିବା ସଂଘର୍ଷ କମେଇବା ପାଇଁ ସଚେତନତା ମଧ୍ୟ କରାଯାଇଥାଏ | ଫଳରେ ଲୋକମାନଙ୍କ ଜୀବନ ବଂଚବା ସହ ହାତୀଙ୍କୁ ବି କିଛି କ୍ଷତି ପହଞ୍ଚେ ନାହିଁ |


"ବର୍ତମାନର ଆଧୁନିକ ବିଜ୍ଞାନ ଯୁଗରେ ନୂତନ ଜ୍ଞାନକୌଶଳ ବ୍ୟବହାର କରି ହାତୀମାନଙ୍କ ମନୁଷ୍ୟ ସହ ସଂଘର୍ଷକୁ ଏଡାଯାଇ ପାରୁଛି," ଜଙ୍ଗଲ ଅଧିକାରୀ ଜଣାଇଲେ | ସୋଲାର ଫେନ୍ସିଂ ବା ସୌରଶକ୍ତି ଚାଳିତ ବିଦ୍ୟୁତ ତାର-ବାଡ ଗାଁ ଚାରିପାଖେ ଓ ଚାଷଜମି ଚାରିପାଖେ ଲଗାଯାଉଛି | ଯାହାକି ହାତୀ କିମ୍ବା କୌଣସି ଜୀବର ସଂସ୍ପର୍ଶରେ ଆସିଲେ ହାଲକା ବିଦ୍ୟୁତ ଝଟକାଦିଏ, କିନ୍ତୁ ସେହି ଜୀବର କୌଣସି ହାନି ଘଟାଏନାହିଁ | ତା' ପରେ ହାତୀ କିମ୍ବା ଅନ୍ୟ ପଶୁ ତା'ର ପଥ ବଦଳାଇ ଅନ୍ୟଦିଗରେ ଚାଲିଯାଇଥାଏ|

**ଫସଲ ନଷ୍ଟ ଓ ଲୋକ -**

ବନ୍ୟଜୀବ ସଂଘର୍ଷ ଏଡାଇବା ପାଇଁ ଏହି ଉପାୟଟି ବର୍ତ୍ତମାନ ସାରାବିଶ୍ୱରେ ଉପଯୋଗ କରାଯାଉଛି ଓ ଏହା ଫଳପ୍ରଦ ମଧ୍ୟ ହେଉଛି |

ରେମାର ଅଜା ଆଉ କ'ଣ କ'ଣ ସବୁ ନୂଆ ଉପାୟ ଅବଲମ୍ବନ କରାଯାଉଛି ବୋଲି ଜଙ୍ଗଲ ଅଧିକାରୀଙ୍କୁ ପଚାରିଲେ | ସେ ଅଧିକାରୀ ଜଣକ ଉତ୍ତରଦେଲେ ଯେ ଗବେଷକମାନେ ପ୍ରାକୃତିକ ଉପାୟରେ ହାତୀକୁ ଘଉଡେଇବା ପାଇଁ ଏକ ପ୍ରାକୃତିକ ଓ କୌତୁହଳ ଉପାୟ ବାହାର କରିଛନ୍ତି | ମହୁମାଛିର ବସାକୁ ଚାଷଜମି ଚାରିପାଖ ବାଡ଼ରେ ରଖାଯାଉଛି | ଯେତେବେଳେ ହାତୀ ସେହି ବାଡ ସଂସ୍ପର୍ଶରେ ଆସୁଛି ମହୁମାଛି ବସା ଦୋହଲୁଛି ଓ ମହୁମାଛି ମାନେ ହାତୀ ଉପରକୁ ଆକ୍ରମଣ କରିଦିଅନ୍ତି, ଫଳରେ ହାତୀ ମହୁମାଛି ଭୟରେ ସେହିସ୍ଥାନ ଛାଡି ଚାଲିଯାଉଛି | ପ୍ରାକୃତିକ ଭାବେ ହାତୀର ମନରେ ମହୁମାଛି ର ଡର ରହୁଥିବରୁ ଏହାକୁ ଉପଯୋଗ କରି ଚାଷୀଙ୍କ ଫସଲ ବଂଚାଯାଇ ପାରୁଛି |

ରେମାର ଗାଁରେ ତ ଏହିସବୁ ନୂଆ ଉପାୟସବୁ ଅବଲମ୍ବନ କରାଯାଇନାହିଁ | ଯେତେବେଳେ ଗାଁ ଭିତରକୁ ହାତୀପଲ ପଶିଲେ ପ୍ରଥମେ ଆଖୁ କିଆରୀରେ ଆଖୁର ସ୍ୱାଦ ପରଖିଲେ | ଜଙ୍ଗଲ ବିଭାଗର କର୍ମଚାରୀ ଗାଁଲୋକଙ୍କ ସହଯୋଗରେ ହାତୀପଲକୁ ଘଉଡେଇବାକୁ ଲାଗିଥିଲେ | ଲୋକମାନେ ବି କୋଳାହଳ ନକରି ଜଙ୍ଗଲ ଅଧିକାରୀ କହିବା ହିସାବରେ ସବୁକଥା ମାନଲେ, ଫଳରେ ହାତୀପଲ ବିଚଳତ ହେଲାନାହିଁ କଛି ସମୟପରେ ଆଖୁଖାଇ ତା' ବାଟରେ ଧୀରେ ଚାଲିଗଲା | ଲୋକମାନଙ୍କ ଜୀବନ ବି ବଂଚଗଲା |



ହାତୀପଲ ଗ୍ଲିଯିବାର କଛିଦିନପରେ ପୁଣି ଗାଁରେ ଏକ ସମ୍ମିଳନୀ ର ଆୟୋଜନ ହେଲା, ଯେଉଁଠାରେ ଲୋକମାନଙ୍କୁ ହାତୀଠାରୁ କପରି ବଂଚବେ ଓ ଗାଁଲୋକ-ହାତୀ ସଂଘର୍ଷ ନହେବ ସେଥିପ୍ରତି ସଚେତନତା କରାଇଲେ । ଗାଁଲୋକ ଜଙ୍ଗଲ ବିଭାଗକୁ ହାତୀ ଘଉଡେଇବା ଓ ଫସଲ ରକ୍ଷାପାଇଁ ସୋଲାର ଫେଂସିଂ ଓ ମହୁମାଛିର ଉପଯୋଗକୁ ଗୁରୁତ୍ୱ ଦେବାପାଇଁ ଅଡ଼ିବସିଲେ । ଜଙ୍ଗଲ ବିଭାଗର ଅଧିକାରୀ ମଧ୍ୟ ସେସବୁ ଶୀଘ୍ର କରାଇବେ ବୋଲି ଆଶ୍ୱାସନା ଦେଲେ । ଯେଉଁ ଲୋକଙ୍କ ହାତୀଯୋଗୁଁ ଫସଲହାନ ହୋଇଥିଲା ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଗଲା । ଫଳରେ ଲୋକମାନେ, ହାତୀଖାଦ୍ୟ ନଷ୍ଟ କରିବା ସତ୍ତ୍ୱେ ହାତୀକୁ ଆଘାତ ପହଞ୍ଚାଇଲେ ନାହିଁ ।

ତା' ପରବର୍ଷ ହାତୀ ଗାଁକୁ ଆସିବାଆଗରୁ ସବୁ ନୂତନ ଜ୍ଞାନକୌଶଳର ବିନଯୋଗ ହୋଇସାରିଥିଲା ଓ ଲୋକମାନଙ୍କ ଫସଲକୁ ହାତୀପଲ ବିଶେଷ ହାନ ପହଁଚେଇ ପାରିଲାନାହିଁ । ତା'ପରେ ହାତୀ ଅନ୍ୟବାଟରେ ଫେରିଗଲା । ରେମା ତା' ଗାଁର ହାତୀ ଘଟଣାକୁ ସମସ୍ତ ଙ୍କୁଜଣାଇଲା । ଅନ୍ୟମାନେ ବି ହାତୀପ୍ରତି ସଚେତନ ହେଲେ । ଉଭୟ ହାତୀ ଓ ମନୁଷ୍ୟଙ୍କ ବିନା କ୍ଷତିରେ କପରି ହାତୀ-ମନୁଷ୍ୟ ସଂଘର୍ଷ ଏଡାଇହେବ ସେ ବିଷୟରେ ସମସ୍ତେ ଅବଗତ ହେଲେ ।

ସମରଝୋଳ, ଗଂଜାମ, ଓଡିଶା

# ଶୁଣ କାନ ଡେରି ଥରେ



ଭକ୍ତବନ୍ଧୁ ସାହୁ

ଆସ ବାପା କୁନା ଆସ ମା ସୁମୋନା
କାଉ ରାବିଲାଣି ଉଠ
ହାତ ମୁହଁ ଧୋଇ ବ୍ୟାୟାମ କରିବା
ହେବା ନାହିଁ ଜମା ମଠ।
ସ୍ୱାସ୍ଥ୍ୟ ଆମ ଧନ ଅତି ମୂଲ୍ୟବାନ
କରିବା ତାର ଯତନ
ଖେଳ କସରତ ଯୋଗ ପ୍ରାଣାୟାମ
ସୁସ୍ଥ ରଖେ ଦେହ ମନ ।

ଆସ ବାପା କୁନା ଆସ ମା ସୁମୋନା
ହାତ ଗୋଡ଼ ଦେହ ଧୋଇ
ମାଆ ସରାଗରେ ଯାହା ବାଢ଼ି ଦେବେ
ଖୁସି ମନେ ଦେବା ଖାଇ ।
ଗରମ ଭାତକୁ ଡାଲି ତରକାରୀ
ତଟକା ଫଳ ପରିବା
ମାଛ ମାଂସ ଦୁଧ ଛେନା ଗୁଡ ଘିଅ
ଭୋଜନ ନିତି କରିବା ।

ଆସ ବାପା କୁନା ଆସ ମା ସୁମୋନା
ଘଣ୍ଟା ବାଜେ ଠନ ଠନ

ସଜବାଜ ହେବା ନିତି ସ୍କୁଲ ଯିବା
ପାଠରେ ରଖିବା ମନ ।
ବିଦ୍ୟା ଅଟେ ଶ୍ରେଷ୍ଠ ମହା ଧନ ପର୍
ମୁର୍ଖ ଲଭେ ଅପମାନ
ପାଠ ପଢି ଭଲ ମଣିଷଟି ହେବା
ରଖିବା ଦେଶର ମାନ।

ଆସ ବାପା କୁନା ଆସ ମା ସୁମୋନା
କାନ ଡେରି ଶୁଣ କଥା
କହିବାନ କେବେ ଅସତ୍ୟ ବଚନ
ଦେବା ନାହିଁ ମନେ ବ୍ୟଥା।
ସତ୍ୟ ଦୟା କ୍ଷମା ନମ୍ରତା ବେଶରେ
ସାଧୁ ଜନ ହୁଏ ଖ୍ୟାତ
ମାନବ ସେବା ହିଁ ମାଧବର ସେବା
ମନରେ ସର୍ବଦା ହେତ।
ପିତା ମାତା ଗୁରୁ ଦେବତା ଆମର
ଶୁଝିକ ପାରିବା ମୂଲ୍ୟ
ଚରଣ ସେବିବା ଆଶିଷ ଲଭିବା
କେ ହେବ ତାଙ୍କରି ତୁଲ୍ୟ।

ସୁସ୍ଥ ଶରୀରକୁ ଉତ୍ତମ ଭୋଜନ
ସୁସ୍ଥ ଶିକ୍ଷା ଆଚରଣ
ଗୁରି ମନ୍ତ୍ର ହୃଦେ ସାଇତି ରଖିବା
ସୁନା ପିଲ୍ ହେବ ଜାଣ।

ଶିକ୍ଷକ, କପସିଲ୍(ତୁଷୁର୍), ବଲାଙ୍ଗିର

# ଜଳ ସଂରକ୍ଷଣ



ଅମରନାଥ ବାରିକ

ଦିନେ ଗଲ୍ ଟୁଆଁ ଗାଆଁ ବୁଲିବାକୁ
ଟୁଇଁକୁ ସାଥିରେ ନେଇ
ବୁଲାବୁଲି ସାରି ପହଁଚଲେ ଗାଆଁ
ମୁଣ୍ଡ ନଳକୂପ ଠାଇଁ ।

ଦେଖିଲେ ସେଠାରେ ଗାଆଁ ପିଲ୍ ମିଳ
ପାଣିକୁ କରନ୍ତି ନଷ୍ଟ
ନବୁଝି ପାଣିର ମହତ୍ୱ ହୁଅନ୍ତି
ଦୁର୍ଗୁର ପରି ଦୁଷ୍ଟ ।

କହିଲେ ବୁଝାଇ ଟୁଆଁ ଆଉ ଟୁଇଁ
ଶୁଣ ଭାଇ ଆମ କଥା
ପାଣିଟି ଆମର ମହାନ ସମ୍ପଦ
ନକରିବା ତାକୁ ବୃଥା ।

ଜଳଟି ଜୀବନ ଜାତୀୟ ସମ୍ବଳ
ତା' ବିହୁନେ ନାହିଁ ଗତି
ରଖ ସୁରକ୍ଷିତ ଏହାର ପ୍ରତିଟି
ବିନ୍ଦୁରେ ଅମୂଲ୍ୟ ଶକ୍ତି ।

ପାଣି ଥିଲେ ସିନା ବଞ୍ଚିବ ପରାଣ
ଅଭାବ ନୋହିଁ ପାନୀୟ
କରିବା ସଞ୍ଚୟ ବହୁଳ ଭାବରେ
ହେବା ସଚେତ ନିଶ୍ଚୟ ।

ଶୁଣି ପିଲାମାନେ ଟୁଆଁ ଟୁଇଁ କଥା
ବୁଝିଲେ ପାଣିର ମର୍ମ
କରିଲେ ପ୍ରତିଜ୍ଞା ନକରିବା ପାଇଁ
ଏମିତିକା ଅପକର୍ମ ।

ଯାଜପୁର, ମଙ୍ଗଳପୁର, କୟାଁ

# ସାଇକେଲ



ପ୍ରତୀକ୍ଷା ଶତପଥୀ

ସାଇକେଲ ତୁ ଗୋଟେ
ଦୁଇ ଚକଆ ବାହନ ।
କିନ୍ତୁ ଗୁଣ ତୁ
ରଖିଛୁ ଅନେକ ।
କି ଧନୀ କି ଗରିବ
ସମସ୍ତଙ୍କ ପାଇଁ ଲୋଡା ତୁ ।
ଶରୀରକୁ ରଖିଥାଉ ସୁସ୍ଥ
ଦେଇଥାଉ ତୁ ଶକ୍ତି ଓ ଫୁର୍ତ୍ତି ।
ପରିବେଶକୁ ତୁ ରଖୁ ସ୍ୱଚ୍ଛ
ବାୟୁକୁ ତୁ କରୁନା ଅଶୁଦ୍ଧ ।
ତୋତେ ବ୍ୟବହାର କଲେ ଖର୍ଚ୍ଚ ନୁହେଁ
ସଞ୍ଚୟ ହୋଇଥାଏ ।
ରଙ୍ଗ ବା ଡିଜାଇନ୍ ଯାହା ବି ହେଉନା କାହିଁକି
ମୋ ମନକୁ ପାଇଛୁ ତୁ ।

ସିଭିଲ ଟାଉନସିପ୍, ରାଉରକେଲା
Pratikshyasatpathy07@gmail.com

# କ ଚ ଟ ତ ପ



ମୀନାକ୍ଷି ପାଢ଼ୀ

କ ଚ ଟ ତ ପ.....
ଆଇ ମାଆ ଠାରୁ ଶୁଣିବା ଗପ,
ଶୁଆ ଶାରୀ ଆଉ ବୁଢ଼ୀ ଅସୁରୁଣୀ
ଆଲ୍ଲାଉଦ୍ଦିନର କୁହୁକ ଦୀପ ।

ଖ ଛ ଠ ଥ ଫ.....
ସଞ୍ଜ ହୋଇଗଲା ଲଗାଅ ଦୀପ,
ପୁଅ ଝିଅ ସବୁ ପାଠ ପଢ଼ି ବସ
ଘର ଅଗଣାରେ ପକାଇ ସପ।

ଗ ଜ ଡ ଦ ବ.....
ଗୁରୁଜନଙ୍କର କଥା ମାନବ,
ଅସହାୟ, ଦୀନ ଦୁଃଖୀ ପ୍ରାଣୀ ଆଉ
ପୀଡ଼ିତ ଜନଙ୍କ ସହାୟ ହେବ।

ଘ ଝ ଢ ଧ ଭ.....
ପାଠ ପଢ଼ି ଭଲ ମଣିଷ ହେବ,
ମହାପୁରୁଷଙ୍କ ପଥ ଅନୁସରି
ଜୀବନ ପଥରେ ଆଗେଇ ଯିବ।

ଙ ଞ ଣ ନ ମ.....
ପିତାମାତା ତୁମ ଈଶ୍ୱର ସମ,
ତାଙ୍କରି ଭକତି କରିଲେ ଶକତି
ସୁଖେ କଟାଇବ ଜୀବନ ତୁମ।

ଶିକ୍ଷୟିତ୍ରୀ, ଚକଟୀ,ଗଞ୍ଜାମ
ମୋ: ୯୭୭୬୫୪୫୦୦୧

# ଆପଣଙ୍କ ମତାମତ

ମହାଶୟ
ଚଳନ୍ତ ଅକ୍ଟୋବର ସଂଖ୍ୟା ବେଦାନ୍ତି ସୁନ୍ଦର ହୋଇଛି।ଆପଣଙ୍କ ନିଷ୍ଠା ଓ ସାଧୁ ଉଦ୍ୟମର ପଟାନ୍ତର ନାହିଁ। ସଦିଚ୍ଛା ନେବେ।

ଶ୍ରୀ ବଦ୍ରୀ ନାରାୟଣ ମହାନ୍ତି

ବେଦାନ୍ତୀର ଅକ୍ଟୋବର ସଂଖ୍ୟାଟି ଦିନକ ପୂର୍ବରୁ ପ୍ରକାଶ ପାଇଥିବାରୁ ଅତ୍ୟନ୍ତ ଖୁସିର କଥା। ଦେଶ ବିଦେଶର ଇ-ପତ୍ରିକା ପଢୁଥିବା ଓଡ଼ିଆ ପାଠକମାନେ ଉତ୍ସୁକତା ସହିତ ବେଦାନ୍ତୀକୁ ପ୍ରତୀକ୍ଷା କରିଥାନ୍ତି । ସମସ୍ତଙ୍କର କର୍ମ ବହୁଳ ବ୍ୟସ୍ତ ଜୀବନ ମଧ୍ୟରୁ କିଛି କିଛି ସମୟ ବାହାର କରି ନିଶ୍ଚୟ ନିଜ ମାତୃଭାଷାରେ ପ୍ରକାଶ ପାଉଥିବା ନିଜ ରୁଚିର ଲେଖାଗୁଡିକୁ ପଢୁଥିବେ । ସମ୍ପାଦକ ମଣ୍ଡଳୀଙ୍କୁ ଅଶେଷ ଧନ୍ୟବାଦ ଓ ଅଭିନନ୍ଦନ ଜଣାଉଛି ।

ଶ୍ରୀ ବାଲ୍ମୀକି ନାୟକ

ପ୍ରିୟ ମହାଶୟ,
ନମସ୍କାର ଗ୍ରହଣ କରିବେ । ଆଶା କୁଶଳରେ ଥିବେ । ମୋତେ ନିୟମିତ ବେଦାନ୍ତୀ ପଠାଉଥିବାରୁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ବେଦାନ୍ତୀ soft ରେ ନିୟମିତ ପ୍ରକାଶ ପାଇ ଲୋକାଭିମୁଖୀ ହେଉଛି ଜାଣି ଖୁସି ଲାଗୁଛି । ଆପଣଙ୍କ ପରିଶ୍ରମ ଓ ଦୁରଦୃଷ୍ଟି ପାଇଁ ଅଶେଷ ଧନ୍ୟବାଦ ।

ଶ୍ରୀ ସନ୍ତୋଷ କୁମାର ମହାନ୍ତି
ନବଜୀବନ ସମାଜ,ସଫା କଟକ

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୧/୨୦୨୧ | ରମା ଏକାଦଶୀ |
| ୦୩/୧୧/୨୦୨୧ | ଧନ୍ୱନ୍ତରୀ ଜୟନ୍ତି, ନରକ ଚତୁର୍ଦ୍ଦଶୀ |
| ୦୪/୧୧/୨୦୨୧ | ଅମାବାସ୍ୟା, ଶ୍ୟାମାକାଳୀ ପୂଜା, ଦୀପାବଳୀ, ପୟାଶ୍ରାଦ୍ଧ |
| ୦୫/୧୧/୨୦୨୧ | ଗୋବର୍ଦ୍ଧନ ପୂଜା |
| ୦୬/୧୧/୨୦୨୧ | ଭ୍ରାତୃ ଦ୍ୱିତୀୟା |
| ୦୮/୧୧/୨୦୨୧ | ନାଗ ଚତୁର୍ଥୀ |
| ୧୧/୧୧/୨୦୨୧ | ଗୋଷ୍ଠାଷ୍ଟମୀ |
| ୧୨/୧୧/୨୦୨୧ | ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା ଓ ଶ୍ରୀ ରାଧାଙ୍କ ପାଦଦର୍ଶନ |
| ୧୪/୧୧/୨୦୨୧ | ଶିଶୁ ଦିବସ |
| ୧୫/୧୧/୨୦୨୧ | ଶ୍ରୀ ଜୀଉଙ୍କର ନାଗାର୍ଜୁନ ବେଶ |
| ୧୬/୧୧/୨୦୨୧ | ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା |
| ୧୭/୧୧/୨୦୨୧ | ବଡ ଓଷା, ଶିବ ଉତଥାପନ, ବୈକୁଣ୍ଠ ଚତୁର୍ଦ୍ଦଶୀ |
| ୧୮/୧୧/୨୦୨୧ | କେଦାର ବ୍ରତ ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୧୯/୧୧/୨୦୨୧ | ରାଜ ପୂର୍ଣ୍ଣିମା, ବାଲିଯାତ୍ରା |
| ୨୦/୧୧/୨୦୨୧ | ହାଡଖାଇ |
| ୨୪/୧୧/୨୦୨୧ | ସୀତା ବିବାହ |
| ୨୫/୧୧/୨୦୨୧ | ମାର୍ଗଶୀର ଗୁରୁବାର ଓଷା |
| ୨୭/୧୧/୨୦୨୧ | ପ୍ରଥମାଷ୍ଟମୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ବାପ ଗୋସବାପ ଅମଳ ହେଜ,
ଡିବିରି ବତୀର କେତେ ବା ତେଜ !
କେତେ ଜ୍ଞାନୀ ଗୁଣୀ ହେଉଥିଲେ ସବୁ
ଜାଣିଥିଲେ ବୋଲି ପାଠର ମଞ୍ଜ !
କରୋସିନ ତେଲ ସଳତାବତୀ
ଡିବିରିଟି ଥିଲା ରାତର ସାଥୀ
ଆଜିର ପିଲାଏ ଫରଗ୍ଲୁ ଆଲୁଏ
କହିବେ ଇଏ କ ଅଜବ ବତୀ
ଫୁଙ୍କିଦେଲେ ସିଏ ଲିଭିଯାଉଥିବ
ଦିଆସିଲି ତାର ଜୀବନସାଥୀ ।

<u>ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର</u>

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –<u>vedantimagazine@gmail.com</u>

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କର୍‌ଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁ ନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇ ପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ଲକ୍ଷ୍ନୌ ରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**